# ଧରିତ୍ରୀ
DHARITRI

ସମ୍ବଲପୁର, ରବିବାର, ଅଗଷ୍ଟ ୧୮/୨୦୧୯ (୧୬ ପୃଷ୍ଠା+ଛୁଟିଦିନ) Sambalpur, Sunday, August 18 / 2019 ★★

୧୫ଶ ଭାଗ ୨୪୧ ସଂଖ୍ୟା www.orissakhabar.com/www.dharitri.com | Printed at Bhubaneswar, Sambalpur, Angul and Rayagada ମୂଲ୍ୟ ₹ ୫/-




**ସ୍ମିଥ୍‌ଙ୍କ ପ୍ରଭାବୀ ବ୍ୟାଟିଂ**

ଇଂଲଣ୍ଡ ବିପକ୍ଷ ଦ୍ୱିତୀୟ ଆଶେସ ଟେଷ୍ଟରେ ଫର୍ମରେ ଥିବା ଅଷ୍ଟ୍ରେଲିଆ ବ୍ୟାଟ୍ସମ୍ୟାନ ଷ୍ଟିଭ୍ ସ୍ମିଥ୍ ୯୨ ରନ ସଂଗ୍ରହ କରିଛନ୍ତି।

୧୪ | ୦୨

**ଅଭିନୟରୁ ଆନନ୍ଦ ମିଳେ: ଅନୁପ୍ରିୟା**

ଫିଲ୍ମରେ ଅଭିନୟ କରିବାରେ ଖୁବ୍ ଖୁସି ଅନୁଭବ କରନ୍ତି ବୋଲି ବଲିଉଡ ଅଭିନେତ୍ରୀ ଅନୁପ୍ରିୟା ଗୋଏଙ୍କା ପ୍ରକାଶ କରିଛନ୍ତି।



■ ଠେଲାପେଲା କରିବା ଯୋଗୁ ମହିଳାଙ୍କ ଗର୍ଭପାତ ହୋଇଥିବା ଅଭିଯୋଗ

# ସୁନ୍ଦରଗଡ଼ ଏସ୍‌ପିଙ୍କ ନାଁରେ ମାମଲା

**ସୁନ୍ଦରଗଡ଼, ୧୭।୮ (ଡି.ଏନ୍.ଏ)**

ସୁନ୍ଦରଗଡ଼ ଜିଲା ହେମଗିର ଥାନା ଅନ୍ତର୍ଗତ କନିକା ଗ୍ରାମରେ ଜୁଲାଇ ୪ରେ ଏକ ଦୁର୍ଘଟଣାକୁ କେନ୍ଦ୍ରକରି ଗ୍ରାମବାସୀ ଓ ପୋଲିସ ମଧ୍ୟରେ ଆରମ୍ଭ ହୋଇଥିବା ବିବାଦ ଥମିବାର ନାଁ ଧରୁନାହିଁ। ପୋଲିସ ସେତେବେଳେ ଫାଣ୍ଡି ଭଙ୍ଗାରୁଜା ଘଟଣାରେ ୧୪ଜଣ ଗ୍ରାମବାସୀଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଥିଲାବେଳେ ବର୍ତ୍ତମାନ ୨ଅଭିଯୁକ୍ତଙ୍କ ପରିବାର ପକ୍ଷରୁ ପୋଲିସର ମାତ୍ରାଧିକ କାର୍ଯ୍ୟକୁ ନେଇ କୋର୍ଟରେ ଅଭିଯୋଗ କରାଯାଇଛି। କୋର୍ଟଙ୍କ ନିର୍ଦ୍ଦେଶକ୍ରମେ ସୁନ୍ଦରଗଡ ଏସ୍‌ପି ସୌମ୍ୟା ମିଶ୍ରାଙ୍କ ବିରୋଧରେ ହେମଗିର ଥାନାରେ ୨ଟି ମାମଲା ରୁଜୁ ହୋଇଛି।



ଏସ୍‌ପି ସୌମ୍ୟା ମିଶ୍ର

କନିକାର ଜଣେ ବରିଷ୍ଠ ନାଗରିକ ଦିଲୀପ ପଟ୍ଟନାୟକ ଗତ ଜୁଲାଇ ୧୧ରେ ସୁନ୍ଦରଗଡ ଏସ୍‌ଡିଜେଏମ୍ କୋର୍ଟରେ ଏସ୍‌ପି ମିଶ୍ରାଙ୍କ ବିରୋଧରେ ଅଭିଯୋଗ କରିଥିଲେ। ଜୁଲାଇ ୨୫ରେ ହେମଗିର ଥାନାରେ ଏସ୍‌ପିଙ୍କ ବିରୋଧରେ ପ୍ରଥମ ମାମଲା ରୁଜୁ ହୋଇଥିଲା। ଏହା ପରେ ଅନ୍ୟ ଜଣେ ମହିଳା ପ୍ରିୟା ଦେ ଅଗଷ୍ଟ ୫ରେ ଏସ୍‌ପିଙ୍କ ବିରୋଧରେ ଏସ୍‌ଡିଜେଏମ୍ କୋର୍ଟରେ ଅଭିଯୋଗ କରିଥିଲେ। ଅଭିଯୋଗ ଅନୁଯାୟୀ ଗତ ଜୁଲାଇ ୪ ରାତିରେ ସ୍ୱାମୀ ଉତ୍ତମ ଦେ ଫାର୍ମ ହାଉସରେ ଶୋଇଥିବା ବେଳେ ଏସ୍‌ପି ତାଙ୍କ ଘର ଭିତରେ ପଶି ଠେଲାପେଲା କରି ଗାଳିଗୁଲଜ କରିଥିଲେ। ଫଳରେ ମହିଳାଙ୍କ ଗର୍ଭପାତ ହୋଇଥିବା ସେ ଅଭିଯୋଗରେ ଦର୍ଶାଇଛନ୍ତି। ଏସ୍‌ପିଙ୍କ ବିରୋଧରେ ହୋଇଥିବା ଅଭିଯୋଗକୁ ଗ୍ରହଣ କରି କୋର୍ଟ ହେମଗିର ପୋଲିସକୁ ମାମଲା ରୁଜୁ ପାଇଁ ନିର୍ଦ୍ଦେଶ ଦେଇଥିଲେ। ଏନେଇ ହେମଗିର ଥାନାରେ ଏସ୍‌ପିଙ୍କ ବିରୋଧରେ ନଂ.୭୪ ରେ ଏକ ମାମଲା ରୁଜୁ ହୋଇଛି। ଅପରପକ୍ଷେ ପୋଲିସର ମାତ୍ରାଧିକ କାର୍ଯ୍ୟକଳାପକୁ ଏସ୍‌ପି ମିଶ୍ରା ଦୃଢ ଭାବେ ଖଣ୍ଡନ କରିବା ସହ ଆଇନ ଅନୁଯାୟୀ ଅଭିଯୁକ୍ତଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଥିଲା ବୋଲି କହିଛନ୍ତି।

■ ପାକିସ୍ତାନକୁ ଶକ୍ତ ଝଟକା

# ୪୪୦ ନିୟୁତ ଡଲାର ସହାୟତା କମାଇଲା ଆମେରିକା

**ନୂଆଦିଲ୍ଲୀ, ୧୭।୮**



ଡୋନାଲ୍ଡ ଟ୍ରମ୍ପ୍ ଇମ୍ରାନ୍ ଖାନ୍

■ ଆତଙ୍କବାଦ ଦମନରେ ବିଫଳତା ଯୋଗୁ ପଦକ୍ଷେପ
■ ଗତବର୍ଷ ମଧ ବାତିଲ କରାଯାଇଥିଲା ସହାୟତା

ଗୁରୁତର ଆର୍ଥିକ ସଙ୍କଟ ମଧ୍ୟରେ ଗତି କରୁଥିବା ପାକିସ୍ତାନକୁ ଆଉ ଏକ ବଡ଼ ଝଟକା ଲାଗିଛି। ଆମେରିକା ପାକିସ୍ତାନକୁ ଯୋଗାଉଥିବା ଆର୍ଥିକ ସହାୟତାକୁ ୪୪୦ ନିୟୁତ ଡଲାର ହ୍ରାସ କରିଛି। ପାକିସ୍ତାନ ବର୍ଦ୍ଧିତ ସହଭାଗିତା ରାଜିନାମା (ପିଇପିଏ), ୨୦୧୦ ଅନୁଯାୟୀ ଆମେରିକା ଇସ୍‌ଲାମାବାଦ୍‌କୁ ଏହି ସହାୟତା ଯୋଗାଇଆସୁଛି। ପାକ୍ ପ୍ରଧାନମନ୍ତ୍ରୀ ଇମ୍ରାନ୍ ଖାନଙ୍କ ୱାଶିଂଟନ ଗସ୍ତର ତିନି ସପ୍ତାହ ପୂର୍ବରୁ ଆମେରିକା ସହାୟତା ହ୍ରାସ ସମ୍ପର୍କରେ ଜଣାଇଦେଇଥିଲା। ପୂର୍ବରୁ ଏହି ସହାୟତା ପରିମାଣ ୪.୫ ବିଲିୟନ ଡଲାର ଥିଲା। ୪୪୦ ନିୟୁତ ଡଲାର କମାଇବା ଫଳରେ ତାହା ୪.୧ ବିଲିୟନ ଡଲାରକୁ ହ୍ରାସ ପାଇଛି। ଇସ୍‌ଲାମାବାଦ ଆତଙ୍କବାଦ ଦମନ କ୍ଷେତ୍ରରେ ବିଫଳ ହୋଇଥିବାରୁ ଆମେରିକା ଦେବାକୁ ଥିବା ୩୩୦ ନିୟୁତ ଡଲାର ପ୍ରତିରକ୍ଷା ସହାୟତାକୁ ଗତବର୍ଷ ସେପ୍ଟେମ୍ବରରେ ବାତିଲ କରିଦେଇଥିଲା। ହକାନି ଆତଙ୍କବାଦୀ ନେଟୱର୍କକୁ ଦମନ କରିବାରେ ବିଫଳ ପାକିସ୍ତାନକୁ ଗତବର୍ଷ ଜାନୁୟାରୀରେ ପେଣ୍ଟାଗନ ୧ ବିଲିୟନ ଡଲାର ଆର୍ଥିକ ସହାୟତା ହ୍ରାସ କରିଥିଲା।

ଆତଙ୍କବାଦ ପ୍ରତି ଇସ୍‌ଲାମାବାଦର କୋହଳ ମନୋଭାବ ଯୋଗୁ ୧.୩ ବିଲିୟନ ଡଲାର ସହାୟତା ବାତିଲ କରାଯାଇଥିବା ଗତ ମାସରେ ଇମ୍ରାନ ଖାନ୍‌ଙ୍କ ସହ ଆଲୋଚନା ବେଳେ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ୍ ଜଣାଇଥିଲେ। ପାକିସ୍ତାନ ଆମେରିକା ପାଇଁ କିଛି କରୁନାହିଁ ବୋଲି ଟ୍ରମ୍ପ୍ ସମାଲୋଚନା କରିଥିଲେ।

# ଏନ୍‌ଆଇଟି ପ୍ରଫେସର, ସ୍ତ୍ରୀଙ୍କ ମୃତଦେହ ଉଦ୍ଧାର

**ରାଉରକେଲା ଅଫିସ, ୧୭।୮**

ରାଉରକେଲାସ୍ଥିତ ଜାତୀୟ ପ୍ରଯୁକ୍ତି ବିଦ୍ୟା ପ୍ରତିଷ୍ଠାନ(ଏନ୍‌ଆଇଟି) ପରିସରରୁ ଶୁକ୍ରବାର ରାତିରେ ପ୍ରଫେସର ଓ ତାଙ୍କ ସ୍ତ୍ରୀଙ୍କ ମୃତଦେହ ଉଦ୍ଧାର କରାଯାଇଛି। ଏମାନେ ହେଲେ ପ୍ରଫେସର ରସୁ ଜୟବାଲାନ(୪୫) ଓ ତାଙ୍କ ସ୍ତ୍ରୀ ମାଳିନୀ (୩୯)। ଉଭୟଙ୍କ ମୃତଦେହ ଏଫଆର/ଏ-୧୦୨ ଘରୁ ମିଳିଛି। ସେକ୍ଟର-୩ ପୋଲିସ ମୃତଦେହ ଉଦ୍ଧାର କରି ଆଇଜିଏଚ୍ ମର୍ଗ ହାଉସରେ ରଖିଛି। ଘଟଣାସ୍ଥଳରେ ସନ୍ଧାନୀ କୁକୁର ଓ ସାଇଣ୍ଟିଫିକ ଟିମ୍ ପହଞ୍ଚି ତଦନ୍ତ କରି ଫେରିଛି। ମୃତ ପ୍ରଫେସରଙ୍କ ପରିବାର ତଥା ସମ୍ପର୍କୀୟ ରବିବାର ରାଉରକେଲାରେ ପହଞ୍ଚିବା ପରେ ହିଁ ମୃତ୍ୟୁର କାରଣ ନେଇ ଅଧିକ ତଥ୍ୟ ମିଳିପାରିବ ବୋଲି ଆଶା କରାଯାଉଛି। ଅନ୍ୟପକ୍ଷେ ମୃତ ବାଲାନଙ୍କ ଘରୁ ଏକ ୪ପୃଷ୍ଠାର ସୁଇସାଇଡ ନୋଟ୍ ଜବତ କରିଛି ପୋଲିସ। ପୋଲିସ କହିଛି ଯେ, ବୁଧବାରଠାରୁ ବାଲାନଙ୍କ ଘର କବାଟ ବନ୍ଦ ରହିଥିଲା। ଉଭୟ ସ୍ୱାମୀ ସ୍ତ୍ରୀଙ୍କ ୪ଟି ମୋବାଇଲ ମଧ୍ୟ ସୁଇଚ୍ ଅଫ ଥିଲା। ଗତ ୧୧ ତାରିଖରୁ ବାଲାନ ଛୁଟି ଦରଖାସ୍ତ ଦେଇ ଘରେ ରହିଥିଲେ। ☞ ପୃଷ୍ଠା-୪



ରସୁ ଜୟବାଲାନ ଓ ମାଳିନୀ।

# ଗଗନ ଧଳ ଓଏଫ୍‌ଡିସି ଅଧ୍ୟକ୍ଷ

■ ଗ୍ରହଣ ହେଲାନି ଇସ୍ତଫା
■ ଅସିତ୍‌ଙ୍କ ନିଯୁକ୍ତି ନେଇ ବିଧିବଦ୍ଧ ବିଜ୍ଞପ୍ତି
■ ସଞ୍ଜୀବ ଚୋପ୍ରାଙ୍କୁ ଗୃହ ବିଭାଗର ଅତିରିକ୍ତ ଦାୟିତ୍ୱ
■ ମୋନା ଶର୍ମାଙ୍କୁ ଜଙ୍ଗଲ ଓ ପରିବେଶ



ଗଗନ ଧଳ

**ଭୁବନେଶ୍ୱର, ୧୭।୮ (ବ୍ୟୁରୋ)**

ରାଜ୍ୟ ସରକାର ପ୍ରଶାସନର ଶୀର୍ଷସ୍ତରରେ ଶନିବାର ଅଦଳବଦଳ କରିଛନ୍ତି। କୃଷି ଉତ୍ପାଦନ କମିଶନର(ଏପିସି)ଥିବା ଗଗନ ଧଳଙ୍କୁ ଓଡ଼ିଶା ବନ ଉନ୍ନୟନ ନିଗମ ଲିଃ(ଓଏଫ୍‌ଡିସି) ଅଧ୍ୟକ୍ଷ ଭାବେ ନିଯୁକ୍ତି ଦିଆଯାଇଛି। ଏହି ପଦବୀ ମୁଖ୍ୟ ଶାସନ ସଚିବ ପାହ୍ୟା ସହ ସମତୁଲ୍ୟ ବୋଲି ବିଜ୍ଞପ୍ତିରେ ଉଲ୍ଲେଖ କରାଯାଇଛି। ହେଲେ ଶୁକ୍ରବାର ଗଗନ ଧଳ ଚଳିତ ମାସ ୬ରୁ ସରକାରୀ ଚାକିରିରୁ ଇସ୍ତଫା ଦେବା ପାଇଁ ମୁଖ୍ୟ ଶାସନ ସଚିବଙ୍କୁ ଅନୁରୋଧ କରିଥିବା ନେଇ ସାଧାରଣ ପ୍ରଶାସନ(ଜିଏ) ବିଭାଗ ସ୍ପଷ୍ଟ କରିଥିଲା। ତେଣୁ ରାଜ୍ୟ ସରକାର ତାଙ୍କ ଇସ୍ତଫା ଗ୍ରହଣ କରି ନ ଥିବା କୁହାଯାଇଛି। ହେଲେ ଧଳ ଇସ୍ତଫା ନିଷ୍ପତ୍ତି ପରିବର୍ତ୍ତନ କରି ନୂଆ ଦାୟିତ୍ୱ ନେଉଛନ୍ତି ନା ନାହିଁ, ତାହା ଉପରେ ସମସ୍ତଙ୍କ ନଜର ରହିବ। ଉଲ୍ଲେଖଯୋଗ୍ୟ, ଗଗନଙ୍କ କାର୍ଯ୍ୟକାଳ ଚଳିତ ବର୍ଷ ଶେଷ ଆଡକୁ ସମାପ୍ତ ହେବାକୁ ଯାଉଛି। ତେଣୁ ମୁଖ୍ୟ ଶାସନ ସଚିବ ପାହ୍ୟାର ଅଧିକାରୀ ହୋଇଥିବାରୁ ତାଙ୍କୁ ଏକ ପ୍ରକାଶ ପ୍ରଶାସନିକ ଥଇଥାନ କରାଯାଇଥିବା ଆଲୋଚନା ହେଉଛି।

ଉନ୍ନୟନ କମିଶନର ଥିବା ଅସିତ କୁମାର ତ୍ରିପାଠୀଙ୍କୁ ମୁଖ୍ୟ ଶାସନ ସଚିବ ନିଯୁକ୍ତି ସମ୍ପର୍କିତ ବିଧିବଦ୍ଧ ବିଜ୍ଞପ୍ତି ପ୍ରକାଶ ପାଇଛି। ମୁଖ୍ୟ ଶାସନ ସଚିବ ହୋଇଥିବାରୁ ଅସିତ ରାଜ୍ୟ ମୁଖ୍ୟ ଉନ୍ନୟନ କମିଶନର ଭାବେ ମଧ କାର୍ଯ୍ୟ କରିବେ। ଗତ ସ୍ୱାଧୀନତା ଦିବସରେ ଅସିତଙ୍କ ନୂତନ ନିଯୁକ୍ତି ନେଇ ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟାଳୟ(ସିଏମ୍‌ଓ) ପକ୍ଷରୁ ଘୋଷଣା। ☞ ପୃଷ୍ଠା-୪

# ପ୍ରମୋଦଙ୍କୁ ଅର୍ଜୁନ ପୁରସ୍କାର

**ଭୁବନେଶ୍ୱର, ୧୭।୮ (ସ୍ପୋର୍ଟ୍ସ ବ୍ୟୁରୋ)**



ପ୍ରମୋଦ ଭଗତ

ରାଜ୍ୟର ଜଣାଶୁଣା ପାରା ବ୍ୟାଡ୍‌ମିଣ୍ଟନ ଖେଳାଳି ପ୍ରମୋଦ ଭଗତ ଅର୍ଜୁନ ପୁରସ୍କାର ପାଇଁ ମନୋନୀତ ହୋଇଛନ୍ତି। ଦେଶର ଅନ୍ୟ ୧୮ଜଣ କ୍ରୀଡ଼ାବିତ୍‌ଙ୍କ ସମେତ ପ୍ରମୋଦଙ୍କୁ ଏହି ସମ୍ମାନଜନକ ପୁରସ୍କାର ପାଇଁ ଶନିବାର ଚୟନ କରାଯାଇଛି। ଜାତୀୟ ତଥା ଅନ୍ତର୍ଜାତୀୟ ସ୍ତରରେ ଉଚ୍ଚକୋଟୀର ଖେଳ ପ୍ରଦର୍ଶନ କରି ସେ ଏହି ପୁରସ୍କାର ପାଇଁ ଯୋଗ୍ୟ ବିବେଚିତ ହୋଇଛନ୍ତି। ସେହିପରି ଦେଶର ସର୍ବୋଚ୍ଚ କ୍ରୀଡ଼ା ସମ୍ମାନ ରାଜୀବ ଗାନ୍ଧୀ ଖେଳରତ୍ନ ପୁରସ୍କାର ପାଇଁ ତାରାକା ରେସଲର ବଜରଙ୍ଗ ପୁନିଆଙ୍କ ସମେତ ପାରା ଅଲିମ୍ପିକ୍ସ ରୌପ୍ୟ ପଦକ ବିଜୟିନୀ ଦୀପା ମଲିକଙ୍କ ନାମ ମନୋନୀତ କରାଯାଇଛି। କ୍ରିକେଟର ରବୀନ୍ଦ୍ର ଜାଡେଜା, ମହିଳା କ୍ରିକେଟର ପୁନମ ଯାଦବ, ଫୁଟବଲର ଗୁରପ୍ରୀତ ସିଂ ସାନ୍ଧୁ ଓ ଅନ୍ୟମାନେ ଏଥର ଅର୍ଜୁନ ପୁରସ୍କାର ପାଇବେ। ସେହିପରି ଦ୍ରୋଣାଚାର୍ଯ୍ୟ ପୁରସ୍କାର ରେଗୁଲାରା କାଟାଗୋରି ଓ ଲାଇଫ୍ ଟାଇମ୍ ବର୍ଗ ପାଇଁ ମଧ୍ୟ ଖେଳାଳିଙ୍କ ନାମ ଘୋଷଣା କରାଯାଇଛି। ସେହିପରି ୫ଜଣ ପୂର୍ବତନ କ୍ରୀଡ଼ାବିତ ଧ୍ୟାନଚାନ୍ଦ ପୁରସ୍କାର ପାଇବେ। ଜାତୀୟ କ୍ରୀଡ଼ା ଦିବସ ଅବସରରେ ରାଷ୍ଟ୍ରପତି ଭବନରେ କ୍ରୀଡ଼ାବିତମାନଙ୍କୁ ପୁରସ୍କୃତ କରାଯିବ।




FOR TRADE-RELATED QUERIES CONTACT : DHEERENDRA KUMAR (STATE HEAD) +91 9935279225, RAJESH KUMAR (ASM) +91 8709987942, B. UMA SANKAR (ASM) +91 7873096108
ସପ୍ଲାଇ ଏବଂ ସର୍ଭିସର ସମ୍ବନ୍ଧିତ କୌଣସି ଅଭିଯୋଗ କରିବାକୁ ସଂପର୍କ କରନ୍ତୁ : © RSPL CARE 1800 120 2800


**ଆପଣଙ୍କ ଏହି କପି ସହିତ ପାଇବେ ଛୁଟିଦିନ**




ହକର ଭାଇଙ୍କଠାରୁ ମାଗି ନିଅନ୍ତୁ

**ଆଜିର ସମ୍ପାଦକୀୟ**

**ଆଭ୍ୟନ୍ତରୀଣ କନ୍ଦଳର କ୍ଷତ**

**ଆଜିର ମନ୍ତବ୍ୟ**

" କଶ୍ମୀରୀଙ୍କ ଦୁର୍ଦ୍ଦଶା ଦୂର କରିବା ଜାତିସଂଘ ସୁରକ୍ଷା ପରିଷଦର ଉତ୍ତରଦାୟିତ୍ୱ।

-ଇମ୍ରାନ ଖାନ୍, ପାକିସ୍ତାନ ପ୍ରଧାନମନ୍ତ୍ରୀ


NECC NATIONAL EGG CO-ORDINATION COMMITTEE 17.08.2019 Venkobb CHICKEN

| Dist | Farm Gate/Kg | With Skin/Kg | Skinless /Kg |
|---|---|---|---|
| BBSR | 71 | 120 | 130 |
| CTC | 69 | 118 | 128 |
| DKL | 68 | 116 | 126 |
| BDK | 70 | 119 | 129 |
| BLS | 71 | 120 | 130 |
| ANG | 69 | 118 | 128 |
| BHM | 67 | 105 | 125 |

*Conditions Apply

Eggs Retail Price- 42/-Dozen
Issued in the Interest of Consumers


**କିଛି ତଥ୍ୟ**

ଚଳିତ ବର୍ଷ ୩୦୧ ଲକ୍ଷ ହେକ୍ଟରରେ ଖରିଫ ଧାନ ଚାଷ ହୋଇଥିବା ବେଳେ ଏହା ଗତବର୍ଷ ତୁଳନାରେ ୧୧% କମ୍।

– କୃଷି ମନ୍ତ୍ରଣାଳୟ




For Trade Enquiries : Wholesalers, Departmental Stores & Showrooms
Email: jkjsparky@gmail.com | www.sparkyjeans.com
Download Sparky Jeans App From: Google Play & App Store



"ଜମ୍ମୁ-କଶ୍ମୀର କଂଗ୍ରେସ ମୁଖ୍ୟ ଗୁଲାମ ଅହମଦ ମୀରଙ୍କୁ ଗୃହବନ୍ଦୀ କରି ରଖାଯିବା ଅପମାନଜନକ ଓ ବେଆଇନ କାମ।
-ପି. ଚିଦାମ୍ବରମ୍,
କଂଗ୍ରେସର ବରିଷ୍ଠ ନେତା

# ସ୍ୱାଭାବିକ ବାଟରେ ଉପତ୍ୟକା

**ଶ୍ରୀନଗର/ଜମ୍ମୁ,୧୭।୮(ପି.ଟି.)**

କଶ୍ମୀର ଉପତ୍ୟକା ସ୍ଥିତି ଧୀରେ ଧୀରେ ସ୍ୱାଭାବିକ ହେଉଛି। କେତେକ ଅଞ୍ଚଳରେ ଜନସାଧାରଣଙ୍କ ଚଳପ୍ରଚଳ ଉପରେ ରହିଥିବା କଟକଣାକୁ ଶନିବାର କୋହଳ କରିଦିଆଯାଇଛି। ଏଥିସହିତ ବିଭିନ୍ନ ଅଞ୍ଚଳରେ ଲ୍ୟାଣ୍ଡଲାଇନ ଟେଲିଫୋନ ସେବା ଆରମ୍ଭ ହୋଇଥିବାବେଳେ ଜମ୍ମୁର ୫ଟି ଜିଲାରେ ୨ଜି ମୋବାଇଲ ଇଣ୍ଟରନେଟ୍ ସେବା ପୁନଃ ସଂଯୋଗ କରାଯାଇଛି। ତେବେ ଇଣ୍ଟରନେଟର ଅପବ୍ୟବହାର କଲେ ଆଇନଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ପ୍ରଶାସନ ପକ୍ଷରୁ ସତର୍କ କରିଦିଆଯାଇଛି। ସୁରକ୍ଷା ବ୍ୟବସ୍ଥା ପୂର୍ବଭଳି କଡ଼ାକଡ଼ି ରହିଥିବା ଜଣେ ଅଧିକାରୀ କହିଛନ୍ତି।

ସୂଚନା ଅନୁଯାୟୀ, କଶ୍ମୀରର ୩୫ଟି ଥାନା ଅଞ୍ଚଳରେ କଟକଣା କୋହଳ ହେବା ସହ ୯୬ଟି ଟେଲିଫୋନ ଏକ୍ସଚେଞ୍ଜ ମଧ୍ୟରୁ ୧୭ଟିକୁ କାର୍ଯ୍ୟକ୍ଷମ କରାଯାଇଛି। ଯାହା ଫଳରେ ୫୦ ହଜାରରୁ ଅଧିକ ଲ୍ୟାଣ୍ଡଫୋନ୍‌ରେ ଯୋଗାଯୋଗ କରାଯାଇପାରୁଛି। ତେବେ ରାସ୍ତାଘାଟରେ ବାରିକେଡ୍ ସହିତ ସୁରକ୍ଷା କର୍ମୀ ମୁତୟନ ରହିଛନ୍ତି। ଲୋକମାନଙ୍କ ପରିଚୟ ଯାଞ୍ଚ ପରେ ଯାତାୟାତ ଲାଗି ଅନୁମତି ଦିଆଯାଉଛି। ସୋମବାରଠାରୁ ସ୍କୁଲ କଲେଜ ଖୋଲିବା ସହ ସରକାରୀ କାର୍ଯ୍ୟାଳୟଗୁଡ଼ିକ ପୂର୍ଣ୍ଣମାତ୍ରାରେ କାର୍ଯ୍ୟକ୍ଷମ ହେବ ବୋଲି ରାଜ୍ୟ ପ୍ରଶାସନର ମୁଖପାତ୍ର ରୋହିତ କଂସଲ କହିଛନ୍ତି।

ଜମ୍ମୁ-କଶ୍ମୀରକୁ ସ୍ୱତନ୍ତ୍ର ମାନ୍ୟତା ପ୍ରଦାନ କରୁଥିବା ସମ୍ବିଧାନର ଅନୁଚ୍ଛେଦ ୩୭୦କୁ ଉଚ୍ଛେଦ କରାଯିବା ସହ ଉକ୍ତ ରାଜ୍ୟକୁ ଦୁଇଟି କେନ୍ଦ୍ରଶାସିତ ଅଞ୍ଚଳରେ ବିଭକ୍ତ କରିବା ପାଇଁ କେନ୍ଦ୍ର ସରକାର ନିଷ୍ପତ୍ତି ନେଇଛନ୍ତି। ଅକ୍ଟୋବର ମାସରୁ ଜମ୍ମୁ-କଶ୍ମୀର ଓ ଲଦାଖ ଦୁଇଟି କେନ୍ଦ୍ରଶାସିତ ଅଞ୍ଚଳ ହେବାକୁ ଯାଉଛି। ତେବେ ଏହି ନିଷ୍ପତ୍ତିକୁ ନେଇ ଜମ୍ମୁ-କଶ୍ମୀରରେ ଆଇନଶୃଙ୍ଖଳା ପରିସ୍ଥିତି ସୃଷ୍ଟିହେବା ଆଶଙ୍କାରେ ସରକାରଙ୍କ ପକ୍ଷରୁ ସତର୍କତାମୂଳକ ପଦକ୍ଷେପମାନ ଗ୍ରହଣ କରାଯାଇଥିଲା। ରାଜ୍ୟର ବିଭିନ୍ନ ନେତାଙ୍କୁ ଅଟକ ରଖାଯିବା ସହ ଲୋକମାନଙ୍କ ଯାତାୟାତ ଉପରେ କଟକଣା ଲଗାଯାଇଥିଲା। ସମ୍ବେଦନଶୀଳ ଅଞ୍ଚଳଗୁଡିକରେ କର୍ଫ୍ୟୁ ଓ ୧୪୪ ଧାରା ଜାରି ହୋଇଥିଲା। ଟେଲିଫୋନ ଏବଂ ଇଣ୍ଟରନେଟ ସେବାକୁ ସମ୍ପୂର୍ଣ୍ଣ ବନ୍ଦ କରିଦିଆଯାଇଥିଲା। ଆଇନ ଶୃଙ୍ଖଳା ରକ୍ଷା ପାଇଁ ୪୬ ହଜାର ଅତିରିକ୍ତ ସୁରକ୍ଷା ବଳ ପଠାଯାଇଥିଲା। ତେବେ ଅନୁଚ୍ଛେଦ ୩୭୦ ଉଚ୍ଛେଦ ପରେ ଉପତ୍ୟକାରେ କୌଣସି ପ୍ରକାର ଅପ୍ରୀତିକର ପରିସ୍ଥିତି ଉପୁଜି ନାହିଁ। ଅବସ୍ଥା ସ୍ୱାଭାବିକ ହେଉଥିବାରୁ ପର୍ଯ୍ୟାୟକ୍ରମେ କଟକଣା କୋହଳ କରିବା ଲାଗି ରାଜ୍ୟ ପ୍ରଶାସନ ନିଷ୍ପତ୍ତି ନେଇଛି।

ଶନିବାର ସକାଳେ ସିଭିଲ ଲାଇନରେ କେତେକ ଦୋକାନ ଖୋଲିବା ସହ ଘରୋଇ ଗାଡ଼ି ଚଳାଚଳ ବୃଦ୍ଧି ପାଇଥିଲା। ଶ୍ରୀନଗରର ସିଭିଲ୍ ଲାଇନ, କ୍ୟାଣ୍ଟନମେଣ୍ଟ, ବିମାନବନ୍ଦର, ରାଜ୍‌ବାଗ ଏବଂ ଜବାହର ନଗରରେ ଲ୍ୟାଣ୍ଡଲାଇନ ଟେଲିଫୋନ ସେବା ଆରମ୍ଭ ହୋଇଛି। କେନ୍ଦ୍ରୀୟ କଶ୍ମୀର ଅନ୍ତର୍ଗତ ବଡ୍‌ଗାମ୍, ସୋନାମାର୍ଗ ଏବଂ ମନିଗ୍ରାମ୍ ଅଞ୍ଚଳରେ ଆଉ ୨୦ଟି ଟେଲିଫୋନ୍ ଏକ୍ସଚେଞ୍ଜ ଖୁବ୍‌ଶୀଘ୍ର କାର୍ଯ୍ୟକ୍ଷମ ହେବ ବୋଲି ଜଣେ ଅଧିକାରୀ ସୂଚନା ଦେଇଛନ୍ତି। ଉତ୍ତର କଶ୍ମୀରର ଗୁରେଜ, ଟାଙ୍ଗମାର୍ଗ, ଉରି, କେରନ, କରନାହ ଓ ଟଙ୍ଗଧର ଅଞ୍ଚଳ ଏବଂ ଦକ୍ଷିଣ କଶ୍ମୀରର କାଜିଗଣ୍ଡ ଓ ପହଲଗାମ୍ ଅଞ୍ଚଳରେ ଟେଲିଫୋନ ସେବା ଆରମ୍ଭ ହୋଇଛି।





ପୂର୍ବତନ ମୁଖ୍ୟମନ୍ତ୍ରୀ ଓମାର ଅବ୍‌ଦୁଲ୍ଲା ଓ ମେହବୁବା ମୁଫ୍‌ତିଙ୍କ ବାସଭବନ ନିକଟ ରାସ୍ତାକୁ ପୋଲିସ ଅବରୋଧ କରିଛି।



ଶ୍ରୀନଗରରେ କଟକଣା ହଟିବା ପରେ ବ୍ୟବସାୟୀମାନେ ପସରା ଖୋଲିଛନ୍ତି।

■ଜମ୍ମୁର ୫ ଜିଲାରେ ୨ଜି ମୋବାଇଲ ଇଣ୍ଟରନେଟ ସେବା

■୩୫ ଥାନା ଅଞ୍ଚଳରୁ କଟକଣା ହଟିଲା

## ■ ଭୁଟାନ ଗସ୍ତରେ ପ୍ରଧାନମନ୍ତ୍ରୀ

# ୧୦ ଏମ୍‌ଓୟୁ ସ୍ୱାକ୍ଷର



ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ସହ ଭୁଟାନ ପ୍ରତିପକ୍ଷ ଲୋଟେ ଶେରିଙ୍ଗ ଓ ତାଙ୍କ ସ୍ତ୍ରୀ।

**ଥିମ୍ପୁ,୧୭।୮(ପି.ଟି.)**

ଭୁଟାନ ଗସ୍ତରେ ଯାଇଥିବା ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ବିଭିନ୍ନ କ୍ଷେତ୍ରରେ ଦ୍ୱିପାକ୍ଷିକ ସମ୍ପର୍କ ବୃଦ୍ଧି ନେଇ ତାଙ୍କ ପ୍ରତିପକ୍ଷ ଲୋଟେ ଶେରିଙ୍ଗଙ୍କ ସହ ଆଲୋଚନା କରିଛନ୍ତି। ଏହି ଅବସରରେ ଦୁଇ ଦେଶ ମଧ୍ୟରେ ୧୦ଟି ବୁଝାମଣାପତ୍ର (ଏମ୍‌ଓୟୁ) ସ୍ୱାକ୍ଷରିତ ହୋଇଛି। ଭାରତ ଓ ଭୁଟାନ ମଧ୍ୟରେ ସମ୍ପର୍କକୁ ନେଇ ଦୀର୍ଘସମୟ ଆଲୋଚନା ହୋଇଥିଲା। ଦୁଇଦେଶ ମଧ୍ୟରେ ଆର୍ଥିକ ଓ ସାଂସ୍କୃତିକ ସମ୍ପର୍କକୁ ଆହୁରି ଆଗକୁ ବଢ଼ାଇବା ପାଇଁ ଯଥେଷ୍ଟ ସୁଯୋଗ ରହିଥିବା ପ୍ରଧାନମନ୍ତ୍ରୀ କହିଛନ୍ତି। ମେ ମାସରେ ପୁନର୍ବାର ପ୍ରଧାନମନ୍ତ୍ରୀ ନିର୍ବାଚିତ ହେବା ପରେ ମୋଦିଙ୍କର ଏହା ପ୍ରଥମ ଭୁଟାନ ଗସ୍ତ। ଏହି ଅବସରରେ ସେ ସେଠାରେ ମଙ୍ଗଡେଛୁ ଜଳବିଦ୍ୟୁତ୍ ପ୍ରକଳ୍ପ ଉଦ୍‌ଘାଟନ କରିବା ସହ ଭାରତ-ଭୁଟାନ ଜଳଶକ୍ତି ସହଯୋଗର ୫ ଦଶନ୍ଧିକୁ ସ୍ମରଣୀୟ କରିବା ପାଇଁ କେତେକ ଷ୍ଟାମ୍ପ ଉନ୍ମୋଚନ କରିଥିଲେ। ଭୁଟାନ ଆସିଥିବାରୁ ସେ ବହୁତ ଖୁସି ବୋଲି ଐତିହାସିକ ସିମ୍‌ତୋଖା ଜୋଙ୍ଗ୍‌ଠାରେ ଭୁଟାନ ପ୍ରଧାନମନ୍ତ୍ରୀଙ୍କ ସହ ପ୍ରତିନିଧିସ୍ତରୀୟ ଆଲୋଚନା ପରେ ମୋଦି ଏକ ମିଳିତ ବିବୃତିରେ କହିଛନ୍ତି। ମହାକାଶ ଗବେଷଣା, ବିମାନ ଚଳାଚଳ, ଆଇଟି, ଶକ୍ତି ଓ ଶିକ୍ଷା କ୍ଷେତ୍ରରେ ୧୦ଟି ବୁଝାମଣାପତ୍ର ସ୍ୱାକ୍ଷର ହୋଇଛି। ମୋଦି ଭୁଟାନରେ ରୁପେ କାର୍ଡ ଶୁଭାରମ୍ଭ କରିଛନ୍ତି। ଏହା ଡିଜିଟାଲ ପେମେଣ୍ଟ, ବାଣିଜ୍ୟ ଓ ପର୍ଯ୍ୟଟନ କ୍ଷେତ୍ରରେ ସମ୍ପର୍କକୁ ଆହୁରି ବୃଦ୍ଧି କରିବ ବୋଲି ମୋଦି କହିଛନ୍ତି।

# ଏମ୍ସରେ ଅଗ୍ନିକାଣ୍ଡ



**ନୂଆଦିଲ୍ଲୀ, , ୧୭।୮(ପି.ଟି.)**

ଶନିବାର ସନ୍ଧ୍ୟାରେ ଏମ୍ସର ଇମର୍ଜେନ୍ସି ୱାର୍ଡ ନିକଟରେ ଅଗ୍ନିକାଣ୍ଡ ଘଟିବାରୁ ଲୋକଙ୍କ ମଧ୍ୟରେ ଆତଙ୍କ ଖେଳିଯାଇଥିଲା। ସଙ୍ଗେସଙ୍ଗେ ଚାରିଆଡ଼ ଧୂଆଁମୟ ହୋଇପଡ଼ିଥିଲା। ୩୨ଟି ଦମକଳ ଗାଡ଼ିରେ ଅଗ୍ନିଶମ ବାହିନୀର କର୍ମଚାରୀମାନେ ସଙ୍ଗେ ସଙ୍ଗେ ସେଠାରେ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲେ। କୌଣସି ବ୍ୟକ୍ତି ମୃତାହତ ହୋଇ ନ ଥିବାବେଳେ ଅଗ୍ନିକାଣ୍ଡର କାରଣ ସମ୍ପର୍କରେ କିଛି ଜଣାପଡ଼ି ନାହିଁ। ପ୍ରକାଶଥାଉ କି, ଭାଜପାର ବରିଷ୍ଠ ନେତା ତଥା ପୂର୍ବତନ କେନ୍ଦ୍ର ଅର୍ଥମନ୍ତ୍ରୀ ଅରୁଣ ଜେଟ୍‌ଲୀ ଏଠାରେ ଚିକିତ୍ସିତ ହେଉଛନ୍ତି।

# ଜେଟ୍‌ଲୀଙ୍କ ସ୍ୱାସ୍ଥ୍ୟାବସ୍ଥା ସଙ୍କଟାପନ୍ନ

**ନୂଆଦିଲ୍ଲୀ, , ୧୭।୮(ପି.ଟି.)**



**ହସ୍ପିଟାଲରେ ଭେଟିଲେ ନୀତୀଶ, ଗୋଏଲ, ସିଙ୍ଘ୍‌ଭି, ସିନ୍ଧିଆ, ମାୟାବତୀ**

ପୂର୍ବତନ କେନ୍ଦ୍ର ଅର୍ଥମନ୍ତ୍ରୀ ତଥା ଭାଜପାର ବରିଷ୍ଠ ନେତା ଅରୁଣ ଜେଟ୍‌ଲୀଙ୍କ ସ୍ୱାସ୍ଥ୍ୟାବସ୍ଥା ସଙ୍କଟାପନ୍ନ ରହିଛି। ଏବେ ସେ ଲାଇଫ୍ ସପୋର୍ଟ ସିଷ୍ଟମରେ ରହିଛନ୍ତି। ଏକ ଡାକ୍ତରୀ ଟିମ୍ ତାଙ୍କର ଚିକିତ୍ସା କରୁଛନ୍ତି। ଜେଟ୍‌ଲୀଙ୍କୁ ଦେଖିବା ଲାଗି ଏମ୍ସକୁ ଶନିବାର ବହୁ ବରିଷ୍ଠ ରାଜନେତା ଯାଇଥିଲେ। ସେମାନଙ୍କ ମଧ୍ୟରେ ଅଛନ୍ତି, ବିହାର ମୁଖ୍ୟମନ୍ତ୍ରୀ ନୀତୀଶ କୁମାର, କେନ୍ଦ୍ରମନ୍ତ୍ରୀ ପୀୟୂଷ ଗୋଏଲ, କଂଗ୍ରେସ ନେତା ଅଭିଷେକ ମନୁ ସିଙ୍ଘ୍‌ଭି, ଜ୍ୟୋତିରାଦିତ୍ୟ ସିନ୍ଧିଆ ଓ ବିଏସ୍‌ପି ମୁଖ୍ୟ ମାୟାବତୀ। ଏମାନେ ଜେଟ୍‌ଲୀଙ୍କ ସ୍ୱାସ୍ଥ୍ୟାବସ୍ଥା ପଚାରି ବୁଝିଥିଲେ। ଅନ୍ୟମାନଙ୍କ ମଧ୍ୟରେ କେନ୍ଦ୍ର ସ୍ୱାସ୍ଥ୍ୟମନ୍ତ୍ରୀ ହର୍ଷବର୍ଦ୍ଧନ, ଭାଜପା ନେତା ସତୀଶ ଉପାଧ୍ୟାୟ, ବାୟୁସେନା ମୁଖ୍ୟ ବୀରେନ୍ଦ୍ର ସିଂ ଧନୋଆ ପ୍ରମୁଖ ଏମ୍ସ ଯାଇଥିଲେ। ରାଷ୍ଟ୍ରପତି ରାମନାଥ କୋବିନ୍ଦ, କେନ୍ଦ୍ର ସ୍ୱରାଷ୍ଟ୍ରମନ୍ତ୍ରୀ ଅମିତ ଶାହ, ଉତ୍ତରପ୍ରଦେଶ ମୁଖ୍ୟମନ୍ତ୍ରୀ ଯୋଗୀ ଆଦିତ୍ୟନାଥ ପ୍ରମୁଖ ଶୁକ୍ରବାର ଏମ୍ସ ଗସ୍ତକରି ଜେଟ୍‌ଲୀଙ୍କ ସ୍ୱାସ୍ଥ୍ୟାବସ୍ଥା ସମ୍ପର୍କରେ ପଚାରି ବୁଝିଥିଲେ। ପ୍ରକାଶଥାଉ କି, ଅସୁସ୍ଥତା ଅନୁଭବ କରିବାରୁ ଜେଟ୍‌ଲୀଙ୍କୁ ଗତ ୯ରେ ଏମ୍ସ ନିଆଯାଇଥିଲା।

## ■ ତ୍ରୁଟିପୂର୍ଣ୍ଣ ଅସ୍ତ୍ରୋପଚାର

# ୧୧ ଦୃଷ୍ଟିଶକ୍ତି ହରାଇଲେ

**ଭୋପାଳ,୧୭।୮(ଆଇଏଏନ୍‌ଏସ୍):** ଇନ୍ଦୋର ଆଇ ହସ୍ପିଟାଲ୍‌ରେ ତ୍ରୁଟିପୂର୍ଣ୍ଣ ଅସ୍ତ୍ରୋପଚାର ଯୋଗୁ ୧୧ ଜଣ ଦୃଷ୍ଟିଶକ୍ତି ହରାଇଛନ୍ତି। ଅସ୍ତ୍ରୋପଚାର କକ୍ଷକୁ ସିଲ୍ କରାଯିବା ସହ ଘଟଣାର ତଦନ୍ତ ନିର୍ଦ୍ଦେଶ ଦିଆଯାଇଛି। ଜାତୀୟ ଅନ୍ଧତ୍ୱ ଦୂରୀକରଣ କାର୍ଯ୍ୟକ୍ରମରେ ଗତ ୮ ତାରିଖରେ ୧୩ ଜଣ ମୋତିଆବିନ୍ଦୁ ଅସ୍ତ୍ରୋପଚାର କରିଥିଲେ। ସେମାନଙ୍କ ମଧ୍ୟରୁ ୧୧ ଜଣଙ୍କୁ ଝାପ୍‌ସା ଦେଖାଯାଉଥିବା ଅଭିଯୋଗ ହୋଇଛି। ଆଖିରେ ଆଇ ଡ୍ରପ୍ ପକାଯିବା ପରେ ସେମାନଙ୍କୁ ଭଲ ଦେଖାଯାଉ ନ ଥିବା ଅଭିଯୋଗ କରିଥିଲେ। କେତେକ କେବଳ କଳା ଛାଇ ଦେଖୁଥିବା କହିଥିଲେ। ରୋଗୀଙ୍କ ଆଖିରେ ସଂକ୍ରମଣ ହୋଇଥିବା ଡାକ୍ତର ସ୍ୱୀକାର କରିଛନ୍ତି। ରାଜ୍ୟ ସରକାର ଉକ୍ତ ହସ୍ପିଟାଲର ଲାଇସେନ୍ସ ରଦ୍ଦ କରିଥିବାବେଳେ ମୁଖ୍ୟମନ୍ତ୍ରୀ କମଳ ନାଥ ରୋଗୀମାନଙ୍କ ପାଇଁ ୫୦ ହଜାର ଟଙ୍କା ଲେଖାଏ ସହାୟତା ଘୋଷଣା କରିଛନ୍ତି।

# ପାକ୍ ସେନା ଗୁଳିରେ ଯବାନ ଶହୀଦ

**ଜମ୍ମୁ,୧୭।୮(ପି.ଟି.)**



ଲାନ୍ସ ନାଏକ୍ ସନ୍ଦୀପ୍ ଥାପା

**ଭାରତର ଜବାବୀ କାର୍ଯ୍ୟାନୁଷ୍ଠାନରେ ପାକ୍ ସେନା ଘାଟୀ ଧ୍ୱସ୍ତ**

ଜମ୍ମୁ-କଶ୍ମୀରର ରାଜୌରି ଜିଲା ଅନ୍ତର୍ଗତ ନିୟନ୍ତ୍ରଣ ରେଖା (ଏଲ୍‌ଓସି) ନିକଟରେ ଶନିବାର ପାକିସ୍ତାନୀ ସେନା ଅସ୍ତ୍ରବିରତି ଉଲ୍ଲଂଘନ କରି ଗୁଳି ଓ ମୋର୍ଟାର ମାଡ଼ କରିବାରୁ ଜଣେ ଯବାନ ଶହୀଦ ହୋଇଛନ୍ତି। ଶହୀଦ ଲାନ୍ସ ନାଏକ୍ ସନ୍ଦୀପ୍ ଥାପା (୩୫)ଙ୍କ ଘର ଡେରାଡୁନ୍‌ରେ। ନୌଶେରା ସେକ୍ଟରରେ ଥିବା ଭାରତୀୟ ଆଗୁଆ ଘାଟିଗୁଡିକୁ ଟାର୍ଗେଟ କରି ପାକ୍ ସେନା ମୋର୍ଟାର ମାଡ଼ କରିବାରୁ ସେ ଗୁରୁତର ଆହତ ହୋଇଥିଲେ। ପରେ ତାଙ୍କର ମୃତ୍ୟୁ ହୋଇଥିଲା। ଥାପାଙ୍କ ଉତ୍ସର୍ଗୀକୃତ ସେବା ଓ ବଳିଦାନ ପାଇଁ ଦେଶ ତାଙ୍କ ପାଖରେ ସବୁଦିନ ଋଣୀ ହୋଇ ରହିବ ବୋଲି ମୁଖପାତ୍ର କହିଛନ୍ତି। ସେନା ମୁଖପାତ୍ରଙ୍କ କହିବା ଅନୁଯାୟୀ ଶନିବାର ସକାଳ ୬ଟା ୩୦ରୁ ପାକ୍ ସେନା ଅସ୍ତ୍ରବିରତି ଉଲ୍ଲଂଘନ କରି ଜୋରଦାର ଗୁଳି ଓ ମୋର୍ଟାର ମାଡ଼ କରିଥିଲା। ଫଳରେ ଭାରତୀୟ ସେନା ଏହାର ଠିକଣା ଜବାବ ଦେଇଥିଲା। ଦୀର୍ଘସମୟ ଧରି ଗୁଳିବିନିମୟ ଜାରି ରହିଥିଲା। ଭାରତୀୟ ଯବାନଙ୍କ ଜବାବୀ କାର୍ଯ୍ୟାନୁଷ୍ଠାନରେ ପାକିସ୍ତାନୀ ସେନା ପୋଷ୍ଟରେ ବଡ ଧରଣର କ୍ଷୟକ୍ଷତି ହୋଇଥିବା ଜଣେ ପ୍ରତିରକ୍ଷା ମୁଖପାତ୍ର କହିଛନ୍ତି। ଗତମାସରେ ପୁଞ୍ଚ ଓ ରାଜୌରି ଜିଲା ଅନ୍ତର୍ଗତ ଏଲ୍‌ଓସିରେ ପାକ୍ ସେନା ଅସ୍ତ୍ରବିରତି ଉଲ୍ଲଂଘନ କରିବାରୁ ଦୁଇଜଣ ଭାରତୀୟ ଯବାନ ଓ ୧୦ ବର୍ଷର ନାବାଳକ ପ୍ରାଣ ହରାଇଥିଲେ। ଦୁଇଦିନ ତଳେ ଭାରତୀୟ ଯବାନଙ୍କ ଗୁଳିରେ ପାକିସ୍ତାନର ୪ ଯବାନ ନିହତ ହୋଇଥିବା ଇସ୍‌ଲାମାବାଦ୍ ଅଭିଯୋଗ କରିଥିଲା।

## ■ ଆତଙ୍କବାଦୀ ଆକ୍ରମଣ ଆଶଙ୍କା

# କର୍ନାଟକରେ କଡ଼ା ସୁରକ୍ଷା

**ବେଙ୍ଗାଲୁରୁ,୧୭।୮(ପି.ଟି.)**

ଦକ୍ଷିଣ ଭାରତୀୟ ରାଜ୍ୟ କର୍ନାଟକରେ ଆତଙ୍କବାଦୀ ଆକ୍ରମଣ କରିପାରନ୍ତି ବୋଲି ଗୋଇନ୍ଦା ସୂଚନା ମିଳିବା ପରେ ସେଠାର ବୃହତ୍ ସହରଗୁଡ଼ିକରେ କଡ଼ା ସୁରକ୍ଷା ବ୍ୟବସ୍ଥା ଗ୍ରହଣ କରାଯାଇଛି। ସହରର ଗଳିକନ୍ଦିଗୁଡିକରେ ବ୍ୟାପକ ପୋଲିସ ଓ ଅର୍ଦ୍ଧସାମରିକ ଯବାନ ମୁତୟନ କରାଯିବା ସହ ମେଟାଲ ଡିଟେକ୍ଟର ଓ ସନ୍ଧାନୀ କୁକୁର ସହାୟତାରେ ଜୋରଦାର ଯାଞ୍ଚ କରାଯାଉଛି। ସମସ୍ତ ପୋଲିସ ଅଧିକାରୀଙ୍କୁ ସତର୍କ ରହିବା ପାଇଁ ନିର୍ଦ୍ଦେଶ ଦିଆଯାଇଛି।

ଗୋଇନ୍ଦା ସୂଚନା ଆଧାରରେ ବିଭିନ୍ନ ସହରର ଜନଗହଳି ସ୍ଥାନ, ବସ୍‌ଷ୍ଟାଣ୍ଡ, ରେଳଷ୍ଟେଶନ, ମାର୍କେଟ, ମଲ୍, ସରକାରୀ କାର୍ଯ୍ୟାଳୟରେ ସୁରକ୍ଷା ବଢ଼ାଇଦିଆଯାଇଛି। ବେଙ୍ଗାଲୁରୁ ସମେତ ହୁବଲି-ଧରୱାଡ, କଲାବୁରଗିଁ, ଚାଇତୁର, ଚିତ୍ରଦୁର୍ଗ, ମାଙ୍ଗାଲୁରୁ, ମହୀଶୂର, ତୁମକୁରୁ ଆଦି ସହରକୁ ହାଇ ଆଲର୍ଟରେ ରଖାଯାଇଛି। ଗୁରୁତ୍ୱପୂର୍ଣ୍ଣ ସ୍ଥାନଗୁଡ଼ିକରେ ବହୁସ୍ତରୀୟ ସୁରକ୍ଷା ବ୍ୟବସ୍ଥା ଗ୍ରହଣ କରାଯାଇଛି।

# ଡିଡି ନ୍ୟୁଜ୍ ଉପସ୍ଥାପିକାଙ୍କ ପରଲୋକ



ନିଲମ୍ ଶର୍ମା

**ନୂଆଦିଲ୍ଲୀ,୧୭।୮:** ଜାତୀୟ ନ୍ୟୁଜ୍ ଚ୍ୟାନେଲ୍ ଡିଡି ନ୍ୟୁଜ୍‌ର ବରିଷ୍ଠ ଉପସ୍ଥାପିକା ନିଲମ୍ ଶର୍ମାଙ୍କର ଶନିବାର ପରଲୋକ ହୋଇଯାଇଛି। ଡିଡି ନ୍ୟୁଜ୍‌ରେ ୨୦ ବର୍ଷରୁ ଊର୍ଦ୍ଧ୍ୱ କାର୍ଯ୍ୟ କରିଥିବା ନିଲମ୍‌ଙ୍କୁ ଗତବର୍ଷ ନାରୀଶକ୍ତି ପୁରସ୍କାର ପ୍ରଦାନ କରାଯାଇଥିଲା। ସେ ବଡି ଚର୍ଚ୍ଚା, ତେଜସ୍ୱିନୀ ଆଦି କାର୍ଯ୍ୟକ୍ରମର ଉପସ୍ଥାପନା କରିଥିଲେ। ତାଙ୍କର ଉପସ୍ଥାପନା ଶୈଳୀ ହଜାର ହଜାର ଖବରଦାତାଙ୍କୁ ଅନୁପ୍ରାଣିତ କରିଥିଲା। ନିଲମ୍‌ଙ୍କ ପରଲୋକରେ ପ୍ରସାରଭାରତୀ ସିଇଓ ଶଶୀ ଶେଖର ଦୂରଦର୍ଶନ ତରଫରୁ ଶୋକବ୍ୟକ୍ତ କରିଛନ୍ତି। ଦୂରଦର୍ଶନ ତାହାର ତେଜସ୍ୱିନୀଙ୍କୁ ହରାଇଲା ବୋଲି ପ୍ରସାରଭାରତୀ ଅଧ୍ୟକ୍ଷ ଏ. ସୂର୍ଯ୍ୟ ପ୍ରକାଶ ଟୁଇଟ୍ କରିଛନ୍ତି।

## ଫୁର୍‌ସତ

# ଯୌନସ୍ୱାସ୍ଥ୍ୟ ସମ୍ପର୍କରେ ପିଲାଙ୍କ ସହ କଥା ହୋଇପାରିବେ ମାତାପିତା

**ନ୍ୟୁୟର୍କ:** ଯୌନସ୍ୱାସ୍ଥ୍ୟ ଏବଂ ମଦ୍ୟପାନ ସମ୍ପର୍କରେ ପିଲାଙ୍କ ସହ କଥା ହେବାକୁ ମାତାପିତା ଅନେକ ସମୟରେ ସଙ୍କୋଚବୋଧ କରିଥାଆନ୍ତି। କିନ୍ତୁ ଡାକ୍ତରମାନେ ମଧ୍ୟସ୍ଥର ଭୂମିକା ନେଇ ଏ କ୍ଷେତ୍ରରେ ସହାୟକ ହୋଇପାରିବେ ବୋଲି ଏକ ନୂଆ ଅଧ୍ୟୟନରୁ ଜାଣିବାକୁ ମିଳିଛି। ଏ ସମ୍ପର୍କିତ ଫଳାଫଳ 'ଜାମା ନେଟ୍‌ୱର୍କ ଓପନ' ଜର୍ନାଲରେ ପ୍ରକାଶ ପାଇଛି। ଏଥିରେ କୁହାଯାଇଛି, ଡାକ୍ତରମାନେ ମାତାପିତା ଓ ପିଲାଙ୍କ ମଧ୍ୟରେ ଯୌନସ୍ୱାସ୍ଥ୍ୟ ଓ ମଦ୍ୟପାନ ସମ୍ପର୍କରେ କଥାବାର୍ତ୍ତାରେ ସହାୟକ ହେବେ। ଏହାଦ୍ୱାରା ବାଳିକାବାଳକ ଯୌନ ଆଚରଣ ଏବଂ ମଦ୍ୟପାନ ସମ୍ପର୍କରେ ସଚେତନ ହୋଇପାରିବେ।

ଆମେରିକାର ପେନ୍‌ସିଲଭାନିଆ ୟୁନିଭର୍ସିଟିର ଡାକ୍ତରମାନେ କରିଥିବା ଅଧ୍ୟୟନରୁ ଜଣାପଡିଛି, ମାତାପିତା ଓ ପିଲାଙ୍କ ମଧ୍ୟରେ ମୁକ୍ତ ଆଳାପ ଆଲୋଚନା ସମ୍ଭବ ହୋଇପାରିଲେ କିଶୋର ବୟସର ଝିଅପୁଅଙ୍କ ଯୌନସ୍ୱାସ୍ଥ୍ୟରେ ବିକାଶ ଘଟିପାରିବ। ଏଥିପାଇଁ ଏକ ଅଧ୍ୟୟନରେ ୧୧୮ ମାତାପିତା-କିଶୋର ଯୋଡିଙ୍କୁ ଅନ୍ତର୍ଭୁକ୍ତ କରାଯାଇଥିଲା। ୩୮ ଯୋଡିଙ୍କୁ ଯୌନସ୍ୱାସ୍ଥ୍ୟ ସମ୍ପର୍କରେ, ୪୦ଯୋଡିଙ୍କୁ ମଦ୍ୟପାନ ଦୂରୀକରଣ ଓ ଅନ୍ୟ ୪୦ଯୋଡିଙ୍କୁ ତୁଳନାତ୍ମକ ଅଧ୍ୟୟନ ପାଇଁ କଣ୍ଟ୍ରୋଲ ଗ୍ରୁପ୍‌ରେ ରଖାଯାଇଥିଲା। ଏଥିପାଇଁ ଦୁଇ ସପ୍ତାହ ଧରି ଡାକ୍ତରଙ୍କ ପରାମର୍ଶ ନିଆଯାଇଥିଲା। ଅଂଶଗ୍ରହଣକାରୀଙ୍କ ବିଷୟରେ ୪ମାସ ସର୍ବେକ୍ଷଣ କରାଯାଇ ଫଳାଫଳରୁ ଜଣାପଡିଲା, ମାତାପିତା ମୁକ୍ତଭାବେ ଆଲୋଚନା କରୁଥିବାରୁ ପିଲାମାନେ ଯୌନସ୍ୱାସ୍ଥ୍ୟ ଓ ମଦ୍ୟପାନ ବିଷୟରେ ସଚେତନ ହୋଇପାରିଛନ୍ତି।

**ସର୍ବେକ୍ଷଣ ରିପୋର୍ଟ**



## ଇତିହାସର ଆଇନାରେ

### ଅଗଷ୍ଟ ୧୮ର ପ୍ରମୁଖ ଘଟଣା

୧୯୭୧ ଅଗଷ୍ଟ ୧୮ରେ ଭିଏତ୍‌ନାମ୍‌ରୁ ସୈନ୍ୟ ପ୍ରତ୍ୟାହାର ପାଇଁ ଅଷ୍ଟ୍ରେଲିଆ ଓ ନ୍ୟୁଜିଲାଣ୍ଡ ନିଷ୍ପତ୍ତି ନେଇଥିଲେ। ଭିଏତ୍‌ନାମ ହେଉଛି ଇଣ୍ଡୋଚାଇନା ଉପଦ୍ୱୀପର ପୂର୍ବଭାଗସ୍ଥ ଏକ ଦେଶ। ୨୦୧୬ ସୁଦ୍ଧା ଏହାର ଲୋକସଂଖ୍ୟା ୯୪.୬ ନିୟୁତ। ଏହା ବିଶ୍ୱର ୧୫ତମ ଜନବହୁଳ ଦେଶ। ଏହାର ଉତ୍ତରରେ ଚାଇନା ଏବଂ ପଶ୍ଚିମରେ ଲାଓସ ଓ କାମ୍ବୋଡିଆ ରହିଛି।

୨୦୦୮ ଅଗଷ୍ଟ୧୮ରେ ପାକିସ୍ତାନ ରାଷ୍ଟ୍ରପତି ପରଭେଜ ମୁଶରଫ୍ ବହିଷ୍କାର ଧମକ ଯୋଗୁ ନିଜ ପଦରୁ ଇସ୍ତଫା ଦେଇଥିଲେ। ୧୯୪୩ ଅଗଷ୍ଟ ୧୧ରେ ଜନ୍ମିତ ମୁଶରଫ ଜଣେ ପାକିସ୍ତାନୀ ରାଜନେତା ଏବଂ ଅବସରପ୍ରାପ୍ତ ଜେନେରାଲ। ସେ ୨୦୦୧ରେ ପାକିସ୍ତାନର ଦଶମ ରାଷ୍ଟ୍ରପତି ହୋଇଥିଲେ। ବ୍ରିଟିଶ ରାଜତ୍ୱ ସମୟରେ ଦିଲ୍ଲୀରେ ଜନ୍ମିତ ମୁଶରଫ୍ କରାଚୀ ଓ ଇସ୍ତାନବୁଲ୍‌ରେ ବଢ଼ିଥିଲେ।



# ଅଭିନୟରେ ଖୁସି ଅନୁପ୍ରିୟା

ମୁମ୍ବାଇ: ଫିଲ୍ମରେ ଅଭିନୟ କରିବାରେ ଖୁବ୍ ଖୁସି ଅନୁଭବ କରେ ବୋଲି ବଲିଉଡ ଅଭିନେତ୍ରୀ ଅନୁପ୍ରିୟା ଗୋଏଙ୍କା ପ୍ରକାଶ କରିଛନ୍ତି। 'ପଦ୍ମାବତ୍', 'ଟାଇଗର ଜିନ୍ଦା ହୈ' ଏବଂ ବର୍ତ୍ତମାନର 'ସାକ୍ରିଡ୍ ଗେମ୍‌ସ' ଭଳି ଫିଲ୍ମରେ ଅଭିନୟ କରି ଅନୁପ୍ରିୟା ବଲିଉଡ୍‌ର ସର୍ବାଧିକ ନିପୁଣ ପ୍ରଦର୍ଶନକାରୀଙ୍କ ମଧ୍ୟରେ ଅନ୍ୟତମ ହେବାର ଗୌରବ ଅର୍ଜନ କରିଛନ୍ତି। ସଞ୍ଜୟ ଲୀଲା ଭଁସାଲି ଏବଂ ସଲମାନ୍ ଖାନ୍ ଅଭିନୀତ ଫିଲ୍ମରେ ଅଭିନୟ କରି ଅନୁପ୍ରିୟା ସମାଲୋଚକଙ୍କ ଦୃଷ୍ଟି ଆକର୍ଷଣ କରିଛନ୍ତି। ବର୍ତ୍ତମାନ ସେ 'ନେଟଫ୍ଲିକ୍ସ'ର ଖୁବ୍ ଚର୍ଚ୍ଚିତ ସିରିଜ 'ସାକ୍ରିଡ ଗେମ୍ସ'ରେ ଅଭିନୟ କରିଛନ୍ତି। ଅନୁପ୍ରିୟା ତାଙ୍କ ପ୍ରତିକ୍ରିୟାରେ କହନ୍ତି, 'ବାସ୍ତବରେ ମୁଁ ଅଭିନୟକୁ ଖୁବ୍ ପସନ୍ଦ କରେ। ଅଭିନୟ ମୋତେ ଉତ୍ସାହିତ କରେ ଏବଂ ଏହା ରୋଗ ଉପଶମକାରୀ ଭଳି। ଅଭିନୟ ହିଁ ମୋତେ ଖୁସି କରେ। ପ୍ରତିଦିନ ଅଭିନୟ କରିବାକୁ ଇଚ୍ଛା ହୋଇଥାଏ। ଯେ କୌଣସି କଳାକାର ପାଇଁ ଗୁରୁତ୍ୱପୂର୍ଣ୍ଣ ବିଷୟବସ୍ତୁ ହେଉଛି ନିଜର କଳା, କଠିନ ପରିଶ୍ରମ ଏବଂ ଅଧ୍ୟବସାୟ ପ୍ରତି ଆନୁଗତ୍ୟ ରହିବା।' ବ୍ୟବସାୟିକଅଥବାସ୍ୱଳ୍ପବଜେଟରଛୋଟଫିଲ୍ମହେଉ ସବୁଥିରେ ବିଷୟବସ୍ତୁ ଓ ଅଭିନୟ ହିଁ ଗୁରୁତ୍ୱପୂର୍ଣ୍ଣ। 'ସାକ୍ରିଡ୍ ଗେମ୍ସ'ରେ ଅନୁପ୍ରିୟା ମେଘା ଚରିତ୍ରରେ ଅଭିନୟ କରି ଦର୍ଶକଙ୍କ ଦୃଷ୍ଟି ଆକର୍ଷଣ କରିଛନ୍ତି।



ଆଖି ଅନ୍ୟ ସବୁ ଦେଖିପାରେ, କିନ୍ତୁ ନିଜକୁ ଦେଖିପାରେ ନାହିଁ। ମଣିଷ ଅନ୍ୟର ଭୁଲ୍ ବାଛି ବସେ, କିନ୍ତୁ ନିଜର ଭୁଲ୍‌କୁ ସ୍ୱୀକାର କରି ନ ଥାଏ।
- ସତ୍ୟସାଇବାବା

## ସଂକ୍ଷେପରେ

### ବଳାତ୍କାରୀ ବାପାଙ୍କୁ ୧୦ ବର୍ଷ ଜେଲ

**ବ୍ରହ୍ମପୁର ଅଫିସ,୧୭।୮:** ବ୍ରହ୍ମପୁର ଅତିରିକ୍ତ ଜିଲା ଦୌରାଜଜ-୨ ତଥା ପୋସ୍‌କୋ ସ୍ୱତନ୍ତ୍ର ଜଜ୍ ଜଗଦୀଶ ପ୍ରସାଦ ମହାନ୍ତି ଶନିବାର ଏକ ବଳାତ୍କାର ମାମଲାର ବିଚାରକରି ଅଭିଯୁକ୍ତ ବାପାଙ୍କୁ ଦୋଷୀ ସାବ୍ୟସ୍ତ କରିଛନ୍ତି । ଏହା ସହ ତାଙ୍କୁ ୧୦ ବର୍ଷ ଜେଲଦଣ୍ଡରେ ଦଣ୍ଡିତ କରିଛନ୍ତି। ୧୭ ହଜାର ଟଙ୍କା ଜରିମାନା ଦେବାକୁ ମଧ ନିର୍ଦ୍ଦେଶ ଦିଆଯାଇଥିବା ସ୍ୱତନ୍ତ୍ର ପିପି ନାରାୟଣ ପଣ୍ଡା ସୂଚନା ଦେଇଛନ୍ତି। ୨୦୧୬ ଫେବୃୟାରୀ ୫ରେ ବାପା ତାଙ୍କୁ ବାରମ୍ବାର ବଳାତ୍କାର କରିଛନ୍ତି ବୋଲି ଝିଅ ଥାନାରେ ଅଭିଯୋଗ କରିଥିଲେ। ପୋଲିସ ବାପାଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଥିଲା। ପରେ ପୋଲିସ କୋର୍ଟରେ ଚାର୍ଜଶିଟ ଦାଖଲ କରିଥିଲା। ସେବେଠାରୁ ବଳାତ୍କାରୀ ବାପା ବ୍ରହ୍ମପୁର ମଣ୍ଡଳ କାରାଗାରରେ ବିଚାରାଧୀନ ବନ୍ଦୀ ଭାବେ ଥିଲେ। ଶନିବାର ମାମଲାର ବିଚାର ବେଳେ ୧୦ ସାକ୍ଷୀଙ୍କ ବୟାନକୁ ଆଧାରକରି ବିଚାରପତି ଉପରୋକ୍ତ ଦଣ୍ଡାଦେଶ ଶୁଣାଇଛନ୍ତି।

### ହତ୍ୟାକାରୀଙ୍କୁ ଆଜୀବନ କାରାଦଣ୍ଡ

**କୋଟଗଡ଼,୧୭।୮ (ଡି.ଏନ୍.ଏ):** ଏକ ହତ୍ୟା ମାମଲାର ବିଚାର କରି ବାଲିଗୁଡ଼ା ଅତିରିକ୍ତ ଦୌରାଜଜ୍ ଅରବିନ୍ଦ ପଟ୍ଟନାୟକ ଶନିବାର ଅଭିଯୁକ୍ତ ଗାଗାରୀନ ନାୟକଙ୍କୁ ଆଜୀବନ କାରାଦଣ୍ଡରେ ଦଣ୍ଡିତ କରିଛନ୍ତି। ଗାଗାରୀନ ୨୦୧୬ ମାର୍ଚ୍ଚ ୨୭ରେ ନିଜ ସ୍ତ୍ରୀ ପ୍ରଣିତାଙ୍କୁ ତାଙ୍କ ବାପ ଘରୁ ଡାକି ଆଣି ହତ୍ୟା କରିଥିଲେ। ଏ ନେଇ ଦାରିଙ୍ଗବାଡ଼ି ଥାନାରେ ନଂ. ୧୧୮/୧୬ରେ ମାମଲା ରୁଜୁ ହୋଇଥିଲା। ଉକ୍ତ ମାମଲାର ବିଚାର କରି ଅଦାଲତ ଗାଗାରୀନଙ୍କୁ ଦୋଷୀ ସାବ୍ୟସ୍ତ କରି ଆଜୀବନ କାରାଦଣ୍ଡ ଶୁଣାଇଛନ୍ତି। ସରକାରଙ୍କ ପକ୍ଷରୁ ଅତିରିକ୍ତ ପି.ପି. ସୁଧାଂଶୁ ମୋହନ ପତି ମାମଲା ପରିଚାଳନା କରୁଥିଲେ।




# ୧୫ ଦୁର୍ନୀତିଗ୍ରସ୍ତ ଅଧିକାରୀ ବରଖାସ୍ତ

■ ୨ ଜଣଙ୍କ ପେନସନ୍ ବନ୍ଦ
■ ଦୁର୍ନୀତି ନିବାରଣ ବିଭାଗ ଦ୍ୱାରା ଦୋଷୀ ସାବ୍ୟସ୍ତ ହୋଇଥିଲେ

**ଭୁବନେଶ୍ୱର,୧୭।୮(ବ୍ୟୁରୋ)**
ଦୁର୍ନୀତି ଅଭିଯୋଗରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଶନିବାର ୧୫ ଜଣ ଅଧିକାରୀଙ୍କୁ ସରକାରୀ ଚାକିରିରୁ ବରଖାସ୍ତ କରିଛନ୍ତି। ଏଥିସହିତ ଦୁଇଜଣ ପୂର୍ବତନ ଅଧିକାରୀଙ୍କ ପେନସନ୍ ସୁବିଧା ସମ୍ପୂର୍ଣ୍ଣରୂପେ ବନ୍ଦ କରିଛନ୍ତି। ଏହି ଅଧିକାରୀମାନେ ରାଜ୍ୟ ଦୁର୍ନୀତି ନିବାରଣ ବିଭାଗ ପକ୍ଷରୁ କରାଯାଇଥିବା ତଦନ୍ତରେ ଦୋଷୀ ସାବ୍ୟସ୍ତ ହୋଇଛନ୍ତି।

ସରକାରୀ ଚାକିରିରୁ ବରଖାସ୍ତ ହୋଇଥିବା ଅଧିକାରୀମାନେ ହେଉଛନ୍ତି- ବାଣିଜ୍ୟ ଓ ପରିବହନ ବିଭାଗ ବୌଦ୍ଧ ଜିଲା ପୂର୍ବତନ ଆଇଏମ୍‌ଭି ଦେବୀପ୍ରସାଦ ପାଢ଼ୀ, ସମବାୟ ବିଭାଗର ସୁବର୍ଣ୍ଣପୁର ଜିଲା ଡୁଙ୍ଗୁରିପାଲି ସମବାୟ ସମିତିର ପୂର୍ବତନ ସମ୍ପାଦକ ଦେବଦତ୍ତ ଦାଶ, ଗୃହ ନିର୍ମାଣ ଓ ନଗର ଉନ୍ନୟନ ବିଭାଗ ଉମରକୋଟ ପୌରପରିଷଦ ଅକ୍ଟ୍ରାଇ ଟ୍ୟାକ୍ସ ସରକାର କାଳିପ୍ରସାଦ ସିଂ, ପଞ୍ଚାୟତିରାଜ ବିଭାଗର ଭଦ୍ରକ ଜିଲା ଧାମନଗର ତହସିଲର ପୂର୍ବତନ କନିଷ୍ଠ କିରାଣି ବଟକୃଷ୍ଣ ବାରିକ, ପଞ୍ଚାୟତିରାଜର କଳାହାଣ୍ଡି ମ. ରାମପୁର ବ୍ଲକର ପୂର୍ବତନ ଭିଏଲଡବ୍ଲ୍ୟୁ କୃଷ୍ଣମୋହନ ଦାସ , କେସିଙ୍ଗା ବ୍ଲକର ପୂର୍ବତନ ସମ୍ପାଦକ ତଥା ପିଇଓ ଅଶୋକ କୁମାର ସାହା, ଜୁନାଗଡ ବ୍ଲକର ପୂର୍ବତନ ପଞ୍ଚାୟତ କାର୍ଯ୍ୟନିର୍ବାହୀ ଅଧିକାରୀ ପଦ୍ମମୁଖ ଶବର । ସେହିପରି ଅନ୍ୟମାନଙ୍କ ମଧ୍ୟରେ ଅଛନ୍ତି ବୌଦ୍ଧ ଜିଲା ମର୍ଷୁଣ୍ଡି ଗ୍ରାମ ପଞ୍ଚାୟତର ପୂର୍ବତନ ସମ୍ପାଦକ କିଶୋର ଚନ୍ଦ୍ର ପ୍ରଧାନ, ଜଳସମ୍ପଦ ବିଭାଗର ଖୋର୍ଦ୍ଧା ଜିଲା ବାଣପୁର ସାଳିଆ ଜଳସେଚନ ପ୍ରକଳ୍ପର ପୂର୍ବତନ ସହାୟକ ଯନ୍ତ୍ରୀ ବିଜୟ କୁମାର ସାହୁ, ଭବାନୀପାଟଣା ଆଇଟିଡିଏର ପୂର୍ବତନ କନିଷ୍ଠ ଯନ୍ତ୍ରୀ କରୁଣାକର ପଣ୍ଡା, ମୟୂରଭଞ୍ଜ କୁଲିଅଣା ବ୍ଲକ ପୂର୍ବତନ କନିଷ୍ଠ ଯନ୍ତ୍ରୀ ବୈଦ୍ୟନାଥ ମାଝି, ସାରସକଣା ବ୍ଲକ ପୂର୍ବତନ କନିଷ୍ଠ ଯନ୍ତ୍ରୀ ପ୍ରତାପ ଚନ୍ଦ୍ର ରାଉତ, କଳାହାଣ୍ଡି ଥୁଆମୂଳ-ରାମପୁର ଆଇଟିଡିଏର ପୂର୍ବତନ କନିଷ୍ଠ ଯନ୍ତ୍ରୀ ନିଗମାନନ୍ଦ ପଣ୍ଡା, ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗର ବିଏମ୍‌ସି ସ୍ୱାସ୍ଥ୍ୟ ଅଧିକାରୀଙ୍କ କାର୍ଯ୍ୟାଳୟର ବରିଷ୍ଠ କିରାଣି ଚିତ୍ତରଞ୍ଜନ ଲାଲ।

ଅପରପକ୍ଷରେ ପେନସନ୍ ସୁବିଧା ବନ୍ଦ ହୋଇଥିବା ଦୁଇ ଅଧିକାରୀ ହେଉଛନ୍ତି ଜଳସମ୍ପଦ ବିଭାଗର କଳାହାଣ୍ଡି ଆଇଟିଡିଏର ଅବସରପ୍ରାପ୍ତ ସହାୟକ ଯନ୍ତ୍ରୀ ଅଶ୍ୱିନୀ କୁମାର ଶର୍ମା ଓ ଜଳସମ୍ପଦ ବିଭାଗର କଳାହାଣ୍ଡି ଡିଆରଡିଏର ଅବସରପ୍ରାପ୍ତ ଏପିଡି ଶଶାଙ୍କ ଶେଖର ପଟ୍ଟନାୟକ।

## ଏସ୍‌ସିବି ଆସିବେ ଜଗା-କାଳିଆ

**ଭୁବନେଶ୍ୱର, ୧୭।୮(ବ୍ୟୁରୋ)**
ଅପରେଶନ ମାଧ୍ୟମରେ ଅଲଗା ହୋଇଥିବା କନ୍ଧମାଳର ଯୋଡ଼ାମୁଣ୍ଡ ଶିଶୁ ଜଗା ଓ କାଳିଆ ଓଡ଼ିଶା ଆସିବା ପାଇଁ ସ୍ଥିର ହୋଇଛି। ଦିଲ୍ଲୀ ଏମ୍ସରୁ ଏହି ଦୁଇଭାଇଙ୍କୁ କଟକ ଏସ୍‌ସିବି ମେଡିକାଲକୁ ଅଣାଯିବ। ତେବେ କେବେ ଆସିବେ ତାହା ଆସନ୍ତା ୭ଦିନ ମଧ୍ୟରେ ସ୍ଥିର ହେବ ବୋଲି ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରୀ ନବ କିଶୋର ଦାସ କହିଛନ୍ତି। ସୂଚନାଯୋଗ୍ୟ, ଦିଲ୍ଲୀ ଏମ୍ସରେ ଯୋଡ଼ାମୁଣ୍ଡ ଥିବା ଦୁଇଭାଇଙ୍କୁ ଅଲଗା କରିବା ପାଇଁ ଅପରେଶନ ସଫଳ ହୋଇଥିଲା। କାଳିଆ ସମ୍ପୂର୍ଣ୍ଣ ସୁସ୍ଥ ହୋଇଥିବାବେଳେ ଜଗା ସେତେଟା ସୁସ୍ଥ ନ ଥିଲେ। ତେଣୁ ସେଠାରେ ହିଁ ଦୀର୍ଘଦିନ ହେବ ଦୁଇଭାଇ ଚିକିତ୍ସାଧୀନ ଅଛନ୍ତି। ତେବେ ସେମାନେ ଓଡ଼ିଶା ଆସି ଅନ୍ୟ କେଉଁଠି ଚିକିତ୍ସା କରିପାରିବେ ବୋଲି ଦିଲ୍ଲୀ ଏମ୍ସ କର୍ତ୍ତୃପକ୍ଷ କହିବା ପରେ ରାଜ୍ୟ ସରକାର ଦୁଇଭାଇଙ୍କୁ ଭୁବନେଶ୍ୱର ଏମ୍ସରେ ରଖି ଚିକିତ୍ସା କରିବା ପାଇଁ ଚିନ୍ତା କରିଥିଲେ। ଏଥିପାଇଁ ସ୍ୱାସ୍ଥ୍ୟ ବିଭାଗ ଭୁବନେଶ୍ୱର ଏମ୍ସକୁ ଅନୁରୋଧ କରିଥିଲେ। କିନ୍ତୁ ଏମ୍ସ କର୍ତ୍ତୃପକ୍ଷ କୌଣସି ଉତ୍ତର ଦେଇ ନ ଥିଲେ। ତେବେ ବର୍ତ୍ତମାନ ଦୁଇଭାଇଙ୍କୁ କଟକ ଏସ୍‌ସିବିକୁ ଅଣାଯାଇ ଚିକିତ୍ସା କରାଯିବ ବୋଲି ସ୍ୱାସ୍ଥ୍ୟ ମନ୍ତ୍ରୀ ସୂଚନା ଦେଇଛନ୍ତି।

## ଆଜି କ'ଣ କେଉଁଠି

**କେସିଙ୍ଗା**
■ଜିଲାସ୍ତରୀୟ ଦଶକର୍ମଧାରା କୃଷି କାର୍ଯ୍ୟକ୍ରମ ଓ ଶ୍ରୀଅରବିନ୍ଦଙ୍କ ପାଠଚକ୍ର, କଣ୍ଟପଡା ଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ର, ପୂର୍ବାହ୍ନ ୧୦ଟା।

**ବିଜେପୁର**
■ତୃତୀୟ ଶ୍ରେଣୀ ମେଧାବୃତ୍ତି ପରୀକ୍ଷା, ବାଳକ ପ୍ରାଥମିକ ବିଦ୍ୟାଳୟ, ପୂର୍ବାହ୍ନ ୧୦ଟା ।
■ପଞ୍ଚମ ଶ୍ରେଣୀ ମେଧାବୃତ୍ତି ପରୀକ୍ଷା, ସରକାରୀ ଉଚ୍ଚ ବିଦ୍ୟାଳୟ, ପୂର୍ବାହ୍ନ ୧୦ଟା।
■ସ୍ୱଭାବ କବି ଗଙ୍ଗାଧର ଜୟନ୍ତୀ ସମାରୋହ, ମେହେର କଲ୍ୟାଣ ମଣ୍ଡପ, ଅପରାହ୍ନ ୨ଟା।
■ଉତ୍ତାଳଗଡ ନାଟ୍ୟ ସଂସଦର ବୈଠକ, ତାଳପଦର ଖଗେଶ୍ୱର ମଣ୍ଡପ, ସନ୍ଧ୍ୟା ୫ଟା ।

**ସରଣ୍ଡା**
■ବ୍ଲକ ମେହେର ସମାଜ ପକ୍ଷରୁ ସ୍ୱଭାବ କବି ଗଙ୍ଗାଧର ଜୟନ୍ତୀ ସମାରୋହ, ବିଶ୍ୱେଶ୍ୱର ବାବା କଲ୍ୟାଣ ମଣ୍ଡପ, ପୂର୍ବାହ୍ନ ୧୦ଟା।

**ଅତାବିରା**
■ଦୁଗ୍ଧ ଚାଷୀଙ୍କ ମହାସମାବେଶ, ଗୋଡଭଗା ସମଲେଶ୍ୱରୀ ମନ୍ଦିର କଲ୍ୟାଣ ମଣ୍ଡପ, ପୂର୍ବାହ୍ନ ୧୦ଟା।

**ବୌଦ୍ଧ**
■ଭୈରବୀ ମହୋତ୍ସବ ନେଇ ଦ୍ୱିତୀୟ ପ୍ରସ୍ତୁତି ବୈଠକ, ପୁରୁଣାକଟକ ଭୈରବୀ ମନ୍ଦିର ପ୍ରାଙ୍ଗଣ, ପୂର୍ବାହ୍ନ ୧୧ଟା।

**ଭବାନୀପାଟଣା**
■ରାଜ୍ୟସ୍ତରୀୟ ଜମି ଅଧିକାର ଏବଂ ଯୁବ ନେତୃତ୍ୱ ଆଲୋଚନାଚକ୍ର, ହୋଟେଲ ସେଣ୍ଟର ପାର୍କ, ପୂର୍ବାହ୍ନ ୧୦।
■କଳାହାଣ୍ଡି ଜିଲା ଯାଦବ ମହାସଭାର ସାଂଗଠନିକ ବୈଠକ, ଅମଲା ଭବନ, ପୂର୍ବାହ୍ନ ୧୦।
■ଓଏସ୍‌ଆର୍‌ୟୁର ବାର୍ଷିକ ଉତ୍ସବ, ବିଜୁ କଲ୍ୟାଣ ମଣ୍ଡପ, ପୂର୍ବାହ୍ନ ୯ ।
■ସଂସ୍କାର ଭାରତୀ ଭବାନୀପାଟଣା ପକ୍ଷରୁ ଚିତ୍ରାଙ୍କନ ପ୍ରତିଯୋଗିତା, ମହାବୀର ସାଂସ୍କୃତିକ ଅନୁଷ୍ଠାନ, ପୂର୍ବାହ୍ନ ୧୦ଟା।

**ସମ୍ବଲପୁର**
■ଅଦୃଶ୍ୟ ନାଟ୍ୟ ଆଶ୍ରମ ପକ୍ଷରୁ ନାଟ୍ୟ କର୍ମଶାଳା, ଭୀମଭୋଇ ସାହିତ୍ୟ ସଂସଦ, ପୂର୍ବାହ୍ନ ୧୦ଟା।
■ୟୁନାଇଟେଡ୍ ବ୍ୟାଙ୍କର ଆଲୋଚନାଚକ୍ର, ହୋଟେଲ ଡଲଫିନ୍ ସଭାକକ୍ଷ, ଅପରାହ୍ନ ୪ଟା।
■ସମ୍ବଲପୁର କଳାପରିଷଦ ପକ୍ଷରୁ ଗଙ୍ଗାଧର ସଙ୍ଗୀତ ସନ୍ଧ୍ୟା, ତପସ୍ୱିନୀ ପ୍ରେକ୍ଷାଳୟ, ସନ୍ଧ୍ୟା ସାଢ଼େ ୬ଟା।

**ସିନାପାଲି**
■ଗଙ୍ଗାଧର ଜୟନ୍ତୀ ସମାରୋହ, ଜଗନ୍ନାଥ ଛକ, ପ୍ରଥମ ଅଧିବେଶନ, ଅପରାହ୍ନ ୨.୩୦, ଦ୍ୱିତୀୟ ଅଧିବେଶନ ସନ୍ଧ୍ୟା ୬।୩୦।

**ବେଲପାହାଡ଼**
■ଏକଦିବସୀୟ ଆନ୍ତଃ ଗ୍ରାମାଞ୍ଚଳ ଫୁଟବଲ ଟୁର୍ଣ୍ଣାମେଣ୍ଟ ଫ୍ରେଣ୍ଡଶିପ୍ କପ୍-୨୦୧୯ର ଉଦ୍‌ଘାଟନୀ ଉତ୍ସବ, ଟିଆର୍‌ଏଲ୍ ଷ୍ଟାଡିୟମ, ପୂର୍ବାହ୍ନ ୯ଟା।
■୨୦ତମ ରାଜ୍ୟସ୍ତରୀୟ ସବ୍‌ଜୁନିୟର ବାଳକ ଓ ବାଳିକା ସିପକ୍‌ଟାକ୍ରା ଚାମ୍ପିୟନଶିପ୍ ଉଦ୍‌ଯାପନୀ ସମାରୋହ, ଟିଆର୍‌ଏଲ୍ ଷ୍ଟାଡିୟମ, ଅପରାହ୍ନ ୪ଟା।

**ନୂଆପଡ଼ା**
■ବିଜ୍ଞାନ ଓ ପ୍ରଯୁକ୍ତି ବିଦ୍ୟା ମନ୍ତ୍ରୀଙ୍କୁ ସମ୍ବର୍ଦ୍ଧନା, ପଟୋରା ମନ୍ଦିର, ପୂର୍ବାହ୍ନ ୧୦।



## ଜିଲାଟିଏ ପୁରୀ

# ତୀର୍ଥ ପୁଷ୍କରିଣୀକୁ ହତାଦର

ଭାରତର ଚାରିଧାମ ମଧ୍ୟରୁ ଶ୍ରେଷ୍ଠଧାମ ପୁରୀ। ଏହା ଜଗନ୍ନାଥ ଧାମ ନାମରେ ବେଶ୍ ପରିଚିତ। ଏହି ପବିତ୍ର ଧାମରେ ରହିଛି ଏକାଧିକ ତୀର୍ଥ ପୁଷ୍କରିଣୀ। ସେଗୁଡ଼ିକ ପ୍ରତି ଶ୍ରଦ୍ଧାଳୁଙ୍କ ରହିଛି ଗଭୀର ଆସ୍ଥା ଓ ବିଶ୍ୱାସ। ପ୍ରାୟ ଅଧିକାଂଶ ତୀର୍ଥ ପୁଷ୍କରିଣୀ ଦେବଦେବୀଙ୍କ ପୀଠସ୍ଥଳରେ ରହିଥିବାରୁ ପ୍ରତ୍ୟହ ବହୁସଂଖ୍ୟାରେ ଶ୍ରଦ୍ଧାଳୁ ସେଠାକୁ ଯାଇଥାନ୍ତି। ତୀର୍ଥ ପୁଷ୍କରିଣୀରେ ଗୋଡ, ହାତ ଧୋଇ ଠାକୁରଙ୍କୁ ଦର୍ଶନ କରିବା ସହ କେହି ମାନସିକ ବୁଡ଼ ମଧ ପକାଇଥାନ୍ତି। ପୁଣି ମହାପ୍ରଭୁଙ୍କ କେତେକ ନୀତି ମଧ ତୀର୍ଥ ପୁଷ୍କରିଣୀରେ ସମ୍ପାଦିତ ହୋଇଥାଏ। ହେଲେ ଶ୍ରୀକ୍ଷେତ୍ରର ପ୍ରମୁଖ ତୀର୍ଥ ପୁଷ୍କରିଣୀଗୁଡ଼ିକ ଏବେ ଅବହେଳିତ ହୋଇପଡିଛି। ଉପଯୁକ୍ତ ରକ୍ଷଣାବେକ୍ଷଣ ଅଭାବରୁ କାହାର ପାଚେରି ମେଲି ଆଁ କରିଛି ତ ଆଉ କେଉଁଠି ଆବର୍ଜନା ପାଣି ପଶୁଛି। ହେଲେ ପ୍ରଶାସନ ବେଫିକର। ସବୁ ଜାଣି ବି ଚୁପ୍। ଇନ୍ଦ୍ରଦ୍ୟୁମ୍ନ ପୁଷ୍କରିଣୀ ପଞ୍ଚତୀର୍ଥ ମଧ୍ୟରୁ ଅନ୍ୟତମ। ହେଲେ ଏହି ପବିତ୍ର ପୁଷ୍କରିଣୀର ବର୍ତ୍ତମାନ ସ୍ଥିତି ଅତ୍ୟନ୍ତ ଦୟନୀୟ। ଶ୍ରଦ୍ଧାଳୁଙ୍କ ଭାବାବେଗ ସହ ଜଡ଼ିତ ଇନ୍ଦ୍ରଦ୍ୟୁମ୍ନର ତିନିପାର୍ଶ୍ୱରେ ପାଚେରି ଭୁଶୁଡି ପଡିଥିବାରୁ ତାହା ଅସୁନ୍ଦର ଦେଖାଯାଉଛି। ଭାଙ୍ଗି ଯାଇଥିବା ପାଚେରି ତିଆରି କରାଯାଉ ନ ଥିବା ବେଳେ ଅସ୍ଥାୟୀ ଭାବେ ବାଲିବସ୍ତା ଏବଂ ସିମେଣ୍ଟ କାନ୍ଥ ବାଡ଼ା କରାଯାଇଛି। ହେଲେ ବାଲିବସ୍ତାଗୁଡ଼ିକ ଫାଟି ବାଲି ପୁଷ୍କରିଣୀ ଭିତରେ ପଡୁଛି। ଅନେକ ସମୟରେ ସ୍ୱେରେଜ ନଳା ଫାଟି ମଇଳା ପାଣି ପବିତ୍ର ଇନ୍ଦ୍ରଦ୍ୟୁମ୍ନରେ ମିଶୁଛି। ଶ୍ରୀକ୍ଷେତ୍ରର ଅନ୍ୟତମ ତୀର୍ଥ ପୁଷ୍କରିଣୀ ହେଲା ପାର୍ବତୀ ସାଗର। ପ୍ରସିଦ୍ଧ ଶୈବପୀଠ ଶ୍ରୀଲୋକନାଥ ମନ୍ଦିର ନିକଟରେ ରହିଛି ଏହି ତୀର୍ଥ ପୁଷ୍କରିଣୀ। ସୁଉଚ୍ଚ ପାଚେରି ଦ୍ୱାରା ଏହା ପରିବେଷ୍ଟିତ। ଲୋକନାଥ ମନ୍ଦିରକୁ ଯିବାବେଳେ ଶ୍ରଦ୍ଧାଳୁମାନେ ଏହି ପୁଷ୍କରିଣୀରେ ଗୋଡ, ହାତ ଧୋଇ ଯାଇଥାନ୍ତି। ଶ୍ରାବଣ ମାସରେ ବୋଲବମ୍ ଭକ୍ତ ଏଠାରେ ସ୍ନାନ କରିଥାନ୍ତି। ସେହିପରି ସରନ୍ତି ସୋମବାର ରାତିରେ ଶ୍ରଦ୍ଧାଳୁ ଗାଧୋଇବା ସହ ଠାକୁରଙ୍କ ବାସନ ମଧ ଏହି ପୋଖରୀରେ ସଫା କରାଯାଏ। କିନ୍ତୁ ଗତବର୍ଷ ଅକ୍ଟୋବର ୨୦ରେ ଲଗାଣ ବର୍ଷା ଯୋଗୁ ଉତ୍ତର ପାର୍ଶ୍ୱରେ ପ୍ରାୟ ୧୦୦ ଫୁଟ ପାଚେରି ଭୁଶୁଡ଼ି ପଡ଼ିଥିଲା। ଏ ପର୍ଯ୍ୟନ୍ତ ପାଚେରି ମରାମତି ହୋଇନାହିଁ। ପୁରୀର ପଞ୍ଚତୀର୍ଥ ମଧ୍ୟରୁ ଅନ୍ୟତମ ମାର୍କଣ୍ଡେୟ ପୁଷ୍କରିଣୀ। ଏହାର ଅବସ୍ଥା ବି ତଦ୍ରୂପ। ପୂର୍ବ-ଉତ୍ତର କୋଣରେ ପ୍ରାୟ ୮୦ ଫୁଟର ପାଚେରି ଭୁଶୁଡ଼ି ପଡିଛି। ଗତବର୍ଷ ଏହା ଭୁଶୁଡି ପଡିଥିବାବେଳେ ବହୁ ଦାବି ପରେ ଏବେ ଏହାର ମରାମତି ଆରମ୍ଭ ହୋଇଛି। ଐତିହ୍ୟ, ସଂସ୍କୃତିକୁ ନେଇ ଗର୍ବ କରୁଥିବା ଶ୍ରୀକ୍ଷେତ୍ରରେ ତୀର୍ଥ ପୁଷ୍କରିଣୀ ପ୍ରତି ହତାଦରକୁ ନେଇ ଶ୍ରଦ୍ଧାଳୁଙ୍କ ମନରେ ଉଦ୍‌ବେଗ ପ୍ରକାଶ ପାଇଛି।

- ହେମନ୍ତ ନାୟକ

# କମୁଛି ସବୁ ନଦୀର ଜଳସ୍ତର

**ଭୁବନେଶ୍ୱର, ୧୭।୮(ବ୍ୟୁରୋ)**
ଉପର ମୁଣ୍ଡରେ ବର୍ଷା କମିଥିବାରୁ ଏବେ ରାଜ୍ୟରେ ବଡ଼ ବନ୍ୟାର ଭୟ ଟଳିଯାଇଛି। ମହାନଦୀ ସମେତ ପ୍ରାୟ ସମସ୍ତ ନଦୀରେ ବନ୍ୟାଜଳ ବିପଦ ସଙ୍କେତ ତଳେ ପ୍ରବାହିତ ହେଉଛି। ପରିସ୍ଥିତି ବର୍ତ୍ତମାନ ସମ୍ପୂର୍ଣ୍ଣ ନିୟନ୍ତ୍ରଣାଧୀନ ରହିଛି ବୋଲି ଡେପୁଟି ଏସ୍‌ଆର୍‌ସି ପ୍ରଭାତ ରଞ୍ଜନ ମହାପାତ୍ର ସୂଚନା ଦେଇଛନ୍ତି। ଲଗାଣ ବର୍ଷା ଯୋଗୁ ହୀରାକୁଦ ଜଳଭଣ୍ଡାରର ଜଳ ଧାରଣା କ୍ଷମତା ବୃଦ୍ଧି ପାଇଥିଲା। ଫଳରେ ପର୍ଯ୍ୟାୟକ୍ରମେ ହୀରାକୁଦର ଗେଟ୍ ଖୋଲାଯାଇ ବନ୍ୟାଜଳ ନିଷ୍କାସନ କରାଯାଇଥିଲା। ଅନ୍ୟପକ୍ଷରେ ବିଭିନ୍ନ ଆଡୁ ବର୍ଷାପାଣି ମହାନଦୀକୁ ପ୍ରବେଶ କରିଥିଲା। ଫଳରେ ମହାନଦୀ ସମେତ ଅନ୍ୟ କେତେକ ନଦୀରେ ବନ୍ୟା ଆସିଥିଲା। ବର୍ତ୍ତମାନ ହୀରାକୁଦରେ ୫ ଗେଟ୍ ଖୋଲା ରହିଛି। ସ୍ଥିତିକୁ ଲକ୍ଷ୍ୟ କରି ସେସବୁକୁ ମଧ ବନ୍ଦ କରାଯିବ ବୋଲି ମହାପାତ୍ର କହିଛନ୍ତି।

ମିଳିଥିବା ସୂଚନାନୁସାରେ, ବନ୍ୟା ପାଣିରେ ବୁଡିଥିବା ଖୋର୍ଦ୍ଧା, କଟକ, କେନ୍ଦ୍ରାପଡ଼ା ଓ ପୁରୀ ଜିଲାର କେତେକ ତଳିଆ ଅଞ୍ଚଳରୁ ପାଣି ଖସିବାରେ ଲାଗିଛି। ପୁରୀରେ ୪୦, ଖୋର୍ଦ୍ଧାରେ ୪୮, କଟକରେ ୫୫୦ ଲୋକଙ୍କୁ ରିଲିଫ୍ କ୍ୟାମ୍ପରେ ରଖାଯାଇଛି। ଅଧିକ ପ୍ରଭାବିତ ବଲାଙ୍ଗୀର ଜିଲାର ୫୬ କ୍ୟାମ୍ପରେ ୧୯ହଜାର ଲୋକ, ସୁବର୍ଣ୍ଣପୁର ଜିଲାର ୨୪ କ୍ୟାମ୍ପରେ ୩ ହଜାର ୯୦୦ ଲୋକଙ୍କୁ ରନ୍ଧା ଖାଦ୍ୟ ଯୋଗାଇ ଦିଆଯାଉଥିବା ସୂଚନା ମିଳିଛି। ଅନ୍ୟପକ୍ଷରେ ଆସନ୍ତା ସାତ ଦିନ ଭିତରେ ବଡ଼ ବର୍ଷାର ସମ୍ଭାବନା ନାହିଁ। ଉତ୍ତର, ପଶ୍ଚିମ ଓ ଦକ୍ଷିଣ ଓଡ଼ିଶାରେ କେତେକ ସ୍ଥାନରେ ବର୍ଷା ହେଲେ ମଧ ତାହା ଏତେ ବିପଦଜନକ ହେବନି ବୋଲି ପାଣିପାଗ କେନ୍ଦ୍ର ପକ୍ଷରୁ କୁହାଯାଇଛି। ତେବେ ରବିବାର କେନ୍ଦୁଝର, ସୁନ୍ଦରଗଡ଼, ଦେବଗଡ଼, ବରଗଡ଼, ଝାରସୁଗୁଡ଼ାରେ ପ୍ରବଳରୁ ଅତି ପ୍ରବଳ ବର୍ଷା ହେବାର ସମ୍ଭାବନା ରହିଥିବାବେଳେ ବାଲେଶ୍ୱର, ମୟୂରଭଞ୍ଜ, ଢେଙ୍କାନାଳ, ଅନୁଗୋଳ, ବୌଦ୍ଧ, ସୋନପୁର, ନୂଆପଡ଼ା, ବଲାଙ୍ଗୀର, କୋରାପୁଟ, ରାୟଗଡ଼ା, କଳାହାଣ୍ଡି, କନ୍ଧମାଳ ଓ ସମ୍ବଲପୁରରେ ପ୍ରବଳ ବର୍ଷାର ସମ୍ଭାବନା ରହିଛି। ସେହିପରି ରବିବାର ଉପକୂଳ ଓଡ଼ିଶା ସମେତ ମୟୂରଭଞ୍ଜ, ଢେଙ୍କାନାଳ, ଅନୁଗୋଳ, ବୌଦ୍ଧ, ସୋନପୁର, ନୂଆପଡ଼ା, ବଲାଙ୍ଗୀର, କୋରାପୁଟ, ରାୟଗଡ଼ା, କଳାହାଣ୍ଡି ଓ କନ୍ଧମାଳରେ ଝଡ଼ତୋଫାନ ହେବା ସହ ବଜ୍ରପାତ ଆଶଙ୍କା ରହିଥିବା ଭୁବନେଶ୍ୱର ଆଞ୍ଚଳିକ ପାଣିପାଗ କେନ୍ଦ୍ର ପକ୍ଷରୁ ସୂଚନା ଦିଆଯାଇଛି।

# ମଧ୍ୟାହ୍ନ ଭୋଜନରେ ଝିଟିପିଟି

**ଜୟପୁର, ୧୭।୮(ଡି.ଏନ.ଏ )-** କୋରାପୁଟ ଜିଲା ଜୟପୁର ବ୍ଲକ ଏକମ୍ବା ପଞ୍ଚାୟତ ଅଧୀନ ଚିକିମା ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ମଧ୍ୟାହ୍ନଭୋଜନ ଭାତରୁ ଶନିବାର ଏକ ଝିଟିପିଟି ବାହାରିଛି। କୌଣସି ଛାତ୍ରୀଛାତ୍ରଙ୍କୁ ଉକ୍ତ ଖାଦ୍ୟ ପ୍ରଦାନ କରାଯାଇନାହିଁ। ୧୨୯ ଛାତ୍ରୀଛାତ୍ର ନଖାଇ ଘରକୁ ଫେରିଛନ୍ତି। ଗ୍ରାମବାସୀ ଏବଂ ଅଭିଭାବକ ପହଞ୍ଚି ହୋହଲ୍ଲା କରିବା ପରେ ଉତ୍ତେଜନା ଦେଖାଦେଇଥିଲା। କେନ୍ଦ୍ରୀୟ ରୋଷେଇ ଶାଳରୁ ମଧ୍ୟାହ୍ନ ଭୋଜନ ଖାଦ୍ୟ ପ୍ରସ୍ତୁତ କରାଯାଇ ଯୋଗାଣକୁ ଗ୍ରାମବାସୀ ବିରୋଧ କରିଛନ୍ତି। ଏଥିସହିତ ଆସନ୍ତା ସୋମବାରଠାରୁ ଗାଡି ଯୋଗେ ଆସୁଥିବା ଖାଦ୍ୟକୁ ଗ୍ରାମ ଭିତରକୁ ପ୍ରବେଶ କରାଇ ଦିଆଯିବ ନାହିଁ ବୋଲି ଚେତାବନୀ ଦେଇଛନ୍ତି। ଖବରପାଇ ସିଆରସିସି ଜ୍ଞାନେନ୍ଦ୍ର ପରିଡା ଘଟଣାସ୍ଥଳରେ ପହଞ୍ଚି ତଦନ୍ତ କରିବା ସହିତ ବିଇଓଙ୍କୁ ରିପୋର୍ଟ ପ୍ରଦାନ କରିଛନ୍ତି।

ଯାଦୁ, ପାଣିକନ୍ଦା, କୁଣ୍ଡିଆ ଓ ଫଟା ଗୋଇଠିର ଯନ୍ତ୍ରଣା ?
ଆରାମ ପାଇଁ ବ୍ୟବହାର କରନ୍ତୁ




ସେଲିକଲ®
Available in : 5g 8g 15g Pot 20g Tube and 15 ml Lotion
Trade Enquiries : 9778874750 | www.sdhole.com

GAYATRI GROUP OF INSTITUTION
Gayatri Vihar, Jamadarpali, Sambalpur
ADMISSION OPEN
GAYATRI COLLEGE OF PHYSIOTHERAPY
BPT
(Bachelor of Physiotherapy) Recognised by Govt. of Odisha, H&FW Dept & (Affilited to Sambalpur University) Eligibility: +2 Science Pass
GAYATRI COLLEGE OF PARAMEDICAL SCIENCE
DMLT
(Diploma in Medical Laboratory Technology, Only Govt. Recognized Institute in Sambalpur)
Eligibility: +2 Science with PCB
GAYATRI COLLEGE OF PHARMACY
D.Pharm B.Pharm
M.Pharm Ph.D
Eligibility: +2 Science Pass/ (PCB/PCM/ PCIT with 45% and a valid rank of OJEE/JEE (Main)/ NEET for B. Pharm)
CONTACT ADMISSION CELL
7978497929, 9861249377 (PHARMACY) 8249598936- (DMLT),7982724451, 7381578301 (PHYSIOTHERAPY)

NSO INDIA
Data for Development
ଭାରତ ସରକାର
ପରିସଂଖ୍ୟାନ ଏବଂ କାର୍ଯ୍ୟକ୍ରମ କାର୍ଯ୍ୟାନ୍ୱୟନ ମନ୍ତ୍ରଣାଳୟ
ଜାତୀୟ ପରିସାଂଖ୍ୟିକ କାର୍ଯ୍ୟାଳୟ
ଜାତୀୟ ପରିସାଂଖ୍ୟିକ କାର୍ଯ୍ୟାଳୟ (ଏନ୍‌ଏସ୍‌ଓ)
(ପୂର୍ବରୁ ଏନ୍‌ଏସ୍‌ଏସ୍‌ଓ)



ନରେନ୍ଦ୍ର ମୋଦି
ପ୍ରଧାନମନ୍ତ୍ରୀ
ଏନ୍‌ଏସ୍‌ଓ ସର୍ବେକ୍ଷଣରେ ଭାଗ ନିଅନ୍ତୁ ଏବଂ ରାଷ୍ଟ୍ରର ବିକାଶରେ ଯୋଗଦାନ କରନ୍ତୁ
କଲ୍ୟାଣମୂଳକ ନୀତି ପ୍ରସ୍ତୁତ ତଥା କାର୍ଯ୍ୟାନ୍ୱୟନ କରିବା ପାଇଁ ସରକାର ତଥ୍ୟ ବ୍ୟବହାର କରିଥାନ୍ତି। ସୂଚନା ସଂଗ୍ରହ ପାଇଁ ଏପରି କଲ୍ୟାଣ ପ୍ରସଙ୍ଗଗୁଡ଼ିକ ଉପରେ ଏନ୍‌ଏସ୍‌ଓ ସର୍ବେକ୍ଷଣ ସଞ୍ଚାଳନ କରିଥାଏ । ଚଳିତ ସର୍ବେକ୍ଷଣରେ, ଏନ୍‌ଏସ୍‌ଓ ନିମ୍ନଲିଖିତ ପ୍ରସଙ୍ଗରେ ସୂଚନା ସଂଗ୍ରହ କରୁଛି:
• କୃଷକ ପରିବାରଗୁଡ଼ିକର ପରିସ୍ଥିତି, ଭୂସମ୍ପତ୍ତି ଓ ପଶୁଧନ ଇତ୍ୟାଦି
• ଋଣ ଓ ନିବେଶ



ଏନ୍‌ଏସ୍‌ଓ ଦ୍ୱାରା ସଂଗୃହୀତ ସୂଚନାକୁ ଗୋପନୀୟ ରଖାଯିବ ଏବଂ ତାହାକୁ କେବଳ ଯୋଜନା, ନୀତି ପ୍ରସ୍ତୁତି ଓ ଗବେଷଣା ଉଦ୍ଦେଶ୍ୟରେ ବ୍ୟବହାର କରାଯିବ।
ଏନ୍‌ଏସ୍‌ଓ ଦ୍ୱାରା ନିୟୋଜିତ ଅଧିକାରୀମାନେ ସୂଚନା ସଂଗ୍ରହ ପାଇଁ ମନୋନୀତ ପରିବାରଗୁଡ଼ିକୁ ପରିଦର୍ଶନ କରିବେ।
ଦୟାକରି ଠିକ୍ ଓ ସମ୍ପୂର୍ଣ୍ଣ ସୂଚନା ଦେଇ ଏହି ଅଧିକାରୀମାନଙ୍କୁ ସହଯୋଗ କରନ୍ତୁ ଏବଂ ରାଷ୍ଟ୍ରର ବିକାଶରେ ଯୋଗଦାନ ଦିଅନ୍ତୁ।
www.mospi.gov.in GoIStats GoIStats GoIStats
davp 39102/13/0004/1920



ଅଗ୍ନି ଶୁଖିଲା ଘାସକୁ ପୋଡ଼ି ପାଉଁଶ କରିଦେଲା ପରି
ଭଗବାନଙ୍କ ନାମ ସ୍ମରଣ ସକଳ ପାପକୁ ନାଶ କରିଦିଏ।
- ସନ୍ଥ ତୁଳସୀ ଦାସ




## ଜନ୍ମଦିନର ଶୁଭେଚ୍ଛା

ନାମ: ....................................
ବୟସ:....................................
ଜନ୍ମ ତାରିଖ: ..............................


ଆକାଶ
ପରିବାରବର୍ଗ


ବି. ସାଇ ଶିବାନୀ
ପରିବାରବର୍ଗ


ଦିବ୍ୟଜିତ୍
ପରିବାରବର୍ଗ


ହରପ୍ରିୟା
ପରିବାରବର୍ଗ


N.John Raj
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।


## କଣିହାଁ କୋଇଲା ଖଣିରେ ଫାଟ

କଣିହାଁ, ୧୭।୮ (ଡି.ଏନ.ଏ.)- ଅନୁଗୋଳ ଜିଲା ସ୍ଥିତ ଏମସିଏଲର କଣିହାଁ କୋଇଲା ଖଣିର ବିଭିନ୍ନ ସ୍ଥାନରେ ଫାଟ ସୃଷ୍ଟି ହୋଇଛି। ଫଳରେ ଯେ କୌଣସି ସମୟରେ ଦୁର୍ଘଟଣା ଘଟିବାର ଆଶଙ୍କା ରହିଛି।

# ଦକ୍ଷତା ବିକାଶ ମନ୍ତ୍ରୀଙ୍କୁ ଭେଟିଲା କେନ୍ଦୁଝର ବିକାଶ ପରିଷଦ



ଦକ୍ଷତା ବିକାଶ ମନ୍ତ୍ରୀ ପ୍ରେମାନନ୍ଦ ନାୟକଙ୍କ ଗହଣରେ କେନ୍ଦୁଝର ବିକାଶ ପରିଷଦର କାର୍ଯ୍ୟକର୍ତ୍ତା।

■ **ଖଣି ବିସ୍ଥାପିତଙ୍କୁ ମୌଳିକ ସୁବିଧା ଯୋଗାଇବା ଦାବି**

ଭୁବନେଶ୍ୱର, ୧୭।୮ (ବ୍ୟୁରୋ)

କେନ୍ଦୁଝର ଜିଲାର ବିଭିନ୍ନ ସମସ୍ୟା ତଥା ଦୀର୍ଘଦିନର ଦାବି ନେଇ କେନ୍ଦୁଝର ବିକାଶ ପରିଷଦ ପକ୍ଷରୁ ଦକ୍ଷତା ବିକାଶ ମନ୍ତ୍ରୀ ପ୍ରେମାନନ୍ଦ ନାୟକଙ୍କ ସହ ଆଲୋଚନା କରାଯାଇଛି। ପରିଷଦ ପକ୍ଷରୁ ୧୦ ଦଫା ଦାବି ସମ୍ପର୍କରେ ଶନିବାର ରାଜ୍ୟ ଅତିଥି ଭବନରେ ମନ୍ତ୍ରୀଙ୍କୁ ସାକ୍ଷାତ କରାଯାଇଥିଲା।

କେନ୍ଦୁଝର ଜିଲାରେ ଏକ ବୃହତ ଇସ୍ପାତ ଶିଳ୍ପ ସ୍ଥାପନ, ପ୍ରସ୍ତାବିତ ଚମ୍ପୁଆ-କେନ୍ଦୁଝର-ଆନନ୍ଦପୁର-ଧାମରା ରେଳପ୍ରକଳ୍ପ ତ୍ୱରାନ୍ୱିତ କରିବା, ଜିଲାର ନାମକୁ ସଂଶୋଧନ ଏବଂ ଧରଣୀଧର ମହାବିଦ୍ୟାଳୟକୁ ଏକକ ବିଶ୍ୱବିଦ୍ୟାଳୟକୁ ଉନ୍ନୀତ କରିବା ଭଳି ପ୍ରମୁଖ ଦାବି ରଖାଯାଇଥିଲା। ଏତଦ୍‌ବ୍ୟତୀତ ଜିଲାରେ ଆଞ୍ଚଳିକ ଦୂରଦର୍ଶନ କେନ୍ଦ୍ର ସ୍ଥାପନ, ପ୍ରସାରଣ କେନ୍ଦ୍ର ପ୍ରତିଷ୍ଠା, ୨୦୦୯ରୁ ମଞ୍ଜୁର ହୋଇଥିବା ଆଞ୍ଚଳିକ ବିଜ୍ଞାନ କେନ୍ଦ୍ରକୁ ତ୍ୱରାନ୍ୱିତ କରିବା, ଘଟଗାଁ ନିକଟସ୍ଥ ଆଦିବାସୀ ସଂଗ୍ରହାଳୟକୁ ତୁରନ୍ତ ସ୍ଥାପନ କରିବା ସହ ୨୦୧୮ରୁ ମଞ୍ଜୁର ହୋଇଥିବା ପ୍ଲାନେଟୋରିୟମ ତୁରନ୍ତ ସ୍ଥାପନ ପାଇଁ ମନ୍ତ୍ରୀଙ୍କୁ ଅନୁରୋଧ କରାଯାଇଛି। କେନ୍ଦୁଝରର ସମସ୍ତ ଆଦିବାସୀ ଗାଁକୁ ସବୁଦିନିଆ ରାସ୍ତା ନିର୍ମାଣ ଏବଂ ଖଣି କାର୍ଯ୍ୟ ଦ୍ୱାରା ବିସ୍ଥାପିତ ଜନସାଧାରଣଙ୍କୁ ସମସ୍ତ ମୌଳିକ ସୁବିଧା ଯୋଗାଇ ଦେବା ପାଇଁ ମନ୍ତ୍ରୀଙ୍କୁ ପରିଷଦ ପକ୍ଷରୁ ବିଶେଷ ଅନୁରୋଧ କରାଯାଇଛି। ପରିଷଦ ପକ୍ଷରୁ ପ୍ରଦୀପ କୁମାର ଦାସଙ୍କ ନେତୃତ୍ୱରେ ଡମ୍ବରୁଧର ଘଣା, ଆଲୋକ କୁମାର ବେହୁରା, ଜ୍ୟୋତି ରଞ୍ଜନ ମିଶ୍ର ଏବଂ ବିନୋଦ କୁମାର ସିଂ ପ୍ରମୁଖ ମନ୍ତ୍ରୀଙ୍କୁ ସାକ୍ଷାତ କରିଥିଲେ।

ପ୍ରଥମ ପୃଷ୍ଠାରୁ...

## ଏନ୍‌ଆଇଟି ପ୍ରଫେସର...

ଶୁକ୍ରବାର ରାତିରେ ପଡିଶା ଘର ଲୋକେ ଭୋଗ ନେଇ ବାଲାନଙ୍କ ଘରକୁ ଆସିଥିଲେ। ହେଲେ ଭିତର ପଟୁ କବାଟ ବନ୍ଦ ରହିଥିଲା। ତାଙ୍କୁ ବହୁବାର ଡାକିବା ପରେ ମଧ୍ୟ କବାଟ ଖୋଲି ନ ଥିଲା। ଏଣୁ ସନ୍ଦେହ କରି ଭୋଗ ନେଇ ଆସିଥିବା ଉକ୍ତ ପଡୋଶୀ ସୁରକ୍ଷା କର୍ମୀ ଓ ପୋଲିସକୁ ଖବର ଦେଇଥିଲେ। ରାତି ୧୧ଟା ୪୫ରେ ପୋଲିସ ପହଞ୍ଚି ଘର କବାଟ ଭାଙ୍ଗିଥିଲା। ଅଲଗା ଅଲଗା ପଡିଥିବା ସ୍ୱାମୀ ସ୍ତ୍ରୀଙ୍କ ମୃତଦେହକୁ ପୋଲିସ ଉଦ୍ଧାର କରି ଘର ସିଲ୍ କରିଥିଲା। ମିଳିଥିବା ସୁଇସାଇଡ ନୋଟରୁ ଜଣାପଡିଛି ଯେ, ଏମାନେ ନିଜ ମୃତ୍ୟୁ ପାଇଁ କାହାକୁ ଦାୟୀ କରି ନାହାନ୍ତି। ତେବେ ବାଲାନ ଦମ୍ପତିଙ୍କ ପିଲାପିଲି ନ ଥିବା ବେଳେ ଉଭୟ ମାନସିକ ଚାପରେ ରହୁଥିଲେ ବୋଲି ଶୁଣାଯାଉଛି। ୨୦୧୧ରେ ଏନ୍‌ଆଇଟିରେ ଯୋଗ ଦେଇଥିବା ବାଲାନ ଲାଇଫ ସାଇନ୍ସ ପ୍ରଫେସର ଭାବେ କାର୍ଯ୍ୟ କରୁଥିବା ବେଳେ ତାଙ୍କ ସ୍ତ୍ରୀ ଏକ ଘରୋଇ ଡାକ୍ତରଖାନାରେ ଡାଏଟିସିଆନ ଭାବେ କାର୍ଯ୍ୟ କରୁଥିଲେ। ଉଭୟ ବାଲାନ ଦମ୍ପତିଙ୍କ ଆଚରଣ ବହୁତ ଭଲ ବୋଲି ପଡ଼ୋଶୀ ମତବ୍ୟକ୍ତ କରିଛନ୍ତି। ଉଚ୍ଚାରଣକୁ ନେଇ ପାଖ ପଡୋଶୀ ସନ୍ତୋଷବ୍ୟକ୍ତ କରିଛନ୍ତି। କେଉଁ ପରିସ୍ଥିତିରେ ସ୍ୱାମୀ ସ୍ତ୍ରୀ ଆତ୍ମହତ୍ୟା କରିଛନ୍ତି କିମ୍ବା ଏହା ପଛରେ ଅନ୍ୟ କିଛି କାରଣ ରହିଛି ସେ ନେଇ ପୋଲିସ ତନାଘନା ଆରମ୍ଭ କରିଛି। ଏସ୍‌ପି ସାର୍ଥକ ଷଡଙ୍ଗୀ କହିଛନ୍ତି ଯେ, ଘଟଣାକୁ ଗୁରୁତର ସହ ନିଆଯାଇଛି। ପ୍ରାଥମିକ ତଦନ୍ତରୁ ଏହା ଏକ ଆତ୍ମହତ୍ୟା ଜଣା ପଡିଥିଲେ ବି ସବୁ ଦିଗରୁ ତଦନ୍ତ କରାଯିବ।

## ଗଗନ ଧଳ...

କରାଯାଇଥିଲା। ଉପରୋକ୍ତ ପଦପଦବୀ ବ୍ୟତୀତ ଅସିତ ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ ଏବଂ ଓଆର୍‌ଏସ୍‌ଏସିର ଅଧ୍ୟକ୍ଷଭାବେ ଅତିରିକ୍ତ ଦାୟିତ୍ୱ ତୁଲାଇପାରିବେ। ସୋମବାର ମୁଖ୍ୟ ଶାସନ ସଚିବ ଆଦିତ୍ୟ ପ୍ରସାଦ ପାଢୀଙ୍କ ଶେଷ ସରକାରୀ କାର୍ଯ୍ୟଦିବସ ହେବ। ଅପରପକ୍ଷରେ ଜଙ୍ଗଲ ଓ ପରିବେଶ ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ(ଏସିଏସ୍)ଥିବା ସୁରେଶ ଚନ୍ଦ୍ର ମହାପାତ୍ରଙ୍କୁ ଯୋଜନା ଓ ସଂଯୋଜନା ବିଭାଗର କମିଶନର ତଥା ଏସିଏସ୍ ଭାବେ ଦାୟିତ୍ୱ ଦିଆଯାଇଛି। ସୁରେଶଙ୍କୁ ଦୁଇ ଦିନ ପୂର୍ବେ ଉନ୍ନୟନ କମିଶନର ଭାବେ ମଧ୍ୟ ନିଯୁକ୍ତି ଦିଆଯାଇଥିଲା। ଏତଦ୍‌ବ୍ୟତୀତ ସେ ଶ୍ରୀମନ୍ଦିର ପ୍ରଶାସନର କାର୍ଯ୍ୟକାରୀ ଅଧ୍ୟକ୍ଷ ଭାବେ ଅତିରିକ୍ତ ଦାୟିତ୍ୱ ତୁଲାଇବେ। ଗୋପବନ୍ଧୁ ପ୍ରଶାସନିକ ଏକାଡେମୀ ନିର୍ଦ୍ଦେଶକ ଦାୟିତ୍ୱ ତୁଲାଉଥିବା ସୁଦର୍ଶନ ପାଲ ଠାକୁରଙ୍କୁ କୋରାପୁଟସ୍ଥିତ କେବିକେ ପ୍ରଶାସନର ଅତିରିକ୍ତ ଦାୟିତ୍ୱ ଦିଆଯାଇଛି। ସେହିପରି ଏପିସି ଭାବେ ନିଯୁକ୍ତି ପାଇଥିବା ପ୍ରଦୀପ୍ତ କୁମାର ମହାପାତ୍ର ସ୍କୁଲ ଓ ଗଣଶିକ୍ଷା ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ଭାବେ ଅତିରିକ୍ତ ଦାୟିତ୍ୱ ତୁଲାଇବେ। ଗ୍ରାମ୍ୟ ଉନ୍ନୟନ ବିଭାଗର ପ୍ରମୁଖ ସଚିବ ମୋନା ଶର୍ମା ଜଙ୍ଗଲ ଓ ପରିବେଶ ବିଭାଗର ପ୍ରମୁଖ ସଚିବ ଭାବେ ଅତିରିକ୍ତ ଦାୟିତ୍ୱ ତୁଲାଇବେ। ଶିଳ୍ପ ବିଭାଗ ପ୍ରମୁଖ ସଚିବ ସଞ୍ଜୀବ ଚୋପ୍ରାଙ୍କୁ ଗୁରୁତ୍ୱପୂର୍ଣ୍ଣ ଗୃହ ବିଭାଗର ଅତିରିକ୍ତ ଦାୟିତ୍ୱ ପ୍ରଦାନ କରାଯାଇଛି। ପୂର୍ତ୍ତ ବିଭାଗର କମିଶନର ତଥା ସଚିବ ଡକ୍ଟର କ୍ରିଷନ କୁମାର ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ, ପୁରୀ-କୋଣାର୍କ ଉନ୍ନୟନ କର୍ତ୍ତୃପକ୍ଷର ଅଧ୍ୟକ୍ଷ ଭାବେ ଅତିରିକ୍ତ ଦାୟିତ୍ୱ ତୁଲାଇବେ। ସିଆର୍‌ସି ତଥା ବାଣିଜ୍ୟ ଓ ପରିବହନ ବିଭାଗର ସ୍ୱତନ୍ତ୍ର ସଚିବ ଭାବେ କାର୍ଯ୍ୟ କରୁଥିବା ମନୋଜ କୁମାର ମିଶ୍ର(ଆଇଆର୍‌ଟିଏସ୍)ଇଲେକ୍‌ଟ୍ରୋନିକ୍ସ ଏବଂ ସୂଚନା ପ୍ରଯୁକ୍ତିବିଦ୍ୟା ବିଭାଗର ଭାରପ୍ରାପ୍ତ ସଚିବ ଭାବେ ଦାୟିତ୍ୱ ତୁଲାଇବେ। ସେହିପରି ଏହି ବିଭାଗର ସ୍ୱତନ୍ତ୍ର ସଚିବ ଥିବା ରୁଦ୍ର ନାରାୟଣ ପଲାଇ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗର ସ୍ୱତନ୍ତ୍ର ସଚିବ ଭାବେ ନିଯୁକ୍ତି ପାଇଛନ୍ତି।

## ଶ୍ରୀମନ୍ଦିର ଚତୁଃପାର୍ଶ୍ୱ ଉଚ୍ଛେଦ ପ୍ରସଙ୍ଗ

# ବିରୋଧ ଯେତିକି, ସ୍ୱାଗତ ସେତିକି



■ **କୋର୍ଟ ଯିବାକୁ ବିରୋଧୀଙ୍କ ଧମକ, ଜନଶୁଣାଣି ଦାବି**

■ **ଶୃଙ୍ଖଳିତ ଶ୍ରୀମନ୍ଦିର ପରିକ୍ରମା, ସୁରକ୍ଷା, ସୌନ୍ଦର୍ଯ୍ୟକୁ ଅନେକଙ୍କ ଗୁରୁତ୍ୱ**

ପୁରୀ ଅଫିସ, ୧୭।୮

ରାଜ୍ୟ ସରକାରଙ୍କ ଫୋକସରେ ପୁରୀ। ନିକଟରେ ପୁରୀ ସହରର ବିକାଶ ପାଇଁ ୨୬୫ କୋଟି ଟଙ୍କାର ପ୍ରକଳ୍ପ ଘୋଷଣା କରିବା ପରେ ପରେ ଏବେ ସହରର ଚିତ୍ର ବଦଳାଇବାକୁ କରିଛନ୍ତି ଯୋଜନା। ଏଥିପାଇଁ ଶୁକ୍ରବାର ରାଜ୍ୟ କ୍ୟାବିନେଟରେ ନିଆଯାଇଛି ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି। ଜଷ୍ଟିସ ବି.ପି. ଦାସ କମିଶନଙ୍କ ସୁପାରିସ ଅନୁଯାୟୀ, ଶ୍ରୀମନ୍ଦିରର ସୁରକ୍ଷା ଲାଗି ମେଘନାଦ ପାଚେରି ଚତୁଃପାର୍ଶ୍ୱର ୭୫ ମିଟର ପରିଧି ମଧ୍ୟରେ ଥିବା ସବୁ ନିର୍ମାଣ ଉଚ୍ଛେଦ କରାଯିବାକୁ କ୍ୟାବିନେଟ ଅନୁମୋଦନ ମିଳିଛି। ଉଚ୍ଛେଦ ପାଇଁ ଆବଶ୍ୟକ ସର୍ଭେ ଏବଂ ଜମି ଅଧିଗ୍ରହଣ ଲାଗି ପୁରୀ ଜିଲାପାଳଙ୍କୁ ଦାୟିତ୍ୱ ଦିଆଯାଇଛି। ଏହି ନିଷ୍ପତ୍ତି କାର୍ଯ୍ୟକାରୀ କରିବାକୁ ହେଲେ କ୍ଷତିଗ୍ରସ୍ତ ଲୋକେ ଏବଂ ସଂସ୍ଥାକୁ ଥଇଥାନ କରାଯିବା ସହିତ କ୍ଷତିପୂରଣ ଦିଆଯିବ। ହେଲେ ଏହି ଉଚ୍ଛେଦ ନିଷ୍ପତ୍ତିକୁ କ୍ଷତିଗ୍ରସ୍ତ ହେବାକୁ ଥିବା ଲୋକେ, ଶ୍ରୀମନ୍ଦିରର ସେବାୟତ ଓ ଶ୍ରୀଜଗନ୍ନାଥ ସେନା ପକ୍ଷରୁ ବିରୋଧ କରାଯାଉଥିବା ବେଳେ ଶ୍ରୀମନ୍ଦିରର ସୁରକ୍ଷା ଭଳି ବୃହତ୍ତର ସ୍ୱାର୍ଥ ଦୃଷ୍ଟିରୁ ଅନେକେ ସ୍ୱାଗତ କରୁଛନ୍ତି।

ବିରୋଧ କରୁଥିବା ଲୋକମାନଙ୍କ କହିବା କଥା ହେଉଛି ମଠ, ମନ୍ଦିରକୁ ନେଇ ହିଁ ପୁରୀ ସହର ସମୃଦ୍ଧ। ସରକାରଙ୍କ ଏହି ନିଷ୍ପତ୍ତି ଦ୍ୱାରା ପ୍ରାୟ ୧୦ରୁ ଊର୍ଦ୍ଧ୍ୱ ମଠ, ବହୁସଂଖ୍ୟକ ମନ୍ଦିର, ଶହ ଶହ ଦୋକାନ, ବାସଗୃହ ଓ ସେବାୟତଙ୍କ ଘର ଭାଙ୍ଗିବ। ବିଶେଷ କରି ଶ୍ରୀମନ୍ଦିର ପୂର୍ବ ପାର୍ଶ୍ୱରେ ଥିବା ସିଂହଦ୍ୱାର ଥାନା, ସୂଚନା କେନ୍ଦ୍ର, ଫାଣ୍ଡି, ଦୋଳବେଦି କୋଣ ବଜାର, ଦୋଳବେଦି ଡାକ୍ତରଖାନା, ପ୍ରତିହାରୀ ସ୍ୱାଧ୍ୟାୟ କେନ୍ଦ୍ର, ରାମଦୟା ପରିଷଦ, ଏମାର ମଠ, କାକୁଡ଼ିଖାଇ ଠାକୁରାଣୀଙ୍କ ମନ୍ଦିର, ଲଙ୍ଗୁଳି ମଠ, ବଡ଼ ଆଖଡା ମଠ, ସାନଛତା ମଠ, ପଶ୍ଚିମ ପାର୍ଶ୍ୱରେ ଥିବା ବାସେଳୀ ଠାକୁରାଣୀଙ୍କ ମନ୍ଦିର, ନେପାଳ ଭବନ, ପ୍ରତିହାରୀ ଭବନ, ମଣିପୁର ଆଶ୍ରମ, ବିଷ୍ଣୁ ଭବନ, କାଶୀନାଥ ଭବନ, ଲକ୍ଷ୍ମୀ ଭବନ, ରାମ ଭବନ, ସୀତା ଭବନ, ଭଗବତୀ କୋଟ, ରଘୁନାଥ ଅତିଥି ବିହାର, ଉତ୍ତର ପାର୍ଶ୍ୱରେ ଥିବା ଗୋପୀନାଥ ଭବନ, ପାଣି ଟାଙ୍କି, ରେବେସୋ ମଠ, ଗୋପାଳ ଭବନ, ତ୍ରିମାଳୀ ମଠ, ତୋରାଣୀ ଛତ୍ର ମଠ, ଉତ୍ତର ପାର୍ଶ୍ୱ ମଠ ଓ ଦକ୍ଷିଣ ପାର୍ଶ୍ୱରେ ଥିବା ଦକ୍ଷିଣପାର୍ଶ୍ୱ ମଠ, ରାଘବ ଦାସ ମଠ, କୌଶଲ୍ୟା ଦାସ ମଠ, ପଞ୍ଜାବୀ ମଠ, ଭରତ ମହଲା, କପାଳମୋଚନ ମନ୍ଦିର, ଶୌଚାଳୟ, ପମ୍ପ ହାଉସ୍ ଭାଙ୍ଗିବାକୁ ପଡିବ।

ଶ୍ରୀଜଗନ୍ନାଥ ସେନାର ଆବାହକ ପ୍ରିୟଦର୍ଶନ ପଟ୍ଟନାୟକ କହିଛନ୍ତି, ସରକାର କ'ଣ ପାଇଁ ହଠାତ୍ ଏଭଳି ଜମି ଅଧିଗ୍ରହଣ ପାଇଁ ମନ ବଳାଇଛନ୍ତି ଏହା ପ୍ରଥମେ ସ୍ପଷ୍ଟ କରିବା ଦରକାର। ଯଦି ଶ୍ରୀମନ୍ଦିରର ସୁରକ୍ଷା ପାଇଁ ଏହା କରାଯାଉଛି ତେବେ ପ୍ରଥମେ ଶ୍ରୀମନ୍ଦିରକୁ ନୋ ଫ୍ଲାଇଂ ଜୋନ ଘୋଷଣା କରାଯାଉ। ମଠ, ମନ୍ଦିରକୁ ନେଇ ପୁରୀ ସହରର ଐତିହ୍ୟ ସମୃଦ୍ଧ। ହେଲେ ସରକାର ଐତିହ୍ୟକୁ ଭାଙ୍ଗିରୁଜି ଦେବାକୁ ମନସ୍ଥ କରିଛନ୍ତି। ଅନ୍ୟପକ୍ଷରେ ଏହି ନିଷ୍ପତ୍ତି ନେବା ପୂର୍ବରୁ ଜନଶୁଣାଣି କରାଯାଇ ନାହିଁ ବୋଲି ପ୍ରିୟଦର୍ଶନ କହିଛନ୍ତି।

ଶ୍ରୀମନ୍ଦିରର ବରିଷ୍ଠ ସେବାୟତ ବିନାୟକ ଦାସମହାପାତ୍ର କହିଛନ୍ତି, ସରକାର ଏକପାଖିଆ ଭାବେ ତାଙ୍କ ନିଷ୍ପତ୍ତି ପୁରୀବାସୀଙ୍କ ଉପରେ ଲଦି ଦେଉଛନ୍ତି। ଶ୍ରୀମନ୍ଦିରର ଭୌଗୋଳିକ ସ୍ଥିତିକୁ ଅନୁଧ୍ୟାନ ନ କରି ୭୫ ମିଟର ମଧ୍ୟରେ ଯାହା ଆସିବ ତାହା ଭଙ୍ଗାଯିବା ଗ୍ରହଣୀୟ ନୁହେଁ। ପୁରୁଷ ପୁରୁଷ ଧରି ଘର କରି ରହିଥିବା ଲୋକଙ୍କୁ ସେମାନଙ୍କ ଭିଟାମାଟିରୁ ଉଚ୍ଛେଦକୁ କେବେ ବରଦାସ୍ତ କରାଯିବ ନାହିଁ। ବ୍ୟକ୍ତିଗତ ଭାବେ ସେ ଏହି ନିଷ୍ପତ୍ତି ବିରୋଧରେ ସୁପ୍ରିମ୍‌କୋର୍ଟ ଯିବେ ବୋଲି ବିନାୟକ କହିଛନ୍ତି।

ସହର ବାସିନ୍ଦା ପ୍ରସନ୍ନ ସାହୁ କହିଛନ୍ତି, ଯଦି ଶ୍ରୀମନ୍ଦିରର ସୁରକ୍ଷା ଏବଂ ଭକ୍ତଙ୍କ ଶୃଙ୍ଖଳିତ ଦର୍ଶନ ପାଇଁ ସରକାର ଏହି ନିଷ୍ପତ୍ତି ନେଇଥାନ୍ତି ତା'ହେଲେ ସ୍ୱାଗତଯୋଗ୍ୟ। କିନ୍ତୁ ଏଥିପାଇଁ ଜନଶୁଣାଣି କରାଯିବା ଦରକାର। କ୍ଷତିଗ୍ରସ୍ତ ଲୋକଙ୍କ ମତାମତ ନିଆଯିବା ଉଚିତ। ଯଦି ସେମାନେ ଏଥିରେ ସହମତି ପ୍ରକାଶ କରୁଛନ୍ତି ତେବେ ସରକାର ଆବଶ୍ୟକ ଥଇଥାନ ଏବଂ କ୍ଷତିପୂରଣ ଦେଇ ଏ ଦିଗରେ ଆଗେଇବା ଉଚିତ। ନଚେତ୍ ଏହାକୁ ନେଇ ଲୋକେ ଆନ୍ଦୋଳନକୁ ଓହ୍ଲାଇପାରନ୍ତି।

ଐତିହ୍ୟ ବିଶାରଦ ଡ. ସୁରେନ୍ଦ୍ର କୁମାର ମିଶ୍ର କୁହନ୍ତି, ଏହି ଯୋଜନା ୨୦୧୫ ନବକଳେବର ପୂର୍ବରୁ ପ୍ରସ୍ତୁତ ହୋଇଥିଲା। ଶ୍ରୀମନ୍ଦିରର ସୁରକ୍ଷା ଦୃଷ୍ଟିରୁ ଏହା ଯେତିକି ଆବଶ୍ୟକ, ସୌନ୍ଦର୍ଯ୍ୟ ଦୃଷ୍ଟିରୁ ମଧ୍ୟ ସେତିକି ଆବଶ୍ୟକ। ଏହାଦ୍ୱାରା ଶ୍ରୀମନ୍ଦିର ପରିକ୍ରମା ବିଧାନ ଶୃଙ୍ଖଳିତ ଭାବେ ହୋଇପାରିବ। ଏଭଳି ବ୍ୟବସ୍ଥା କେରଳର ଥିରୁଭାନନ୍ତପୁରମ୍, ତାମିଲନାଡୁର ମଦୁରାଇଠାରେ ହୋଇଛି। ଏହାର ଆବଶ୍ୟକତାକୁ ଶ୍ରୀମନ୍ଦିର ପକ୍ଷରୁ ଆୟୋଜିତ ଅନୁଭବ ଯାତ୍ରାରେ ଯାଇଥିବା ସଦସ୍ୟମାନେ ପ୍ରତ୍ୟକ୍ଷ କରିଛନ୍ତି। ତେଣୁ ସରକାରଙ୍କ ଏହି ନିଷ୍ପତ୍ତି କାର୍ଯ୍ୟକାରୀ ହେବା ଜରୁରୀ, ମାତ୍ର ୭୫ ମିଟର ନ ହୋଇ ଆଉ କମ୍ ହେଲେ ବି ଚଳିବ। ସହରର ଅନ୍ୟତମ ବାସିନ୍ଦା ମହେନ୍ଦ୍ର ବିଶୋଇ କହିଛନ୍ତି, ସରକାରଙ୍କ ଏହି ନିଷ୍ପତ୍ତି ସ୍ୱାଗତଯୋଗ୍ୟ। ଏହାଦ୍ୱାରା ପର୍ଯ୍ୟଟନ ଶିଳ୍ପର ମାନ ବୃଦ୍ଧିହେବା ସହିତ ଭକ୍ତମାନେ ସ୍ୱଚ୍ଛନ୍ଦରେ ଶ୍ରୀମନ୍ଦିର ଚତୁଃପାର୍ଶ୍ୱ ପରିଭ୍ରମଣ କରିପାରିବେ ଏବଂ ସୁଖଦ ଅନୁଭୂତି ନେଇ ଫେରିବେ। ଏଥିପାଇଁ ସହରବାସୀଙ୍କୁ କିଛି ତ୍ୟାଗ କରିବାକୁ ପଡିବ। ଏହା ସରକାରଙ୍କ ଏକ ପୂର୍ବ ପରିକଳ୍ପନା।



ଭୁବନେଶ୍ୱର ଲୋକସେବା ଭବନରେ ଶନିବାର ବିଜେଡିର ନୂତନ ଅଧ୍ୟକ୍ଷ ଦାୟିତ୍ୱ ପାଇବା ପରେ ନେତାମାନେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ଶୁଭେଚ୍ଛା ଜଣାଉଛନ୍ତି।

# ଭିଜିଲାନ୍ସ ଜାଲରେ ଜିଲା ଯୋଗାଣ ଅଧିକାରୀ



ମାଲକାନଗିରି, ୧୭।୮ (ଡି.ଏନ୍.ଏ.)

ମାଲକାନଗିରି ଜିଲା ଯୋଗାଣ ଅଧିକାରୀ ଅଭିମନ୍ୟୁ ମହାନ୍ତି ଭିଜିଲାନ୍ସ ହାତରେ ଧରା ପଡିଛନ୍ତି। ଶନିବାର ସନ୍ଧ୍ୟାରେ ସେ ବ୍ରହ୍ମପୁରକୁ କାରରେ ଯାଉଥିଲେ। ଗୋବିନ୍ଦପାଲି ଘାଟି ନିକଟରେ ଜୟପୁର ଏସ୍‌ପି ଶଶିଭୂଷଣ ମହାପାତ୍ରଙ୍କ ତତ୍ତ୍ୱାବଧାନରେ ଏକ ଟିମ୍ ଗାଡିକୁ ଅଟକାଇ ଯାଞ୍ଚ କରିଥିଲେ। ଯାଞ୍ଚ ବେଳେ ସେଥିରୁ ୧ ଲକ୍ଷ ୯୦ ହଜାର ଟଙ୍କା ଜବତ ହୋଇଥିଲା। ତାଙ୍କର ବ୍ରହ୍ମପୁରରେ ଥିବା ବାସଭବନ ଏବଂ ଅନ୍ୟାନ୍ୟ ସ୍ଥାବର ଅସ୍ଥାବର ସମ୍ପତ୍ତି ନେଇ ଏକକାଳୀନ ଚଢାଉ ଚାଲିଛି। ଜୟପୁର ଭିଜିଲାନ୍ସ ଅଫିସରେ ମହାନ୍ତିଙ୍କୁ ପଚରାଉଚୁରା କରାଯାଉଛି। ଏନେଇ ମହାନ୍ତିଙ୍କୁ ପଚାରିବାରୁ ସେ କହିଲେ ଯେ, ଘଟଣାର କିଛି ସତ୍ୟତା ନାହିଁ। ଜବତ ଟଙ୍କା କାହାର ପରେ ଜଣାପଡିବ ବୋଲି କହିଥିଲେ। ଏ ସମ୍ପର୍କରେ ଡିଏସ୍‌ପି ସୁଶାନ୍ତ ବିଶ୍ୱାଳଙ୍କୁ ପଚାରିବାରୁ ସେ କହିଛନ୍ତି ଯେ, କାଗଜପତ୍ର ଯାଞ୍ଚ ପରେ ଆଇନ ଅନୁଯାୟୀ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ। ଜିଲା ଯୋଗାଣ ଅଧିକାରୀ ମହାନ୍ତିଙ୍କ ଚାକିରି କାଳ ଆଉ ୨ମାସ ଥିଲା। ତାଙ୍କ ନାମରେ ପୂର୍ବରୁ ଦୁର୍ନୀତି ଅଭିଯୋଗ ରହିଥିଲା।

## ରାଜ୍ୟ ଆର୍ଦ୍ରଭୂମି ପ୍ରାଧିକରଣର ପ୍ରଥମ ବୈଠକ

# ଚିଲିକା, ଅଂଶୁପାର ସମନ୍ୱିତ ପରିଚାଳନା ପାଇଁ ୫ ବର୍ଷିଆ କାର୍ଯ୍ୟ ଖସଡ଼ା ଅନୁମୋଦିତ

ଭୁବନେଶ୍ୱର, ୧୭।୮ (ବ୍ୟୁରୋ)

ରାଜ୍ୟ ଆର୍ଦ୍ରଭୂମି ପ୍ରାଧିକରଣର ପ୍ରଥମ ବୈଠକ ଶନିବାର ଲୋକସେବା ଭବନଠାରେ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ଚିଲିକା ଓ ଅଂଶୁପା ହ୍ରଦର ସମନ୍ୱିତ ପରିଚାଳନା ନିମନ୍ତେ ପାଞ୍ଚ ବର୍ଷିଆ କାର୍ଯ୍ୟ ଖସଡ଼ା ଅନୁମୋଦିତ ହୋଇଛି। ୨୦୧୯ରୁ ୨୦୨୪ ପର୍ଯ୍ୟନ୍ତ ଚିଲିକା ହ୍ରଦ ପାଇଁ ୧୫୮ କୋଟି ଟଙ୍କାର ବ୍ୟୟ ଅଟକଳ ଅନୁମୋଦିତ ହୋଇଛି। ଏହା କାର୍ଯ୍ୟକାରୀ ହେଲେ ଚିଲିକା ପାର୍ଶ୍ୱରେ ଥିବା ୧୫୧ଟି ଗ୍ରାମର ପ୍ରାୟ ୨ ଲକ୍ଷ ମତ୍ସ୍ୟଜୀବୀଙ୍କୁ ଜୀବିକା ମିଳିବା ସହିତ ଚହ୍ରଦର ପରିବେଶ ସନ୍ତୁଳନ ମଧ୍ୟ ରକ୍ଷା କରାଯାଇ ପାରିବ। ସେହିପରି ଅଂଶୁପା ହ୍ରଦ ପାଇଁ ମଧ୍ୟ ୨୧ କୋଟି ୨୩ ଲକ୍ଷ ଟଙ୍କା ବ୍ୟୟ ଅଟକଳ ହୋଇଛି। ଏହାଦ୍ୱାରା ୨ ଗ୍ରାମର ୨୫୦ ଜଣ ମତ୍ସ୍ୟଜୀବୀ ଉପକୃତ ହେବେ। ଚିଲିକା ହ୍ରଦରୁ ଗତ ଦୁଇବର୍ଷ ମଧ୍ୟରେ ୧୭୨ ବର୍ଗ କିଲୋମିଟର ଜବରଦଖଲ ମୁକ୍ତ କରାଯାଇଛି। ଫଳରେ ଚିଲିକାର ମତ୍ସ୍ୟ ଉତ୍ପାଦନ ୨୦ ପ୍ରତିଶତ ବୃଦ୍ଧି ପାଇଛି ବୋଲି ବୈଠକରେ ସୂଚନା ଦିଆଯାଇଛି। ଜଙ୍ଗଲ ଓ ପରିବେଶ ମନ୍ତ୍ରୀ ବିକ୍ରମ କେଶରୀ ଆରୁଖଙ୍କ ଅଧକ୍ଷତାରେ ଅନୁଷ୍ଠିତ ବୈଠକରେ ବିଭାଗୀୟ ଅତିରିକ୍ତ ମୁଖ୍ୟ ଶାସନ ସଚିବ ସୁରେଶ ଚନ୍ଦ୍ର ମହାପାତ୍ର ରାଜ୍ୟ ଆର୍ଦ୍ରଭୂମି ପ୍ରାଧିକରଣ ଗଠନର ଆଭିମୁଖ୍ୟ, ଲକ୍ଷ୍ୟ ଏବଂ ଆର୍ଦ୍ରଭୂମିର ସୁରକ୍ଷା ଓ ପରିଚାଳନା ନିମନ୍ତେ ଜାତୀୟ ଗ୍ରୀନ୍‌ଟ୍ରିବ୍ୟୁନାଲ୍ ଦେଇଥିବା ନିର୍ଦ୍ଦେଶ ସମ୍ପର୍କରେ କହିଥିଲେ। ପରିବେଶ ନିର୍ଦ୍ଦେଶକ ତଥା ସ୍ୱତନ୍ତ୍ର ଶାସନ ସଚିବ ଡ. କେ. ମୁରୁଗେସାନ୍, ଚିଲିକା ଉନ୍ନୟନ କର୍ତ୍ତୃପକ୍ଷଙ୍କ ମୁଖ୍ୟ କାର୍ଯ୍ୟନିର୍ବାହୀ ସୁଶାନ୍ତ ନନ୍ଦଙ୍କ ସମେତ ଜଳସମ୍ପଦ ବିଭାଗ ପ୍ରମୁଖ ଶାସନ ସଚିବ ପ୍ରଦୀପ କୁମାର ଜେନା, ଓରସାକ୍ ମୁଖ୍ୟ କାର୍ଯ୍ୟନିର୍ବାହୀ ପ୍ରଫୁଲ୍ଲ କୁମାର ମଲ୍ଲିକଙ୍କ ସମେତ ବୈଷୟିକ ବିଶେଷଜ୍ଞ, ଉପଦେଷ୍ଟା ଏବଂ ଜଙ୍ଗଲ ଓ ପରିବେଶ ବିଭାଗର ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ଥିଲେ। ସୂଚନାଯୋଗ୍ୟ, ରାଜ୍ୟରେ ଥିବା ପ୍ରମୁଖ ଆର୍ଦ୍ରଭୂମି ପରିସଂସ୍ଥାନଗୁଡ଼ିକର ସୁରକ୍ଷା ତଥା ସଂରକ୍ଷଣ ଏବଂ ଏହାର ସମ୍ପୂର୍ଣ୍ଣ ସୁପରିଚାଳନା ପାଇଁ ୨୦୧୭ ସେପ୍ଟେମ୍ବର ୨୬ରେ ରାଜ୍ୟ ଆର୍ଦ୍ରଭୂମି ପ୍ରାଧିକରଣର ପୁନର୍ଗଠନ କରାଯାଇଛି। ଦେଶର ଖାଦ୍ୟ, ଜଳ ଓ ଜଳ ବାୟୁ ସ୍ଥିରତା ନିଶ୍ଚିତ କରିବା ଦିଗରେ ଆର୍ଦ୍ରଭୂମିଗୁଡ଼ିକର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି।

## ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ

**ମେଷ**
କୃତ୍ତିକା ନକ୍ଷତ୍ର କର୍ମକ୍ଷେତ୍ରରେ ମଧ୍ୟ ସ୍ୱାଧୀନ ଭାବରେ କାର୍ଯ୍ୟ କରିବାର ସୁଯୋଗ ପାଇବେ। ସ୍ୱାସ୍ଥ୍ୟ ଓ ପାରିବାରିକ ସ୍ଥିତିରେ ଆଂଶିକ ଉନ୍ନତି ଦେଖାଦେବ। ଶତ୍ରୁମାନେ ସୁଯୋଗ ଅପେକ୍ଷାରେ ରହିଲେ ମଧ୍ୟ କିଛି କରିପାରିବେ ନାହିଁ। ପଡ଼ୋଶୀଙ୍କ ସହ ସମ୍ପର୍କ ଭଲ ରହିବ। ପ୍ରତୀକ୍ଷିତ ସ୍ଥାନରୁ ଶୁଭଖବର ପାଇ ଉଲ୍ଲସିତ ହେବେ।

**ବୃଷ**
ମୃଗଶିରା ନକ୍ଷତ୍ରର ବନ୍ଧୁଙ୍କ ସହ ମନୋମାଳିନ୍ୟ ଯୋଗୁ ମନ ଉଦାସ ରହିବା ଆଶଙ୍କା ରହିଛି। ଯେତେ ପ୍ରକାରର ଚେଷ୍ଟାକଲେ ମଧ୍ୟ ଏହି ସମୟରେ ସରକାରୀ ସ୍ତରରେ ହାରିଗୁହାରି କିଏ ବୁଝିବେ ନାହିଁ। ବାଣିଜ୍ୟ, ବ୍ୟବସାୟ ଓ ସାହିତ୍ୟ, କଳା,ବୈଷୟିକ କ୍ଷେତ୍ରରୁ ପ୍ରଶଂସିତ ହେବେ। ସ୍ୱାସ୍ଥ୍ୟ ସମସ୍ୟା ନେଇ ଚିନ୍ତିତ ରହିପାରନ୍ତି।

**ମିଥୁନ**
ଆରଦ୍ରା ନକ୍ଷତ୍ର ଯେଉଁ କାମରେ ହାତ ଦିଅନ୍ତୁ ନା କାହିଁକି ତାହା ସହଜ ଓ ସୁବିଧାରେ ସମ୍ପନ୍ନ ହୋଇପାରିବ। ହଠାତ୍ ଏକ ଭିନ୍ନ ପରିସ୍ଥିତିରେ କଥା କହୁ ନ ଥିବା ବନ୍ଧୁଟି ପାଖେଇ ଆସିପାରେ। ଅନ୍ୟଦ୍ୱାରା ପ୍ରେରିତ ହୋଇ ଦୂରସ୍ଥାନକୁ ଯାତ୍ରା କରିବାକୁ ଆହ୍ୱାନ ଆସିବା ସମ୍ଭାବନା ରହିଛି। ସାମାନ୍ୟ ବିଳମ୍ବରେ ଅଭିଳଷିତ ଅର୍ଥ ପାଇବେ।

**କର୍କଟ**
ଅଶ୍ଳେଷା ନକ୍ଷତ୍ର ଅଧିକାଂଶ ସମୟ ଅନ୍ୟମନସ୍କତା କାରଣରୁ କେତେକ ଭୁଲ୍ କରିପାରନ୍ତି। ମନ ଭଲ ନ ଥିବା କାରଣରୁ ସାମାନ୍ୟ କଥାରେ ସହକର୍ମୀଙ୍କ ସହ ତିକ୍ତତା ସୃଷ୍ଟି ହୋଇପାରେ। କରଜଦାତାଙ୍କ ଚାପ ବୃଦ୍ଧି ପାଇବା ହେତୁ ବିବ୍ରତବୋଧ କରିପାରନ୍ତି। ଖୋଜୁଥିବା ଜିନିଷ ହଠାତ୍ ପାଇଯିବାରୁ ଖୁସି ହୋଇପାରନ୍ତି।

**ସିଂହ**
ମଘା ନକ୍ଷତ୍ର ଜାତ ବ୍ୟକ୍ତିଙ୍କ ସକାଶେ ଅନ୍ୟମାନଙ୍କ କାର୍ଯ୍ୟକଳାପ ନିଜ ପାଇଁ ଅସନ୍ତୋଷ ସୃଷ୍ଟିକରିବ। କେତେକ ସ୍ଥଳେ ଗୁରୁଜନଙ୍କ ସାନ୍ତ୍ୱନାବାଣୀ ମନରେ ଆଶ୍ୱସ୍ତି ଭରିପାରେ। ସାମାଜିକ ସ୍ତରରେ ଗଠନମୂଳକ ପ୍ରସ୍ତାବ ଦେଇ କର୍ମକ୍ଷେତ୍ରରେ ପ୍ରଶଂସିତ ହେବେ। ପୁରାତନ ରୋଗର ପୀଡ଼ା ଆପଣଙ୍କ ଦୃଢ଼ତାକୁ କେତେକାଂଶରେ କ୍ଷୁଣ୍ଣ କରିପାରେ।

**କନ୍ୟା**
ଚିତ୍ରା ନକ୍ଷତ୍ର ସକାଶେ ଅନ୍ୟମାନଙ୍କ ଦୃଷ୍ଟିକୋଣର ଭିନ୍ନତା ଓ ଅସଂଗତ ବିଚାରଧାରା ଆପଣଙ୍କ ପାଇଁ ଅହିତକର ହୋଇପାରେ। କାର୍ଯ୍ୟକ୍ରମର ଗୁରୁତ୍ୱ ଦୃଷ୍ଟିରୁ କଠିନ ପରିଶ୍ରମ ଜନିତ କ୍ଲାନ୍ତି ଓ ଅବସାଦ ଅନୁଭବ କରିବାକୁ ପଡ଼ିବ। ପ୍ରତ୍ୟେକ କ୍ଷେତ୍ରରେ ଛୋଟ ଛୋଟ ଘଟଣା ପ୍ରତି ଗୁରୁତ୍ୱ ଦିଅନ୍ତୁ ନାହିଁ। ଘରେ ବନ୍ଧୁମିଳନ ଜନିତ ଆମୋଦ ପ୍ରମୋଦର ଆସର ଘଟିପାରେ।

**ତୁଳା**
ବିଶାଖା ନକ୍ଷତ୍ର କର୍ମକ୍ଷେତ୍ରରେ ଏକାଧିକ କାମ ହାତକୁ ନେଇ ବ୍ୟଥିତ ହେବେ। ଆଜିର ଯାତ୍ରାରେ ସଫଳତା ପାଇବା ସହ ଆବଶ୍ୟକତା ଅପୂରଣ ରହିବନାହିଁ। ଗୃହସୀମା କିମ୍ବା ଘରଭଡ଼ାକୁ କେନ୍ଦ୍ରକରି ବିତର୍କର ସମ୍ମୁଖୀନ ହୋଇପାରନ୍ତି। ପରିବାର, ବାଣିଜ୍ୟ, ବ୍ୟବସାୟ ଓ ନୂତନ କର୍ମାରମ୍ଭର ପ୍ରସ୍ତୁତିପର୍ବକୁ ପୂର୍ଣ୍ଣାଙ୍ଗ କରିପାରନ୍ତି।

**ବିଛା**
ଅନୁରାଧା ନକ୍ଷତ୍ର ପରିସ୍ଥିତିକୁ ଆଖି ଆଗରେ ରଖି ମନ ବୁଝିଲାଭଳି କଥା କହି ପରିସ୍ଥିତିକୁ ସୁଧାରିନେବେ। ଅନ୍ୟମାନଙ୍କ ସାହାଯ୍ୟ ଲାଭକରି ଆଜି ଅସମ୍ପୂର୍ଣ୍ଣ କାମକୁ ପୂର୍ଣ୍ଣାଙ୍ଗ କରିପାରିବା ଆଶା ରହିଛି। ଅନିୟମିତ ଆହାର ଯୋଗୁ ସ୍ୱାସ୍ଥ୍ୟରେ ସମସ୍ୟା ଦେଖାଦେଇପାରେ। ଅପ୍ରିୟ ସତ୍ୟ ଭାଷଣରୁ ଦୂରେଇ ନ ରହିଲେ କଳହର ସାମ୍ନା କରିବାକୁ ପଡ଼ିବ।

**ଧନୁ**
ପୂର୍ବାଷାଢ଼ା ନକ୍ଷତ୍ର ବନ୍ଧୁଙ୍କ ଦ୍ୱାରା ପ୍ରଭାବିତ ହୋଇ ସତ୍‌ସଙ୍ଗ ଓ ସାଧନା ଦିଗକୁ ମନ ବଳାଇପାରନ୍ତି। କର୍ମକ୍ଷେତ୍ରରେ ସମସ୍ୟା ସମାଧାନର ରାସ୍ତା ଖୋଜି ବାହାର କରିବାରେ ସମର୍ଥ ହେବେ। ମୂଲ୍ୟହୀନ କଥାକୁ ଗୁରୁତ୍ୱ ଦେଇ ପରିବାରରେ ଭୁଲ୍ ବୁଝାମଣା ହେତୁ ସମସ୍ୟା ବଢ଼ିପାରେ। ରାଜନୀତି ତଥା ପ୍ରଶାସନିକ କ୍ଷେତ୍ରରେ ଲକ୍ଷ୍ୟ ହାସଲ କରିବେ।

**ମକର**
ଶ୍ରବଣା ନକ୍ଷତ୍ର ଦିନର ଅଧିକାଂଶ ସମୟ ବନ୍ଧୁଙ୍କ ମେଳରେ ରହିବାର ସୁଯୋଗ ପାଇବେ। ପାରିବାରିକ ସ୍ତରରେ ପୁରୁଣା କଥାକୁ ବେଶି ଦୋହରାଇବା ଠିକ୍ ହେବନି। ପ୍ରକାଶନ ଓ ପ୍ରଶାସନିକ କ୍ଷେତ୍ରରେ ଦ୍ୱନ୍ଦ୍ୱ ଦୂରହେବା ସହ ସମସ୍ୟା ସମାଧାନ କରିପାରିବେ । ନୂତନ ବନ୍ଧୁ ସମ୍ପର୍କ ସ୍ଥାପନ କରିବା କ୍ଷେତ୍ରରେ ମଧ୍ୟସ୍ଥଙ୍କୁ ଅନୁନୟ ବିନୟ ହୋଇପାରନ୍ତି।

**କୁମ୍ଭ**
ଶତଭିଷା ନକ୍ଷତ୍ର କର୍ମକ୍ଷେତ୍ରରେ ସବୁ ଜାଣିଶୁଣି ନୀରବତା ଅବଲମ୍ବନ କରିବାକୁ ବାଧ୍ୟ ହେବେ। ଅସୁବିଧା ନ ହେଲେ ମଧ୍ୟ ବିଭିନ୍ନ ପ୍ରକାର ଦୁଶ୍ଚିନ୍ତାଜନିତ ଆଶଙ୍କା କରି ମନ ଅସ୍ଥିର ରହିବ। କର୍ମକ୍ଷେତ୍ରରେ ଅନିଚ୍ଛା ସତ୍ତ୍ୱେ କେତେକ କାମ କରିବାକୁ ବାଧ୍ୟହେବେ। ଅର୍ଥ କିମ୍ବା ଦ୍ରବ୍ୟହାନି ଯୋଗୁ ବ୍ୟସ୍ତତା ବଢ଼ିଯାଇପାରେ।

**ମୀନ**
ରେବତୀ ନକ୍ଷତ୍ରର ଅର୍ଥଲାଭ ସାଙ୍ଗକୁ ସାମାଜିକ ସ୍ତରରେ ସମ୍ମାନ ଲାଭ ଯୋଗ ରହିଛି। ସାମୟିକ ସ୍ୱାସ୍ଥ୍ୟହାନି କିମ୍ବା ବନ୍ଧୁଙ୍କ ସହ ମନୋମାଳିନ୍ୟ ଯୋଗୁ ମନୋରଞ୍ଜନ ଉପଭୋଗ୍ୟ ନ ହୋଇପାରେ। କର୍ମକ୍ଷେତ୍ରରେ ଅସଫଳ କାମଗୁଡ଼ିକର ସମୀକ୍ଷା କରିବେ ଓ ଅସଂଗତି ଦୂରକରିବାର ପ୍ରଯତ୍ନ କରିବେ।

ଆଜି ଭାଦ୍ରବ କୃଷ୍ଣପକ୍ଷର ଅଙ୍ଗଭେଟ ତୃତୀୟା ରବିବାର, ଖୁଦୁରୁକୁଣୀ ଓଷା ଆରମ୍ଭ, ଅଗଷ୍ଟ ୧୮ ତାରିଖ, ରାଶି ନକ୍ଷତ୍ର-ପୂର୍ବଭାଦ୍ରପଦ/କୁମ୍ଭ, ଦିବା ଘ୧୦।୫୪ମି. ପରେ ମୀନ ଚନ୍ଦ୍ର, ମେଷ ରାଶିର ଘାତବାର, ତୃତୀୟାର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ। ସକାଳ ଘ୬।୫୦ମି. ମଧ୍ୟେ ଅମୃତବେଳା। ଦିବା ଘ୮।୨୭ମି. ଗତେ ଘ୧୦।୦୪ମି. ମଧ୍ୟେ ମାହେନ୍ଦ୍ରବେଳା। ଦିବା ଘ୪।୩୫ମି. ଗତେ ଘ୬।୧୦ମି. ମଧ୍ୟେ ରାହୁକାଳ।

■ବଲାଙ୍ଗୀର ବନ୍ୟାଞ୍ଚଳ ପରିଦର୍ଶନ, ସମୀକ୍ଷା କଲେ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ

# କ୍ଷୟକ୍ଷତି ଆକଳନ ପରେ ସ୍ୱତନ୍ତ୍ର ସହାୟତା ପ୍ରତିଶ୍ରୁତି

- ■ଆକାଂକ୍ଷୀ ଜିଲା ବଲାଙ୍ଗୀରକୁ ଅଗ୍ରାଧିକାର ଦିଆଯିବ
- ■ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ଅଧିକ ଘର ଅଣାଯିବ
- ■ଛୋଟ ବ୍ୟବସାୟୀ, ଉଠା ଦୋକାନୀଙ୍କୁ ମୁଦ୍ରା ଯୋଜନାରେ ଋଣ ସହାୟତା
- ■ଜଳାଶୟ, ଡ୍ରେନ୍ ପୁନରୁଦ୍ଧାର ପାଇଁ ଅର୍ଥ ଦିଆଯିବ
- ■ଓଡ଼ିଶାର ସିପାହୀ ଭାବେ ଦିଲ୍ଲୀରେ ସମସ୍ୟା ଉପସ୍ଥାପନ ପ୍ରତିଶ୍ରୁତି ଦେଲେ



ବଲାଙ୍ଗୀର ଏନ୍ଏଚ୍ଏମ୍ ସମ୍ମିଳନୀ କକ୍ଷରେ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ବନ୍ୟା କ୍ଷୟକ୍ଷତି ସମୀକ୍ଷା କରୁଛନ୍ତି ।

**ବଲାଙ୍ଗୀର ଅଫିସ, ୧୭।୮**

କେନ୍ଦ୍ର ପେଟ୍ରୋଲିୟମ୍ ଓ ପ୍ରାକୃତିକ ଗ୍ୟାସ ବିଭାଗ ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଶନିବାର ଆକାଶମାର୍ଗରୁ ହେଲିକପ୍ଟର ଯୋଗେ ପଶ୍ଚିମ ଓଡିଶାର ବଲାଙ୍ଗୀର, ସୁବର୍ଣ୍ଣପୁର, କଳାହାଣ୍ଡି, ବୌଦ୍ଧ ଜିଲା ବନ୍ୟାଞ୍ଚଳ ପରିଦର୍ଶନ କରିଥିଲେ । ବଲାଙ୍ଗୀର ରିଜର୍ଭ ପୋଲିସ ପଡିଆ ନିକଟ ହେଲିପ୍ୟାଡରେ ଓହ୍ଲାଇବା ପରେ ସହରର ବରପାଲିପଡା ପୋଲ ନିକଟକୁ ଯାଇ ବନ୍ୟା ପ୍ରଭାବିତ ଅଞ୍ଚଳ ବୁଲି ଦେଖିଥିଲେ । ଏହାପରେ ଏନ୍ଏଚ୍ଏମ୍ ସମ୍ମିଳନୀ କକ୍ଷରେ ବନ୍ୟା କ୍ଷୟକ୍ଷତିକୁ ନେଇ ମନ୍ତ୍ରୀ ପ୍ରଧାନ ସମୀକ୍ଷା କରିଥିଲେ । ସମୀକ୍ଷା ବୈଠକରେ କେନ୍ଦ୍ରମନ୍ତ୍ରୀ ପ୍ରଧାନଙ୍କ ସହ ରାଜ୍ୟ ବିଧାନସଭା ବିରୋଧୀ ଦଳ ନେତା ପ୍ରଦୀପ୍ତ କୁମାର ନାଏକ, ବଲାଙ୍ଗୀର ଏମ୍ପି ସଙ୍ଗୀତା କୁମାରୀ ସିଂଦେଓ, କଳାହାଣ୍ଡି ଏମ୍ପି ବସନ୍ତ ପଣ୍ଡା, ବଲାଙ୍ଗୀର ବିଧାୟକ ନରସିଂହ ମିଶ୍ର, କଣ୍ଟାବାଞ୍ଜି ବିଧାୟକ ସନ୍ତୋଷ ସିଂ ସାଲୁଜା, ଲୋଇସିଂହା ବିଧାୟକ ଡ. ମୁକେଶ ମହାଲିଙ୍ଗ, ଜିଲା ପରିଷଦ ଅଧକ୍ଷା ଭାରତୀ ମହାନନ୍ଦ, କଳାହାଣ୍ଡି ଜିଲା ପରିଷଦ ଅଧକ୍ଷା ନମିତାରାଣୀ ସାହୁ, ଜିଲାପାଳ ଅରିନ୍ଦମ ଡାକୁଆ, ଡିଆରଡିଏ ପିଡି ଡ. ମହେଶ୍ୱର ସ୍ୱାଇଁ, ଜିଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ଜୟଦେବ ପାଣିଗ୍ରାହୀଙ୍କ ସହ ଅନ୍ୟ ସରକାରୀ ଅଧିକାରୀ ଓ ପ୍ରତିନିଧିମାନେ ଉପସ୍ଥିତ ଥିଲେ । ଜିଲାପାଳ ଡାକୁଆ ପ୍ରଥମେ ଜିଲାର ବନ୍ୟା କ୍ଷୟକ୍ଷତି ସମ୍ପର୍କୀୟ ତଥ୍ୟ ପାୱାର ପଏଣ୍ଟରେ ଜଣାଇଥିଲେ । ଏହାପରେ ବନ୍ୟା ସମୟର ଭିଡିଓ ଫୁଟେଜ୍ ପ୍ରଦର୍ଶନ କରାଯାଇଥିଲା ।

ସମୀକ୍ଷା ବୈଠକରେ ମନ୍ତ୍ରୀ ପ୍ରଧାନ ବଲାଙ୍ଗୀର କେନ୍ଦ୍ର ସରକାରଙ୍କ ଆକାଂକ୍ଷୀ ଜିଲା ତାଲିକାରେ ରହିଥିବାରୁ ବନ୍ୟା ମୁକାବିଲାକୁ ନେଇ ଏହି ଜିଲାକୁ ଅଗ୍ରାଧିକାର ଦିଆଯିବ ବୋଲି କହିଥିଲେ । ଫନୀ ସମୟରେ ଯେଭଳି ଅନେକ କ୍ଷତିଗ୍ରସ୍ତ ଜିଲାକୁ ଅଗ୍ରାଧିକାର ଦିଆଯାଇଥିଲା, ସେଭଳି ଅଗ୍ରାଧିକାର ଏ ଜିଲାକୁ ଦିଆଯିବ ବୋଲି କହିଥିଲେ । ବଲାଙ୍ଗୀରର ବନ୍ୟା କ୍ଷୟକ୍ଷତି ଅଭୂତପୂର୍ବ। ତେବେ ଏହାର ମୁକାବିଲାରେ ଜିଲା ପ୍ରଶାସନ, ପୋଲିସ ପ୍ରଶାସନ, ଏନ୍ଡିଆରଏଫ୍, ଓଡ୍ରାଫ୍, ଅଗ୍ନିଶମ ବିଭାଗ, ସାମାଜିକ କର୍ମୀ ଏବଂ ସାଧାରଣ ଜନତାଙ୍କ ଭୂମିକାକୁ ସେ ପ୍ରଶଂସା କରିଥିଲେ । ଲୋକଙ୍କ ସହ ଆଲୋଚନାରୁ ଗତ ୫୦ବର୍ଷ ଭିତରେ ଏତେ ପରିମାଣର ବର୍ଷା ହୋଇ ନ ଥିଲା ବୋଲି ସେ ସୂଚନା ଦେଇଥିଲେ । ବନ୍ୟା କ୍ଷୟକ୍ଷତିର ସଠିକ୍ ଆକଳନ କରି ବିଭିନ୍ନ ବର୍ଗର ଲୋକଙ୍କୁ ରିଲିଫ୍ ଓ ସହାୟତା ପ୍ରଦାନ, ଭାଙ୍ଗିଯାଇଥିବା ରାସ୍ତାଘାଟ, ବନ୍ଧକଟା ଓ ଘରଦ୍ୱାର ପୁନଃ ନିର୍ମାଣ, ବାଲିଚର ଜମିର ଉନ୍ନତୀକରଣ, ଚାଷ ନଷ୍ଟ ହୋଇଥିବା ଚାଷ ଓ ପ୍ରାଣୀଧନ ସମ୍ପତ୍ତି ଆକଳନ, ଉଜୁଡି ଯାଇଥିବା ବିଦ୍ୟୁତ୍ ସେବାର ପୁନଃ ସଂସ୍ଥାପନ ଓ ବନ୍ୟା ପ୍ରଭାବିତ ଲୋକଙ୍କୁ ସ୍ୱାସ୍ଥ୍ୟସେବା ଯୋଗାଇ ଦେବା ଉପରେ ଗୁରୁତ୍ୱାରୋପ କରିଥିଲେ । ବନ୍ୟା ଦ୍ୱାରା ଭାଙ୍ଗିଯାଇଥିବା ଘରଦ୍ୱାରର ଠିକ୍ ଆକଳନ କରାଯାଇ ସମସ୍ତ ପ୍ରଭାବିତଙ୍କ ଏକ ତାଲିକା ପ୍ରସ୍ତୁତ କରିବାକୁ ଜିଲା ପ୍ରଶାସନକୁ ମନ୍ତ୍ରୀ ପ୍ରଧାନ ନିର୍ଦ୍ଦେଶ ଦେଇଥିଲେ। ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ କିଭଳି ଅଧିକ ସଂଖ୍ୟକ ଘର ଜିଲାକୁ ଅଣାଯାଇପାରିବ ସେନେଇ ସେ ପଦକ୍ଷେପ ଗ୍ରହଣ କରିବେ ବୋଲି କହିଥିଲେ। ଯେଉଁ ଉଠା ଦୋକାନୀ, ଛୋଟ ବ୍ୟବସାୟୀ କ୍ଷତିଗ୍ରସ୍ତ ହୋଇଛନ୍ତି, ସେମାନଙ୍କୁ ମୁଦ୍ରା ଯୋଜନାରୁ କିଭଳି ଋଣ ମିଳିବ ସେନେଇ ବ୍ୟବସ୍ଥା କରିବାକୁ ନିର୍ଦ୍ଦେଶ ଦେଇଥିଲେ। ଏନ୍ଡିଆରଏଫ୍ ଓ ଏସ୍ଡିଆରଏଫ୍ ବିତ୍ତୀୟ ପାଣ୍ଠିରୁ ଜିଲାକୁ କିଭଳି ଅଧିକ ଆର୍ଥିକ ସହଯୋଗ ଯୋଗାଇ ଦିଆଯିବ, ସେନେଇ ପଦକ୍ଷେପ ଗ୍ରହଣ କରିବେ ବୋଲି କହିଥିଲେ। ହରିଶଙ୍କର ପୀଠର ସୁରକ୍ଷା ଉପରେ ଆଲୋଚନା କରିଥିଲେ ।

ବନ୍ୟା ଦ୍ୱାରା ଧ୍ୱସ୍ତବିଧ୍ୱସ୍ତ ବଲାଙ୍ଗୀର ଜିଲା ପାଇଁ କେନ୍ଦ୍ର ସରକାର ଏକ ସ୍ପେଶାଲ ପ୍ୟାକେଜ୍ ଦିଅନ୍ତୁ ବୋଲି ବିଧାୟକ ନରସିଂହ ମିଶ୍ର ଦାବି କରିଥିଲେ । ବନ୍ୟା କ୍ଷତିଗ୍ରସ୍ତ ଓ ମୃତାହତଙ୍କୁ ତୁରନ୍ତ କ୍ଷତିପୂରଣ ଦିଆଯାଉ ବୋଲି ଏମ୍ପି ସଙ୍ଗୀତା ସିଂଦେଓ ଦାବି କରିଥିଲେ। ବନ୍ୟାରେ କ୍ଷତିଗ୍ରସ୍ତ ସ୍କୁଲ ଛାତ୍ରୀଛାତ୍ରଙ୍କୁ ତୁରନ୍ତ ବହି ଯୋଗାଇବା ପାଇଁ ବିଧାୟକ ମହାଲିଙ୍ଗ ଦାବି କରିଥିଲେ । ବିଧାୟକ ସାଲୁଜା ଜିଲାର ଚାଷୀମାନଙ୍କୁ ବାଲିଚର କ୍ଷତିପୂରଣ ଦେବାକୁ ଦାବି କରିଥିଲେ। ସଭାରେ ବିଡିସିସି ବ୍ୟାଙ୍କ ସଭାପତି ଲକ୍ଷ୍ମଣ ମେହେର ଜିଲାର ପର୍ଯ୍ୟଟନସ୍ଥଳୀ ଓ ବନାଞ୍ଚଳ ସୁରକ୍ଷା ଉପରେ ମନ୍ତ୍ରୀଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ । ଜିଲାର କ୍ଷୟକ୍ଷତି ଆକଳନ କଲା ପରେ କେନ୍ଦ୍ର ସରକାରଙ୍କ ସ୍ୱତନ୍ତ୍ର ପ୍ୟାକେଜ୍ ଅଣାଯିବା ଉପରେ ପଦକ୍ଷେପ ନେବେ ବୋଲି ମନ୍ତ୍ରୀ କହିଥିଲେ । ଓଡିଶାର ସିପାହୀ ଭାବେ ଦିଲ୍ଲୀରେ ସମସ୍ୟା ଉପସ୍ଥାପନ କରିବେ ବୋଲି ମନ୍ତ୍ରୀ ପ୍ରଧାନ ପ୍ରତିଶ୍ରୁତି ଦେଇଥିଲେ ।

## ହୀରାକୁଦ ଡ୍ୟାମ୍ | ୫ ଗେଟ୍‌ରେ ଜଳ ନିଷ୍କାସନ

**ସମ୍ବଲପୁର,୧୭।୮(ବ୍ୟୁରୋ)**

ହୀରାକୁଦ ଡ୍ୟାମରୁ ଶନିବାର ୫ଟି ଗେଟ୍ ଦେଇ ବନ୍ୟାଜଳ ନିଷ୍କାସନ କରାଯାଉଛି। ୫ ଗେଟ୍‌ରେ ପ୍ରତି ସେକେଣ୍ଡ ୭୮ ହଜାର ୪୦୫ ଘନଫୁଟ ପାଣି ନିଷ୍କାସନ ହେଉଛି। ପାୱାର ଚାନେଲରେ ୧୪ ହଜାର ୩୦୬, ବିଭିନ୍ନ କେନାଲରେ ୩ହଜାର ୨୯୭ ଓ ଶିଳ୍ପକୁ ୧୭୦ ଘନଫୁଟ ଜଳ ଛଡ଼ାଯାଉଛି। ରାତି ୧୦ଟା ସୁଦ୍ଧା ଡ୍ୟାମକୁ ପ୍ରତି ସେକେଣ୍ଡ ୧ଲକ୍ଷ ୧୨ହଜାର ୭୪୭ ଘନଫୁଟ ଜଳ ପ୍ରବେଶ କରୁଛି। ଡ୍ୟାମ୍ ତଳମୁଣ୍ଡ ବେଲଗାଁରେ ୨୫ ହଜାର, ପଥରିଆରେ ୭୦ ହଜାର ୯୬୭, ଖଇରମାଲରେ ୨ଲକ୍ଷ ୯୧ ହଜାର, ବୁରମୂଲାରେ ୨ଲକ୍ଷ ୪୭ ହଜାର ୨୫୦ ଓ ମୁଣ୍ଡଲିରେ ୫ଲକ୍ଷ ୩୦ ହଜାର ୬୨୯ ଘନଫୁଟ ଜଳ ପ୍ରବାହିତ ହେଉଛି। ଡ୍ୟାମ୍ ଉପର ମୁଣ୍ଡରେ ବର୍ଷା ପରିମାଣ କମ୍ ରହିଛି। ତେଣୁ ଡ୍ୟାମ୍ ଭିତରକୁ ଜଳ ପ୍ରବେଶ ପରିମାଣ କମ୍ ରହିଛି। ୨ ଦିନ ହେବ ତଳମୁଣ୍ଡରେ ମଧ ବର୍ଷା କମିଛି। ତେଣୁ ତଳମୁଣ୍ଡରେ ବନ୍ୟା ବିପଦ ଟଳିଯାଇଛି। ବନ୍ୟା ପରିସ୍ଥିତିରେ ସୁଧାର ଆସିଛି। ରାତି ୧୦ଟା ସୁଦ୍ଧା ଡ୍ୟାମ୍ ଜଳସ୍ତର ୬୨୦.୧୫ ଫୁଟ ରହିଥିବା ହୀରାକୁଦ ଡ୍ୟାମ୍ କର୍ତ୍ତୃପକ୍ଷ ସୂଚନା ଦେଇଛନ୍ତି।

## ବଲାଙ୍ଗୀର ଏମ୍ପିଙ୍କୁ ବିରୋଧ, ପୋଲିସ ସହ ଧସ୍ତାଧସ୍ତି

**ବଲାଙ୍ଗୀର ଅଫିସ, ୧୭।୮**

କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କ ବନ୍ୟା ସମୀକ୍ଷା ବୈଠକରେ ଯୋଗଦେବାକୁ ଯାଉଥିବାବେଳେ ବଲାଙ୍ଗୀର ଏମ୍ପି ସଙ୍ଗୀତା କୁମାରୀ ସିଂଦେଓଙ୍କୁ ବଲାଙ୍ଗୀରରେ ସମାଜକର୍ମୀ ଲଳିତ କୁମାର ନାୟକ ଓ ତାଙ୍କ ସମର୍ଥକମାନେ ବିରୋଧ କରି ନାରାବାଜି କରିଥିଲେ । ମୁର୍ଦ୍ଦାବାଦ୍, ଗୋ ବ୍ୟାକ୍ ଧ୍ୱନି ଦେଇଥିଲେ । ସିଡିଏମ୍ଓ ଅଫିସ ସମ୍ମୁଖରେ ବିରୋଧୀମାନେ ଘେରିଯାଇ ନାରାବାଜି କରିଥିଲେ । ପୋଲିସ ସମସ୍ତ ବିରୋଧୀଙ୍କୁ ବାରଣ କରିଥିଲା । ଏହାପରେ କିଛି ସମୟ ଧରି ପୋଲିସ ଓ ବିରୋଧୀଙ୍କ ମଧ୍ୟରେ ଠେଲାପେଲା ଏବଂ ଧସ୍ତାଧସ୍ତି ହୋଇଥିଲା । ବିରୋଧୀଙ୍କୁ ପୋଲିସ ଠେଲି ନେବା ପରେ ମନ୍ତ୍ରୀ, ଏମ୍ପି ଓ ଅନ୍ୟ ଅଧିକାରୀମାନେ ସିଡିଏମ୍ଓ ଅଫିସ ଭିତରକୁ ଯାଇପାରିଥିଲେ। ସେଠାରେ ଭାଜପା କର୍ମୀମାନେ ମଧ ଲଳିତ ନାୟକଙ୍କ ବିରୋଧରେ ନାରାବାଜି କରିଥିଲେ । ଏଥିଯୋଗୁ ମନ୍ତ୍ରୀଙ୍କୁ ଭେଟିବା ପାଇଁ ଆସିଥିବା ବନ୍ୟା ପୀଡିତମାନେ ମଧ ଠେଲାପେଲାର ଶିକାର ହୋଇଥିଲେ । ବଲାଙ୍ଗୀରରେ ହାଇକୋର୍ଟ ସ୍ଥାୟୀ ବେଞ୍ଚ ଦାବି ନେଇ ଏକ ପ୍ରତିନିଧି ମଣ୍ଡଳୀ କିଛିଦିନ ପୂର୍ବରୁ ଦିଲ୍ଲୀ ଯାଇ କେନ୍ଦ୍ର ଆଇନମନ୍ତ୍ରୀ ରବିଶଙ୍କର ପ୍ରସାଦ ଓ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କୁ ଭେଟିଥିଲେ । ସେହି ପ୍ରତିନିଧି ମଣ୍ଡଳୀରେ ହାଇକୋର୍ଟ ବେଞ୍ଚ ଆନ୍ଦୋଳନ କରୁଥିବା ମିଳିତ କ୍ରିୟାନୁଷ୍ଠାନ କମିଟିର ସଂଯୋଜକ ଲଳିତ କୁମାର ନାୟକ ମଧ ଦିଲ୍ଲୀ ଯାଇଥିଲେ । ତେବେ ପ୍ରତିନିଧି ମଣ୍ଡଳୀ କେନ୍ଦ୍ରମନ୍ତ୍ରୀ ପ୍ରଧାନଙ୍କୁ ସେଠାରେ ଭେଟିବାକୁ ଗଲାବେଳେ ଏମ୍ପି ସିଂଦେଓ କୁଆଡେ ସଂଯୋଜକ ନାୟକଙ୍କୁ ମନ୍ତ୍ରୀଙ୍କ ଚ୍ୟାମ୍ବରକୁ ପଶିବାକୁ ଦେଇ ନ ଥିଲେ । ଏହାର ପ୍ରତିବାଦରେ ଶନିବାର ସଂଯୋଜକ ନାୟକ ଓ ତାଙ୍କ ସମର୍ଥକମାନେ ଏମ୍ପି ସିଂଦେଓଙ୍କୁ ବିରୋଧ କରିଥିବା ନାୟକ କହିଛନ୍ତି। ତେବେ ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ନାୟକଙ୍କୁ ବୁଝାଇବା ପରେ ପରିସ୍ଥିତି ଶାନ୍ତ ପଡିଥିଲା ।




ବଲାଙ୍ଗୀର ସିଡିଏମ୍ଓ ଅଫିସ ସମ୍ମୁଖରେ ଏମ୍ପି ସଂଗୀତା ସିଂଦେଓଙ୍କୁ ବିରୋଧୀମାନେ ବିରୋଧ କରୁଛନ୍ତି ।

## ଯାତ୍ରା କଳାକାରଙ୍କୁ ହତ୍ୟା: ଜଣେ ଗିରଫ

**ଭୋଗରାଇ ୧୭।୮(ଡି.ଏନ.ଏ.)**

ବାଲେଶ୍ୱର ଜିଲା ଭୋଗରାଇ ଥାନା ଅଞ୍ଚଳରେ ଏକ ଅଭାବନୀୟ ଘଟଣା ଘଟିଛି । ଶୁକ୍ରବାର ମଧ୍ୟରାତ୍ରିରେ ଜଣେ ନିଶାଗ୍ରସ୍ତ ଯୁବକ ଯାତ୍ରା ପାର୍ଟିର ହାସ୍ୟ କଳାକାରଙ୍କୁ ଠେଙ୍ଗାରେ ପିଟି ହତ୍ୟା କରିଥିବା ଥାନାରେ ଅଭିଯୋଗ ହୋଇଛି । ପୋଲିସ ଏହି ଘଟଣାରେ ଏକ ହତ୍ୟା ମାମଲା (ନଂ.୧୫୦/୧୯) ରୁଜୁ କରି ସୁନାଧରବସାଣ ଗ୍ରାମର ରାଜେନ୍ଦ୍ର ଦଳାଇ(୩୦)ଙ୍କୁ ତାଙ୍କ ଶ୍ୱଶୁର ଘର ବିଚିତ୍ରପୁରରୁ ଗିରଫ କରି କୋର୍ଟଚାଲାଣ କରିଥିଲା। କୋର୍ଟରେ ଜାମିନ ନାମଞ୍ଜୁର ହେବାରୁ ତାଙ୍କୁ ଜେଲ ହାଜତକୁ ପଠାଇ ଦିଆଯାଇଛି । ହତ୍ୟା ଘଟଣାରେ ଭୋଗରାଇ ଥାନା ପକ୍ଷରୁ ତଦନ୍ତ ଜାରି ରହିଛି ।

ଭୋଗରାଇହାଟସ୍ଥିତ ଶ୍ୟାମସୁନ୍ଦର ରିକ୍ରେସନ ସେଣ୍ଟର ପଡିଆରେ ସ୍ଥାନୀୟ ଶୁଭଲକ୍ଷ୍ମୀ ଅପେରାର ରିହରସାଲ ହେଉଥିଲା। ରିହରସାଲ ସରିବା ପରେ ଏହି ପାର୍ଟିର ହାସ୍ୟ କଳାକାର ବାଲିଆପାଳ ବ୍ଲକ କଟିସାହି ଗ୍ରାମର ତ୍ରିଲୋଚନ ରଣଜିତ(୫୦)ବଜାରକୁ ଯାଇଥିଲେ । ସେଠାରେ ସୁନାଧରବସାଣ ଗ୍ରାମର ରାଜେନ୍ଦ୍ର ଦଳାଇଙ୍କ ସହିତ ଉକ୍ତ ଯାତ୍ରା ପାର୍ଟିର ଖଳନାୟକଙ୍କୁ ନେଇ ବଚସା ହୋଇଥିଲା। ଦୁଇଜଣଙ୍କ ମଧ୍ୟରେ ଠେଲାପେଲା ହେବା ସହିତ ଗଣ୍ଡଗୋଳ ଉଗ୍ରରୂପ ଧାରଣ କରିଥିଲା। ରାଜେନ୍ଦ୍ର ଉତ୍ତ୍ୟକ୍ତ ହୋଇ ଏକ ଠେଙ୍ଗାରେ ହାସ୍ୟ ଅଭିନେତା ରଣଜିତଙ୍କ ମୁଣ୍ଡକୁ ପ୍ରହାର କରିଥିଲେ। ରକ୍ତ ଜୁଡୁବୁଡୁ ଅବସ୍ଥାରେ ତାଙ୍କୁ ସ୍ଥାନୀୟ ଲୋକେ ଉଦ୍ଧାର କରି ପ୍ରଥମେ ଭୋଗରାଇ ସ୍ୱାସ୍ଥ୍ୟକେନ୍ଦ୍ର ଓ ପରେ ଜଳେଶ୍ୱରପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନେଇଥିଲେ। ସେଠାରେ ତାଙ୍କୁ ଡାକ୍ତର ମୃତ ଘୋଷଣା କରିଥିଲେ।


ଗୃହ ଏବଂ ନଗର ଉନ୍ନୟନ ବିଭାଗ, ଓଡିଶା ସରକାର

ସାଧାରଣ ବିଜ୍ଞପ୍ତି DSPL-70

ଅନଧିକୃତ ନିର୍ମାଣ ନିୟମିତିକରଣ ସ୍କିମ, ୨୦୧୯

ସ୍କିମ ସମ୍ବନ୍ଧରେ

ରାଜ୍ୟ ସରକାର, ବିଜ୍ଞପ୍ତି ସଂଖ୍ୟା ୩୯୫୫/HUD ତା:୦୬.୦୮.୨୦୧୯ ରିଖ ରେ ଅନଧିକୃତ ନିର୍ମାଣ ନିୟମିତିକରଣ ସ୍କିମ, ୨୦୧୯ ପ୍ରଣୟନ କରିଅଛନ୍ତି |

ଇଚ୍ଛୁକ ଥିବା ବ୍ୟକ୍ତି ମାନେ ସ୍କିମର ଫର୍ମ -ଏ ସହିତ ନିର୍ଦ୍ଧାରିତ ପାଉଣା ସହ ଆବଶ୍ୟକୀୟ କାଗଜପତ୍ର, ନକ୍ସା କର୍ତ୍ତୃପକ୍ଷଙ୍କ ନିକଟ ରେ ଦାଖଲ କରି ନିୟମ ଅନୁଯାୟୀ ଅନଧିକୃତ ନିର୍ମାଣ ଗୁଡିକର ନିୟମିତିକରଣ କରିପାରିବେ |

ଆବେଦନ ପତ୍ର ସ୍ୱୀକାର ର ଅନ୍ତିମ ତାରିଖ ୦୫.୦୨. ୨୦୨୦ ଅଟେ |

ଏହି ସ୍କିମ, ଓଡିଶା ର ସମସ୍ତ ଉନ୍ନୟନ କର୍ତ୍ତୃପକ୍ଷ ଅଂଚଳ ଯଥା, ଭୁବନେଶ୍ୱର, ବ୍ରହ୍ମପୁର, କଟକ, କଳିଙ୍ଗନଗର, ପାରାଦୀପ, ପୁରୀ-କୋଣାର୍କ, ରାଉରକେଲା, ସମ୍ବଲପୁର, ତାଳଚେର-ଅନଗୁଳ-ମେରାମଂଡଳୀ ସୀମା ମଧରେ ଲାଗୁ ଅଟେ |

ଏହି ସ୍କିମ ରେ ବିଭିନ୍ନ ଯୋଜନା ଏବଂ ନିର୍ମାଣ ସମ୍ବନ୍ଧୀୟ ନିୟମ ଯଥା, ଘର ଚତୁର୍ପାଶ୍ୱ ରେ ଛାଡିବାକୁ ଥିବା ଖୋଲା ଜାଗା, ପ୍ଲଟ ରେ ନିର୍ମିତ କ୍ଷେତ୍ରଫଳ/FAR, ପାର୍କିଙ୍ଗ ଆବଶ୍ୟକତା, ଶିଢ଼ି ଏବଂ କରିଡୋର ସମ୍ବନ୍ଧୀୟ ମାନକ / ନିୟମ ଇତ୍ୟାଦି କୋହଳ କରାଯାଇଅଛି |

ବିଭିନ୍ନ ପ୍ରକାର ର ଉଚ୍ଚ ଏବଂ ଅନୁଚ୍ଚ, ଆବାସୀୟ / ବ୍ୟବସାୟିକ / ସଂସ୍ଥାଗତ / ଚିକିତ୍ସା ସମ୍ବନ୍ଧୀୟ ପ୍ରତିଷ୍ଠାନ / ସ୍ପେଶାଲ ବିଲଡିଂ ଇତ୍ୟାଦି ପାଇଁ ଏହି ସ୍କିମ ରେ ଉପର ବର୍ଣିତ ନିୟମ ମାନଙ୍କରେ କୋହଳ କରାଯାଇଅଛି |

କେମିତି ଆବେଦନ କରିବେ ?

ୱେବସାଇଟ କୁ ଯାନ୍ତୁ ଏବଂ ସ୍କିମଟିକୁ ଡାଉନଲୋଡ଼ କରନ୍ତୁ → ସ୍କିମଟିକୁ ଭଲଭାବରେ ପଢନ୍ତୁ ଏବଂ ଜମା କରିବାକୁ ଥିବା ଆବଶ୍ୟକ କାଗଜପତ୍ର /ଦସ୍ତାବେଜ, ଫିସ / ଦେୟ ଇତ୍ୟାଦି ବିଷୟରେ ଜାଣନ୍ତୁ → ଘର ର ନକ୍ସା ପ୍ରସ୍ତୁତି ଏବଂ ଫିସ /ଦେୟ ଆଦି ହିସାବ କରିବା ଲାଗି ଜଣେ ସ୍ଥପତି (ଆର୍କିଟେକ୍ଟ) /ରେଜିଷ୍ଟର୍ଡ ଟେକ୍ନିକାଲ ପର୍ଶନ କୁ ନିଯୁକ୍ତ କରନ୍ତୁ → ସ୍କିମ ରେ ଥିବା ଆବେଦନ ପତ୍ର କୁ ଭରନ୍ତୁ ଏବଂ ସମସ୍ତ ଜରୁରୀ କାଗଜପତ୍ର , ନକ୍ସା, ପ୍ରମାଣପତ୍ର, ଶପଥ-ପତ୍ର ଇତ୍ୟାଦି ପ୍ରସ୍ତୁତ କରନ୍ତୁ → ଆବେଦନ ପତ୍ର ସହ ସମସ୍ତ ଜରୁରୀ କାଗଜପତ୍ର ଏବଂ ଆବଶ୍ୟକ ଦେୟ କର୍ତ୍ତୃପକ୍ଷଙ୍କ ନିକଟ ରେ ଦାଖଲ କରନ୍ତୁ

୧୦୦ ବର୍ଗ ମିଟର କ୍ଷେତ୍ରଫଳ ଯାଏଁ ଥିବା ପ୍ଲଟ ଏବଂ ଯେଉଁଥିରେ ଅଧିକତମ ନିର୍ମାଣ ୧୫୦ ବର୍ଗ ମିଟର ପର୍ଯ୍ୟନ୍ତ ହୋଇଥିବ, ତାହାର ଜୋରିମାନା ଦେୟ ସର୍ବମୋଟ ୨୦,୦୦୦ ଟଙ୍କା ରହିବ |

| ପରିସ୍ଥିତି / ପରିସୀମା | ୧ ବର୍ଗ ମିଟର ନିର୍ମିତ-କ୍ଷେତ୍ରଫଳ (built-up area) ପାଇଁ ଜୋରିମାନା ଦେୟ | |
|---|---|---|
| | ଆବାସୀୟ | ଆବାସୀୟ ଉପଯୋଗ ଛଡା |
| ଅଧିକତମ ଅନୁଜ୍ଞେୟ ଫ୍ଲୋର ଏରିଆ ରେସିଓ (FAR) ପର୍ଯ୍ୟନ୍ତ | ୨୫୦ ଟଙ୍କା | ୫୦୦ ଟଙ୍କା |
| ଅଧିକତମ ଅନୁଜ୍ଞେୟ ଫ୍ଲୋର ଏରିଆ ରେସିଓ (FAR) ଉପରକୁ | ୫୦୦ ଟଙ୍କା | ୫୦୦ ଟଙ୍କା ଅଥବା ୧ ବର୍ଗ ମିଟର ଜମିର ବେଞ୍ଚମାର୍କ ମୂଲ୍ୟର ୨୫%, ଯେଉଁଟା ବି ଅଧିକ ହୋଇଥିବ |

ଏହି ଯୋଜନା ସମ୍ବନ୍ଧ ରେ ଅଧିକ ଜାଣିବା ପାଇଁ ସମ୍ପୃକ୍ତ ଉନ୍ନୟନ କର୍ତ୍ତୃପକ୍ଷଙ୍କର କାର୍ଯ୍ୟାଳୟ ରେ ଯୋଗାଯୋଗ କରନ୍ତୁ | ଯୋଜନା ର ସବିଶେଷ ବିବରଣୀ, ଆବେଦନ ପତ୍ର ଏବଂ ଦେୟ /ଫିସ ଯଥା ପାର୍କିଙ୍ଗ ଅଭାବ ଜୋରିମାନା ଇତ୍ୟାଦି www.urbanodisha.gov.in ରେ ଉପଲବ୍ଧ ଅଟେ |

13001/13/0006/1920



OFFICE OF THE
PRINCIPAL, PIPLI COLLEGE, PIPLI
Dist.- Puri (Odisha), Pin - 752104
Ph : 06758-240764, Fax : 06758-240764

**WALK-IN-INTERVIEW**

Wanted lecturers in History, Economics, Sanskrit, Zoology, IT (having 55% marks in P.G level), PET and DEO. Candidates having requisite qualification are required to attain walk in interview with all original documents on **30.08.19 at 12 Noon** with office of the undersigned.

Sd./- Principal
Pipli College, Pipli



**IN THE DEBTS RECOVERY TRIBUNAL AT CUTTACK**
C-71, Sector-7, CDA, Cuttack- 753014 (Odisha)
O.A.No. 31/2019

**Utkal Grameen Bank**
Stressed Asset Recovery Branch, Sambalpur........ Applicant
-Versus-
**Kumudini Kar** & Others ........... Defendants

To,
Defendant No.1: **Kumudini Kar**, W/o: Jhasaketan Kar, At: Duanpali, Po- Remed, Ps/Dist- Sambalpur, Pin- 768006
Defendant No.2: **Jhasaketen Kar**, S/o: Parameswar Kar, At- Duanpali, Po- Remed, Ps/Dist- Sambalpur, Pin- 768006
Defendant No.3: **Paramjit Singh**, S/o: Hukum Singh, At-/Po/Ps-Khetrajpur, Sambalpur, Dist- Sambalpur, Pin- 768003

**Summons by Paper Publication for Showing Cause as to Why the Relief Prayed for should not be granted**

Take notice that the Applicant has instituted the aforesaid Original Application before this Tribunal for recovery of **Rs.16,66,198.00** only together with current and future interest, cost and other reliefs.

You are therefore hereby directed to appear before this Tribunal in person or through authorised agent, in support of your defence to show cause within 30 days from the date of publication or on 11th day of September, 2019 at 10.30 a.m. as to why the reliefs prayed for should not be granted.

Take notice that in case of default the Application will be heard and determined in your absence.

Given under my hand and seal of this Tribunal, on this 14th day of August, 2019.

Sd./- Registrar
Debts Recovery Tribunal, Cuttack



कार्पोरेशन बैंक Corporation Bank
(A Premier Public Sector Bank)

VEHICLE AUCTION SALE NOTICE

**CORPORATION BANK**
ZONAL OFFICE, Block No.-4, Wing-3, 1st Floor, BMC Bhawani Enclave, Saheed Nagar, Bhubaneswar-751007

Applications are invited from interested bidders for purchase of following vehicles, seized by the Bank on **"As is where is"**, **"As is what is"** and **"Whatever there is"** basis as per terms and conditions listed below. This public notice will be treated as a notice to the borrowers/guarantors/ mortgagors of the loans. They are hereby advised to be present at the auction venue on the auction date and are free to liquidate their entire dues before the auction date, failing which the vehicle will be auctioned and balance dues, if any will be recovered from them with interest and cost.

| Sl. No. | BRANCH / Name & Address of Borrowers | Description of Vehicles | Reserve Price / EMD |
|---|---|---|---|
| 1. | **ANGUL BRANCH /** **Borrower: Mr. Debashish Sahu,** S/o-Dillip Kumar Sahu, At/P.O.: Basala, P.S.: Bantala, Dist.: Angul-759129 | Vehicle - Massey Ferguson 1035 DI Tractor, Chassis No- 987875, Engine No.: S337A36516, Year of Make: 2014 | ₹2,20,000/- / ₹22,000/- |
| 2. | **ANGUL BRANCH /** **Borrower: Pabitra Mohan Pradhan,** S/o.: Purandar Pradhan, At/GP.: Kandasar, P.S.: Nalco, Dist.: Angul, Odisha | Vehicle - John Deere Tractor 5038D, Regd. No.: OD 19E 4121, Date of Registration: 06.02.2015, Year of Make: 12/2014 | ₹2,80,000/- / ₹28,000/- |
| 3. | **ANGUL BRANCH /** **Borrower: Pradip Kumar Jena,** S/o Balakrushna Jena, At/P.O.: Mahidharpur, P.S.: Banarpal, Dist.: Angul | Vehicle - Massey Ferguson 241 DI Tractor, Chassis No.: 972922, Engine No.: S3251F44579, Registration No.: OD 19 D 4153, Year of Make: 2014 | ₹2,50,000/- / ₹25,000/- |
| 4. | **ROURKELA BRANCH /** **Borrower: Anu Kansari,** At: Luakera, Rourkela, Dist.: Sundargarh, Odisha | Vehicle - Power Trac 439 Tractor with Trailer, Regd. No.: OD 14 B 5928/5929, (Commercial) Date of Registration: 08.01.2014, Year of Make: 11/2013 | ₹1,47,000/- / ₹14,700/- |
| 5. | **SAMBALPUR BRANCH /** **Borrowers: 1) Mrs. Saraswati Dansana,** W/o- Ratnakar Dansana, **2) Mr. Ratnakar Dansana,** Both are At: Upper Forest Colony, Qtr. No.: 33, Sakhipara, Near Hanuman Mandir, Sambalpur-768001 | Vehicle - TML Venture Ex, Engine No.: 475IDT18KWY5K33, CHASSIS No.: MAT483539DYK33371, Registration No.: OD15C5001, Date of Registration: 07.11.2014, Year of Make: 2014 | ₹59,000/- / ₹5,900/- |

Name of the Branch Official & Contact No.: Mr. Rama Chandra Behera, Mob.: 7682820359, Ph.: 06764-230051 (For Angul Branch), Mr. Rishav Kumar, Mob.: 7682820355, Ph.: 0661-2501714 (For Rourkela Branch), Mr. S.R. Barman, Mob.: 7682820396 (For Sambalpur Branch)

**Date & Time of Auction:** 30.08.2019 at 11.00 A.M., Venue: Respective Branch, Vehicle may be inspected between 11.00 A.M. to 3.00 P.M. on any working day on or before 29.08.2019 in the presence of Branch Official with previous Appointment.

**TERMS AND CONDITIONS:**

1) The intending purchaser/bidder is required to submit EMD by way of Demand Draft or NEFT/RTGS on or before **29.08.2019**
2) The person declared to be the successful bidder shall deposit 25% (twenty five percent) of sale price, less EMD deposited immediately and remaining amount shall be paid within **15 days** from the date of confirmation of Sale.
3) Bidders can participate for purchase of Vehicles in one single lot or separately for each vehicle. Preference will be given for sale in single lot and if it is successful, bidding for other items will be cancelled automatically.
4) Application forms along with details of Terms & Conditions of sale are available at the office address mentioned above.

Place: Bhubaneswar, Date: 17.08.2019 | Authorised Officer, Corporation Bank

ଧରିତ୍ରୀ
DHARITRI
ରବିବାର, ୧୮ ଅଗଷ୍ଟ, ୨୦୧୯

"ଏହି ପୃଥିବୀକୁ ଭଗବାନଙ୍କର ଏକ ରଙ୍ଗଶାଳା ବୋଲି ମନେକର। ତୁମେ ଏଥିରେ ଜଣେ ମୁଖାପିନ୍ଧା ଅଭିନେତା ବୋଲି ନିଜକୁ ଭାବ ଏବଂ ଭଗବାନଙ୍କୁ ତୁମ ମାଧ୍ୟମରେ ତାଙ୍କ ନାଟକ କରିବାକୁ ଛାଡି ଦିଅ। ଯେଉଁମାନେ ତୁମ ଅଭିନୟ ଦେଖି ହସୁଛନ୍ତି ବା ବିରକ୍ତ ହେଉଛନ୍ତି– ସେମାନଙ୍କୁ ମଧ୍ୟ ତୁମର ମୁଖାପିନ୍ଧା ସହଅଭିନେତା ବୋଲି ବୁଝ। ଏବଂ ତୁମ ଅନ୍ତରସ୍ଥ ଭଗବାନଙ୍କୁ ହିଁ ତୁମର ପ୍ରକୃତ ଦର୍ଶକ ଓ ମନ୍ତବ୍ୟଦାତା ବୋଲି ମନେକର। –ଶ୍ରୀଅରବିନ୍ଦ



# ଆଭ୍ୟନ୍ତରୀଣ କନ୍ଦଳର କ୍ଷତ



ଆକାର ପଟେଲ

ଗତ ୨୦ ବର୍ଷ ଭିତରେ ଆଭ୍ୟନ୍ତରୀଣ କନ୍ଦଳରେ ଭାରତରେ ଯେତିକି ସୈନିକ ମରିଛନ୍ତି, ତାହା ୧୯୬୨ ଚାଇନା ଯୁଦ୍ଧରେ ଶହୀଦ ହୋଇଥିବା ସୈନିକ ସଂଖ୍ୟାର ପ୍ରାୟ ତିନିଗୁଣ। କାର୍ଗିଲ ଯୁଦ୍ଧରେ ଭାରତ ଯେତିକି ସୈନିକଙ୍କୁ ହରାଇଛି, ତା'ର ଛଅଗୁଣ ମରିଛନ୍ତି କଶ୍ମୀର ଏବଂ ମାଓବାଦୀପ୍ରବଣ ଉତ୍ତରପୂର୍ବ ଓ କେନ୍ଦ୍ରୀୟ ଭାରତରେ ଯୁଦ୍ଧ କରି। ୧୯୬୨ ଏବଂ ୧୯୭୧ (ପାକିସ୍ତାନ ସହ) ଯୁଦ୍ଧରେ ମରିଥିବା ଲୋକଙ୍କ ଅପେକ୍ଷା ଏହିସବୁ ସ୍ଥାନରେ ଅଧିକ ଭାରତୀୟ ମରିଛନ୍ତି। ଏହିସବୁ ମୃତ୍ୟୁ ଯୁଦ୍ଧ ପାଇଁ ନୁହେଁ ବରଂ ରାଜନୈତିକ ବିଫଳତା ପାଇଁ ହୋଇଛି। ଆଭ୍ୟନ୍ତରୀଣ ବିବାଦକୁ ମୁକାବିଲା କରିବାରେ ସରକାରୀ ନୀତି ସଫଳ ହେଉ ବା ବିଫଳ ତାକୁ ପରିବର୍ତ୍ତନ କରିବା ଲାଗି ସରକାରଙ୍କ ଉପରେ କୌଣସି ଚାପ ପଡୁନାହିଁ କାରଣ ସୈନିକ ଓ ସାଧାରଣ ଲୋକଙ୍କ ମୃତ୍ୟୁକୁ ଦେଶବାସୀ ଗ୍ରହଣ କରିନେଉଛନ୍ତି। ବର୍ତ୍ତମାନ କଶ୍ମୀରରେ ଯେଉଁ ମାଷ୍ଟର ଷ୍ଟ୍ରୋକ୍ ଦିଆଗଲା, ସେଠାରେ କାର୍ଯ୍ୟରତ ସଶସ୍ତ୍ର ବାହିନୀ ଉପରେ ତା'ର କି ପ୍ରଭାବ ପଡ଼ିବ ତାକୁ ନେଇ କୌଣସି ବିତର୍କ ନାହିଁ। ବର୍ତ୍ତମାନ କେହି ଶ୍ରୀନଗର ପରିଦର୍ଶନରେ ଗଲେ ଦେଖିବ ଦେଶର ବିଭିନ୍ନ ଅଞ୍ଚଳର ସଶସ୍ତ୍ର ସୈନିକମାନେ ପାଟ୍ରୋଲିଂ କରୁଛନ୍ତି। ସେମାନେ ସ୍ଥାନୀୟ ଲୋକଙ୍କ ପରି ଦେଖାଯାଉ ନାହାନ୍ତି କିମ୍ବା ସ୍ଥାନୀୟ ଭାଷାରେ କଥାବାର୍ତ୍ତା କରୁନାହାନ୍ତି। ଅର୍ଦ୍ଧସାମରିକ ବାହିନୀ କଶ୍ମୀରର ସହରଗୁଡ଼ିକର ରାସ୍ତାରେ ପଦଚାରଣା କରୁଥିବା ବେଳେ ସୈନ୍ୟବାହିନୀ ପରିଧିସ୍ଥ ଅଞ୍ଚଳରେ ପାଟ୍ରୋଲିଂ କରୁଛନ୍ତି। ସେମାନଙ୍କ କାମ ହେଲା ହିଂସାତ୍ମକ ଜନମତକୁ ଚାପିଦେବା। କାରଣ ଅନ୍ୟ ଉପାୟରେ ମତ ପ୍ରକାଶ କରିବାକୁ ସେମାନଙ୍କ ପାଖରେ କିଛି ସୁବିଧା ନାହିଁ। ବର୍ଷ ବର୍ଷ ଧରି କଶ୍ମୀରରେ ଯୋଗାଯୋଗ ଓ ଗଣମାଧ୍ୟମର କଣ୍ଠରୋଧ କରାଯାଇ ଆସୁଛି। ବର୍ତ୍ତମାନ ସମଗ୍ର କଶ୍ମୀରରେ ଯେପରି ଯୋଗାଯୋଗ ବିଚ୍ଛିନ୍ନ କରିଦିଆଯାଇଛି, ତାହା ପ୍ରଥମ ଥର ପାଇଁ ଘଟିନାହିଁ। ସେଠାରେ ଯୋଗାଯୋଗ ବିଚ୍ଛିନ୍ନ କରିଦିଆଗଲେ ଭାରତର ଅବଶିଷ୍ଟ ଅଞ୍ଚଳରେ କୌଣସି ସମସ୍ୟା ସୃଷ୍ଟି ହୁଏ ନାହିଁ। ତାହାର ଗୋଟିଏ ମୁଖ୍ୟ କାରଣ ହେଲା ସେମାନଙ୍କ ସହ ଆମର କିଛି ନେଣଦେଣ ନାହିଁ କିମ୍ବା ସେମାନେ ଭୋଗୁଥିବା ସମସ୍ୟା ଆମକୁ ସ୍ପର୍ଶ କରେ ନାହିଁ।

ଆମେରିକା କଂଗ୍ରେସରେ ସାଧାରଣତଃ ୧୦୦ ସଦସ୍ୟ ଥାନ୍ତି, ଯେଉଁମାନେ ସେନାରେ ଏକଦା କାର୍ଯ୍ୟ କରିଥିଲେ। ଆମେରିକା ହେଉଛି ବିଶ୍ୱର ସବୁଠୁ ଶକ୍ତିଶାଳୀ ସୈନ୍ୟବାହିନୀ ଏବଂ ସେମାନେ ନିୟମିତ ଭାବେ ଓ ସହଜରେ କୋରିଆ, ଭିଏତନାମ, ଇରାକ ଓ ଆଫଗାନିସ୍ତାନ ପ୍ରଭୃତି ସହ ଯୁଦ୍ଧ କରିବାକୁ ଆଗଭର ହୋଇଥାନ୍ତି। ତେବେ ସେମାନେ ଆତ୍ମସଂଶୋଧନଶୀଳ। ସେମାନେ ନିଜର ଭୁଲ୍‌କୁ ସୁଧାରି ଯୁଦ୍ଧରୁ ନିଜକୁ ଓହରେଇ ଆଣିପାରନ୍ତି କାରଣ ସେମାନଙ୍କର ଅନେକ ନେତା ହେଉଛନ୍ତି ପୂର୍ବତନ ସୈନିକ। ଭାବପ୍ରବଣ ନ ହୋଇ କାଳ୍ପନିକ ଲାଭ ଅପେକ୍ଷା ବାସ୍ତବ କ୍ଷତିକୁ ସେମାନେ ଆକଳନ କରିପାରନ୍ତି। ଭିଏତ୍‌ନାମ ଯୁଦ୍ଧ ସମୟରେ ଓ ତା'ର ଠିକ୍ ପରେ ପରେ ସେମାନଙ୍କର ଯୋଦ୍ଧା–ନେତା ଅନୁପାତ ବହୁତ ଉଚ୍ଚ ରହିଥିଲା ଏବଂ ପ୍ରାୟ ତିନିଚତୁର୍ଥାଂଶ ନେତା ଥିଲେ ପୂର୍ବତନ ସୈନିକ। କିନ୍ତୁ ଭାରତ କଥା ପୂରା ଅଲଗା। ମଧ୍ୟବିତ୍ତ ବର୍ଗଙ୍କର ସେନାରେ ଚାକିରି କରିବା ପ୍ରତି କୌଣସି ଆଗ୍ରହ ନ ଥାଏ। ସେମାନେ କର୍ପୋରେଟ୍ ଚାକିରି ବା ସରକାରୀ ଚାକିରି, ବିଶେଷତଃ ଆଇଏଏସ୍, ଆଇପିଏସ୍ ହେବାକୁ ବେଶି ପସନ୍ଦ କରିଥାନ୍ତି। ସେନା ଓ ଅର୍ଦ୍ଧସାମରିକ ବାହିନୀର ଯବାନମାନେ ମୁଖ୍ୟତଃ ନିମ୍ନ ମଧ୍ୟବିତ୍ତ ବା କୃଷକ ପରିବାରରୁ ଆସିଥାନ୍ତି। ପାକିସ୍ତାନରେ ବି ଠିକ୍ ସେଇଆ। ଗଣମାଧ୍ୟମ, ଯାହାର ଅଧିକାଂଶ ସଦସ୍ୟ ମଧ୍ୟବିତ୍ତ ବର୍ଗରୁ ଆସିଥାନ୍ତି, ସେମାନେ ହିଂସାରୁ ପ୍ରାୟତଃ ଦୂରରେ ରହିଥାନ୍ତି। କଶ୍ମୀର ସମେତ ଦେଶର ବିଭିନ୍ନ ସ୍ଥାନରେ ସଶସ୍ତ୍ର ବାହିନୀ ଯାହା କରନ୍ତି, ତାକୁ ଗଣମାଧ୍ୟମରେ ଉଚ୍ଚମୂଲ୍ୟ ଦିଆଯାଏ। ଆମ ସାମ୍ବାଦିକମାନଙ୍କର ଚିନ୍ତା କରିବାର ସ୍ୱାଧୀନତା ନ ଥାଏ। ନିରପେକ୍ଷ ଆଖି ନେଇ ଦେଖିବାର ସାମର୍ଥ୍ୟ ନ ଥାଏ। ସେଥିପାଇଁ ଆମେ ବାସ୍ତବତାକୁ ଉପେକ୍ଷା କରି ଗୋଟିଏ ପକ୍ଷ ନେଇଥାଉ। ପାଠକମାନେ ଜାଣି ବିସ୍ମିତ ହେବେ ଯେ, ପୂର୍ବ ପାକିସ୍ତାନରେ ଯେଉଁ ନୃଶଂସତା ଚାଲିଥିଲା ତାକୁ ବିଶ୍ୱ ସମୁଦାୟର ଦୃଷ୍ଟି ଆକର୍ଷଣ କରିଥିଲେ ଜଣେ ପାକିସ୍ତାନୀ ସାମ୍ବାଦିକ। ସେ ହେଉଛନ୍ତି କରାଚୀର ଆଣ୍ଟୋନୀ ମାସ୍କାରେନ୍‌ହାସ, ଯାହାଙ୍କ ଲେଖା ବ୍ରିଟିଶ୍ ଖବରକାଗଜ ସନ୍‌ଡେ ଟାଇମ୍ସରେ ଜୁନ୍ ୧୯୭୧ରେ ପ୍ରକାଶ ପାଇଥିଲା। କିନ୍ତୁ କଶ୍ମୀର, ନକ୍ସଲ ଅଞ୍ଚଳ ଓ ଉତ୍ତରପୂର୍ବରେ ସେନାର କାର୍ଯ୍ୟକଳାପ ସମ୍ପର୍କରେ ପ୍ରକାଶ କରିବା ଭାରତୀୟ ସାମ୍ବାଦିକମାନଙ୍କ ପକ୍ଷେ କଷ୍ଟକର। ବାସ୍ତବତା ହେଉଛି ନିଜ ଘରଠାରୁ ଦୂରରେ ଶତ୍ରୁଭାବାପନ୍ନ ଲୋକଙ୍କ ଭିତରେ ରହୁଥିବା ସୈନିକମାନେ ସେହିପରି ବ୍ୟବହାର କରନ୍ତି। ଭିଏତ୍‌ନାମ, ଶ୍ରୀଲଙ୍କା ବା ଇରାକ ସବୁଠି ସେଇଆ ଦେଖାଯାଇଛି। ତାହା ହେଉଛି ମଣିଷର ପ୍ରକୃତି ଏବଂ ଏଥିପାଇଁ ଯଦି ଆମେ କାହାର ଦୋଷ ଦେବା ତେବେ ସେମାନେ ହେଉଛନ୍ତି ବିଭିନ୍ନ ଦେଶର ନେତୃତ୍ୱ, ଯେଉଁମାନେ ସୈନିକମାନଙ୍କୁ ସେହିସବୁ ସ୍ଥାନରେ ନିୟୋଜିତ କରିଛନ୍ତି। ଏହାଦ୍ୱାରା ହଜାର ହଜାର ସାଧାରଣ ଲୋକ ଓ ସୈନିକଙ୍କର ଜୀବନ ଯାଉଛି ଓ ଯାଉଥିବ। ଚାଇନା ଓ ପାକିସ୍ତାନ ସହ ଆମର ଯେଉଁ ବଡ଼ ଯୁଦ୍ଧ ହୋଇଥିଲା ତାହା ଭାରତର ଇତିହାସ ପୁସ୍ତକରେ ଲିପିବଦ୍ଧ ହୋଇ ରହିଛି ଏବଂ ସେଥିରେ ଶହୀଦ ହୋଇଥିବା ଯବାନମାନଙ୍କୁ ବି ଆମେ ସ୍ମରଣ କରୁଛୁ। କିନ୍ତୁ ଦେଶର ଆଭ୍ୟନ୍ତରୀଣ କନ୍ଦଳରେ ପ୍ରାଣ ହରାଇଥିବା ବହୁ ଅଧିକ ସଂଖ୍ୟକ ଲୋକଙ୍କୁ କିଏ ମନେରଖୁଛି? ଏ କ୍ଷତରୁ ନିୟତ ରକ୍ତ ଝରିଚାଲିଛି, ସେଥିରେ ବ୍ୟାଣ୍ଡେଜ୍ କନା ଖଣ୍ଡେ ବାନ୍ଧିବାର ପ୍ରଚେଷ୍ଟା କେହି କେବେ କରିନାହାନ୍ତି।

Email: aakar.patel@gmail.com

## su|do|ku | ସୁ–ଡୋ–କୁ

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| E | | | | | | | | | 4 | | | | A | |
| B | | C | | | 1 | A | | | | | 2 | | | 8 |
| | | 7 | | | | 3 | | | | | 1 | 6 | | 9 |
| 9 | | | E | A | | | | | 5 | 6 | | | | |
| | 6 | 2 | | | | | C | | | | 7 | | | B |
| | B | 3 | 1 | | | | 7 | A | | | C | | | 0 |
| | 0 | 4 | A | | | 5 | 2 | | E | | | 1 | | |
| | | | | | | | | | | | | 9 | | |
| 6 | | | | | | | | | A | B | | 3 | | |
| | C | | 7 | 2 | 8 | | | 0 | | 9 | 6 | B | | |
| 1 | | | 4 | | 9 | D | | 5 | | | | | | 3 |
| | | | | 3 | 7 | 9 | | | 8 | 5 | D | | | 1 |
| | 4 | 8 | 0 | B | E | | | | | | | | | |
| | | | | 5 | | | | 7 | 1 | | 4 | | | |
| | | E | C | | 2 | | | 8 | | | | 5 | | |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୦ରୁ ୯ ପର୍ଯ୍ୟନ୍ତ ଅଙ୍କ ଓ Aରୁ E ପର୍ଯ୍ୟନ୍ତ ଇଂଲିଶ ଲିପି ରହିବ।

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| 0 | B | D | E | A | 9 | 5 | 7 | 4 | 1 | 3 | 2 | C | 8 | 6 |
| A | C | 5 | 2 | 0 | 1 | 6 | B | E | 8 | 7 | 9 | D | 4 | 3 |
| 8 | 7 | 1 | 5 | 4 | 3 | 2 | D | A | 0 | 6 | C | E | B | 9 |
| 2 | E | 9 | C | 6 | D | 8 | 0 | 3 | 5 | 4 | B | 7 | 1 | A |
| 3 | 4 | 6 | 8 | 7 | B | C | 9 | 1 | E | A | D | 0 | 5 | 2 |
| D | 5 | E | 9 | C | 2 | B | A | 6 | 4 | 0 | 3 | 1 | 7 | 8 |
| 6 | 3 | C | 1 | B | E | 0 | 5 | 8 | D | 9 | 7 | A | 2 | 4 |
| 1 | 2 | 8 | A | D | 7 | 3 | 4 | 9 | B | C | E | 6 | 0 | 5 |
| 4 | A | B | 0 | 8 | 6 | 7 | E | C | 2 | 1 | 5 | 9 | 3 | D |
| 9 | 0 | 7 | 4 | 3 | 5 | 1 | 2 | D | 6 | 8 | A | B | C | E |
| 7 | 1 | 0 | 3 | 5 | A | 9 | 6 | 2 | C | D | 8 | 4 | E | B |
| B | 8 | 3 | 7 | E | 4 | A | C | 0 | 9 | 2 | 6 | 5 | D | 1 |
| E | 9 | A | D | 2 | C | 4 | 8 | B | 7 | 5 | 1 | 3 | 6 | 0 |
| 5 | D | 4 | 6 | 9 | 8 | E | 1 | 7 | 3 | B | 0 | 2 | A | C |
| C | 6 | 2 | B | 1 | 0 | D | 3 | 5 | A | E | 4 | 8 | 9 | 7 |

ଗତକାଲିର ଉତ୍ତର

# ମଦବିରୋଧୀ ଆନ୍ଦୋଳନ ତେଜିବା ଦରକାର

ରଘୁନାଥ ମହାପାତ୍ର

ଏକ ନିଶାମୁକ୍ତ ସମାଜ ଓ ରାଷ୍ଟ୍ର ଗଠନ ପାଇଁ ସରକାରୀ ଓ ବେସରକାରୀ ସ୍ତରରୁ ବିଭିନ୍ନ ଯୋଜନା ଓ ପ୍ରକଳ୍ପ କାର୍ଯ୍ୟକାରୀ ହେଉଛି। ଏଥିପାଇଁ ବଜେଟରେ କୋଟି କୋଟି ଟଙ୍କା ବ୍ୟବସ୍ଥା କରାଯାଇଛି। କିନ୍ତୁ ନିକଟରେ କେନ୍ଦ୍ର ସରକାରଙ୍କ ପ୍ରଦତ୍ତ ତଥ୍ୟ ଅତ୍ୟନ୍ତ ଦୁଃଖଦାୟକ। ଦେଶରେ ୧୬କୋଟି ଲୋକ ମଦ୍ୟପାନ କରନ୍ତି, ଯେଉଁମାନଙ୍କ ଭିତରୁ ୬କୋଟି ଲୋକଙ୍କର ଏହା ହେଉଛି ନିତିଦିନିଆ ଅଭ୍ୟାସ। ଦେଶବ୍ୟାପୀ ୩.୧କୋଟି ଲୋକ ପ୍ରତିଦିନ ଗଞ୍ଜେଇ ଓ ଭାଙ୍ଗ ବ୍ୟବହାର କରୁଛନ୍ତି। ୧୦–୭୫ ବର୍ଷ ବୟସ ମଧ୍ୟରେ ୧.୧୮ କୋଟି ଲୋକ ସେଡିଟିଭ୍ସ ନେଉଥିବାବେଳେ ୭୭ଲକ୍ଷ ଲୋକ ଇନ୍‌ହେଲାଣ୍ଟସ୍ ବ୍ୟବହାର କରୁଛନ୍ତି। ପୃଥିବୀରେ ଉତ୍ପାଦିତ ସବୁ ପ୍ରକାର ମଦର ଏକ ପଞ୍ଚମାଂଶ ଭାରତୀୟମାନେ ପିଇଥାନ୍ତି। ସେହିପରି ଏକ ଗବେଷଣା ସଂସ୍ଥାର ତଥ୍ୟ ଅନୁଯାୟୀ ଭାରତବର୍ଷରେ ବ୍ୟବହୃତ ମଦର ଦୁଇ ତୃତୀୟାଂଶ ଚୋରାମଦ କାରବାରରୁ ଆସିଥାଏ। ପୃଥିବୀର ପ୍ରାୟ ୩୮.୩ ପ୍ରତିଶତ ଲୋକ ମଦ୍ୟପାନ କରିଥାନ୍ତି, ଯାହାର ବାର୍ଷିକ ମୁଣ୍ଡପିଛା ପରିମାଣ ହେଉଛି ୧୭ ଲିଟର। ଭାରତରେ ଅର୍ଥନୀତି ବିଶ୍ୱୀକରଣ ପରେ ବିଦେଶୀ ମଦର ଚାହିଦା ପ୍ରାୟ ୩୦ ପ୍ରତିଶତ ବଢ଼ିଛି। ଭାରତବର୍ଷରେ ୧୫ଲକ୍ଷ କୋଟି ଟଙ୍କାର ବିୟର, ୱାଇନ୍ ଓ ଅନ୍ୟାନ୍ୟ ମଦ ବିକ୍ରି ହୋଇଥାଏ। ପୃଥିବୀରେ ପାନ କରାଯାଉଥିବା ହ୍ୱିସ୍କି ବଜାରରେ ଭାରତର ସ୍ଥାନ ଏକ ନମ୍ବର। ନାନା କାରଣରୁ ଦିନକୁ ଦିନ ବିଶେଷକରି ଯୁବକମାନେ ଏଥିପ୍ରତି ଆକୃଷ୍ଟ ହେଉଛନ୍ତି। ବିଭିନ୍ନ ମହାନଗରରେ ମଦ କିଣୁଥିବା ବ୍ୟକ୍ତିମାନଙ୍କ ଭିତରୁ ୩୨ ପ୍ରତିଶତଙ୍କ ବୟସ ୧୭ରୁ ୨୫ ବର୍ଷ ହୋଇଥିବା ବେଳେ ୧.୫ ପ୍ରତିଶତଙ୍କ ବୟସ ୧୬ବର୍ଷରୁ କମ୍। ମଦ କିଣୁଥିବା ୪୫ ପ୍ରତିଶତ ଲୋକଙ୍କର ବୟସ ୨୬ରୁ ୫୦ ବର୍ଷ ଭିତରେ ଏବଂ ମଦ କିଣୁଥିବା ଯୁବବର୍ଗଙ୍କ ଭିତରେ ୪୨ ପ୍ରତିଶତ ଛାତ୍ର।

ଗୁଜରାଟ, ମଣିପୁର, ନାଗାଲାଣ୍ଡ, ଲାକ୍ଷାଦ୍ୱୀପ ଓ ବର୍ତ୍ତମାନବିହାରରେସମ୍ପୂର୍ଣ୍ଣମଦନିବାରଣକରାଯାଇଛି। ଓଡ଼ିଶାରେ ମଦ ସମେତ ଅନ୍ୟାନ୍ୟ ନିଶା ବ୍ୟବହାର ଉଦ୍‌ବେଗଜନକ ଭାବେ ବଢୁଥିବାବେଳେ ସରକାରୀ ନିଶା ଅପେକ୍ଷା ଚୋରା ନିଶାର ପ୍ରାବଲ୍ୟ ଅଧିକ ରହୁଛି।

ଓଡ଼ିଶାରେ ଅବକାରୀ ମାମଲାରେ ଦଣ୍ଡବିଧାନ ହାର ଅତି ନଗଣ୍ୟ ରହୁଥିବାରୁ ଚୋରା ମଦ ବେପାରୀମାନେ ଏଥିରୁ ଭଲ ଫାଇଦା ଉଠାଉଛନ୍ତି। ସରକାରଙ୍କ ତଥ୍ୟ ଅନୁଯାୟୀ ୨୦୧୪–୧୫ ବର୍ଷରେ ଓଡ଼ିଶାରେ ଅନ୍ୟୂନ ୨୨ଟି ଜିଲାରେ ଗୋଟିଏ ହେଲେ ଅବକାରୀ ମାମଲାରେ କେହି ଦଣ୍ଡ ପାଇନାହାନ୍ତି। ଦଣ୍ଡବିଧାନ ହାର ମାତ୍ର ୪.୫୯ପ୍ରତିଶତ। ୨୦୧୫–୧୬ବର୍ଷରେ ଓଡ଼ିଶାରେ ଅବକାରୀ ମାମଲାରେ ଦଣ୍ଡବିଧାନ ହାର ଥିଲା ୦.୩୬ ପ୍ରତିଶତ। ୨୦୧୬–୧୭ ବର୍ଷରେ ଅବକାରୀ ମାମଲାରେ ଓଡ଼ିଶାରେ ଦଣ୍ଡବିଧାନର ହାର ୩.୪୬ ପ୍ରତିଶତ ଥିବାବେଳେ ଚୂଡ଼ାନ୍ତ ଫଇସଲା ହୋଇଥିବା ୧୨,୧୨୯ଟି ମାମଲା ଭିତରୁ ମାତ୍ର ୧୦୭ଟିରେ ଦଣ୍ଡବିଧାନ ହୋଇଛି। ୨୦୧୭–୧୮ ବର୍ଷରେ ରାଜ୍ୟରେ ୬୩୭୫ଟି ଅବକାରୀ ମାମଲା ଫଇସଲା ହୋଇଥିବାବେଳେ ୬୧୨୭ଟି ମାମଲାରେ ପ୍ରମାଣ ଅଭାବରୁ ଅଭିଯୁକ୍ତମାନେ ନିର୍ଦ୍ଦୋଷ ସାବ୍ୟସ୍ତ ହୋଇଥିଲେ। ମାତ୍ର ୨୩୧ଟି ମାମଲାରେ ଦଣ୍ଡବିଧାନ ହୋଇଥିଲା। ଏହି ବର୍ଷରେ ଦଣ୍ଡବିଧାନ ହାର ୩.୬୨ ପ୍ରତିଶତ ରହିଥିଲା ଓ ୨୩ଟି ଜିଲାରେ ଗୋଟିଏ ହେଲେ ଅବକାରୀ ମାମଲାରେ କେହିବି ଦଣ୍ଡ ପାଇନାହାନ୍ତି। ଏହି ପ୍ରସଙ୍ଗରେ ସିଏଜି ତାଙ୍କ ରିପୋର୍ଟରେ କ୍ଷୋଭ ପ୍ରକାଶ ସହ ଅବକାରୀ ମାମଲା ଠିକଣା ଭାବେ ପରିଚାଳନା ହେଉନାହିଁ ବୋଲି ମତ ଦେଇଥିଲେ। ଚଳିତ ଆର୍ଥିକବର୍ଷରେ ଓଡ଼ିଶା ସରକାର ୪୬୦୦ କୋଟି ଟଙ୍କାର ରାଜସ୍ୱ ପାଇବାକୁ ଯାଉଛନ୍ତି ଏବଂ ରାଜ୍ୟର ୧,୩୯,୦୦୦ କୋଟି ଟଙ୍କାର ବଜେଟରେ ଅବକାରୀ ବିଭାଗ ପାଇଁ ମାତ୍ର ୧୩୦କୋଟି ଟଙ୍କାରୁ କମ୍ ବ୍ୟୟବରାଦ ହୋଇଛି। ସର୍ବଶେଷ ପରିସଂଖ୍ୟାନ ଅନୁଯାୟୀ ରାଜ୍ୟରେ ୧୨ଟି ଅବକାରୀ ସୁପରିଣ୍ଟେଣ୍ଡେଣ୍ଟ ପଦବୀ ଖାଲି ପଡ଼ିଛି।

ଭାରତୀୟ ସମ୍ବିଧାନ ଅନୁସାରେ ଆମ ଦେଶ ଏକ ଜନମଙ୍ଗଳ ରାଷ୍ଟ୍ର। ରାଷ୍ଟ୍ରର ସମସ୍ତ ପ୍ରକାର ଉନ୍ନତି ପାଇଁ ଲୋକଙ୍କ ଦ୍ୱାରା ନିର୍ବାଚିତ ସରକାରମାନେ କାର୍ଯ୍ୟ କରୁଛନ୍ତି। ଲୋକଙ୍କର ଆର୍ଥିକ, ସାମାଜିକ, ବ୍ୟକ୍ତିଗତ ଉନ୍ନତି ପାଇଁ ପ୍ରତିବର୍ଷ କେନ୍ଦ୍ର ସରକାର ନୂଆ ନୂଆ ଯୋଜନା କରୁଛନ୍ତି। ଅନେକ ଯୋଜନା ଜନମଙ୍ଗଳ ରାଷ୍ଟ୍ର ଗଠନରେ ବିରୁଦ୍ଧାଚରଣ କରୁଥିବା ମଧ୍ୟ ଖବରକାଗଜରେ ପ୍ରକାଶ ପାଉଛି ଏବଂ ସମାଜସେବୀମାନେ ସଭାସମିତି କରି ତା'ର ପ୍ରତିବାଦ କରୁଛନ୍ତି। ଏବେ ଆମ ରାଜ୍ୟ ଓଡ଼ିଶା କଥା ବିଚାର କରିବା।

ଓଡ଼ିଶାରେ ବର୍ତ୍ତମାନ ମଦର ବନ୍ୟା ପ୍ରବାହିତ ହେଉଛି ଗାଁଠାରୁ ସହର ଯାଏ। ସବୁ ଜାଗାରେ ମଦ ଦୋକାନ। ମଦ୍ୟପାନ ଦ୍ୱାରା ଯେ ଆମ ସମାଜ ଜୀବନ ନଷ୍ଟଭ୍ରଷ୍ଟ ହେଉଛି ସେକଥା ସରକାର ଜାଣନ୍ତି। ଯେତେ ପ୍ରକାର ଚୋରି, ଡକାୟତି, ବଳାତ୍କାର, ଅସାମାଜିକ କାର୍ଯ୍ୟ, ହତ୍ୟା, ଲୁଣ୍ଠନ ସବୁ ମଦ୍ୟପମାନେ କରୁଛନ୍ତି। ମଦ୍ୟପାନ କରି ଯୁବକମାନେ ମୋଟର ସାଇକେଲ ଚଳାଇ ରାସ୍ତାଘାଟରେ ଦୁର୍ଘଟଣା ଘଟାଇ ଅନ୍ୟର ଜୀବନ ନେବା ସଙ୍ଗେ ସଙ୍ଗେ ନିଜର ମୂଲ୍ୟବାନ ଜୀବନ ମଧ୍ୟ ହରାଉଛନ୍ତି। ପାରିବାରିକ ଜୀବନ ଏବେ ନଷ୍ଟଭ୍ରଷ୍ଟ ହେବାକୁ ବସିଛି। ରାତିଅଧରେ ପୁଅ ମଦପିଇ ଆସି ସ୍ତ୍ରୀକୁ ବାଡ଼େଇବା ସହିତ ନିଦ୍ରିତ ଛୋଟ ଶିଶୁମାନଙ୍କୁ ବାଡ଼େଇବାକୁ ମଧ୍ୟ ପଛାଉ ନାହିଁ। ପାଖ ଘରେ ଶୋଇଥିବା ବୃଦ୍ଧ ମାତାପିତା ବୋହୂର ମାଡ଼ଖିଆ କାନ୍ଦଣା ଶୁଣି ପାରୁଛନ୍ତି, କବାଟ ଖୋଲି ପ୍ରତିବାଦ କରିବାକୁ ତାଙ୍କର ସାହସ ନାହିଁ। ଗାଁଗହଳିରେ ୧୬–୧୭ ବର୍ଷର ଯୁବକ ମଦ ପିଇ ଘରକୁ ଫେରୁଛି, ମାତାପିତା କହିଲେ ଅଶ୍ଳୀଳ ଭାଷାରେ ଗାଳିଗୁଲଜ କରୁଛି। ଆମର ସମାଜ ଜୀବନ ଯେ ଦିନକୁ ଦିନ ଦୁର୍ବିଷହ ହୋଇ ଉଠୁଛି, ଏ କଥା ରାଜନେତାଙ୍କୁ ଅଜଣା ନାହିଁ। ଏବେ ଶାସକମାନଙ୍କୁ ଆମ ସମସ୍ତଙ୍କର ପ୍ରଶ୍ନ ଜାତିର ଜନକ ଗାନ୍ଧିଜୀ କ'ଣ ଏହିପରି ଜନମଙ୍ଗଳ ରାଷ୍ଟ୍ରର କଳ୍ପନା କରିଥିଲେ? ଘରେ ଘରେ ଲୋକମାନେ ମଦ୍ୟପ ହେବେ, ଝିଅବୋହୂଙ୍କ ଉପରେ ଅତ୍ୟାଚାର କରିବେ? ନିର୍ଭୀକ ଭାବରେ ସ୍ତ୍ରୀଲୋକଟିଏ ରାସ୍ତାରେ ଚାଲିପାରିବ ନାହିଁ। ତେବେ ଏ କେଉଁ ପ୍ରକାର ଜନମଙ୍ଗଳ ରାଷ୍ଟ୍ର ସେ କଥା ବିଚାର ହେବା ଦରକାର।

ଓଡ଼ିଶା ସରକାର ରାଜକୋଷ ବୃଦ୍ଧି ପାଇଁ ପ୍ରତିବର୍ଷ ନୂଆ ନୂଆ ମଦ ଦୋକାନ ଖୋଲୁଛନ୍ତି ଏବଂ ଅଧିକ ସଂଖ୍ୟାରେ ଲୋକେ ମଦ୍ୟପ ହେବାକୁ ଉତ୍ସାହ ପ୍ରଦାନ କରୁଛନ୍ତି। ମଦ ଦୋକାନ ବଢ଼ିବା ସଙ୍ଗେ ସଙ୍ଗେ ଅପରାଧ ବଢୁଛି। ତାକୁ ନିୟନ୍ତ୍ରଣ କରିବା ପାଇଁ ଥାନା ପୋଲିସ ସଂଖ୍ୟା ମଧ୍ୟ ବଢୁଛି। କିନ୍ତୁ ପୋଲିସ ଅପରାଧୀଙ୍କୁ ନିୟନ୍ତ୍ରଣ କରିପାରୁନାହିଁ। ଭାରତବର୍ଷର ଅନେକ ରାଜ୍ୟରେ ନିଶା ନିବାରଣ କରାଯାଇଛି, ଯାହାଫଳରେ ଗରିବ ଶ୍ରେଣୀର ଲୋକେ ବହୁ ଭାବେ ଉପକୃତ ହେଉଛନ୍ତି। ଆମ ପଡ଼ୋଶୀ ରାଜ୍ୟ ବିହାରରେ ସାଧାରଣ ଲୋକେ ନୀତୀଶ କୁମାରଙ୍କୁ ଅନୁରୋଧ କରିଥିଲେ, ଆପଣ ଯଦି ମଦ ବନ୍ଦ କରିବେ ତା'ହେଲେ ଆପଣଙ୍କ ଦଳକୁ ଆମେ ଭୋଟ୍ ଦେବୁ। ନୀତୀଶ କୁମାର ଜଣେ ପ୍ରଭାବଶାଳୀ ନେତା। ସେ ଗରିବ ଲୋକଙ୍କ ଦୁଃଖ ବୁଝିଲେ ଏବଂ ସରକାର ଗଢ଼ିବା ମାତ୍ରେ ବିହାରରୁ ମଦ ଉଠାଇଲେ। ବର୍ତ୍ତମାନ ସାଧାରଣ ଲୋକେ ବେଶ୍ ଖୁସି ଅଛନ୍ତି। ଆମ ଓଡ଼ିଶାରେ ମହିଳାମାନେ ମଦ ବିରୋଧରେ ଆନ୍ଦୋଳନ କରୁଛନ୍ତି, ମଦଭାଟି ଭାଙ୍ଗୁଛନ୍ତି, ସମାଜସେବୀମାନେ ପ୍ରତିବାଦ ସଭା କରୁଛନ୍ତି କିନ୍ତୁ କଥାଟା ସରକାରଙ୍କ କାନରେ ନ ପଡ଼ିଲା ଭଳି ଜଣାପଡୁଛି। ସରକାର ଚାହୁଁଛନ୍ତି ଜନମଙ୍ଗଳ ରାଷ୍ଟ୍ର ନିଶାବିକଳ ରାଷ୍ଟ୍ରରେ ପରିଣତ ହେଉ। ବିଧାନସଭାରେ ଏ ବିଷୟରେ ତ କେହି ପ୍ରତିବାଦର ସ୍ୱର ଉଠାଉନାହାନ୍ତି। ଯଦି ବିରୋଧୀ ଦଳମାନେ ଏ ବିଷୟରେ କଡ଼ା ଆଭିମୁଖ୍ୟ ନିଅନ୍ତେ ତା'ହେଲେ ଶାସକଦଳ ଉପରେ ଏହାର ପ୍ରଭାବ ପଡ଼ନ୍ତା। ଖବରକାଗଜରେ ମଦ ବିରୋଧରେ ଅନେକ ଲେଖା ପ୍ରକାଶ ପାଉଛି, ତାକୁ କିନ୍ତୁ ଗୁରୁତ୍ୱ ଦିଆଯାଉନାହିଁ। ଆମ ସମାଜର ବିଶିଷ୍ଟ ବ୍ୟକ୍ତି ବୋଲି ଯେଉଁମାନେ ନିଜକୁ ପରିଚୟ ଦେଉଛନ୍ତି, ବୁଦ୍ଧିଜୀବୀ ବୋଲି କହୁଛନ୍ତି ସେମାନେ ତ କେବେ ଏ ବିଷୟରେ ପ୍ରତିବାଦର ସ୍ୱର ଉଠାଉ ନାହାନ୍ତି। ତା'ହେଲେ ଏ ସମାଜ ତିଷ୍ଠିବ କିପରି? ନିଶା ନିବାରଣ ନ ହେଲେ ଆମର ଆଗାମୀ ବଂଶଧରମାନେ ଆମକୁ ହିଁ ଦୋଷ ଦେବେ। ବର୍ତ୍ତମାନ ସାରା ରାଜ୍ୟରେ ମଦବିରୋଧୀ ଆନ୍ଦୋଳନକୁ ଆଗେଇ ନେବାକୁ ସମାଜସେବୀମାନେ ଆଗଭର ହୁଅନ୍ତୁ।

ସତ୍ୟଶ୍ରୀ ନିବାସ, ତାରାଚାନ୍ଦପାଟଣା, କଟକ,
ମୋ– ୯୨୩୮୬୩୨୭୫୦

# ପ୍ରେରଣାଦାୟିନୀ ଜୀବବିଜ୍ଞାନୀ

## ବ୍ୟକ୍ତିତ୍ୱ



ଚନ୍ଦ୍ରିମା ଶାହା

ବିଜ୍ଞାନ ଓ ପ୍ରଯୁକ୍ତିବିଦ୍ୟାର ସମସ୍ତ ବିଭାଗକୁ ପ୍ରତିନିଧିତ୍ୱ କରୁଥିବା ଭାରତୀୟ ବୈଜ୍ଞାନିକଙ୍କ ଶୀର୍ଷ ସଂସ୍ଥା ହେଉଛି ଇଣ୍ଡିଆନ୍ ନ୍ୟାଶନାଲ ସାଇନ୍ସ ଏକାଡେମୀ (ଆଇଏନ୍‌ଏସ୍‌ଏ) ବା ଭାରତୀୟ ଜାତୀୟ ବିଜ୍ଞାନ ଏକାଡେମୀ। ଦେଶରେ ବିଜ୍ଞାନ ଓ ଏହାର ପ୍ରୟୋଗକୁ ଲୋକାଭିମୁଖୀ କରିବାରେ ଏକାଡେମୀର ଭୂମିକା ଅନସ୍ୱୀକାର୍ଯ୍ୟ। ୧୯୩୫ରେ ଏହା ମୂଳତଃ ପ୍ରତିଷ୍ଠା ହୋଇଥିଲା। ୧୯୭୦ରେ ଆଇଏନ୍‌ଏସ୍‌ଏ ନାମ ବହନ କରିବା ପୂର୍ବରୁ ଏହା ନ୍ୟାଶନାଲ ଇନ୍‌ଷ୍ଟିଚ୍ୟୁଟ ଅଫ୍ ସାଇନ୍ସ ଭାବେ ଜଣାଥିଲା। ସଂସ୍ଥାର ମୁଖ୍ୟାଳୟ ନୂଆଦିଲ୍ଲୀରେ ଅବସ୍ଥିତ। ୧୯୪୫ରେ ଭାରତ ସରକାର ଏହାକୁ ପ୍ରମୁଖ ବିଜ୍ଞାନସମ୍ମତ ସମିତି ଭାବେ ମାନ୍ୟତା ଦେଇଥିଲେ। ଏଭଳି ଏକ ମର୍ଯ୍ୟାଦାଜନକ ସଂସ୍ଥାର ପ୍ରଥମ ମହିଳା ସଭାପତି ହେବା ଲାଗି ଭାରତର ଖ୍ୟାତିସମ୍ପନ୍ନା ଜୀବବିଜ୍ଞାନୀ ଚନ୍ଦ୍ରିମା ଶାହା ନିର୍ବାଚିତ ହୋଇଛନ୍ତି। ଅଜୟ. କେ. ସୁଦ୍‌ଙ୍କ କାର୍ଯ୍ୟକାଳ ଶେଷ ହେବା ପରେ ଚନ୍ଦ୍ରିମା ଜାନୁୟାରୀ ୨୦୨୦ରୁ ୨୦୨୨ ଯାଏ ସଭାପତି ଦାୟିତ୍ୱରେ ରହିବେ। ମହିଳା ବୈଜ୍ଞାନିକ ଭାବେ ଏପରି ପଦବୀ ପାଇବା ପରେ ଚନ୍ଦ୍ରିମାଙ୍କ ନାମ ଚର୍ଚ୍ଚାକୁ ଆସିଛି।

୧୪ ଅକ୍ଟୋବର ୧୯୫୨ରେ ଚନ୍ଦ୍ରିମା ଜନ୍ମଗ୍ରହଣ କରିଥିଲେ। ସେ କଲିକତା ବିଶ୍ୱବିଦ୍ୟାଳୟରୁ ସ୍ନାତକ ଡିଗ୍ରୀ ଅର୍ଜନ କରିଥିଲେ। ଗବେଷଣା ଦିଗରେ ଗଭୀର ମନୋନିବେଶ କରି ୧୯୮୦ ସେ ଇଣ୍ଡିଆନ୍ ଇନ୍‌ଷ୍ଟିଚ୍ୟୁଟ ଅଫ୍ କେମିକାଲ ବାୟୋଲଜିରୁ ଡକ୍ଟରାଲ ରିସର୍ଚ୍ଚ ଶେଷ କରିଥିଲେ ଏବଂ କଲିକତା ବିଶ୍ୱବିଦ୍ୟାଳୟରୁ ପିଏଚ୍.ଡି. ଡିଗ୍ରୀ ଅର୍ଜନ କରିଥିଲେ। ପୋଷ୍ଟ ଡକ୍ଟରାଲ କରିବା ଲାଗି ସେ ନ୍ୟୁୟର୍କ ଯାଇଥିଲେ। ସେଠାରୁ ଫେରିବା ପରେ ସେ ୧୯୮୪ରେ ନୂଆଦିଲ୍ଲୀସ୍ଥିତ ନ୍ୟାଶନାଲ ଇନ୍‌ଷ୍ଟିଚ୍ୟୁଟ ଅଫ୍ ଇମ୍ୟୁନୋଲଜିରେ ବୈଜ୍ଞାନିକ ଭାବେ ଯୋଗ ଦେଇଥିଲେ। ଗବେଷଣା କ୍ଷେତ୍ରରେ ଉତ୍କର୍ଷ ପ୍ରତିପାଦନ କରିପାରିଥିବାରୁ ୧୯୯୦ରୁ ୧୯୯୨ ଯାଏ ତାଙ୍କୁ ବିଶ୍ୱ ସ୍ୱାସ୍ଥ୍ୟ ସଙ୍ଗଠନ (ଡବ୍ଲ୍ୟୁଏଚ୍‌ଓ)ର ପୁରୁଷ ପ୍ରଜନନ କ୍ଷମତା ନିୟନ୍ତ୍ରଣ ଷ୍ଟିୟରିଂ କମିଟିର ସଦସ୍ୟ କରାଯାଇଥିଲା। ସେହିପରି ୨୦୧୩ରୁ ୨୦୧୬ ଯାଏ ଇଣ୍ଡିଆନ୍ କାଉନ୍‌ସିଲ୍ ଅଫ୍ ମେଡିକାଲ ରିସର୍ଚ୍ଚର ସାଇଣ୍ଟିଫିକ୍ ଆଡ୍‌ଭାଇଜରି ବୋର୍ଡର ମଧ୍ୟ ଚନ୍ଦ୍ରିମା ସଦସ୍ୟ ରହିଥିଲେ। ସେ ଏବେ ଗାନ୍ଧୀନଗରସ୍ଥିତ ଆଇଆଇଟି ଗଭର୍ଣ୍ଣିଂ କାଉନ୍‌ସିଲର ସଦସ୍ୟ ଅଛନ୍ତି। ନ୍ୟାଶନାଲ ଇନ୍‌ଷ୍ଟିଚ୍ୟୁଟ ଅଫ୍ ଇମ୍ୟୁନୋଲଜିର ପ୍ରଫେସର ଥିବା ଚନ୍ଦ୍ରିମା ୨୦୧୬ରୁ ୨୦୧୮ ପର୍ଯ୍ୟନ୍ତ ଆଇଏନ୍‌ଏସ୍‌ଏର ଉପସଭାପତି (ଅନ୍ତର୍ଜାତୀୟ) ଦାୟିତ୍ୱରେ ଥିଲେ। ସେ ୱାର୍ଲଡ୍ ଏକାଡେମୀ ଅଫ୍ ସାଇନ୍ସ, ଆଇଏନ୍‌ଏସ୍‌ଏ, ଇଣ୍ଡିଆନ୍ ଏକାଡେମୀ ଅଫ୍ ସାଇନ୍ସ ଏବଂ ୱେଷ୍ଟ ବେଙ୍ଗଲ ଏକାଡେମୀ ଅଫ୍ ସାଇନ୍ସ ଆଣ୍ଡ୍ ଟେକ୍‌ନୋଲଜିର ନିର୍ବାଚିତ ଫେଲୋ ଅଛନ୍ତି। ଏବେ ସେ ସେଲ୍ ଡେଥ୍ ବା କୋଷର ମୃତ୍ୟୁ ନେଇ ଗବେଷଣା ନିମଗ୍ନା। ପରଜୀବୀଙ୍କ ମୃତ୍ୟୁ ହେଲେ ରୋଗ ଅନେକାଂଶରେ ନିୟନ୍ତ୍ରଣ ହୋଇପାରିବ ବୋଲି ମନେ କରି ସେ ତା' ଉପରେ ଅଧିକ ବିଶ୍ଳେଷଣ କରି ଚାଲିଛନ୍ତି।

କାର୍ଯ୍ୟ ପ୍ରତି ଏକନିଷ୍ଠ ସାଧନା ଆଜି ଚନ୍ଦ୍ରିମାଙ୍କୁ ବିଜ୍ଞାନ ଜଗତରେ ପରିଚିତ କରାଇଛି। ତେବେ ତାଙ୍କ କ୍ୟାରିୟରର ପ୍ରାରମ୍ଭିକ ସମୟ କଥା ମନେପକାଇ ସେ କହନ୍ତି, ସେତେବେଳେ ପୁରୁଷ ବୈଜ୍ଞାନିକମାନେ ମହିଳା ସହକର୍ମୀମାନଙ୍କୁ ଅଣଦେଖା କରୁଥିଲେ। ଏଭଳି ଲିଙ୍ଗଗତ ପକ୍ଷପାତ ଲକ୍ଷ୍ୟ ହାସଲରେ ପ୍ରତିବନ୍ଧକ ସୃଷ୍ଟି କରିପାରିବ ନାହିଁ ବୋଲି ସେ ଧରି ନେଇଥିଲେ। ଆଗକୁ ବଢ଼ିବା ଲାଗି ନିରନ୍ତର ପ୍ରଚେଷ୍ଟା ଦରକାର ବୋଲି ଭାବିନେଇ ସେ ଗବେଷଣାରେ ଅଧିକ ମନୋନିବେଶ କରିଥିଲେ। ତାଙ୍କ ମତରେ ବିଜ୍ଞାନରେ ବିବିଧତା ହେଉଛି ଗୁରୁତ୍ୱପୂର୍ଣ୍ଣ କଥା। ଉଭୟ ପୁରୁଷ ଓ ମହିଳା ଗବେଷଣା କ୍ଷେତ୍ରରେ ବହୁଳ ଭାବେ ଅଂଶଗ୍ରହଣ କରିବାର ଆବଶ୍ୟକତା ରହିଛି। ଗବେଷଣା କ୍ଷେତ୍ରକୁ ଓହ୍ଲାଇବା ପୂର୍ବରୁ ଚନ୍ଦ୍ରିମା ଜଣେ ଭଲ କ୍ରିକେଟର ସହିତ ଆକାଶବାଣୀର ଭାଷ୍ୟକାର ଥିଲେ। କ୍ରିକେଟ ଖେଳିବା ବେଳେ ସେଥିରୁ ଦଳଗତ ସଫଳତା କୌଶଳ ଶିଖିଥିଲେ ବୋଲି ସେ କହିଛନ୍ତି। ତେଣୁ ଗବେଷଣା କ୍ଷେତ୍ରରେ ଉତ୍କର୍ଷ ପାଇବାକୁ ହେଲେ ଏହି ମନୋବୃତ୍ତି ରହିବା ଦରକାର। ପଶ୍ଚିମବଙ୍ଗ ମହିଳା କ୍ରିକେଟ ଟିମ୍‌ର ଉପଅଧିନାୟିକା ଓ ଆକାଶବାଣୀର ପ୍ରଥମ ମହିଳା ଭାଷ୍ୟକାର ହେବାର ଗୌରବ ଅର୍ଜନ କରିଥିବା ଚନ୍ଦ୍ରିମାଙ୍କ କ୍ୟାରିୟରରେ ଆଇଏନ୍‌ଏସ୍‌ଏର ପ୍ରଥମ ମହିଳା ସଭାପତି ଆଖ୍ୟା ଯୋଡ଼ି ହେବାକୁ ଯାଉଛି। ଏହା ନିଶ୍ଚିତ ଭାବେ ଯୁବପିଢ଼ି ପାଇଁ ପ୍ରେରଣାର ଉତ୍ସ ହେବ।

–ଜିତେନ୍ଦ୍ର କୁମାର ନାୟକ

## ପାଠକ ଶ୍ରେଷ୍ଠ ବିଚାରକ

### ଓଡିଶାରେ ଦୁଇବର୍ଗ ବଞ୍ଚିତ

ମହାଶୟ,

ବିଜେଡି ସରକାରରେ ଖଟିଖିଆ ଓ ଗରିବଙ୍କ ଜୀବନଚର୍ଯ୍ୟାରେ ଉନ୍ନତି ଘଟିଛି। ଧନୀ ଲୋକଙ୍କ ଜୀବନଶୈଳୀ ଅପରିବର୍ତ୍ତିତ। ସରକାରୀ ଚାକିରିଆଙ୍କର ବେତନ ବୃଦ୍ଧି ଘଟୁଛି। ମାତ୍ର ମଧ୍ୟବିତ୍ତ ଶ୍ରେଣୀ ଓ ସ୍ୱଳ୍ପ ପେନସନଧାରୀଙ୍କ ପାଇଁ ବିଜେଡି ସରକାରଙ୍କର କରୁଣା ଊଣା। ସେମାନଙ୍କୁ ରାଶନ କାର୍ଡ ଖଣ୍ଡେ ମିଳୁନି, ଚିନି, କିରୋସିନ ଭଳି ଅତ୍ୟାବଶ୍ୟକ ଜିନିଷ ସେମାନଙ୍କ ପାଇଁ ଦୁଷ୍ପ୍ରାପ୍ୟ। ଆବଶ୍ୟକସ୍ଥଳେ କଳାବଜାରୀଙ୍କ ପାଖେ ନେହୁରା ହେବାକୁ ପଡୁଛି। ବିଜେଡି ସରକାର ଏଇ ଦୁଇବର୍ଗର ଭୋଟରଙ୍କ ପାଇଁ କୃପା ଦୃଷ୍ଟିଦେଲେ ସରକାରଙ୍କର ସୁନାମ ବଢିବ।

ସଚ୍ଚିଦାନନ୍ଦ ମିଶ୍ର, ହଳଦିଆ, ଖୋର୍ଦ୍ଧା

### ମୃତ୍ୟୁଦଣ୍ଡ ବି ଯଥେଷ୍ଟ ନୁହେଁ

ପ୍ରତ୍ୟେକ ଦିନ ଖବରକାଗଜ ପୃଷ୍ଠା ଓଲଟାଇଲେ କେଉଁଠି ନା କେଉଁଠି ଛୋଟବଡ ବଳାତ୍କାର ଘଟଣା ପ୍ରକାଶ ପାଉଛି। ବହୁ କ୍ଷେତ୍ରରେ ବଳାତ୍କାର ପରେ ପରେ ପୀଡିତାକୁ ଜଘନ୍ୟ ଭାବେ ହତ୍ୟା କରାଯାଉଛି। ସାମାଜିକ ଲଜ୍ଜା, ଅପରାଧୀର ଧମକ ଓ ପୋଲିସର ନିଷ୍କ୍ରିୟତା ଯୋଗୁ ବହୁ ଘଟଣା ଲୋକଲୋଚନ ଅନ୍ତରାଳରେ ରହିଯାଉଛି। ଏଥିରୁ ୬ ମାସର ଶିଶୁଠାରୁ ଆରମ୍ଭ କରି ୬୦ ବର୍ଷର ବୃଦ୍ଧାମାନେ ନିସ୍ତାର ପାଉନାହାନ୍ତି। ଏଭଳି କୁତ୍ସିତ ସମସ୍ୟାର ମୂଳୋତ୍ପାଟନ କରିବାକୁ ପଡିବ। କାମାତୁର ପୁରୁଷ ମୃତ୍ୟୁଦଣ୍ଡ କଥା ଚିନ୍ତା କରେ ନାହିଁ। ତା' ପାଇଁ ମୃତ୍ୟୁଦଣ୍ଡ ବି ଯଥେଷ୍ଟ ନୁହେଁ। ସୁତରାଂ ବଳାତ୍କାରୀକୁ ନପୁଂସକ କରିଦେବା ଭଳି ପଦକ୍ଷେପ ଯଦି ନିଆଯାଏ ତା'ହେଲେ ଏପରି ଅପକର୍ମ ହ୍ରାସ ପାଆନ୍ତା।

ଯଦୁନାଥ ସାହୁ, ସାବରଙ୍ଗ, ଭଦ୍ରକ

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି–୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର–୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

## ଏଇ ଭାରତରେ

ବନ୍ୟାଜଳ ଉବୁଟୁବୁ ହେଉଥିବାବେଳେ ଜଣେ ବ୍ୟକ୍ତିଙ୍କ ଅନ୍ତିମ ସଂସ୍କାର ପାଇଁ ପରିବାର ସଦସ୍ୟ ବାହାରକୁ ଗୋଡ ବଢ଼ାଇଥିଲେ। ଏହି ସମୟରେ ବନ୍ୟାଞ୍ଚଳ ପରିଦର୍ଶନ କରୁଥିବା ଜଣେ ବିଧାୟକ ଦୌଡ଼ି ଆସି ଶବାଧାରରେ କାନ୍ଧ ଲଗାଇଥିଲେ। ଏହା ଦେଖି ଅନ୍ୟମାନେ ଆଶ୍ଚର୍ଯ୍ୟ ହୋଇଥିଲେ ମଧ୍ୟ ଶ୍ମଶାନରେ ସାହାଯ୍ୟ କରୁଥିବା ବନ୍ଧୁ ହିଁ ପ୍ରକୃତ ବନ୍ଧୁ ବୋଲି ବିଧାୟକ ମନେପକାଇ ଦେଇଥିଲେ। ଏପରି ଏକ ଘଟଣା ଘଟିଛି ମଧ୍ୟପ୍ରଦେଶରେ। ପାର୍ବତୀ ନଦୀରେ ବନ୍ୟାଜଳ ପ୍ରବାହିତ ହେଉଛି। ଫଳରେ ମାଧୋପୁରକୁ ସଂଯୋଗ କରୁଥିବା ରାସ୍ତାରେ ଯୋଗାଯୋଗ ବିଚ୍ଛିନ୍ନ ହୋଇପଡ଼ିଛି। ଏହି ଅଞ୍ଚଳରେ ଥିବା ସୋଇଙ୍କଲାରେ ଜଣେ ବ୍ୟକ୍ତିଙ୍କ ମୃତ୍ୟୁ ଘଟିବାରୁ ପରିବାର ସଦସ୍ୟ ତାଙ୍କର ଅନ୍ତିମ ସଂସ୍କାର ପାଇଁ ଚାରିଫୁଟ ବନ୍ୟାଜଳରେ ମୃତଦେହକୁ ହସ୍ପିଟାଲରୁ ଗାଁକୁ ବୋହି ନେଉଥିଲେ। କିଛି ଦୂରରେ ବନ୍ୟା ସ୍ଥିତି ତଦାରଖ କରୁଥିବା ବିଧାୟକ ବାବୁ ଜଣ୍ଡେଲ୍ ଏହା ଦେଖି ତତ୍‌କ୍ଷଣାତ୍ ବନ୍ୟାଜଳରେ ପଶି ଶବାଧାରରେ କାନ୍ଧ ଲଗାଇଥିଲେ। ଏହା ସହିତ ଅନ୍ତିମ ସଂସ୍କାର ଲାଗି ବିଧାୟକ ବ୍ୟବସ୍ଥା କରିଥିଲେ। ବିଧାୟକ ମୃତଦେହ ବୋହିବାର ଭିଡିଓ ଏବେ ସୋସିଆଲ୍ ମିଡିଆରେ ବେଶ୍ ଭାଇରାଲ ହେବାରେ ଲାଗିଛି।

## ଚିରନ୍ତନୀ

ଅମର କଥା ନୁହଇ କିଛି
 ମରଣ ଅବିକଳ
ସାନ୍ତ୍ୱନାର ଗୋଟାଏ ଖାଲି ଭାବ
ରଚଇ କବି ଶିଳ୍ପୀ ଲେଖେ
 ଲାଗଇ ବୋଲି ଭଲ
କି ତହିଁ ଆଉ ରହିଚି ତାର ଲାଭ?
ଜୀବନ ଥାଉଁ କି ଭୟ ଆଉ
 ହସରେ ଯେତେ ହସ
କାନ୍ଦିବାକୁ ନ କରି ତିଳେ ଲାଜ
ମରଣ ଆଗୁଁ କର ହେ ପାନ
 ଜୀବନ ସୁଧାରସ
ମରଣ–ପଥ ପଥିକ ଆଜି ସାଜ!
ନାହିଁରେ ଲାଭ ଜୀବନେ ଲେଖି
 କାରଣହୀନ ଦୁଃଖ
ମରଣ ଶୋକେ ବିକଳେ ସଦା ଚାହିଁ
ଅମର ହେବା ମାନସେ ଖାଲି
 ବିରସ କରି ମୁଖ
ଜୀବନ ପରେ ନାହିଁରେ କିଛି ନାହିଁ!

(ଅମର ଆଶା)
–କାଳିନ୍ଦୀ ଚରଣ ପାଣିଗ୍ରାହୀ

## ୨୫ ବର୍ଷ ତଳର ଧରିତ୍ରୀ

୧୮ ଅଗଷ୍ଟ ୧୯୯୪

- ଭାରତୀୟ ଜନତା ପାର୍ଟିର ବରିଷ୍ଠ ନେତା ତଥା ଲୋକ ସଭାରେ ବିରୋଧୀ ଦଳ ନେତା ଅଟଳ ବିହାରୀ ବାଜପେୟୀଙ୍କୁ ଚଳିତବର୍ଷର ସର୍ବଶ୍ରେଷ୍ଠ ସାଂସଦ ଭାବେ ଗୋବିନ୍ଦ ବଲ୍ଲଭ ପନ୍ଥ ପୁରସ୍କାର ପ୍ରଦାନ।
- ଭାରତରୁ ରେୟନ କପଡ଼ା ଆମଦାନୀ ଆମେରିକା ନିଷିଦ୍ଧ କଲା।
- ଓଡ଼ିଶାରେ ବିଦ୍ୟୁତ୍ ଉତ୍ପାଦନ କେନ୍ଦ୍ର ପ୍ରତିଷ୍ଠା ପାଇଁ ଅଧିକ ସହାୟତା ଯୋଗାଇଦେବା ସକାଶେ ଆମେରିକାର ୨ଟି କମ୍ପାନୀ ସହ ରାଜ୍ୟ ସରକାରଙ୍କ ଆଲୋଚନା।



ଯିଏ ଗୋଟିଏ ଛୋଟ କାମକୁ ଦକ୍ଷତାର ସହିତ କରିଦେଇ ପାରିବ, ସେ ହିଁ ଗୋଟିଏ ବଡ଼ କାମକୁ ନେଇଆଣି ଥୋଇ ପାରିବ। -ପାସ୍କଲ



## ସଂକ୍ଷେପରେ

### ବାରକୋଟ ବ୍ଲକରେ ସ୍ୱଳ୍ପ ବୃଷ୍ଟିପାତ: ମରୁଡ଼ି ଘୋଷଣା ଦାବି

ବାରକୋଟ, ୧୭।୮(ଡି.ଏନ.ଏ.)- ସ୍ୱଳ୍ପ ବୃଷ୍ଟିପାତ ଯୋଗୁ ଦେବଗଡ଼ ଜିଲା ବାରକୋଟ ବ୍ଲକରେ ମରୁଡ଼ି ପରିସ୍ଥିତି ଦେଖାଦେଇଛି। କୃଷି ବିଭାଗ ସୂତ୍ରରୁ ମିଳିଥିବା ସୂଚନା ମୁତାବକ, ଅଗଷ୍ଟ ୧୫ ସୁଦ୍ଧା ବାରକୋଟ ବ୍ଲକରେ ହାରାହାରି ୩୩ ପ୍ରତିଶତ କମ୍ ବର୍ଷା ହୋଇଛି। ଫଳରେ ବ୍ଲକର ୨୪ଟି ପଞ୍ଚାୟତ ମଧ୍ୟରୁ ଅଧିକାଂଶ ପଞ୍ଚାୟତରେ ମରଡ଼ି ପରିସ୍ଥିତି ଦେଖାଯାଇଛି। ବର୍ତ୍ତମାନ ସୁଦ୍ଧା ବସାଲଇ, କାଉଁଶିବାହାଲି, ଦନ୍ତାରିବାହାଲ, ସରୁଆଳି, ଗୁରୁସଙ୍ଗ ଆଦି ପଞ୍ଚାୟତରେ ୪୦ ପ୍ରତିଶତ ଚାଷ କାର୍ଯ୍ୟ ବାକି ରହିଛି । ଚଳିତ ସପ୍ତାହରେ ମାତ୍ର ୨ ଦିନ ମଧ୍ୟମ ଧରଣର ବର୍ଷା ହୋଇଥିବା ବେଳେ ବର୍ତ୍ତମାନ ବର୍ଷା ଗାଏବ ହୋଇଯାଇଛି। ଫଳରେ ଚାଷୀ ଚିନ୍ତା ପଡିଛନ୍ତି। ଏନେଇ ବାରକୋଟ ବ୍ଲକକୁ ମରୁଡ଼ି ଘୋଷଣା କରିବାକୁ ସାଧାରଣରେ ଦାବି ହୋଇଛି। ବାରକୋଟ ବ୍ଲକରେ ଜୁନ ମାସରେ ସ୍ୱଭାବିକ ଭାବେ ୨୪୨.୪ ମି.ମି ବର୍ଷା ହେବା ପରିବର୍ତ୍ତେ ୧୮୫ ମି.ମି. ବର୍ଷା ହୋଇଥିଲା। ସେହିପରି ଜୁଲାଇ ମାସରେ ୪୪୭.୭ ମି.ମି. ବର୍ଷା ହେବା ପରିବର୍ତ୍ତେ ୩୫୪ ମି.ମି. ବର୍ଷା ହୋଇଥିଲା। ଅଗଷ୍ଟ ମାସରେ ସ୍ୱଭାବିକ ୪୪୩.୪ ମି.ମି ବର୍ଷା ହେବା କଥା ମାତ୍ର ୧୫ ତାରିଖ ସୁଦ୍ଧା ୧୩୩.୮ ମି.ମି. ବର୍ଷା ହୋଇଛି। ଯାହାକି ଜୁନରେ ୨୮ ପ୍ରତିଶତ, ଜୁଲାଇରେ ୨୫ ପ୍ରତିଶତ ଏବଂ ଅଗଷ୍ଟରେ ୩୩ ପ୍ରତିଶତ କମ୍ ବର୍ଷା ରେକର୍ଡ କରାଯାଇଛି।

### ଭତ୍ତାରୁ ବଞ୍ଚିତ ହିତାଧିକାରୀଙ୍କୁ ସାହା ହେଲା 'ମାତୃଭୂମି'

**ରେଙ୍ଗାଲି, ୧୭।୮ (ଡି.ଏନ.ଏ.):** ରେଙ୍ଗାଲି ବ୍ଲକ ତଲାବିରାସ୍ଥିତ ମାତୃଭୂମୀ ସ୍ୱେଚ୍ଛାସେବୀ ସଂଗଠନ ବିଧବା ଭତ୍ତାରୁ ବଞ୍ଚିତ ହିତାଧିକାରୀଙ୍କୁ ସହଯୋଗର ହାତ ବଢ଼ାଇଛି। ଯେ ପର୍ଯ୍ୟନ୍ତ ସେମାନଙ୍କୁ ସରକାରୀ ସ୍ତରରେ ସହାୟତା ନ ମିଳିଛି ସେ ପର୍ଯ୍ୟନ୍ତ ସଂଗଠନ ପକ୍ଷରୁ ହିତାଧିକାରୀଙ୍କୁ ପ୍ରତ୍ୟେକ ମାସରେ ୫ଶହ ଟଙ୍କା ବ୍ୟାଙ୍କ ଖାତାକୁ ଦିଆଯିବ ବୋଲି ସଂଗଠନ ଘୋଷଣା କରିଛି। ଏହି ଅବସରରେ ବର୍ଷା ଯୋଗୁ ଭାଙ୍ଗିଯାଇଥିବା ଘର ପାଇଁ କେତେକ ଲୋକଙ୍କୁ ସଂଗଠନ ପକ୍ଷରୁ ତାରପୋଲିନ ବଣ୍ଟନ କରାଯାଇଥିଲା। ଉମାକାନ୍ତ ନାଥ, ପିତାମ୍ବର ବିଶ୍ୱାଳ, ରାକେଶ ତିୱାରୀ, ବିଜୟ ଭୋଇ, ନୀଳମାଧବ ସେଠ, ଚିନ୍ମୟ ସାହୁ, ରାଜେଶ ନାଥ ପ୍ରମୁଖ ଉପସ୍ଥିତ ଥିଲେ।







ବାମରା ବ୍ଲକ କାର୍ଯ୍ୟାଳୟ ପରିସରରେ ଚାଷୀମାନେ ବିଭିନ୍ନ ଅଭାବ ଅସୁବିଧା ନେଇ ନୀରବ ପ୍ରତିବାଦରେ ବସିଥିବାବେଳେ କୁଚିଣ୍ଡା ବିଧାୟକ କିଶୋର ଚନ୍ଦ୍ର ନାଏକ ପହଞ୍ଚି ସେମାନଙ୍କ ସହ ଆଲୋଚନା କରୁଛନ୍ତି (ବାମ)। ଟିପିଲିମା ବରିଷ୍ଠ ନାଗରିକ ଫୋରମର କର୍ମକର୍ତ୍ତା ଚାରା ରୋପଣ କରିବା ଅବସରରେ (ମଝି)। ପଡିଆବାହାଲ ଡଙ୍ଗରପଡା ଆଞ୍ଚଳିକ ହାଇସ୍କୁଲର ମ୍ୟାଟ୍ରିକ ଟପ୍ପର ଛାତ୍ରୀ ସୋନାଲି ପାତ୍ର ତୃପ୍ତୀରାଣୀ ପଣ୍ଡା ସ୍ମାରକୀ ସମ୍ମାନରେ ସମ୍ମାନିତ ହେବା ଅବସରରେ।

ଭଏସ୍ ଜିନିୟସ୍ ସିଜନ-୮ ପ୍ରତିଯୋଗିତା

# ଶାଶ୍ୱତ କୁମାର ଚାମ୍ପିୟନ

**ଦେବଗଡ଼,୧୭।୮(ଡି.ଏନ.ଏ.)**

ସ୍ୱାଧୀନତା ଦିବସ ପାଳନ ଅବସରରେ ସ୍ଥାନୀୟ ଟାଉନହଲଠାରେ ଦେବଗଡ଼ ଜିଲାର ଅଗ୍ରଣୀ ସାଂସ୍କୃତିକ ଅନୁଷ୍ଠାନ ମ୍ୟୁଜିକା ସଙ୍ଗମ୍ ଏଣ୍ଡ ସଙ୍ଗମ୍ ପକ୍ଷରୁ କ୍ଲବର ୨୨ତମ ପ୍ରତିଷ୍ଠା ଦିବସ ଉପଲକ୍ଷେ ଭଏସ୍ ଜିନିୟସ୍ ସିଜନ୍-୮ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ପ୍ରତିଯୋଗିତାରେ ଅଂଶଗ୍ରହଣ ପାଇଁ ପୂର୍ବରୁ ଅଡିସନ୍ ମାଧ୍ୟମରେ ୫୦ଜଣଙ୍କ ମଧ୍ୟରୁ ୧୧ ଜଣ ଛାତ୍ରୀଛାତ୍ରଙ୍କୁ ମନୋନୀତ କରାଯାଇଥିଲା। ପ୍ରତିଯୋଗିତାରେ ସରସ୍ୱତୀ ଶିଶୁ ମନ୍ଦିର ଛାତ୍ର ଶାଶ୍ୱତ କୁମାର ଦାଶ ଚାମ୍ପିୟନ ହୋଇଥିବା ବେଳେ ରନର୍ସ ଅପ ସାହିଲ ସିଂ ଏବଂ ଚିନ୍ମୟ ସ୍କୁଲର ଛାତ୍ରୀ ସ୍ମୃତିରେଖା ମେହେର ତୃତୀୟ ସ୍ଥାନ ଅଧିକାର କରିଥିଲେ। ସେହିପରି ଆଞ୍ଚଲ ପ୍ରଧାନ, ସାଇକ୍ରିଷ୍ଣା ମହାନ୍ତି, ଡେଜିଲିଙ୍ଗ ପାତ୍ର, ପ୍ରୀତିପ୍ରଜ୍ଞା ନନ୍ଦ, ଜଗଦାତ୍ରୀ ପ୍ରଧାନ, ପଦ୍ମାରାଣୀ ପାତ୍ର, ଶୁଭଶ୍ରୀ ପ୍ରୀୟଦର୍ଶନୀଙ୍କୁ ପୁରସ୍କୃତ କରାଯାଇଥିଲା।

ନୃତ୍ୟରେ ଶାଶ୍ୱତ ଦାଶଙ୍କ ଦେବକୃପା ଗ୍ରୁପ୍ ଏବଂ ଅନ୍ତାକ୍ଷରୀରେ ଚାମ୍ପିୟନ ଭକ୍ତିଲତା ସୁରିଆ ତାଙ୍କ ସାଥୀ ଶ୍ରବାନୀ ପାତ୍ର ଏବଂ ରନର୍ସ ଅପ ସିବାଙ୍ଗି ଭୁକ୍ତା ତାଙ୍କ ସାଥୀ କ୍ଷିତେଶ୍ୱରୀଙ୍କୁ ନଗଦ ଅର୍ଥରାଶି ସହ ଟ୍ରଫି ପ୍ରଦାନ କରାଯାଇଥିଲା।





ଅତିଥିମାନେ ଚାମ୍ପିୟନ ଶାଶ୍ୱତ କୁମାର ଦାଶଙ୍କୁ ପୁରସ୍କୃତ କରୁଛନ୍ତି।

ପ୍ରଥମ ଦିନ କ୍ଲବ ସଭାପତି ଉମାଶଙ୍କର ସାହୁଙ୍କ ସଭାପତିତ୍ୱରେ ଆୟୋଜିତ ଉଦ୍‌ଘାଟନୀ ଉତ୍ସବରେ ମୁଖ୍ୟଅତିଥି ଭାବେ ଦେବଗଡ଼ ବିଧାୟକ ସୁବାସ ଚନ୍ଦ୍ର ପାଣିଗ୍ରାହୀ, ସମ୍ମାନିତ ଅତିଥି ଭାବେ ଆଇନଜୀବୀ ତାପସ କୁମାର ମହାପାତ୍ର ଯୋଗଦେଇ ପ୍ରତିଯୋଗିତାକୁ ଉଦ୍‌ଘାଟନ କରିଥିଲେ। କ୍ଲବର ପ୍ରତିଷ୍ଠାତା ତଥା ବରିଷ୍ଠ ସଦସ୍ୟ ସ୍ୱର୍ଗତ ପଦ୍ମନ କୁମାର ନାୟକଙ୍କ ସ୍ମୃତି ଉଦ୍ଦେଶ୍ୟରେ ନୀରବ ପ୍ରାର୍ଥନା କରାଯାଇଥିଲା । କ୍ଲବର ସମ୍ପାଦକ ଶଶାଙ୍କ ଶେଖର ଝାଙ୍କର ଅତିଥି ପରିଚୟ ଏବଂ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ଉପସଭାପତି ଉମେଶ ଚନ୍ଦ୍ର ନାୟକ, ଜନ୍ମେଜୟ ନାୟକ ପ୍ରମୁଖ ମଞ୍ଚାସୀନ ଥିଲେ। ଦ୍ୱିତୀୟ ଦିନରେ ଡ.ଉଇଲିୟମ ହେଣେଜ୍ ସମ୍ମାନନୀୟ ଅତିଥି, ଆଇନଜୀବୀ ବିକାଶ ପ୍ରଧାନ ପ୍ରମୁଖ ଯୋଗଦେଇ କାର୍ଯ୍ୟକ୍ରମର ଶୁଭାରମ୍ଭ କରିଥିଲେ। ସନ୍ଧ୍ୟାରେ କ୍ଲବ ସଭାପତି ସାହୁଙ୍କ ପରିଚାଳନାରେ ଆୟୋଜିତ ଉଦ୍‌ଯାପନୀ ଉତ୍ସବରେ ମୁଖ୍ୟଅତିଥି ଭାବେ ଜିଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ବିଜୟ ମିଶ୍ର, ସିଡବ୍ଲ୍ୟୁସି ଅଧ୍ୟକ୍ଷ ଅତୁଲ୍ୟ କୁମାର ପୂଜାରୀ, ଜିଲା ସଂସ୍କୃତି ପରିଷଦ ସଂଯୋଜକ ଦିଲୀପ କୁମାର ଗୁରୁ, ନିର୍ଦ୍ଦେଶକ ସତ୍ୟବ୍ରତ ଦ୍ୱିବେଦୀ ପ୍ରମୁଖ ଯୋଗଦେଇ କାର୍ଯ୍ୟକ୍ରମକୁ ପ୍ରଶଂସା କରିଥିଲେ। ଏହି ଅବସରରେ ନାଟକ ଏବଂ ସଙ୍ଗୀତ କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ପାଇଁ ଦେବଗଡ଼ର ୨ଜଣ କଳାକାର ମୀନକେତନ ମହାନ୍ତି ଏବଂ ହେମନ୍ତ କୁମାର ମହାପାତ୍ରଙ୍କୁ ଉପଢୌକନ ସହ ମାନପତ୍ର ଦେଇ ସମ୍ମାନିତ କରାଯାଇଥିଲା। ସେହିପରି କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା।

କାର୍ଯ୍ୟକ୍ରମରେ ରାଉରକେଲାର ପ୍ରଖ୍ୟାତ ବଂଶୀବାଦକ ବଂଶୀଧର ସାହୁଙ୍କ ସମେତ ଭୁବନେଶ୍ୱର ସୁରତାଲ ଅନୁଷ୍ଠାନର ଟୁକୁନା, ଚନ୍ଦନ ଏବଂ ସଙ୍ଗମ୍ ଏଣ୍ଡ ସଙ୍ଗମ୍ କ୍ଲବର ସଦସ୍ୟମାନେ ବାଦ୍ୟଯନ୍ତ୍ରରେ ସହଯୋଗ କରିଥିଲେ । ପ୍ରଥମ ଦିନ ଅନ୍ତାକ୍ଷରୀ ପ୍ରତିଯୋଗିତାରେ ବିଚାରକ ଭାବେ ନିର୍ଦ୍ଦେଶକ ପ୍ରେମାନନ୍ଦ ମାଝି, ପ୍ରଦୀପ ଅମାନ୍ତ, ପ୍ରଫୁଲ୍ଲ ନାୟକ, ସୁମିତ୍ରା ପୁରୋହିତ ଯୋଗଦେଇଥିବା ଉଦ୍‌ଯାପନୀ ଅବସରରେ ସମ୍ବଲପୁର କଣ୍ଠଶିଳ୍ପୀ ବେଦଶ୍ରୁତି ମହାପାତ୍ର, ସୁବର୍ଣ୍ଣପୁରର ଶାଶ୍ୱତ ତ୍ରିପାଠୀ, ସୁଜାତା ସାହୁ, ପୁରୀର ରୁଚିସ୍ମିତା ଗୁରୁ ଯୋଗଦାନ କରିଥିବା ବେଳେ କ୍ଲବର ଜନ୍ମେଜୟ ନାୟକ ଉଦ୍‌ଘୋଷକ ଭାବେ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। କାର୍ଯ୍ୟକ୍ରମରେ କ୍ଲବର ସହ ସମ୍ପାଦକ ପ୍ରତାପ କୁମାର ପାତ୍ର, କୋଷାଧ୍ୟକ୍ଷ ବିକାଶ ରଞ୍ଜନ ଖଡିରତ୍ନ, ସଦସ୍ୟ ରାଧାମାଧବ ମିଶ୍ର, ପ୍ରତାପ କିଶୋର ନାୟକ, ବାସୁଦେବ ମିଶ୍ର, ଆଶିଷ କୁମାର ସାହୁ, ପ୍ରୀତମ କୁମାର ବେହେରା ପ୍ରମୁଖ ସହଯୋଗ କରିଥିଲେ। ଶେଷରେ କ୍ଲବର ସମ୍ପାଦକ ଝାଙ୍କର ଧନ୍ୟବାଦ ଦେଇଥିଲେ।

ଦେବଗଡ଼ ଜିଲାରେ ସ୍ୱଳ୍ପ ବୃଷ୍ଟିପାତ

# ମରୁଡ଼ି ଘୋଷଣା ଦାବି

**ଦେବଗଡ଼,୧୭।୮(ଡି.ଏନ୍.ଏ.)**

ସ୍ଥାନୀୟ ବସନ୍ତ ନିବାସ ଡ଼ାକ ବଙ୍ଗଳାଠାରେ ଭାଜପା ବିଧାୟକ ସୁବାସ ଚନ୍ଦ୍ର ପାଣିଗ୍ରାହୀଙ୍କ ଅଧ୍ୟକ୍ଷତାରେ ଏକ ଖବରଦାତା ସମ୍ମିଳନୀ ଅନୁଷ୍ଠିତ ହୋଇଥିଲା। ସମ୍ମିଳନୀରେ ଦେବଗଡ଼ ଜିଲାର ବିକାଶ ନେଇ ଜିଲାପାଳଙ୍କ ସହ ଆଲୋଚନା କରାଯାଇଥିବା ବିଧାୟକ ସୂଚନା ଦେଇଥିଲେ। ଏପରିକି ସ୍ୱଳ୍ପ ବୃଷ୍ଟିପାତ ଯୋଗୁ ଦେବଗଡ଼ ଜିଲାକୁ ମରୁଡ଼ି ଘୋଷଣା କରିବା ସହ କୃଷି ଋଣ ଛାଡ଼ ଏବଂ କୃଷି ବୀମା ଓ ମାଗଣାରେ ବିହନ ଯୋଗାଇଦେବାକୁ ଦାବି କରାଯାଇଥିଲା। ରାଜ୍ୟ ତଥା କେନ୍ଦ୍ର ସରକାରଙ୍କ ପକ୍ଷରୁ ଜନସାଧାରଣଙ୍କ ପାଇଁ ଜନହିତକର ଯୋଜନା କରାଯାଉଛି। ଏହାର ଠିକ୍ କାର୍ଯ୍ୟକାରୀ କରିବାକୁ ସମ୍ମିଳନୀରେ ଦାବି କରାଯାଇଥିଲା। ଦେବଗଡ଼ ଜିଲାରେ ବିଭିନ୍ନ ଉନ୍ନୟନ ପ୍ରକଳ୍ପର ଡିପିଆର୍ ପ୍ରସ୍ତୁତ କରାଯାଇ ଅର୍ଥ ବରାଦ କରିବାକୁ ରାଜ୍ୟ ସରକାରଙ୍କୁ ପ୍ରସ୍ତାବ ଦିଆଯିବ ବୋଲି ବିଧାୟକ ପାଣିଗ୍ରାହୀ ସୂଚନା ଦେଇଥିଲେ। ସମ୍ମିଳନୀରେ ଜିଲା ନଗର ସଭାପତି ରମଣୀକାନ୍ତ ଦାସ, କୋଡିଲାଲ ଶର୍ମା, ସତ୍ୟନାରାୟଣ ପାଣି, ସରୋଜ ପାଢ଼ୀ ପ୍ରମୁଖ ଉପସ୍ଥିତ ଥିଲେ।





ବିଧାୟକ ସୁବାସ ଚନ୍ଦ୍ର ପାଣିଗ୍ରାହୀ ଖବରଦାତା ସମ୍ମିଳନୀରେ ସୂଚନା ଦେଉଛନ୍ତି।

## ବଜ୍ରପାତ: କ୍ଷେତରେ ଟଳି ପଡିଲେ ଚାଷୀ

**ଲୋଇସିଂହା,୧୭।୮(ଡି.ଏନ.ଏ.)**

ବଲାଙ୍ଗୀର ଜିଲା ଲୋଇସିଂହା ଥାନା ଅନ୍ତର୍ଗତ ତେନ୍ତୁଲିଖୁଣ୍ଟି ଗାଁରେ ବଜ୍ରପାତ ଯୋଗୁ ଜଣେ ଚାଷୀଙ୍କ ଶନିବାର ସନ୍ଧ୍ୟାରେ ମୃତ୍ୟୁ ଘଟିଛି। ଏହି ଚାଷୀ ଜଣକ ହେଲେ ବାହାଦୁର ବିଶ୍ୱାଳ(୪୭)। ସେ ଘର ପାଖ ଟମାଟର କିଆରିରେ କାମ କରୁଥିଲା ବେଳେ ହଠାତ ବଜ୍ରପାତ ହୋଇଥିଲା। ଫଳରେ ସେ ଟଳି ପଡିଥିଲେ।





ସମ୍ବଲପୁର ବିଶ୍ୱବିଦ୍ୟାଳୟଠାରେ ସାହିତ୍ୟିକ କୃଷ୍ଣଚନ୍ଦ୍ର ବାରିକଙ୍କୁ ପୁରସ୍କୃତ କରାଯାଉଛି ।

## କୃଷ୍ଣଚନ୍ଦ୍ର ବାରିକ, ବାଉରୀବନ୍ଧୁ ସମ୍ମାନିତ

**ସମ୍ବଲପୁର, ୧୭।୮ (ବ୍ୟୁରୋ)**

ସମ୍ବଲପୁର ବିଶ୍ୱବିଦ୍ୟାଳୟ ପରିସରସ୍ଥ ପରିସଂଖ୍ୟାନ ବିଭାଗ ପ୍ରକୋଷ୍ଠରେ ସ୍ୱଭାବ କବି ଗଙ୍ଗାଧର ମେହେରଙ୍କ ୧୫୮ତମ ଜୟନ୍ତୀ ଅନୁଷ୍ଠିତ ହୋଇଯାଇଛି । କୁଳପତି ପ୍ରଫେସର ଦୀପକ କୁମାର ବେହେରାଙ୍କ ଅଧ୍ୟକ୍ଷତାରେ ଉତ୍ସବ ଆୟୋଜିତ ହୋଇଥିଲା । କଥାଶିଳ୍ପୀ ରାମଚନ୍ଦ୍ର ବେହେରା ମୁଖ୍ୟଅତିଥି, ପ୍ରଫେସର କାଳୀଦାସ ମିଶ୍ର ମୁଖ୍ୟବକ୍ତା ଭାବେ ଯୋଗ ଦେଇଥିଲେ । ଏହି ଅବସରରେ ସାହିତ୍ୟକ କୃଷ୍ଣଚନ୍ଦ୍ର ବାରିକଙ୍କୁ କୋଶଲି କଥାନୀ ସଙ୍କଳନ ନୀଘା ସକାଶେ ଡ. ନୀଳମାଧବ ପାଣିଗ୍ରାହୀ ବାର୍ଷିକ ପୁରସ୍କାର-୨୦୧୮ ପ୍ରଦାନ କରାଯାଇଥିଲା । କୁଳସଚିବ ପ୍ରଫେସର ସଞ୍ଜୀତ କୁମାର ସାହୁ ଧନ୍ୟବାଦ ଅର୍ପଣ କରିଥିଲେ ।



ବାମରାରେ ବର୍ଷା ଯୋଗୁ ଜଣେ ମହିଳାଙ୍କ ଘର ଭାଙ୍ଗି ଯାଇଛି।

## ବାସହୀନ କରି ଦେଇଛି ବର୍ଷା

**ବାମରା,୧୭।୮(ସ୍ୱ.ପ୍ର.)**

ବାମରା ଗୋବିନ୍ଦପୁର ମଝୀପଡାର ବିନୋଦିନୀ ପ୍ରଧାନଙ୍କ ଘର ବର୍ଷାରେ ସଂପୂର୍ଣ୍ଣ ଭାଙ୍ଗି ଯାଇଛି। ଏବେ ସେ ସମ୍ପର୍କୀୟଙ୍କ ଘରେ ଆଶ୍ରୟ ନେଇଛନ୍ତି। ସେ ଅବିବାହିତ । ରୋଜଗାର ନାହିଁ । ଘର ତିଆରି ତାଙ୍କ ପାଇଁ ଅସମ୍ଭବ ହୋଇପଡିଛି। ସେହିପରି ଗଣେଶନଗରରେ ରହୁଥିବା ୬୫ ବର୍ଷିୟା ସ୍ନେହଲତା ସେଠଙ୍କ ଘର ମଧ୍ୟ ଭାଙ୍ଗି ଯାଇଛି। ସେ ଆଉ ତାଙ୍କ ଏକମାତ୍ର ଝିଅ ବିପଦ ସଂକୁଳ ଘରେ ରହୁଛନ୍ତି । ଏନେଇ ବାମରା ବିଡିଓ ସୁଶୀଲ କୁଜୁରଙ୍କୁ ଯୋଗାଯୋଗ କରିବାରୁ ସେ କହିଛନ୍ତି ଯେ, କ୍ଷତିଗ୍ରସ୍ତଙ୍କୁ ତୁରନ୍ତ ଘର ଯୋଗାଇ ଦିଆଯିବ। ଏ ଦିଗରେ ତଦନ୍ତ ପରେ ପଦକ୍ଷେପ ଗ୍ରହଣ କରିବାକୁ ସେ ପ୍ରତିଶ୍ରୁତି ଦେଇଛନ୍ତି । ଅନ୍ୟପକ୍ଷରେ ଷ୍ଟେସନ ବସ୍ତିର ସୁଲୋଚନା ନାଏକଙ୍କ ଘର ଗତ ଏକ ମାସ ହେବ ବର୍ଷାରେ ଭାଙ୍ଗି ଯାଇଛି। ସରକାରୀ ଯୋଜନାରୁ ଘର ଖଣ୍ଡେ ପାଇବା ପାଇଁ ସେ ସରକାରୀ କାର୍ଯ୍ୟାଳୟକୁ ଦୌଡି ଦୌଡି ନୟାନ୍ତ ହୋଇପଡିଥିବା ଅଭିଯୋଗ କରିଛନ୍ତି।


# CLASSIFIED DISPLAY

ALL EDITION - B/W (Everyday)

for Booking Contact: 0674-2580385, 7894447148, 7894447131, 9337021532, 7894447167, 7894447165

TARIFF — MORE SPACE • SAME PRICE — GST 5%

| For Single Day | | For 7 Days | | For 15 Days | | For 30 days | |
|---|---|---|---|---|---|---|---|
| 6 x 4 | 12 x 4 | 6 x 4 | 12 x 4 | 6 x 4 | 12 x 4 | 6 x 4 | 12 x 4 |
| 1,500.00 | 2,000.00 | 6,000.00 | 12,000.00 | 12,000.00 | 25,000.00 | 20,000.00 | 40,000.00 |

HEALTH CARE

AT PURI AT PURI AT PURI
ପୁରାତନ ରୋଗର ସର୍ବୋତ୍ତମ ଆୟୁର୍ବେଦ ଚିକିତ୍ସା
Advise & Treatment by Specialized Ayurvedic Doctors only
ରୁ୍ୟମାଟଏଡ୍ ଆର୍ଥାଇଟିସ୍, ଓଷ୍ଟିଓ ଆର୍ଥାଇଟିସ୍, ପାରାଲିସିସ୍, ସିଆଟିକା, ଅଣ୍ଟାବ୍ୟଥା, ଆଣ୍ଠୁବ୍ୟଥା, ଫ୍ରୋଜନ୍ ସୋଲ୍ଡର, ସ୍ପଣ୍ଡିଲୋସିସ୍, ମାଇଗ୍ରେନ୍, ସୋରିଆସିସ୍, ମୁଖ ବ୍ରଣ, ଆଦି ରୋଗର ପରାମର୍ଶ ଓ ଉତ୍ତମ ଚିକିତ୍ସା ଉପଲବ୍ଧ ।
SAMBHAV AYURVED
Bus Stand Outgate, Puri
Phone & Whats App - 7735921512 / 9439349129 ,Timing - 9 am to 8 pm

ଋଣ ଧମାକା
ଆଧାର କାର୍ଡରେ ଋଣ ପାଆନ୍ତୁ
1 ଲକ୍ଷରୁ 25 ଲକ୍ଷ ପର୍ଯ୍ୟନ୍ତ
ସୁଧ 1% ପର୍ଯ୍ୟନ୍ତ, 50% ପର୍ଯ୍ୟନ୍ତ ଛାଡ଼
ସମୂହ ଋଣ, ପର୍ସନାଲ, କୁକୁଡ଼ା ପାଳନ ଋଣ
Contact No. 7491845997 7079574972
New Ashok Nagar, East Delhi, Delhi
www.toofanfinance.in

ଇଣ୍ଡସ୍ ଫାଇନାନ୍ସ ଲିଃ
କମ୍ପାନୀ ଋଣ ଉପଲବ୍ଧ କରାଉଛି
ଏଥିରେ ଆପଣଙ୍କୁ ପର୍ସନାଲ ଋଣ, ବ୍ୟବସାୟ ଋଣ, ସାଲାରୀ ସ୍ଲିପ୍ ଋଣ ମାତ୍ର 2% ସୁଧରେ ମିଳିପାରିବ।
ମହିଳାଙ୍କ ପାଇଁ 50% ରିହାତି
9911417764 9911417461
BISWANATHPUR, BALARAMAPUR, BALESWAR, ODISHA - 756024

LOAN ଧମାକା
ଟଙ୍କା ଦରକାର, ଆମକୁ କୁହନ୍ତୁ
ପ୍ରଧାନମନ୍ତ୍ରୀ ଜନଧନ ଯୋଜନା ଦ୍ୱାରା
1 ଲକ୍ଷରୁ 1 କୋଟି ପର୍ଯ୍ୟନ୍ତ
ମାର୍କଶିଟ୍ ପ୍ରପର୍ଟି ଆଧାରକାର୍ଡ ପର୍ସନାଲ ପଶୁପାଳନ ଗୃହ ଋଣ ବ୍ୟବସାୟ ଗ୍ରୁପ ଋଣ
ଏଗ୍ରିକଲ୍ଚର ଋଣ
ସବୁ ପ୍ରକାର ଋଣ
24 ଘଣ୍ଟାରେ ଘରେ ବସି ଉପଲବ୍ଧ
2% ସୁଧ - 40% ରିହାତି
ଠକମାନଙ୍କ ପ୍ରତି ସାବଧାନ
ସତ୍ୟମ ଫାଇନାନ୍ସ
72910-60977 72910-46520
H.No-798, Block H, Jaitpur Extn Part-2, Badarpur, South Delhi

ଲୋନ! ଲୋନ! ଲୋନ
୧ ରୁ ୫୦ ଲକ୍ଷ୍ୟ ଲୋନ
LAXMI NARAYAN FINANCE
ଗୃହରୁଣ, ମାର୍କସିଟ ପର୍ସନାଲ୍, ବିଜନେସ୍, କୃଷି, ବ୍ୟବସାୟ, ସମ୍ପତି, କୁକୁଡାପାଳନ, ଇଟାଭାଟି, ଆଧାର କାର୍ଡ, ରାସନ କାର୍ଡ, ଆଦି ସମସ୍ତ ଋଣ
ବେରୋଜଗାର ଓ ମହିଳାଙ୍କୁ ବିଶେଷ ଛାଡ
୧% ସୁଧ ୫୦% ରିହାତି
88102-23468
laxminarayanfinancemp@gmail.com
82871-99144
Pandey bhawan hinoo ranchi

ASTROLOGY

ଅଲ୍ ଇଣ୍ଡିଆ ଖୋଲା ଚ୍ୟାଲେଞ୍ଜ
2 ଘଣ୍ଟାରେ 100% ଗ୍ୟାରେଣ୍ଟିଡ୍ ସମାଧାନ
ତାନ୍ତ୍ରିକ ମାଷ୍ଟର କିଙ୍ଗ୍ ଖାନ୍‌ଙ୍କ ଖୋଲା ଘୋଷଣା
ବ୍ୟବସାୟ, ପ୍ରେମରେ ସମସ୍ୟା ଓ ଶତ୍ରୁ ମୁକ୍ତି, ଗୃହକ୍ଲେଶ ଓ ସ୍ୱାମୀ-ସ୍ତ୍ରୀଙ୍କ ଝଗଡ଼ା, ପ୍ରେମବିବାହ, ପ୍ରପର୍ଟି, କୋର୍ଟ କେସ୍, ଗୁପ୍ତରୋଗରେ ଔଷଧ କାମ ନ କରିବା, ପୁରୁଣା ପୀଡ଼ାରେ ଔଷଧ କାମ ନ କରିବା, ଯାଦୁ-ଟୋନା, ବଶୀକରଣ, ଗୁଣିଗାରେଡ଼ି, ବିବାହରେ ବାଧା, ମନପସନ୍ଦ ପ୍ରେମ।
A to Z ସମସ୍ୟାର ସମାଧାନ ଘରେ ବସି।
ସ୍ପେଶାଲିଷ୍ଟ ବଶୀକରଣ, ମୁଠକରଣୀ ଏବଂ କଳା ଯାଦୁ
ଆମେ କରିଥିବା କାମକୁ ଯଦି କୌଣସି ଜ୍ୟୋତିଷ, ପଣ୍ଡିତ କିମ୍ବା ମୌଲବୀ କାଟିଦିଅନ୍ତି ତେବେ ତାଙ୍କୁ ଦାବି ମୁତାବକ ପୁରସ୍କାର।
ବାବା ଆମିଲ ସୁଫି
9540938429 9903852257
ରାମ ମନ୍ଦିର, ସତ୍ୟନଗର, ଭୁବନେଶ୍ୱର

FINANCE

ନୂଆ ଯୋଜନା ଅଧୀନରେ ଭାରତର ନଂ.1 କମ୍ପାନୀ
1988ଠାରୁ ଆପଣଙ୍କ ସେବାରେ
DHANLAXMI FINANCE PVT. LTD. ସବୁ ବ୍ୟାଙ୍କ ଦ୍ୱାରା
ଆଧାରକାର୍ଡ, ଏଗ୍ରିକଲ୍ଚର, ମାର୍କଶିଟ୍, ପର୍ସନାଲ, ପ୍ରପର୍ଟି BPL ଋଣ ମାତ୍ର 24 ଘଣ୍ଟାରେ
2% ସୁଧ 40% ରିହାତି
ଠକାମିର ଶିକାର ବ୍ୟକ୍ତି ଥରେ ନିଶ୍ଚୟ କଲ୍ କରନ୍ତୁ
ମହିଳା ଓ ବିଦ୍ୟାର୍ଥୀଙ୍କ ପାଇଁ ରିହାତି
କାମ ଆମର, ବିଶ୍ୱାସ ଆପଣଙ୍କର
9499135756
H.No. 10, Mandi Road, Bathinda, Punjab

Dhanalaxmi Finance
Regd. No.-U6519TNI98PLC00855
ମାର୍କଶିଟ୍, ପ୍ରପର୍ଟି ପର୍ସନାଲ, ପଶୁପାଳନ, ମାଛଚାଷ, ରାଶନ କାର୍ଡ ଏବଂ ସବୁପ୍ରକାରର ଲୋନ୍ ଘରେ ବସି ପାଆନ୍ତୁ 3 ରୁ 4 ଦିନରେ, 2% ସୁଧ, 40% ଛାଡ଼, ମହିଳା ଏବଂ ବିଦ୍ୟାର୍ଥୀମାନଙ୍କ ପାଇଁ ବିଶେଷ ଛାଡ଼।
HELPLINE 8859690149

!! ଋଣ ଋଣ ଋଣ !!
1ରୁ 50 ଲକ୍ଷ ପର୍ଯ୍ୟନ୍ତ
ଗୃହ ଋଣ, ମାର୍କଶିଟ୍, ପର୍ସନାଲ୍, ବ୍ୟବସାୟ, କୃଷି, ପ୍ରପର୍ଟି, କୁକୁଡ଼ା ପାଳନ, ଇଟାଭାଟି, ଆଧାରକାର୍ଡ, ରାଶନକାର୍ଡ, ସମୂହ ଋଣ
ବେରୋଜଗାର ମହିଳାଙ୍କ ପାଇଁ ବିଶେଷ ରିହାତି
1% ସୁଧ 50% ରିହାତି
!! ରିଦ୍ଧି ଫାଇନାନ୍ସ !!
E-mail : - ridhifinanceonlinem.p@gmail.com
7052572586
Add : - 41/14, Sec-1 Pushp Vihar, Delhi






### ପାଠକଙ୍କ ପାଇଁ ସୂଚନା:

ଏହି ପୃଷ୍ଠାରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଇଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।



ଅଙ୍କକୁ ବୁଝାଇବା ସହଜ, ବିଜ୍ଞକୁ ବୁଝାଇବା ଆହୁରି ସହଜ; କିନ୍ତୁ ଅଳ୍ପ ଜ୍ଞାନରେ ଯିଏ ଉଦ୍ଧତ, ତାଙ୍କୁ ସ୍ୱୟଂ ବ୍ରହ୍ମା ମଧ ସନ୍ତୁଷ୍ଟ କରିପାରିବେ ନାହିଁ।

-ସର୍ବପଲ୍ଲୀ ରାଧାକ୍ରିଷ୍ଣନ



## ସଂକ୍ଷେପରେ

### ଟ୍ରକ୍ ପଛରେ ପିଟିହେଲା ଅଟୋରିକ୍ସା: ଡ୍ରାଇଭର ଗୁରୁତର

ରେଙ୍ଗାଲି,୧୭।୮(ଡି.ଏନ୍.ଏ.): ସମ୍ବଲପୁର-ରାଉରକେଲା ବିଜୁ ଏକ୍ସପ୍ରେସ ୱେର ରେଙ୍ଗାଲି ଥାନା ରାମଚନ୍ଦ୍ରନଗର ଆଶୀର୍ବାଦ ହୋଟେଲ ସମ୍ମୁଖ ରାସ୍ତାକଡ଼ରେ ଠିଆ ହୋଇଥିବା ଟ୍ରକ୍ ପଛରେ ଶନିବାର ସନ୍ଧ୍ୟା ୫ଟାରେ ଓଡି୧୫-ଡି୬୬୯୩ନଂ ଅଟୋରିକ୍ସା ପିଟିହୋଇ ଡ୍ରାଇଭର ଗୁରୁତର ଆହତ ହୋଇଛନ୍ତି। ଆହତ ଡ୍ରାଇଭର ଧନଞ୍ଜୟ ଦାସ (୩୨)। ତାଙ୍କୁ ଏଲ୍ଆଣ୍ଡଟି ଆମ୍ବୁଲାନ୍ସ ଯୋଗେ ପ୍ରଥମେ ରେଙ୍ଗାଲି ମେଡିକାଲ ଅଣାଯାଇଥିଲା। ପ୍ରାଥମିକ ଚିକିତ୍ସା ପରେ ବୁର୍ଲା ଡାକ୍ତରଖାନା ପଠାଯାଇଛି।

### ୭୫ତମ ଫୁଟବଲ ଟୁର୍ଣ୍ଣାମେଣ୍ଟ ଉଦ୍ଘାଟିତ

ସମ୍ବଲପୁର,୧୭।୮(ବ୍ୟୁରୋ): ଶ୍ରୀ ଶ୍ରୀ ବୀଣାପାଣି ଯୁବକ ସଂଘ ଦ୍ୱାରା ଆୟୋଜିତ ୭୫ତମ ଫୁଟବଲ ଟୁର୍ଣ୍ଣାମେଣ୍ଟ ବାରଡୁଙ୍ଗୁରୀରେ ଉଦ୍ଘାଟିତ ହୋଇଛି। ଏଥିରେ ୧୬ଟି ଦଳ ଭାଗ ନେଇଛନ୍ତି। ନେହେରୁ ଯୁବକେନ୍ଦ୍ର ସଂଯୋଜକ ମାରିୟାନୁସ ବିଲୁଙ୍ଗ ମୁଖ୍ୟଅତିଥି, କ୍ଲବ ସଭାପତି କୃଷ୍ଣଚନ୍ଦ୍ର ତ୍ରିପାଠୀ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ଜାକୁତ ଓରାମ, ପଠାନ ଓରାମ, କିରନ ଓରାମ ମ୍ୟାଚ ପରିଚାଳନାରେ ସହଯୋଗ କରିଥିଲେ।

### ୟୁନିୟନ୍ ବ୍ୟାଙ୍କ ଅଫ୍ ଇଣ୍ଡିଆ ପକ୍ଷରୁ ଏମ୍ଏସ୍ଏମ୍ଇ ଗ୍ରାହକ ସମ୍ମିଳନୀ

ସମ୍ବଲପୁର,୧୭।୮(ବ୍ୟୁରୋ): ୟୁନିୟନ୍ ବ୍ୟାଙ୍କ ଅଫ ଇଣ୍ଡିଆ ସମ୍ବଲପୁର ଶାଖା ପକ୍ଷରୁ ଏମ୍ଏସ୍ଏମ୍ଇ ଗ୍ରାହକ ସମ୍ମିଳନୀ ସମ୍ବଲପୁର କ୍ଷେତ୍ରୀୟ ପ୍ରବନ୍ଧକ ସୁଶାନ୍ତ କୁମାର ମିଶ୍ରଙ୍କ ଅଧକ୍ଷତାରେ ଅନୁଷ୍ଠିତ ହୋଇଛି। ଏଥିରେ ସମ୍ବଲପୁର ମୁଖ୍ୟ ଶାଖା ପ୍ରବନ୍ଧକ ଏନ୍.କେ. ସିହ୍ନା ସଭାପତିତ୍ୱ କରିଥିଲେ। ବ୍ୟାଙ୍କର ଉପକ୍ଷେତ୍ରୀୟ ମୁଖ୍ୟ ପଙ୍କଜ କୁମାର ଓ ଗ୍ରାହକମାନେ କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରିଥିଲେ। କ୍ଷେତ୍ରୀୟ ମୁଖ୍ୟ ମିଶ୍ର ଏମ୍ଏସ୍ଏମ୍ଇ କ୍ଷେତ୍ରର ଅଭିବୃଦ୍ଧି ନିମନ୍ତେ ବ୍ୟାଙ୍କର କର୍ପୋରେଟ ଦୃଷ୍ଟିକୋଣ ଉପରେ ଆଲୋଚନା କରିଥିଲେ। ଏଥିସହ ବ୍ୟାଙ୍କ ପକ୍ଷରୁ ଏହାର ୧୦୦ତମ ସ୍ଥାପନା ଦିବସ ଓ ସ୍ୱାଧୀନତା ଦିବସ ପାଳନ କରାଯାଇଥିଲା। ଏମ୍ଏସ୍ଏମ୍ଇ, ରିଟେଲ୍ ଓ କୃଷିର ଅଭିବୃଦ୍ଧି ନିମନ୍ତେ ସାଲ୍ୟୁଟ୍ ତ୍ରିରଙ୍ଗା ଅଭିଯାନ ଆୟୋଜନ କରାଯାଇଥିଲା। ଏହି ଅବସରରେ ବ୍ୟାଙ୍କ ଅଧିକାରୀମାନେ ବ୍ୟାଙ୍କିଙ୍ଗ୍ ସମ୍ପର୍କିତ ବିଭିନ୍ନ ବିଷୟ ଉପରେ ଆଲୋଚନା କରିଥିଲେ। ଗ୍ରାହକମାନଙ୍କ ସନ୍ଦେହ ଦୂରୀଭୂତ କରିବା ସହ ବ୍ୟାଙ୍କ ଏମ୍ଏସ୍ଏମ୍ଇ ଗ୍ରାହକମାନଙ୍କୁ ପ୍ରଦାନ କରୁଥିବା ବିଭିନ୍ନ ସୁବିଧା ସୁଯୋଗ ବିଷୟରେ ଆଲୋଚନା କରି ଗ୍ରାହକମାନଙ୍କୁ ଉତ୍ତମ ବ୍ୟାଙ୍କିଙ୍ଗ୍ ସେବା ଯୋଗାଇଦେବାକୁ ପ୍ରତିଶ୍ରୁତି ଦେଇଥିଲେ।

■ ଜିଲାପାଳଙ୍କ ସମ୍ମିଳନୀ କକ୍ଷରେ ବର୍ଷିଲେ ବିସ୍ଥାପିତ

# ଦାବି ପୂରଣ ପରେ କାମ ଆରମ୍ଭ କର

**କମ୍ପାନୀର ଚାଲାକି ଚଳିବ ନାହିଁ**

ସମ୍ବଲପୁର,୧୭।୮(ବ୍ୟୁରୋ)

ଦାବି ପୂରଣ ପରେ କାମ ଆରମ୍ଭ କର। ହୀରାକୁଦ ଡ୍ୟାମ୍ ପାଇଁ ବିସ୍ଥାପିତ ହୋଇଥିବା ଲୋକେ ଏପର୍ଯ୍ୟନ୍ତ କ୍ଷତିପୂରଣ ରାଶି ପାଇନାହାନ୍ତି। ବିସ୍ଥାପିତ ହୋଇ ଜନବସତି କରିଥିବା ଅଞ୍ଚଳରେ ପୁଣି ସରକାର ଦୃଷ୍ଟି ପକାଇ ବିସ୍ଥାପିତ କରିବା ପାଇଁ ଯୋଜନା କରିଛନ୍ତି। ଗରିବ, ନିରୀହ ପରିବାର କୁଆଡ଼େ ଯିବେ। ବିସ୍ଥାପିତଙ୍କ ପାଇଁ ସରକାର କ୍ଷତିପୂରଣ ଦେବାକୁ ବ୍ୟବସ୍ଥା କରିଛନ୍ତି। ହେଲେ ତାହା ସନ୍ତୋଷଜନକ ନୁହେଁ। ଜମିବାଡ଼ି ହରାଇ ସର୍ବହରା ହେବା ପରେ କିଛି ଟଙ୍କାରେ ପରିବାର କେତେଦିନ ଚଳିବ। କ୍ଷତିପୂରଣ ରାଶି ଦେବାସହ ସ୍ଥାୟୀ ରୋଜଗାର ପାଇଁ ଚାକିରି ବ୍ୟବସ୍ଥା କରାଯାଉ। ପୂର୍ବରୁ ଏହି ଅଞ୍ଚଳରେ ଅନେକ କମ୍ପାନୀ ସ୍ଥାନୀୟ ନିଯୁକ୍ତିକୁ ଅଣଦେଖା କରିଛନ୍ତି। ତେଣୁ ଏବେ ଆଉ କମ୍ପାନୀର ଚାଲାକି ଚଳିବ ନାହିଁ ବୋଲି କହି ବିସ୍ଥାପିତମାନେ ପ୍ରଶାସନ ଓ କମ୍ପାନୀ ଅଧିକାରୀଙ୍କ ଉପରେ ବର୍ଷିଥିଲେ। ସମ୍ବଲପୁର ଜିଲାପାଳଙ୍କ ସମ୍ମିଳନୀ କକ୍ଷରେ ଆୟୋଜିତ ତ୍ରିପାକ୍ଷିକ ଆଲୋଚନାରେ ବିସ୍ଥାପିତମାନେ ଏଭଳି ମତ ରଖିଥିଲେ। ସେମାନେ ଦାବି କରିଥିଲେ ଯେ ଏନ୍ଏଲ୍ସି କମ୍ପାନୀ ପ୍ରତ୍ୟେକ ପରିବାରର ଯୋଗ୍ୟ ମନୋନୀତ ବ୍ୟକ୍ତିଙ୍କୁ ନିଯୁକ୍ତି ପ୍ରଦାନ କରିବା ସହ ଲାଭାଂଶରେ ଭାଗୀଦାର କରୁ। କ୍ଷତିପୂରଣ ରାଶି ପ୍ରଦାନ କରିବା ପାଇଁ କମ୍ପାନୀ ୬ ବର୍ଗ କରିଛି। ତେଣୁ ଏହା ଗୋଟିଏ ବର୍ଗରେ କରି ସରକାରଙ୍କ ପୁନର୍ବାସ ଓ ଥଇଥାନ ନୀତି ଅନୁସାରେ ପ୍ରଦାନ କରାଯାଉ। ବିସ୍ଥାପିତ ହୋଇ ସରକାରୀ ଜମିରେ ବସବାସ କରୁଥିବା ପରିବାରଙ୍କୁ ବିସ୍ଥାପିତ ଭଳି ତାଲିକା କରାଯାଉ। କମ୍ପାନୀ ପକ୍ଷରୁ ଯେଉଁ ସୀମା ନିର୍ଦ୍ଧାରଣ କରାଯାଇଛି ତା'ଠାରୁ ଚତୁର୍ପାର୍ଶ୍ୱରେ ଅଧିକ ଜମି ଅଧିଗ୍ରହଣ କରାଯାଉ। ଫଳରେ ଲୋକେ ପ୍ରଦୂଷଣରୁ ମୁକ୍ତି ପାଇବେ। କମ୍ପାନୀରେ ଠିକାସଂସ୍ଥା ଭାବେ କାମ କରୁଥିବା ଛୋଟ କମ୍ପାନୀଗୁଡ଼ିକରେ ୭୫ ପ୍ରତିଶତ ସ୍ଥାନୀୟ ଯୁବତୀ ଯୁବକଙ୍କୁ ନିଯୁକ୍ତି ପ୍ରଦାନ କରାଯାଉ ବୋଲି ସେମାନେ ଦାବି କରିଥିଲେ। ତେବେ ଏ ନେଇ କମ୍ପାନୀ ଅଧିକାରୀ ସହମତି ପ୍ରକାଶ କରି ନ ଥିଲେ। ସୂଚନାଯୋଗ୍ୟ, ଏନ୍ଏଲ୍ସି କମ୍ପାନୀ କାମ ଆରମ୍ଭ କରିଛି। ଏଥିପାଇଁ ତଲାବିରା, ଖିଣ୍ଡା, ବୁଧିଆପାଲି ଗ୍ରାମବାସୀ ବିସ୍ଥାପିତ ହେବେ। ତେଣୁ ଆବଶ୍ୟକ କ୍ଷତିପୂରଣ ଓ ଥଇଥାନ ଦାବି ନେଇ ବିସ୍ଥାପିତ ହେବାକୁ ଥିବା ଲୋକେ ଆନ୍ଦୋଳନ କରି ଆସୁଛନ୍ତି। ଏହାର ସମାଧାନ ପାଇଁ ଜିଲା ପ୍ରଶାସନ ପକ୍ଷରୁ ତ୍ରିପାକ୍ଷିକ ଆଲୋଚନା ବୈଠକ ଡକାଯାଇଥିଲା। ଏଥିରେ ବିସ୍ଥାପିତ ଏନ୍ଏଲ୍ସି କମ୍ପାନୀ ଅଧିକାରୀ ସୁରେଶ ସୁମନ୍ ଓ ଜିଲା ପ୍ରଶାସନର ସ୍ୱତନ୍ତ୍ର ଭୂ-ଅର୍ଜନ ଅଧିକାରୀ ସରୋଜ ମିଶ୍ର ଓ ବିସ୍ଥାପିତମାନଙ୍କ ପକ୍ଷରୁ ସ୍ଥାନୀୟ ସରପଞ୍ଚ ନୀଳାବତୀ ଓରାମଙ୍କ ସହ ଶତାଧିକ ବିସ୍ଥାପିତ ପରିବାର ଉପସ୍ଥିତ ଥିଲେ।





ଶନିବାର ସମ୍ବଲପୁର ଜିଲାପାଳଙ୍କ ସମ୍ମିଳନୀ କକ୍ଷରେ ଆୟୋଜିତ ତ୍ରିପାକ୍ଷିକ ଆଲୋଚନାରେ ଅଧିକାରୀମାନେ (ବାମ)। ଶନିବାର ସମ୍ବଲପୁର ଜିଲାପାଳଙ୍କ ସମ୍ମିଳନୀ କକ୍ଷରେ ଆୟୋଜିତ ତ୍ରିପାକ୍ଷିକ ଆଲୋଚନାରେ ବିସ୍ଥାପିତମାନେ।

## ହାତୀ ଉପଦ୍ରବ: କାନ୍ଥ ଭୁଶୁଡ଼ି ବୃଦ୍ଧ ମୃତ

■ ବନ ବିଭାଗ ପକ୍ଷରୁ ୪୦ ହଜାର ଟଙ୍କା ସହାୟତା



ହାତୀ ଭାଙ୍ଗିଦେଇଥିବା ଘର।

ରେଙ୍ଗାଲି,୧୭।୮(ଡି.ଏନ୍.ଏ.)

ହାତୀ ଉପଦ୍ରବ ଯୋଗୁ କାନ୍ଥ ଭୁଶୁଡ଼ି ପଡ଼ିବାରୁ ରେଙ୍ଗାଲି ରେଞ୍ଜ ତବଡ଼ାବାହାଲ ପଞ୍ଚାୟତ ପଣ୍ଡିଆପାଲି ଫରେଷ୍ଟ ଅନ୍ତର୍ଗତ କୁଦୋମୁଣ୍ଡା ଗ୍ରାମର ଲୁଦ୍ର ମୁଣ୍ଡା (୬୦)ଙ୍କ ମୃତ୍ୟୁ ହୋଇଛି। ରେଙ୍ଗାଲି ରେଞ୍ଜର ହରିହର ପାତ୍ର ଘଟଣାସ୍ଥଳକୁ ଯାଇ ତଦନ୍ତ କରିବା ସହ ଲୁଦ୍ରଙ୍କ ସ୍ତ୍ରୀ ଗୁରୁବାରୀ ମୁଣ୍ଡାଙ୍କୁ ୪୦ ହଜାର ଟଙ୍କା ସହାୟତା ପ୍ରଦାନ କରିଛନ୍ତି। ମୃତଦେହ ବ୍ୟବଚ୍ଛେଦ ପାଇଁ ବୁର୍ଲା ଡାକ୍ତରଖାନା ପଠାଯାଇଛି। ଶୁକ୍ରବାର ବିଳମ୍ବିତ ରାତିରେ ଲୁଦ୍ର ଘରେ ଶୋଇଥିଲେ। ଗୋଟିଏ ହାତୀ ଧାନ, ଚାଉଳ ଖାଇବା ପାଇଁ ଘର ଭିତରକୁ ପଶିବା ପାଇଁ ଉଦ୍ୟମ କରିଥିଲା। ଫଳରେ କାନ୍ଥ ଭୁଶୁଡ଼ି ଲୁଦ୍ରଙ୍କ ଉପରେ ପଡ଼ିଥିଲା। ଘଟଣାସ୍ଥଳରେ ତାଙ୍କ ମୃତ୍ୟୁ ଘଟିଥିଲା।

## ଜ୍ଞାନବିଜ୍ଞାନ ମେଳାରେ ୨୭୦ ପ୍ରକଳ୍ପ ପ୍ରଦର୍ଶିତ

ସମ୍ବଲପୁର,୧୭।୮(ବ୍ୟୁରୋ): ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରର ସ୍କୁଲସ୍ତରୀୟ ଜ୍ଞାନବିଜ୍ଞାନ ମେଳା-୨୦୧୯ ସିଦ୍ଧେଶ୍ୱର ବେର୍ଣ୍ଣା ପରିସରରେ ଅନୁଷ୍ଠିତ ହୋଇଛି। ପ୍ରଥମରୁ ଦଶମ ଶ୍ରେଣୀ ପର୍ଯ୍ୟନ୍ତ ୪ଟି ଗ୍ରୁପରେ ୨୭୦ ପ୍ରକଳ୍ପ ପ୍ରଦର୍ଶିତ ହୋଇଥିଲା। ବିଚାରକ ଭାବେ ପ୍ରଦୀପ କୁମାର ସାହୁ, ଡ. ସୁନୀଲ ଗୁରୁ, ସବୀର ରଞ୍ଜନ ନାଥ, ସୁବନ୍ଦିତା ମିଶ୍ର, ଏସ୍.କେ. ଦାସ ଯୋଗଦେଇଥିଲେ। ଅବସରପ୍ରାପ୍ତ ବିଜ୍ଞାନ ଶିକ୍ଷକ ଗୌରୀଶଙ୍କର ବେହେରା ମୁଖ୍ୟଅତିଥି ଭାବେ ଯୋଗଦେଇ ମେଳାକୁ ଉଦ୍ଘାଟନ କରିଥିଲେ। ସ୍କୁଲ ପରିଚାଳନା କମିଟି ସଭାପତି ଡ. ଉତ୍ତମ କୁମାର ପ୍ରଧାନ ଓ ଯୁଗ୍ମ ସମ୍ପାଦକ ଭୀଷ୍ମ କୁମାର ମେହେର ସମ୍ମାନିତ ଅତିଥି ଭାବେ ଯୋଦେଇଥିଲେ। ପ୍ରଧାନ ଆଚାର୍ଯ୍ୟ ଦିଲୀପ କୁମାର ପାଢ଼ୀ ବିଜ୍ଞାନ ମେଳାର ଉଦ୍ଦେଶ୍ୟ ଓ ଲକ୍ଷ୍ୟ ବିଷୟରେ ଆଲୋକପାତ କରିଥିଲେ। ଶୈକ୍ଷିକ ମୁଖ୍ୟ ଅଶ୍ୱତ୍ଥମା ସ୍ୱାଇଁ ଅତିଥି ପରିଚୟ ପ୍ରଦାନ କରିଥିଲେ। ସୁଷମା ସାହୁ ଧନ୍ୟବାଦ ଅର୍ପଣ କରିଥିଲେ। ଶିକ୍ଷୟିତ୍ରୀ, ଶିକ୍ଷକ ଓ କର୍ମଚାରୀ ମେଳା ପରିଚାଳନାରେ ସହଯୋଗ କରିଥିଲେ।



ଶନିବାର ସମ୍ବଲପୁର ସିଦ୍ଧେଶ୍ୱର ବେର୍ଣ୍ଣା ସରସ୍ୱତୀ ଶିଶୁ ମନ୍ଦିର ବିଜ୍ଞାନ ମେଳାରେ ଛାତ୍ରୀଛାତ୍ର ପ୍ରକଳ୍ପ ଦେଖୁଛନ୍ତି।



ପଡ଼ିଆବାହାଲ ଡୁରିପଡ଼ାର ହିତାଧିକାରୀଙ୍କୁ ପଟ୍ଟା ବଣ୍ଟନ କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥି।

## ୨୭ ହିତାଧିକାରୀ ପାଇଲେ ସ୍ଥାୟୀ ପଟ୍ଟା

ପଡ଼ିଆବାହାଲ,୧୭।୮(ଡି.ଏନ୍.ଏ.)

ସ୍ଥାନୀୟ ଦୁର୍ଗାପୂଜା ମଣ୍ଡପରେ ଆୟୋଜିତ ଏକ ସଭାରେ ପଡ଼ିଆବାହାଲ ଡୁରିପଡ଼ାର ୨୭ ହିତାଧିକାରୀଙ୍କୁ ଘରଡିହ ପଟ୍ଟା ବଣ୍ଟନ କରାଯାଇଛି। ସରପଞ୍ଚ ମିତ୍ରଭାନୁ ପଧାନଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ସଭାରେ କୃଷକନେତା ସୁବୋଧ ବେହେରା, ବିଜେଡି କର୍ମୀ ଅଶ୍ୱିନୀ ମିଶ୍ର, ସାମାଜିକ କର୍ମୀ ଦିଲୀପ ସାହୁ, ରାଜସ୍ୱ ନିରୀକ୍ଷକ ବିଜୟ କୁମାର ପଧାନ, ଜ୍ୟୋତିପ୍ରକାଶ ମହାନ୍ତି କ୍ଷୀରୋଦ ବାରିକ, ଅଗସ୍ତି ଦେହୁରୀ ଯୋଗଦେଇ ହିତାଧିକାରୀଙ୍କୁ ପଟ୍ଟା ପ୍ରଦାନ କରିଥିଲେ। ଏହା ପୂର୍ବରୁ ବରଙ୍ଗାମାଳଠାରେ ମଧ ପଟ୍ଟା ବଣ୍ଟନ ଉତ୍ସବ ଅନୁଷ୍ଠିତ ହୋଇଛି।

## ବିଦ୍ୟୁତ୍ ଉପଭୋକ୍ତାଙ୍କୁ ଦୁର୍ବ୍ୟବହାର

- ଅଘୋଷିତ ବିଦ୍ୟୁତ୍‌କାଟ ପ୍ରତିବାଦରେ ବିକ୍ଷୋଭ
- ଏସ୍‌ଡିଓଙ୍କୁ ଘେରିଲା ବରିଷ୍ଠ ନାଗରିକ ପରିଷଦ
- ୭ ଦିନରେ ସମସ୍ୟା ସମାଧାନ ନ ହେଲ ଆନ୍ଦୋଳନ

ରେଙ୍ଗାଲି,୧୭।୮(ଡି.ଏନ୍.ଏ.)

ରେଙ୍ଗାଲିରେ ଅଘୋଷିତ ବିଦ୍ୟୁତ୍‌କାଟ, ଉପଭୋକ୍ତାଙ୍କୁ ଦୁର୍ବ୍ୟବହାର ପ୍ରତିବାଦରେ ରେଙ୍ଗାଲି ବରିଷ୍ଠ ନାଗରିକ ପରିଷଦ ଶନିବାର ଏସ୍‌ଡିଓଙ୍କୁ ଘେରିଥିଲେ। ୭ ଦିନ ମଧ୍ୟରେ ଅଘୋଷିତ ବିଦ୍ୟୁତ୍‌କାଟ ବନ୍ଦ ନ ହେଲେ ଆନ୍ଦୋଳନାତ୍ମକ ପନ୍ଥା ଅବଲମ୍ବନ କରାଯିବ ବୋଲି ନାଗରିକ କମିଟି ପକ୍ଷରୁ ଚେତାବନୀ ଦିଆଯାଇଛି। ବିଦ୍ୟୁତ ସମସ୍ୟା ନେଇ ଅଭିଯୋଗ କିମ୍ବା ଆଲୋଚନା କରିବାକୁ ଗଲେ ଲୋକଙ୍କୁ ଦୁର୍ବ୍ୟବହାର କରୁଥିବା ବରିଷ୍ଠ ନାଗରିକ ପରିଷଦର ସଭ୍ୟମାନେ ଅଭିଯୋଗ କରିଛନ୍ତି। ବରିଷ୍ଠ ନାଗରିକ ପରିଷଦ ସଭାପତି ବସନ୍ତ ନାଏକ, ସମ୍ପାଦକ ଅନ୍ତର୍ଯ୍ୟାମୀ ପାଣି, ବିନୋଦ ବିହାରୀ ନନ୍ଦ, ଦିବ୍ୟକିଶୋର ବେହେରା, ସୁବାସ ସିଂ, ଶାଳେଗ୍ରାମ ସାହୁ, ବିହାରୀ କୁମ୍ଭାର, ଜଙ୍ଗଲା ସରପଞ୍ଚ ଇଂ. ଗାନ୍ଧୀ ବେହେରା, ଲକ୍ଷ୍ମୀନାରାୟଣ ସାହୁ, କିଶୋର ସାହୁ, ସୁବନ ଚାନ୍ଦ ସାହୁ, ରାଜାରାମ ମାହାଣା, ରମେଶ ବାରିକଙ୍କ ସହ ବହୁ ସଭ୍ୟ ଏ ନେଇ ଏସ୍‌ଡିଓଙ୍କୁ ଘେରାଉ କରିଥିଲେ।




ଏସ୍‌ଡିଓଙ୍କୁ ଘେରାଉ କରିବାକୁ ଆସିଥିବା ବରିଷ୍ଠ ନାଗରିକ ପରିଷଦ ସଦସ୍ୟ।

## କାନାରା ବ୍ୟାଙ୍କର ଦୁଇଦିନିଆ ଚିନ୍ତନ ଶିବିର

ସମ୍ବଲପୁର,୧୭।୮(ବ୍ୟୁରୋ)

କାନାରା ବ୍ୟାଙ୍କର ଦୁଇଦିନିଆ ଚିନ୍ତନ ଶିବିର ଶନିବାର ସମ୍ବଲପୁର ସାକ୍ଷୀପଡ଼ାସ୍ଥିତ କ୍ଷେତ୍ରୀୟ କାର୍ଯ୍ୟାଳୟରେ ଅନୁଷ୍ଠିତ ହୋଇଛି। ଭାରତୀୟ ଅର୍ଥ ବ୍ୟବସ୍ଥାରେ ବ୍ୟାଙ୍କର ଯୋଗଦାନ ବଢ଼ାଇବା, ପ୍ରଯୁକ୍ତି ବିଜ୍ଞାନର ବହୁଳ ଉପଯୋଗ କରି ନୂତନ ପଦ୍ଧତି ଆପଣାଇବା, ବ୍ୟାଙ୍କକୁ ବରିଷ୍ଠ ନାଗରିକ, କୃଷକ, କ୍ଷୁଦ୍ର ଉଦ୍ୟୋଗୀ, ଯୁବାବର୍ଗ, ଛାତ୍ର, ମହିଳାଙ୍କ ପ୍ରତି ଅଧିକ ସମ୍ବେଦନଶୀଳ କରିବାକୁ ଶିବିରରେ ଚିନ୍ତନ କରାଯାଇଥିଲା। ସେହିପରି ବ୍ୟାଙ୍କରେ ଡିଜିଟାଲ କାରବାର ବଢ଼ାଇବା, ଜାତୀୟକରଣ ବ୍ୟାଙ୍କର ଉତ୍ତମ ପରିଚାଳନା, କ୍ଷୁଦ୍ର, ମଧ୍ୟମ ଉଦ୍ୟୋଗୀଙ୍କ ଲାଗି ଋଣ, କ୍ଷୁଦ୍ର ତଥା ଖୁଚୁରା ଋଣ, ଆର୍ଥିକ ଗ୍ରନ୍ଥିର ଆବଶ୍ୟକତା ବିଷୟରେ ଆଲୋଚନା ହୋଇଥିଲା। ବ୍ୟାଙ୍କର ଉପଲବ୍ଧି ଓ ରାଷ୍ଟ୍ରୀୟ କ୍ଷେତ୍ରରେ ବ୍ୟାଙ୍କ ସହଭାଗିତାର ସମୀକ୍ଷା କରାଯାଇଥିଲା। କାନାରା ବ୍ୟାଙ୍କ ସହାୟକ ମହାପ୍ରବନ୍ଧକ ନେତ୍ରମୋହନ ପାତ୍ର, କ୍ଷେତ୍ରୀୟ ପ୍ରବନ୍ଧକ ପଞ୍ଚାନନ ମହାପାତ୍ର, ମଣ୍ଡଳ ପ୍ରବନ୍ଧକ ପ୍ରଦୀପ୍ତ କୁମାର ତ୍ରିପାଠୀ, ପଙ୍କଜ କୁମାର, ବଦ୍ରିକା ପ୍ରସାଦ ମହାପାତ୍ର, ଅନ୍ୟତମ ମଣ୍ଡଳ ପ୍ରବନ୍ଧକ ଡି.ଭି.ପି.ଆର୍. ମୁରଲୀକ୍ରିଷ୍ଣା ଯୋଗଦେଇ ଆଲୋଚନା କରିଥିଲେ। ନୀଳାଚଳ ଭୋଇ ସୂଚନା ପ୍ରଦାନ କରିଥିଲେ। ଶିବିରରେ ୩୭ଟି ବ୍ୟାଙ୍କର ଶାଖା ପ୍ରବନ୍ଧକ ଯୋଗଦେଇଥିଲେ।




ଶନିବାର ସମ୍ବଲପୁରଠାରେ ଆୟୋଜିତ କାନାରା ବ୍ୟାଙ୍କ ଚିନ୍ତନ ଶିବିରରେ ସହାୟକ ମହାପ୍ରବନ୍ଧକ ନେତ୍ରମୋହନ ପାତ୍ର ସୂଚନା ଦେଉଛନ୍ତି।

## ଅନ୍‌ଲାଇନରେ ଦିଆଯିବ ଜମି ଖଜଣା

■ ଭିଡ଼ିଓ କନ୍‌ଫରେନ୍ସିଂ ମାଧ୍ୟମରେ ଶୁଭାରମ୍ଭ

ସମ୍ବଲପୁର,୧୭।୮(ବ୍ୟୁରୋ)

ଜମି ଖଜଣା ଦେବା ପାଇଁ ରଜ୍ୟ ସରକାର ସୁବିଧା ବ୍ୟବସ୍ଥା କରିଛନ୍ତି। ଅନ୍‌ଲାଇନ ମାଧ୍ୟମରେ ଜଣେ ବ୍ୟକ୍ତି ଖଜଣା ଦେଇପାରିବେ। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଶୁକ୍ରବାର ଭିଡିଓ କନ୍‌ଫରେନ୍ସିଂ ମାଧ୍ୟମରେ ଏହି ବ୍ୟବସ୍ଥାର ଶୁଭାରମ୍ଭ କରିଛନ୍ତି। ସମ୍ବଲପୁର ଜିଲାରେ ମଧ ଏହା କାର୍ଯ୍ୟକାରୀ ହେବ। ଜିଲା ସମ୍ମିଳନୀ କକ୍ଷରେ ଏହାର ଶୁଭାରମ୍ଭ କରାଯାଇଛି। ଜିଲାପାଳ ଶୁଭମ ସକସେନା, ଅତିରିକ୍ତ ଜିଲାପାଳ ଅଜୟ କୁମାର ଜେନା, ଉପଜିଲାପାଳ ଅନିରୁଦ୍ଧ ପ୍ରଧାନଙ୍କ ସମେତ ରାଜସ୍ୱ ବିଭାଗ ଅଧିକାରୀମାନେ ଉପସ୍ଥିତ ଥିଲେ।



ଅନ୍‌ଲାଇନ ଜମି ଖଜଣା ପ୍ରଦାନ ବ୍ୟବସ୍ଥା ଶୁଭାରମ୍ଭ କରାଯାଉଛି।

## ଜିଏଲ୍ କ୍ଲବ ହକି ଟୁର୍ଣ୍ଣାମେଣ୍ଟ: ଜୀବନଜ୍ୟୋତିକୁ ହରାଇ ଭାଲୁବାହାଲ ଚାମ୍ପିୟନ

ସମ୍ବଲପୁର,୧୭।୮(ବ୍ୟୁରୋ)

ସମ୍ବଲପୁର ଜିଲା ଯୁଯୁମୁରା ବ୍ଲକ୍ ଛାମୁଣ୍ଡା ପଞ୍ଚାୟତ ଜିଏଲ୍ କ୍ଲବ ପକ୍ଷରୁ ଆୟୋଜିତ ହକି ଟୁର୍ଣ୍ଣାମେଣ୍ଟ ଶନିବାର ଉଦ୍‌ଯାପିତ ହୋଇଛି। ଫାଇନାଲ ମ୍ୟାଚ୍ ଜୀବନଜ୍ୟୋତି କ୍ଲବ ଓ ସୁନ୍ଦରଗଡ଼ ଜିଲା ଭାଲୁବାହାଲ ମଧ୍ୟରେ ଖେଳାଯାଇଥିଲା। ସଂଘର୍ଷପୂର୍ଣ୍ଣ ଏହି ମ୍ୟାଚ୍‌ରେ ଜୀବନଜ୍ୟୋତି କ୍ଲବକୁ ୧-୦ ଗୋଲରେ ହରାଇ ଭାଲୁବାହାଲ ଚାମ୍ପିୟନ ହୋଇଛି। ମ୍ୟାଚ୍‌ର ଶେଷ ସମୟରେ ଭାଲୁବାହାଲ ଗୋଟିଏ ଗୋଲ ସ୍କୋର କରିଥିଲା। ଅଗଷ୍ଟ ୬ରୁ ଏହି ଟୁର୍ଣ୍ଣାମେଣ୍ଟ ଆରମ୍ଭ ହୋଇଥିଲା। ଜିଲା ଓ ଜିଲା ବାହାରର ମୋଟ ୩୪ ଦଳ ଏଥିରେ ଭାଗ ନେଇଥିଲେ। ପୁରସ୍କାର ବିତରଣ ଉତ୍ସବରେ ମୁଖ୍ୟଅତିଥି ଭାବେ ଯୁବ କଂଗ୍ରେସ ନେତା ବରୁଣ ଦେହୁରୀ, ସମ୍ମାନିତ ଅତିଥି ଭାବେ ଛାମୁଣ୍ଡା ସରପଞ୍ଚ ଡାଭିଡ୍ ବଦ୍ରା, ସମିତିସଭ୍ୟା ପ୍ରଭାସିନୀ ବାରିକ, ବୀରେନ୍ଦ୍ର ଭୋଇ, ବିବେକା ବେହେରା, ଅଟାଙ୍ଗ ଲାଗୁନ ଯୋଗଦେଇ ଚାମ୍ପିୟନ ଓ ରନର୍ସଅପ୍ ଦଳକୁ ଟ୍ରଫି ପ୍ରଦାନ କରିଥିଲେ। କ୍ଲବ ସଦସ୍ୟ ଓ ଗ୍ରାମବାସୀ ସହଯୋଗ କରିଥିଲେ।



ହକି ପ୍ରତିଯୋଗିତାରେ ଅତିଥି ଓ ଖେଳାଳି।

**ଦିନକୁ ଦିନ ସଡ଼କ ଦୁର୍ଘଟଣାଜନିତ ଜୀବନହାନି ସଂଖ୍ୟା ଦ୍ରୁତଗତିରେ ବଢ଼ିବାରେ ଲାଗିଛି। ବିଭିନ୍ନ କାରଣ ଥିଲେ ହେଁ ବର୍ତ୍ତମାନ ବେପରୁଆ ଗାଡ଼ି ଚାଳନା ସାଙ୍ଗକୁ ମୋବାଇଲ ଫୋନ୍ ବ୍ୟବହାର ଏଥିପାଇଁ ମୁଖ୍ୟତଃ ଦାୟୀ ବୋଲି ଜଣାପଡ଼ିଛି । ତେଣୁ ସୁରକ୍ଷା ଦୃଷ୍ଟିରୁ ଏଥିପ୍ରତି ସଚେତନ ରହିବା ଆବଶ୍ୟକ...**



# ମୋବାଇଲ ଓ ସଡ଼କ ଦୁର୍ଘଟଣା







ବର୍ତ୍ତମାନ ଦୁଇ ହେଉ ଅବା ଚାରିଚକିଆ ଯାନ ଚଲାଇବା ସମୟରେ ମୋବାଇଲ ଫୋନ୍‌ରେ କିମ୍ବା କାନରେ ବ୍ଲୁଟୁଥ୍ ଲଗାଇ ଗପିବା ଯେମିତି ଏକ ଫ୍ୟାଶନ ହୋଇଗଲାଣି। ସେଥିପାଇଁ ପ୍ରତିଦିନ ଅନେକ ସଡ଼କ ଦୁର୍ଘଟଣା ଖବର ଶୁଣିବାକୁ ମିଳୁଛି। ଅତ୍ୟନ୍ତ ପରିତାପର ବିଷୟ ଯେ, ସବୁଆଡ଼େ ହେଉଥିବା ଦୁର୍ଘଟଣା ମଧ୍ୟରେ ସଡ଼କ ଦୁର୍ଘଟଣା ଜନିତ ମୃତ୍ୟୁହାର ସର୍ବାଧିକ। ନ୍ୟାଶନାଲ ସେଫ୍ଟି କାଉନ୍‌ସିଲର ରିପୋର୍ଟ ଅନୁଯାୟୀ ଗାଡ଼ି ଚଲାଇବା ବେଳେ ମୋବାଇଲ ଫୋନ୍ ବ୍ୟବହାର ଏଭଳି ଦୁର୍ଘଟଣା ପାଇଁ ମୁଖ୍ୟତଃ ଦାୟୀ। ଅନେକଙ୍କ ମନରେ ଏକ ଧାରଣା ଥାଏ ଯେ, ସିଧାସଳଖ ମୋବାଇଲ ଫୋନ୍ ନ ଧରି ବ୍ଲୁଟୁଥ୍ ଭଳି ହ୍ୟାଣ୍ଡସ୍ ଫ୍ରି ଡିଭାଇସ୍ ବ୍ୟବହାର କରିବା ନିରାପଦ। ହେଲେ ବାସ୍ତବରେ ଏହା ମଧ୍ୟ ଦୁର୍ଘଟଣା ଲାଗି ସମପରିମାଣରେ ଦାୟୀ। ତେବେ ଏହାଦ୍ୱାରା ଚାଳକ ନିଜ ଜୀବନ ସହିତ ଅନ୍ୟମାନଙ୍କ ଜୀବନକୁ ମଧ୍ୟ ମୃତ୍ୟୁ ମୁଖକୁ ଠେଲି ଦେଇଥାଏ।

ସସେକ୍ସ ୟୁନିଭର୍ସିଟିର ଗବେଷକ ଗ୍ରାହାମ ହୋଲ୍ ଏବଂ ତାଙ୍କ ସହକର୍ମୀମାନେ ମିଶି ଏନେଇ ଏକ ଗବେଷଣା କରିଥିଲେ। ଯାହାର ରିପୋର୍ଟ ମୁତାବକ ଗାଡ଼ି ଚଲାଇବା ବେଳେ ଫୋନରେ ଗପିବା ଦ୍ୱାରା ଧ୍ୟାନଚ୍ୟୁତ ହୋଇଥାଏ, ଯାହାକି ଦୁର୍ଘଟଣାର ବଡ଼ କାରଣ। ସେଭ୍ ଲାଇଫ୍ ଫାଉଣ୍ଡେଶନ ଦ୍ୱାରା ୧୭୪୯ ଜଣଙ୍କୁ ନେଇ କରାଯାଇଥିବା ଏକ ରିସର୍ଚ୍ଚର ରିପୋର୍ଟରୁ ଜଣାପଡ଼ିଛି ଯେ, ପ୍ରାୟ ୪୭ ପ୍ରତିଶତ ଚାଳକ ଗାଡ଼ି ଚଲାଇବା ସମୟରେ କଲ୍ ଉଠାଇଥାନ୍ତି।

ମୋଟର ଭେହିକଲ୍ ଆକ୍ଟ ଅନୁଯାୟୀ ଗାଡ଼ି ଚଲାଇବା ସମୟରେ ଫୋନ୍‌ରେ କଥା ହେବା ଆଇନଗତ ଅପରାଧ। ଯଦିଓ ଏ ବିଷୟରେ ସମସ୍ତଙ୍କୁ ଜଣା ଅଛି ତଥାପି ଧରାପଡ଼ିଲେ ଏଥିପାଇଁ କୌଣସି ଦଣ୍ଡ ବଦଳରେ କେବଳ ଜରିମାନା ଦେବାକୁ ପଡୁଥିବାରୁ ଅନେକେ ଏହାକୁ ଗୁରୁତ୍ୱ ଦେଉନାହାନ୍ତି।

କାଲିଫର୍ନିଆ, କନେକ୍ଟିକଟ୍, ଡେଲାୱେର୍, ୱାଶିଂଟନ୍ ଡିସି, ହାୱାଇ, ଇଲିନୋଇସ୍, ମାରିଲାଣ୍ଡ, ନେଭାଡ଼ା, ନ୍ୟୁୟର୍କ, ଆରେଗନ୍, ଭେରମଣ୍ଟ ଭଳି କେତେକ ସହରରେ ଗାଡ଼ି ଚଲାଇବା ସମୟରେ ମୋବାଇଲ ଫୋନ୍ ବ୍ୟବହାର କରିବା ନିଷେଧ କରାଯାଇଛି।

### ମନେରଖନ୍ତୁ..

- ଯଦି ଗାଡ଼ି ଚଲାଇବା ବେଳେ କଲ୍ ଆସୁଛି ତେବେ ଗାଡ଼ିକୁ ରାସ୍ତାକଡ଼ରେ କିମ୍ବା ପାର୍କିଂ ସ୍ଥାନରେ ଅଟକାଇ କଥା ହୁଅନ୍ତୁ। ଏପରି କରିବା ଦ୍ୱାରା ଆପଣ ନିଜ ସହିତ ଅନ୍ୟ କାହାର ଜୀବନ ବିପଦରେ ପକାଇବାରୁ ବଞ୍ଚିଯିବେ।
- ସେହିପରି ମୋବାଇଲରେ ମେସେଜ୍ ଆସିଲେ କିମ୍ବା ମେସଜ୍ କରିବାର ଥିଲେ ବି ସୁରକ୍ଷା ଦୃଷ୍ଟିରୁ କିଛି ସମୟ ଠିଆ ହୋଇଯିବା ଭଲ।
- ଆଜିକାଲି ଅନେକଙ୍କୁ ଗାଡ଼ି ଚଲାଇବା ବେଳେ ସେଲ୍‌ଫି ଉଠାଇବା, ଅନ୍‌ଲାଇନ୍ ଭିଡିଓ, ଟିକ୍‌ଟକ୍, ଲାଇକ୍ ଆଦି ଭିଡିଓ କରିବାର ନିଶା ଘାରିଛି। ଏଥିପାଇଁ ମଧ୍ୟ ଦୁର୍ଘଟଣା ବଢୁଥିବା ନଜିର ରହିଛି। ତେଣୁ ଗାଡ଼ି ଚଲାଇବା ବେଳେ ଏସବୁ ଆଦୌ କରନ୍ତୁ ନାହିଁ।
- କେବଳ ଏତିକି ନୁହେଁ, ନିଜେ ଗାଡ଼ି ନ ଚଲାଉଥିଲେ ଯଦି କାହା ସହ ଗାଡ଼ିରେ ଯାଉଛନ୍ତି ତେବେ ବଡ଼ ପାଟିରେ ଫୋନ୍‌ରେ ଗପିବା, ଫଟୋ ଉଠାଇବା ଆଦି ମଧ୍ୟ କରନ୍ତୁ ନାହିଁ। ନଚେତ୍ ଚାଳକଙ୍କର ଏକାଗ୍ରତା ଭଙ୍ଗହେବା ସହ ଦୁର୍ଘଟଣା ଆଶଙ୍କା ବଢ଼ିଥାଏ।

## କ'ଣ କୁହନ୍ତି ଏମାନେ...



ସ୍ମରଣିକା



ରାଜେନ୍ଦ୍ର



ରୋଜାଲିନ

❖୨ବର୍ଷ ତଳର ଘଟଣା। ସାନଭଉଣୀ ସହ ସ୍କୁଟିରେ ଘରକୁ ଫେରୁଥାଏ। ସାମ୍ନା ପଟୁ ଏକ କାର୍ ଦ୍ରୁତ ଗତିରେ ମାଡ଼ି ଆସିଲା। ଚାଳକ ଜଣଙ୍କ ମୋବାଇଲରେ ଗପିବାରେ ଏତେ ଅନ୍ୟମନସ୍କ ହୋଇପଡ଼ିଥାନ୍ତି ଯେ, ଆଗରେ ଆମେ ଅଛୁ ବୋଲି ତାଙ୍କର ନଜର ନ ଥାଏ। ଦୁର୍ଘଟଣା ଏଡ଼ାଇବାକୁ ଯାଇ ଆମେ କଡ଼କୁ ମାଡ଼ିଗଲୁ। ହେଲେ ମୁଁ ଭାରସାମ୍ୟ ହରାଇ ରାସ୍ତାକଡ଼କୁ ଖସିପଡ଼ିଲି। ରାସ୍ତାରେ ପଡ଼ିଥିବା ଗୋଡ଼ି ମୋ ପାଦରେ ପଶିଗଲା। ଧାର ଧାର ହୋଇ ରକ୍ତ ବୋହୁଥିଲା। ଏଣେ ପାଖରେ କୌଣସି ମେଡିକାଲ ବି ନ ଥିଲା। ଓଢ଼ଣିକୁ ପାଦରେ ବାନ୍ଧିଲା ପରେ ବି ରକ୍ତ ବନ୍ଦ ହେଉ ନ ଥିଲା। କଷ୍ଟରେ ସ୍କୁଟି ଚଲାଇ ଜିଲା ମୁଖ୍ୟ ଚିକିତ୍ସାଳୟକୁ ଯାଇ ଡ୍ରେସିଂ କରାଇଲୁ। ସେ କଥା ମନେପଡ଼ିଲେ ଆଜି ମୋ ଦେହରେ ଶିହରଣ ଖେଳିଯାଏ। – *ସ୍ମରଣିକା ଦାଶ, ପୁରୀ*

❖ଥରେ ଜଣେ ବନ୍ଧୁ ଭୁବନେଶ୍ୱର ରାଜଧାନୀ ମେଡିକାଲରେ ଚିକିତ୍ସିତ ହେଉଥାନ୍ତି। ତାଙ୍କୁ ଦେଖା କରିବାକୁ ମେଡିକାଲ ଯାଉଥାଏ। ଦେହର ଅବସ୍ଥା କେମିତି ଜାଣିବା ଲାଗି ବାରମ୍ବାର ଫୋନ୍ କରୁଥାଏ। ସେହି ନିଶାରେ ମୋର ରାସ୍ତା ଉପରୁ ଧ୍ୟାନ ହଟିଯାଇଥାଏ। ଏହି ସମୟରେ ହଠାତ୍ ଏକ ଗାଈ ରାସ୍ତା ଉପରକୁ ଆସିଯିବାରୁ ମୋ ଆଗରେ ଥିବା କାରଟି ବ୍ରେକ୍ ମାରିଦେଲା ଏବଂ ମୁଁ ଉପାୟ ନ ପାଇ ରାସ୍ତାକଡ଼କୁ ପ୍ରାୟ ୫୦ ମିଟର ଗଡ଼ିଗଡ଼ି ପଡ଼ିଗଲି। ସେବେଠାରୁ ପ୍ରତିଜ୍ଞା କଲି, କେବେ ବି ନିଦ ଲାଗିବା ଅବସ୍ଥାରେ ବାଇକ ଚଳାଇବି ନାହିଁ।
–*ରାଜେନ୍ଦ୍ର କୁମାର ଦାସ, ରାଏବିଧାର, ବ୍ରହ୍ମଗିରି*

❖ମୋର ନୂଆ ନୂଆ ସ୍କୁଟି କିଣା ହୋଇଥାଏ। ମୋ ସାର୍ ଅଶୋକ ଦାସଙ୍କ ସହ ବାଟମଙ୍ଗଳା ମନ୍ଦିରକୁ ଯାଇ ପୂଜା ସାରି ଘରକୁ ଫେରୁଥାଏ। ପ୍ରଥମ ଥର ସ୍କୁଟି ଚଲାଉଥିବାରୁ ମନରେ ଭୟ ରହିଥାଏ। ଏକ ବାଙ୍କ ରାସ୍ତାରେ ଜଣେ ବ୍ୟକ୍ତି ମୋବାଇଲରେ ଗପି ଗପି ସାଇକେଲ ଚଲାଇ ମୋ ଆଗକୁ ଚାଲି ଆସିଲେ। ତାଙ୍କ ଦେହରେ ଗାଡ଼ି ନ ବାଜିବ ଭାବି କଡ଼କୁ ଗାଡି ନେଉ ନେଉ ପଡ଼ିଗଲି। ବହୁ କଷ୍ଟରେ ଉଠିଲି ସତ, କିନ୍ତୁ ଆଉ ଗାଡ଼ି ଚଲାଇବାକୁ ସାହସ ହେଲା ନାହିଁ। ହାତଗୋଡ଼ ଥରି ଦେହରୁ ଗମ୍ ଗମ୍ ଝାଳ ବାହାରିଲା। ସାର୍ ମୋତେ ସାହସ ଦେବାରୁ ଧୀରେ ଧୀରେ ଘରକୁ ଫେରିଲି। ସେବେଠୁ ନା ନିଜେ କେବେ ଗାଡ଼ି ଚଲାଇବା ବେଳେ ମୋବାଇଲରେ ଗପେ ନା କାହାକୁ ଗପିବାକୁ ଦିଏ। –*ରୋଜାଲିନ ପଣ୍ଡା, ଗୋପୀନାଥପୁର, ନୂଆସାହି, ପୁରୀ*

## ଏ ସପ୍ତାହର ପ୍ରଶ୍ନ

୧– କାର୍‌ଗିଲ୍ ଶ୍ରଦ୍ଧାଞ୍ଜଳି ସଙ୍ଗୀତ......... ରଚନା କରିଛନ୍ତି ?
୨– ନ୍ୟାଶନାଲ ପଲିସି ଅନ୍ ବାୟୋ ଫୁଏଲ୍ସ ପ୍ରଥମେ ............ ରାଜ୍ୟରେ କାର୍ଯ୍ୟକାରୀ ହେଲା ?
୩– ଏସିଆନ୍‌ଡେଭେଲପମେଣ୍ଟ ବ୍ୟାଙ୍କ୍‌ର ହେଡ୍‌କ୍ୱାର୍ଟର............ ଠାରେ ଅବସ୍ଥିତ ?
୪– ଓଡ଼ିଶା ପୋଲିସର ମୋଟୋ.......... ?
୫– ବରମୁଡା ଟ୍ରାଙ୍ଗଲରେ ଦେଖାଦେଉଥିବା ଇଲେକ୍ଟ୍ରୋନିକ ଫଗ୍‌ର ନାମ......... ?

## ଗତ ଥରର ଉତ୍ତର

୧ ମହାରାଷ୍ଟ୍ର
୨ ଏମ୍‌ପାୱାର ପାରେଣ୍ଟ୍ସ, ଏନାବଲ୍ ବ୍ରେଷ୍ଟଫିଡିଂ
୩ ନାକ୍ ଜୋଷୀ
୪ ମୋହାଲି
୫ ଭିନେଶ ଫୋଗାଟ୍

## ଉତ୍ତର ଦାତା



ଅମିୟ କୁମାର ମହାନ୍ତ, କେନ୍ଦୁଝର



ଚନ୍ଦ୍ରମା ହୋତା, ବଲାଙ୍ଗୀର



ବିଶ୍ୱରଞ୍ଜନ ମହାନ୍ତି, ତାଳଚେର

**ସୂଚନା:** ଆଗାମୀ ଆଶା ପୃଷ୍ଠା ପାଇଁ ଲେଖା ଓ ଫଟୋ ପଠାଇବା ଲାଗି ଇ–ମେଲ୍ ଠିକଣା: dharitriagamiasha @gmail.com

## ୟୁ|ଥ୍|କ୍ଲ|ବ

# ଲକ୍ଷ୍ୟ ସମାଜର ବିକାଶ





ଭାଇଚାରା, ଶାନ୍ତି, ସଂହତି ଏବଂ ସୁନ୍ଦର ବୁଝାମଣା ତଥା କଳାହାଣ୍ଡି ଜିଲାର ଦ୍ୱାରଦେଶରେ ଅବସ୍ଥିତ ପେଣ୍ଟସ୍ଥଳୀ କେସିଙ୍ଗା ସହରରେ ଗଢ଼ି ଉଠିଛି ଜିଲାର ଅଗ୍ରଣୀ ସାଂସ୍କୃତିକ ଓ ସାମାଜିକ ଅନୁଷ୍ଠାନ ବୃନ୍ଦାବନ ସାଂସ୍କୃତିକ ଅନୁଷ୍ଠାନ। ୧୯୯୪–୯୫ ମସିହାରେ ଯେତେବେଳେ ଜିଲାକୁ ରାଜୀବ ଗାନ୍ଧୀ ଫାଉଣ୍ଡେଶନ ଜରିଆରେ ଲାଇଫ୍‌ଲାଇନ ଏକ୍ସପ୍ରେସ ଆସେ, ସେହି ସମୟରେ ମାତ୍ର କେତେଜଣ ସଦସ୍ୟଙ୍କ ଉଦ୍ୟମରେ ଏହି ଅନୁଷ୍ଠାନ ସେବା ଭାବନା ରଖି ଜନ୍ମ ନେଇଥିଲା । ପରବର୍ତ୍ତୀ ସମୟରେ ଉଭୟ ସାଂସ୍କୃତିକ ଓ ସାମାଜିକ ଅନୁଷ୍ଠାନ ଭାବେ ଏହା ପରିଚିତ ହୋଇପାରିଥିଲା। ବିଗତ ଦୁଇଦଶନ୍ଧିରୁ ଊର୍ଦ୍ଧ୍ୱ କାଳରେ ସାମାଜିକ ସେବା କ୍ଷେତ୍ରରେ ସମାଜର ବିଭିନ୍ନ ବର୍ଗର ଲୋକଙ୍କ ପାଖରେ ପହଞ୍ଚି ଖୁବ୍ ଲୋକପ୍ରିୟତା ହାସଲ କରିଛି। ଅନୁଷ୍ଠାନ କଳାହାଣ୍ଡିର କଳା, ସଂସ୍କୃତି, ଲୋକଗୀତ ଏବଂ ଲୋକନୃତ୍ୟକୁ ଅମାପ ଗଭୀରତା ଉପଲବ୍ଧି ନେଇ ରାଜ୍ୟ, ଜାତୀୟ ଓ ଆନ୍ତର୍ଜାତିକ ସ୍ତରରେ ପହଞ୍ଚାଇ ଜିଲାକୁ ଗୌରବାନ୍ୱିତ କରିଛି । ଅନୁଷ୍ଠାନ ଆରମ୍ଭ ହେବା ଦିନଠାରୁ ଦୀର୍ଘ ୨୪ବର୍ଷ ହେଲା ଆଉ ପଛକୁ ଫେରିନାହିଁ । ଅନୁଷ୍ଠାନ ପକ୍ଷରୁ ସମତଳ ଅଞ୍ଚଳରୁ ଆରମ୍ଭକରି ଦୁର୍ଗମ ଗୋପୀନାଥପୁର ଅଞ୍ଚଳ ପର୍ଯ୍ୟନ୍ତ ଶହଶହ ରୋଗୀଙ୍କୁ ଚକ୍ଷୁ ଚିକିତ୍ସା ଶିବିର ଆୟୋଜନକରି ଚକ୍ଷୁ ଚିକିତ୍ସା ସହ ଅସ୍ତ୍ରୋପଚାର କରି ସେବା ଯୋଗାଇ ଆସୁଛି। ଏଥିପାଇଁ ଭାରତ ସରକାରଙ୍କ ନେହେରୁ ଯୁବକେନ୍ଦ୍ର ପକ୍ଷରୁ ଜିଲାରେ ଶ୍ରେଷ୍ଠ ସାମାଜିକ ଅନୁଷ୍ଠାନ ଭାବରେ ସମ୍ମାନିତ ହୋଇଛି। ଶିଶୁ ଶ୍ରମିକମାନଙ୍କୁ ସମାଜର ମୁଖ୍ୟସ୍ରୋତରେ ସାମିଲ କରିବା ପାଇଁ ଭାରତ ସରକାରଙ୍କ ଶ୍ରମ ବିଭାଗ ଦ୍ୱାରା ଦୀର୍ଘ ୧୮ ବର୍ଷ ପର୍ଯ୍ୟନ୍ତ ୩ ଗୋଟି ଶିଶୁ ଶ୍ରମିକ ସ୍କୁଲ ଚଲାଇ ସଫଳତା ପାଇଛି। ରାଜ୍ୟ ଏଡ୍‌ସ୍ ନିୟନ୍ତ୍ରଣ ସେଲ୍ ସହାୟତାରେ ଜିଲାରେ ଏଚ୍‌ଆଇଭି/ଏଡ୍‌ସ ଭଳି ମାରାତ୍ମକ ରୋଗରୁ କିନ୍ନର ଓ ମହିଳା ଯୌନକର୍ମୀଙ୍କୁ ରୋକିବା ପାଇଁ ଦୀର୍ଘ ୧୩ ବର୍ଷ ହେଲା ଅନବରତ କାର୍ଯ୍ୟ କରି ଆସୁଛି। ସେହିଭଳି ଉକ୍ତ ବିଭାଗ ଦ୍ୱାରା ହିଁ ଦାଦନ ଶ୍ରମିକଙ୍କୁ ଏହି ରୋଗ ସମ୍ପର୍କରେ ସଚେତନ କରିବା ପାଇଁ କେସିଙ୍ଗା ଷ୍ଟେଶନରେ କାର୍ଯ୍ୟ କରୁଛି। ଦୁର୍ଗମ ଲାଞ୍ଜିଗଡ଼ଠାରେ ସ୍ୱାସ୍ଥ୍ୟ ବିଭାଗ ସହାୟତାରେ ଗର୍ଭବତୀ ମହିଳାଙ୍କ ପାଇଁ ବିଶ୍ୱନାଥପୁର ଓ ପର୍ଲାଠାରେ ମା'ଗୃହ ପରିଚାଳନା କରୁଛି। ସେଭଳି ଭବାନୀପାଟଣାଠାରେ ସ୍ୱାସ୍ଥ୍ୟ ବିଭାଗ ଦ୍ୱାରା ହୋଇଥିବା ୟୁପିଏଚ୍‌ସିକୁ ସଫଳତାର ଶହ ପରିଚାଳନାକରି ଏ ବର୍ଷ ରାଜ୍ୟସ୍ତରୀୟ କାୟାକଳ୍ପ ସମ୍ମାନ ପାଇବାରେ ସଫଳତା ଅର୍ଜନ କରିଛି। ସାମାଜିକ କ୍ଷେତ୍ରରେ ଯେମିତି ସାଂସ୍କୃତିକ କ୍ଷେତ୍ରରେ ମଧ୍ୟ ଏହି ଅନୁଷ୍ଠାନ ଅନେକ ସଫଳତା ହାସଲ କରିଛି। ଅନୁଷ୍ଠାନର ସଦସ୍ୟମାନଙ୍କ ଦ୍ୱାରା ପରିବେଷିତ ଢୋଲ ମହୁରି, ବଜାଶାଲ, ଘୁମୁରା, ଢାପ, ଘୁଡ଼କା, ଛିଲୋ ଲାଇ ରସରକେଲି, ଚୁଟୁକୁଚୁଟା, ବାଙ୍ଗିରି ଓ ଡାଲଖାଇ ଜାତୀୟ ଓ ଆନ୍ତର୍ଜାତିକ ସ୍ତରରେ ବେଶ୍ ଆଦୃତ ହୋଇଛି। ଅନୁଷ୍ଠାନ ଶିଶୁ ଘୁମୁରା ନୃତ୍ୟ ଗଣତନ୍ତ୍ର ଦିବସରେ ଦିଲ୍ଲୀରେ ସ୍ଥାନ ପାଇଥିବା ବେଳେ ଆନ୍ତର୍ଜାତିକ ପାଟା ସମ୍ମିଳନୀ, ଭାରତ ପର୍ବରେ ସାମିଲ ହୋଇ ଲୋକଙ୍କୁ ମୋହିତ କରିଛି। ଅନୁଷ୍ଠାନର କଳାକାରମାନେ ବିଦେଶଯାତ୍ରା କରି ଚାଇନା ଯାଇ ଜିଲାକୁ ଗୌରବ ଆଣିଛନ୍ତି। ଏହାଛଡ଼ା ରାଜ୍ୟ ସଂସ୍କୃତି ବିଭାଗ, ପୂର୍ବାଞ୍ଚଳ ସାଂସ୍କୃତିକ ପରିଷଦ, ଜିଲା ସାଂସ୍କୃତିକ ପରିଷଦ ଦ୍ୱାରା ଜିଲା ଉତ୍ସବଠାରୁ ଆରମ୍ଭକରି ରାଜ୍ୟସ୍ତରୀୟ ଗଣତନ୍ତ୍ର ଦିବସ, ରାଜ୍ୟ ବାହାରେ ପ୍ରାୟ ଅଧିକାଂଶ ରାଜ୍ୟରେ ଏହି ଲୋକନୃତ୍ୟ ପରିବେଷଣକରି ଉଚ୍ଚ ପ୍ରଶଂସିତ ହୋଇପାରିଛି। ରାଜ୍ୟ ଓ ଜାତୀୟ ଯୁବ ମହୋତ୍ସବରେ ସାମିଲହୋଇ ବେଶ୍ ଆଦୃତ ହୋଇଛି। ଅନୁଷ୍ଠାନର କଳାକାର କମ୍ବୁପାଣି ବାଗ ଭାରତ ସରକାରଙ୍କ ସଂସ୍କୃତି ବିଭାଗରେ ଜୁନିୟର ଫେଲୋଶିପ୍ ପାଇବାରେ କୃତିତ୍ୱ ଅର୍ଜନ କରିଛନ୍ତି। ବିଶେଷକରି ଅନୁଷ୍ଠାନ ନିଜ ପ୍ରଚେଷ୍ଟାରେ ରାଜ୍ୟସ୍ତରୀୟ ୨ଦିନିଆ ଲୋକ ମହୋତ୍ସବ ଆୟୋଜନକରି ବେଶ୍ କୃତିତ୍ୱ ଅର୍ଜନ କରିଛି। ଆସନ୍ତା ବର୍ଷ ରୌପ୍ୟ ଜୟନ୍ତୀ ପାଳନ କରିବାକୁ ଯାଉଥିବା ଆମର ଏହି ଅନୁଷ୍ଠାନ ପକ୍ଷରୁ ଆଗକୁ ଜିଲା, ରାଜ୍ୟ ଓ ଦେଶ ପାଇଁ ଆହୁରି ଉନ୍ନତିମୂଳକ କାର୍ଯ୍ୟ କରିବାକୁ ପ୍ରୟାସ କରୁଛୁ ବୋଲି ଅନୁଷ୍ଠାନର ମୁଖ୍ୟ ସଞ୍ଚାଳକ ସୁଶାନ୍ତ ମହାପାତ୍ର କହିଥିବା ବେଳେ ଅନୁଷ୍ଠାନ ସାଧାରଣ ସମ୍ପାଦକ ଅକ୍ଷୟ କୁମାର ଦାସ ସାମାଜିକ ଓ ସାଂସ୍କୃତିକ କ୍ଷେତ୍ରରେ ଆହୁରି ପରିବର୍ତ୍ତନ ଆଣି ଏକ ବିକାଶଶୀଳ ଜିଲା ଗଠନ କରିବାକୁ ଲକ୍ଷ୍ୟ ରହିଛି ବୋଲି ପ୍ରକାଶ କରିଛନ୍ତି।

**– ସଞ୍ଜୀବ କୁମାର ଜୋଷୀ**



ବୃନ୍ଦାବନ ସାଂସ୍କୃତିକ ଅନୁଷ୍ଠାନର କଳାକାରମାନଙ୍କ ଦ୍ୱାରା ନୃତ୍ୟ ପରିବେଷଣ।



ଯେଉଁମାନେ ଧନ୍ୟବାଦ ପାଇବାର ଯୋଗ୍ୟ, ସେମାନଙ୍କୁ ଧନ୍ୟବାଦ ଜଣାଇଲେ ସେମାନଙ୍କର କର୍ମ ପ୍ରବଣତା ଅଧିକରୁ ଅଧିକ ବଢ଼ିଯାଏ।
- ଉତ୍କଳଗୌରବ ମଧୁସୂଦନ ଦାସ



■ ପପୁଙ୍କ ଫିଲ୍ମ ପୋଷ୍ଟରକୁ ନେଇ ବିବାଦ

# ପ୍ରଯୋଜକ ସଂସ୍ଥା ନାଁରେ ମାମଲା

ଭୁବନେଶ୍ୱର,୧୭।୮ (ବ୍ୟୁରୋ)



■ ୭ ଯୁବତୀଙ୍କୁ ନେଇ ଆପତ୍ତିଜନକ ପୋଜ୍
■ ମହିଳା କମିଶନ ଓ ମହିଳା ଥାନାରେ ଅଭିଯୋଗ
■ ଏହା ଆମର ଅଫିସିଆଲ ପୋଷ୍ଟର ନୁହେଁ: ନିର୍ଦ୍ଦେଶକ

ପୁଣି ଅଡୁଆରେ ରଙ୍ଗିଲା ଟୋକା ପପୁ ପମ୍‌ପମ୍। କେତେବେଳେ କାଷ୍ଟିଂ କାଉଚ ତ ଆଉ କେତେବେଳେ ମହିଳାଙ୍କୁ ଅଶାଳୀନ ବ୍ୟବହାର ପାଇଁ ବିବାଦରେ ରହିଥିଲେ ପପୁ। ଏବେ ଏକ ଫିଲ୍ମ ପୋଷ୍ଟରରେ ମହିଳାଙ୍କୁ ଅସମ୍ମାନ କରାଯାଇଥିବା ଅଭିଯୋଗକୁ ନେଇ ଆଉ ଏକ ବିବାଦରେ ଫସିଛନ୍ତି ପପୁ ପମ୍‌ପମ୍ ଓରଫ ତତ୍ତ୍ୱପ୍ରକାଶ ଶତପଥୀ। ଆଗାମୀ ଗଣେଶ ପୂଜାରେ ରିଲିଜ୍ ହେବାକୁ ଥିବା ସିଦ୍ଧାର୍ଥ ମ୍ୟୁଜିକ୍‌ର ଫିଲ୍ମ 'ମିଷ୍ଟର କହ୍ନେୟା' ପୋଷ୍ଟରକୁ ନେଇ ବିବାଦ ମୁଣ୍ଡ ଟେକିଛି। ଉକ୍ତ ପୋଷ୍ଟରରେ ୭ଜଣ ଯୁବତୀ ଘୋଡ଼ା ଭଳି ଆଣ୍ଠେଇଥିବାବେଳେ ପପୁ ରଥର ସାରଥି ଭଳି ଗୋଟିଏ ହାତରେ ଲଗାମ ଓ ଅନ୍ୟ ହାତରେ ଚକ୍ର ଧରି ପୋଜ୍ ଦେଇଛନ୍ତି। ଏଭଳି ପୋଷ୍ଟର ସୋସିଆଲ ମିଡିଆରେ ଭାଇରାଲ ହେବା ପରେ ବହୁ ସାମାଜିକ ଅନୁଷ୍ଠାନ ଓ ମହିଳା ସଙ୍ଗଠନ ଏହାକୁ ବନ୍ଦ କରିବା ସହ ନିର୍ଦ୍ଦେଶକ ଏବଂ ପ୍ରଯୋଜକ ସଂସ୍ଥା ବିରୋଧରେ କାର୍ଯ୍ୟାନୁଷ୍ଠାନ ଦାବି କରିଛନ୍ତି। ସମାଜସେବୀ ଲିଙ୍କନ ସୁବୁଦ୍ଧି ଏନେଇ ମହିଳା କମିଶନ ଓ ଭୁବନେଶ୍ୱର ମହିଳା ଥାନାରେ ଅଭିଯୋଗ କରିଛନ୍ତି। ମହିଳା ଥାନା ପୋଲିସ ଆଇପିସି ଦଫା ୬ଲଗାଇ ପ୍ରଯୋଜକ ସଂସ୍ଥା ନାଁରେ ମାମଲା (ନଂ.୮୯/୧୯) ରୁଜୁ କରିଛି।

ତେବେ ଏ ସଂକ୍ରାନ୍ତରେ ଅଭିଯୋଗକାରିଣୀ ଲିଙ୍କନ କୁହନ୍ତି, ସିନେମାଗ୍ରାଫି ୧୯୮୩ ରୁଲ୍ ୩୮ରେ ଉଲ୍ଲେଖ ରହିଛି ଯେ, ଫିଲ୍ମର ପ୍ରମୋଶନ ପାଇଁ ବିଜ୍ଞାପନ ଅର୍ଥାତ୍ ଖବର କାଗଜ,ହୋର୍ଡିଂ,ପୋଷ୍ଟର ଏବଂ ଟ୍ରେଲରେ ମହିଳାଙ୍କୁ ଅସମ୍ମାନ କରିବା ଭଳି ଆପତ୍ତିଜନକ ଚିତ୍ର ପ୍ରଦର୍ଶନ କରାଯିବ ନାହିଁ। ଆକ୍ଟ ୧୯୫୧ ସେକ୍ସନ ୭ ଅନୁଯାୟୀ ଏହା ଏକ ଦଣ୍ଡନୀୟ ଅପରାଧ। ତେଣୁ ଏହି ଫିଲ୍ମର ପ୍ରଯୋଜକ ସୀତାରାମ ଅଗ୍ରୱାଲ, ନିର୍ଦ୍ଦେଶକ ରମେଶ ରାଉତ ଓ ଅଭିନେତା ପପୁ ପମ୍‌ପମ୍‌ଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉ। ଏହାସହ ଫିଲ୍ମକୁ ବନ୍ଦ କରିବା ଓ ପୋଷ୍ଟର ହଟାଯିବା ସହ ସେମାନେ ଗଣମାଧ୍ୟମ ଆଗରେ ରାଜ୍ୟର ମହିଳାଙ୍କୁ କ୍ଷମା ମାଗନ୍ତୁ। କିଭଳି ଫିଲ୍ମ ପୋଷ୍ଟରରେ ୭ଜଣ ମହିଳାଙ୍କୁ ଘୋଡା ଓ କୁକୁର ଭଳି ପ୍ରଦର୍ଶନ କରାଯାଇଛି। ଏପରି କି ସେମାନଙ୍କ ବେକରେ ରଶି ବାନ୍ଧି ପପୁ ଧରିଛନ୍ତି। ପପୁ କ'ଣ କୃଷ୍ଣ ? କୃଷ୍ଣ ଭଗବାନ ଘୋଡାଙ୍କୁ ସମ୍ମାନ ଦେଉଥିଲେ। ହେଲେ ପପୁ ନାରୀ ଜାତିକୁ ଏଠି ଅସମ୍ମାନ କରିଛନ୍ତି। ତେଣୁ ତାଙ୍କୁ ଗିରଫ କରାଯାଉ। ଆଗାମୀ ଦିନରେ ଫିଲ୍ମ ସେନ୍‌ସର ବୋର୍ଡ ନିକଟରେ ଅଭିଯୋଗ କରିବେ ବୋଲି ଲିଙ୍କନ କହିଛନ୍ତି।

ଅନ୍ୟପକ୍ଷରେ ଫିଲ୍ମର ନିର୍ଦ୍ଦେଶକ ରମେଶ ରାଉତ କହିଛନ୍ତି, ଏହା ତାଙ୍କ ସିନେମାର ଅଫିସିଆଲ୍ ପୋଷ୍ଟର ନୁହେଁ କି ଏହାକୁ ଆମ ତରଫରୁ ଛଡ଼ାଯାଇନାହିଁ। ଯେଉଁ ୭ଜଣ ଯୁବତୀ ରହିଛନ୍ତି ସେମାନେ ତାଙ୍କ ଫିଲ୍ମର କଳାକାର ନୁହନ୍ତି କି ସେମାନଙ୍କୁ ଚିହ୍ନି ବି ନାହାନ୍ତି। ବଦନାମ ପାଇଁ କେହି ଏପରି ଏଡିଟ୍ କରିଥିବେ ବୋଲି ସେ କହିଛନ୍ତି। ତେବେ ଏ ସଂକ୍ରାନ୍ତରେ ପପୁ ମୁହଁ ଖୋଲିବାକୁ ଚାହିଁ ନ ଥିଲେ। ଅତିରିକ୍ତ ଡିସିପି ରାଜକିଶୋର ପାଇକରାୟ କହିଛନ୍ତି, ମହିଳା ଥାନାରେ ହୋଇଥିବା ଅଭିଯୋଗ ଆଧାରରେ ପ୍ରଯୋଜକ ସଂସ୍ଥା ନାଁରେ ମାମଲା ହୋଇଛି। ଅଭିଯୋଗକାରିଣୀ ଲିଙ୍କନ ସୁବୁଦ୍ଧିଙ୍କୁ ନୋଟିସ କରାଯିବ। ଉକ୍ତ ପୋଷ୍ଟରକୁ କେଉଁଠୁ ପାଇଲେ ସେ ସଂକ୍ରାନ୍ତରେ ସେ ଉତ୍ତର ରଖିବେ। ଏହି ଆଧାରରେ ଫିଲ୍ମ ପ୍ରଯୋଜକ, ନିର୍ଦ୍ଦେଶକ ଓ ଅଭିନେତା ପପୁ ପମ୍‌ପମ୍‌ଙ୍କୁ ନୋଟିସ କରାଯାଇ ପରବର୍ତ୍ତୀ ପଦକ୍ଷେପ ଗ୍ରହଣ କରାଯିବ ବୋଲି ସେ କହିଛନ୍ତି। ସୂଚନାଯୋଗ୍ୟ, ପପୁ ୨୦୧୬ରେ ନାବାଳିକା କାଷ୍ଟିଂ କାଉଚ ମାମଲାରେ ଗିରଫ ହୋଇ ଜେଲ ଯାଇଥିଲେ। ନାବାଳିକା ଯୌନ ଶୋଷଣ ସହ ତାଙ୍କ ବିରୋଧରେ ଲାଗିଥିଲା ସଙ୍ଗିନ ଦଫା। ଏହାପରେ ସେହିବର୍ଷ ନଭେମ୍ବରରେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କୁ ନେଇ କମେଡି କରି ଫସିଥିଲେ ପପୁ। ଏହି ଘଟଣାରେ ପ୍ରତିକ୍ରିୟା ପ୍ରକାଶ କରି ଜଣେ ଛାତ୍ର ପପୁଙ୍କ କାଳିମାଡ଼ ଫଟୋ ସୋସିଆଲ ମିଡିଆରେ ଛାଡ଼ିଥିଲେ। ତେବେ ପପୁ ଓ ତାଙ୍କ ସହଯୋଗୀ ସମ୍ପୃକ୍ତ ଛାତ୍ରଙ୍କୁ ଧମକ ଦେଇଥିବା ନେଇ ମଧ୍ୟ ଉଭୟଙ୍କ ନାମରେ ଶହୀଦନଗର ଥାନାରେ ଅଭିଯୋଗ ହୋଇଥିଲା। ସେହିଭଳି ୨୦୧୮ରେ ପପୁ ଓ ତାଙ୍କ ସହଯୋଗୀ ଜଣେ ଆଇନଜୀବୀଙ୍କୁ ଧମକ ଦେବାନେଇ କଟକ ସଦର ଥାନାରେ ମାମଲା ହୋଇଥିଲା।

## ବିଦ୍ୟୁତ୍ ଆଘାତରେ ଜଣେ ମୃତ, ଜଣେ ଗୁରୁତର

ରାଇରଙ୍ଗପୁର, ୧୭।୮ (ଡି.ଏନ୍.ଏ.): ମୟୂରଭଞ୍ଜ ଜିଲା ରାଇରଙ୍ଗପୁର ପୋଲିସ ସର୍କଲ ଅଧୀନ ବିଷୋଇ ଥାନାର ଏଡେଲବେଡ଼ା ଗ୍ରାମରେ ଖୁଣ୍ଟରେ ଚଢ଼ି ବିଦ୍ୟୁତ୍ ଲାଇନ ସଜାଡୁଥିବା ବେଳେ ବିଦ୍ୟୁତ୍ ଆଘାତ ପାଇ ତଳକୁ ଖସିପଡ଼ି ସାଲଖୁ ବାସ୍କେ(୨୦) ନାମକ ଜଣେ ଯୁବକଙ୍କ ମୃତ୍ୟୁ ଘଟିଛି। ପୋଲିସ ମୃତଦେହ ଜବତ କରି ରାଇରଙ୍ଗପୁର ହସ୍ପିଟାଲରେ ବ୍ୟବଚ୍ଛେଦ କରାଇ ଶନିବାର ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି। ଏ ନେଇ ଥାନାରେ ଏକ ଅପମୃତ୍ୟୁ ମାମଲା (ନଂ. ୧୦/୧୯) ରୁଜୁ କରାଯାଇଛି। ସେହିପରି ଯାମଦା ଥାନା ଅନ୍ତର୍ଗତ ମଧୁପୁର ଗ୍ରାମର ଜଣେ ବାଳକ ବିଦ୍ୟୁତ୍ ଆଘାତରେ ପୋଡ଼ିଯାଇ ଗୁରୁତର ଆହତ ହୋଇଥିବା ଜଣାପଡ଼ିଛି। ସେ ନିକଟସ୍ଥ ଏକ ନାଳକୁ ଗାଧୋଇବାକୁ ଯାଉଥିବା ବେଳେ ଏକ ନିର୍ମାଣାଧୀନ ପୋଲର ଲୁହାଛଡ଼କୁ ଧରି ପକାଇବାରୁ ବିଦ୍ୟୁତ୍ ଆଘାତ ପାଇଥିଲେ। ଏହି ଲୁହାଛଡ଼ ୧୧ କେଭି ତାର ସହ ଲାଗିଥିବା କାରଣରୁ ଏଭଳି ଦୁର୍ଘଟଣ ଘଟିଥିବା ଅଭିଯୋଗ ହୋଇଛି। ଏ ନେଇ ସମ୍ପୃକ୍ତ ଅଞ୍ଚଳରେ ଚାପା ଉତ୍ତେଜନା ପ୍ରକାଶ ପାଉଛି। ଆହତ ବାଳକଙ୍କୁ ଗୁରୁତର ଅବସ୍ଥାରେ କଟକ ସ୍ଥାନାନ୍ତର କରାଯାଇଛି।



## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ଢଗ ଚାରିପଦ ଥେଲା କି ନ ଥେଲା,**
**ଗୀତ ଚାରିପଦ ଥେଲା;**
**ଯୋଉ ଦିନୁଁ ଡେଇଁଲି ବାପଘର ଗାଁ,**
**ସବୁ ତ ପାସୋର ଗଲା ।**

ବାପଘରେ ଝିଅଟି ବେଶ୍ ଅଲିଅଳରେ ବଢ଼ିଥାଏ। ପରନ୍ତୁ ବୋହୂ ହୋଇ ଶାଶୁଘରକୁ ଆସିଲେ ତା'ର ଦାୟିତ୍ୱ ଓ କର୍ତ୍ତବ୍ୟ ବହୁ ପରିମାଣରେ ବଢ଼ିଯାଏ। ଘରସଂସାର କରିବା ଭିତରେ ସେ ବାପଘରର ମଧୁର ସ୍ମୃତିଗୁଡ଼ିକୁ ପାସୋରି ଦେଇଥାଏ। ସାଧାରଣତଃ ଦାୟିତ୍ୱ ସମ୍ଭାଳୁଥିବା ବ୍ୟକ୍ତି ନିଜ ପଛ ବା ଅତୀତ କଥା ଭାବିବାକୁ ସମୟ ପାଇ ନ ଥାଏ। ଏପରିସ୍ଥଳେ ବାପଘରୁ କିଛି ଢଗ ଭଳି ଶିକ୍ଷଣୀୟ କଥା ଶିଖି ଆସିଥିବା ଝିଅ ଶାଶୁଘରର କର୍ମମୟ ଜଞ୍ଜାଳ ଭିତରେ ବୁଡ଼ି ମନରୁ ସେସବୁ ପାସୋରି ବସିବା ଅର୍ଥରେ ଏଭଳି ଉକ୍ତି ବର୍ଣ୍ଣନା କରାଯାଇଛି।

**ଢଗ ମେଲୁଛି, ନାକ ଫୁଲୁଛି;**
**ନାକର ବସଣି ହଲଉ ଅଛି ।**

ଥଟାପରିହାସ ବେଳେ ବା ଛିଗୁଲେଇ କରି କଥା କହିବା ବେଳେ ବିଭିନ୍ନ ପ୍ରକାର ଅଙ୍ଗିଭଙ୍ଗି ଦେଖାଇଥାନ୍ତି। ସାଧାରଣତଃ ଗାଁଗଣ୍ଡାରେ ରହୁଥିବା ମହିଳାମାନେ ଅନ୍ୟକୁ ଆକ୍ଷେପ କଲାବେଳେ ମୁହଁ ଛିଞ୍ଚାଡ଼ି ହୋଇ କଥା କହିଥାନ୍ତି। ଏପରିସ୍ଥଳେ ତାଙ୍କ ମୁହଁର ଆକୃତି ବଦଳିଯିବା ପରିପ୍ରେକ୍ଷୀରେ ଏଭଳି ଉକ୍ତି ପ୍ରକାଶ କରାଯାଇଛି।

ନିର୍ବାଚିତ ଢଗଢମାଳି, ପ୍ରବାଦ, ପ୍ରବଚନ ଓ ଅନ୍ୟାନ୍ୟ
- ପ୍ରାଚୀ ସାହିତ୍ୟ ପ୍ରତିଷ୍ଠାନ

■ ଉଦ୍ଧାର ନାବାଳିକାଙ୍କ ଠିକଣା ମିଳିଲା

# ଟର୍ଚ୍ଚ କିଣିବା ପାଇଁ ବାଟବଣା ହୋଇଥିଲେ

ବରଗଡ଼ ଅଫିସ୍,୧୭।୮

ଗାଁରେ ଆଲୁଅ ନାହିଁ । ଟର୍ଚ୍ଚ କିଣିବାର ଇଚ୍ଛା ଥିଲା । ମାତ୍ର ହାତରେ ପଇସା ନ ଥିଲା। ଫଳରେ ଟର୍ଚ୍ଚଟିଏ କିଣିବା ପାଇଁ ରାଉରକେଲାସ୍ଥିତ ବଡ଼ଭାଇଙ୍କ ପାଖକୁ ଏକ ଟ୍ରେନ ଯୋଗେ ଆସୁଥିଲେ। ହେଲେ ରାଉରକେଲାରେ ଓହ୍ଲାଇବା ପରିବର୍ତ୍ତେ ବାଟବଣା ହୋଇ ସେ ଇସ୍ପାତ ଏକ୍ସପ୍ରେସରେ ଚାଲି ଆସିଥିଲେ। ଶୁକ୍ରବାର ରାତ୍ରିରେ ବରଗଡ଼ ରୋଡ୍ ରେଳଷ୍ଟେଶନ ପାଖରେ ଉଦ୍ଧାର ହୋଇଥିବା ନାବାଳିକାଙ୍କୁ ଶନିବାର ବରଗଡ଼ ଜିଲା ଶିଶୁ ମଙ୍ଗଳ ସମିତି(ସିଡବ୍ଲ୍ୟୁସି)ରେ ହୁ ଭାଷାର ଜଣେ ଅନୁବାଦିକା (ଟ୍ରାନ୍ସଲେଟର)ଙ୍କ ସହାୟତାର ପଚରାଉଚୁରା ପରେ ଏହା ଜଣାପଡ଼ିବା ସହିତ ତାଙ୍କ ଠିକଣା ମଧ୍ୟ ମିଳିଛି। ନାବାଳିକା ଜଣକ ଝାଡ଼ଖଣ୍ଡ ରାଜ୍ୟ ୱେଷ୍ଟ ସିଂହଭୂମ ଜିଲା କୋଏଲକେରା ବ୍ଲକ ବାରା ଗ୍ରାମର ତୁଳସୀ ସାମତ୍(୧୧) ବୋଲି ଜଣାପଡ଼ିଛି। ଠିକଣା ମିଳିବା ପରେ ବରଗଡ଼ ସିଡବ୍ଲ୍ୟୁସି ୱେଷ୍ଟ ସିଂହଭୂମ ସିଡବ୍ଲ୍ୟୁସି ସହିତ ଯୋଗାଯୋଗ ଆରମ୍ଭ କରିଛି । ନାବାଳିକା ଜଣକ ଏବେ ବରଗଡ଼ ସହର ଉପକଣ୍ଠ ଖଲିଆପାଲି ବିମଳାଦେବୀ ବାଳାଶ୍ରମରେ ଅଛନ୍ତି । ପରିବାର ଲୋକେ ଏଠାକୁ ଆସିବା ପରେ ସିଡବ୍ଲ୍ୟୁସି ତାଙ୍କୁ ହସ୍ତାନ୍ତର କରିବ।

ଉଦ୍ଧାର ହେବା ପରେ ତୁଳସୀ ମୁଣ୍ଡାଜାତିର ହୁ ଭାଷାରେ କଥାବାର୍ତ୍ତା କରୁଥିବା ଯୋଗୁ ତାଙ୍କ ସମ୍ପର୍କରେ ଜାଣିବାର କାଠିକର ପାଠ ହୋଇଥିଲା। ଉଦ୍ଧାର କରିଥିବା ବଲାଙ୍ଗୀର ଜିଲା ଲୋଇସିଂହା ଅଞ୍ଚଳର ସ୍ୱେଚ୍ଛାସେବୀ, ଆରପିଏଫ ଏବଂ ସିଡବ୍ଲ୍ୟୁସି କର୍ତ୍ତୃପକ୍ଷ ତାଙ୍କୁ ପଚରାଉଚୁରା କରୁଥିଲେ ମଧ୍ୟ କିଛି ଜାଣିପାରି ନ ଥିଲେ। ଏହାପରେ ସିଡବ୍ଲ୍ୟୁସି ଚେୟାରମ୍ୟାନ ସୁଜିତ କୁମାର ଦାଶ ବରଗଡ଼ ମୁଣ୍ଡାପଡ଼ାରେ ରହୁଥିବା ଜଣେ ସାମାଜିକ କର୍ମୀ ତଥା ହୁ ଭାଷା ଜାଣିଥିବା ମେରିୟମ ବାର୍ଲାଙ୍କୁ ଡାକିଥିଲେ। ବାର୍ଲା ନାବାଳିକାଙ୍କ ସହିତ କଥାବାର୍ତ୍ତା ହେବା ପରେ ତାଙ୍କ ଠିକଣା ସମେତ ବହୁ କିଛି ତଥ୍ୟ ଜଣାପଡ଼ିଥିଲା। ଚଲାବୁଲା ଜାଣି ନ ଥିବା ବେଳୁ ତୁଳସୀ ମା, ବାପାଙ୍କୁ ହରାଇଛି। ତାଙ୍କର ଆଉ ୨ ଭଉଣୀ ଏବଂ ଗୋଟିଏ ଭାଇ ଅଛନ୍ତି। ତୁଳସୀ ସାନ ଓ ଜଣେ ଭଉଣୀଙ୍କ ଦେହାନ୍ତ ହୋଇସାରିଛି । ଅନ୍ୟ ଭଉଣୀ ବିବାହିତା।

ଘରେ କେହି ନ ଥିବାରୁ ତୁଳସୀ ଗାଁ ପାଖରେ ରହିଥିବା ବିଲା ଗ୍ରାମର ମାମୁ ଘରେ ପ୍ରାୟତଃ ରହନ୍ତି। ଏହା ସହିତ ଗାଁରେ ନିଜର ଏକ ମାଟିଘର ଥିଲେ ମଧ୍ୟ ସେ ଏକାକୀ ଥିବା ଯୋଗୁ ରାତ୍ରିବେଳା ପାଖରେ ଥିବା ଅନ୍ୟ ଜଣେ ସମ୍ପର୍କୀୟ କାକା ଘରକୁ ଯାଇ ସେଠାରେ ଶୋଉଥିବା କୁହନ୍ତି। ତେବେ ଗାଁରେ ଆଲୁଅ ନ ଥିବା ଯୋଗୁ ରାତ୍ରିରେ ତାଙ୍କ ଘରୁ ସମ୍ପର୍କୀୟ କାକାଘରକୁ ଅନ୍ଧାରରେ ଯାତାୟାତ ଅସୁବିଧା ହେଉଥିଲା। ଏଥିପାଇଁ ସେ ଏକ ଟର୍ଚ୍ଚ କିଣିବାକୁ ଇଚ୍ଛା କରିଥିଲେ ଏବଂ ଗୋଏଲକେରା ବଜାରକୁ ଆସିଥିଲେ । ମାତ୍ର ହାତରେ ପଇସା ନ ଥିବାରୁ ସେ ଟର୍ଚ୍ଚ କିଣି ପାରି ନ ଥିଲେ। ଫଳରେ ରାଉରକେଲାରେ ରହୁଥିବା ବଡ଼ଭାଇ ବରେନ୍ ପାଖକୁ ଆସିବା ପାଇଁ ଗୋଏଲକେରା ନିକଟରେ ସୋନୁଆ ରେଳଷ୍ଟେଶନରେ ସେ ଟ୍ରେନ ଚଢ଼ିଥିଲେ ଏବଂ ବାଟବଣା ହୋଇ ଇସ୍ପାତ ଏକ୍ସପ୍ରେସରେ ବରଗଡ଼ ପଟକୁ ଚାଲି ଆସୁଥିଲେ ବୋଲି ପଚରାଉଚୁରା ପରେ ଜଣାପଡ଼ିଥିଲା। ସିଡବ୍ଲ୍ୟୁସି ଚେୟାରମ୍ୟାନ ଦାଶଙ୍କ ସମେତ ସଭ୍ୟା ଅଞ୍ଜୁ ଅଗ୍ରୱାଲ, କବିତା ମେହେର ପ୍ରମୁଖ ପଚରାଉଚୁରା ବେଳେ ଉପସ୍ଥିତ ଥିଲେ।

# ପାଣିରେ ବୁଡ଼ି ଯୁବକ ମୃତ

**ବାମରା,୧୭।୮(ସ୍ୱ.ପ୍ର.):** ବାମରା ବ୍ଲକ ଉଜ୍ଜକାପାଟ ପଞ୍ଚାୟତ ଟାଙ୍ଗରମୁଣ୍ଡା ଗ୍ରାମ ପୋଖରୀରେ ବୁଡ଼ି ଜଣେ ଯୁବକଙ୍କ ମୃତ୍ୟୁ ହୋଇଥିବା ଗୋବିନ୍ଦପୁର ଥାନାରେ ଅଭିଯୋଗ ହୋଇଛି। ପୋଲିସ ଏକ ଅପମୃତ୍ୟୁ ମାମଲା ରୁଜୁ କରି ତଦନ୍ତ କରୁଛି। ମୃତକ ହେଲେ ଟାଙ୍ଗରମୁଣ୍ଡା ଗ୍ରାମର ରବୀନ୍ଦ୍ର ଧୁରୁଆ (୪୭)। ଶନିବାର ସକାଳେ ରବୀନ୍ଦ୍ର ପୋଖରୀକୁ ଶୌଚ ପାଇଁ ଯାଇଥିଲେ। ଗୋଡ଼ ଖସିଯିବାରୁ ସେ ପାଣିରେ ବୁଡ଼ି ଯାଇଥିଲେ। ତାଙ୍କ ମୃତଦେହ ପାଣିରେ ଭାସୁଥିବା ଦେଖି ସ୍ଥାନୀୟ ଲୋକେ ପୋଲିସକୁ ଖବର ଦେଇଥିଲେ। ପୋଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ କରାଇଥିବା ଥାନା ଅଧିକାରୀ ପ୍ରତାପ କୁମାର ରଣା ସୂଚନା ଦେଇଛନ୍ତି।


**ZILLA SWASTHYA SAMITI (ZSS), Kandhamal**
**Office of the CDM&PHO-cum-District Mission Director, NHM, Kandhamal**
**Advt. No. 9621/ NHM/** **Date: 17.08.2019**

**WALK-IN-INTERVIEW**

Interested candidates fulfilling the eligibility criteria are requested to attend the Walk-in-Interview for filling up the following Posts under National Health Mission, Kandhamal on contractual basis for a period of 11 months with monthly remuneration as noted against each and subject to renewal as per the society norm basing on the performance and subsistence of the programme. Performance Incentives & other benefits are also admissible as per norm applicable & orders issued there-under from time to time.

| Sl. No. | Name of the Post | Vacancy | Remuneration & (PI) | Date of Walk-in-interview |
|---|---|---|---|---|
| 1 | Paediatrician- DEIC | 1 Post | Rs. 66,150/- | 05.09.19 |
| 2 | MBBS Doctors (SNCU-6, NCD-1, DEIC-1, Heomoglobinpathy-1) | 9 Posts | Rs. 52,920/- | 05.09.19 |
| 3 | Programme Officer, Mental Health-1 | 1 Post | Rs. 52,920/- | 05.09.19 |
| 4 | AYUSH Doctor (RBSK)-Ayurvedic | Total-19 (SC-2(M), 2(F), ST-3(M), 3(F), SEBC-1(M), 1(F), UR-01(M), 6(F) | Rs. 21,924/- | 06.09.19 |
| 5 | AYUSH Doctor (RBSK)-Homoeopathic | Total-15 (SC-2(M), 2(F), ST-2(M), 3(F), SEBC-2(M), 1(F), UR-3(F) | Rs. 21,924/- | 07.09.19 |
| 6 | Block Data Manager (BDM) | 1 Post | Rs. 13,892/- | 11.09.19 |
| 7 | Optometrist- DEIC | 1 Post | Rs. 13,428/- | 12.09.19 |
| 8 | NRC Counsellor | 1 Post | Rs. 15, 976/- | 12.09.19 |
| 9 | Yoga Teacher for Health & Wellness Centre (Part Time) | 29 (Subject to Actual) requirement of HWC) | Rs. 500/- * | 13.09.19 |
| 10 | Lab. Technician for Health & Wellness Centre (Daily Wages) | 29 (Subject to Actual) requirement of HWC) | Rs. 850/- ** | 13.09.19 |

The above positions are purely temporary and also co-terminus with the scheme. The actual numbers of vacancy may differ (increase or decrease) at the time of engagement. Canvassing in any form will render the candidate disqualified for the position and no undertaking will be entertained. Details of qualification, experience and ToR of each category of Post along with application form can be downloaded from the district website: www.kandhamal.nic.in. The interested candidates may attend the Walk in interview from 10 AM to 11.30 AM on the scheduled date for registration. The candidates are requested to visit the district website on regular interval till completion of the recruitment process. The undersigned reserves the right to cancel any or all the applications without assigning any reason or communication thereof.

**Sd./- Dr. S.K. Das**
**CDM&PHO-cum-District Mission Director, NHM, Kandhamal**



**ODISHA HYDRO POWER CORPORATION LIMITED.**
**OFFICE OF THE SENIOR GENERAL MANAGER (ELECTRICAL):**
**BALIMELA HYDRO ELECTRIC PROJECT:POST: BALIMELA: DIST: MALKANGIRI (ODISHA)**
**PIN: 764 051. Phones: 06861-232581(0) / 232641(R).FAX- 06861-232541, E mail- <unit.head_balimela@yahoo.com>**
**REGD. OFFICE:** ODISHA HYDRO POWER CORPORATION LIMITED.
**(A Government of Odisha Undertaking)**
**ODISHA STATE POLICE HOUSING & WELFARE CORPORATION BUILDING, VANIVIHAR CHOUK, JANAPATH, BHUBANESWAR-22 Tel. : 91-0674-2542983,2542802,25425526, 2542826, Fax: 254102, GRAM: HYDROPWER**
**E-MAIL :ohpc.co@gmail.com / md@ohpcltd.com, WEB: www.ohpcltd.com**

**BHEP / DESIGN III 5596 dtd.16.08.2019, NOTICE INVITING TENDER No.24/2019-20 Dated : 08.08.2019**

No.CAD-298 :- Sealed Tenders are invited in single part bid basis from Vehicle Owners/ Travel Agencies & fulfilling the eligibility criteria as per the tender specification for the work as mentioned below.

| Group | Description of Services | Cost of tender paper (Non- refundable) in Rs. | EMD in shape of DD only (Refundable) in Rs. | Period of availability of tender at OHPC website | Last date & time of receipt of tender | Date & time of opening of Bid |
|---|---|---|---|---|---|---|
| 1 | 2 | 3 | 4 | 5 | 6 | 7 |
| A | Hiring of 01 (one) no. of diesel run Mahindra Bolero plus or equivalent vehicle with single driver for BHEP, Balimela for 02 years. | Rs. 4000/- (+720 GST@ 18%) =4720 | 7300/- | 19.08.2019 to 30.08.2019 | 30.08.2019 Up to 12.00 hrs. | 30.08.2019 At 12.30 P.M. |
| B | Hiring of 01 (one) no. of diesel run new Mahindra Bolero plus or equivalent vehicle with double driver for BHEP, Balimela for 04 years. | Rs. 6000/-(+1080 GST@ 18%) =7080/- | 13000/- | 19.08.2019 to 30.08.2019 | 30.08.2019 Up to 12.00 hrs. | 30.08.2019 At 12.30 P.M. |

N.B: The tenderer can participate in either one of the group or both the groups separately. For details of the tender documents, terms & conditions, please visit our website www.ohpcltd.com

04019/11/0031/1920 **Sd./- UNIT HEAD, BHEP, Balimela**



**ODISHA HYDRO POWER CORPORATION LIMITED.**
**OFFICE OF THE SENIOR GENERAL MANAGER (ELECTRICAL): BALIMELA HYDRO ELECTRIC PROJECT**
**POST : BALIMELA: DIST: MALKANGIRI (ODISHA): PIN: 764 051.**
Phones: 06861-232581(0) / 232641(R).FAX - 06861-232541, E mail- <unit.head_balimela@yahoo.com>
**No.CAD :- 299**
**REGD. OFFICE:** ODISHA HYDRO POWER CORPORATION LIMITED.
**(A Government of Odisha Undertaking)**
**ODISHA STATE POLICE HOUSING & WELFARE CORPORATION BUILDING, VANIVIHAR CHOUK, JANAPATH, BHUBANESWAR-22 Tel. : 91-0674-2542983,2542802,25425526, 2542826, Fax: 254102, GRAM: HYDROPWER**
**E-MAIL :ohpc.co@gmail.com / md@ohpcltd.com, WEB: www.ohpcltd.com**

NOTICE INVITING TENDER No. BHEP/DE-III/26 /2019-20, Dtd-16.08.2019

Sealed tenders are invited in two part bid basis from the Electrical Contractors/Firms/Agencies having experience in the execution of similar work under State/Central PSU/Govt. of Odisha & having valid license & fulfilling the eligibility criteria as per the tender specification for the work as mentioned below.

| Sl. No. | Description of Work | Estimated cost in Rs. | Cost of tender paper (Non- refundable) in Rs. | EMD in shape of DD only (Refundable) in Rs. | Period of availability of tender documents | Last date & time of receipt of tender | Date & time of opening of Bid |
|---|---|---|---|---|---|---|---|
| 1 | New Wiring Cum Earthing of 124 Nos. of Residential and Non-Residential Buildings of BHEP, Balimela | Rs. 23,33,299/- | Rs.6000/-+ (+GST@ 18%) 1080/-= 7080/- | Rs.23500/- | 17.08.2019 to 04.09.2019 | 04.09.2019 Up to 12.00 hrs. | 04.09.2019 At 12.30 hrs. |

For details of the tender documents, terms & conditions, please visit our website www.ohpclitd.com
04019/11/0032/1920 **Sd./- UNIT HEAD BHEP, Balimela**



**OFFICE OF THE PURI MUNICIPALITY, PURI**

**No.6719** **Dt.17.08.19**

Sealed quotations are invited from the intending manufacturers/ Firms/ Suppliers having valid license, Registration, GST & PAN for supply of Iron made wheels for the HAND BAR CART used in conservancy work of the Puri Municipality area as per the specification available in the website **www.purimunicipality.nic.in.** The Tender paper along with terms & conditions & Technical specifications shall be submitted to the Office of the Executive Officer, Puri Municipality, Puri on or before 28.08.2019 at 5 P.M. through Speed post/Regd. Post only.

The authority reserves the right to reject any or all the tenders without assigning any reason thereof.

**Sd./- Executive Officer**
**Puri Municipality, Puri**



**OFFICE OF THE**
**BIRMITRAPUR MUNICIPALITY, BIRMITRAPUR**
**No.: 1848** **Date: 13.08.19**

**QUOTATION CALL NOTICE**

Sealed quotations are invited in plain paper from intending firms/ suppliers for supplying fitting & fixing of IRON SIGN BOARD to Birmitrapur Municipality having Registration Certificate, PAN Card, GST No. etc., as per the following specification. The rate quoted should be inclusive of all taxes etc. complete. Quotation may be submitted by person or can be sent through Speed Post which must reach the undersigned by 3.30 P.M. of Date 28.8.2019. All quotation received within the stipulated date and time will be opened at 04.00 P.M. on the same day in presence of the quotationers or their authorised representatives who may wish to remain present. The Municipality shall not be responsible for accept of any quotation due to postal delay or any other reason. Quotation submitted/received after scheduled time and date shall not be entertained.
The authority reserves the right to reject any or all quotation without assigning any reason thereof.

| Sl. No. | Items | Rate Quoted |
|---|---|---|
| 1 | Supplying, Fitting & Fixing of Iron sign Board including one coat priming. | Per Kg. (Both in Word & Figure) |

**Sd./- Executive Officer**
**Birmitrapur Municipality**



**OFFICE OF THE**
**CHIEF DISTRICT MEDICAL & PUBLIC HEALTH OFFICER, DHENKANAL**
**(ZILLA SWASTHYA SAMITI, DHENKANAL)**

**INVITING OBJECTIONS (IF ANY) OF THE DATA BASE**

No.: 230-E: In pursuance to the Advt. No. 1355, Dtd.6.6.2019, the Candidates applied for the Post **(In-House)** of **Accountant, Social Worker (RBSK & NTCP), DEO-SNCU, M.O. Ayush-RBSK, Staff Nurse - RBSK, Pharmacist - RBSK, DEO-NVBDCP, PPM Co-ordinator (RNTCP),** under NHM for Dhenkanal District are requested to check the data base for the above posts in the district website **www.dhenkanal.nic.in**. In case of any objection regarding the data base, may be communicated to the Chief District Medical & PH Officer, Dhenkanal in writing on or before **28.08.2019, 5.30 P.M.** by "Speed Post/Registry Post only" with the superscription on the envelope **"Objection on the Database for the Post of..........".** Any objections will not be entertained after the due date. The undersigned is not responsible for any postal delay.

10059/11/0002/1920 **Sd./- Chief District Medical & P.H. Officer, Dhenkanal**



**ODISHA TOURISM DEVELOPMENT CORPORATION LTD.**
**(A Govt. of Odisha Undertaking)**
**Panthanivas Old Block**
**Lewis Road, Bhubaneswar - 14**

**EXPRESSION OF INTEREST FOR PROVIDING MANPOWER TO OTDC LTD.**

**NO.5150/ P/OTDC** **DATE.17.08.2019**

No.: CAD-301: Expression of Interest (EOI) is invited from Manpower Service Providers (MSP) for deployment of manpower in different units & Head Office. The Agencies shall submit the bid in the prescribed formats. Details can be downloaded from our website: **www.panthanivas.com**. The pre-bid meet has been fixed on **26.08.2019 at 11.30 A.M.** in the conference hall of Panthanivas, Lewis Road, Bhubaneswar. The last date for receiving the EOI is **06.09.2019 up to 05.00P.M.** Any further corrigendum / addendum shall be hoisted in OTDC website. OTDC authority reserves the right to cancel the Expression of Interest without assigning any reason thereof at any stage.

37002/11/0005/1920 **Sd./- GENERAL MANAGER**

See Career Appointment on every Wednesday & Saturday



**STATE INSTITUTE FOR DEVELOPMENT OF ARTS & CRAFTS (SIDAC)**
Handlooms, Textiles & Handicrafts Department, Government of Odisha

**No. 1655** **Date:17.08.2019**

**EXPRESSION OF INTEREST**

Expression of Interest (EOI) in sealed cover are invited from interested architect / architectural firms having required eligibility and expertise in relevant field to provide end to end service for organizing **14th Toshali National Crafts Mela** to be held from **15th to 27th December 2019** at **Janata Maidan, Bhubaneswar.** The last date of submission of sealed offers in the office of SIDAC, Handicrafts Complex, Gandamunda, Khandagiri, Bhubaneswar-751 030. Ph: 0674-2350318 is up-to **1:00 PM on 07.09.2019.** The Technical Bids will be opened at **3:00 PM on 07.09.2019.** For detail of EOI documents, plz. visit the websites **www.sidacodisha.org.in** and **www.odisha.gov.in/textiles.** The bid document will be available w.e.f **19.08.2019.** The authority reserves the right to reject any or all the offer without assigning any reason thereof.

Sd/-
**Member Secretary**



**ODISHA COAL AND POWER LTD.**
Odisha Coal and Power Limited OCPL
**(A GOVT. OF ODISHA COMPANY)**
**Zone-A, Ground Floor, Fortune Towers, Chandrasekharpur, Bhubaneswar – 751023, Odisha**
**Ph No: 0674-2300654 / 2300664**

**NOTICE INVITING TENDER**

**NIT No: OCPL/SITE-CIV/07/2019** **Date: 17/08/2019**

Sealed bids in prescribed format are invited from Construction Companies/Agencies/Contractors for the following work:

| Sl. No. | Name of the work | Cost of Tender Paper | BID Security | Issue of Tender Document | Last date of Sale of Tender Document | Last date of Submission / Opening of bid |
|---|---|---|---|---|---|---|
| 1 | Construction of Maintenance Building, Kitchen shed & Store Room at R & R Colony, Sukhabandha, Under Hemgir Tehsil, Sundargarh, Odisha. | Rs.5,900/- (Rupees Five Thousand and Nine Hundred Only) including GST. | Rs.21,000/- (Rupees Twenty OneThousands Only) | 17/08/2019 | 31/08/2019 | 03:00 PM on 10/09/2019<br>03:30 PM on 10/09/2019 |

Interested bidders may download the RFP documents from our website, i.e **www.ocpl.org.in**. Any further clarifications may please be addressed to the undersigned at the above address or by email to: **sudhakar.sinha@ocpl.org.in**.

**Sd./- Sr. Manager (Commercial & Contracts)**
**Mob: 7608008703**

# SUNDAY classifieds

## MATRIMONIAL

### BRIDE WANTED

ଚାର୍ଟାଡ ଆକାଉଣ୍ଟାଣ୍ଟ ବ୍ରାହ୍ମଣ ପୁଅ ପାଇଁ ଗଞ୍ଜାମ ଜିଲ୍ଲାରୁ କନ୍ୟା ଆବଶ୍ୟକ। ରାଶି ୧୨/୫ ୨୯ ବର୍ଷ। ଯୋଗାଯୋଗ: 7873427735. D-66614

29 ବୟସ୍କ, business କରୁଥିବା ଖୋର୍ଦ୍ଧା ସ୍ଥିତ ଅବିବାହିତ Marwadi ପୁଅଙ୍କ ପାଇଁ ଝିଅ ଦରକାର। 7008080967. D-13952

Khandayat groom, Engineer 38, Bank manager 43 (Caste-no-bar). Contact: 7873374269. D-67044

କଂସାରି ପୁଅ 28Y, କଂପାନୀ ଚାକିରି, +2ଙ୍କ ପାଇଁ (ଘରଜୋଇଁଆ) ଝିଅ ଆବଶ୍ୟକ। 7377316197. D-13895

### GROOM WANTED

32 ବୟସ୍କା ଅନାଥ ଛାଡ଼ପାତ୍ରୀ private ଚାକିରି କରୁଥିବା Brahmin ଝିଅଙ୍କ ପାଇଁ ଯେକୌଣସି ଜାତିର ପୁଅ ଦରକାର। 7381460016. D-13951

Beautiful Bengali (Kayastha) girl, Dec.1988, 5'5", MBA, VAISNABI. 0674 2551286, 9238578590. D-66179

୪୨, Govt. Nurse ନିମାପଡ଼ା ବାସିନ୍ଦା କରଣ ଝିଅ ପାଇଁ Job / Business man proposal ଖୋଜା ଚାଲିଛି। 9078940188. D-13953

Now Matrimonial ads. only on Wednesday & Sunday Book 1 Get 1 FREE

## automobile

### SALE

Maruti Dzire, petrol, Silver, 6years run, 27000k.m in excellent condition. 9182574495. D-66762

## real estate

### SALE

**2100 sft GA corner plot sale at Saheed Nagar, Bhubaneswar. Contact Deepak: 9937329999.** D-66284

3 Store Building For Sale Near Dhauli Bhubaneswar. All Are 3BHK Flat. New Building Contact - 9337730923. D-13575

**3500 sqft gharabari plot sale at Jagamara (Khandagiri) 30 feet road, Bhubaneswar. Contact Deepak: 9937329999.** D-66278

Prime land on Puri Konark Marine Drive on NH (1st plot) 8000sqft. cost 150lakhs (negotiable), ideal for Lodge/Nursing home. Contact No.: 9338579645. D-65000

**Bhubaneswar** କଳ୍ପନାଛକଠାରୁ **11k.m.** ଏବଂ ରଙ୍ଗବଜାର **BJEM School-2** ଠାରୁ **3k.m. Gayatri College** ପାଖରେ ଘରବାରି **demarcated 30'** ରାସ୍ତା ଏବଂ **Electricity** ସୁବିଧାଥାଇ **immediate** ଘର ଉପଯୋଗୀ ପ୍ଲଟ **sqft. 415/-** ରେ ମିଳୁଛି। **9937025111, 9437114429.** D-66759

2BR flats 1113-1400 sqft. for sale, AIIMS Hospital, Patrapada, Bhubaneswar. 8917665342, 9861444497. D-66176

**Bhubaneswar Sundarpada Xavier backside sqft.135/- Gangapada 1200sqft. 3,60,000/- spot possession. 9348232008, 9938841730.** D-66760

Book individual simplex house at Bhimatangi, near Lingaraj Station, Bhubaneswar. Price- 58.5lakh. Contact: 9861234908. D-67350

ବିକ୍ରି ଉପଯୋଗୀ ଘରବାରି **plot (2616sqft).** ଠିକଣା: ଶୈଳଶ୍ରୀବିହାର **Mob: 9439863398, 7750072200.** D-13826

Gharabari plot NH road side with boundary wall at Khurda, just one k.m. from Khurda hospital. 9439778849. D-64500

Bhubaneswar ସୁନ୍ଦରପଦା କୁହାରେ sqft. 850/- ପ୍ଲଟ୍ କିଣି ଘର କରନ୍ତୁ। 9938016295. D-66177

10000sqft. commercial land for sale at NH-203, CTC-Puri bypass road, Price- 2400 per sqft. 7326084916. D-67354

Contact for complete simplex/duplex/triplex house construction with interior from the experts. Call: 7008550473. D-13908

**2 Bedroom ready to move flat at Pokhariput, Bhubaneswar, genuine buyers directly contact Deepak: 9937329999.** D-66282

**2/3 BHK ready to move flats for sale at DHPL Pride, Ghatikia near DAV Kalinga Nagar, starting at Rs.32Lakhs Contact - 9937059891, 8908292617.** D-13932

4BHK duplex with gated community at Balianta (Land-1400 construction-2200 @ 55lakh and 2600 @ 65lakh) Contact: Mplanets: 9938219397, 9861022055. D-13914

**2/3BHK ready to move Premium Duplex and Flats at DHPL Sahoo Residency near Mancheswar Railway Station. Contact 9937059891, 8908292617.** D-13934

Own stitibian residential 1200 sqft. plot for sale. 9937816565, 9937568585. D-13942

**ORERA registered 1BHK studio flats @ Narendrakona, Puri, construction in full-swing. Mobile: 9238356740, 9437030740.** D-67355

Readymade 3BHK flat at Dumduma (Near Pala Mandap) 4th floor (top) 1256sqft. @ 42Lac including parking. 7978584549 D-67352

**A best residential plot with gharabari/compound wall 5600 sft. (or 2800 x 2 nos.) 11km. from Bhubaneswar, 18 km. from Cuttack and save at least 1.00 crore with all facilities available at Bhubaneswar, Cuttack. 7809525452, 8249851363.** D-66944

**Flats for sale at DHPL Crystal Raghunathpur Contact 9937059891, 8908292617.** D-13933

ଖୋର୍ଦ୍ଧା ଟାଉନରେ ଘର ଥାଇ ଯଯାରସିଂ ମୌଜାରେ ୧୧ ଗୁଣ୍ଠ ଘରବାରି ଜମି ବିକ୍ରି ହେବ। ଯୋଗାଯୋଗ କରନ୍ତୁ: 8249083595, 9437280552. D-63780

2400 sqft gharabari plot urgent sale at Gangapatna near RI training centre 3km. from SUM Hospital, Bhubaneswar. Price @ 500/- per sqft. 8984466226. D-66178

## construction

Contact for interior design of ceiling, TV unit, wardrobe and modular kitchen from the experts. Call: 7008550473. D-13913

## GENERAL

### SALE

2010 model AMW make transit mixture concrete carrier 2Nos., in good running condition for sale. Contact: 9437290482. D-67212

Agarbati Machine ଏବଂ Paperplate Machine ପାଇଁ ଯୋଗାଯୋଗ କରନ୍ତୁ। 9853089865. D-66714

## to-let

Shop for rent on mainroad opposite Indradhanu Market, Bhubaneswar. For details contact: 9438744451, 8328932447. D-56650

2BHK for rent at Chintamaniswar on 2nd floor @ Rs. 9000/- Phone: 0674314256, 9337712909. D-13943

2BHK, 2bathroom, drawing, dining, balcony, Gandamunda near ITER, BBSR, rent: 9000/- 8763216428. D-64999

Ground floor 2000 sqft., 3rooms, drawing, dining on rent for Office, IRC Village, Indradhanu Market, Bhubaneswar. Mobile: 9437132891. D-66283

1RHK independent house available on rent at B/51, K-9, Kalinga Vihar, near DN Regalia Mall. Service family please contact: 7350004476. D-13944

ଭୁବନେଶ୍ୱର ହଂସପାଳଛକ ୬୦୦୦ ବର୍ଗଫୁଟ ସିମ୍ଫୋନୀ ମଲ୍ ସାମ୍ନା **NH-5,** ଶୋ'ରୁମ୍ ଭଡ଼ାଦିଆଯିବ। ଆଗ୍ରହୀ ବ୍ୟକ୍ତି ଯୋଗାଯୋଗ କରନ୍ତୁ। **7008439019, 8895436651.** D-66763

## packers & movers

Shivam logistic packers movers. Household/ car relocation countrywide. 9777044177, 9338461133. D-13903

## healthcare

Fully refreshed / relaxed body massage by expert therapist, Shastri Nagar. 7377984773. D-67333

Rejuvenate and ayurvedic full body massage by smart therapist. 9114402304. D-67334

Herbal full body massage by smart / expert therapist. Contact: 8338067247. D-67346

Summer special mesmerizing offer expert therapeutic refreshing massage appointment. 9668374480. D-67347

Full body herbal massage with refreshment expert therapist. 7381239385, 06742540855. D-67348

Experience full body massage with us (expert). Call: 7377048581, 06742597822. D-67349

Monalisa Massage Club: Full time body massage with hiprofile smart lady rooms service available 9708545108. D-13931

Ayurvedic full body massage ladies & gents smart therapist. 9040900385. D-66945

Newly open Herbal full body massage lady & gents. 8018246332. D-66942

Kajal ayurvedic massage club fully relaxed by smart lady, home service available. 9937637219. D-66943

Thailand unisex massage experience luxurious hospitality home services. 7077335555. thailandunisexspa985 3999966@gmail.com. D-59937

## business

Mahima matching centre (An exclusive showroom for ladies & gents inner garments) manufacturer & wholesaler shop No. 02/6, 1st floor, Priyadarshini Market, CRP Square, Bhubaneswar. Mob: 7381292945, 5% to 20% discount. D-13950

## astrology

ଆଚାର୍ଯ୍ୟଜୀ ଗୋଲ୍ଡ ମେଡ଼ାଲିଷ୍ଟ। ସମସ୍ୟାର ତୁରନ୍ତ ସମାଧାନ। ବଶୀକରଣ, ପ୍ରେମବିବାହ, ପ୍ରେମରେ ପ୍ରତାରଣା, ସଉତୁଣୀ ଶତ୍ରୁମୁକ୍ତି, ପ୍ରେମିକ, ସ୍ୱାମୀ, ସନ୍ତାନ, ମନୋମାଳିନ୍ୟ। ସମସ୍ୟା ଯାହା ବି ହେଉ– 8054019023, 9779158760. D-13793

ଫିସ୍ ନୁହେଁ, ପୁରସ୍କାର ନେବି, ସମସ୍ୟା ନୁହେଁ ସମାଧାନ ଦେବି। Gold Medalist, ପ୍ରେମବିବାହ, ସଉତୁଣୀ– ଶତ୍ରୁମୁକ୍ତି, ସମାଧାନ ଗୋଟିଏ ଫୋନ୍‌ରେ। 09521603776 096106-09485. D-13917

### ଜନ୍ମଦିନ ଶୁଭେଚ୍ଛା



ଆକାଶ କୁମାର ଜେନା (ଚିନ୍ନୁ)

ଆଜି ତୋର ଜନ୍ମଦିନର ଶୁଭ ଲଗ୍ନରେ ସାଇବାବାଙ୍କ ନିକଟରେ ପ୍ରାର୍ଥନା ତୋର ଚଲାପଥ କୁସୁମିତ ଓ ଭବିଷ୍ୟତ ଉଜ୍ଜ୍ୱଳ କରନ୍ତୁ।

ତୋର ଆପଣାର:
ଜେଜେ ମା, ବାପା, ମାମା, ବଡ଼ବାପା, ବଡ଼ମାମା, ଦାଦା, ଖୁଡ଼ୀ, ଭାଇ, ଭଉଣୀ, ସମସ୍ତ ବନ୍ଧୁ ଓ ପରିବାରବର୍ଗ।

ଧ–୧୩୯୪୯

### ପାଠକଙ୍କ ପାଇଁ ସୂଚନା

କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

Your Classified Advertisement published in Dharitri will be listed free in Dharitri Online Edition: **www.dharitri.com**

ନିଜର ପ୍ରିୟଜନମାନଙ୍କୁ ଜନ୍ମଦିନର ଓ ବିବାହ ଶୁଭେଚ୍ଛା ଜଣାନ୍ତୁ କେବଳ ଟ୨୧୦/–ରେ, ରଙ୍ଗୀନ ଟ୪୨୦/–ରେ (ଫଟୋ ସହ)। ବି.ଦ୍ର.: ଶୁଭେଚ୍ଛା ୬ସେମି. (H) X ୪ସେମି. (W) ହେବା ଆବଶ୍ୟକ।

# ବିଦ୍ୟୁତ୍ ଆଘାତରେ ୨ ଯୁବକ ମୃତ

ରସାଲପୁର, ୧୭।୮ (ଡି.ଏନ.ଏ.)

ବାଲେଶ୍ୱର ଜିଲା ଚାନ୍ଦିପୁର ଥାନା ହିଙ୍ଗିଗାଁରେ ଶନିବାର ଅପରାହ୍ନରେ ବିଦ୍ୟୁତ୍ ସଂସ୍ପର୍ଶରେ ଆସି ୨ ଯୁବକଙ୍କ ମୃତ୍ୟୁ ଘଟିଛି। ମୃତକଦ୍ୱୟ ହେଲେ ପ୍ରଦୀପ ଜେନା ଓ ଲାଇନମ୍ୟାନ ସତ୍ୟନାରାୟଣ ଦାସ। ଦୁଇ ଦିନ ତଳେ ହିଙ୍ଗିଗାଁର ନାରାୟଣ ଜେନାଙ୍କ ଘର ନିକଟରେ ଏକ ବିଦ୍ୟୁତ୍ ତାର ତଳକୁ ଝୁଲି ରହିଥିଲା। ବିପଦ ଆଶଙ୍କା କରି ଗ୍ରାମବାସୀ ଚାନ୍ଦିପୁର ଷ୍ଟକଚର୍‌ରେ ଏନେଇ ଅଭିଯୋଗ କରିଥିଲେ। ଶନିବାର ଲାଇନ୍‌ମ୍ୟାନ୍ ସତ୍ୟନାରାୟଣ ପହଞ୍ଚି ନାରାୟଣ ଜେନାଙ୍କ ପରିବାର ଲୋକଙ୍କୁ ତାଙ୍କ ଘରବାଡ଼ିରେ ଥିବା ଗଛଡାଳ କାଟିବାକୁ ଅନୁରୋଧ କରିଥିଲେ। ନାରାୟଣଙ୍କ ପୁଅ ପ୍ରଦୀପ ଗଛଡାଳ କାଟୁଥିବାବେଳେ ଲାଇନମ୍ୟାନ୍ ସତ୍ୟନାରାୟଣ ଓହଳି ପଡ଼ିଥିବା ବିଦ୍ୟୁତ ତାରକୁ ଟାଣୁଥିଲେ। ଏତିକିବେଳେ ଉକ୍ତ ତାର ଛିଡ଼ିଯାଇ ତାଙ୍କ ଉପରେ ପଡିଯାଇଥିଲା। ୧୧ କେଭି ବିଦ୍ୟୁତ ତାରରେ ଗୁଡ଼ାଇ ହୋଇଯିବାରୁ ବିଦ୍ୟୁତ୍ ପ୍ରବାହ ଯୋଗୁ ଉଭୟଙ୍କର ଘଟଣାସ୍ଥଳରେ ମୃତ୍ୟୁ ଘଟିଛି। ଚାନ୍ଦିପୁର ପୋଲିସ ୨ଟି ପୃଥକ ମାମଲା (ନଂ.୧୩/୧୯ ଏବଂ ୧୪/୧୯) ରୁଜୁ କରିଛି। ଅପର ପକ୍ଷରେ ପ୍ରଦୀପ ଜେନାଙ୍କ ପରିବାର ସଦସ୍ୟମାନେ ଶବ ବ୍ୟବଚ୍ଛେଦକୁ ବିରୋଧ କରି ତୁରନ୍ତ ବିଦ୍ୟୁତ୍ ବିଭାଗ ପକ୍ଷରୁ କ୍ଷତି ପୂରଣ ଦେବା ପାଇଁ ଅଡି ବସିଛନ୍ତି।

# ସର୍ଭେ କରିବାକୁ ଆସି ନଦୀରେ ବୁଡ଼ିଗଲେ ସୌଭାଗ୍ୟ

ମାଲକାନଗିରି/ମାଥିଲି, ୧୭।୮ (ସ୍ୱ.ପ୍ର.)

ମାଲକାନଗିରି ଜିଲା ମାଥିଲି ଥାନା ଅନ୍ତର୍ଗତ ପାଙ୍ଗାମ ନଦୀରେ ବିଜୟୱାଡା–ରାଞ୍ଚି ଜାତୀୟ ରାଜପଥ ୩୨୬ ଅଧୀନରେ ନୂତନ ଭାବେ ନିର୍ମାଣ ହେବାକୁ ଥିବା ବ୍ରିଜ ପାଇଁ ଜଳସ୍ତର ସର୍ଭେ କରୁଥିବା ବେଳେ ଜଣେ ବୁଡ଼ିଯାଇ ନିଖୋଜ ଥିବା ଜଣାପଡିଛି। ମିଳିଥିବା ଖବରରୁ ଜଣାପଡିଛି ଭୁବନେଶ୍ୱର ବିକେ କନ୍‌ସଲଟାନ୍‌ସିର ସୌଭାଗ୍ୟ ମହାରଣାଙ୍କ ନେତୃତ୍ୱରେ ୪ଜଣ କର୍ମଚାରୀ ଶନିବାର ସକାଳ ୧୦ଟାରେ ପାଙ୍ଗାମ ନଦୀ ନିକଟକୁ ଜଳସ୍ତର ମାପିବାକୁ ଯାଇଥିଲେ। ଜଳସ୍ତର ମାପୁଥିବା ବେଳେ ସୌଭାଗ୍ୟଙ୍କ ଗୋଡ ଖସି ଯାଇଥିଲା। ଲଗାଣ ବର୍ଷା ଯୋଗୁ ନଦୀରେ ଜଳସ୍ତର ଅଧିକ ଥିବାରୁ ସେ ବୁଡି ନିଖୋଜ ହୋଇଯାଇଥିଲେ। ଏହା ଦେଖି ସାଥୀ କର୍ମଚାରୀମାନେ ମାଥିଲି ଥାନାକୁ ଯାଇ ଖବର ଦେଇଥିଲେ। ପୋଲିସ ଏବଂ ଓଡ୍ରାଫ ଟିମ୍ ଘଟଣା ସ୍ଥଳରେ ପହଞ୍ଚି ଖୋଜାଖୋଜି କରିଥିଲେ ମଧ୍ୟ ତାଙ୍କର କୌଣସି ପତ୍ତା ମିଳିନାହିଁ। ଖବର ପାଇ ଆଶିଷ କୁମାର ଭୋଇ, ତହସିଲଦାର ମଘବାନ ବାଗ, ବ୍ଲକ ଅଧ୍ୟକ୍ଷା ଲକ୍ଷ୍ମିପ୍ରୀୟା ନାୟକ, ପାଙ୍ଗାମ ସରପଞ୍ଚ ଉଜ୍ଜଳା ପେରେମାଙ୍କ ସମେତ ବହୁ ବିଭାଗୀୟ ଅଧିକାରୀ ସେଠାରେ ପହଞ୍ଚି ଉଦ୍ଧାର କାର୍ଯ୍ୟକୁ ତରାନ୍ୱିତ କରିଥିଲେ। ଖବର ଲେଖା ହେବା ପର୍ଯ୍ୟନ୍ତ ସୌଭାଗ୍ୟଙ୍କୁ ଠାବ କରାଯାଇ ନ ଥିଲା।

# ଟ୍ରେନ୍ ଧକ୍କାରେ ୨ ରେଳ କର୍ମଚାରୀ ମୃତ

କୋଲାବିରା, ୧୭।୮ (ଡି.ଏନ୍.ଏ.)

ରେଳଧାରଣା ନିକଟରେ କାର୍ଯ୍ୟରତ ଦୁଇ ରେଳ କର୍ମଚାରୀ ଟ୍ରେନ୍ ଧକ୍କାରେ ମୃତ୍ୟୁବରଣ କରିଛନ୍ତି। ରାୟପୁର ଷ୍ଟେଶନ ନିକଟ ଭାଟାପରାଠାରେ ଏହି ଘଟଣା ଘଟିଛି। ମୃତକଙ୍କ ମଧ୍ୟରେ ଜଣେ ରେଳ ବିଭାଗ ଅଧିକାରୀ ରହିଛନ୍ତି। ମୃତ ଅଧିକାରୀ ଜଣକ ହେଲେ କୋଲାବିରା ଥାନା ସମାସିଂହା ଗ୍ରାମର ସଙ୍ଗୀତଗୁରୁ ସ୍ୱର୍ଗତ ଧରଣୀଧର ଚାନ୍ଦଙ୍କ ବଡ଼ପୁଅ ଅମୂଲ୍ୟ କୁମାର ଚାନ୍ଦ (୪୮)। ସେ କୁଚିଣ୍ଡା କଲେଜରେ ବିଏସ୍‌ସି ପଢ଼ିବା ପରେ ୧୯୯୫ରେ ରେଳ ବିଭାଗରେ ନିଯୁକ୍ତି ପାଇଥିଲେ। ବିଳାସପୁର ରେଳମଣ୍ଡଳ ଅନ୍ତର୍ଗତ ରାୟପୁରଠାରେ ତାଙ୍କର ପୋଷ୍ଟିଂ ଥିଲା। ଶନିବାର ଭୋର ସମୟରେ ରେଲୱେ ଟ୍ରାକ୍ କାର୍ଯ୍ୟ ନିରୀକ୍ଷଣ କରୁଥିବା ସମୟରେ ହାଓଡ଼ାରୁ ମୁମ୍ବାଇ ଯାଉଥିବା ଗୀତାଞ୍ଜଳି ଏକ୍ସପ୍ରେସ ତାଙ୍କୁ ଧକ୍କା ଦେଇଥିଲା। ଘଟଣାସ୍ଥଳରେ ଅମୂଲ୍ୟ ଏବଂ ତାଙ୍କ ସହକର୍ମୀଙ୍କ ମୃତ୍ୟୁ ହୋଇଥିଲା। ଖବର ପାଇ ପରିବାର ଲୋକେ ରାୟପୁର ଯାଇଛନ୍ତି। ରବିବାର ଅମୂଲ୍ୟଙ୍କ ମୃତଦେହ ସମାସିଂହା ଅଣାଯାଇ ଶେଷକୃତ୍ୟ କରାଯିବ ବୋଲି ସୂଚନା ମିଳିଛି।

# ସେଲ୍ଫି କର୍ଣ୍ଣର

ସୀମିତ ସ୍ଥାନ ଯୋଗୁ ଏଠାରେ ସମସ୍ତ ସେଲ୍ଫି ଛାପି ହେଉନାହିଁ। ଅଧିକ ସେଲ୍ଫି ଦେଖିବା ପାଇଁ ଯାଆନ୍ତୁ ଆମ ୱେବ୍‌ସାଇଟ୍
www.dharitri.com/category/selfie



ଭାଗିରଥୀ



ସୁନିଲ



ରମାକାନ୍ତ



ସନ୍ନି



ଦୁଲେଶ୍ୱର



ଦିବାସ

ସେଲ୍ଫି ଉଠାନ୍ତୁ, ଆମକୁ ପଠାନ୍ତୁ smbselfie@gmail.com (ମନୋନୀତ ସେଲ୍ଫି ପ୍ରକାଶ ପାଇବ)

## ସଂକ୍ଷେପରେ

### ଜମାକାରୀଙ୍କଠୁ ସୁନା ଜମା ରଖିପାରିବେ ବ୍ୟାଙ୍କ

**ନୂଆଦିଲ୍ଲୀ,୧୭-୮:** ଭାରତୀୟ ରିଜର୍ଭ ବ୍ୟାଙ୍କ(ଆର୍‌ବିଆଇ) ଶୁକ୍ରବାର ସୁନା ମୁଦ୍ରୀକରଣ ଯୋଜନା,୨୦୧୫ର ନିୟମକୁ କୋହଳ କରିଛନ୍ତି। ନୂତନ ନିୟମ ଅନୁଯାୟୀ, ଜମାକାରୀ ନିଜର ଗଚ୍ଛିତ ସୁନାକୁ ବ୍ୟାଙ୍କ, ରିଫାଇନର କିମ୍ବା କଲେକ୍ସନ ଓ ପିଓରିଟି ଟେଷ୍ଟିଙ୍ଗ୍ ସେଣ୍ଟର(ସିପିଟିସି)ରେ ଜମା କରିପାରିବେ। ପୂର୍ବରୁ ଏହି ଯୋଜନାରେ ସୁନା ଜମା ଲାଗି ଜମାକାରୀଙ୍କୁ ବ୍ୟୁରୋ ଅଫ୍ ଇଣ୍ଡିଆନ ଷ୍ଟାଣ୍ଡାର୍ଡ ଦ୍ୱାରା ଅନୁମୋଦିତ ସିପିଟିସିକୁ ଅନୁରୋଧ କରିବାକୁ ପଡୁଥିଲା। ଏହି ଯୋଜନା ଲାଗୁ ହେବା ପରେ ଗତ ୪ ବର୍ଷରେ ମାତ୍ର ୧୬ ଟନ ସୁନା ଜମା ପଡିଥିଲା। ସୁନା ଜମା ନେବାକୁ ବ୍ୟାଙ୍କଗୁଡ଼ିକ ଅମଙ୍ଗ ହେଉଥିବାରୁ ଏହି ଯୋଜନା ସେତେଟା ସଫଳତା ହାସଲ କରିପାରିନାହିଁ। ବ୍ୟାଙ୍କଗୁଡ଼ିକ ନିକଟରେ ହଲ୍‌ମାର୍କ ସେଣ୍ଟର ଅଭାବ କାରଣରୁ ସୁନା ଜମା ନେବାକୁ ସେମାନେ ରାଜି ହେଉ ନ ଥିଲେ। ଆର୍‌ବିଆଇର ନୂଆ ନିୟମ ଅନୁଯାୟୀ, ଉକ୍ତ ଯୋଜନାରେ ସମସ୍ତ ସୁନା ସିପିଟିସିରେ ଜମା ହେବ। ତେବେ ବ୍ୟାଙ୍କଗୁଡ଼ିକ ଚାହିଁଲେ ନିର୍ଦ୍ଦିଷ୍ଟ କେତେକ ଶାଖାରେ ବୃହତ୍ ଜମାକାରୀଙ୍କ ଠାରୁ ସୁନା ଜମା ରଖିପାରିବେ। ଏହି ନୂଆ ନିୟମ ଦ୍ୱାରା ମଠ, ମନ୍ଦିର, ବଡ଼ ବଡ଼ ଧନୀ, ଫଣ୍ଡ ହାଉସ୍,ଟ୍ରଷ୍ଟ ଓ ସରକାର ବ୍ୟାଙ୍କକୁ ସିଧାସଳଖ ସୁନା ଜମା କରିପାରିବେ।

### ଦୀପାବଳି ସୁଦ୍ଧା ସୁନା ୪୦ ହଜାର ଛୁଇଁବ



**ନୂଆଦିଲ୍ଲୀ,୧୭-୮:** ବିଶ୍ୱରେ ଭୂ-ରାଜନୈତିକ ଓ ବାଣିଜ୍ୟ ଯୁଦ୍ଧ କାରଣରୁ ସୁନା ଦର ହୁହୁ ହୋଇ ବଢ଼ିବାରେ ଲାଗିଛି। ଦୀପାବଳି ସୁଦ୍ଧା ସୁନା ଦର ପ୍ରତି ୧୦ ଗ୍ରାମ ୪୦ ହଜାର ଟଙ୍କା ଛୁଇଁବ ବୋଲି ବିଶେଷଜ୍ଞମାନେ ମତପ୍ରକାଶ କରିଛନ୍ତି। ସାଧାରଣତଃ ଅର୍ଥନୀତି ଓ ରାଜନୈତିକ ଅସ୍ଥିରତା ଦୃଷ୍ଟିଗୋଚର ହେବା କ୍ଷେତ୍ରରେ ନିବେଶକମାନେ ସୁନାରେ ନିବେଶ ପ୍ରତି ଅଧିକ ଜୋର୍ ଦେଇଥାନ୍ତି। କାରଣ ଏହା ସୁରକ୍ଷିତ ନିବେଶ ବୋଲି ମନେ କରାଯାଏ। ବର୍ତ୍ତମାନ ସର୍ରାଫା ବଜାରରେ ସୁନା ଦାମ ୩୮ ହଜାର ପାଖାପାଖି ରହିଛି। ଆଞ୍ଜେଲ ବ୍ରୋକିଂର ଅନୁଜ ଗୁପ୍ତାଙ୍କ କହିବାନୁଯାୟୀ ଆମେରିକା-ଚାଇନା ମଧ୍ୟରେ ଆରମ୍ଭ ହୋଇଥିବା ବାଣିଜ୍ୟ ଯୁଦ୍ଧ ଢ଼ିଲା ପଡିବାର ସଙ୍କେତ ମିଳିବା ପରେ ସୁନା ଦର କମିବା ସମ୍ଭାବନା ରହିଛି। ତେବେ ଦୀପାବଳି ସୁଦ୍ଧା ସୁନା ଦର ୩୯ ହଜାରରୁ ୪୦ ହଜାର ଟଙ୍କା ଛୁଇଁବ ବୋଲି ଆଶାକରାଯାଉଛି। ବିଶ୍ୱରେ ମାନ୍ଦାବସ୍ଥା ମାଡି ଆସୁଥିବା ପରିପ୍ରେକ୍ଷୀରେ ବଜାରରେ ସୁନା ଚାହିଦା ବଢ଼ିବାରେ ଲାଗିଛି। ଏହି କାରଣରୁ ଦର ବୃଦ୍ଧି ଘଟୁଛି। ଗୋହରିଂ ଆଣ୍ଡ ରୋଜେଙ୍କୱାଜଗ ରିପୋର୍ଟରେ ଏହାର ନିବେଶକଙ୍କୁ ସୁନା କିଣିବା ଲାଗି ପରାମର୍ଶ ଦିଆଯାଇଛି। ଏଥିରେ କୁହାଯାଇଛି ଯେ, ସୁନାର ବୁଲ୍ ମାର୍କେଟ ଆରମ୍ଭ ହୋଇଯାଇଛି।

### ଟିକସ ଅଧିକାରୀଙ୍କ ମାନସିକତା ବଦଳିବା ଦରକାର: ସୀତାରାମନ୍



**ଅହମ୍ମଦାବାଦ,୧୭-୮:** ଉଦ୍ୟୋଗ ଜଗତ ପକ୍ଷରୁ 'ଟିକସ ଆତଙ୍କବାଦ' ଅଭିଯୋଗ ଅଣାଯାଉଛି। ଏହି କାରଣରୁ ଦେଶର ଟିକସ ଆଦାୟ ବ୍ୟବସ୍ଥାକୁ ଟେକ୍ନୋଲୋଜି ଆଧାରିତ କରିବା ଜରୁରୀ ହୋଇପଡିଛି ବୋଲି କେନ୍ଦ୍ର ଅର୍ଥମନ୍ତ୍ରୀ ନିର୍ମଳା ସୀତାରାମନ୍ କହିଛନ୍ତି। ଟିକସ ଅଧିକାରୀମାନଙ୍କ ମାନସିକତାରେ ପରିବର୍ତ୍ତନ କରିବାର ଆବଶ୍ୟକତା ରହିଛି ବୋଲି ସେ କହିଛନ୍ତି। ଏଠାରେ ଆୟୋଜିତ ଟିକସ ଅଧିକାରୀଙ୍କ ସମ୍ମିଳନୀରେ ଯୋଗ ଦେଇ ସୀତାରାମନ୍ କହିଛନ୍ତି ଯେ, ଟିକସ ପ୍ରଶାସନକୁ ଅତ୍ୟନ୍ତ ସମ୍ବେଦନଶୀଳ ଭୂମିକା ନିର୍ବାହ କରିବାକୁ ପଡିଥାଏ। ଟିକସଦାତାଙ୍କ ସେବା କରିବା ବେଳେ ଅଧିକାରୀମାନଙ୍କୁ ନିଜର ମାନସିକତାରେ ପରିବର୍ତ୍ତନ କରିବା ଜରୁରୀ ବୋଲି ସେ କହିଛନ୍ତି। ଏଥିପୂର୍ବରୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ମଧ୍ୟ କହିଥିଲେ ଯେ, ସଚ୍ଚୋଟ ଟିକସଦାତାଙ୍କୁ ହଇରାଣ କରା ନ ଯାଉ। ଟିକସଦାତାଙ୍କ ଠାରୁ ଅଧିକାରୀଙ୍କୁ ଦୂରେଇ ରଖିବା ଲାଗି ଟେକ୍ନୋଲୋଜିର ପ୍ରୟୋଗ ମାଧ୍ୟମରେ ଫେସ୍‌ଲେସ୍ ଆସେସ୍‌ମେଣ୍ଟ କରାଯିବାର ସମୟ ଆସିଛି ବୋଲି ସୀତାରାମନ୍ କହିଛନ୍ତି।

---

"ଏମ୍‌ଏସ୍‌ଏମ୍‌ଇ ଅଧିକ ନିଯୁକ୍ତି ସୃଷ୍ଟି କରୁଥିବାରୁ ସେମାନଙ୍କୁ ଠିକ୍ ସମୟରେ ଟଙ୍କା ପୈଠ ପାଇଁ ପଦକ୍ଷେପ ନିଆଯିବ।
**- ନୀତିନ ଗଡ଼କରୀ, କେନ୍ଦ୍ର ସଡ଼କ ପରିବହନ ଓ ଏମ୍‌ଏସ୍‌ଏମ୍‌ଇ ମନ୍ତ୍ରୀ**



"ଶ୍ରୀଲଙ୍କାରେ ମହିନ୍ଦ୍ରା ଆଣ୍ଡ ମହିନ୍ଦ୍ରା ପ୍ରଥମ ଅଟୋମୋଟିଭ ଆସେମ୍ବ୍ଲି ପ୍ଲାଣ୍ଟ ପ୍ରତିଷ୍ଠା କରିଛି। ବିଦେଶୀ ବଜାରରେ ଏଭଳି ପ୍ଲାଣ୍ଟ ପ୍ରତିଷ୍ଠା ମାଧ୍ୟମରେ କମ୍ପାନୀ ମାଇଲଖୁଣ୍ଟ ସ୍ଥାପନ କରିପାରିଛି।
**- ପୱନ ଗୋଏଙ୍କା, ମହିନ୍ଦ୍ରା ଆଣ୍ଡ ମହିନ୍ଦ୍ରା ଏମ୍‌ଡି**



# ଦୁଆରେ ପେଟ୍ରୋଲ ପହଞ୍ଚାଇବେ ରାଷ୍ଟ୍ରାୟତ୍ତ ତୈଳ କମ୍ପାନୀ

**ନୂଆଦିଲ୍ଲୀ,୧୭-୮**

**ଡିଜେଲ ଯୋଗାଣରେ ସାମିଲ ହେବ ଆଉ ୨୦ ସହର**

- ଆର୍ଥିକ ବର୍ଷ ୨୦୨୦ ସୁଦ୍ଧା ୫୦୦ ପେଟ୍ରୋଲ ଯୋଗାଣ କେନ୍ଦ୍ର ପ୍ରତିଷ୍ଠା ଲକ୍ଷ୍ୟ
- ୩୫ ସହରରେ ଡିଜେଲ ଯୋଗାଣ ହେଉଛି
- ୨୦ ସହରରେ ପେଟ୍ରୋଲ ଯୋଗାଣ ଲାଇସେନ୍ସ ମିଳିବ




ଦେଶର ୩୫ ସହରରେ ଘର ଦୁଆରେ ଡିଜେଲ ଯୋଗାଣରେ ସଫଳତା ହାସଲ ପରେ ରାଷ୍ଟ୍ରାୟତ୍ତ ତୈଳ କମ୍ପାନୀଗୁଡ଼ିକ ଆଗାମୀ ଦିନରେ ପେଟ୍ରୋଲ ଯୋଗାଇବାକୁ ସ୍ଥିର କରିଛନ୍ତି। ସେହିପରି ଡିଜେଲ ଯୋଗାଣକୁ ଆହୁରି ୨୦ ସହରକୁ ବୃଦ୍ଧି କରିବାକୁ ନିଷ୍ପତ୍ତି ନିଆଯାଇଛି।

ପ୍ରାପ୍ତ ସୂଚନାରୁ ଜଣାପଡିଛି ଯେ, ଇଣ୍ଡିଆନ ଅଏଲ କର୍ପୋରେଶନ ଲିମିଟେଡ(ଆଇଓସିଏଲ୍), ଭାରତ ପେଟ୍ରୋଲିୟମ କର୍ପୋରେଶନ ଲିମିଟେଡ(ବିପିସିଏଲ୍) ଏବଂ ହିନ୍ଦୁସ୍ଥାନ ପେଟ୍ରୋଲିୟମ କର୍ପୋରେଶନ ଲିମିଟେଡ(ଏଚ୍‌ପିସିଏଲ୍) ଚଳିତ ଆର୍ଥିକ ବର୍ଷ ଶେଷ ସୁଦ୍ଧା ୫୦୦ ଘର ଦୁଆରେ ପେଟ୍ରୋଲ ଯୋଗାଣ କେନ୍ଦ୍ର ଖୋଲିବା ଲାଗି ଯୋଜନା ପ୍ରସ୍ତୁତ କରିଛନ୍ତି। ଏଚ୍‌ପିସିଏଲ୍ ସିଏମ୍‌ଡି ଏମ୍.କେ. ସୁରାନା କହିଛନ୍ତି ଯେ, ଘର ଦୁଆରେ ତୈଳ ଯୋଗାଣ ଯୋଜନା ବେଶ୍ ସଫଳ ହୋଇଛି। ଲୋକଙ୍କ ମଧ୍ୟରେ ଏହାକୁ ନେଇ ଆଗ୍ରହ ବୃଦ୍ଧି ପାଉଥିବା ଲକ୍ଷ୍ୟ କରାଯାଇଛି। ସୁରକ୍ଷା ଓ ନିୟାମକ ଦୃଷ୍ଟିକୋଣକୁ ଆପଣାଇ ଘର ଦୁଆରେ ତୈଳ ଯୋଗାଣ ବ୍ୟବସ୍ଥାକୁ ଅଧିକ ବ୍ୟାପକ କରିବାର ଯୋଜନା ରହିଛି। ତେବେ ଦ୍ୱାରଦେଶରେ ଡିଜେଲ ଯୋଗାଣ ଲାଗି ରାଷ୍ଟ୍ରାୟତ୍ତ ତୈଳ କମ୍ପାନୀଗୁଡ଼ିକୁ ଅନୁମତି ମିଳିଥିବା ବେଳେ ଆସନ୍ତା କିଛି ଦିନ ମଧ୍ୟରେ ପେଟ୍ରୋଲିୟମ ଆଣ୍ଡ ଏକ୍ସପ୍ଲୋସିଭ୍ ସେଫ୍‌ଟି ଅର୍ଗାନାଇଜେଶନ (ପେସୋ)ଠାରୁ ପେଟ୍ରୋଲ ଯୋଗାଣ ଲାଗି ଅନୁମତି ମିଳିଯିବ ବୋଲି ସେ କହିଛନ୍ତି। ସରକାରୀ ତଥ୍ୟ ଅନୁଯାୟୀ, ଏବେ ୩୫ ସହରର ଦ୍ୱାର ଦେଶରେ ଡିଜେଲ ଯୋଗାଣ ହେଉଛି। ତନ୍ମଧ୍ୟରେ ଆଇଓସିଏଲ ୧୫, ବିପିସିଏଲ ୧୩ ଓ ୭ ସହରରେ ଏଚପିସିଏଲ୍ ଡିଜେଲ ଯୋଗାଉଛି। ତେବେ ଅଧିକ ପରିମାଣରେ ତେଲ କିଣୁଥିବା ଗ୍ରାହକଙ୍କୁ ହିଁ ତେଲ ଯୋଗାଇ ଦିଆଯାଉଛି। ନିୟମ ଅନୁଯାୟୀ, ୨୫୦୦ ଲିଟରରୁ ଅଧିକ ତେଲ କିଣୁଥିବା ଗ୍ରାହକଙ୍କ ନିକଟରେ ପେସୋ ଲାଇସେନ୍ସ ରହିବା ଆବଶ୍ୟକ। ପ୍ରାପ୍ତ ସୂଚନାରୁ ଜଣାପଡିଛି ଯେ, ଆଇଓସିଏଲ ୪, ବିପିସିଏଲ୍ ୧୦ ଏବଂ ଏଚ୍‌ପିସିଏଲ୍ ୬ ସହରରେ ଦ୍ୱାରଦେଶରେ ପେଟ୍ରୋଲ ଯୋଗାଣ ପାଇଁ ଲାଇସେନ୍ସ ପାଇବ। ତୈଳ କମ୍ପାନୀଗୁଡ଼ିକଠାରୁ ପ୍ରାପ୍ତ ତଥ୍ୟ ଅନୁଯାୟୀ, ଶିଳ୍ପାଞ୍ଚଳ କୁହାଯାଉଥିବା ନଭି ମୁମ୍ବାଇରେ ମାସକୁ ସର୍ବାଧିକ ୧୫୦ କିଲୋଲିଟର ଡିଜେଲ ଦ୍ୱା ରଦେଶରେ ଯୋଗାଣ ହୋଇଛି। ଏହାଛଡ଼ା ଜୋର୍‌ହାଟ, ଚେନ୍ନାଇ, ବେଙ୍ଗାଲୁରୁ, ଦିଲ୍ଲୀ ଓ ଉଦୟପୁରରେ ଅଧିକ ପରିମାଣରେ ଡିଜେଲ ଯୋଗାଣ ହେଉଛି। ଡିସ୍‌ପେନ୍ସିଂ ମେଶିନ ଲାଗିଥିବା କ୍ଷୁଦ୍ର ଗାଡି ମାଧ୍ୟମରେ ଘର ଦୁଆରେ ଡିଜେଲ ଯୋଗାଣ ଚାଲିଛି। ଇଣ୍ଟରନ୍ୟାଶନାଲ ଏନର୍ଜି ଏଜେନ୍ସିର ଆକଳନ ଅନୁଯାୟୀ, ଭାରତରେ ଡିଜେଲ ଚାହିଦା ୨୦୩୦ ସୁଦ୍ଧା ୧୬୩ ମିଲିୟନ ଟନରେ ପହଞ୍ଚିବ। ଆର୍ଥିକ ବର୍ଷ ୨୦୧୯ରେ ଦେଶରେ ଡିଜେଲ ବ୍ୟବହାର ୮୩.୫୨ ମିଲିୟନ ଟନ ରହିଛି, ଯାହା କି ଆର୍ଥିକ ବର୍ଷ ୨୦୧୮ରେ ୮୧.୦୭୩ ମିଲିୟନ ଟନଠାରୁ ୩% ଅଧିକ। ଅନ୍ୟପକ୍ଷରେ ୨୦୩୦ ସୁଦ୍ଧା ପେଟ୍ରୋଲ ଚାହିଦା ୪୯ ମିଲିୟନ ଟନକୁ ବୃଦ୍ଧି ପାଇବ ବୋଲି ଅନୁମାନ କରାଯାଉଛି। ଆର୍ଥିକ ବର୍ଷ ୨୦୧୯ରେ ଏହା ୨୮.୨୮ ମିଲିୟନ ଟନ ରହିଛି, ଯାହା କି ଆର୍ଥିକ ବର୍ଷ ୨୦୧୮ର ୨୬.୧୭୪ ମିଲିୟନ ଟନଠାରୁ ୮ ପ୍ରତିଶତ ଅଧିକ। ଚାହିଦାକୁ ଦୃଷ୍ଟିରେ ରଖି ରାଷ୍ଟ୍ରାୟତ୍ତ ତୈଳ କମ୍ପାନୀଗୁଡ଼ିକ ଦେଶରେ ଆହୁରି ୭୮,୫୦୦ ପେଟ୍ରୋଲ ପମ୍ପ ପ୍ରତିଷ୍ଠା ପାଇଁ ବିଡ୍ ଆହ୍ୱାନ କରିଛନ୍ତି। ୯୫ ପ୍ରତିଶତ ସ୍ଥାନରୁ ଏଥିପାଇଁ ଆଗ୍ରହ ପ୍ରଦର୍ଶନ କରାଯାଇଛି। ଏମାନଙ୍କ ମଧ୍ୟରୁ ୯୧୦୦ ପମ୍ପ ପ୍ରତିଷ୍ଠା ପାଇଁ ଆଗ୍ରହପତ୍ର ଜାରି କରାଯାଇସାରିଛି। ଜୁନ୍ ସୁଦ୍ଧା ଭାରତରେ ୬୪,୯୭୬ ପେଟ୍ରୋଲ ପମ୍ପ ରହିଛି। ତନ୍ମଧ୍ୟରେ ଆଇଓସିଏଲର ୨୭,୮୦୦, ଏଚ୍‌ପିସିଏଲ୍‌ର ୧୫,୪୭୧ ଓ ବିପିସିଏଲ୍‌ର ୧୪,୯୦୩ ପମ୍ପ ରହିଛି।

## ଜନଧନ ଆକାଉଣ୍ଟରେ ଜମା ୧ ଲକ୍ଷ କୋଟି ଟପିଲା

**ନୂଆଦିଲ୍ଲୀ,୧୭-୮**




ସମାଜର ଗରିବ ଶ୍ରେଣୀ ନିକଟରେ ବ୍ୟାଙ୍କକୁ ପହଞ୍ଚାଇବା ଲାଗି ୫ ବର୍ଷ ପୂର୍ବେ ଏନ୍‌ଡିଏ ସରକାର ଆରମ୍ଭ କରିଥିଲେ ପ୍ରଧାନମନ୍ତ୍ରୀ ଜନଧନ ଯୋଜନା। ଏବେ ଏହି ଯୋଜନା ଅଧୀନରେ ଖୋଲା ଯାଇଥିବା ଆକାଉଣ୍ଟରେ ୧ ଲକ୍ଷ କୋଟି ଟଙ୍କାରୁ ଅଧିକ ଜମା ହୋଇସାରିଲାଣି। ଆର୍‌ଟିଆଇ ତଥ୍ୟରୁ ଏହା ଜଣାପଡିଛି। ମଧ୍ୟପ୍ରଦେଶର ନିମୁଚ ଜିଲାର ସାମାଜିକ କର୍ମୀ ଚନ୍ଦ୍ରଶେଖର ଗୌଡ ଆର୍‌ଟିଆଇ ଅଧୀନରେ ଅର୍ଥ ମନ୍ତ୍ରଣାଳୟ ନିକଟରୁ ଜନଧନ ଯୋଜନା ସମ୍ପର୍କରେ ତଥ୍ୟ ମାଗିଥିଲେ। ପ୍ରାପ୍ତ ତଥ୍ୟ ଅନୁଯାୟୀ ଚଳିତବର୍ଷ ଜୁଲାଇ ୧୭ ସୁଦ୍ଧା ଏହି ଯୋଜନା ଅଧୀନରେ ୩୬.୨୫ କୋଟି ବ୍ୟାଙ୍କ ଆକାଉଣ୍ଟ ଖୋଲାଯାଇଛି ଓ ଏଥିରେ ୧,୦୦,୮୩୧ କୋଟି ଟଙ୍କା ଜମା ରହିଛି। ସେହିପରି ୫ ବର୍ଷ ସମ୍ପୂର୍ଣ୍ଣ ହେବା ପରେ ମଧ୍ୟ ୪.୯୯ କୋଟି ଆକାଉଣ୍ଟରେ ଅଦ୍ୟାବଧି କୌଣସି ଅର୍ଥ ଜମା ହୋଇନାହିଁ। ଅର୍ଥାତ୍ ଏହି ଆକାଉଣ୍ଟକୁ ଜିରୋ ବାଲାନ୍ସ ଆକାଉଣ୍ଟ କୁହାଯାଇପାରିବ। ସମ୍ପୂର୍ଣ୍ଣ ଜନଧନ ଆକାଉଣ୍ଟଧାରୀଙ୍କ ମଧ୍ୟରେ ଏଭଳି ଆକାଉଣ୍ଟ ସଂଖ୍ୟା ପ୍ରାୟ ୧୪% ରହିଛି, ଯେଉଁଥିରେ ଟଙ୍କାଟିଏ ମଧ୍ୟ ନାହିଁ। ସୂଚନାଥାଉ କି, ଉକ୍ତ ଯୋଜନାରେ ଖୋଲାଯାଇଥିବା ଆକାଉଣ୍ଟ ପାଇଁ କୌଣସି ବାଲାନ୍ସ ସୀମା ଧାର୍ଯ୍ୟ ହୋଇନାହିଁ। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଏନ୍‌ଡିଏ ସରକାରଙ୍କ ପ୍ରଥମ ପାଳିରେ କ୍ଷମତାକୁ ଆସିବା ମାତ୍ରେ ୨୦୧୪ରେ ଜନଧନ ଯୋଜନା ସମ୍ପର୍କରେ ସ୍ୱାଧୀନତା ଦିବସରେ ଲାଲକିଲ୍ଲାରୁ ଘୋଷଣା କରିଥିଲେ। ଏହି ଯୋଜନାକୁ ଔପଚାରିକ ଭାବେ ସେହିବର୍ଷ ଅଗଷ୍ଟ ୨୮ରୁ ଶୁଭାରମ୍ଭ କରାଯାଇଥିଲା।

## ସିସିଡିର ବକେୟା ଋଣ ହଜାର କୋଟିକୁ କମିବ

**ନୂଆଦିଲ୍ଲୀ,୧୭-୮**



ଲୋକପ୍ରିୟ କଫି ଚେନ୍ କ୍ୟାଫେ କଫି ଡେ(ସିସିଡି)ର ବକେୟା ଋଣ ଭାର ୧ ହଜାର କୋଟି ଟଙ୍କାକୁ ଖସି ଆସିବ ବୋଲି ଏହାକୁ ପରିଚାଳନା କରୁଥିବା କ୍ୟାଫେ ଡେ ଏଣ୍ଟରପ୍ରାଇଜେସ ପକ୍ଷରୁ ଶନିବାର ପ୍ରକାଶ କରାଯାଇଛି। ଷ୍ଟକ୍ ମାର୍କେଟକୁ ସୂଚନାଦେଇ କଫି ଡେ ଏଣ୍ଟରପ୍ରାଇଜେସ୍ ପକ୍ଷରୁ କୁହାଯାଇଛି ଯେ, ସହଯୋଗୀ କମ୍ପାନୀ ଟାଙ୍ଗଲିନ୍ ଡେଭଲପ୍‌ମେଣ୍ଟ ଲିମିଟେଡ ଅଧୀନରେ ଥିବା ଗ୍ଲୋବାଲ ଭିଲେଜ ଟେକ୍ ପାର୍କକୁ ୨୬୦୦ରୁ ୩୦୦୦ କୋଟି ଟଙ୍କାରେ ବିକ୍ରି କରିଦେବାକୁ ଘୋଷଣା କରାଯାଇସାରିଛି। ଏହା ବିକ୍ରି ହୋଇଯିବା ପରେ ଆସନ୍ତା ୪୫ ଦିନ ଭିତରେ ବକେୟା ଋଣ ୧ ହଜାର କୋଟି ଟଙ୍କାକୁ ଖସିଆସିବ। ଚଳିତବର୍ଷ ଜୁଲାଇ ୩୧ ସୁଦ୍ଧା ସିଡିଡି ଉପରେ ୩,୪୭୨ କୋଟି ଟଙ୍କାର ବକେୟା ଋଣ ରହିଛି। କମ୍ପାନୀ ପକ୍ଷରୁ କୁହାଯାଇଛି ଯେ, ଏହାର ଅନ୍ୟ ଏକ ସହଯୋଗୀ କମ୍ପାନୀ ସିକାଲ ଲଜିଷ୍ଟିକ୍ସ ନିଜର କିଛି ସମ୍ପତ୍ତି ବିକ୍ରି କରିବାକୁ ଯୋଜନା କରିଛି। ଏହାଦ୍ୱାରା ସିକାଲ ଉପରେ ଥିବା ଋଣ ଭାର ଅନେକାଂଶରେ କମିଯିବ। ଏହି କମ୍ପାନୀ ଉପରେ ମୋଟ ୧୪୮୮ କୋଟି ଟଙ୍କାର ଋଣ ବକେୟା ରହିଛି। ସୂଚନାଥାଉ କି, ଗତମାସରେ ସିସିଡି ପ୍ରମୋଟର ଭି.ଜି.ସିଦ୍ଧାର୍ଥ ଆତ୍ମହତ୍ୟା କରିଥିଲେ। ନଗଦ ସଙ୍କଟ ଏବଂ ଋଣପ୍ରଦାନକାରୀଙ୍କ ଚାପ ସହ୍ୟ କରି ନ ପାରି ସେ ଆତ୍ମହତ୍ୟା କରୁଛନ୍ତି ବୋଲି ନିଜ ପତ୍ରରେ ସିଦ୍ଧାର୍ଥ ଉଲ୍ଲେଖ କରିଥିଲେ।

### ଆଇଏଲ୍‌ଆଣ୍ଡଏଫ୍‌ଏସ୍ ଦୁର୍ନୀତି: ୫୭୦ କୋଟି ଜବତ

## ପ୍ରଥମଥର ଚାର୍ଜଶିଟ୍ ଫାଇଲ କଲା ଇଡି

**ନୂଆଦିଲ୍ଲୀ,୧୭-୮**



ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ (ଇଡି) ଆଇଏଲ୍‌ଆଣ୍ଡଏଫ୍‌ଏସ୍ ମାମଲାରେ ପ୍ରଥମଥର ଚାର୍ଜଶିଟ୍ ଦାଖଲ କରିଛି। ଏହି ମାମଲାରେ ଇଡି ୫୭୦ କୋଟି ଟଙ୍କାର ସମ୍ପତ୍ତିକୁ ଜବତ କରିଥିବା ଶନିବାର ପ୍ରକାଶ କରିଛି। ଯାଞ୍ଚ ଏଜେନ୍ସି ପକ୍ଷରୁ ଦାଏର ଚାର୍ଜଶିଟ୍‌ରେ ଆଇଏଲ୍‌ଆଣ୍ଡଏଫ୍‌ଏସ୍ ଗ୍ରୁପ୍ କମ୍ପାନୀଙ୍କ କେତେକ ପୂର୍ବତନ ନିର୍ଦ୍ଦେଶକ,ବ୍ୟବସାୟୀ ସି. ଶିବଶଙ୍କରନ୍ ଓ ଅନ୍ୟମାନଙ୍କ ବିରୋଧରେ ଦୁର୍ନୀତି ଅଭିଯୋଗ ଅଣାଯାଇଛି। ମୁମ୍ବାଇସ୍ଥିତ ପିଏମ୍‌ଏଲ୍‌ଏ କୋର୍ଟରେ ଏହି ଅଭିଯୋଗ ଫର୍ଦ୍ଦ ଦାଏର ହୋଇଛି। ଇଡି ପକ୍ଷରୁ କୁହାଯାଇଛି ଯେ, ଦିଲ୍ଲୀ, ମୁମ୍ବାଇ, ଚେନ୍ନାଇ, ବ୍ରସେଲ୍ସ ଓ ବେଲ୍‌ଜିୟମରେ ଥିବା ସ୍ଥାବର ସମ୍ପତ୍ତିକୁ ଜବତ କରାଯାଇଛି। ଏହି ସମ୍ପତ୍ତି ସବୁ ଆଇଏଲ୍‌ଆଣ୍ଡଏଫ୍‌ଏସ୍‌ର ପୂର୍ବତନ ନିର୍ଦ୍ଦେଶକ ରମେଶ ବାୱା, ହରିଶଙ୍କରନ୍, ଅରୁଣ ସାହା ଓ ରାମଚନ୍ଦ୍ର କରୁଣାକରନ୍‌ଙ୍କ କମିଟି ସମ୍ପର୍କିତ କମର୍ସିଆଲ ଓ ରେସିଡେନ୍ସିଆଲ ସମ୍ପତ୍ତି ରହିଛି। ସାହା ଓ କରୁଣାକରନ୍‌ଙ୍କୁ ଇଡି ପୂର୍ବରୁ ଗିରଫ କରିସାରିଛି। ଏୟାରସେଲ ପ୍ରତିଷ୍ଠାତା ସି. ଶିବଶଙ୍କରନ୍‌ଙ୍କ ବହୁ ଅସ୍ଥାବର ସମ୍ପତ୍ତି ଓ ବ୍ୟାଙ୍କ ଆକାଉଣ୍ଟକୁ ଇଡି ଜବତ କରିଛି। ଏଗୁଡ଼ିକ ତାଙ୍କ ପରିବାର ଓ ସଦସ୍ୟ ଏବଂ ଗ୍ରୁପ୍ କମ୍ପାନୀଙ୍କ ନାମରେ ରହିଛି। ଇଡି ଚାର୍ଜଶିଟ୍ ଅନୁଯାୟୀ ଆଇଏଲ୍‌ଆଣ୍ଡଏଫ୍‌ଏସ୍ ଗ୍ରୁପ୍ ଅଧିକାରୀମାନେ କମିଶନ ନେଇ ଶିବଶଙ୍କରନଙ୍କ ଶିବା ଗ୍ରୁପ୍‌କୁ ଫାଇଦା ଦେଉଥିଲେ। ଶିବା ଗ୍ରୁପ୍ ଉପରେ ଆଇଏଲ୍‌ଆଣ୍ଡଏଫ୍‌ଏସ୍ ଗ୍ରୁପ୍‌ର ୪୯୪ କୋଟି ଟଙ୍କା ବକେୟା ଋଣ ରହିଛି।

## ଏସ୍‌ବିଆଇର କିଷାନ ମିଳନ ୨୦ରୁ

**ଭୁବନେଶ୍ୱର,୧୭-୮(ବ୍ୟୁରୋ)**

ଷ୍ଟେଟ ବ୍ୟାଙ୍କ ଅଫ୍ ଇଣ୍ଡିଆ (ଏସ୍‌ବିଆଇ) ପକ୍ଷରୁ କିଷାନ ମିଳନ ଚଳିତ ମାସ ୨୦ରୁ ଅନୁଷ୍ଠିତ ହେଉଛି। ସାରା ଦେଶର ଥିବା ବ୍ୟାଙ୍କ ୧୪,୦୦୦ ଗ୍ରାମାଞ୍ଚଳ ଏବଂ ଅର୍ଦ୍ଧ ସହରାଞ୍ଚଳ ଶାଖାଗୁଡିକରେ ଏହି ମେଗା କୃଷକ ମିଟ୍‌କୁ ଆୟୋଜନ କରାଯାଉଛି। କୃଷକଙ୍କ ପ୍ରତି ରହିଥିବା ଦାୟିତ୍ୱବୋଧତା ଆଧାରରେ ଏଭଳି ଏକ କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିବା ବ୍ୟାଙ୍କ ପକ୍ଷରୁ କୁହାଯାଇଛି। କୃଷକଙ୍କ ବିକାଶ ଲାଗି ବ୍ୟାଙ୍କ ଗ୍ରହଣ କରୁଥିବା ବିଭିନ୍ନ ପଦକ୍ଷେପ ଉପରେ ଏଠାରେ ସେମାନଙ୍କୁ ଅବଗତ କରାଯିବ। ସେହିଭଳି ସେମାନଙ୍କ ପକ୍ଷକୁ ମଧ୍ୟ ବ୍ୟାଙ୍କ ଶୁଣିବାର ବ୍ୟବସ୍ଥା ରହିଛି। ଏହାଦ୍ୱାରା ୧.୪ କୋଟି କୃଷକ ଗ୍ରାହକ ଏବଂ ୧୦ ଲକ୍ଷ କୃଷକଙ୍କ ସହ ଏହି କାର୍ଯ୍ୟକ୍ରମ ଦ୍ୱାରା ଯୋଡି ହେବାକୁ ବ୍ୟାଙ୍କ ଲକ୍ଷ୍ୟ ଧାର୍ଯ୍ୟ କରିଛି। ଏଭଳି କାର୍ଯ୍ୟକ୍ରମ ଦ୍ୱାରା କୃଷକମାନେ ସହଜରେ କୃଷିଋଣ ଲାଭ କରିବାକୁ ସକ୍ଷମ ହେବେ ବୋଲି ବ୍ୟାଙ୍କ ପକ୍ଷରୁ କୁହାଯାଇଛି।

## ୟୁନାଇଟେଡ ବ୍ୟାଙ୍କର ଡିଜିଟାଲ ବ୍ୟାଙ୍କିଙ୍ଗ୍ ପଦକ୍ଷେପ

**ଭୁବନେଶ୍ୱର,୧୭-୮**

ୟୁନାଇଟେଡ ବ୍ୟାଙ୍କ ଅଫ୍ ଇଣ୍ଡିଆ ପକ୍ଷରୁ ଡିଜିଟାଲ ବ୍ୟାଙ୍କିଙ୍ଗ୍ ବୃଦ୍ଧି ନେଇ ପଦକ୍ଷେପ ହାତକୁ ନେଇଛି। ବ୍ୟାଙ୍କ ଏହାର ମୋବାଇଲ ବ୍ୟାଙ୍କିଙ୍ଗ ସର୍ଭିସ ଆମାଜନ ଆଲେକ୍ସାରେ ଖୋଲିଛି। ବ୍ୟାଙ୍କର ଏମ୍‌ଡି ତଥା ସିଇଓ ଅଶୋକ କୁମାର ପ୍ରଧାନ ଏହି ସେବାକୁ ଶୁଭାରମ୍ଭ କରିଥିଲେ। ଏହି ଅବସରରେ ଇଡି ସଞ୍ଜୟ କୁମାର, ଅଜିତ ଦାସ, ଏଫ୍‌ଏସ୍‌ଏସ୍‌ର ଗ୍ଲୋବାଲ ହେଡ ତଥା ସଭାପତି ରାମ ଚେରୀ ଏଥିରେ ଉପସ୍ଥିତ ଥିଲେ। ଦେଶରେ ତୃତୀୟ ରାଷ୍ଟ୍ରାୟତ୍ତ ବ୍ୟାଙ୍କ ଭାବେ ଏହା ଏଭଳି ସେବା ଆରମ୍ଭ କରିଛି। ଏଭଳି ପଦକ୍ଷେପ ଦ୍ୱାରା ଗ୍ରାହକମାନେ ଭଏସ ଭିତ୍ତିକ ବ୍ୟାଙ୍କିଙ୍ଗ୍ ସେବା ଲାଭ କରିପାରିବେ ବୋଲି ସିଇଓ ପ୍ରଧାନ କହିଛନ୍ତି। ଏହି ସେବା ଉଭୟ ଆଲେକ୍ସା ଡିଭାଇସ ଏବଂ ମୋବାଇଲ ହ୍ୟାଣ୍ଡସେଟରେ ଉପଲବ୍ଧ ହେବ।

## କାନାରା ବ୍ୟାଙ୍କ ପକ୍ଷରୁ ପରାମର୍ଶ ସମ୍ମିଳନୀ




**ଭୁବନେଶ୍ୱର, ୧୭-୮ (ବ୍ୟୁରୋ)**

କାନାରା ବ୍ୟାଙ୍କ ଭୁବନେଶ୍ୱର ମଣ୍ଡଳ ଏବଂ କ୍ଷେତ୍ରୀୟ କାର୍ଯ୍ୟାଳୟ ପକ୍ଷରୁ ସମସ୍ତ ଶାଖାଗୁଡିକର ସମୀକ୍ଷା ବୈଠକ ଏବଂ ପରାମର୍ଶ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ବ୍ୟାଙ୍କିଙ୍ଗ କ୍ଷେତ୍ରର ନୂଆ ଆହ୍ୱାନ ଏବଂ ୫ ଟ୍ରିଲିୟନ ଡଲାର ଅର୍ଥନୀତି ଆଧାରରେ ଶାଖା ସ୍ତରରୁ ପରାମର୍ଶ ଗ୍ରହଣ କରାଯାଇଛି। ବିଭିନ୍ନ କ୍ଷେତ୍ରକୁ ଋଣ ପ୍ରଦାନ, ଟେକ୍ନୋଲୋଜି ବ୍ୟବହାର ବୃଦ୍ଧି, ନାଗରିକ କୈନ୍ଦ୍ରିକ ବ୍ୟାଙ୍କିଙ୍ଗ, ବରିଷ୍ଠ ନାଗରିକଙ୍କ ଲାଗି ବିଭିନ୍ନ ସେବା, ବ୍ୟାଙ୍କ ସାମ୍ନାରେ ରହିଥିବା ଆହ୍ୱାନ ଏବଂ ଭବିଷ୍ୟତ ଯୋଜନା ଉପରେ ଏଠାରେ ଗୁରୁତ୍ୱାରୋପ କରାଯାଇଥିଲା। କାର୍ଯ୍ୟକ୍ରମରେ ମହାପ୍ରବନ୍ଧକ କେ.ଏଚ୍. ପଟ୍ଟନାୟକ, ମଣ୍ଡଳ କାର୍ଯ୍ୟାଳୟ ମହାପ୍ରବନ୍ଧକ ଶ୍ରୀକାନ୍ତ ମହାପାତ୍ର ଏବଂ କ୍ଷେତ୍ରୀୟ ମୁଖ୍ୟ ଏ.କେ.ସିଂ ଯୋଗଦେଇ ବ୍ୟାଙ୍କିଙ୍ଗ ଶିଳ୍ପର ବିଭିନ୍ନ ପ୍ରସଙ୍ଗ ଉପରେ ଗୁରୁତ୍ୱାରୋପ କରିଥିଲେ।

## ସେଣ୍ଟ୍ରାଲ ବ୍ୟାଙ୍କର କନସଲ୍‌ଟେଶନ କାର୍ଯ୍ୟକ୍ରମ

**ଭୁବନେଶ୍ୱର, ୧୭-୮(ବ୍ୟୁରୋ)**

ସେଣ୍ଟ୍ରାଲ ବ୍ୟାଙ୍କ ଅଫ୍ ଇଣ୍ଡିଆ ପକ୍ଷରୁ ସ୍ଥାନୀୟ ଆଞ୍ଚଳିକ କାର୍ଯ୍ୟାଳୟଠାରେ ଏକ କନସଲ୍‌ଟେଶନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏଥିରେ ବ୍ୟାଙ୍କ ଶାଖାଗୁଡ଼ିକର ଫରଫରମାନ୍ସ ରିଭ୍ୟୁ କରାଯିବା ସହ ୫ ଟ୍ରିଲିୟନ ଡଲାର ଅର୍ଥନୀତି ଆଧାରରେ ଶାଖାଗୁଡ଼ିକଠାରୁ ପରାମର୍ଶ ଗ୍ରହଣ କରାଯାଉଛି। ବ୍ୟାଙ୍କର ଭୁବନେଶ୍ୱର ଅଞ୍ଚଳ ମଧ୍ୟରେ ୫୮ ଶାଖାର ଶାଖା ପ୍ରବନ୍ଧକ ଏହି ବୈଠକରେ ଯୋଗ ଦେଇଥିଲେ। ଆଗାମୀ ଦିନରେ କିଭଳି କାର୍ଯ୍ୟପନ୍ଥା ଗ୍ରହଣ କରାଯିବ ସେ ଦିଗରେ ଏଠାରେ ଆଲୋଚନା କରାଯାଇଛି। ଋଣ ଯୋଗାଣରେ ଉନ୍ନତି, ଟେକ୍ନୋଲୋଜି ବ୍ୟବହାର, ବିଗ୍ ଡାଟା ଆନାଲିଟିକ୍ସର ବ୍ୟବହାର, ବ୍ୟାଙ୍କିଙ୍ଗ ସେବାକୁ ଲୋକାଭିମୁଖୀ କରାଇବା ଭଳି ବିଭିନ୍ନ ପ୍ରସଙ୍ଗରେ ବୈଠକରେ ଆଲୋଚନା କରାଯାଇଛି। ଏଥିରେ ବ୍ୟାଙ୍କର ଡିଜିଟାଲ ଏବଂ ଟ୍ରାଞ୍ଜାକ୍‌ଶନ ବ୍ୟାଙ୍କିଙ୍ଗ୍ ଜାତୀୟ ମୁଖ୍ୟ ଶୈଳେନ୍ଦ୍ର ଧଳ, ବରିଷ୍ଠ ଆଞ୍ଚଳିକ ପ୍ରବନ୍ଧକ ସୋହେଲ ଅହମ୍ମଦ ଏବଂ ଏଜିଏମ୍ ଏସ୍.ଏସ୍.ଏଚ୍ ଆୟୁବି ପ୍ରମୁଖ ଉପସ୍ଥିତ ଥିଲେ।

### ବିଦେଶରେ ଡାକ୍ତରୀ ଶିକ୍ଷା

## ସୁଯୋଗ ଦେଉଛି ଉତ୍କଳ ଏକାଡେମୀ

**ଭୁବନେଶ୍ୱର, ୧୭-୮**

UTKAL ACADEMY

ଡାକ୍ତରୀ ସମେତ ବିଡିଏସ୍, ଇଞ୍ଜିନିୟରିଂ, ବିଏସ୍‌ସି ଏଗ୍ରିକଲଚର, ବି-ଫାର୍ମା, ଏମ୍‌ବିଏ, ଏଲ୍‌ଏଲ୍‌ବି ଅନ୍ୟାନ୍ୟ ପାଠ୍ୟକ୍ରମରେ ଦେଶ ତଥା ବିଦେଶରେ ଶିକ୍ଷା ଗ୍ରହଣ ନେଇ ଛାତ୍ରୀଛାତ୍ରୀଙ୍କୁ ସହାୟତା ଦିଗରେ ଉତ୍କଳ ଏକାଡେମୀ ପକ୍ଷରୁ ପ୍ରୟାସ ଜାରି ରହିଛି। ଆଡମିଶନ ସହ କାଉନସେଲିଂ ଏବଂ ଅନ୍ୟାନ୍ୟ ଆନୁଷଙ୍ଗିକ ପ୍ରସଙ୍ଗ ଉପରେ ଏହା ଛାତ୍ରୀଛାତ୍ରଙ୍କୁ ସୁବିଧା ପ୍ରଦାନ କରୁଛି। ଛାତ୍ରୀଛାତ୍ରଙ୍କ ଆବଶ୍ୟକତା ଆଧାରରେ ସହଯୋଗ କରିବା ଲାଗି ଉତ୍କଳ ଏକାଡେମୀର ଅଭିଜ୍ଞ ଟିମ୍ ରହିଥିବା ପ୍ରତିଷ୍ଠାନ ପକ୍ଷରୁ କୁହାଯାଇଛି। ପ୍ରତିଷ୍ଠାତା ତ୍ରିନାଥ ବିଶ୍ୱାଳଙ୍କ ତତ୍ତ୍ୱାବଧାନରେ ଆରମ୍ଭ ହୋଇଥିବା ଏହି ଏକାଡେମୀ ଗତ ୩୦ ବର୍ଷ ହେବ ଉକ୍ତ କ୍ଷେତ୍ରରେ ସେବା ଯୋଗାଇ ଦେଉଛି। ନିଟ୍ ଦ୍ୱାରା ଡାକ୍ତରୀ ପଢିବା ଲାଗି ଛାତ୍ରୀଛାତ୍ରଙ୍କୁ ବାଛିବା ଏକ ଉନ୍ନତ ପ୍ରକ୍ରିୟା ବୋଲି ତ୍ରିନାଥ ବିଶ୍ୱାଳ କହିଛନ୍ତି।

ମାତ୍ର ଏବେ ମଧ୍ୟ ସରକାରୀ ମେଡିକାଲ କଲେଜରେ ସିଟ୍ ସଂଖ୍ୟା କମ୍ ରହିବା ଏବଂ ବେସରକାରୀ ମେଡିକାଲ କଲେଜରେ ପଢିବା ବ୍ୟୟବହୁଳ ଥିବାରୁ ଏହି କ୍ଷେତ୍ରରେ ସରକାର ପଦକ୍ଷେପ ନେଲେ ଛାତ୍ରୀଛାତ୍ର ଉପକୃତ ହୁଅନ୍ତେ। ଏହାବାଦ ଭଲ ଡାକ୍ତର ପ୍ରସ୍ତୁତ କରିବା ସୁବିଧା ହୁଅନ୍ତା ବୋଲି ସେ ପ୍ରକାଶ କରିଛନ୍ତି। ଏଭଳି ସ୍ଥିତିରେ ବିଦେଶରେ ଡାକ୍ତରୀ ଶିକ୍ଷାଲାଭ କରିବାର ଏକ ବିକଳ୍ପ ରହିଛି। ସେହିଭଳି ଦେଶ ମଧ୍ୟରେ ଭଲ ଭଲ ପ୍ରତିଷ୍ଠାନଗୁଡିକର ବିକଳ୍ପ ବିଷୟରେ ଛାତ୍ରୀଛାତ୍ରଙ୍କୁ ଅବଗତ କରାଯାଉଛି। ପ୍ରତିବର୍ଷ ନିଟରେ ୧୫ ଲକ୍ଷ ଛାତ୍ରୀଛାତ୍ର ପରୀକ୍ଷା ଦେଉଥିବାବେଳେ ଦେଶରେ ମେଡିକାଲ ସିଟ ସଂଖ୍ୟା ମାତ୍ର ୭୦ ହଜାର ରହିଛି। ଛାତ୍ରୀଛାତ୍ରଙ୍କୁ ଭଲ ର୍ୟାଙ୍କ ଥିବା ମେଡିକାଲ ପ୍ରତିଷ୍ଠାନଗୁଡିକୁ ପଠାଇବା ଲାଗି ବ୍ୟବସ୍ଥା କରାଯାଉଛି। ବିଦେଶରେ ଗୁଣବତ୍ତା ମେଡିକାଲ ଶିକ୍ଷା ନେଇ ଅଭିଭାବକଙ୍କ ମନରେ ପ୍ରଶ୍ନ ରହିଥାଏ। ମାତ୍ର ଏହି ସ୍ଥିତିରେ ଏବେ ଉନ୍ନତି ଆସିଛି। ଛାତ୍ରଙ୍କ ବାଦ ଛାତ୍ରୀମାନେ ମଧ୍ୟ ବିଦେଶରେ ଏମ୍‌ବିବିଏସ୍ ପଢିବା ଲାଗି ଆଗ୍ରହ ଦେଖାଉଛନ୍ତି। ଏହି ଅନୁପାତରେ ଉନ୍ନତି ଆସିଛି ବୋଲି ବିଶ୍ୱାଳ କହିଛନ୍ତି।

“ମୋ ତତ୍ତ୍ୱାବଧାନରେ ଦକ୍ଷିଣ ଆଫ୍ରିକା କ୍ରିକେଟ ଦଳ ଭାରତ ଟୁର୍‌ରେ ପ୍ରଭାବୀ ପ୍ରଦର୍ଶନ କରିବ ବୋଲି ମୋର ଦୃଢ଼ ଆଶା ରହିଛି ।

–ଏନୋଚ୍ ଏନ୍‌କ୍ୱେ
ଦକ୍ଷିଣ ଆଫ୍ରିକା କ୍ରିକେଟ ଦଳର ଅସ୍ଥାୟୀ ନିର୍ଦ୍ଦେଶକ



“ସିନ୍‌ସିନାଟି ଟେନିସ ଇଭେଣ୍ଟରେ ଲୁକାସ ପୋଲିଙ୍କ ବିପକ୍ଷରେ ଖେଳୁଥିବାବେଳେ କହୁଣିରେ ଯନ୍ତ୍ରଣା ସତ୍ତ୍ୱେ ମୋତେ ମ୍ୟାଚ ଶେଷ କରିବାକୁ ପଡ଼ିଥିଲା ।

–ନୋଭାକ ଜୋକୋଭିଚ୍, ବିଶିଷ୍ଟ ଟେନିସ ଖେଳାଳି



## ସଂକ୍ଷେପରେ

### ଅଧିନାୟକ ପଦ ଛାଡ଼ିପାରନ୍ତି ମୋର୍ଗାନ

**ଲଣ୍ଡନ,୧୭।୮:** ଆଇସିସି ବିଶ୍ୱକପ୍ ଚାମ୍ପିୟନ ଇଂଲଣ୍ଡ ଦଳର ଅଧିନାୟକ ଇଆନ ମୋର୍ଗାନ ପଦ ଛାଡ଼ିବା ନେଇ ଚିନ୍ତା କରୁଛନ୍ତି। ତାଙ୍କ ଅଣ୍ଟାଜନିତ ଆହତ ସମସ୍ୟା ଯୋଗୁ ସେ ଏଭଳି ଚିନ୍ତା କରୁଥିବା କହିଛନ୍ତି। ମୋର୍ଗାନଙ୍କ ନେତୃତ୍ୱରେ ଇଂଲଣ୍ଡ ଗତ ମାସରେ ସଂଘର୍ଷପୂର୍ଣ୍ଣ ଫାଇନାଲରେ ନ୍ୟୁଜିଲାଣ୍ଡକୁ ହରାଇ ବିଶ୍ୱକପ୍ ଜିତି ଇତିହାସ ସୃଷ୍ଟି କରିଥିଲା। ଏହି ମେଗା ଇଭେଣ୍ଟ ପରେ ସେ ମିଡ୍‌ଲଏକ୍ସ ପାଇଁ ୪ ଟି୨୦ ମ୍ୟାଚ୍ ଖେଳିଥିଲେ। ହେଲେ ଅଣ୍ଟା ସମସ୍ୟା ଯୋଗୁ ସସେକ୍ସ ବିପକ୍ଷ ମ୍ୟାଚ୍‌ରୁ ତାଙ୍କୁ ଓହରିବାକୁ ପଡ଼ିଥିଲା। ବିଶ୍ୱକପ୍‌ରେ ୱେଷ୍ଟଇଣ୍ଡିଜ ବିପକ୍ଷ ଗ୍ରୁପ ପର୍ଯ୍ୟାୟ ମ୍ୟାଚ୍‌ରେ ସେ ଆହତ ହୋଇଥିଲେ। ହେଲେ ଯଥେଷ୍ଟ ସମୟ ପୂର୍ବରୁ ଫିଟ୍ ହୋଇ ଆଫଗାନିସ୍ତାନ ବିପକ୍ଷ ମୁକାବିଲାରେ ୭୧ ବଲରୁ ୧୪୮ ରନ୍‌ର ବିସ୍ଫୋରକ ଇନିଂସ ଖେଳିଥିଲେ। ବିବିସିକୁ ଏକ ସାକ୍ଷାତ୍‌କାର ଦେଇ ମୋର୍ଗାନ କହିଛନ୍ତି, ଏହା ଶାରୀରିକ ସମସ୍ୟା। ମୋତେ ଫିଟ୍ ହେବା ପାଇଁ ସମୟ ଲାଗିବ। ମୁଁ ଅଧିନାୟକ ଭାର ନେବାକୁ ଚାହେଁ କିନ୍ତୁ ମୋତେ ପ୍ରଥମେ ମୋ ଶରୀର କଥା ଚିନ୍ତା କରିବାକୁ ପଡ଼ିବ। ଏଥିଯୋଗୁ ନେତୃତ୍ୱ ଛାଡ଼ିବା ପାଇଁ ମୁଁ ଚିନ୍ତା କରୁଛି। ନିଷ୍ପତ୍ତି ନେବା ପାଇଁ ମୋତେ ଆହୁରି ସମୟ ଦରକାର। କାରଣ ଏହା ଏକ ବଡ଼ ନିଷ୍ପତ୍ତି।

### ଡୋମିଙ୍ଗୋ ବାଂଲାଦେଶର ନୂଆ କ୍ରିକେଟ କୋଚ୍



**ଢାକା, ୧୭।୮ (ଏଏଫ୍‌ପି):** ଦକ୍ଷିଣ ଆଫ୍ରିକାର ରସେଲ ଡୋମିଙ୍ଗୋ ବାଂଲାଦେଶ କ୍ରିକେଟ ଦଳର ମୁଖ୍ୟ କୋଚ୍ ଭାବେ ମନୋନୀତ ହୋଇଛନ୍ତି। ପୂର୍ବରୁ ଏହି ପଦବୀରେ ଇଂଲଣ୍ଡର ଷ୍ଟିଭ୍ ରୋଡ୍‌ସ କାର୍ଯ୍ୟକରୁଥିଲେ। ବାଂଲାଦେଶ କ୍ରିକେଟ ବୋର୍ଡ (ବିସିବି) ଶନିବାର ଏହି ସୂଚନା ଦେଇଛି। ୪୪ବର୍ଷୀୟ ଡୋମିଙ୍ଗୋ ବିସିବି ସହିତ ଦୁଇ ବର୍ଷିଆ ଚୁକ୍ତି କରିଛନ୍ତି। ସେ ବୁଧବାର ଆସି ଦାୟିତ୍ୱ ଗ୍ରହଣ କରିବେ ବୋଲି ଆଶା କରାଯାଉଛି। ଡୋମିଙ୍ଗୋଙ୍କ ପ୍ରଚୁର ଅଭିଜ୍ଞତା ରହିଛି। ଆମେ ଖେଳପ୍ରତି ତାଙ୍କ ଆବେଗ ଏବଂ କୋଚିଂ ଫିଲୋଶଫିରେ ଖୁବ୍ ପ୍ରଭାବିତ ବୋଲି ବିସିବି ସଭାପତି ନାଜମୁଲ ହସନ କହିଛନ୍ତି। ସେପ୍ଟେମ୍ବରରେ ବାଂଲାଦେଶ ଆଫଗାନିସ୍ତାନ ବିପକ୍ଷରେ ଏକ ଟେଷ୍ଟ ସିରିଜ ଏବଂ ଭ୍ରମଣକାରୀ ଦଳ ଓ ଜିମ୍ବାୱେକୁ ନେଇ ଆୟୋଜିତ ଏକ ତ୍ରିରାଷ୍ଟ୍ରୀୟରେ ଭାଗ ନେବ। ଗତ ଆଇସିସି ବିଶ୍ୱକପ୍‌ରେ ବାଂଲାଦେଶ ଦଳ ୮ମ ସ୍ଥାନରେ ରହିବା ପରେ ବିସିବି ରୋଡ୍‌ସଙ୍କଠାରୁ ଦୂରଇ ଯାଇଥିଲା। ଏହାପରଠାରୁ ଜଣେ ନୂଆ କୋଚ୍ ସନ୍ଧାନରେ ଥିଲା।





ଜୋଫ୍ରା ଆର୍ଚରଙ୍କ ବାଉନ୍ସର ଷ୍ଟିଭ୍ ସ୍ମିଥ୍‌ଙ୍କ ବେକରେ ବାଜିବା ପରେ ଆଘାତପ୍ରାପ୍ତ ହୋଇ ତଳେ ପଡ଼ିଯାଇଛନ୍ତି।

# ଇଂଲଣ୍ଡ ପ୍ରଥମ ଇନିଂସ ଅଗ୍ରଣୀ

ଲଣ୍ଡନ,୧୭।୮ (ଏଏଫ୍‌ପି)

ଚଳିତ ଆଶେସ ସିରିଜରେ ଅଷ୍ଟ୍ରେଲିଆର ଷ୍ଟାର ବ୍ୟାଟ୍ସମ୍ୟାନ ଷ୍ଟିଭ ସ୍ମିଥ୍ ପ୍ରଭାବୀ ପ୍ରଦର୍ଶନ ଜାରି ରଖିଛନ୍ତି। ସ୍ଥାନୀୟ ଲର୍ଡ୍ସଠାରେ ଚାଲିଥିବା ଦ୍ୱିତୀୟ ଟେଷ୍ଟ ମ୍ୟାଚରେ ସେ ୯୨ ରନ (୧୬୧ ବଲ୍, ୧୪ ଚୌକା) କରି ଅଳ୍ପକେ ଶତକରୁ ବଞ୍ଚିତ ହୋଇଛନ୍ତି। ସ୍ମିଥ୍‌ଙ୍କ ଯୋଗୁ ଇଂଲଣ୍ଡର ପ୍ରଥମ ଇନିଂସ ସ୍କୋର ୨୫୮ ରନ ଜବାବରେ ଅଷ୍ଟ୍ରେଲିଆ ସମସ୍ତ ଉଇକେଟ ହରାଇ ୨୫୦ରନ କରିବାରେ ସମର୍ଥ ହୋଇଛି। ଆଶେସରେ କ୍ରମାଗତ ୭ଥର ୫୦ କିମ୍ବା ତାଠାରୁ ଅଧିକ ରନ ସଂଗ୍ରହ କରିବାରେ ସ୍ମିଥ୍ ପ୍ରଥମ ବ୍ୟାଟ୍ସମ୍ୟାନ ହେବାର ଗୌରବ ଅର୍ଜନ କରିଛନ୍ତି। ବର୍ଷାଯୋଗୁ ବୁଧବାର ମ୍ୟାଚର ପ୍ରଥମ ଦିବସ ଖେଳ ଆଦୌ ସମ୍ଭବ ହୋଇ ନ ଥିଲା। ପୁନଶ୍ଚ ଶୁକ୍ରବାର ମଧ୍ୟାହ୍ନଭୋଜନ ପରେ ଖେଳ ହୋଇପାରି ନ ଥିଲା। ରବିବାର ଅନ୍ତିମ ଦିବସ ଥିବାରୁ ମ୍ୟାଚ ଡ୍ର ଅଭିମୁଖେ ଅଗ୍ରସର ହେଉଛି। ଶନିବାର ଅଷ୍ଟ୍ରେଲିଆ ପୂର୍ବଦିନର ଅସମାପ୍ତ ସ୍କୋର ୮୦/୪ରୁ ଖେଳ ଆରମ୍ଭ କରିଥିଲା। ସ୍ମିଥ ଏବଂ ମାଥ୍ୟୁ ୱେଡ୍ ଯଥାକ୍ରମେ ୧୩ ଓ ବିନା କୌଣସି ରନରେ ଅପରାଜିତ ଥିଲେ। ଉଭୟେ ୫ମ ଉଇକେଟ ଯୋଡ଼ିରେ ୨୧ ରନ ଯୋଗ କରିପାରିଥିଲେ। ୱେଡ୍ ମାତ୍ର ୬ ରନ କରି ଷ୍ଟୁଆର୍ଟ ବ୍ରଡ୍‌ଙ୍କ ବଲ୍‌ରେ ରୋରି ବର୍ନ୍ସଙ୍କ ଦ୍ୱାରା କ୍ୟାଚ ଆଉଟ ହୋଇଯାଇଥିଲେ। ସ୍ମିଥ୍ କ୍ରିସ୍ ଓକ୍ସଙ୍କ ବଲ୍‌ରେ ଏଲବିଡବ୍ଲ୍ୟୁ ହୋଇ ପ୍ୟାଭିଲିୟନ ଫେରିବା ପୂର୍ବରୁ ଟିମ୍ ପେନ୍ (୨୪) ଏବଂ ପ୍ୟାଟ୍ କୁମିନ୍ସ (୨୦)ଙ୍କ ସହିତ ଯଥାକ୍ରମେ ୬୦ ଏବଂ ୪୬ ରନର ଭାଗୀଦାରି କରିଥିଲେ। ପିଟର ସିଡଲ ୯ ଏବଂ ନାଥାନ ଲିଅନ ୬ ରନ କରି ଆଉଟ ହୋଇଥିବା ବେଳେ ଜୋସ୍ ହାଜଲେଉଡ୍ ୩ ରନ କରି ଅପରାଜିତ ରହିଥିଲେ। ଇଂଲଣ୍ଡ ପକ୍ଷରୁ ସବୁଠାରୁ ସଫଳ ବୋଲର ଭାବେ ଷ୍ଟୁଆର୍ଟ ବ୍ରଡ ୬୫ ରନ ବିନିମୟରେ ୪ଟି ଉଇକେଟ ନେଇଥିବାବେଳେ କ୍ରିସ୍ ଓକ୍ସ ୩ ଏବଂ ଜୋଫ୍ରା ଆର୍ଚର ୨ ଉଇକେଟ ସଫଳତା ପାଇଥିଲେ।

**ସଂକ୍ଷିପ୍ତ ସ୍କୋର**

- ଇଂଲଣ୍ଡ ପ୍ରଥମ ଇନିଂସ: ୨୫୮
- ଅଷ୍ଟ୍ରେଲିଆ ପ୍ରଥମ ଇନିଂସ: ୨୫୦ (ଷ୍ଟିଭ୍ ସ୍ମିଥ୍-୯୨, ଉସ୍‌ମାନ ଖ୍ୱାଜା-୩୬, ଟିମ୍ ପେନ୍-୨୪, ଷ୍ଟୁଆର୍ଟ ବ୍ରଡ୍-୪/୬୫, କ୍ରିସ୍ ଓକ୍ସ-୩/୬୧, ଜୋଫ୍ରା ଆର୍ଚର-୨/୫୯)।

ଟିମ୍ ଇଣ୍ଡିଆ ସହାୟକ କର୍ମଚାରୀ ଚୟନ

# ସିଏସି ସାମିଲ ହୋଇପାରିବନି

**ନୂଆଦିଲ୍ଲୀ, ୧୭।୮(ପି.ଟି.):** ଭାରତୀୟ ଦଳ କ୍ରିକେଟ ଦଳ ପାଇଁ ସହାୟକ କର୍ମଚାରୀ ଚୟନ ପ୍ରକ୍ରିୟାରେ କପିଳ ଦେବଙ୍କ ନେତୃତ୍ୱାଧୀନ କ୍ରିକେଟ ଉପଦେଷ୍ଟା କମିଟି(ସିଏସି) ସାମିଲ ହୋଇପାରିବ ନାହିଁ। କାରଣ ଏଥିଲାଗି ଭାରତୀୟ କ୍ରିକେଟ କଣ୍ଟ୍ରୋଲ ବୋର୍ଡ (ବିସିସିଆଇ)କୁ ଏହାର ସମ୍ବିଧାନ ସଂଶୋଧନ କରିବାକୁ ପଡ଼ିବ। ମୁଖ୍ୟ କୋଚ୍ ରବି ଶାସ୍ତ୍ରୀଙ୍କ କୋଚିଂ ଟିମ୍ ଲାଗି ସୋମବାର ସାକ୍ଷାତ୍‌କାର ଅନୁଷ୍ଠିତ ହେବ। ଏମ୍‌ଏସ୍‌କେ ପ୍ରସାଦଙ୍କ ଅଧ୍ୟକ୍ଷତାରେ ଜାତୀୟ ଚୟନ କମିଟି ବ୍ୟାଟିଂ, ବୋଲିଂ ଏବଂ ଫିଲ୍ଡିଂ କୋଚ୍ ମନୋନୟନ କରିବ। ଏହାଛଡ଼ା ପ୍ରଶାସନିକ ମ୍ୟାନେଜର ପଦବୀ ପାଇଁ ମଧ୍ୟ ସାକ୍ଷାତ୍‌କାର ହେବ। କପିଳ ଦେବ ଏବଂ ସିଏସିର ଅନ୍ୟ ଦୁଇ ସଦସ୍ୟ ଅଂଶୁମାନ ଗାଏକ୍ୱାଡ ଏବଂ ଶାନ୍ତା ରଙ୍ଗାସ୍ୱାମୀ ଗତ ଶୁକ୍ରବାର ଶାସ୍ତ୍ରୀଙ୍କୁ ଦ୍ୱିତୀୟ ଥର ପାଇଁ ଭାରତୀୟ କ୍ରିକେଟ ଦଳର ମୁଖ୍ୟ କୋଚ୍ ଭାବେ ବାଛିଛନ୍ତି। ସେମାନେ ସହାୟକ କର୍ମଚାରୀ ଚୟନ ପ୍ରକ୍ରିୟାରେ ସାମିଲ ହେବାଲାଗି ଆଗ୍ରହ ପ୍ରକାଶ କରିଥିଲେ। ନିଜ ନାମକୁ ଗୋପନ ରଖିବାଲାଗି ସର୍ତ୍ତ ରଖି ବିସିସିଆଇର ଜଣେ ସିନିୟର କର୍ମକର୍ତ୍ତା କହିଛନ୍ତି, ସମ୍ବିଧାନ ସଂଶୋଧନ ପାଇଁ ଆଉ ସମୟ ନାହିଁ। କାରଣ ଶନିବାର ଓ ରବିବାର କାର୍ଯ୍ୟାଳୟ ବନ୍ଦ ରହୁଥିବାବେଳେ ସୋମବାର ସକାଳ ୧୦ଟାରୁ ସାକ୍ଷାତ୍‌କାର ଆରମ୍ଭ ହେବାର କାର୍ଯ୍ୟକ୍ରମ ରହିଛି। ସମ୍ବିଧାନ ସଂଶୋଧନ ଲାଗି ଲିଗାଲ ଟିମ୍‌ର ସହାୟତା ନେବାକୁ ପଡ଼ିବ ବେଲି ସେ କହିଛନ୍ତି।

# ଶାସ୍ତ୍ରୀଙ୍କ ସ୍ୱତନ୍ତ୍ର ଅନୁରୋଧ



**ମୁମ୍ବାଇ,୧୭।୮:** ପୂର୍ବତନ ଭାରତୀୟ କ୍ରିକେଟର ରବି ଶାସ୍ତ୍ରୀଙ୍କୁ ପୁଣି ଥରେ ଭାରତୀୟ ଦଳର ମୁଖ୍ୟ କୋଚ୍ ଭାବେ ନିଯୁକ୍ତ କରାଯାଇଛି। ତାଙ୍କୁ ୨୦୨୧ ଟି୨୦ ବିଶ୍ୱକପ୍ ପର୍ଯ୍ୟନ୍ତ ଦଳର ଦାୟିତ୍ୱ ଦିଆଯାଇଛି। ୩ ଜଣିଆ କ୍ରିକେଟ ଉପଦେଷ୍ଟା କମିଟି (ସିଏସି) ସାକ୍ଷାତ୍‌କାର ବେଳେ ଶାସ୍ତ୍ରୀ ଏକ ସ୍ୱତନ୍ତ୍ର ଅନୁରୋଧ କରିଥିଲେ। ବର୍ତ୍ତମାନ ନିୟମ ଅନୁଯାୟୀ ଚୟନ କମିଟି ସହ କେବଳ ଅଧିନାୟକ ଖେଳାଳି ଚୟନ କରିପାରିବେ। ଏଥିରେ ପରିବର୍ତ୍ତନ କରାଯାଇ ଉଭୟ କୋଚ୍ ଓ ଅଧିନାୟକଙ୍କୁ ଉପସ୍ଥିତ ରହିବାକୁ ଅଧିକାର ଦିଆଯିବା ପାଇଁ ସେ ଅନୁରୋଧ କରିଥିବା ଜଣେ ସିଏସି ସଦସ୍ୟ କହିଛନ୍ତି। କୋଚ୍‌ଙ୍କୁ ଖେଳାଳି ଚୟନ ପ୍ରକ୍ରିୟାରୁ ଦୂରେଇ ରଖାଯିବା ଯୋଗୁ ଭାରତୀୟ ମଧ୍ୟକ୍ରମ ବ୍ୟାଟ୍ସମ୍ୟାନମାନେ ବିଫଳ ହୋଇଥିଲେ ;ଯାହାକି ନ୍ୟୁଜିଲାଣ୍ଡ ବିପକ୍ଷ ଆଇସିସି ବିଶ୍ୱକପ୍ ସେମିଫାଇନାଲରେ ଭାରତୀୟ ଦଳର ପରାଜୟର କାରଣ। ସେ ଚୟନ ପ୍ରକ୍ରିୟାରୁ ଦୂରେଇ ରହିବାରୁ ଦଳୀୟ ମ୍ୟାନେଜମେଣ୍ଟକୁ ମିଡ୍‌ଲ ଅର୍ଡରରେ ଯେଉଁ ଖେଳାଳି ଦରକାର ଥିଲେ, ସେମାନେ ମିଳି ନ ଥିଲେ।

# ବୋଲ୍ଟଙ୍କ ହେଲ୍‌ମେଟ୍‌ରେ ବଲ

**ଗାଲେ,୧୭।୮:** ଏଠାରେ ନ୍ୟୁଜିଲାଣ୍ଡ ଓ ଶ୍ରୀଲଙ୍କା ମଧ୍ୟରେ ଚାଲିଥିବା ପ୍ରଥମ ଟେଷ୍ଟ ମ୍ୟାଚ୍‌ରେ ଏକ କୌତୁହଳପୂର୍ଣ୍ଣ ଘଟଣା ଘଟିଛି। ଦ୍ୱିତୀୟ ଇନିଂସରେ ନ୍ୟୁଜିଲାଣ୍ଡ ଦଳ ବ୍ୟାଟିଂ କରୁଥିବାବେଳେ ୮୨ତମ ଓଭରରେ ଘରୋଇ ଅଫ୍ ସ୍ପିନର ଲସିଥ ଏମ୍‌ବୁଡେନିୟାଙ୍କ ବଲକୁ ଟ୍ରେଣ୍ଟ ବୋଲ୍ଟ ସୁଇପ ଶଟ୍ ଖେଳିଥିଲେ। ହେଲେ ବଲ ବ୍ୟାଟର ଟପ୍ ଏଜ୍ ଦେଇ ସିଧା ତାଙ୍କ ହେଲ୍‌ମେଟ୍‌ରେ ଅଟକିଯାଇଥିଲା। କିଛି ସମୟ ପାଇଁ ଘରୋଇ ଫିଲ୍ଡରମାନେ ବଲ ଖୋଜିଥିଲେ। ଏହାପରେ ଘରୋଇ ଫିଲ୍ଡରମାନେ ଜାଣିବା ପରେ ବୋଲ୍ଟଙ୍କ ହେଲ୍‌ମେଟ୍‌ରୁ ବଲ କାଢ଼ିଥିଲେ। ବୋଲ୍ଟଙ୍କ ମେଡିକାଲ ଯାଞ୍ଚ ପରେ ପୁଣି ଖେଳି ଆରମ୍ଭ ହୋଇଥିଲା। ଏହି ମଜାଦାର ଘଟଣା ଉପରେ ଅନ୍ତର୍ଜାତୀୟ କ୍ରିକେଟ ପରିଷଦ (ଆଇସିସି) ମଧ୍ୟ ଟୁଇଟ୍ କରି ‘କଟ୍ ଆଉ ବୋଲ୍ଟ’ ବୋଲି କ୍ୟାପଶନରେ ଦେଇଛି। ଜଣେ ପ୍ରଶଂସକ ଏହି ଘଟଣା ଉପରେ କମେଣ୍ଟ କରି ଲେଖିଛନ୍ତି, ବୋଲ୍ଟ ତୁମ ହେଲ୍‌ମେଟ୍‌ରେ ବଲ ଲାଗିଛି। ସେଓ ନୁହେଁ। ଏହାକୁ ଖାଅ ନାହିଁ।





# ସିନ୍‌ସିନାଟି ମାଷ୍ଟର୍ସ ସେମିରେ ବାର୍ଟି

ସିନ୍‌ସିନାଟି,୧୭।୮

ଟପ୍ ସିଡ୍ ଆଶ୍‌ଲେ ବାର୍ଟି ଏଠାରେ ଚାଲିଥିବା ସିନ୍‌ସିନାଟି ମାଷ୍ଟର୍ସ ଟୁର୍ନାମେଣ୍ଟର ସେମିଫାଇନାଲରେ ପ୍ରବେଶ କରିଛନ୍ତି। ସେ ଗ୍ରୀସ୍‌ର ମାରିଆ ସାକାରିଙ୍କୁ ହରାଇଛନ୍ତି। ଅଷ୍ଟ୍ରେଲିଆନ ଖେଳାଳି ପ୍ରଥମ ସେଟ୍‌ରେ ୫-୭ ବ୍ୟବଧାନରେ ହାରିବା ପରେ କ୍ରମାଗତ ଦ୍ୱିତୀୟ ଓ ତୃତୀୟ ସେଟ୍‌କୁ ୬-୨, ୬-୦ରେ ଜିତି ପରବର୍ତ୍ତୀ ରାଉଣ୍ଡରେ ପ୍ରବେଶ କରିଛନ୍ତି। ସେ ଅନ୍ତିମ ୪ ରାଉଣ୍ଡ ମୁକାବିଲାରେ ଚେକ୍ ଗଣତନ୍ତ୍ରର କାରୋଲିନା ପ୍ଲିସ୍କୋଭା ଓ ରୁଷିଆର ସ୍ୱେତଲାନା କୁଜନେତ୍ସୋଭାଙ୍କ ମଧ୍ୟରେ ଖେଳାଯିବାକୁ କ୍ୱାର୍ଟର ଫାଇନାଲ ମ୍ୟାଚ୍‌ର ବିଜେତାଙ୍କୁ ଭେଟିବେ।



ବ୍ରାଏନ୍ ଲାରାଙ୍କ ଘରେ ରାତ୍ରିଭୋଜନ ଅବସରରେ ଡ୍ୱେନ୍ ବ୍ରାଭୋଙ୍କ ସହ ଭାରତୀୟ କ୍ରିକେଟର।

# ଲାରାଙ୍କ ଘରେ ଭାରତୀୟ ଦଳର ରାତ୍ରିଭୋଜନ

ତ୍ରିନିଦାଦ୍ ଆଣ୍ଡ ଟବାଗୋ,୧୭।୮

ୱେଷ୍ଟଇଣ୍ଡିଜ ବିପକ୍ଷ ଦିନିକିଆ ସିରିଜ୍ ଶେଷହେବା ପରେ ଆଗାମୀ ଟେଷ୍ଟ ସିରିଜ ପୂର୍ବରୁ ଭାରତୀୟ କ୍ରିକେଟରମାନେ ବିରତି ନେଇଛନ୍ତି। ରୋହିତ ଶର୍ମା, ଶିଖର ଧାୱନ, ଲୋକେଶ ରାହୁଲ, ମୟଙ୍କ ଅଗ୍ରୱାଲ, ରବୀନ୍ଦ୍ର ଜାଡେଜା, କେଦାର ଯାଦବ ଓ ୟୁଜବେନ୍ଦ୍ର ଚହଲଙ୍କ ଭଳି ତାରକା ଖେଳାଳିମାନେ କିମ୍ବଦନ୍ତୀ ୱେଷ୍ଟଇଣ୍ଡିଜ ବ୍ୟାଟ୍ସମ୍ୟାନ ବ୍ରାଏନ ଲାରାଙ୍କ ବାସଭବନରେ ରାତ୍ରିଭୋଜନ କରିଛନ୍ତି। ବିଶ୍ୱର ବିଭିନ୍ନ ଦେଶରେ ଟି୨୦ ଲିଗ୍ ଖେଳୁଥିବା ଡ୍ୱେନ ବ୍ରାଭୋ ଭାରତୀୟ ଖେଳାଳିଙ୍କ ଫଟୋ ଇନ୍‌ଷ୍ଟାଗ୍ରାମରେ ଶେୟାରକରି ଏହାର ସୂଚନା ଦେଇଛନ୍ତି। ସେ ଏହାର କ୍ୟାପଶନରେ ଲେଖିଛନ୍ତି, ଘରେ ରାତ୍ରିଭୋଜନ ଆୟୋଜନ କରିବା ଲାଗି ଲାରାଙ୍କୁ ଧନ୍ୟବାଦ। ମୋ ସାଥୀ ଖେଳାଳି ଓ ଭାରତୀୟ ଭାଇଙ୍କ ସହ ସମୟ ବିତାଇବାକୁ ମୁଁ ଭଲ ପାଏ। ଏହି ଅବସରରେ ସୁନୀଲ ନାରିନ, କ୍ରିସ୍ ଗେଲ୍ ଓ କିରନ ପୋଲାର୍ଡ ମଧ୍ୟ ଉପସ୍ଥିତ ଥିଲେ। ଭାରତୀୟ ଦଳ ଆସନ୍ତା ୨୨ ତାରିଖରୁ ୱେଷ୍ଟଇଣ୍ଡିଜ ବିପକ୍ଷରେ ବିଶ୍ୱ ଟେଷ୍ଟ ଚାମ୍ପିୟନଶିପ ଅଭିଯାନ ଆରମ୍ଭ କରିବ।

# ଶ୍ରୀଲଙ୍କା ବିଜୟ ନିକଟତର

ଗାଲେ,୧୭।୮ (ପି.ଟି.)

ସ୍ଥାନୀୟ ଗାଲେ ଅନ୍ତର୍ଜାତୀୟ ଷ୍ଟାଡିୟମରେ ଶ୍ରୀଲଙ୍କା ଓ ଭ୍ରମଣକାରୀ ନ୍ୟୁଜିଲାଣ୍ଡ ମଧ୍ୟରେ ଚାଲିଥିବା ପ୍ରଥମ ଟେଷ୍ଟ ମ୍ୟାଚ ରୋମାଞ୍ଚକ ମୋଡରେ ପହଞ୍ଚିଛି। ତେବେ ଶ୍ରୀଲଙ୍କା ଦମ୍‌ଦାର ବ୍ୟାଟିଂ କରି ସୁବିଧାଜନକ ସ୍ଥିତିରେ ପହଞ୍ଚିଛି। ଟସ୍ ଜିତି ନ୍ୟୁଜିଲାଣ୍ଡ ପ୍ରଥମ ଇନିଂସରେ ୨୪୯ ରନ କରି ଅଲଆଉଟ ହୋଇଥିଲା। ଜବାବରେ ଶ୍ରୀଲଙ୍କା ପ୍ରଥମ ଇନିଂସ ଆରମ୍ଭ କରି ୯୩.୨ ଓଭରରେ ୨୬୭ ରନ କରି ଅଲଆଉଟ ହେବା ସହ ୧୮ ରନର ଅଗ୍ରଣୀ ହାସଲ କରିଥିଲା। ନ୍ୟୁଜିଲାଣ୍ଡ ଦ୍ୱିତୀୟ ଇନିଂସ ଆରମ୍ଭ କରି ଶନିବାର ଚତୁର୍ଥ ଦିନରେ ୧୦୬ ଓଭରରେ ୨୮୫ ରନ କରି ଅଲଆଉଟ ହୋଇଥିଲା। ଫଳରେ ଶ୍ରୀଲଙ୍କା ସମ୍ମୁଖୀରେ ୨୬୮ ରନର ବିଜୟ ଲକ୍ଷ୍ୟ ଧାର୍ଯ୍ୟ ହୋଇଥିଲା।

ଜବାବରେ ଦ୍ୱିତୀୟ ଇନିଂସ ଆରମ୍ଭ କରି ଶ୍ରୀଲଙ୍କା ଚତୁର୍ଥ ଦିନ ଖେଳ ଶେଷ ସୁଦ୍ଧା ୫୦ ଓଭରରେ କୌଣସି ଉଇକେଟ ନ ହରାଇ ୧୩୩ ରନ କରି ବିଜୟର ନିକଟତର ହୋଇଛି। ମ୍ୟାଚ୍ ଆଉ ଗୋଟିଏ ଦିନ ବାକିଥିବା ବେଳେ ଶ୍ରୀଲଙ୍କା ଏବେ ବିଜୟ ପାଇଁ ୧୦ ଉଇକେଟ ହାତରେ ରଖି ୧୩୫ ରନ ଆବଶ୍ୟକ କରୁଛି। ଦୁଇ ଓପନର ଦିମୁଥ କରୁଣାରତ୍ନେ ଓ ଲାହିରୁ ଥିରିମାନେ ଦମ୍‌ଦାର ବ୍ୟାଟିଂ ପ୍ରଦର୍ଶନ କରିଛନ୍ତି। ଷ୍ଟମ୍ପ ଅପସାରଣ ବେଳକୁ କରୁଣାରତ୍ନେ ୭୧ ଓ ଥିରିମାନେ ୫୭ ରନ କରି ଅପରାଜିତ ରହିଛନ୍ତି। ଓପନିଂ ଯୋଡିରେ ଏହି ଦୁଇ ବ୍ୟାଟ୍ସମ୍ୟାନ ନ୍ୟୁଜିଲାଣ୍ଡ ବୋଲରଙ୍କ ସଫଳ ମୁକାବିଲା କରି ୧୩୩ ରନ ସଂଗ୍ରହ କରିଛନ୍ତି।

ଅସମାପ୍ତ ଦ୍ୱିତୀୟ ଇନିଂସ ସ୍କୋର ୧୯୫/୭ରୁ ନ୍ୟୁଜିଲାଣ୍ଡ ଖେଳ ଆରମ୍ଭ କରି ଅଲଆଉଟ୍ ହୋଇଥିଲା। ଓଭରନାଇଟ ବ୍ୟାଟ୍ସମ୍ୟାନ ବିଜେ ୱାଟଲିଂ ୬୩ରୁ ଖେଳ ଆରମ୍ଭ କରି ୭୭ ରନ କରି ଆଉଟ ହୋଇଥିବା ବେଳେ ୱିଲିୟମ ସମରଭିଲେ ୫ ରନରୁ ଖେଳ ଆରମ୍ଭ କରି ୪୦ ରନ କରି ଶେଷ ପର୍ଯ୍ୟନ୍ତ ଅପରାଜିତ ରହିଥିଲେ। ସେହିପରି ଟ୍ରେଣ୍ଟ ବୋଲ୍ଟ ୨୬ ଓ ଅଜାଜ ପଟେଲ ୧୪ ରନ କରି ପ୍ୟାଭିଲିୟନ ଫେରିଥିଲେ। ଅଷ୍ଟମ ଉଇକେଟ ଯୋଡିରେ ୱାଟିଲିଂ ଓ ସମରଭିଲେ ୪୬ ରନ ସଂଗ୍ରହ କରିଥିଲେ। ବୋଲିଂରେ ଶ୍ରୀଲଙ୍କା ତରଫରୁ ବାମହାତୀ ଅର୍ଥୋଡକ୍ସ ବୋଲର ଲାସିଥ ଏମ୍ବୁଲଡେନିୟା ସର୍ବାଧିକ ୪, ଧନଞ୍ଜୟ ଡିସିଲଭା ୩, ଲାହିରୁ କୁମାରା ୨ ଓ ଅକିଳ ଦନଞ୍ଜୟ ଗୋଟିଏ ଉଇକେଟ ଅକ୍ତିଆର କରିଥିଲେ।



ଦିମୁଥ କରୁଣାରତ୍ନେ

**ସଂକ୍ଷିପ୍ତ ସ୍କୋର**

- ନ୍ୟୁଜିଲାଣ୍ଡ ପ୍ରଥମ ଇନିଂସ- ୨୪୯ ଅଲଆଉଟ।
- ଶ୍ରୀଲଙ୍କା ପ୍ରଥମ ଇନିଂସ- ୨୬୭ ଅଲଆଉଟ।
- ନ୍ୟୁଜିଲାଣ୍ଡ ଦ୍ୱିତୀୟ ଇନିଂସ- ୧୦୬ ଓଭରରେ ୨୮୫ ଅଲଆଉଟ (ୱାଟଲିଂ- ୭୭, ଲଥାମ- ୪୫, ସମରଭିଲେ- ୪୦*, ଏମ୍ବୁଲଡେନିୟା- ୪/୯୯, ଡିସିଲଭା- ୩/୨୫, ଲାହିରୁ- ୨/୩୧ )
- ଶ୍ରୀଲଙ୍କା ଦ୍ୱିତୀୟ ଇନିଂସ- ୫୦ ଓଭରରେ ୧୩୩/୦ (କରୁଣାରତ୍ନେ- ୭୧*, ଥିରିମାନେ- ୫୭*,)

# ଫେରିଲେ ଧୋନୀ



ଲେହ ବିମାନ ବନ୍ଦରରେ ମହେନ୍ଦ୍ର ସିଂ ଧୋନୀ।

**ନୂଆଦିଲ୍ଲୀ, ୧୭।୮:** ଲ୍ୟୁଟନାଣ୍ଟ କଲୋନେଲ ମହେନ୍ଦ୍ର ସିଂ ଧୋନୀ ଜମ୍ମୁ-କଶ୍ମୀରରେ ୨ ସପ୍ତାହ ଧରି ଆର୍ମି ଯବାନଙ୍କ ସହ ଟ୍ରେନିଂ ଓ ଡ୍ୟୁଟି କରିବା ପରେ ନୂଆଦିଲ୍ଲୀ ଫେରିଛନ୍ତି। ବିଶ୍ୱକପ୍ ବିଜୟୀ ଅଧିନାୟକଙ୍କୁ ଶନିବାର ଲେ’ ବିମାରବନ୍ଦରଠାରେ ଦେଖାଯାଇଛି। ସେ ୧୦୬ ବାଟାଲିଅନ (ପାରା)ରେ ଜୁଲାଇ ୩୦ ତାରିଖରେ ଯୋଗଦେଇଥିଲେ। ବାଟାଲିଅନର ଅନ୍ୟ ଯବାନଙ୍କ ସହ ଧୋନୀ ୨ ସପ୍ତାହ ଧରି ବନ୍ଧୁକ ଚଲାଇବା ଟ୍ରେନିଂ ନେଇଥିଲେ। ଏଥିସହ ଭେଟେରାନ ଉଇକେଟକିପର ବ୍ୟାଟ୍ସମ୍ୟାନ ପାଟ୍ରୋଲିଂ, ଗାର୍ଡ ଓ ପୋଷ୍ଟ ଡ୍ୟୁଟି ମଧ୍ୟ କରିଥିଲେ। ସେ ଗତ ୧୫ ତାରିଖରେ ଦେଶର ୭୩ତମ ସ୍ୱାଧୀନତା ଦିବସ ପାଳନ କରିବା ଲାଗି ନୂଆ କେନ୍ଦ୍ରଶାସିତ ଅଞ୍ଚଳ ଲଦାଖ ଯାଇଥିଲେ। ସେଠାରେ ସେ ଆର୍ମି ମେଡିକାଲରେ ଯବାନଙ୍କ ସହ ସମୟ ବିତାଇଥିଲେ। ଏହାପରେ ସିଆଚେନରେ ଶହୀଦ ଯବାନଙ୍କୁ ଶ୍ରଦ୍ଧାଞ୍ଜଳି ଦେଇଥିଲେ। ଉଲ୍ଲେଖଥାଉ କି, ବିଶ୍ୱକପ୍‌ରୁ ଭାରତୀୟ ଦଳ ଫେରିବା ପରେ ଧୋନୀ କ୍ରିକେଟରୁ ବିଶ୍ରାମ ନେବାକୁ ଧାର୍ଯ୍ୟ କରିଥିଲେ। ବିଶ୍ୱକପ୍ ପରଠାରୁ ତାଙ୍କ କ୍ରିକେଟ ଭବିଷ୍ୟତକୁ ନେଇ ଲାଗି ରହିଥିବା ଅନିଶ୍ଚିତତା ଏବେ ପର୍ଯ୍ୟନ୍ତ ଜାରି ରହିଛି।

“ଚେଲ୍‌ସିର ମ୍ୟାନେଜର ଭାବେ ଆଗକୁ ନିଜ ମାଟିରେ ଖେଳାଯିବାକୁଥିବା ଲିସେଷ୍ଟର ବିପକ୍ଷ ମ୍ୟାଚରେ ବିଜୟ ବର୍ତ୍ତମାନ ମୋର ମୂଳ ଲକ୍ଷ୍ୟ ରହିଛି ।

–ଫ୍ରାଙ୍କ୍ ଲାମ୍ପାର୍ଡ, ପୂର୍ବତନ ଫୁଟବଲ ଖେଳାଳି



“ଫର୍ମରେ ଥିବା ରହିମ ଷ୍ଟର୍ଲିଂ ଏହି ସିଜନରେ ତାଙ୍କ କ୍ୟାରିୟରରେ ପ୍ରଥମ ଥର ୩୦ରୁ ଅଧିକ ଗୋଲ ସ୍କୋର କରିବେ ବୋଲି ମୋର ଆଶା ।

–ପେପ୍ ଗାର୍ଡିଓଲା, ମାଞ୍ଚେଷ୍ଟର ସିଟି ଟିମ୍ ମ୍ୟାନେଜର



# ରାଜ୍ୟର ଗୌରବ ପ୍ରମୋଦ



**ଭୁବନେଶ୍ୱର,୧୭।୮ (ସ୍ପୋର୍ଟ୍ସ ବ୍ୟୁରୋ)**

ପାରା ବ୍ୟାଡମିଣ୍ଟନ ଖେଳାଳି ପ୍ରମୋଦ ଭଗତ ରାଜ୍ୟ ପାଇଁ ଗୌରବ ଆଣିଦେଇଛନ୍ତି। ରାଜ୍ୟ ଲାଗି ପୂର୍ବରୁ ଏକାଧିକ ଖେଳାଳି ଅର୍ଜୁନ ପୁରସ୍କାର ପାଇଛନ୍ତି। ତେବେ ପାରା ଆଥଲେଟ ହିସାବରେ ଏହି ସମ୍ମାନ ପାଇବା ପାଇଁ ସେ ଯୋଗ୍ୟ ବିବେଚିତ ହେବା ରାଜ୍ୟ ଲାଗି ସ୍ୱତନ୍ତ୍ରତା ଆଣିଦେଇଛି। ଜାତୀୟସ୍ତରର ୧୯ଜଣ ଆଥଲେଟ୍‌ଙ୍କ ସମେତ ଅର୍ଜୁନ ପୁରସ୍କାର ପାଇବା ଲାଗି ସେ ମନୋନୀତ ହୋଇଛନ୍ତି। ଜାତୀୟ ତଥା ଅନ୍ତର୍ଜାତୀୟସ୍ତରରେ ବେଶ୍ ସଫଳ ତଥା ଅସାଧାରଣ ପ୍ରଦର୍ଶନ କରି ପ୍ରମୋଦ ଗତ କିଛି ବର୍ଷ ହେବ ସମସ୍ତଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ଦୀର୍ଘଦିନର ସଂଘର୍ଷ, ପ୍ରଶିକ୍ଷଣ ଓ ଅଭ୍ୟାସ ବଳରେ ସେ ଜାତୀୟ ପାରା ବ୍ୟାଡମିଣ୍ଟନରେ ନିଜ ପାଇଁ ସ୍ୱତନ୍ତ୍ର ସ୍ଥାନ ସୃଷ୍ଟି କରିପାରିଛନ୍ତି। ବରଗଡ଼ ଜିଲାରେ ଜନ୍ମଗ୍ରହଣ କରିଥିବା ପ୍ରମୋଦଙ୍କ ବାମଗୋଡ ୪ ବର୍ଷ ବୟସରେ ପୋଲିଓରେ ଆକ୍ରାନ୍ତ ହୋଇଥିଲା। କୈଳାସ ଭଗତ ଓ କୁସୁମ ଦେବୀଙ୍କ ୩ ପୁଅ ଏବଂ ୩ ଝିଅ ମଧ୍ୟରୁ ପ୍ରମୋଦ ହେଉଛନ୍ତ ମଝିଆ। ପିଲାଟିବେଳୁ ବ୍ୟାଡମିଣ୍ଟନ ପ୍ରତି ତାଙ୍କର ଦୁର୍ବଳତା ଥିଲା। ସାଙ୍ଗମାନଙ୍କ ସହ ସେ ବ୍ୟାଡମିଣ୍ଟନ ଖେଳଥିଲେ ଓ ନିୟମିତ ଭାବେ ଅଭ୍ୟାସ କରୁଥିଲେ। ଏଥିପାଇଁ ଅବଶ୍ୟ ସେ ବାପାଙ୍କଠାରୁ ମାଡ଼ ଗାଳି ଖାଇଛନ୍ତି। ଆଜି ବାପା ଥିଲେ ଖୁସି ହୋଇଥାନ୍ତେ ବୋଲି ପ୍ରମୋଦ କହିଛନ୍ତି। କ୍ରୀଡ଼ା ପାଇଁ ମୋତେ ସରକାରୀ ଚାକିରି ମିଳିଛି। ଏହା ମୋର ଓ ବାପାଙ୍କର ସ୍ୱପ୍ନ ପୂରଣ କରିଛି। ତେବେ ବାପାଙ୍କ ଦେହାନ୍ତ ସମୟରେ ପାଖରେ ନ ଥିଲି। ୩ ଦିନ ପରେ ଘରେ ପହଞ୍ଚିଥିଲି। ସେତେବେଳେ ବେଙ୍ଗାଲୁରୁରେ ଜାତୀୟ ପାରା ବ୍ୟାଡ୍‌ମିଣ୍ଟନ ଚାମ୍ପିୟନଶିପ୍ ଖେଳୁଥିଲି।

ମାତ୍ର ୧୦ ବର୍ଷ ବୟସରେ ସେ ରାଜ୍ୟସ୍ତରୀୟ ଆଉଟ୍‌ଡୋର ଟୁର୍ନାମେଣ୍ଟ ଖେଳିବା ଆରମ୍ଭ କରିଥିଲେ। ଦିବ୍ୟାଙ୍ଗ ହୋଇଥିଲେ ମଧ୍ୟ ସାଧାରଣ ପିଲାଙ୍କ ପରି ଖେଳି ସମସ୍ତଙ୍କୁ ଚକିତ କରିଥିଲେ। ୨୦୦୫ରେ ସେ ଆଉଟ୍‌ଡୋର ଟୁର୍ନାମେଣ୍ଟ ଖେଳିବା ପାଇଁ ବୁର୍ଲା ଯାଇଥିଲେ। ସେଠାରେ ସେ ରାଜ୍ୟର ପ୍ରତିଷ୍ଠିତ ଖେଳାଳି କମଲ ଦାସଙ୍କ ସହ ସାକ୍ଷାତ କରିବାର ସୁଯୋଗ ପାଇଥିଲେ। କମଲ ତାଙ୍କୁ ପାରା ବ୍ୟାଡମିଣ୍ଟନ ଖେଳିବା ଜାରି ରଖିବା ପାଇଁ ଓ ପାରା ବ୍ୟାଡମିଣ୍ଟନ କୋଚ୍ ଶିବ ପ୍ରସାଦ ଦାସଙ୍କ ସହ ସାକ୍ଷାତ କରିବା ଲାଗି ପରାମର୍ଶ ଦେଇଥିଲେ। ଶିବ ପ୍ରସାଦଙ୍କୁ ପ୍ରମୋଦ ଅନୁଗୋଳରେ ଦେଖା କରିଥିଲେ ଓ ତାଙ୍କ ଘରେ ରହି ଅଭ୍ୟାସ କରୁଥିଲେ।

୨୦୦୬ ଫେବୃୟାରୀରେ ଦ୍ୱିତୀୟ ଅଲ୍ ଇଣ୍ଡିଆ ପାରା ବ୍ୟାଡମିଣ୍ଟନ ସୁପର ସିକ୍ସ ଟୁର୍ନାମେଣ୍ଟ ଅନୁଗୋଳରେ ଅନୁଷ୍ଠିତ ହୋଇଥିଲା। ଫାଇନାଲରେ ସେ ଅର୍ଜୁନ ପୁରସ୍କାର ବିଜେତା ରମେଶ ଟିକାରାମଙ୍କୁ ହରାଇ ସାରା ଭାରତୀୟ ପାରା ବ୍ୟାଡମିଣ୍ଟନ ଦଳକୁ ଚକିତ କରିଥିଲେ। ଏହା ପରଠାରୁ ସେ ପଛକୁ ଫେରି ଚାହିଁ ନ ଥିଲେ। ପ୍ରମୋଦ ଏପର୍ଯ୍ୟନ୍ତ ଜାତୀୟସ୍ତର ପ୍ରତିଯୋଗିତାରେ ୩୦ଟି ସ୍ୱର୍ଣ୍ଣ, ୧୨ଟି ରୌପ୍ୟ ଓ ଗୋଟିଏ ବ୍ରୋଞ୍ଜ୍ ପଦପ ଜିତିଛନ୍ତି। ସେହିପରି ସେ ଅନ୍ତର୍ଜାତୀୟସ୍ତରରେ ୧୯ଟି ସ୍ୱର୍ଣ୍ଣ, ୭ଟି ରୌପ୍ୟ ଓ ୧୨ଟି ବ୍ରୋଞ୍ଜ୍ ପଦକ ଜିତିଛନ୍ତି। ଚଳିତ ୨୦୧୯ ବର୍ଷରେ ସେ ୮ ସ୍ୱର୍ଣ୍ଣ, ୨ ରୌପ୍ୟ ଓ ୨ଟି ବ୍ରୋଞ୍ଜ୍ ପଦକ ହାସଲ କରିଛନ୍ତି। ଆଗକୁ ବିଶ୍ୱ ଚାମ୍ପିୟନଶିପ୍ ଓ ୨୦୨୦ ଅଲିମ୍ପିକ୍ସ ରହିଛି। ଏହି ଦୁଇ ମେଗା ଇଭେଣ୍ଟରେ ଭଲ ପ୍ରଦର୍ଶନ କରି ପଦକ ହାସଲ କରିବେ ବୋଲି ପ୍ରମୋଦ ଆଶା ପ୍ରକାଶ କରିଛନ୍ତି। ଗତ ଏପ୍ରିଲ ୨ରୁ ୭ ତାରିଖ ମଧ୍ୟରେ ଦୁବାଇରେ ଅନୁଷ୍ଠିତ ଫାଜା ପାରା ବ୍ୟାଡମିଣ୍ଟନ ଇଣ୍ଟରନ୍ୟାଶନାଲ ଟୁର୍ନାମେଣ୍ଟରେ ସେ ପୁରୁଷ ସିଙ୍ଗଲ୍ସ ବର୍ଗରେ ସ୍ୱର୍ଣ୍ଣ ପଦକ ହାସଲ କରିଥିଲେ। ଏହି ସଫଳତା ପାଇଁ ସେ ୨୦୨୦ ଟୋକିଓ ପାରା ଅଲିମ୍ପିକ୍ସ ଖେଳିବାକୁ ଯୋଗ୍ୟତା ଅର୍ଜନ କରିଥିଲେ। ୨୦୧୮ରେ ଇଣ୍ଡୋନେସିଆରେ ଅନୁଷ୍ଠିତ ଏସିଆନ ପାରା ଗେମ୍ସରେ ସେ ପୁରୁଷ ସିଙ୍ଗଲ୍ସ ଇଭେଣ୍ଟରେ ସ୍ୱର୍ଣ୍ଣ ପଦକ ହାସଲ କରିଥିଲେ। ସେହିପରି ୨୦୧୮ ମେ’ରେ ଅନୁଷ୍ଠିତ ଚତୁର୍ଥ ତୁର୍କିସ ପାରା ବ୍ୟାଡମିଣ୍ଟନ ଚାମ୍ପିୟନଶିପ୍‌ରେ ସେ ସିଙ୍ଗଲ୍ସ ଓ ଡବଲ୍ସ ଇଭେଣ୍ଟରେ ବ୍ରୋଞ୍ଜ୍ ପଦକ ହାସଲ କରି ରାଜ୍ୟ ତଥା ଦେଶ ପାଇଁ ଗୌରବ ଆଣିଦେଇଥିଲେ।

ବିଏ ପାସ୍ କରିଥିବା ପ୍ରମୋଦ ଇଏସ୍‌ଆଇସିରେ ଚାକିରି କରୁଛନ୍ତି। ଜଣେ କୋଚ୍ ହିସାବରେ ମଧ୍ୟ ପ୍ରମୋଦଙ୍କ ଭଲ ଅଭିଜ୍ଞତା ରହିଛି। ପରେ ୨୦୦୯ରେ ଘରୋଇ ବିକାଶ ସ୍କୁଲ କୋଚ୍ ଭାବେ କାର୍ଯ୍ୟ କରିଥିଲେ। ପରେ ୨୦୧୩ରେ ନାଗପୁରଠାରେ କୋଚିଂରେ ପ୍ରଶିକ୍ଷଣ ନେଇଥିଲେ। ୨୦୧୫ରେ ସମ୍ବଲପୁରରେ ମଧ୍ୟ ପିଲାଙ୍କୁ ପ୍ରଶିକ୍ଷଣ ଦେଇଥିଲେ। ତାଙ୍କ ଛାତ୍ରୀଛାତ୍ରମାନେ ରାଜ୍ୟ ଓ ଜାତୀୟସ୍ତରରେ ଭଲ ପ୍ରଦର୍ଶନ କରିଛନ୍ତି।

## ପୂର୍ବରୁ ଅର୍ଜୁନ ପୁରସ୍କାର ଜିତିଥିବା ଓଡ଼ିଆ କ୍ରୀଡ଼ାବିତ୍



ମିନତି ମହାପାତ୍ର | ବିଜୟ କୁମାର ଶତପଥୀ | ରଚିତା ପଣ୍ଡା | ଦିଲୀପ ତିର୍କୀ | ଜ୍ୟୋତି ସୁନୀତା କୁଲୁ | ଇଗ୍ନେସ ତିର୍କୀ | କେ. ରବିକୁମାର

ପ୍ରମୋଦଙ୍କ ସମେତ ରାଜ୍ୟ ଏପର୍ଯ୍ୟନ୍ତ ମୋଟ ୮ଜଣ ଖେଳାଳି ଅର୍ଜୁନ ପୁରସ୍କାର ହାସଲ କରିଛନ୍ତି। ସେମାନେ ହେଲେ ମିନତି ମହାପାତ୍ର (ସାଇକ୍ଲିଂ, ୧୯୭୮–୭୯), ବିଜୟ କୁମାର ଶତପଥୀ (ୱେଟଲିଫ୍ଟିଙ୍ଗ, ୧୯୮୧), ରଚିତା ପଣ୍ଡା (ଆଥଲେଟିକ୍ସ, ୧୯୯୮), ଦିଲୀପ ତିର୍କୀ (ହକି, ୨୦୦୧), ଜ୍ୟୋତି ସୁନୀତା କୁଲୁ (ହକି,୨୦୦୬), ଇଗ୍ନେଶ ତିର୍କୀ (ହକି, ୨୦୦୯) ଓ କେ. ରବିକୁମାର (ୱେଟଲିଫ୍ଟିଙ୍ଗ, ୨୦୧୧)।

## ଜାଡେଜାଙ୍କ ସମେତ ୧୯ ଜଣଙ୍କୁ ଅର୍ଜୁନ

ତାରକା କ୍ରିକେଟର ରବୀନ୍ଦ୍ର ଜାଡେଜାଙ୍କ ସମେତ ଦେଶର ୧୯ଜଣ କ୍ରୀଡ଼ାବିତ୍‌ଙ୍କୁ ଅର୍ଜୁନ ପୁରସ୍କାର ପାଇଁ ମନୋନୀତ କରାଯାଇଛି। ସେମାନେ ହେଲେ ମହିଳା କ୍ରିକେଟର ପୁନମ ଯାଦବ, ଟ୍ରାକ୍ ଆଣ୍ଡ ଫିଲ୍ଡ ତାରକା ତେଜିନ୍ଦର ପାଲ ସିଂ ତୁର, ମହମ୍ମଦ ଆନସ ଓ ସ୍ୱପ୍ନା ବର୍ମନ, ଫୁଟବଲର ଗୁରପ୍ରୀତ ସିଂ ସାନ୍ଧୁ, ହକି ଖେଳାଳି ଚିଙ୍ଗ୍ଲେନସାନା ସିଂ କାଙ୍ଗୁଜାମ ଓ ଶୁଟର ଅଞ୍ଜୁମ ମୋଦଗିଲ। ଗତ ୪ ବର୍ଷରେ ଜାତୀୟ ତଥା ଅନ୍ତର୍ଜାତୀୟସ୍ତରରେ କ୍ରମାଗତ ଭାବେ ସ୍ଥିର ପ୍ରଦର୍ଶନ କରୁଥିବା ଖେଳାଳିଙ୍କୁ ଅର୍ଜୁନ ପୁରସ୍କାର ପାଇଁ ମନୋନୀତ କରାଯାଇଥାଏ। କେବଳ ସେତିକି ନୁହଁ, ଜଣେ ଖେଳାଳି ଶୃଙ୍ଖଳିତ ହେବା ସଙ୍ଗେସଙ୍ଗେ ଖେଳଓ୍ୱାଡ ମନୋଭାବ ଓ ନେତୃତ୍ୱ ନେବାର କଳା ପ୍ରଦର୍ଶନ କରିବା ମଧ୍ୟ ଏହି ପୁରସ୍କାର ପାଇଁ ଜରୁରୀ ହୋଇଥାଏ।

### ଦ୍ରୋଣାଚାର୍ଯ୍ୟ ପାଇବେ ୩

ଏହି କମିଟି ଦ୍ରୋଣାଚାର୍ଯ୍ୟ ପୁରସ୍କାର ପାଇଁ ୩ଜଣଙ୍କ ନାମ ମନୋନୀତ କରିଛି। ପୂର୍ବତନ ବ୍ୟାଡମିଣ୍ଟନ ତାରକା ବିମଲ କୁମାର ଓ ପୂର୍ବତନ କ୍ରିକେଟର ଗୌତମ ଗମ୍ଭୀରଙ୍କ ପିଲାବେଳର କୋଚ୍ ସଞ୍ଜୟ ଭରଦ୍ୱାଜଙ୍କ ନାମ ଏହି ପୁରସ୍କାର ପାଇଁ ମନୋନୀତ କରାଯାଇଛି। ଜଣାଶୁଣା କୋଚ୍, ଯେଉଁମାନେ ଅନ୍ତର୍ଜାତୀୟସ୍ତରରେ ସଫଳତା ହାସଲ କରିଥିବା କ୍ରୀଡ଼ାବିତ୍‌ଙ୍କୁ ପ୍ରଶିକ୍ଷଣ ଦେଇଥାନ୍ତି ସେମାନଙ୍କୁ ମଧ୍ୟ ଦ୍ରୋଣାଚାର୍ଯ୍ୟ ପୁରସ୍କାର ପ୍ରଦାନ କରାଯାଇଥାଏ। ଏହି ପୁରସ୍କାର ବାବଦକୁ ନଗଦ ୫ ଲକ୍ଷ ଟଙ୍କା ଆର୍ଥିକ ପୁରସ୍କାର ପ୍ରଦାନ କରାଯାଇଥାଏ। ସେହିପରି ୫ଜଣଙ୍କୁ ଧ୍ୟାନଚାନ୍ଦ ପୁରସ୍କାର ପାଇଁ ମନୋନୀତ କରାଯାଇଛି। ସେହିପରି ଅବସର ପରେ ମଧ୍ୟ କ୍ରୀଡ଼ାରେ ଓ ଏହାର ବିକାଶରେ ଉଲ୍ଲେଖନୀୟ ଅବଦାନ ଥିବା ପୂର୍ବତନ କ୍ରୀଡ଼ାବିତଙ୍କୁ ଧ୍ୟାନଚାନ୍ଦ ପୁରସ୍କାର ପ୍ରଦାନ କରାଯାଇଥାଏ। ଏହି ପୁରସ୍କାର ବାବଦକୁ ମଧ୍ୟ ୫ ଲକ୍ଷ ଟଙ୍କା ପ୍ରଦାନ କରାଯାଇଥାଏ। କିମ୍ବଦନ୍ତୀ ହକି ଖେଳାଳି ଧ୍ୟାନଚାନ୍ଦଙ୍କ ଜନ୍ମଦିବସ ତଥା ଜାତୀୟ କ୍ରୀଡ଼ା ଦିବସ ଅବସରରେ ରାଷ୍ଟ୍ରପତି ଭବନରେ ଏହି ପୁରସ୍କାର ପ୍ରଦାନ କରାଯାଇଥାଏ।

# ଦୀପାଙ୍କୁ ଖେଳରତ୍ନ



**ନୂଆଦିଲ୍ଲୀ,୧୭।୮ (ପି.ଟି.):** ତାରକା ରେସଲର ବଜରଙ୍ଗ ପୁନିଆଙ୍କ ସମେତ ପାରା ଅଲିମ୍ପିକ୍ସ ରୌପ୍ୟ ପଦକ ବିଜୟିନୀ ଦୀପା ମଲିକ ଦେଶର ସର୍ବୋଚ୍ଚ କ୍ରୀଡ଼ା ସମ୍ମାନ ରାଜୀବ ଗାନ୍ଧୀ ଖେଳ ରତ୍ନ ପୁରସ୍କାର ପାଇଁ ମନୋନୀତ ହୋଇଛନ୍ତି। ପୂର୍ବରୁ ଏସିଆନ ଓ ରାଜ୍ୟଗୋଷ୍ଠୀ କ୍ରୀଡ଼ା ଚାମ୍ପିୟନ ପୁନିଆ ମଧ୍ୟ ଏହି ପୁରସ୍କାର ପାଇଁ ମନୋନୀତ ହୋଇଥିଲେ।

୪୮ ବର୍ଷୀୟା ଦୀପା ୨୦୧୬ ରିଓ ପାରା ଅଲିମ୍ପିକ୍ସରେ ଶଟ୍‌ପୁଟ୍‌ରେ ଏଫ୍‌୫୩ କାଟାଗୋରୀରେ ରୌପ୍ୟ ପଦକ ହାସଲ କରିଥିଲେ। ଅବସରପ୍ରାପ୍ତ ଜଷ୍ଟିସ୍ ମୁକୁନ୍ଦାନନ୍ଦ ଶର୍ମାଙ୍କ ଅଧ୍ୟକ୍ଷତାରେ ଏକ ୧୨ଜଣିଆ ଚୟନ କମିଟି ଦୁଇଦିନ ଧରି ବୈଠକରେ ବସି ଦୀପାଙ୍କ ନାମରେ ମୋହର ମାରିଥିଲେ। ସେହିପରି ୬୫ କେ.ଜି. ବର୍ଗରେ ବିଶ୍ୱର ୧ ନମ୍ବର ରେସଲର ପୁନିଆଙ୍କୁ ଖେଳରତ୍ନ ପୁରସ୍କାର ପାଇଁ ମନୋନୀତ କରାଯାଇଥିଲା।

ସ୍ୱାର୍ଥ ନିହିତ ଦ୍ୱନ୍ଦ୍ୱରୁ ଦୂରେଇ ରହିବା ପାଇଁ ୬ଥର ବିଶ୍ୱ ଚାମ୍ପିୟନଶିପ୍ ତଥା ଅଲିମ୍ପିକ୍ସ ପଦକ ହାସଲ କରିଥିବା ଅଭିଜ୍ଞ ମହିଳା ବକ୍ସର ମେରୀକମ୍ ଏହି ବୈଠକରେ ସାମିଲ ହୋଇ ନ ଥିଲେ। ତାଙ୍କର ବ୍ୟକ୍ତିଗତ କୋଚ୍ ଛୋଟେଲାଲ ଯାଦବ ଦ୍ରୋଣାଚାର୍ଯ୍ୟ ପୁରସ୍କାର ସହ ଜଡିତ ଥିବାରୁ ମେରୀକମ ଏହି ନିଷ୍ପତ୍ତି ନେଇଥିଲେ। ବଜରଙ୍ଗଙ୍କୁ ଖେଳରତ୍ନ ପୁରସ୍କାର ଦେବା ନେଇ ଅନୁଷ୍ଠିତ ଚୟନ କମିଟି ବୈଠକରେ ସେ ଯୋଗଦେଇଥିଲେ। ତେବେ ସେ ଦ୍ୱିତୀୟ ଦିନ ବୈଠକରୁ ଦୂରେଇ ରହିଥିଲେ।

ଦୀପା ପ୍ରଥମ ଭାରତୀୟ ମହିଳା ଭାବେ ପରା ଅଲିମ୍ପିକ୍ସରେ ରୌପ୍ୟ ପଦକ ହାସଲ କରି ଇତିହାସ ସୃଷ୍ଟି କରିଥିଲେ। ସେ ୨୦୧୬ ପାରା ଅଲିମ୍ପିକ୍ସ ଶଟ୍‌ପୁଟ୍‌ର ଏଫ୍ ୫୩ ବର୍ଗ ପ୍ରତିଯୋଗିତାରେ ହ୍ୱିଲ୍ ଚେୟାରରେ ବସି ଅଂଶଗ୍ରହଣ କରିଥିଲେ। ଏଥିରେ ଜଣେ ଖେଳାଳି ତାଙ୍କର କାନ୍ଧ, ମାଂସପେଶୀ, କହୁଣି ଓ ରିଷ୍ଟ ପାଓ୍ୱାରର ଉପଯୋଗ କରିଥାଏ। ୧୭ ବର୍ଷ ତଳେ ମେରୁଦଣ୍ଡ ହାଡରେ ଟ୍ୟୁମର ହେବାର କାରଣରୁ ସେ ଚାଲିବାକୁ ସକ୍ଷମ ନ ଥିଲେ। ପୂର୍ବରୁ ଦୀପା ୨୦୧୨ରେ ଅର୍ଜୁନ ଓ ୨୦୧୭ରେ ପଦ୍ମଶ୍ରୀ ପୁରସ୍କାର ହାସଲ କରିଥିଲେ। ଗତବର୍ଷ ଦୀପା ଜାଭେଲିନ ଓ ଡିସ୍କସ ଥ୍ରୋରେ ମନୋନିବେଶ କରିଥିଲେ ଓ ଏଥିରେ ଜାକର୍ତ୍ତାରେ ନୂଆ ଏସିଆନ ରେକର୍ଡ ସ୍ଥାପନ କରିଥିଲେ। ସେ ଏକମାତ୍ର ଭାରତୀୟ ମହିଳା ଭାବେ କ୍ରମାଗତ ୩ଟି ଏସିଆନ ପାରା ଗେମ୍ସ (୨୦୧୦, ୨୦୧୪ ଓ ୨୦୧୮)ରେ ପଦକ ହାସଲ କରିଥିଲେ। ୨୦୧୮ ଏସିଆନ ଗେମ୍ସରେ ସେ ଡିସକସ ଥ୍ରୋ (ଏଫ୍ ୫୧– ୫୨– ୫୩) ଓ ଜାଭେଲିନ ଥ୍ରୋ (ଏଫ୍ ୫୩– ୫୪)ରେ ବ୍ରୋଞ୍ଜ୍ ପଦକ ଜିତିଥିଲେ। ଗତ ୪ ବର୍ଷରେ କ୍ରୀଡ଼ାରେ ଉତ୍କୃଷ୍ଟତା ପ୍ରଦର୍ଶନ କରି ଅନ୍ତର୍ଜାତୀୟସ୍ତରରେ ଆଖି ଦୃଶିଆ ସଫଳତା ହାସଲ କରିଥିବା କ୍ରୀଡ଼ାବିତ୍‌ଙ୍କୁ ଏହି ପୁରସ୍କାର ପ୍ରଦାନ କରାଯାଇଥାଏ। ଖେଳରତ୍ନ ପୁରସ୍କାର ବାବଦରେ ଏକ ପ୍ରମାଣପତ୍ର, ସେରିମୋନିଆଲ ଡ୍ରେସ୍ ବା ଔପଚାରିକ ପୋଷାକ ଓ ସାଢ଼େ ୭ ଲକ୍ଷ ଟଙ୍କାର ନଗଦ ପୁରସ୍କାର ରାଶି ପ୍ରଦାନ କରାଯାଇଥାଏ।

**ରାଜୀବ ଗାନ୍ଧୀ ଖେଳରତ୍ନ ପୁରସ୍କାର**
ବଜରଙ୍ଗ ପୁନିଆ (ରେସଲିଂ), ଦୀପା ମଲିକ (ପାରା–ଆଥଲେଟିକ୍ସ)।

**ଅର୍ଜୁନ ପୁରସ୍କାର**
ତାଜିନ୍ଦର ପାଲ ସିଂ ତୁର (ଆଥଲେଟିକ୍ସ), ମହମ୍ମଦ ଆନସ ୟହିୟା (ଆଥଲେଟିକ୍ସ), ଏସ୍. ଭାସ୍କରନ (ବଡି ବିଲ୍ଡିଂ), ସୋନିଆ ଲାଥର (ବକ୍ସିଂ), ରବୀନ୍ଦ୍ର ଜାଡେଜା (କ୍ରିକେଟ), ଚିଙ୍ଗ୍ଲେନସାନ ସିଂ କାଙ୍ଗୁଜାମ (ହକି), ଅଜୟ ଠାକୁର (କବାଡ଼ି), ଗୌରବ ସିଂ ଗିଲ (ମୋଟର ସ୍ପୋର୍ଟ୍ସ), ପ୍ରମୋଦ ଭଗତ (ପାରା ସ୍ପୋର୍ଟ୍ସ – ବ୍ୟାଡମିଣ୍ଟନ), ଅଞ୍ଜୁମ ମୋଦଗିଲ (ଶୁଟିଂ), ହରମିତ ରାଜୁଲ ଦେଶାଇ (ଟେବୁଲ ଟେନିସ), ପୂଜା ଧଣ୍ଡା (ରେସଲିଂ), ଫୌଦ ମିର୍ଜା (ଇକ୍ୱେଷ୍ଟ୍ରିଆନ), ଗୁରପ୍ରୀତ ସିଂ (ଫୁଟବଲ), ପୁନମ ଯାଦବ (କ୍ରିକେଟ), ସ୍ୱପ୍ନା ବର୍ମନ (ଆଥଲେଟିକ୍ସ), ସୁନ୍ଦର ସିଂ ଗୁର୍ଜର (ପାରା– ସ୍ପୋର୍ଟ୍ସ ଆଥଲେଟିକ୍ସ), ଭମିଦିପତି ସାଇ ପ୍ରଣୀତ (ବ୍ୟାଡମିଣ୍ଟନ), ସମରନ ସିଂ ଶେରଗିଲ (ପୋଲୋ)।

**ଦ୍ରୋଣାଚାର୍ଯ୍ୟ ପୁରସ୍କାର (ରେଗୁଲାର ବର୍ଗ)**
ବିମଳ କୁମାର (ବ୍ୟାଡମିଣ୍ଟନ), ସନ୍ଦୀପ ଗୁପ୍ତା (ଟେବୁଲ ଟେନିସ), ମହିନ୍ଦର ସିଂ ଧିଲନ (ଆଥଲେଟିକ୍ସ)।

**ଦ୍ରୋଣାଚାର୍ଯ୍ୟ ପୁରସ୍କାର (ଲାଇଫ୍ ଟାଇମ୍ ବର୍ଗ)**
ମେଜବାନ ପଟେଲ (ହକି), ରାମବୀର ସିଂ ଖୋକାର (କବାଡ଼ି), ସଞ୍ଜୟ ଭରଦ୍ୱାଜ (କ୍ରିକେଟ)।

**ଧ୍ୟାନଚାନ୍ଦ ପୁରସ୍କାର**
ମାନୁଏଲ ଫ୍ରେଡ୍ରିକ୍ସ (ହକି), ଅରୂପ ମାସକ (ଟେବୁଲ ଟେନିସ), ମନୋଜ କୁମାର (ରେସଲିଂ), ନିତେନ କୀର୍ତ୍ତନ (ଟେନିସ), ସି. ଲାଲରେମସାଙ୍ଗା (ଆର୍ଚେରୀ)।

# ଇଣ୍ଡିଆ ବ୍ଲୁ’ର ବ୍ୟାଟିଂ ବିପର୍ଯ୍ୟୟ

**ବେଙ୍ଗାଲୁରୁ, ୧୭।୮**

ଘରୋଇ କ୍ରିକେଟ୍‌ର ଅନ୍ୟତମ ସମ୍ମାନଜନକ ପ୍ରତିଯୋଗିତା ଦୁଲୀପ୍ ଟ୍ରଫି ଶନିବାରଠାରୁ ସ୍ଥାନୀୟ ଜଷ୍ଟ କ୍ରିକେଟ୍ ଏକାଡେମୀ ଗ୍ରାଉଣ୍ଡରେ ଆରମ୍ଭ ହୋଇଛି। ଇଣ୍ଡିଆ ଗ୍ରୀନ୍ ବିପକ୍ଷରେ ଟସ୍ ହାରି ବ୍ୟାଟିଂ ଆମନ୍ତ୍ରଣ ପାଇଥିବା ଶୁବମନ ଗିଲ୍‌ଙ୍କ ନେତୃତ୍ୱାଧୀନ ଇଣ୍ଡିଆ ବ୍ଲୁ ବିପର୍ଯ୍ୟୟର ସମ୍ମୁଖୀନ ହୋଇଛି। ଚାରି ଦିବସୀୟ ଏହି ମ୍ୟାଚ୍‌ର ପ୍ରଥମ ଦିବସ ଷ୍ଟମ୍ପ ଅପସାରଣ ସୁଦ୍ଧା ଇଣ୍ଡିଆ ବ୍ଲୁ ୬ ଉଇକେଟ୍ ହରାଇ ୧୧୨ ରନ୍ ସଂଗ୍ରହ କରିଛି। ଦଳ ପକ୍ଷରୁ ଓପନର୍ ରୁତୁରାଜ ଗାଏକ୍ୱାଡ ସର୍ବାଧିକ ୩୦ ରନ କରିଥିବାବେଳେ ଅନ୍‌ମୋଲପ୍ରୀତ୍ ସିଂ ୧୪, ଜଲଜ ସକ୍ସେନା ୧୯ ଓ ଅଙ୍କିତ ବାଓ୍ୱନେ ଅପରାଜିତ ୨୧ ରନ କରିଛନ୍ତି। ଉଇକେଟ୍‌କିପର ସ୍ନେଲ ପଟେଲ (୫), ଅଧିନାୟକ ଗିଲ୍ (୬) ଓ ରିକି ଭୁଇ (୨) ଦୁଇ ଅଙ୍କ ଛୁଇଁପାରିନାହାନ୍ତି। ପ୍ରତିପକ୍ଷ

**ଦୁଲୀପ ଟ୍ରଫି**

ଇଣ୍ଡିଆ ଗ୍ରୀନ୍ ପକ୍ଷରୁ ଡାହାଣହାତୀ ଦ୍ରୁତ ବୋଲର ଇଶାନ ପୋରେଲ ୩, ତନବୀର ଉଲ୍–ହକ୍ ୨ ଓ ଅଙ୍କିତ ରାଜପୁତ ଗୋଟିଏ ଉଇକେଟ୍ ଅକ୍ତିଆର କରିଛନ୍ତି। ବର୍ଷା ଯୋଗୁ ପ୍ରଥମ ଦିବସରେ ମାତ୍ର ୪୯ ଓଭର ଖେଳ ସମ୍ଭବପର ହୋଇପାରିଥିଲା।

### ଚୂଡ଼ାନ୍ତ ଏକାଦଶରୁ ରାଜେଶ୍ ବାଦ୍

ଦୁଲୀପ୍ ଟ୍ରଫି ଲାଗି ଫୈଜ ଫଜଲ୍‌ଙ୍କ ନେତୃତ୍ୱାଧୀନ ଇଣ୍ଡିଆ ଗ୍ରୀନ ଦଳରେ ସ୍ଥାନ ପାଇଥିବା ଓଡ଼ିଆ କ୍ରିକେଟର୍ ରାଜେଶ ମହାନ୍ତିଙ୍କୁ ନିରାଶ ହେବାକୁ ପଡ଼ିଛି। ଶନିବାରଠାରୁ ଆରମ୍ଭ ହୋଇଥିବା ଇଣ୍ଡିଆ ବ୍ଲୁ ବିପକ୍ଷ ମ୍ୟାଚ୍ ଲାଗି ଡାହାଣହାତୀ ସୁଇଂ ବୋଲର ରାଜେଶଙ୍କୁ ଚୂଡ଼ାନ୍ତ ଏକାଦଶରେ ସ୍ଥାନ ମିଳିପାରି ନାହିଁ। ଇଣ୍ଡିଆ ଗ୍ରୀନ୍ ଏହାର ପରବର୍ତ୍ତୀ ମ୍ୟାଚ୍ ଅଗଷ୍ଟ ୨୯ରେ ଇଣ୍ଡିଆ ରେଡ୍‌କୁ ଭେଟିବାର କାର୍ଯ୍ୟସୂଚୀ ରହିଛି।

# ଭାରତୀୟ ମହିଳା ଦଳର ବିଜୟ ଅଭିଯାନ



ଗୋଲ୍ ସ୍କୋର ପରେ ଉଲ୍ଲସିତ ଭାରତୀୟ ଖେଳାଳି।

**ଅଲିମ୍ପିକ୍ ଟେଷ୍ଟ ଇଭେଣ୍ଟ**

**ଟୋକିଓ,୧୭।୮ (ପି.ଟି.):** ଭାରତୀୟ ହକି ମହିଳା ଦଳ ବିଜୟ ସହ ଏଠାରେ ଚାଲିଥିବା ଅଲିମ୍ପିକ୍ ଟେଷ୍ଟ ଇଭେଣ୍ଟ ଆରମ୍ଭ କରିଛି। ଶନିବାର ଖେଳାଯାଇଥିବା ମ୍ୟାଚ୍‌ରେ ଭାରତ ୨–୧ ଗୋଲରେ ଆୟୋଜକ ଜାପାନକୁ ହରାଇ ଦେଇଛି। ବିଜୟୀ ଦଳ ପାଇଁ ପେନାଲ୍ଟି କର୍ନର ସ୍ପେଶାଲିଷ୍ଟ ଗୁର୍‌ଜିତ କୌର ଡବଲ ଗୋଲ ଦେଇଥିଲେ।

ଗୁର୍‌ଜିତ କୌରଙ୍କ ଯୋଗୁ ଏସିଆନ୍ ଗେମ୍ସ ରୌପ୍ୟ ପଦକ ବିଜେତା ଭାରତ ମ୍ୟାଚ୍‌ର ୯ମ ମିନିଟ୍‌ରେ ଖାତା ଖୋଲିଥିଲା। ଜବାବରେ ୧୬ତମ ମିନିଟ୍‌ରେ ଘରୋଇ ଖେଳାଳି ଆକି ମିତ୍‌ସୁହାସି ଗୋଲ ଦେଇ ମ୍ୟାଚ୍‌କୁ ବରାବର ସ୍ଥିତିକୁ ଆଣିଥିଲେ। ଏହି ସ୍କୋର ଲାଇନ ପ୍ରଥମାର୍ଦ୍ଧ ପର୍ଯ୍ୟନ୍ତ ବଳବତ୍ତର ରହିଥିଲା। ଦ୍ୱିତୀୟାର୍ଦ୍ଧ ତଥା ୩୫ତମ ମିନିଟ୍‌ରେ ଆଉ ଏକ ପେନାଲ୍ଟି କର୍ନରକୁ ଗୁର୍‌ଜିତ ଗୋଲରେ ପରିଣତ କରି ଦଳକୁ ୨–୧ରେ ଆଗୁଆ କରାଇଥିଲେ। ଏହାପରେ ଜାପାନ ଦଳ ପକ୍ଷରୁ ବାରମ୍ବାର ଉଦ୍ୟମ ହୋଇଥିଲେ ମଧ୍ୟ କୌଣସି ଖେଳାଳି ଗୋଲ ଦେବାରେ ସଫଳ ହୋଇ ନ ଥିଲେ। ଉଭୟ ଦଳ ଅଲିମ୍ପିକ୍ ଗେମ୍ସ ନିୟମ ଅନୁଯାୟୀ ମ୍ୟାଚ୍‌ରେ ୧୬ଜଣ ଲେଖାଏ ଖେଳାଳିଙ୍କୁ ଖେଳାଇଥିଲେ।

ଧରିତ୍ରୀ
DHARITRI
www.orissakhabar.com/ www.dharitri.com ପୃଷ୍ଠା:୧୬ Press Regd. No.ORIORI/2005/14845 Postal Regd. No. BN/42/18-20. Edition Phone (0663) 2522134, Editorial (0663) 2405816, Fax: (0663)2405616 ସମ୍ବଲପୁର, ରବିବାର, ଅଗଷ୍ଟ ୧୮/୨୦୧୯ Sambalpur, Sunday, August 18 / 2019

# ବଦନାମ କରିବାକୁ ଅପଚେଷ୍ଟା

**ବରଗଡ଼ ଅଫିସ୍,୧୭।୮**



ଖବରଦାତା ସମ୍ମିଳନୀରେ ପଦ୍ମଶ୍ରୀ ହଳଧର ନାଗ ଓ ଅନ୍ୟମାନେ।

ଛବିଳ ମଧୁ ବର୍ଣ୍ଣବୋଧ ଓଡ଼ିଆ ଭାଷାର ଏନ୍ସାଇକ୍ଲୋପିଡ଼ିଆ... ଏହାକୁ ଯିଏ ବି ପୋଡ଼ିଛନ୍ତି, ସେହି ଘଟଣାକୁ ମୁଁ ଘୋର ନିନ୍ଦା କରୁଛି। ଆଉ ସେହି ବର୍ଣ୍ଣବୋଧ ପୋଡ଼ାଜଳା ଦୃଶ୍ୟରେ ତାଙ୍କ ଫଟୋ ଯୋଡ଼ି ଫେସବୁକ୍ ଭଳି ସୋସିଆଲ ମିଡ଼ିଆରେ ଛାଡ଼ିବା ତାଙ୍କୁ ବଦନାମ କରିବା ପାଇଁ ଏକ ଅପଚେଷ୍ଟା ଛଡ଼ା ଆଉ କିଛି ନୁହେଁ ବୋଲି ବରଗଡ଼ ପୁରୋହିତ ଭବନରେ ଶନିବାର ପୂର୍ବାହ୍ନରେ ଅନୁଷ୍ଠିତ ଏକ ଖବରଦାତା ସମ୍ମିଳନୀରେ ପଦ୍ମଶ୍ରୀ ଲୋକ କବିରତ୍ନ ଡଃ ହଳଧର ନାଗ କହିଛନ୍ତି। ସେ ଆହୁରି କହିଥିଲେ, ଫେସବୁକ୍ ଇମେଲ ସେ କେବେ ବ୍ୟବହାର କରିନାହାନ୍ତି କିମ୍ବା ସେ ସମ୍ପର୍କରେ ତାଙ୍କ ଜ୍ଞାନ ମଧ୍ୟ ନାହିଁ। ଏପରିକି ତାଙ୍କ ପାଖରେ ଯେଉଁ ମୋବାଇଲ ଅଛି, ସେଥିରେ ତାହା ବ୍ୟବହାର ମଧ୍ୟ କରିହେବ ନାହିଁ। ୩ଟି ମୋବାଇଲ ଲୋକେ ଦେଇଥିଲେ, ସେଥିରେ ୨ଟି ଅଚଳ ଏବଂ ଗୋଟିଏ ହିଁ ଏବେ ଚାଲୁଛି ବୋଲି ସେ ଧରିଥିବା ମୋବାଇଲକୁ ଦେଖାଇ କହିଥିଲେ। ଏହା ସହିତ ସେ କୁଆଡ଼େ ଫୋନ ମଧ୍ୟ କରି ଜାଣି ନାହାନ୍ତି। କେବଳ ଫୋନ ଆସିଲେ ରିସିଭ୍ କରିପାରନ୍ତି ବୋଲି ପଦ୍ମଶ୍ରୀ ହଳଧର କହିଥିଲେ। ଭାଷା ଅଲଗା ହୋଇପାରେ। ମାତ୍ର କୌଣସି ଭାଷା ପ୍ରତି ସମାଲୋଚନା କରିବା ଆଦୌ ସମୀଚିନ ନୁହେଁ ବୋଲି ସେ କହିଥିଲେ। ତାଙ୍କୁ ଯେଭଳି ସୋସିଆଲ ମିଡ଼ିଆରେ ବଦନାମ କରାଯିବାର ଅପଚେଷ୍ଟା ହୋଇଛି ଏବଂ ସେଥିରେ ଯିଏ ସମ୍ପୃକ୍ତ ଥାଆନ୍ତୁ, ତାଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ନିଆଯାଉ ବୋଲି ହଳଧର କହିଛନ୍ତି। ଖବରଦାତା ସମ୍ମିଳନୀରେ ଅନ୍ୟମାନଙ୍କ ମଧ୍ୟରେ ସମ୍ବଲପୁରୀ ସାହିତ୍ୟ ପରିସଦ୍‌ର କଥାକାର ଧନପତି ମହାପାତ୍ର, ଭାଷାବିତ୍ ଉତ୍ପନ୍ନ କୁମାର ଭୋଇ, ସୁବାସ ମେହେର, ମୋହନ ସିଂ କହ୍ନେଇ, ଦ୍ୟୁତିଶ ଆଚାର୍ଯ୍ୟ ପ୍ରମୁଖ ମଞ୍ଚାସୀନ ରହି ଉକ୍ତ ଘଟଣାକୁ ନିନ୍ଦା କରିବା ସହିତ ଏଥିପ୍ରତି ଆଇନଗତ କାର୍ଯ୍ୟାନୁଷ୍ଠାନ ନିଆଯିବା ଦରକାର ବୋଲି ମତ ରଖିଥିଲେ।

# ମହିଳାଙ୍କ ଗଳାକାଟି ହତ୍ୟା

**ସୋନପୁର,୧୭।୮(ନି.ପ୍ର.)**





ଅଭିଯୁକ୍ତ ବଳରାମ ଓ ହତ୍ୟାକାଣ୍ଡରେ ବ୍ୟବହୃତ ଟାଙ୍ଗିଆ ।

## କକା ଗିରଫ, ଟାଙ୍ଗିଆ ଜବତ

ସୁବର୍ଣ୍ଣପୁର ଜିଲା ସୋନପୁର ବ୍ଲକ ରାଏପାଲିର ବଳଭଦ୍ର ବାରିକ୍‌ଙ୍କ ସ୍ତ୍ରୀ ଲକ୍ଷ୍ମୀ(୫୦)ଙ୍କୁ ଶନିବାର ଗଳାକାଟି ହତ୍ୟା କରାଯାଇଛି। ଲକ୍ଷ୍ମୀ କୂଅମୂଳରେ ବାସନ ସଫା କରୁଥିବା ସମୟରେ ତାଙ୍କ କକା ବଳରାମ ବାରିକ(୭୦) ଟାଙ୍ଗିଆରେ ହାଣି ହତ୍ୟା କରିଛନ୍ତି। ଏହି ସମୟରେ ଲକ୍ଷ୍ମୀଙ୍କ ସ୍ୱାମୀ ବଳଭଦ୍ର ବାହାରକୁ ଯାଇଥିଲେ। ଜମିବାଡି ବିବାଦକୁ କେନ୍ଦ୍ର କରି ବଳରାମ ନିଜ ଝିଆରୀକୁ ହତ୍ୟା କରିଥିବା ସ୍ୱୀକାର କରିଛନ୍ତି। ଡୁଙ୍ଗୁରିପାଲି ପୋଲିସ ହତ୍ୟାକାଣ୍ଡରେ ବ୍ୟବହୃତ ଟାଙ୍ଗିଆକୁ ଜବତ କରିବା ସହ ଅଭିଯୁକ୍ତ ବଳରାମଙ୍କୁ ଗିରଫ କରିଛି। ଲକ୍ଷ୍ମୀ ବିବାହ ପରେ ବାପାଙ୍କ ଘରେ ରହୁଥିଲେ। ତାଙ୍କର ୪ଟି ଝିଅ ଓ ଗୋଟିଏ ପୁଅ ଅଛନ୍ତି। ଚାଷ ଜମିକୁ ନେଇ କକା ଓ ଝିଆରୀଙ୍କ ମଧ୍ୟରେ ବିବାଦ ଥିଲା। ପୂର୍ବରୁ ବଳରାମ ଯେଉଁ ଜମି ଚାଷ କରୁଥିଲେ ଚଳିତ ଥର ଲକ୍ଷ୍ମୀଙ୍କ ସ୍ୱାମୀ ସେହି ଜମି ଚାଷ କରିଥିଲେ ବୋଲି ଜଣାପଡିଛି। ହତ୍ୟାକାଣ୍ଡ ସୂଚନା ପାଇ ଏସ୍‌ପି ଦେବୀପ୍ରସାଦ ଦାଶ, ଏସ୍‌ଡିପିଓ ମିହିର କୁମାର ପଣ୍ଡା ଓ ଡୁଙ୍ଗୁରିପାଲି ଆଇଆଇସି ନିରଞ୍ଜନ ଦାସ ଘଟଣାସ୍ଥଳକୁ ଯାଇଥିଲେ। ଲଛିପୁର ଫାଣ୍ଡି ଅଧିକାରୀ କ୍ଷୀରୋଦ ଚନ୍ଦ୍ର ବାଗ ମାମଲାର ତଦନ୍ତ କରୁଛନ୍ତି। ଲକ୍ଷ୍ମୀଙ୍କ ସ୍ୱାମୀ ବଳଭଦ୍ରଙ୍କ ଅଭିଯୋଗ କ୍ରମେ ଥାନାରେ ମାମଲା ରୁଜୁ ହୋଇଛି।




# ନବବଧୂଙ୍କୁ ହତ୍ୟା: ସ୍ୱାମୀ, ଶାଶୁ କୋର୍ଟ ଚାଲାଣ

**ସୋହେଲା,୧୭।୮(ଡି.ଏନ.ଏ)**



ଗିରଫ ଦୁଇ ଅଭିଯୁକ୍ତ ।

ବରଗଡ ଜିଲା ସୋହେଲା ଥାନା ଝର ଗ୍ରାମରେ ଯୌତୁକ ପାଇଁ ନବବଧୂଙ୍କୁ ହତ୍ୟା ଅଭିଯୋଗରେ ପୋଲିସ ଶନିବାର ଅଭିଯୁକ୍ତ ସ୍ୱାମୀ ଓ ଶାଶୁଙ୍କ ଗିରଫ କରି ସନ୍ଧ୍ୟାରେ କୋର୍ଟକୁ ଚାଲାଣ କରିଛି। ଗିରଫ ଅଭିଯୁକ୍ତ ହେଲେ ସୁରେଶ ଭୁଏ(୩୧) ଓ ସୁକାନ୍ତି ଭୁଏ(୫୬)। ଏ ନେଇ ସୋହେଲା ଥାନାରେ ଏକ ମାମଲା (ନଂ.୧୩୨/୧୯) ରୁଜୁ ହୋଇଛି।

ପୋଲିସ ସୂଚନା ଅନୁସାରେ, ଗତ ମାର୍ଚ୍ଚ ୧୦ତାରିଖରେ ସୋହେଲା ଥାନା ବାଉଁଶବେର୍ଣ୍ଣା ଗ୍ରାମର ଉମାକାନ୍ତ ଭୁଏଙ୍କ ଝିଅ ସୁଶୀଳା ଓରଫ ପ୍ରିୟଙ୍କା ଭୁଏଙ୍କୁ ଝର ଗ୍ରାମର ପଞ୍ଚମ ଭୁଏଙ୍କ ପୁଅ ସୁରେଶ ବୈଦିକ ରୀତିରେ ବିବାହ କରିଥିଲେ। ବିବାହ ପରେ ସୁନାମାଳି ଓ ଜମି ଦାବି କରି ସୁଶୀଳାଙ୍କୁ ତାଙ୍କ ସ୍ୱାମୀ ସୁରେଶ ଓ ଶାଶୁ ସୁକାନ୍ତି ନିର୍ଯାତନା ଦେଉଥିଲେ। ଏ ନେଇ ସୁଶୀଳା ଶୁକ୍ରବାର ସକାଳେ ବାପଘରକୁ ଫୋନ କରି ସ୍ୱାମୀ ଓ ଶାଶୁ ସୁନା ଓ ଜମି ପାଇଁ ତାଙ୍କୁ ମାଡପିଟ୍ କରୁଥିବା କହିଥିଲେ। ସୁଶୀଳାଙ୍କ ଦେହ ଅସୁସ୍ଥ ଅଛି ବୋଲି ଖବର ପାଇ ତାଙ୍କ କାକା କୈଳାସ ସ୍ତ୍ରୀ ଏବଂ ମାଉସୀଙ୍କ ସହିତ ଝର ଗ୍ରାମକୁ ଆସୁଥିଲେ। କିନ୍ତୁ ବାଟରେ ସୁଶୀଳାଙ୍କୁ ସୋହେଲା ଡାକ୍ତରଖାନାକୁ ନିଆଯାଇଥିବା ଖବର ପାଇଥିଲେ। ସେମାନେ ସୋହେଲା ଡାକ୍ତରଖାନାକୁ ଆସି ସୁଶୀଳାଙ୍କୁ ଗୁରୁତର ଅବସ୍ଥାରେ ଥିବା ଦେଖିଥିଲେ। ପ୍ରାଥମିକ ଚିକିତ୍ସା ପରେ ଡାକ୍ତର ତାଙ୍କୁ ବରଗଡ ଡାକ୍ତରଖାନାକୁ ସ୍ଥାନାନ୍ତର କରିଥିଲେ। ବରଗଡ ଡାକ୍ତରଖାନାରେ ଅବସ୍ଥା ଗୁରୁତର ହେବାରୁ ତାଙ୍କୁ ବୁର୍ଲା ଡାକ୍ତରଖାନାକୁ ସ୍ଥାନାନ୍ତର କରାଯାଇଥିଲା। ବୁର୍ଲା ନେବାବେଳେ ସୁଶୀଳାଙ୍କ ସମ୍ପୂର୍ଣ୍ଣ ଶରୀର ପୋଡି ଯାଇଥିବା କୈଳାସ ଦେଖିବାକୁ ପାଇଥିଲେ। ବୁର୍ଲା ଡାକ୍ତରଖାନାରେ ଚିକିତ୍ସାଧୀନ ଅବସ୍ଥାରେ ଶୁକ୍ରବାର ରାତି ୧୨ଟାରେ ତାଙ୍କର ମୃତ୍ୟୁ ହୋଇଥିଲା। ଖବର ପାଇ ଶନିବାର ସକାଳେ ସୋହେଲା ଥାନା ଆଇଆଇସି ନିର୍ମଳ କୁମାର ମହାପାତ୍ର ବୁର୍ଲା ଡାକ୍ତରଖାନାକୁ ଯାଇ ଶବକୁ ଜବତ କରିଥିଲେ। ମାଜିଷ୍ଟ୍ରେଟ ଭାବେ ସମ୍ବଲପୁର ସହକାରୀ ଜିଲାପାଳ ରଶ୍ମିତା ନାଥଙ୍କ ଉପସ୍ଥିତିରେ ପୋଲିସ ଶବର ମାଇନା କରିଥିଲା ଏବଂ ପରେ ଶବ ବ୍ୟବଚ୍ଛେଦ ହୋଇଥିଲା। ସୁଶୀଳାଙ୍କୁ ପୋଡି ମାରି ଦିଆଯାଇଥିବା କୈଳାସ ଅଭିଯୋଗ କରିବା ପରେ ପୋଲିସ ଅଭିଯୁକ୍ତ ସ୍ୱାମୀ ଓ ଶାଶୁଙ୍କୁ ଗିରଫ କରିଥିଲା ।

## ବାଇକ୍ ଦୁର୍ଘଟଣାରେ ଜଣେ ମୃତ

**ମନମୁଣ୍ଡା, ୧୭।୮ (ଡି.ଏନ.ଏ):** ବୌଦ୍ଧ ଜିଲା ମନମୁଣ୍ଡା ଥାନା ମାଳିସାହି ଛକରେ ଶନିବାର ଏକ ବାଇକ ଦୁର୍ଘଟଣାରେ ଜଣେ ଯୁବକଙ୍କ ଘଟଣାସ୍ଥଳରେ ମୃତ୍ୟୁ ହୋଇଛି। ମୃତକ ହେଲେ ଏହି ଥାନା ଅଧୀନ ବଡରାହାଯୋରର ତପନ ଭୋଇ (୪୫)। ସୂଚନା ଅନୁସାରେ, ତପନ ଅପରାହ୍ନ ପ୍ରାୟ ୩ଟା ବେଳେ ଏକ ଡିସକଭର ବାଇକ (ନଂ.ଓଆର୍୧୨ଏ/୨୧୨୩) ଯୋଗେ ଘରୁ ବାହାରି ମାଳିସାହି ଛକରେ ଭାରସାମ୍ୟ ହରାଇ ଦୁର୍ଘଟଣାଗ୍ରସ୍ତ ହୋଇଥିଲେ। ମନମୁଣ୍ଡା ପୋଲିସ ବାଇକ ଜବତ କରିବା ସହ ମନମୁଣ୍ଡା ସିଏଚସିରେ ଶବ ବ୍ୟବଚ୍ଛେଦ କରାଇ ଘଟଣାର ତଦନ୍ତ କରୁଛି।

## ମାତାମଠକୁ ରାସ୍ତା ନିର୍ମାଣ ପାଇଁ ୩ଲକ୍ଷ ମଞ୍ଜୁର

**ବିନିକା,୧୭।୮(ଡି.ଏନ୍.ଏ.)**

ସୁବର୍ଣ୍ଣପୁର ଜିଲା ବିନିକା ବ୍ଲକ ପର୍ଯ୍ୟଟନସ୍ଥଳୀ ମାତାମଠକୁ ହେବ ରାସ୍ତା ନିର୍ମାଣ। ଚତୁର୍ଦ୍ଦଶ ଅର୍ଥ କମିଶନ ଅନୁଦାନରୁ ରାସ୍ତା ନିର୍ମାଣ ପାଇଁ ୩ ଲକ୍ଷ ଟଙ୍କା ଅର୍ଥରାଶି ମଞ୍ଜୁର ହୋଇଛି । ରାସ୍ତା ସାରଙ୍ଗପାଲି ଗାଁ ମୁଣ୍ଡରୁ ମାତାମଠ ଯାଏଁ ନିର୍ମାଣ ହେବ । ରାସ୍ତା ନିର୍ମାଣ ପରେ ଆଗକୁ ପୀଠର ଅଧିକ ବିକାଶମୂଳକ କାର୍ଯ୍ୟ ହେବ ବୋଲି ବାଙ୍କିଘିର୍ଡି ସରପଞ୍ଚ ମାନସ କୁମାର ବେହେରା ଓ ମାତାମଠ କମିଟି ସଦସ୍ୟମାନେ ପ୍ରକାଶ କରିଛନ୍ତି। ଗତ ତା୨୮।୭।୨୦୧୯ରେ ଧରିତ୍ରୀରେ ବିକାଶଠାରୁ ଦୂରରେ ମାତାମଠ ଶୀର୍ଷକ ଖବର ପ୍ରକାଶ ପରେ ଏହି ସ୍ଥଳୀର ବିକାଶ ଉପରେ ପ୍ରଶାସନ ତତ୍ପର ହୋଇଥିଲା।

## ମୋବାଇଲ ବ୍ୟାଟେରି ଫାଟି ବାଳକ ଗୁରୁତର

**ନୂଆପଡା ଅଫିସ,୧୭।୮:** ପଡୋଶୀ ବରଗଡ ଜିଲା ପାଇକମାଲ ବ୍ଲକ ମାଲପଡା ଗାଁରେ ମୋବାଇଲ ବ୍ୟାଟେରୀ ଫାଟିଯିବାରୁ ପବିତ୍ର ଭୋଇ(୧୨)ନାମକ ଜନୈକ ବାଳକ ଗୁରୁତର ଭାବେ ଆହତ ହୋଇଛନ୍ତି। ତାଙ୍କୁ ପ୍ରଥମେ ନୂଆପଡା ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତିକରି ପ୍ରାଥମିକ ଚିକିତ୍ସା କରାଯିବା ପରେ ବୁର୍ଲାକୁ ସ୍ଥାନାନ୍ତର କରାଯାଇଛି। ବାଳକଙ୍କ ଡାହାଣ ହାତ ପାପୁଲି କ୍ଷତାକ୍ତ ହୋଇଥିବାବେଳେ ଛାତିରେ ଆଘାତ ଲାଗିଥିବା ଜଣାପଡ଼ିଛି। ଶନିବାର ଅପରାହ୍ନ ୪ଟାବେଳେ ପବିତ୍ର ଘରେ ରଖାହୋଇଥିବା ଏକ ଜିଓ କମ୍ପାନୀର ମୋବାଇଲ ସହ ଏକ ଇଲେକ୍ଟ୍ରିକ ବଲ୍‌ବକୁ ସଂଯୋଗ କରି ଖେଳୁଥିବା ସମୟରେ ବ୍ୟାଟେରୀ ହଠାତ ଫାଟିଯାଇଥିଲା। ଘଟଣାସ୍ଥଳରେ ପବିତ୍ର ପଡିଯାଇଥିଲେ। ତାଙ୍କୁ ଉଦ୍ଧାର କରି ନୂଆପଡାକୁ ଅଣାଯାଇଥିବା ତାଙ୍କ ପରିବାର ସୂତ୍ରରୁ ପ୍ରକାଶ ।

## କଫ ସିରପ୍ ଜବତ, ୨ ଗିରଫ

**ବରଗଡ଼ ଅଫିସ୍/ ପାଇକମାଳ, (ଡି.ଏନ.ଏ),୧୭।୮**

ବରଗଡ଼ ସଦର ଥାନା ପୋଲିସ କଫ୍ ସିରପ୍ ବିକ୍ରି କରିବା ଅଭିଯୋଗରେ ଝାଙ୍କରପାଲି ଗ୍ରାମର ଗଣେଶରାମ ସାଥୁଆଙ୍କୁ ଗିରଫ କରିଛି । ତାଙ୍କ ପାଖରୁ ୧୪ବୋତଲ କଫ ସିରପ୍ ଏବଂ ୧ଷ୍ଟ୍ରିପ ନିଶା ବଟିକା ଜବତ ହୋଇଛି । ଗିରଫ ଅଭିଯୁକ୍ତଙ୍କୁ ଶନିବାର କୋର୍ଟଚାଲାଣ କରାଯାଇଥିବା ସଦର ଥାନା ଅଧିକାରୀ ଦିଲୀପ କୁମାର ବେହେରା ସୂଚନା ଦେଇଛନ୍ତି ।

ସେହିପରି ସାର ବସ୍ତାରେ ଭର୍ତ୍ତି କରି କଫ୍ ସିରପ ବାଇକରେ ନେଉଥିବା ବେଳେ ପୋଲିସ ଦେଶୀ ମଦ ଭାଟି ନିକଟରେ ଜବତ କରିଛି। ଏହି ଘଟଣାରେ ଗାଇସିଲେଟ ଥାନା ଅର୍ଏଁଲାଭଟା ଗ୍ରାମର ସୁନୀଲ କୁମାର ସାହୁଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି। ଏ ନେଇ ପାଇକମାଳ ଥାନାରେ ଏକ ମାମଲା ରୁଜୁ ହୋଇଛି । ଛତିଶଗଡ ଅଞ୍ଚଳରୁ ୨ ବସ୍ତା କଫ ସିରପ ଝାରବନ୍ଧ ବାଟ ଦେଇ ପାଇକମାଳ ଆସୁଥିବା ଖବର ପାଇ ପୋଲିସ ବୈଦପାଲି ଭାଟି ନିକଟରେ ଛକି ରହିଥିଲା। ସୁନୀଲ ଏକ ବାଇକ୍ ଯୋଗେ ଉକ୍ତ କଫ୍ ସିରପ ଆଣୁଥିବାବେଳେ ପୋଲିସ ତାଙ୍କୁ ଅଟକାଇ ଯାଞ୍ଚ କରିଥିଲା। ଯାଞ୍ଚ ବେଳେ ବସ୍ତାରୁ ୬ଶହ ବୋତଲ କଫ୍‌ସିରପ ବାହାରିଥିଲା ।






Printed and Published by Tathagata Satpathy on behalf of Navajat Printers & Media Pvt. Ltd.& Printed at Navajat Printers, B/4, Bareipali, Sambalpur, Editor - Tathagata Satpathy ସମ୍ପାଦକ-ତଥାଗତ ସତପଥୀ



ଯିଏ ଗୋଟିଏ ଛୋଟ କାମକୁ ଦକ୍ଷତାର ସହିତ କରିଦେଇ ପାରିବ, ସେ ହିଁ ଗୋଟିଏ ବଡ଼ କାମକୁ ନେଇଆଣି ଥୋଇ ପାରିବ। -ପାସ୍‌କଲ



## ସଂକ୍ଷେପରେ

### ସ୍କୁଲ ଉପରେ ୧୧କେଭି ବିଦ୍ୟୁତ୍ ତାର

ବିନିକା,୧୭।୮(ଡି.ଏନ୍.ଏ.): ସୁବର୍ଣ୍ଣପୁର ଜିଲା ବିନିକା ବ୍ଲକ ବାବୁପାଲି ଗ୍ରାମ ପଞ୍ଚାୟତ ଅନ୍ତର୍ଗତ ତାଳମୁଣ୍ଡା ପ୍ରାଥମିକ ଓ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ଉପର ଦେଇ ୧୧କେଭି ବିଦ୍ୟୁତ୍ ତାର ଲମ୍ବିଛି । ବହୁ ସମୟରେ ତାରରୁ ନିଆଁ ଖସୁଛି। ଏଥିଯୋଗୁ ସ୍କୁଲରେ ଅଧ୍ୟୟନରତ ଛାତ୍ରୀଛାତ୍ରଙ୍କ ସହ ଶିକ୍ଷୟିତ୍ରୀଶିକ୍ଷକ ଏକରକମ ଅସୁରକ୍ଷିତ ଅବସ୍ଥାରେ ରହୁଛନ୍ତି। ତୁରନ୍ତ ସ୍କୁଲ ଉପର ଦେଇ ଯାଇଥିବା ଉଚ୍ଚ କ୍ଷମତାସମ୍ପନ୍ନ ବିଦ୍ୟୁତ୍ ତାରକୁ ହଟାଇବାକୁ ଛାତ୍ରୀଛାତ୍ର ଓ ଅଭିଭାବକମାନେ ଦାବି କରିଛନ୍ତି। । ସେମାନେ ଅଭିଯୋଗ କରିଛନ୍ତି ଯେ, ବିପଦସଙ୍କୁଳ ଅବସ୍ଥାରେ ଥିବା ଏହି ତାରକୁ ସ୍କୁଲ ପରିସରରୁ ହଟାଇବା ପାଇଁ ସେମାନେ ବିଭିନ୍ନ ସମୟରେ ଦାବି କରି ଆସିଛନ୍ତି। ହେଲେ ବିଭାଗୀୟ କର୍ତ୍ତୃପକ୍ଷ ପ୍ରତିଶ୍ରୁତି ଦେଇ ଚୁପ ହୋଇ ବସିଛନ୍ତି। ଏ ବିଷୟରେ ସ୍କୁଲର ପ୍ରଧାନ ଶିକ୍ଷକ ଦୀନବନ୍ଧୁ ଗର୍ତ୍ତିଆ କହିଛନ୍ତି ଯେ, କହିକହି ଆମେ ଥକି ଗଲୁଣି । ତାରକୁ ସ୍ଥାନାନ୍ତର କରାଯାଉନାହିଁ। ଏଣୁ ବିଦ୍ୟାର୍ଥିଙ୍କ ସୁରକ୍ଷା ଚିନ୍ତା ସବୁବେଳେ ଲାଗି ରହୁଛି।। ସହକାରୀ ଶିକ୍ଷକ ରଞ୍ଜନ ପଧାନ କହିଛନ୍ତି ଯେ, ବାରମ୍ବାର କହିଲା ପରେ ମଧ ଯଦି ପଦକ୍ଷେପ ନିଆଯାଉ ନାହିଁ, ତେବେ କେଣସି ଦୁର୍ଘଟଣା ଘଟିଲେ ସେଥିପାଇଁ ବିଦ୍ୟୁତ୍ ବିଭାଗ ସମ୍ପୂର୍ଣ୍ଣ ଦାୟୀ ରହିବ। ଆଉ ଜଣେ ଶିକ୍ଷକ ଦକିଳ ପଧାନଙ୍କ କହିବା ଅନୁସାରେ ଯେତେବେଳେ ପ୍ରବଳ ବର୍ଷା ସହିତ ପବନ ଓ ଘଡଘଡି ହୁଏ ସେତେବେ ସ୍କୁଲ ମଧଦେଇ ଯାଇଥିବା ବିଦ୍ୟୁତ୍ ତାରଗୁଡିକ ପରସ୍ପର ମଧରେ ବାଡେଇ ହୋଇ ନିଆଁ ବାହାରେ। ଏନେଇ ବିନିକା ବିଦ୍ୟତ୍ ବିଭାଗୀୟ ଅଧିକାରୀ ରଶ୍ମୀ ରଞ୍ଜନ ଜେନାଙ୍କୁ ପଚାରିବାରୁ ସ୍କୁଲ ଉପର ଦେଇ ଯାଇଥିବା ୧୧କେଭି ବିଦ୍ୟୁତ୍ ତାରକୁ ଯଥାଶୀଘ୍ର ଅନ୍ୟତ୍ର ସ୍ଥାନାନ୍ତର କରାଯିବ ନେଇ ଉଦ୍ୟମ କରାଯାଉଛି ବୋଲି କହିଛନ୍ତି।

**ଆଜି କ'ଣ କେଉଁଠି**

ସ୍ତମ୍ଭରେ କୌଣସି କାର୍ଯ୍ୟକ୍ରମ ସ୍ଥାନିତ କରିବାକୁ ଚାହୁଁଥିଲେ ସମ୍ପୂର୍ଣ୍ଣ ବିବରଣୀ ସହ ନିକଟସ୍ଥ ପ୍ରତିନିଧି କିମ୍ବା ଧରିତ୍ରୀ ମୁଖ୍ୟ କାର୍ଯ୍ୟାଳୟ ସହ ଯୋଗାଯୋଗ କରନ୍ତୁ।

### ପରିଚାଳନା କମିଟି ଅଧୀନସ୍ଥ ଶିକ୍ଷକ, ଅଣଶିକ୍ଷା କର୍ମଚାରୀଙ୍କ ଆନ୍ଦୋଳନ

# ଦରମା ବୃଦ୍ଧି, ଆୟବ୍ୟୟରେ ସ୍ୱଚ୍ଛତା ଦାବି

ସୋନପୁର,୧୭।୮(ନି.ପ୍ର.)

ଦରମା ବୃଦ୍ଧି ନେଇ ବାରମ୍ବାର ଦାବି ସତ୍ତ୍ୱେ କେହି ଶୁଣିଲେନି। ଶେଷରେ ଆନ୍ଦୋଳନକୁ ଓହ୍ଲାଇଲେ ସୋନପୁର ବିଜୁ ପଟ୍ଟନାୟକ ଡିଗ୍ରୀ ମହିଳା ମହାବିଦ୍ୟାଳୟର ପରିଚାଳନା କମିଟି ଅଧିନସ୍ଥ ଶିକ୍ଷକ ଓ ଅଣଶିକ୍ଷକ କର୍ମଚାରୀ। ଶନିବାର ସେମାନେ ଶ୍ରେଣୀ ବର୍ଜନ କରିବା ସହିତ ମହାବିଦ୍ୟାଳୟର ସମସ୍ତ ଶ୍ରେଣୀ କୋଠରୀରେ ତାଲା ପକାଇଥିଲେ। ଦୀର୍ଘ ୨୦ ବର୍ଷ ଧରି ୩ ଶିକ୍ଷକ ଓ ୮ ଅଣଶିକ୍ଷକ କର୍ମଚାରୀମାନେ ସ୍ୱଳ୍ପ ଦରମାରେ କାର୍ଯ୍ୟ କରି ଆସୁଛନ୍ତି। ପରିଚାଳନା ପରିଷଦ ନିକଟରେ ଦୀର୍ଘଦିନରୁ ସେମାନେ ଦାବି ଉପସ୍ଥାପନା କରିଥିଲେ। ଏପରିକି ପରିଚାଳନା ପରିଷଦର ସଭାପତି ତଥା ଉପଜିଲାପାଳ ବଳରାମ ମଲ୍ଲିକଙ୍କୁ ଜଣାଇଥିଲେ। ଗତ ୭ତାରିଖରେ ଜିଲାପାଳଙ୍କ ନିକଟରେ ସମସ୍ୟା ଜଣାଇଥିଲେ। କିନ୍ତୁ ସବୁଠାରୁ ନିରାଶ ହେବା ପରେ ଆନ୍ଦୋଳନ କରିଥିଲେ । ମହାବିଦ୍ୟାଳୟର ଅଧକ୍ଷା ବୈଜୟନ୍ତୀ ନାଏକ ଆନ୍ଦୋଳନରୁ ନିବୃତ୍ତ ରହିବାକୁ କର୍ମଚାରୀଙ୍କୁ ଅନୁରୋଧ କରିଥିଲେ। ତେବେ ଦାବି ପୂରଣ ନ ହେଲେ ଆନ୍ଦୋଳନରୁ ହଟିବେ ନାହିଁ ବୋଲି ସେମାନେ ଜଣାଇଥିଲେ। ଅପରାହ୍ନରେ ପରିଚାଳନା କମିଟିର ସଭ୍ୟ ଶ୍ରୀବସ୍ତ ମଲ୍ଲିକ ଓ କେଦାରନାଥ ପୂଜାରୀ ଆନ୍ଦୋଳନକାରୀଙ୍କ ସହିତ ଆଲୋଚନା କରିଥିଲେ । ଲିଖିତ ପ୍ରତିଶୃତି ପରେ କର୍ମଚାରମାନେ ଆନ୍ଦୋଳନକୁ ଆସନ୍ତା ମଙ୍ଗଳବାର ପର୍ଯ୍ୟନ୍ତ ସ୍ଥଗିତ ରଖିଥିବା ଜଣାପଡିଛି। ଏହି ଆନ୍ଦୋଳନରେ ଓଡିଆ ବିଭାଗର ଅଧାପିକା ବାସନ୍ତି ପଧାନ, ସଂସ୍କୃତ ଅଧାପିକା ସଞ୍ଜୁରାଣୀ ସିଂ, କ୍ରୀଡା ଶିକ୍ଷକ ପ୍ରଭାସିନୀ କଣ୍ଟା, ଡେମୋନଷ୍ଟ୍ରେଟର ଦୀନେଶ କୁମାର ନାଏକ, କିରାଣୀ ହରି ଓଁ କୁଶଳ, ପ୍ରଦୀପ୍ତ ଦାଶ, ମିତ୍ରଭାନୁ ଦନ୍ତା, ସୁରେନ୍ଦ୍ର ଛତ୍ରିଆ, ଉମାଶଙ୍କର ସୁନା, ଭାରତୀ ବେହେରା ଓ ଅଙ୍କୁର ପାଣିଗ୍ରାହୀ ସାମିଲ ହୋଇଥିଲେ।



ଶ୍ରେଣୀଗୃହରେ ତାଲା ପକାଇ ଶିକ୍ଷକ ଓ ଅଣଶିକ୍ଷକ କର୍ମଚାରୀ ଧାରଣାରେ ବସିଛନ୍ତି ।

### ସୁବର୍ଣ୍ଣପୁରରେ ହାଇକୋର୍ଟ ବେଞ୍ଚ ପ୍ରତିଷ୍ଠା ଦାବି

# ବରିଷ୍ଠ ନାଗରିକ ସଂଘ, ସାମ୍ବାଦିକ ସଂଘର ସମର୍ଥନ

ସୋନପୁର,୧୭।୮(ନି.ପ୍ର.)

ସୁବର୍ଣ୍ଣପୁରରେ ହାଇକୋର୍ଟର ସ୍ଥାୟୀ ବେଞ୍ଚ ପ୍ରତିଷ୍ଠା ପାଇଁ ଜିଲା ଓକିଲ ସଂଘ ଦାବି କରିଛି । ଶନିବାର ବରିଷ୍ଠ ନାଗରିକ ସଂଘ ଓ ଜିଲା ସାମ୍ବାଦିକ ସଂଘ ଓକିଲ ସଂଘର ଦାବିକୁ ସମର୍ଥନ ଜଣାଇଛନ୍ତି । ବରିଷ୍ଠ ନାଗରିକ ସଂଘ ପକ୍ଷରୁ ସୁବର୍ଣ୍ଣମେରୁ ମନ୍ଦିର ପରିସରରେ ସଫେଇ କାର୍ଯ୍ୟକ୍ରମ ପରେ ସ୍ଥାନୀୟ କଲ୍ୟାଣ ମଣ୍ଡପରେ ସଭାପତି ରାଜେନ୍ଦ୍ର କୁମାର ମିଶ୍ରଙ୍କ ପୌରୋହିତ୍ୟରେ ସଭା ଅନୁଷ୍ଠିତ ହୋଇଥିଲା। ଏଥିରେ ବେଞ୍ଚ ପ୍ରତିଷ୍ଠା ଦାବିକୁ ସଂଘ ପକ୍ଷରୁ ସମର୍ଥନ ଜଣାଯାଇଥିଲା। ସେହିପରି ଜିଲାର ଉନ୍ନୟନମୂଳକ କାର୍ଯ୍ୟକ୍ରମରେ ସଂଘର ସଦସ୍ୟମାନେ ସଂଶ୍ଳିଷ୍ଟ ରହି ସେଗୁଡିକୁ ତ୍ୱରାନ୍ୱିତ କରିବେ ବୋଲି ନିଷ୍ପତ୍ତି ହୋଇଥିଲା। ସହରରେ ଜଳର ଅପଚୟ ରୋକିବାକୁ ପ୍ରଶାସନର ଦୃଷ୍ଟି ଆକର୍ଷଣ କରିବାକୁ ନିଷ୍ପତ୍ତି ହୋଇଥିଲା। ସଂଘ ସମ୍ପାଦକ ପ୍ରଫେସର ନାରାୟଣ ପ୍ରସାଦ ରାୟଗୁରୁ, ବ୍ୟୋମକେଶ ଦାଶ, ଚନ୍ଦ୍ରମଣି ଦାଶ, କୃପାସିନ୍ଧୁ ପାଣିଗ୍ରାହୀ, ନିତ୍ୟାନନ୍ଦ ମାଝୀ, ବେଦବ୍ୟାସ ତ୍ରିପାଠୀ, ଶ୍ୟାମ ସୁନ୍ଦର ଅଗ୍ରୱାଲା, ମଧୁସୂଦନ ପୂଜାହାରୀ, ଶିବନାରାୟଣ ମିଶ୍ର, ବିରଞ୍ଚି ନାରାୟଣ ମହାନ୍ତି, ଲକ୍ଷ୍ମୀନାରାୟଣ ମହାନ୍ତି, ଶିବରାମ ପଟ୍ଟନାୟକ, ମାଗୁଣି ସାହୁ ପ୍ରମୁଖ ଅଂଶଗ୍ରହଣ କରିଥିଲେ । ଯୁଗ୍ମ ସମ୍ପାଦକ ଡାକ୍ତର ଜ୍ୟୋତିରଞ୍ଜନ ବହିଦାର ଧନ୍ୟବାଦ ପ୍ରଦାନ କରିଥିଲେ। ଜିଲା ଓକିଲ ସଂଘ ପକ୍ଷରୁ ଏକ ପ୍ରସ୍ତାବ ଗୃହୀତ ହୋଇ ଏହି ଦାବିକୁ ସମର୍ଥନ କରାଯାଇଛି । ରାଜାରାଜୁଡା ଅମଳରୁ ସୋନପୁରରେ ହଜୁରୁ କୋର୍ଟ ଥିଲା । ଯାହା ସର୍ବୋଚ୍ଚ ଅଦାଲତର କ୍ଷମତା ସହିତ ସମାନ ଥିଲା । ତେଣୁ ଏଠାରେ ସ୍ଥାୟୀ ବେଞ୍ଚ ସ୍ଥାପନ ପାଇଁ ସଂଘ ଯୁକ୍ତି ଦର୍ଶାଇଛି । ସଂଘ ସଭାପତି ଗୋରେଖନାଥ ସାହୁ, ସମ୍ପାଦକ ବ୍ୟୋମକେଶ ଦାଶ, ଇନ୍ଦ୍ରମଣି ଦାଶ, ପର୍ଶୁରାମ ମିଶ୍ର ଓ ବେଣୁଧର ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ ।

### ନିଆଁରେ ପୋଡ଼ି ମହିଳାଙ୍କ ମୃତ୍ୟୁ ଘଟଣା

# ହତ୍ୟା ଅଭିଯୋଗରେ ସ୍ୱାମୀ କୋର୍ଟ ଚାଲାଣ

ଉଲୁଣ୍ଡା, ୧୭।୮(ଡି.ଏନ.ଏ.)

ଉଲୁଣ୍ଡା ଥାନା ଅଇଁଲାଛାଟ ଗ୍ରାମରେ ନିଆଁରେ ପୋଡି ମହିଳା ଜୀବନ୍ତ ଦଗ୍ଧ ମାମଲାରେ ତାଙ୍କ ସ୍ୱାମୀ ଉପେନ୍ଦ୍ର କୁମ୍ଭାରଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି ଉଲୁଣ୍ଡା ପୋଲିସ। ମିଳିଥିବା ସୂଚନା ମତେ, ଗତ ଗୁରୁବାର ଉକ୍ତ ଗ୍ରାମର ମିଥିଲା କୁମ୍ଭାର(୪୫)ଙ୍କ ପୋଡା ଶବ ଉଲୁଣ୍ଡା ପୋଲିସ ତାଙ୍କ ଘରୁ ଜବତ କରିଥିଲା । ଏନେଇ ମୃତଙ୍କ ବାପା ମହାଦେବ ତରିଆ ତାଙ୍କ ଝିଅକୁ ଜ୍ୱାଇଁ ହତ୍ୟା କରିଥିବା ଅଭିଯୋଗ କରିଥିଲେ। ଅଭିଯୋଗକୁ ଭିତ୍ତି କରି ଉପେନ୍ଦ୍ରଙ୍କୁ ଅଟକ ରଖି ପୋଲିସ ପଚରାଉଚୁରା କରିଥିଲା । ପାରିପାର୍ଶ୍ୱିକ ସ୍ଥିତିକୁ ଅନୁଧ୍ୟାନ କରି ଅଭିଯୁକ୍ତଙ୍କୁ ଶନିବାର ହତ୍ୟା ଅଭିଯୋଗରେ କୋର୍ଟଚାଲାଣ କରିଥିବା ଜଣାପଡିଛି। ପଡୋଶୀ ଲୋକଙ୍କ କହିବା ଅନୁସାରେ ଗୁରୁବାର ଅପରାହ୍ନ ପ୍ରାୟ ୧ଟାରେ ମିଥିଲା ନିଜ ଘରେ ଥିବା ବେଳେ ତାଙ୍କ ଦେହରେ ନିଆଁ ଲାଗିଯାଇଥିଲା । ଫଳରେ ତାଙ୍କ ଶରୀର ସମ୍ପୂର୍ଣ୍ଣ ପୋଡିଯିବା ସହ ଘଟଣାସ୍ଥଳରେ ହିଁ ଜୀବନ ଚାଲିଯାଇଥିଲା। ତେବେ ନିଆଁ କିଏ ଓ କାହିଁକି ଲଗାଇଥିଲା କୌଣସି ଲୋକ ଦେଖି ନ ଥିଲେ। ପରେ ତାଙ୍କ ସ୍ୱାମୀ ଉପେନ୍ଦ୍ର କୁମ୍ଭାର ଓ ଶାଶୁ ବୁନ୍ଦ୍ରି କୁମ୍ଭାର ଘଟଣାସ୍ଥଳରେ ପହଞ୍ଚି ନିଆଁକୁ ଆୟତ କରିବା ସହ ପୋଲିସକୁ ଖବର ଦେଇଥିଲେ। ପୋଲିସ ଏକ ମାମଲା ରୁଜୁ କରି ମୃତଦେହକୁ ବ୍ୟବଚ୍ଛେଦ ପାଇଁ ପଠାଇଥିଲା।

# ବନ୍ୟା ପରେ ଦୁର୍ଦ୍ଦଶାରେ ତରଭାବାସୀ

ତରଭା, ୧୭।୮(ଡି.ଏନ.ଏ.)

ଲଘୁଚାପଜନିତ ଲଗାଣ ବର୍ଷା ଓ ବନ୍ୟାରେ ତରଭା ଅଞ୍ଚଳରେ ନାହିଁ ନ ଥିବା କ୍ଷତି ଘଟିଛି। ବନ୍ୟା ଛାଡି ଯିବା ପରେ ଏବେ ସ୍ଥିତି ଦୁର୍ବିସହ ହୋଇପଡିଛି। ତରଭା ସହରାଞ୍ଚଳରେ କୁଢକୁଢ ଆବର୍ଜନା ପୁତିଗନ୍ଧମୟ ପରିବେଶ ସୃଷ୍ଟି କରିଛି। ବନ୍ୟା ଦିନଠାରୁ ତରଭାକୁ ପାନୀୟ ଜଳଯୋଗାଣ ହୋଇପାରିନାହିଁ । ଜଳଯୋଗାଣ ମୁଖ୍ୟ ପାଇପ ବନ୍ୟାରେ ଭାସିଯିବା ଯୋଗୁଁ ଏହି ପରିସ୍ଥିତି ସୃଷ୍ଟି ହୋଇଛି । ଏହାର ମରାମତି କାର୍ଯ୍ୟ ଯୁଦ୍ଧକାଳୀନ ଭିତ୍ତିରେ କରିବା ପାଇଁ ବାହାରୁ ଟେକନିସିଆନ ଅଣାଯାଇ କରାଯାଉଛି । ସମସ୍ୟା ଆଶୁ ସମାଧାନ ପାଇଁ ବଲାଙ୍ଗୀର, ବିନିକାରୁ ଟ୍ୟାଙ୍କରରେ ପାଣି ଆଣି ସହରର ବିଭିନ୍ନ ସ୍ଥାନରେ ଯୋଗାଇ ଦିଆଯାଉଛି। ତେବେ ରବିବାର ପାଇପ ଜଳଯୋଗାଣ କରାଯିବାର ନିର୍ଭର ପ୍ରତିଶୃତି ଦେଇଛନ୍ତି ବିଭାଗୀୟ କନଷ୍ଠ ଯନ୍ତ୍ରୀ ଦୀପକ ମେହେର । ଡାକ୍ତରଖାନା ଭିତରେ ୬ଫୁଟ ଲେଖାଏଁ ପାଣି ପ୍ରବାହିତ ହେବା ଫଳରେ ଔଷଧ ଓ କାଗଜପତ୍ର ନଷ୍ଟ ହୋଇଛି। ରୋଗୀ ଆସିଲେ ବାଧ୍ୟ ହୋଇ ଡାକ୍ତରଖାନା ପରିସରରେ ଥିବା ନିମ୍ବଗଛ ତଳେ ଡାକ୍ତରମାନେ ରୋଗୀ ସେବା କରିବାକୁ ବାଧ୍ୟ ହେଉଛନ୍ତି । ସ୍ଥାନୀୟ ଏନଏସି କର୍ତ୍ତୃପକ୍ଷ ତୁରନ୍ତ ଏ ଦିଗରେ ଦୃଷ୍ଟିଦେଇ ଡାକ୍ତରଖାନାକୁ ଯୁଦ୍ଧକାଳୀନ ଭିତ୍ତିରେ ସଫାସୁତୁରା କରାଇବାକୁ ଦାବି ହେଉଛି। ଏଠାରେ ଆବଶ୍ୟକ ସଫେଇ କର୍ମଚାରୀ ନ ଥିବାରୁ ଜିଲାପାଳଙ୍କ ନିର୍ଦ୍ଦେଶକ୍ରମେ ବାହାରୁ ୩୦ରୁ ୪୦ ସଫେଇ କର୍ମଚାରୀ ଆଣି ସହରର ପରିମଳ ବ୍ୟବସ୍ଥା ବ୍ୟବସ୍ଥିତ କରିବାକୁ ପ୍ରୟାସ କରାଯାଉଥିବା ଏନଏସି କର୍ତ୍ତୃପକ୍ଷ କହିଛନ୍ତି। ଶନିବାର ଅର୍ଥମନ୍ତ୍ରୀ ନିରଞ୍ଜନ ପୂଜାରୀ ତୁଲୁଣ୍ଡା ଡ୍ୟାମ ଅଞ୍ଚଳ, ଅତ୍ୟଧିକ କ୍ଷତିଗ୍ରସ୍ତ ନର୍ଡା, ବଘିଆ ତଥା ତରଭା ସହରର ୧୧-୧୨ ନଂ ୱାର୍ଡ ଅନ୍ତର୍ଭାକୁ ଯାଇ ଲୋକଙ୍କ ଭଲମନ୍ଦ ପଚାରି ବୁଝିଥିଲେ । ସନ୍ଧ୍ୟାରେ ସ୍ଥାନୀୟ ବ୍ଲକ ପରିସରରେ ଶତାଧିକ ବ୍ୟବସାୟୀଙ୍କ ସହିତ କ୍ଷୟକ୍ଷତି ବିଷୟରେ ଆଲୋଚନା କରିଥିଲେ । ବ୍ୟବସାୟୀମାନେ କିପରି ଭାବେ ସାହାଯ୍ୟ ପାଇପାରିବେ ସେଥିପାଇଁ ସ୍ୱତନ୍ତ୍ର ଧ୍ୟାନ ଦିଆଯିବା ବୋଲି ପୂଝାରୀ ପ୍ରତିଶ୍ରୁତି ଦେଇଥିଲେ। ଏଥିସହ କ୍ଷତିଗ୍ରସ୍ତ ପରିବାରଙ୍କୁ ଗୃହ ନିର୍ମାଣ ପାଇଁ ସ୍ୱତନ୍ତ୍ର ଦୃଷ୍ଟି ଦିଆଯିବ ବୋଲି ମନ୍ତ୍ରୀ ଏହି ଅବସରରେ କହିଥିଲେ।


ତରଭା ଡାକ୍ତରଖାନାରେ ଗଛମୂଳେ ରୋଗୀଙ୍କ ଚିକିତ୍ସା କରାଯାଉଛି।

### ସୁବର୍ଣ୍ଣପୁରରେ ୱାନ୍ ଷ୍ଟପ୍ ସେଣ୍ଟର(ସଖୀ) ଉଦ୍‌ଘାଟିତ

# ନିର୍ଯାତିତା ମହିଳା, ନାବାଳିକାଙ୍କୁ ମିଳିବ ସହାୟତା


ଜିଲାପାଳ ମୋନୀଷା ବାନାର୍ଜୀ କେନ୍ଦ୍ରକୁ ଉଦ୍‌ଘାଟନ କରୁଛନ୍ତି ।

ସୋନପୁର,୧୭।୮(ନି.ପ୍ର.)

ସୁବର୍ଣ୍ଣପୁର ସହରର ପଟାଭାଡିରେ ୱାନ୍ ଷ୍ଟପ୍ ସେଣ୍ଟର(ସଖୀ) ଜିଲାପାଳ ମୋନୀଷା ବାନାର୍ଜୀଙ୍କ ଦ୍ୱାରା ଉଦ୍‌ଘାଟିତ ହୋଇଛି। ଜିଲାର ନିର୍ଯାତିତ ମହିଳା ଏବଂ ନାବାଳିକାଙ୍କୁ ଏହି କେନ୍ଦ୍ରରୁ ସମସ୍ତ ପ୍ରକାର ସହାୟତା ମିଳିବ ବୋଲି ଜିଲାପାଳ କହିଥିଲେ। ଅତିରିକ୍ତ ଜିଲାପାଳ ଶରତ ଚନ୍ଦ୍ର ପଣ୍ଡା ସମ୍ମାନିତ ଅତିଥିଭାବେ ଯୋଗଦେଇଥିଲେ । ଜିଲା ମୁଖ୍ୟ ଚିକିତ୍ସା ଓ ଜନସ୍ୱାସ୍ଥ୍ୟ ଅଧିକାରୀ ଡାକ୍ତର ପ୍ରଦୀପ କୁମାର ଗୁରୁ, ଜିଲା ଶିଶୁ ମଙ୍ଗଳ ସମିତି ଅଧକ୍ଷ ହିମାଂଶୁ ଭୂଷଣ ନାୟକ ଓ ଜିଲା ସମାଜ ମଙ୍ଗଳ ଅଧିକାରିଣୀ ଅସ୍ତ୍ରେରିଆ କେର୍କେଟା ସମ୍ମାନିତ ଅତିଥିଭାବେ ଯୋଗଦେଇଥିଲେ। ଜିଲା ଶିଶୁ ସୁରକ୍ଷା ଅଧିକାରୀ ଚତୁର୍ଭୁଜ ଦାଶ, ପ୍ରୋଗ୍ରାମ ଅଫିସର ଅନିତା ଗୁରୁ, ସିଡିପିଓ ନିବେଦିତା ସରାଫ, ଜିଲା ଶିଶୁ ମଙ୍ଗଳ ସମିତି ସଭ୍ୟ ମଧୁସୂଦନ ପ୍ରଧାନ, ଜ୍ୟୋତିରଞ୍ଜନ ପଟ୍ଟନାୟକ, ଯୁବ ଜ୍ୟୋତି ଯୁବକ ସଂଘର ସଂଯୋଜକ ତ୍ରିନାଥ ସାହୁ, କାର୍ଯ୍ୟକ୍ରମ ଅଧିକାରୀ ରତ୍ନାକର ସାମଲ ଓ ପରିଚାଳକ ଲକ୍ଷ୍ମୀକାନ୍ତ ସାହୁ ଉପସ୍ଥିତ ଥିଲେ । ମହିଳା ଓ ଶିଶୁ କଲ୍ୟାଣ ବିଭାଗ ଏବଂ ମିଶନ ଶକ୍ତି ପକ୍ଷରୁ ଏହି କେନ୍ଦ୍ର ଖୋଲିଛି । ଯୁବ ଜ୍ୟୋତି ଯୁବକ ସଂଘକୁ କେନ୍ଦ୍ରର ପରିଚାଳନା ଦାୟିତ୍ୱ ମିଳିଛି। ଏହା ୨୪ ଘଣ୍ଟା ଖୋଲା ରହିବ। ବଳାତ୍କାରର ଶିକାର ମହିଳା, ନିଖୋଜ, ଅପହରଣ, ପାରିବାରିକ ହିଂସା, ଏସିଡ୍ ଆକ୍ରମଣର ଶିକାର ହୋଇଥିବା ପୀଡିତା, ଯୌନ ଉତ୍ପୀଡନ, ମହିଳା ଚାଲାଣ, ଶିଶୁ ଯୌନ ଉତ୍ପୀଡନ, ବାଲ୍ୟ ବିବାହ, ସାଇବର କ୍ରାଇମ ଓ ଯୌତୁକ ନିର୍ଯାତନାର ଶିକାର ମହିଳା ଏହି କେନ୍ଦ୍ରକୁ ସହାୟତା ପାଇଁ ଆସି ପାରିବେ । ସେମାନଙ୍କୁ ଆଶ୍ରୟ ସହିତ ପୋଲିସ, ଡାକ୍ତରୀ, ଆଇନଗତ ସହାୟତା ଓ ମନସ୍ତାତ୍ତ୍ୱିକ ସାମାଜିକ ପରାମର୍ଶ ମିଳିବ ବୋଲି ପ୍ରଶାସନ ପକ୍ଷରୁ ସୂଚନା ଦିଆଯାଇଛି ।

# ଉନ୍ନୟନ କାମ ଅଗ୍ରଗତିର ସମୀକ୍ଷା କଲେ ଜିଲାପାଳ

ବିନିକା,୧୭।୮(ଡି.ଏନ୍.ଏ)

ସୁବର୍ଣ୍ଣପୁର ଜିଲାପାଳ ମୋନୀଷା ବାନାର୍ଜୀ ଶନିବାର ବିନିକା ଗସ୍ତରେ ଆସି ପଞ୍ଚାୟତରାଜ, ଯୋଜନା ସମନ୍ୱୟ ବିଭାଗ ଦ୍ୱାରା ପରିଚାଳିତ ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟକ୍ରମର ସମୀକ୍ଷା କରିଥିଲେ । ସମୀକ୍ଷା ବୈଠକରେ ଜିଲା ପ୍ରକଳ୍ପ ନିର୍ଦ୍ଦେଶକ ତଥା ଅତିରିକ୍ତ ଜିଲାପାଳ ଶରତ ଚନ୍ଦ୍ର ପଣ୍ଡା, ବିଡିଓ ବିଶ୍ୱରଞ୍ଜନ ମଲ୍ଲିକ ଏବଂ ବ୍ଲକ ଅଧକ୍ଷ ଅଶୋକ ନନ୍ଦ ଉପସ୍ଥିତ ଥିଲେ। ଜିଲାପାଳ ବ୍ଲକ୍‌ରେ ଏମ୍‌ପି ଲ୍ୟାଡ୍ ଓ ଏମ୍‌ଏଲ୍‌ଏ ଲ୍ୟାଡ୍‌ରେ ଅସମ୍ପୂର୍ଣ୍ଣ ରହିଥିବା ଉନ୍ନୟନମୂଳକ କାମଗୁଡିକୁ ତ୍ୱରାନ୍ୱିତ କରିବାକୁ ନିର୍ଦ୍ଦେଶ ଦେଇଥିଲେ। ଏଥିସହ ଅଧାପନ୍ତରିଆ ଥିବା ଅଙ୍ଗନବାଡି କେନ୍ଦ୍ର ନିର୍ମାଣ କାର୍ଯ୍ୟ ୧ମାସ ମଧ୍ୟରେ ଶେଷ କରିବାକୁ ବିଭାଗୀୟ ସହକାରୀ ଯନ୍ତ୍ରୀ ଓ କନିଷ୍ଠ ଯନ୍ତ୍ରୀଙ୍କୁ ତାଗିଦ୍ କରିଥିଲେ । ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ସାମିଲ ହିତାଧିକାରୀଙ୍କୁ ଶୀଘ୍ର କାର୍ଯ୍ୟାଦେଶ ଓ ପ୍ରଥମ କିସ୍ତି ପ୍ରଦାନ କରିବାକୁ ବ୍ଲକ୍ ଅଧିକାରୀଙ୍କୁ ଜିଲାପାଳ ନିର୍ଦ୍ଦେଶ ଦେଇଥିଲେ।


# CLASSIFIED DISPLAY

**ALL EDITION - B/W (Everyday)**

MORE SPACE • SAME PRICE

TARIFF (GST 5%)

| For Single Day | | For 7 Days | | For 15 Days | | For 30 days | |
|---|---|---|---|---|---|---|---|
| 6 x 4 | 12 x 4 | 6 x 4 | 12 x 4 | 6 x 4 | 12 x 4 | 6 x 4 | 12 x 4 |
| 1,500.00 | 2,000.00 | 6,000.00 | 12,000.00 | 12,000.00 | 25,000.00 | 20,000.00 | 40,000.00 |

for Booking Contact:
0674-2580385, 7894447148, 7894447131, 9337021532, 7894447167, 7894447165

HEALTH CARE

AT PURI AT PURI AT PURI
ପୁରାତନ ରୋଗର ସର୍ବୋତ୍ତମ ଆୟୁର୍ବେଦ ଚିକିତ୍ସା
Advise & Treatment by Specialized Ayurvedic Doctors only
ରୁ୍ୟମାଟଏଡ୍ ଆର୍ଥ୍ରାଇଟିସ୍, ଓଷ୍ଟିଓ ଆର୍ଥ୍ରାଇଟିସ୍, ପାରାଲିସିସ୍, ସିଆଟିକା, ଅଣ୍ଟାବ୍ୟଥା, ଆଣ୍ଠୁବ୍ୟଥା, ଫ୍ରୋଜନ୍ ସୋଲ୍‌ଡର, ସ୍ପଣ୍ଡିଲୋସିସ୍, ମାଇଗ୍ରେନ୍, ସୋରିଆସିସ୍, ମୁଖ ବ୍ରଣ, ଆଦି ରୋଗର ପରାମର୍ଶ ଓ ଉତ୍ତମ ଚିକିତ୍ସା ଉପଲବ୍ଧ ।
SAMBHAV AYURVED
Bus Stand Outgate, Puri
Phone & Whats App - 7735921512 / 9439349129 ,Timing - 9 am to 8 pm

FINANCE

ରଣ ଧମାକା
ଆଧାର କାର୍ଡରେ ରଣ ପାଆନ୍ତୁ
1 ଲକ୍ଷରୁ 25 ଲକ୍ଷ ପର୍ଯ୍ୟନ୍ତ
ସୁଧ 1% ପର୍ଯ୍ୟନ୍ତ, 50% ପର୍ଯ୍ୟନ୍ତ ଛାଡ଼
ସମୂହ ରଣ, ପର୍ସନାଲ, କୁକୁଡ଼ା ପାଳନ ରଣ
Contact No.
7491845997
7079574972
New Ashok Nagar, East Delhi, Delhi
www.toofanfinance.in

ଇଣ୍ଡସ୍ ଫାଇନାନ୍ସ ଲିଃ
କମ୍ପାନୀ ରଣ ଉପଲବ୍ଧ କରାଉଛି
ଏଥିରେ ଆପଣଙ୍କୁ ପର୍ସନାଲ ରଣ, ବ୍ୟବସାୟ ରଣ, ସାଲାରୀ ସ୍ଲିପ୍ ରଣ ମାତ୍ର 2% ସୁଧରେ ମିଳିପାରିବ।
ମହିଳାଙ୍କ ପାଇଁ 50% ରିହାତି
9911417764
9911417461
BISWANATHPUR, BALARAMAPUR, BALESWAR, ODISHA - 756024

LOAN ଧମାକା
ଟଙ୍କା ଦରକାର, ଆମକୁ କୁହନ୍ତୁ
ପ୍ରଧାନମନ୍ତ୍ରୀ ଜନଧନ ଯୋଜନା ଦ୍ୱାରା
1 ଲକ୍ଷରୁ 1 କୋଟି ପର୍ଯ୍ୟନ୍ତ
ମାର୍କଶିଟ୍ | ପ୍ରପର୍ଟି
ଆଧାରକାର୍ଡ | ପର୍ସନାଲ
ପଶୁପାଳନ | ଗୃହ ରଣ
ବ୍ୟବସାୟ | ଗ୍ରୁପ ରଣ
ଏଗ୍ରିକଲ୍‌ଚର ରଣ
ସବୁ ପ୍ରକାର ରଣ
24 ଘଣ୍ଟାରେ ଘରେ ବସି ଉପଲବ୍ଧ
2% ସୁଧ - 40% ରିହାତି
ଠକମାନଙ୍କ ପ୍ରତି ସାବଧାନ
ସତ୍ୟମ ଫାଇନାନ୍ସ
72910-60977
72910-46520
H.No-798, Block H, Jaitpur Extn Part-2, Badarpur, South Delhi

ଲୋନ! ଲୋନ! ଲୋନ
୧ ରୁ ୫୦ ଲକ୍ଷ୍ୟ ଲୋନ
LAXMI NARAYAN FINANCE
ଗୃହରୁଣ, ମାର୍କସିଟ ପର୍ସନାଲ୍, ବିଜନେସ୍, କୃଷି, ବ୍ୟବସାୟ, ସମ୍ପତି, କୁକୁଡାପାଳନ, ଇଟାଭାଟି, ଆଧାର କାର୍ଡ, ରାସନ କାର୍ଡ, ଆଦି ସମସ୍ତ ରୁଣ
ବେରୋଜଗାର ଓ ମହିଳାଙ୍କୁ ବିଶେଷ ଛାଡ
୧% ସୁଧ ୫୦% ରିହାତି
88102-23468
laxminarayanfinancemp@gmail.com
82871-99144
Pandey bhawan hinoo ranchi

ASTROLOGY

ଅଲ୍ ଇଣ୍ଡିଆ ଖୋଲା ଚ୍ୟାଲେଞ୍ଜ
2 ଘଣ୍ଟାରେ 100% ଗ୍ୟାରେଣ୍ଟିଡ୍ ସମାଧାନ
ତାନ୍ତ୍ରିକ ମାଷ୍ଟର କିଙ୍ଗ୍ ଖାନ୍‌ଙ୍କ ଖୋଲା ଘୋଷଣା
ବ୍ୟବସାୟ, ପ୍ରେମରେ ସମସ୍ୟା ଓ ଶତ୍ରୁ ମୁକ୍ତି, ଗୃହକ୍ଲେଶ ଓ ସ୍ୱାମୀ-ସ୍ତ୍ରୀଙ୍କ ଝଗଡ଼ା, ପ୍ରେମବିବାହ, ପ୍ରପର୍ଟି, କୋର୍ଟ କେସ୍, ଗୁପ୍ତରୋଗରେ ଔଷଧ କାମ ନ କରିବା, ପୁରୁଣା ପୀଡ଼ାରେ ଔଷଧ କାମ ନ କରିବା, ଯାଦୁ-ଟୋନା, ବଶୀକରଣ, ଗୁଣିଗାରେଡ଼ି, ବିବାହରେ ବାଧା, ମନପସନ୍ଦ ପ୍ରେମ।
A to Z ସମସ୍ୟାର ସମାଧାନ ଘରେ ବସି।
ସ୍ପେଶାଲିଷ୍ଟ ବଶୀକରଣ, ମୁଠକରଣୀ ଏବଂ କଳା ଯାଦୁ
ଆମେ କରିଥିବା କାମକୁ ଯଦି କୌଣସି ଜ୍ୟୋତିଷ, ପଣ୍ଡିତ କିମ୍ବା ମୌଲବୀ କାଟିଦିଅନ୍ତି ତେବେ ତାଙ୍କୁ ଦାବି ମୁତାବକ ପୁରସ୍କାର।
ବାବା ଆମିଲ ସୁଫି
9540938429
9903852257
ରାମ ମନ୍ଦିର, ସତ୍ୟନଗର, ଭୁବନେଶ୍ୱର

ନୂଆ ଯୋଜନା ଅଧୀନରେ ଭାରତର ନଂ.1 କମ୍ପାନୀ
1988ଠାରୁ ଆପଣଙ୍କ ସେବାରେ
DHANLAXMI FINANCE PVT. LTD. ସବୁ ବ୍ୟାଙ୍କ ଦ୍ୱାରା
ଆଧାରକାର୍ଡ, ଏଗ୍ରିକଲ୍ଚର, ମାର୍କଶିଟ୍, ପର୍ସନାଲ, ପ୍ରପର୍ଟି BPL ରଣ ମାତ୍ର 24 ଘଣ୍ଟାରେ
2% ସୁଧ 40% ରିହାତି
ଠକାମିର ଶିକାର ବ୍ୟକ୍ତି ଥରେ ନିଶ୍ଚୟ କଲ୍ କରନ୍ତୁ
ମହିଳା ଓ ବିଦ୍ୟାର୍ଥୀଙ୍କ ପାଇଁ ରିହାତି
କାମ ଆମର, ବିଶ୍ୱାସ ଆପଣଙ୍କର
9499135756
H.No. 10, Mandi Road, Bathinda, Punjab

Dhanalaxmi Finance
Regd. No.-U6519TNI98PLC00855
ମାର୍କଶିଟ, ପ୍ରପର୍ଟି ପର୍ସନାଲ, ପଶୁପାଳନ, ମାଛଚାଷ, ରାଶନ କାର୍ଡ ଏବଂ ସବୁପ୍ରକାରର ଲୋନ୍ ଘରେ ବସି ପାଆନ୍ତୁ 3 ରୁ 4 ଦିନରେ, 2% ସୁଧ, 40% ଛାଡ଼, ମହିଳା ଏବଂ ବିଦ୍ୟାର୍ଥୀମାନଙ୍କ ପାଇଁ ବିଶେଷ ଛାଡ଼।
HELPLINE
8859690149

!! ରଣ ରଣ ରଣ !!
1ରୁ 50 ଲକ୍ଷ ପର୍ଯ୍ୟନ୍ତ
ଗୃହ ରଣ, ମାର୍କଶିଟ୍, ପର୍ସନାଲ୍, ବ୍ୟବସାୟ, କୃଷି, ପ୍ରପର୍ଟି, କୁକୁଡ଼ା ପାଳନ, ଇଟାଭାଟି, ଆଧାରକାର୍ଡ, ରାଶନକାର୍ଡ, ସମୂହ ରଣ
ବେରୋଜଗାର ମହିଳାଙ୍କ ପାଇଁ ବିଶେଷ ରିହାତି
1% ସୁଧ 50% ରିହାତି
!! ରିଦ୍ଧି ଫାଇନାନ୍ସ !!
E-mail : - ridhifinanceonlinem.p@gmail.com
7052572586
Add : - 41/14, Sec-1 Pushp Vihar, Delhi

DHARITRI Career appointment Every Wednesday and Saturday


**ପାଠକଙ୍କ ପାଇଁ ସୂଚନା:**

ଏହି ପୃଷ୍ଠାରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଇଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।




ପିତା ପରମ ଆରାଧ, ପିତାଙ୍କୁ ସନ୍ତୁଷ୍ଟ କରିପାରିଲେ ସବୁ ଦେବତାମାନେ ମଧ ସନ୍ତୋଷ ଲାଭ କରନ୍ତି।
- କଠୋପନିଷଧ



## ସଂକ୍ଷେପରେ



### ଯାତ୍ରୀ ବିଶ୍ରାମାଗାର ବିପଦସଙ୍କୁଳ

ଅତାବିରା, ୧୭।୮ (ଡି.ଏନ.ଏ)
ଭେଡେନ ବ୍ଲକ ଅଧିନସ୍ଥ ଡାଲବ ହାଟପଦା, ଦେଶଭଟିଲି, ଉଦେପୁର ଛକଠାରେ ଥିବା ୩ଟି ଯାତ୍ରୀ ବିଶ୍ରାମଗାରର ଛାତ ଓ କାନ୍ଥ ବିପଦ ସଙ୍କୁଳ ଅବସ୍ଥାରେ ରହିଥିଲେ ମଧ ମରାମତି କରାଯାଉନାହିଁ । ଏହି ବିଶ୍ରାମାଗାର ୫୪ ନମ୍ବର ରାଜ୍ୟ ରାଜପଥ ଗୋଡଭଗା-ତୁରୁମ ରାଜପଥ ପାର୍ଶ୍ୱରେ ରହିଛି । ଯାତ୍ରୀମାନେ ବିଭିନ୍ନ ଅଞ୍ଚଳକୁ ଯିବା ପାଇଁ ଯାନବାହନକୁ ଅପେକ୍ଷା କରି ବିଶ୍ରାମଗାରରେ ଅଟକିଥାନ୍ତି । ବର୍ଷା ହେଲେ ଛାତରୁ ପାଣି ଝରିବା ସହ ଅତଡା ପଡୁଛି । ଛତ ଗୁଡିକ ଦିଶିଲାଣି । ଏହି ୩ଟି ବିଶ୍ରାମଗାରର ପୁନରୁଦ୍ଧାର କରିବାକୁ ହରିହର ଦନ୍ତା, ଗିରି ଗୋବର୍ଦ୍ଧନ ଭୋଇ, ସାନନ୍ଦ ସେଣ ପ୍ରମୁଖ ପ୍ରଶାସନର ଦୃଷ୍ଟି ଆକର୍ଷଣ କରିଛନ୍ତି ।

### ଛାତ୍ରୀଛାତ୍ରଙ୍କୁ ପାଠ୍ୟୋପକରଣ ବଣ୍ଟନ

ପୁରୁଣାକଟକ,୧୭।୮(ଡି.ଏନ.ଏ)
ସ୍ୱାଧୀନତା ଦିବସ ଅବସରରେ ବୌଦ୍ଧ ଜିଲା ପ୍ରେସ କ୍ଲବ ତରଫରୁ ହରଭଙ୍ଗା ବ୍ଲକର କାଲେଶ୍ୱର ଗ୍ରାମ ସ୍ଥିତ ଆବାସିକ ବିଦ୍ୟାଳୟର ଛାତ୍ରଛାତ୍ରୀମାନଙ୍କୁ ପାଠ୍ୟୋପକରଣ ଓ ମିଷ୍ଟାନ୍ନ ବଣ୍ଟନ କରାଯାଇଛି । କ୍ଲବର ସଭାପତି ବରଜ କୁମାର ବେହେରାଙ୍କ ଅଧକ୍ଷତାରେ ଏହି କାର୍ଯ୍ୟକ୍ରମ ହାଇଥିଲା । ଉପ ସଭାପତି ସମରେଶ ମିଶ୍ର, ସହ ସମ୍ପାଦକ ଦୁର୍ଯ୍ୟୋଧନ ବିଶି, ସମ୍ପାଦକ ରଘୁନାଥ ଷଡଙ୍ଗୀ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ । କ୍ଲବର ଅନ୍ୟାନ୍ୟ ସଦସ୍ୟଙ୍କ ସମେତ ଛାତ୍ରୀଛାତ୍ର, ଶିକ୍ଷୟିତ୍ରୀ ଶିକ୍ଷକ ଉପସ୍ଥିତ ଥିଲେ ।

### ପ୍ରଦର୍ଶନୀ କ୍ରିକେଟ: ଶିକ୍ଷକ ଏକାଦଶ ବିଜୟୀ

ପଦ୍ମପୁର, ୧୭।୮ (ଡି.ଏନ.ଏ)
ପଦ୍ମପୁର ଉପଖଣ୍ଡ ସାପଲହର ହାଇସ୍କୁଲ ପଡିଆରେ ଏକ ପ୍ରଦର୍ଶନୀ କ୍ରିକେଟ ମ୍ୟାଚ ଅନୁଷ୍ଠିତ ହୋଇଯାଇଛି । ଏହି ମ୍ୟାଚ ଶିକ୍ଷକ ଏକାଦଶ ଓ ଲୋହାରପାଲି ଏକାଦଶ ମଧ୍ୟରେ ହୋଇଥିଲା । ପ୍ରଥମେ ଶିକ୍ଷକ ଏକାଦଶ ଟସ୍ ଜିଣି ବ୍ୟାଟିଂ କରି ୧୨ ଓଭର ୧୪୫ ରନ କରିଥିଲେ । ଲୋହାରପାଲି ଏକାଦଶ ୧୦ ଓଭରରେ ମାତ୍ର ୧୦୭ ରନ କରି ପରାଜୟ ସ୍ୱୀକାର କରିଥିଲେ । ଶିକ୍ଷକ ଏକାଦଶର ନାରାୟଣ ବରିହା ୧୦୧ ରନ କରି ମ୍ୟାନ ଅଫ୍ ଦି ମ୍ୟାଚ ହୋଇଥିଲେ । ଅଚ୍ୟୁତ ସାହୁ ଓ ହଳଧର ମର୍ହି ଖେଳ ପରିଚାଳନା କରିଥିବା ବେଳେ ଶିଶିର ସାହୁ ସ୍କୋରିଂ କରିଥିଲେ । ବରିଷ୍ଠ ଶିକ୍ଷକ ନରେନ୍ଦ୍ର ପ୍ରଧାନ ମୁଖ୍ୟଅତିଥି ଭାବେ ଯୋଗଦାନ କରି ବିଜୟୀ ଦଳକୁ ପୁରସ୍କୃତ କରିଥିଲେ । ବିକାଶ କୈବର୍ତ୍ତ ଧନ୍ୟବାଦ ଅର୍ପଣ କରିଥିଲେ ।

### ମେହେରପଡାରେ ଗଙ୍ଗାଧର ଜୟନ୍ତୀ

ମନମୁଣ୍ଡା, ୧୭।୮ (ଡି.ଏନ.ଏ)
ମନମୁଣ୍ଡା ମେହେରପଡାରେ ସ୍ୱଭାବ କବି ଗଙ୍ଗାଧର ମେହେରଙ୍କ ୧୫୭ ତମ ଜୟନ୍ତୀ ପାଳନ କରାଯାଇଛି । ମେହେରଙ୍କ ଫଟୋଚିତ୍ର ସମ୍ମୁଖରେ ବରିଷ୍ଠ ନାଗରିକ ମୃତ୍ୟୁଞ୍ଜଳ ମେହେର ପ୍ରଦୀପ ପ୍ରଜ୍ଜଳନ କରିବା ପରେ ଅନ୍ୟମାନେ ପୁଷ୍ପ ଅର୍ପଣ କରି ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଥିଲେ । ରାଜେନ୍ଦ୍ର ମେହେରଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ପଙ୍କଜ ମେହେର, ବଜରଙ୍ଗ ମେହେର, ଚନ୍ଦ୍ରଶିଖି ମେହେର, ନରେନ୍ଦ୍ର ମେହେର, କୈଳାଶ ମେହେର, ପ୍ରହଲ୍ଲାଦ ମେହେର ଯୋଗଦେଇ ମହାନ ସାହିତ୍ୟ ସ୍ରଷ୍ଟା ମେହେରଙ୍କ ଜୀବନୀ ଓ କବିତା ଉପରେ ବକ୍ତବ୍ୟ ପ୍ରଦାନ କରିଥିଲେ । ସେହିପରି ମନୋଜ ମେହେର, ହରି ମେହେର, ଦେଶିଆ ମେହେର, ପଦାରବିନ୍ଦ ମେହେର ପ୍ରମୁଖ ସ୍ୱଭାବ କବିଙ୍କ କେତେକ କବିତାର ପଂକ୍ତି ପାଠ କରିଥିଲେ । ଶେଷରେ ସଞ୍ଜୀବ ମେହେର ଧନ୍ୟବାଦ ଅର୍ପଣ କରିଥିଲେ ।

### ୫ ଦିନିଆ ଯୋଗ ଶିବିର ଉଦ୍‌ଘାଟିତ

ପୁରୁଣାକଟକ,୧୭।୮(ଡି.ଏନ.ଏ)
ବୌଦ୍ଧ ଜିଲା ବଲଣ୍ଡା ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ଶନିବାର ଠାରୁ ୫ ଦିନିଆ ଯୋଗ ଶିବିର ଆରମ୍ଭ ହୋଇଛି । ପତଞ୍ଜଳି ଯୋଗ ସମିତି ପୁରୁଣାକଟକ ଶାଖା ତରଫରୁ ଅନୁଷ୍ଠିତ ଏହି ଶିବିରରେ ଯୋଗଗୁରୁ ନୟନ ରଞ୍ଜନ ଦାସ ଯୋଗଶିକ୍ଷା ଦେଉଛନ୍ତି । ପ୍ରତ୍ୟହ ସକାଳ ୫ରୁ ୭ଟା ପର୍ଯ୍ୟନ୍ତ ଶିବିର ଆୟୋଜନ କରାଯାଇ ଯୋଗ ସହ ବିନା ଔଷଧ ସେବନରେ କିପରି ରୋଗରୁ ରକ୍ଷା ହୋଇପାରିବ ସେ ବିଷୟରେ ପରାମର୍ଶ ଦିଆଯିବ ବୋଲି ସମିତି ପକ୍ଷରୁ ସୂଚନା ଦିଆଯାଇଛି । ପ୍ରଥମ ଦିନ ଶିବିରରେ ୫୦ ଜଣ ଉପସ୍ଥିତ ଥିଲେ ।

# ସାର, କୀଟନାଶକ ଦୋକାନରେ ଚଢ଼ାଉ

ବରଗଡ଼ ଅଫିସ୍,୧୭।୮



କୀଟନାଶକ ଦୋକାନରେ କୃଷି ବିଭାଗ କର୍ମଚାରୀମାନେ ଚଢ଼ାଉ କରୁଛନ୍ତି ।

- ଦୋକାନ ସିଲ୍ କରି ବିକ୍ରି ବନ୍ଦ ନୋଟିସ
- ୨ ଦୋକାନୀଙ୍କୁ କାରଣ ଦର୍ଶାଅ ନୋଟିସ୍
- ୨୨ବସ୍ତା ସାର ଜବତ

ବରଗଡ଼ ଜିଲାରେ ଖରିଫ ଚାଷ ଆରମ୍ଭରୁ ନକଲି କୀଟନାଶକ, ସାରକୁ କଳାବଜାରରେ ବିକ୍ରି ପାଇଁ କେତେକ ମୁନାଫାଖୋର ବେପାରୀ ସକ୍ରିୟ ହୋଇ ପଡ଼ିଛନ୍ତି । ଏଥିପ୍ରତି ନଜର ରଖି ଜିଲା କୃଷି ବିଭାଗ ବିଭିନ୍ନ ସ୍ଥାନରେ ଚଢ଼ାଉ ଅଭିଯାନ ଆରମ୍ଭ କରିଛି । ଏହି କ୍ରମରେ ଜିଲା କୃଷି ବିଭାଗର ଏକ ଟିମ୍ ବରପାଲି ବ୍ଲକର ୩ଟି କୀଟନାଶକ ଏବଂ ଗୋଟିଏ ସାର ଦୋକାନ ଉପରେ ଚଢ଼ାଉ କରିଥିଲା । ଚଢ଼ାଉରେ ବିଭିନ୍ନ ଅନିୟମିତତା ଧରାପଡ଼ିଥିଲା । ଫଳରେ ୨ଟି ଦୋକାନୀଙ୍କୁ କାରଣ ଦର୍ଶାଅ ନୋଟିସ ଜାରି କରାଯାଇଥିବା ବେଳେ ଅନ୍ୟ ଏକ ଦୋକାନକୁ ସିଲ୍ କରି ବିକ୍ରି ବନ୍ଦ ନୋଟିସ୍ ଦିଆଯାଇଥିବା ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି ।

ଶନିବାର ବରପାଲି ବ୍ଲକ ଅଞ୍ଚଳରେ ଥିବା ଗୁରୁଦେବ ସାହୁଙ୍କ ଦୋକାନ, ହରିଓମ୍ ଟ୍ରେଡ଼ର୍ସ ଏବଂ ଗୋବିନ୍ଦ ଟେଡ଼ର୍ସରେ ଏହି ଟିମ୍ ଚଢ଼ାଉ କରି ଯାଞ୍ଚ କରିଥିଲା । ଯାଞ୍ଚବେଳେ ସମ୍ପୃକ୍ତ ଦୋକାନୀମାନେ ବିକ୍ରୟ ଖାତା ଲେଖୁ ନ ଥିବା ଏବଂ ଚାଷୀଙ୍କୁ ରସିଦ ଦେଉ ନ ଥିବା ଯାଞ୍ଚରୁ ଜଣାପଡ଼ିଥିଲା । ସେହିପରି ସମ୍ପୃକ୍ତ କମ୍ପାନୀର ଅଧିକୃତ ବିକ୍ରେତା ପ୍ରମାଣପତ୍ର ନ ଥାଇ ଗୁରୁଦେବ ସାହୁ ୩ଟି କୀଟନାଶକ ବିକ୍ରି କରିଥିବା ଧରାପଡ଼ିଥିଲା । ହରିଓମ୍ ଟ୍ରେଡ଼ର୍ସ ଚାଲାଣ ଓ ବିଲ୍ ନ ଥାଇ ୨ଟି କୀଟନାଶକ ବିକ୍ରି କରିଥିବା ଜଣାପଡ଼ିଥିଲା । ଏଥିପାଇଁ ସମ୍ପୃକ୍ତ ଦୋକାନୀଙ୍କୁ କାରଣ ଦର୍ଶାଅ ନୋଟିସ ଦିଆଯିବା ସହିତ ଗୁରୁଦେବ ସାହୁଙ୍କଠାରୁ ୪ଟି ଏବଂ ହରିଓମ ଟ୍ରେଡ଼ର୍ସ ପାଖରୁ ୨ଟି କୀଟନାଶକର ନମୂନା ସଂଗ୍ରହ କରାଯାଇଥିଲା । ସେହି ନମୂନାକୁ ପରୀକ୍ଷା ପାଇଁ ବିଜ୍ଞାନାଗାର ପଠାଯାଇଥିବା କୃଷି ବିଭାଗ ପକ୍ଷରୁ କୁହାଯାଇଛି ।

ସେହିପରି ଗୋବିନ୍ଦ ଟ୍ରେଡ଼ର୍ସ ୬ଟି କୀଟନାଶକର ବ୍ୟବହାର ଅବଧି ସରିଥିବା ସତ୍ତ୍ୱେ ସେଗୁଡ଼ିକୁ ବିକ୍ରି କରିଥିଲା । ଏହି କାରଣରୁ ସମ୍ପୃକ୍ତ ଦୋକାନୀଙ୍କୁ ବିକ୍ରି ବନ୍ଦ ନୋଟିସ ଦିଆଯିବା ସହିତ ଦୋକାନ ସିଲ୍ କରାଯାଇଥିଲା । ଏହା ସହିତ ବିନା ଲାଇସେନ୍ସରେ ସାର ବିକ୍ରୟ କରୁଥିବା ଯୋଗୁ ଟିଙ୍ଗିପାଲି କେନାଲଛକସ୍ଥିତ ସୁନୀଲ ଭୋଇଙ୍କ ଦୋକାନରୁ ୨୨ବସ୍ତା ସାର ଜବତ କରାଯାଇଥିଲା । ବରଗଡ଼ ଜିଲା କୃଷି ଉପନିର୍ଦ୍ଦେଶକ ଦୀନବନ୍ଧୁ ଗାନ୍ଧୀଙ୍କ ତତ୍ତ୍ୱାବଧାନରେ ଯୁଗ୍ମ ମାନ ନିର୍ଦ୍ଧାରଣ ଅଧିକାରୀ ରବିନ୍ଦ୍ର ସାହୁ, ବରପାଲିର ସହକାରୀ କୃଷି ଅଧିକାରୀ ବନମାଳି ସାହୁ, ଆଗଲପୁରର ସହକାରୀ କୃଷି ଅଧିକାରୀ ବିପିନ ଉଦଗାତା, ସୀତାଂଶୁ ଶେଖର ବେହେରା, ଦୁଃଖିଶ୍ୟାମ ଟୁଡୁ ପ୍ରମୁଖ ଚଢ଼ାଉରେ ସାମିଲ ହୋଇଥିଲେ ।

## ମୋ ସ୍କୁଲ ଅଭିଯାନର ବୃକ୍ଷରୋପଣ କାର୍ଯ୍ୟକ୍ରମ

ପୁରୁଣାକଟକ,୧୭।୮(ଡି.ଏନ.ଏ)

ବୌଦ୍ଧ ଜିଲା ତିଲେଶ୍ୱର ସରକାରୀ ଲାଲ ବାହାଦୁର ଉଚ୍ଚବିଦ୍ୟାଳୟର ମୋ ସ୍କୁଲ ଅଭିଯାନ ତରଫରୁ ଶନିବାର ବୃକ୍ଷରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ପୂରାତନ ଛାତ୍ରୀଛାତ୍ର ସଂଘ ସଭାପତି ସିମୁନ ନାୟକଙ୍କ ନେତୃତ୍ୱରେ ବିଭିନ୍ନ ଚାରାରୋପଣ କରାଯାଇଥିଲା । ଏହି ଅବସରରେ ଏକ ସଚେତନତା ରାଲି ତିଲେଶ୍ୱର ବଜାର ପରିକ୍ରମା କରିଥିଲା । ବିଦ୍ୟାଳୟ ପ୍ରଧାନ ଶିକ୍ଷକ ରଜନୀକାନ୍ତ ପ୍ରଧାନଙ୍କ ଅଧକ୍ଷତାରେ ଅନୁଷ୍ଠିତ ସଭାରେ ଶିକ୍ଷକ ଶୁଭେନ୍ଦୁ ଖମାରୀ, ଉମାକାନ୍ତ ବେହେରା, ସୁବାଚଳ ନାଏକ, ମନୋଜ କୁମାର ସାମଲ, ପୁଷ୍ପଲତା ସାହୁ, ପୂରାତନ ଛାତ୍ର ସଂଘର ଅବିନାଶ ପ୍ରଧାନ, ସରୋଜ ବେହେରା, ଟିଙ୍କୁ ପାଢୀ, ଅନାମ ପ୍ରଧାନ, ପ୍ରବୀଣ ବେହେରା, ନିକୁଞ୍ଜ ବେହେରା, ଦୁଃଖିରାମ ସାମଲ, ରାଜେନ୍ଦ୍ର ବିଶିଙ୍କ ସମେତ ସମସ୍ତ ଛାତ୍ରୀଛାତ୍ର ଉପସ୍ଥିତ ଥିଲେ ।

## ଦୁଇ ମାସ ପରେ ଅଙ୍ଗନୱାଡି କେନ୍ଦ୍ରରେ ମିଳିଲା ଅଣ୍ଡା

ତଳଗାଁ,୧୭।୮(ଡି.ଏନ.ଏ)

ହରଭଙ୍ଗା ବ୍ଲକ ତଳଗାଁ ପଞ୍ଚାୟତର ଗୋରଡାମୁଣ୍ଡା ଅଙ୍ଗନୱାଡି କେନ୍ଦ୍ରରେ ଶିଶୁ ଓ ଗର୍ଭବତୀ ମହିଳାଙ୍କୁ ୨ ମାସ ହେଲା ଅଣ୍ଡା ଦିଆଯାଉ ନ ଥିଲା । ଫଳରେ ଏହି ଅଞ୍ଚଳରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇବାରୁ ଗତ ୧୬ ତାରିଖରୁ ଅଣ୍ଡା ପ୍ରଦାନ କରାଯାଇଛି । ଏ ସମ୍ପର୍କରେ ତଳଗାଁ ସେକ୍ଟର ସୁପରଭାଇଜର ଲିଲି ଦେୱାଙ୍କୁ ପଚାରିବାରୁ ଅଣ୍ଡା ପାଇଁ ଟଙ୍କା ଦିଆଯାଇଥିଲା । କିନ୍ତୁ ୱାର୍ଡମେମ୍ବର ଦସ୍ତଖତ କରୁ ନ ଥିବାରୁ ସମସ୍ୟା ଦେଖାଦେଇଥିବା ସେ ପ୍ରକାଶ କରିଥିଲେ । ଏ ବାବଦରେ ଅଙ୍ଗନୱାଡି କର୍ମୀ ଗୀତାଞ୍ଜଳି ପ୍ରଧାନଙ୍କୁ ପଚାରିବାରୁ ୱାର୍ଡମେମ୍ବର ଦସ୍ତଖତ ଦେଉନଥିବାରୁ ଟଙ୍କା ଉଠାଯାଇ ପାରୁନି ବୋଲି କହିବା ସହ ସିଡିପିଓ ହରପ୍ରିୟା ମେହେର ତୁରନ୍ତ ବକେୟା ଅଣ୍ଡା ପ୍ରଦାନ ନ କଲେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି କହୁଥିବା ସେ ପ୍ରକାଶ କରିଥିଲେ । ଏସବୁ ସମସ୍ୟା ଭିତରେ ଅଙ୍ଗନୱାଡି କର୍ମୀ ହଇରାଣ ହେଉଥିବା ସେ ପ୍ରଧାନ କହିଛନ୍ତ । ତେବେ ଏ ନେଇ ସମ୍ପୃକ୍ତ ୱାର୍ଡମେମ୍ବରଙ୍କ ପ୍ରତିକ୍ରିୟା ଜଣାପଡିନାହିଁ ।

## ସୋହେଲା ଉପକାରାଗାରରେ ହାସ୍ୟ ବ୍ୟଙ୍ଗକବି ସମ୍ମିଳନୀ

ସୋହେଲା,୧୭।୮(ଡି.ଏନ.ଏ)

ବରଗଡ ଜିଲା ସୋହେଲା ଉପକାରାଗାରରେ ସ୍ୱାଧୀନତା ଦିବସ ଅବସରରେ ହାସ୍ୟବ୍ୟଙ୍ଗ କବି ସମ୍ମିଳନୀ ହାସ୍ୟମେବ ଜୟତେ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇ ଯାଇଛି । ଏହି ସମ୍ମିଳନୀରେ ପଦ୍ମଶ୍ରୀ ଲୋକ କବିରତ୍ନ ହଳଧର ନାଗ, ରସରାଜ ଅଚ୍ୟୁତ ପୁରୋହିତ, ବିପ୍ଳବୀ କବି ନୀତିଶ ଚନ୍ଦ୍ର ଆଚାର୍ଯ୍ୟ ଓ ଯୁବ କବି ମନୋରଞ୍ଜନ ଲୁହା ଯୋଗଦେଇ ସ୍ୱରଚିତ ହାସ୍ୟ ବ୍ୟଙ୍ଗ କବିତା ଶୁଣାଇଥିଲେ । ଜେଲ ଅଧୀକ୍ଷିକା ଅଞ୍ଜଳି ପଟେଲଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ସାମାଜିକ କର୍ମୀ ସୁବ୍ରତ ସିଂ ମୁଖ୍ୟଅତିଥି, ଆଇନଜୀବୀ ଦ୍ୟୁତୀଶ ଚନ୍ଦ୍ର ଆଚାର୍ଯ୍ୟ ମୁଖ୍ୟବକ୍ତା, ବ୍ଲକ ଅଧ୍ୟକ୍ଷ ଜୀବର୍ଦ୍ଧନ ବରିହା, ଭାଷାବିତ୍ ଉତ୍ପନ୍ନ ଭୋଇ, ଭାଷା ସଙ୍ଗଠକ ଦିଲୀପ ଦେବତା, ସାମାଜିକ କର୍ମୀ ଅନୀଲ ପଧାନ, ପ୍ରାଧ୍ୟାପକ ବୁଦ୍ଧଦେବ ଭୋଇ ସମ୍ମାନିତ ଅତିଥି ଭାବେ ମଞ୍ଚାସୀନ ଥିଲେ । ପ୍ରାରମ୍ଭରେ ଜଣାଶୁଣା କବି ସ୍ୱର୍ଗତ ସଞ୍ଜୀବ ବଣିଆଙ୍କ ଫଟୋଚିତ୍ରରେ ପୁଷ୍ପମାଲ୍ୟ ଅର୍ପଣ କରାଯାଇଥିଲା । ଏହି ଅବସରରେ ରଷିକବି ଗଙ୍ଗାଧର ପୁସ୍ତକ ଉନ୍ମୋଚନ କରାଯାଇଥିଲା । ପ୍ରାଧ୍ୟାପକ ବୁଦ୍ଧଦେବ ଭୋଇ କାର୍ଯ୍ୟକ୍ରମ ସଂଯୋଜନା ଓ ଅନୀଲ ପଧାନ ଉଦ୍ଦେଶ୍ୟ ଜ୍ଞାପନ କରିଥିଲେ । ରସରାଜ ଅଚ୍ୟୁତ ପୁରୋହିତ ହାସ୍ୟକବି ସମ୍ମିଳନୀ ସଂଯୋଜନା କରିଥିବା ବେଳେ ଭାଷାବିତ୍ ଉତ୍ପନ୍ନ କୁମାର ଭୋଇ ରଷିକବି ଗଙ୍ଗାଧର ପୁସ୍ତକ ସମ୍ପର୍କରେ ସୂଚନା ଦେଇଥିଲେ । ଶେଷରେ ବିଜେପୁର ପଡା ପ୍ରକାଶ ସାହିତ୍ୟ ସଂସଦର ସମ୍ପାଦକ ଦିଲୀପ କୁମାର ଦେବତା ଧନ୍ୟବାଦ ଅର୍ପଣ କରିଥିଲେ ।



ଅତିଥିମାନେ ପୁସ୍ତକ ଉନ୍ମୋଚନ କରୁଛନ୍ତି ।

## ବର୍ଷାରେ ଚାଷ ନଷ୍ଟ, ଆକାଶ ଛୁଆଁ ପରିବା ଦର

ଅତାବିରା, ୧୭।୮ (ଡି.ଏନ.ଏ)

ଲଗାଣ ବର୍ଷା ଯୋଗୁ ପନିପରିବା ଚାଷ ନଷ୍ଟ ହୋଇଥିବାରୁ ଚାଷୀମାନେ ହତାଶ ହୋଇଛନ୍ତି । ଚାଷୀମାନେ ବାଇଗଣ, ଟମାଟୋ, ଝୁଲେର, ଲଙ୍କାମରିଚ, ପୋଟଲ, କଲରା, କୁନ୍ଦୁରୁ, ମୂଳା ଆଦି ଚାଷ କରିଥିଲେ । କେତେକ ଚାଷୀ ଖରାଦିନରୁ ଚାଷ କରି ବର୍ଷା ହେଲେ ଅଧିକ ଲାଭବାନ ହେବା ଆଶା କରିଥିଲେ । ମାତ୍ର ଲଗାଣ ବର୍ଷା ପରିବା ଚାଷୀଙ୍କ ସ୍ୱପ୍ନକୁ ଧୂଳିସାତ କରିଦେଇଛି । ଚାଷୀମାନେ ଯେଉଁ ବଗିଚାରେ ଚାଷ କରିଥିଲେ ବର୍ଷା ପାଣି ଜମିଯିବାରୁ ତାହା କ୍ଷତିଗ୍ରସ୍ତ ହୋଇଛି । ଫଳରେ ଶନିବାର ଲରମ୍ଭା ସାପ୍ତାହିକ ବଜାରରେ ପୋଟଳ କେଜି ପ୍ରତି ୪୦, ଝୁଲେର ୪୦, ଭେଣ୍ଡି ୩୫, ବାଇଗଣ ୨୫, ଟମାଟୋ ୪୦, ମାଖନ ୧୦, ମୂଳା ୨୦, ଆଳୁ ୨୦, ପିଆଜ ୨୫, କାଙ୍କୁଡି ୧୦୦, ଲଙ୍କା ମରିଚ ୪୦ ଟଙ୍କା ଦର ରହିଥିଲା ।

## ଗୁଷ୍ଟୁଡ଼ାରେ ପଇଡ଼ପାଣି ଅଭିଷେକ

ଭେଡ଼େନ,୧୭।୮(ଡ଼ି.ଏନ.ଏ)

ଶ୍ରୀ ଶ୍ରୀ ଗୁରୁଭରସା ସତସଙ୍ଗ କମିଟି ଏବଂ ବଜରଙ୍ଗବଳୀ ମନ୍ଦିର କମିଠି ଆନୁକୂଲ୍ୟରେ ଭେଡ଼େନ ବ୍ଲକ ଗୁଷ୍ଟୁଡ଼ା ସ୍ଥିତ ସିଦ୍ଧେଶ୍ୱର ମନ୍ଦିରରେ ପଇଡ଼ପାଣି ଅଭିଷେକ ହୋଇଛି । ଏହି କାର୍ଯ୍ୟକ୍ରମରେ ୩୦ ହଜାରରୁ ଊର୍ଦ୍ଧ୍ୱ ଶ୍ରଦ୍ଧାଳୁ ଯୋଗ ଦେଇ ବାବାଙ୍କଠାରେ ପଇଡ଼ପାଣି ଅର୍ପଣ କରିଥିଲେ । ଏଥିରେ ସୁରେନ୍ଦ୍ର କର୍ମି, ଶୈଳସୂତା କର୍ମୀ ଏବଂ ଭୁବନେଶ୍ୱର ଡ଼ାଙ୍ଗ, ଲୁମ୍ବିନୀ ଡ଼ାଙ୍ଗ କର୍ତ୍ତା ଦାୟିତ୍ୱ ତୁଲାଇଥିଲେ । ଗୁରୁ ଜନ୍ମେଜୟ ମହାପାତ୍ର ରଥଶର୍ମାଙ୍କ ପରିଚାଳନାରେ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି । ବିଧାୟିକା ସ୍ନେହାଙ୍ଗିନୀ ଛୁରିଆଙ୍କ ସମେତ ବହୁ ଜନପ୍ରତିନିଧି ଏଥିରେ ସାମିଲ ହୋଇଥିଲେ ।

## ଶିଶୁମନ୍ଦିରରେ ବିଜ୍ଞାନ ମେଳା

ଭେଡ଼େନ,୧୭।୮(ଡ଼ି.ଏନ.ଏ)

ଭେଡ଼େନ ସ୍ଥିତ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରରେ ଶନିବାର ବିଦ୍ୟାଳୟ ଜ୍ଞାନ ବିଜ୍ଞାନ ମେଳା ଅନୁଷ୍ଠିତ ହୋଇଛି । ପ୍ରଧାନ ଆଚାର୍ଯ୍ୟ ଅଶୋକ କୁମାର ସାହୁଙ୍କ ସଭାପତିତ୍ୱରେ ହୋଇଥିବା ଉଦଘାଟନୀ ଉତ୍ସବରେ ରୁଦ୍ରଦେବ ସାହୁ ମୁଖ୍ୟ ଅତିଥି, ବିଦ୍ୟାଳୟ ସଭାପତି ସରୋଜ ମିଶ୍ର , ସମ୍ପାଦକ ଡ଼. ବିବେକାନନ୍ଦ ପଣ୍ଡା ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ । ଏଥିରେ ମୋଟ ୨୮୫ଟି ପ୍ରକଳ୍ପ ପ୍ରଦର୍ଶିତ ହୋଇଥିଲା । ବିଚାରକ ଭାବେ ଦିବ୍ୟ କିଶୋର ହୋତା, ଅନୀଲ ବେହେରା, ବାଲ୍ମିକୀ ମାହାର, ସଞ୍ଜୀବ ରଥ ଏବଂ ରିଙ୍କି ଅଦାବର ପ୍ରକଳ୍ପ ଗୁଡ଼ିକର ମୂଲ୍ୟାୟନ କରିଥିଲେ । ଯୋଗ୍ୟ ବିବେଚିତ ପ୍ରକଳ୍ପ ସଙ୍କୁଳସ୍ତରୀୟ ବିଜ୍ଞାନ ମେଳା ପାଇଁ ମନୋନିତ ହୋଇଛନ୍ତି ।

# ଶିକ୍ଷାର ବିକାଶକୁ ଗୁରୁତ୍ୱ

**ଜିଲା ପରିଷଦ ଷ୍ଟାଣ୍ଡିଂ କମିଟି ବୈଠକ**

ବରଗଡ଼ ଅଫିସ୍,୧୭।୮

ବରଗଡ଼ ଜିଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥା ସମ୍ମିଳନୀ କକ୍ଷରେ ଶନିବାର ଜିଲା ପରିଷଦ ଷ୍ଟାଣ୍ଡିଂ କମିଟି-ଜିର ବୈଠକ ଅନୁଷ୍ଠିତ ହୋଇଛି । ଜିଲା ପରିଷଦ ଅଧ୍ୟକ୍ଷା ମୁକ୍ତା ସାହୁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ଜିଲା ପରିଷଦ ଷ୍ଟାଣ୍ଡିଂ କମିଟି-ଜିର ଚେୟାରମ୍ୟାନ ଯୁବରାଜ ପ୍ରଧାନ ଉପସ୍ଥିତ ଜନ ପ୍ରତିନିଧି ଏବଂ ଜିଲାସ୍ତରୀୟ ଅଧିକାରୀଙ୍କୁ ସ୍ୱାଗତ କରିଥିଲେ । ବୈଠକ ଆରମ୍ଭରେ ଶିକ୍ଷା ବିଭାଗର ସମୀକ୍ଷା କରାଯାଇଥିଲା । ବରଗଡ଼ ଜିଲାରେ ୨୧୫୫ ସ୍କୁଲରେ ୨ଲକ୍ଷ ୩ହଜାର ୪୭୪ଜଣ ଛାତ୍ରୀଛାତ୍ର ଅଧ୍ୟୟନ କରୁଥିବା ନେଇ ବିଭାଗୀୟ ଅଧିକାରୀ ସୂଚନା ଦେଇଥିଲେ । ସେହିପରି ପ୍ରଥମରୁ ପଞ୍ଚମ ଶ୍ରେଣୀ ପର୍ଯ୍ୟନ୍ତ ଉଜ୍ଜ୍ୱଳ ଯୋଜନା ଏବଂ ଷଷ୍ଠରୁ ଅଷ୍ଟମ ଶ୍ରେଣୀ ପର୍ଯ୍ୟନ୍ତ ଉତ୍ଥାନ ଯୋଜନା ଚାଲିଥିବା ସୂଚନା ଦିଆଯାଇଥିଲା । ପ୍ରଥମରୁ ପଞ୍ଚମ ଶ୍ରେଣୀ ପର୍ଯ୍ୟନ୍ତ ଛାତ୍ରୀଛାତ୍ରମାନେ ବିଦ୍ୟାଳୟକୁ ୧କି.ମି ରାସ୍ତା ଯାତାୟାତ କଲେ ବର୍ଷକୁ ୧୨ହଜାର ଟଙ୍କା ପ୍ରଦାନ କରାଯାଉଛି ବୋଲି ଉପସ୍ଥିତ ଅଧିକାରୀମାନେ କହିଥିଲେ ।

ଜିଲାରେ ୯୦ଟି ଶିକ୍ଷକ ପଦବୀ ଖାଲି ରହିଥିବା ସମୀକ୍ଷା ବେଳେ ଜଣାପଡ଼ିଥିଲା । ସେହିପରି ୧୫୧ଟି ବେସରକାରୀ ଇଂରାଜୀ ମାଧ୍ୟମ ସ୍କୁଲ ରହିଛି ବୋଲି ବିଭାଗୀୟ ଅଧିକାରୀ କହିଥିଲେ । ଶିକ୍ଷାର ଉନ୍ନତି ବିଷୟରେ ଆଲୋଚନା କରାଯାଇ ମୋ ସ୍କୁଲ ଅଭିଯାନ ଯୋଜନାରେ ୩୭କୋଟି ଟଙ୍କା ମହଜୁଦ ଥିବା ସମ୍ପର୍କରେ ଜିଲା ଶିକ୍ଷା ଅଧିକାରୀ ପ୍ରକାଶ କୁମାର ଯୋଶୀ ପ୍ରକାଶ କରିଥିଲେ । ପରେ ଜିଲା ସମାଜ ମଙ୍ଗଳ ଓ କ୍ରୀଡ଼ା ବିଭାଗର କାର୍ଯ୍ୟ ସମୀକ୍ଷା କରାଯାଇଥିଲା । ଜିଲା ସଂସ୍କୃତି ବିଭାଗର କାର୍ଯ୍ୟ ସମୀକ୍ଷାବେଳେ ୨୦୧୮ ନଭେମ୍ବରରୁ ୨୦୧୯ ପର୍ଯ୍ୟନ୍ତ ୧୫୩୭ଜଣ କଳାକାରଙ୍କୁ ୭୩ଲକ୍ଷ ୭୨ହଜାର ୮ଶହ ଟଙ୍କା ଏବଂ ୨୦୧୯ ମାର୍ଚ୍ଚରୁ ଜୁନ ପର୍ଯ୍ୟନ୍ତ ୧୫୩୧ଜଣ କଳାକାରଙ୍କୁ ୭୩ଲକ୍ଷ ୪୮ହଜାର ୮ଶହ ଟଙ୍କା ପ୍ରଦାନ କରାଯାଇଥିବା ସୂଚନା ଦିଆଯାଇଥିଲା । ଅନ୍ୟମାନଙ୍କ ମଧ୍ୟରେ ଜିଲା ପରିଷଦ ସଭ୍ୟ ରମେଶ ଚନ୍ଦ୍ର ବେହେରା, ପଞ୍ଚାନନ ମିର୍ଦ୍ଧା, ସୁବ୍ରତ ବେହେରା, ସାର ପ୍ରଧାନ, ଶଙ୍କର ଖାଲକୋ, ଅଶୋକ ସାହୁ ପ୍ରମୁଖ ଉପସ୍ଥିତ ଥିଲେ ।

## ଗଙ୍ଗାଧରଙ୍କ କୃତିରେ ରହିଛି ସାହିତ୍ୟର ମୂଲ୍ୟବୋଧ



ଗଙ୍ଗାଧର ମେହେର ଜୟନ୍ତୀ ସଭାରେ ମଞ୍ଚାସୀନ ଅତିଥି ।

**ବରପାଲିରେ ରାଜ୍ୟସ୍ତରୀୟ ଜୟନ୍ତୀ**

ବରପାଲି, ୧୭।୮ (ଡି.ଏନ.ଏ)

ବିଶ୍ୱକୁ ମଧୁମୟ ଦୃଷ୍ଟିରେ ଦେଖୁଥିବା ଅମୃତର କବି ଗଙ୍ଗାଧର ମେହେର ଓଡ଼ିଆ ସାହିତ୍ୟ ଜଗତର ଜଣେ ଅନନ୍ୟ ସ୍ରଷ୍ଟା । ତାଙ୍କ କାବ୍ୟ କୃତିରେ ଭରି ରହିଛି ସାହିତ୍ୟର ମୂଲ୍ୟବୋଧ । ଜନ୍ମମାଟି ବରିପାଲିରେ ଅନୁଷ୍ଠିତ ୧୫୭ତମ ଜୟନ୍ତୀ ସଭାରେ ବକ୍ତାମାନେ ଏହି ମତବ୍ୟକ୍ତ କରିଛନ୍ତି । ଓଡିଶା ସାହିତ୍ୟ ଏକାଡ଼େମୀ ଓ ଗଙ୍ଗାଧର କ୍ଲବର ମିଳିତ ଆନୁକୂଲ୍ୟରେ ସ୍ଥାନୀୟ କଲ୍ୟାଣ ମଣ୍ଡପରେ ଅନୁଷ୍ଠିତ ଉତ୍ସବରେ କ୍ଲବ ସଭାପତି ଡ. ଘନଶ୍ୟାମ ପାଣିଗ୍ରାହୀ ଅଧକ୍ଷତା କରିଥିଲେ । ଏହି ଅବସରରେ ବରଗଡ ଏମ୍‌ପି ସୁରେଶ ପୂଜାରୀ ମୁଖ୍ୟଅତିଥି, ଦୂରଦର୍ଶନ ପ୍ରମୁଖ ନିଳାଦ୍ରି ମୋହନ ଶତପଥି ସମ୍ମାନିତ ଅତିଥି, ଡା. କୃଷ୍ଣକେଶବ ଷଡଙ୍ଗୀ ମୁଖ୍ୟବକ୍ତା ଓ ଜ୍ଞାନୀ ଦେବାଶିଷ ମିଶ୍ର ଅନ୍ୟତମ ବକ୍ତା ଭାବେ ଯୋଗ ଦେଇଥିଲେ । ଉତ୍ସବରେ ସଦସ୍ୟ ବିନୋଦାନନ୍ଦ ସାହୁ ସ୍ୱାଗତ ଭାଷଣ ଓ ସମ୍ପାଦକ ଆନନ୍ଦ ମେହେର ଅତିଥି ପରିଚୟ ପ୍ରଦାନ କରିଥିଲେ । ଏହି ଅବସରରେ ସାହିତ୍ୟକ ପ୍ରଫେସର କୁମୁଦ ରଞ୍ଜନ ପାଣିଗ୍ରାହୀଙ୍କୁ ଗଙ୍ଗାଧର ମେହେର ସମ୍ମାନ ପ୍ରଦାନ କରାଯାଇଥିଲା । ପରେ ବିଭିନ୍ନ ପ୍ରତିଯୋଗିତାର କୃତୀ ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ କରାଯାଇଥିଲା । ଶେଷରେ ସଦସ୍ୟ ବାଳକିଶୋର ଖାଡଙ୍ଗା ଧନ୍ୟବାଦ ଅର୍ପଣ କରିଥିଲେ ।

## ଡାଙ୍ଗବାହାଲରେ ଝୁଲଣ ରଥଯାତ୍ରା

ଗାଇସିଲେଟ,୧୭।୮ (ଡି.ଏନ.ଏ)

ଗାଇସିଲେଟ ବ୍ଲକ ଡାଙ୍ଗବାହାଲ ଗ୍ରାମରେ ୮୬ତମ ଝୁଲଣ ରଥଯାତ୍ରା ପାଳିତ ହୋଇଛି । ଏହି ଯାତ୍ରାରେ ରାଧାକୃଷ୍ଣଙ୍କ ଯୁଗଳ ମୂର୍ତ୍ତିକୁ ରୀତିନୀତିରେ ପୂଜା କରାଯାଇଥିଲା । ଶ୍ରଦ୍ଧାଳୁ ଭକ୍ତମାନେ ଝୁଲଣ ଗୀତ ଗାଇ ରାଧାକୃଷ୍ଣଙ୍କୁ ଦୋଲିରେ ଝୁଲାଇବା ପରେ ରଥାରୁଢ କରି ରଥଟଣା ଯାଇଥିଲା । ଗ୍ରାମର ଗୌନ୍ତିଆ ଲଳିତ କୁମାର ସାହୁ ସସ୍ତ୍ରୀକ କର୍ତ୍ତା ଦାୟିତ୍ୱ ତୁଲାଇଥିଲେ । ପୁରୋହିତ କ୍ଷୀରୋଦ୍ର ପଣ୍ଡା ପୂଜକ ଥିଲେ । ବଡ ଡୁଙ୍ଗୁରୀପାଲି ଗ୍ରାମର ମହିଳା ଉଦଣ୍ଡ କୀର୍ତ୍ତନ ଓ ଡିସକୋ ସଙ୍କୀର୍ତ୍ତନ, ଯୁଗିସୁର୍ଡା, କଂସଡୋଲ, ଯାମମାଳ ଗ୍ରାମର ମହିଳା ଉଦଣ୍ଡ ସଙ୍କୀର୍ତ୍ତନ ତଥା ଉପରବାହାଲ ଓ ଘନାମାଳ ଗ୍ରାମର ବୈଠକି ସଙ୍କୀର୍ତ୍ତନ, ଡାଙ୍ଗବାହାଲ ଗ୍ରାମର ରଙ୍ଗୀନ ସଙ୍କୀର୍ତ୍ତନ ଓ ସମ୍ପ୍ରଦା ନୃତ୍ୟ, ପଦ୍ମପୁର ଦେହେଟି ଏବଂ ଝାରବନ୍ଧ ବିଳାସପୁର ଗ୍ରାମର ମହିଳା ସମ୍ପ୍ରଦା ବାହକମାନେ ସମ୍ପ୍ରଦା ପରିବେଷଣ କରିଥିଲେ ।


ଡାଙ୍ଗବାହାଲ ଗ୍ରାମରେ ଝୁଲଣ ରଥଯାତ୍ରା ଚାଲିଛି ।

## ରାସ୍ତାଘାଟ ମରାମତି ସମୀକ୍ଷା କଲେ ବିଧାୟକ

ଘଣ୍ଟାପଡା, ୧୭।୮ (ଡି.ଏନ.ଏ)

ଲଘୁଚାପ ଜନିତ ବର୍ଷାର ପ୍ରଭାବରେ ଘଣ୍ଟାପଡା ଅଞ୍ଚଳର ଅନେକ ରାସ୍ତା ଭାଙ୍ଗି ଯାଇଛି । ମନମୁଣ୍ଡା-ସିନ୍ଧୁଗୋରା ୪୧ ନଂ. ରାଜପଥରୁ ଲଣ୍ଡାପଦର ଯାଇଥିବା ମୁଖ୍ୟମନ୍ତ୍ରୀ ରାସ୍ତା, କୁରୁକୁପା ଯାଇଥିବା ପ୍ରଧାନମନ୍ତ୍ରୀ ରାସ୍ତା, ଖୁଣ୍ଟିଗୋରା-ଉମା ପ୍ରଧାନମନ୍ତ୍ରୀ ରାସ୍ତାରୁ ପିଚୁ ଧସି ଯାଇ ଖାଲ ସୃଷ୍ଟି ହୋଇଛି ଏବଂ ମାଟି ରାସ୍ତା ଅବସ୍ଥା ନ କହିବା ଭଲ । ରାସ୍ତାରେ ଯିବା ଆସିବା ବାଧାପ୍ରାପ୍ତ ହୋଇ ପଡିଛି । କଣ୍ଟାମାଳ ବିଧାୟକ ତଥା ଜିଲା ଯୋଜନା ବୋର୍ଡ ଅଧକ୍ଷ ମହୀଧର ରଣା ଶୁକ୍ରବାର ଖୁଣ୍ଟିଗୋରା, ଉମା, ଘଣ୍ଟାପଡା ଆଦି ପଞ୍ଚାୟତ ପରିଦର୍ଶନ କରି ଲୋକଙ୍କ ସହିତ ଆଲୋଚନା କରିଥିଲେ ପରେ ବିଭିନ୍ନ ବିଭାଗର ସରକାରୀ ଅଧିକାରୀମାନଙ୍କୁ ନେଇ ବିଧାୟକ ରଣାଙ୍କ ଅଧକ୍ଷତାରେ ଏକ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଥିଲା । ବୈଠକରେ ଭଙ୍ଗା ରାସ୍ତା ଗୁଡିକୁ ଯୁଦ୍ଧକାଳୀନ ଭିତ୍ତିରେ ଶୀଘ୍ର ମରାମତି କରିବା ନେଇ ଆଲୋଚନା କରାଯାଇଥିଲା ।


ବୈଠକରେ ବିଧାୟକଙ୍କ ସମେତ ସରକାରୀ ଅଧିକାରୀ ଉପସ୍ଥିତ ।

## ଘଣ୍ଟାପଡାରେ ରକ୍ଷାବନ୍ଧନ

ଘଣ୍ଟାପଡା, ୧୭।୮ (ଡି.ଏନ.ଏ)

କଣ୍ଟାମାଳ ବ୍ଲକ ଘଣ୍ଟାପଡା ସରସ୍ୱତୀ ଶିଶୁ ମନ୍ଦିରରେ ପ୍ରଧାନଆଚାର୍ଯ୍ୟ ଶେଷଦେବ ସେଠୀଙ୍କ ତତ୍ତ୍ୱାବଧାନରେ ରକ୍ଷାବନ୍ଧନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ଏହି ଅବସରରେ ବୃକ୍ଷମାନଙ୍କୁ ରାକ୍ଷୀ ବନ୍ଧନ କରାଯାଇଥିଲା । ସେହିପରି ଖମନମୁଣ୍ଡା ପଞ୍ଚାୟତର ଲଣ୍ଡାବାହାଲ ଗ୍ରାମରେ ବନବାସୀ କଲ୍ୟାଣ ଆଶ୍ରମ ବୌଦ୍ଧ ଶାଖା ପକ୍ଷରୁ ରକ୍ଷାବନ୍ଧନ ହୋଇଥିଲା । କୋଷାଧ୍ୟକ୍ଷ ଜଳନ୍ଧର ମଲ୍ଲିକଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଖବରଦାତା ବଂଶୀଧର ମାଝୀ ମୁଖ୍ୟଅତିଥି ଭାବେ ଯୋଗଦେଇ ରକ୍ଷାବନ୍ଧନ ପର୍ବର ପୌରାଣିକ ଓ ଐତିହାସିକ ବିଶେଷତ୍ୱ ଉପରେ ବକ୍ତବ୍ୟ ରଖିଥିଲେ । ସମ୍ମାନିତ ଅତିଥି ଭାବେ ହିତରକ୍ଷା ପ୍ରମୁଖ ପିତାମ୍ବର ଭୋଇ ଏବଂ ଅନ୍ୟତମ ଅତିଥି ଭାବେ ସାମାଜିକ କର୍ମୀ ଦେବେନ୍ଦ୍ର କାଲସେ, ପ୍ରଦୀପ ସାହୁ ଏବଂ ପୂର୍ଣ୍ଣଚନ୍ଦ୍ର ମିଶ୍ର ଉପସ୍ଥିତ ଥିଲେ । ସୁଶାନ୍ତ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ । ମସିଣାଗୋରା ଶିଶୁ ମନ୍ଦିରର ପ୍ରଧାନଆଚାର୍ଯ୍ୟ ସୁଶାନ୍ତ ସାହୁଙ୍କ ତତ୍ତ୍ୱାବଧାନରେ ଖୁଣ୍ଟିଗୋରା ପିଏଚସିରେ ରୋଗୀଙ୍କ ହାତରେ ରକ୍ଷାସୂତ୍ର ବନ୍ଧା ଯାଇଥିଲା ।



ଯିଏ ଗୋଟିଏ ଛୋଟ କାମକୁ ଦକ୍ଷତାର ସହିତ କରିଦେଇ ପାରିବ, ସେ ହିଁ ଗୋଟିଏ ବଡ଼ କାମକୁ ନେଇଆଣି ଥୋଇ ପାରିବ। -**ପାସ୍‌କଲ**



## ସଂକ୍ଷେପରେ

### ସ୍କୁଲ ଉପରେ ୧୧କେଭି ବିଦ୍ୟୁତ୍ ତାର

**ବିନିକା, ୧୭।୮ (ଡି.ଏନ୍.ଏ.):** ସୁବର୍ଣ୍ଣପୁର ଜିଲା ବିନିକା ବ୍ଲକ ବାବୁପାଲି ଗ୍ରାମ ପଞ୍ଚାୟତ ଅନ୍ତର୍ଗତ ତାଳମୁଣ୍ଡା ପ୍ରାଥମିକ ଓ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ଉପର ଦେଇ ୧୧କେଭି ବିଦ୍ୟୁତ୍ ତାର ଲମ୍ବିଛି। ବହୁ ସମୟରେ ତାରରୁ ନିଆଁ ଖସୁଛି। ଏଥିଯୋଗୁ ସ୍କୁଲରେ ଅଧ୍ୟୟନରତ ଛାତ୍ରୀଛାତ୍ରଙ୍କ ସହ ଶିକ୍ଷୟିତ୍ରୀଶିକ୍ଷକ ଏକରକମ ଅସୁରକ୍ଷିତ ଅବସ୍ଥାରେ ରହୁଛନ୍ତି। ତୁରନ୍ତ ସ୍କୁଲ ଉପର ଦେଇ ଯାଇଥିବା ଉଚ୍ଚ କ୍ଷମତାସମ୍ପନ୍ନ ବିଦ୍ୟୁତ୍ ତାରକୁ ହଟାଇବାକୁ ଛାତ୍ରୀଛାତ୍ର ଓ ଅଭିଭାବକମାନେ ଦାବି କରିଛନ୍ତି। । ସେମାନେ ଅଭିଯୋଗ କରିଛନ୍ତି ଯେ, ବିପଦସଙ୍କୁଳ ଅବସ୍ଥାରେ ଥିବା ଏହି ତାରକୁ ସ୍କୁଲ ପରିସରରୁ ହଟାଇବା ପାଇଁ ସେମାନେ ବିଭିନ୍ନ ସମୟରେ ଦାବି କରି ଆସିଛନ୍ତି। ହେଲେ ବିଭାଗୀୟ କର୍ତ୍ତୃପକ୍ଷ ପ୍ରତିଶ୍ରୁତି ଦେଇ ଚୁପ ହୋଇ ବସିଛନ୍ତି। ଏ ବିଷୟରେ ସ୍କୁଲର ପ୍ରଧାନ ଶିକ୍ଷକ ଦୀନବନ୍ଧୁ ଗର୍ତିଆ କହିଛନ୍ତି ଯେ, କହିକହି ଆମେ ଥକି ଗଲୁଣି। ତାରକୁ ସ୍ଥାନାନ୍ତର କରାଯାଉନାହିଁ। ଏଣୁ ବିଦ୍ୟାର୍ଥୀଙ୍କ ସୁରକ୍ଷା ଚିନ୍ତା ସବୁବେଳେ ଲାଗି ରହୁଛି।। ସହକାରୀ ଶିକ୍ଷକ ରଞ୍ଜନ ପଧାନ କହିଛନ୍ତି ଯେ, ବାରମ୍ବାର କହିଲା ପରେ ମଧ ଯଦି ପଦକ୍ଷେପ ନିଆଯାଉ ନାହିଁ, ତେବେ କେଣସି ଦୁର୍ଘଟଣା ଘଟିଲେ ସେଥିପାଇଁ ବିଦ୍ୟୁତ୍ ବିଭାଗ ସମ୍ପୂର୍ଣ୍ଣ ଦାୟୀ ରହିବ। ଆଉ ଜଣେ ଶିକ୍ଷକ ଦକିଳ ପଧାନଙ୍କ କହିବା ଅନୁସାରେ ଯେତେବେଳେ ପ୍ରବଳ ବର୍ଷା ସହିତ ପବନ ଓ ଘଡଘଡି ହୁଏ ସେତେବେ ସ୍କୁଲ ମଧଦେଇ ଯାଇଥିବା ବିଦ୍ୟୁତ୍ ତାରଗୁଡ଼ିକ ପରସ୍ପର ମଧରେ ବାଡେଇ ହୋଇ ନିଆଁ ବାହାରେ। ଏନେଇ ବିନିକା ବିଦ୍ୟୁତ୍ ବିଭାଗୀୟ ଅଧିକାରୀ ରଶ୍ମୀ ରଞ୍ଜନ ଜେନାଙ୍କୁ ପଚାରିବାରୁ ସ୍କୁଲ ଉପର ଦେଇ ଯାଇଥିବା ୧୧କେଭି ବିଦ୍ୟୁତ୍ ତାରକୁ ଯଥାଶୀଘ୍ର ଅନ୍ୟତ୍ର ସ୍ଥାନାନ୍ତର କରାଯିବ ନେଇ ଉଦ୍ୟମ କରାଯାଉଛି ବୋଲି କହିଛନ୍ତି।

> **ଆଜି କ'ଣ କେଉଁଠି**
> ସ୍ତମ୍ଭରେ କୌଣସି କାର୍ଯ୍ୟକ୍ରମ ସ୍ଥାନିତ କରିବାକୁ ଚାହୁଁଥିଲେ ସମ୍ପୂର୍ଣ୍ଣ ବିବରଣୀ ସହ ନିକଟସ୍ଥ ପ୍ରତିନିଧି କିମ୍ବା ଧରିତ୍ରୀ ମୁଖ୍ୟ କାର୍ଯ୍ୟାଳୟ ସହ ଯୋଗାଯୋଗ କରନ୍ତୁ।

ବିଚାର ପକ୍ଷରୁ ମାସିକ ଆଲୋଚନାଚକ୍ର

# ସହନଶୀଳତା ଗଣତନ୍ତ୍ରକୁ ସମୃଦ୍ଧ କରେ

**ବଲାଙ୍ଗୀର ଅଫିସ, ୧୭।୮**

ବଲାଙ୍ଗୀର ଆଇନ ମହାବିଦ୍ୟାଳୟରେ ଶନିବାର ସନ୍ଧ୍ୟାରେ ବିଚାର ପକ୍ଷରୁ ମାସିକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଛି । 'ଭାରତୀୟ ଗଣତନ୍ତ୍ରକୁ ଅଧିକ ସମର୍ଥ କରିବାର ଉପାୟ' ଶୀର୍ଷକ ଆଲୋଚନାରେ ଅବସରପ୍ରାପ୍ତ ପ୍ରାଧ୍ୟାପକ ଡ. ରାମଶରଣ ହୋତା ତଥ୍ୟାତ୍ମକ ଆଲୋଚନା କରିଥିଲେ । ଭାରତୀୟ ଗଣତନ୍ତ୍ର କ୍ରମଶଃ ଗଣତାନ୍ତ୍ରିକ ମୂଲ୍ୟବୋଧରୁ କିଭଳି ଦୂରେଇ ଯାଉଛି ସେ ଉପରେ ଆଲୋଚନା କରିଥିଲେ । ପାର୍ଲାମେଣ୍ଟରେ ବିନା ଆଲୋଚନାରେ ଗୋଟିଏ ଦିନରେ ୩ଟି ବିଲ ଗୃହୀତ ହେବାର ପରମ୍ପରା ଆଦୌ ଗଣତାନ୍ତ୍ରିକ ନୁହେଁ । ସଂଖ୍ୟାଲଘୁ ବିରୋଧୀଙ୍କ ପ୍ରତି ଶାସକ ଦଳର ସମ୍ମାନ ଓ ଗ୍ରହଣଶୀଳତା ନ ରହିଲେ ଗଣତନ୍ତ୍ର ମଜଭୂତ ହେବନାହିଁ । ସହନଶୀଳତା ହିଁ ଗଣତନ୍ତ୍ରକୁ ସମୃଦ୍ଧ କରେ । ମାତ୍ର ଆଜିର ବିଧିବ୍ୟବସ୍ଥାରେ ସହନଶୀଳତା କମି କମି ଯାଉଛି । ଏହା ଗଣତନ୍ତ୍ର ପ୍ରତି ଘୋର ବିପଦ ସୃଷ୍ଟି କରୁଛି । ଗାନ୍ଧୀଙ୍କ ଉପାୟରେ ଗଣତନ୍ତ୍ରର ମୂଲ୍ୟବୋଧ ଓ କିଶନ ପଟ୍ଟନାୟକଙ୍କ ଗଣତାନ୍ତ୍ରିକ ବିଚାରଧାରା ଉପରେ ଡ. ହୋତା ଆଲୋଚନା କରିଥିଲେ । ଗଣତନ୍ତ୍ରକୁ ଅଧିକ ସମର୍ଥ କରିବାରେ ସଚେତନ ନାଗରିକଙ୍କ ଭୂମିକା ଉପରେ ମଧ୍ୟ ସେ ଆଲୋଚନା କରିଥିଲେ । ସଭାରେ ଅନ୍ୟମାନଙ୍କ ମଧ୍ୟରେ ଅଧ୍ୟାପକ କୌତୁକ ପନ୍ଦର, ଆଡଭୋକେଟ ଜୟକୃଷ୍ଣ ସାହୁ, ପ୍ରାଧ୍ୟାପକ ରବିଶଙ୍କର ପାଣ୍ଡିଆ, ସିଦ୍ଧେଶ୍ୱର ପ୍ରଧାନ, ବୀରେନ୍ଦ୍ର କୁମାର ଝାଙ୍କର, ଅଧ୍ୟକ୍ଷ କ୍ଷମାନିଧି ଝାଙ୍କର, ଆଡଭୋକେଟ୍ ରାହାସ ବିହାରୀ ମାଝି ଓ ଅନ୍ୟମାନେ ମତାମତ ଉପସ୍ଥାପନ କରିଥିଲେ । କାର୍ଯ୍ୟକ୍ରମକୁ ବିଚାରର ଆବାହକ ଚିତ୍ତରଞ୍ଜନ ଦାଶ ପରିଚାଳନା କରିଥିଲେ । ସଭାରେ ପ୍ରଫେସର ମଧୁସୂଦନ ପତି, ଡ ସୁଷମା ମଞ୍ଜରୀ ନାୟକ, ସୁନନ୍ଦିନୀ ଦାସ, ଡ ସନ୍ତୋଷ କୁମାର ରଥ, ସନାତନ ଠାକୁର, ଭାଗୀରଥି ମିଶ୍ର, ଶଶିଭୂଷଣ ପୁରୋହିତ, ସୁଦୀପ ଗୁରୁ, ଚୈତନ୍ୟଦାସ ଠାକୁର, ପଦ୍ମଚରଣ ଆଚାର୍ଯ୍ୟ, ସୁବାସ ପଣ୍ଡା, ଧର୍ମେନ୍ଦ୍ର ନନ୍ଦ, କୁନା ବାଗ, ବ୍ୟାସଦେବ ନନ୍ଦ ଓ ଅନ୍ୟମାନେ ଉପସ୍ଥିତ ଥିଲେ ।



ବିଚାର ମାସିକ ଆଲୋଚନାଚକ୍ରରେ ପ୍ରାଧ୍ୟାପକ ଡ. ହୋତା ବକ୍ତବ୍ୟ ରଖୁଛନ୍ତି।

ସୁବର୍ଣ୍ଣପୁରରେ ହାଇକୋର୍ଟ ବେଞ୍ଚ ପ୍ରତିଷ୍ଠା ଦାବି

# ବରିଷ୍ଠ ନାଗରିକ ସଂଘ, ସାମ୍ବାଦିକ ସଂଘର ସମର୍ଥନ

**ସୋନପୁର, ୧୭।୮ (ନି.ପ୍ର.)**

ସୁବର୍ଣ୍ଣପୁରରେ ହାଇକୋର୍ଟର ସ୍ଥାୟୀ ବେଞ୍ଚ ପ୍ରତିଷ୍ଠା ପାଇଁ ଜିଲା ଓକିଲ ସଂଘ ଦାବି କରିଛି । ଶନିବାର ବରିଷ୍ଠ ନାଗରିକ ସଂଘ ଓ ଜିଲା ସାମ୍ବାଦିକ ସଂଘ ଓକିଲ ସଂଘର ଦାବିକୁ ସମର୍ଥନ ଜଣାଇଛନ୍ତି । ବରିଷ୍ଠ ନାଗରିକ ସଂଘ ପକ୍ଷରୁ ସୁବର୍ଣ୍ଣମେରୁ ମନ୍ଦିର ପରିସରରେ ସଫେଇ କାର୍ଯ୍ୟକ୍ରମ ପରେ ସ୍ଥାନୀୟ କଲ୍ୟାଣ ମଣ୍ଡପରେ ସଭାପତି ରାଜେନ୍ଦ୍ର କୁମାର ମିଶ୍ରଙ୍କ ପୌରୋହିତ୍ୟରେ ସଭା ଅନୁଷ୍ଠିତ ହୋଇଥିଲା। ଏଥିରେ ବେଞ୍ଚ ପ୍ରତିଷ୍ଠା ଦାବିକୁ ସଂଘ ପକ୍ଷରୁ ସମର୍ଥନ ଜଣାଯାଇଥିଲା। ସେହିପରି ଜିଲାର ଉନ୍ନୟନମୂଳକ କାର୍ଯ୍ୟକ୍ରମରେ ସଂଘର ସଦସ୍ୟମାନେ ସଂଶ୍ଳିଷ୍ଟ ରହି ସେଗୁଡିକୁ ତ୍ୱରାନ୍ୱିତ କରିବେ ବୋଲି ନିଷ୍ପତ୍ତି ହୋଇଥିଲା। ସହରରେ ଜଳର ଅପଚୟ ରୋକିବାକୁ ପ୍ରଶାସନର ଦୃଷ୍ଟି ଆକର୍ଷଣ କରିବାକୁ ନିଷ୍ପତ୍ତି ହୋଇଥିଲା। ସଂଘ ସମ୍ପାଦକ ପ୍ରଫେସର ନାରାୟଣ ପ୍ରସାଦ ରାୟଗୁରୁ, ବ୍ୟୋମକେଶ ଦାଶ, ଚନ୍ଦ୍ରମଣି ଦାଶ, କୃପାସିନ୍ଧୁ ପାଣିଗ୍ରାହୀ, ନିତ୍ୟାନନ୍ଦ ମାଝୀ, ବେଦବ୍ୟାସ ତ୍ରିପାଠୀ, ଶ୍ୟାମ ସୁନ୍ଦର ଅଗ୍ରୱାଲା, ମଧୁସୂଦନ ପୂଜାହାରୀ, ଶିବନାରାୟଣ ମିଶ୍ର, ବିରଞ୍ଚି ନାରାୟଣ ମହାନ୍ତି, ଲକ୍ଷ୍ମୀନାରାୟଣ ମହାନ୍ତି, ଶିବରାମ ପଟ୍ଟନାୟକ, ମାଗୁଣି ସାହୁ ପ୍ରମୁଖ ଅଂଶଗ୍ରହଣ କରିଥିଲେ । ଯୁଗ୍ମ ସମ୍ପାଦକ ଡାକ୍ତର ଜ୍ୟୋତିରଞ୍ଜନ ବହିଦାର ଧନ୍ୟବାଦ ପ୍ରଦାନ କରିଥିଲେ । ଜିଲା ଓକିଲ ସଂଘ ପକ୍ଷରୁ ଏକ ପ୍ରସ୍ତାବ ଗୃହୀତ ହୋଇ ଏହି ଦାବିକୁ ସମର୍ଥନ କରାଯାଇଛି । ରାଜାରାଜୁଡା ଅମଳରୁ ସୋନପୁରରେ ହଜୁରୁ କୋର୍ଟ ଥିଲା । ଯାହା ସର୍ବୋଚ୍ଚ ଅଦାଲତର କ୍ଷମତା ସହିତ ସମାନ ଥିଲା । ତେଣୁ ଏଠାରେ ସ୍ଥାୟୀ ବେଞ୍ଚ ସ୍ଥାପନ ପାଇଁ ସଂଘ ଯୁକ୍ତି ଦର୍ଶାଇଛି । ସଂଘ ସଭାପତି ଗୋରେଖନାଥ ସାହୁ, ସମ୍ପାଦକ ବ୍ୟୋମକେଶ ଦାଶ, ଇନ୍ଦ୍ରମଣି ଦାଶ, ପର୍ଶୁରାମ ମିଶ୍ର ଓ ବେଣୁଧର ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ ।

ନିଆଁରେ ପୋଡ଼ି ମହିଳାଙ୍କ ମୃତ୍ୟୁ ଘଟଣା

# ହତ୍ୟା ଅଭିଯୋଗରେ ସ୍ୱାମୀ କୋର୍ଟ ଚାଲାଣ

**ଉଲୁଣ୍ଡା, ୧୭।୮ (ଡି.ଏନ.ଏ.)**

ଉଲୁଣ୍ଡା ଥାନା ଅଇଁଲାଛାଟ ଗ୍ରାମରେ ନିଆଁରେ ପୋଡି ମହିଳା ଜୀବନ୍ତ ଦଗ୍ଧ ମାମଲାରେ ତାଙ୍କ ସ୍ୱାମୀ ଉପେନ୍ଦ୍ର କୁମ୍ଭାରଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି ଉଲୁଣ୍ଡା ପୋଲିସ। ମିଳିଥିବା ସୂଚନା ମତେ, ଗତ ଗୁରୁବାର ଉକ୍ତ ଗ୍ରାମର ମିଥିଳା କୁମ୍ଭାର(୪୫)ଙ୍କ ପୋଡା ଶବ ଉଲୁଣ୍ଡା ପୋଲିସ ତାଙ୍କ ଘରୁ ଜବତ କରିଥିଲା। ଏନେଇ ମୃତଙ୍କ ବାପା ମହାଦେବ ତରିଆ ତାଙ୍କ ଝିଅକୁ ସ୍ୱାମୀ ହତ୍ୟା କରିଥିବା ଅଭିଯୋଗ କରିଥିଲେ। ଅଭିଯୋଗକୁ ଭିତ୍ତି କରି ଉପେନ୍ଦ୍ରଙ୍କୁ ଅଟକ ରଖି ପୋଲିସ ପଚରାଉଚୁରା କରିଥିଲା। ପାରିପାର୍ଶ୍ୱିକ ସ୍ଥିତିକୁ ଅନୁଧ୍ୟାନ କରି ଅଭିଯୁକ୍ତଙ୍କୁ ଶନିବାର ହତ୍ୟା ଅଭିଯୋଗରେ କୋର୍ଟଚାଲାଣ କରିଥିବା ଜଣାପଡିଛି। ପଡୋଶୀ ଲୋକଙ୍କ କହିବା ଅନୁସାରେ ଗୁରୁବାର ଅପରାହ୍ନ ପ୍ରାୟ ୧ଟାରେ ମିଥିଳା ନିଜ ଘରେ ଥିବା ବେଳେ ତାଙ୍କ ଦେହରେ ନିଆଁ ଲାଗିଯାଇଥିଲା। ଫଳରେ ତାଙ୍କ ଶରୀର ସମ୍ପୂର୍ଣ୍ଣ ପୋଡିଯିବା ସହ ଘଟଣାସ୍ଥଳରେ ହିଁ ଜୀବନ ଚାଲିଯାଇଥିଲା। ତେବେ ନିଆଁ କିଏ ଓ କାହିଁକି ଲଗାଇଥିଲା କୌଣସି ଲୋକ ଦେଖି ନ ଥିଲେ। ପରେ ତାଙ୍କ ସ୍ୱାମୀ ଉପେନ୍ଦ୍ର କୁମ୍ଭାର ଓ ଶାଶୁ ବୁନ୍ଦ୍ରି କୁମ୍ଭାର ଘଟଣାସ୍ଥଳରେ ପହଞ୍ଚି ନିଆଁକୁ ଆୟତ କରିବା ସହ ପୋଲିସକୁ ଖବର ଦେଇଥିଲେ। ପୋଲିସ ଏକ ମାମଲା ରୁଜୁ କରି ମୃତଦେହକୁ ବ୍ୟବଚ୍ଛେଦ ପାଇଁ ପଠାଇଥିଲା।

# ବନ୍ୟା ପରେ ଦୁର୍ଦ୍ଦଶାରେ ତରଭାବାସୀ

**ତରଭା, ୧୭।୮ (ଡି.ଏନ.ଏ.)**

ଲଘୁଚାପଜନିତ ଲଗାଣ ବର୍ଷା ଓ ବନ୍ୟାରେ ତରଭା ଅଞ୍ଚଳରେ ନାହିଁ ନ ଥିବା କ୍ଷତି ଘଟିଛି। ବନ୍ୟା ଛାଡି ଯିବା ପରେ ଏବେ ସ୍ଥିତି ଦୁର୍ବିସହ ହୋଇପଡିଛି। ତରଭା ସହରାଞ୍ଚଳରେ କୁଢକୁଢ ଆବର୍ଜନା ପୁତିଗନ୍ଧମୟ ପରିବେଶ ସୃଷ୍ଟି କରିଛି। ବନ୍ୟା ଦିନଠାରୁ ତରଭାକୁ ପାନୀୟ ଜଳଯୋଗାଣ ହୋଇପାରିନାହିଁ । ଜଳଯୋଗାଣ ମୁଖ୍ୟ ପାଇପ ବନ୍ୟାରେ ଭାସିଯିବା ଯୋଗୁଁ ଏହି ପରିସ୍ଥିତି ସୃଷ୍ଟି ହୋଇଛି । ଏହାର ମରାମତି କାର୍ଯ୍ୟ ଯୁଦ୍ଧକାଳୀନ ଭିତ୍ତିରେ କରିବା ପାଇଁ ବାହାରୁ ଟେକନିସିଆନ ଅଣାଯାଇ କରାଯାଉଛି । ସମସ୍ୟା ଆଶୁ ସମାଧାନ ପାଇଁ ବଲାଙ୍ଗୀର, ବିନିକାରୁ ଟ୍ୟାଙ୍କରରେ ପାଣି ଆଣି ସହରର ବିଭିନ୍ନ ସ୍ଥାନରେ ଯୋଗାଇ ଦିଆଯାଉଛି। ତେବେ ରବିବାର ପାଇପ ଜଳଯୋଗାଣ କରାଯିବାର ନିର୍ଭର ପ୍ରତିଶୃତି ଦେଇଛନ୍ତି ବିଭାଗୀୟ କନଷ୍ଟ ଯନ୍ତ୍ରୀ ଦୀପକ ମେହେର । ଡାକ୍ତରଖାନା ଭିତରେ ୬ଫୁଟ ଲେଖାଏଁ ପାଣି ପ୍ରବାହିତ ହେବା ଫଳରେ ଔଷଧ ଓ କାଗଜପତ୍ର ନଷ୍ଟ ହୋଇଛି। ରୋଗୀ ଆସିଲେ ବାଧ୍ୟ ହୋଇ ଡାକ୍ତରଖାନା ପରିସରରେ ଥିବା ନିମ୍ବଗଛ ତଳେ ଡାକ୍ତରମାନେ ରୋଗୀ ସେବା କରିବାକୁ ବାଧ୍ୟ ହେଉଛନ୍ତି । ସ୍ଥାନୀୟ ଏନଏସି କର୍ତ୍ତୃପକ୍ଷ ତୁରନ୍ତ ଏ ଦିଗରେ ଦୃଷ୍ଟିଦେଇ ଡାକ୍ତରଖାନାକୁ ଯୁଦ୍ଧକାଳୀନ ଭିତ୍ତିରେ ସଫାସୁତୁରା କରାଇବାକୁ ଦାବି ହେଉଛି। ଏଠାରେ ଆବଶ୍ୟକ ସଫେଇ କର୍ମଚାରୀ ନ ଥିବାରୁ ଜିଲାପାଳଙ୍କ ନିର୍ଦ୍ଦେଶକ୍ରମେ ବାହାରୁ ୩୦ରୁ ୪୦ ସଫେଇ କର୍ମଚାରୀ ଆଣି ସହରର ପରିମଳ ବ୍ୟବସ୍ଥା ବ୍ୟବସ୍ଥିତ କରିବାକୁ ପ୍ରୟାସ କରାଯାଉଥିବା ଏନଏସି କର୍ତ୍ତୃପକ୍ଷ କହିଛନ୍ତି। ଶନିବାର ଅର୍ଥମନ୍ତ୍ରୀ ନିରଞ୍ଜନ ପୂଜାରୀ ତୁଲୁଣ୍ଡା ଡ୍ୟାମ ଅଞ୍ଚଳ, ଅତ୍ୟଧିକ କ୍ଷତିଗ୍ରସ୍ତ ନର୍ଡା, ବଘିଆ ତଥା ତରଭା ସହରର ୧୧-୧୨ ନଂ ୱାର୍ଡ ଅନ୍ତର୍ଡାକୁ ଯାଇ ଲୋକଙ୍କ ଭଲମନ୍ଦ ପଚାରି ବୁଝିଥିଲେ । ସନ୍ଧ୍ୟାରେ ସ୍ଥାନୀୟ ବ୍ଲକ ପରିସରରେ ଶତାଧିକ ବ୍ୟବସାୟୀଙ୍କ ସହିତ କ୍ଷୟକ୍ଷତି ବିଷୟରେ ଆଲୋଚନା କରିଥିଲେ । ବ୍ୟବସାୟୀମାନେ କିପରି ଭାବେ ସାହାଯ୍ୟ ପାଇପାରିବେ ସେଥିପାଇଁ ସ୍ୱତନ୍ତ୍ର ଧ୍ୟାନ ଦିଆଯିବା ବୋଲି ପୂଝାରୀ ପ୍ରତିଶ୍ରୁତି ଦେଇଥିଲେ। ଏଥିସହ କ୍ଷତିଗ୍ରସ୍ତ ପରିବାରଙ୍କୁ ଗୃହ ନିର୍ମାଣ ପାଇଁ ସ୍ୱତନ୍ତ୍ର ଦୃଷ୍ଟି ଦିଆଯିବ ବୋଲି ମନ୍ତ୍ରୀ ଏହି ଅବସରରେ କହିଥିଲେ ।



ତରଭା ଡାକ୍ତରଖାନାରେ ଗଛମୂଳେ ରୋଗୀଙ୍କ ଚିକିତ୍ସା କରାଯାଉଛି।

ସୁବର୍ଣ୍ଣପୁରରେ ୱାନ୍ ଷ୍ଟପ୍ ସେଣ୍ଟର(ସଖୀ) ଉଦ୍‌ଘାଟିତ

# ନିର୍ଯାତିତା ମହିଳା, ନାବାଳିକାଙ୍କୁ ମିଳିବ ସହାୟତା



ଜିଲାପାଳ ମୋନୀଷା ବାନାର୍ଜୀ କେନ୍ଦ୍ରକୁ ଉଦ୍‌ଘାଟନ କରୁଛନ୍ତି ।

**ସୋନପୁର, ୧୭।୮ (ନି.ପ୍ର.)**

ସୁବର୍ଣ୍ଣପୁର ସହରର ପଟାଭାଡିଠାରେ ୱାନ୍ ଷ୍ଟପ୍ ସେଣ୍ଟର(ସଖୀ) ଜିଲାପାଳ ମୋନୀଷା ବାନାର୍ଜୀଙ୍କ ଦ୍ୱାରା ଉଦ୍‌ଘାଟିତ ହୋଇଯାଇଛି। ଜିଲାର ନିର୍ଯାତିତ ମହିଳା ଏବଂ ନାବାଳିକାଙ୍କୁ ଏହି କେନ୍ଦ୍ରରୁ ସମସ୍ତ ପ୍ରକାର ସହାୟତା ମିଳିବ ବୋଲି ଜିଲାପାଳ କହିଥିଲେ। ଅତିରିକ୍ତ ଜିଲାପାଳ ଶରତ ଚନ୍ଦ୍ର ପଣ୍ଡା ସମ୍ମାନିତ ଅତିଥିଭାବେ ଯୋଗଦେଇ ପୂର୍ବରୁ ଜିଲାରେ ଏହି କେନ୍ଦ୍ର ନ ଥିବାରୁ ସମସ୍ୟା ହେଉଥିଲା, ସରକାରଙ୍କ ପଦକ୍ଷେପ ପରେ ଏହା ଦୂର ହୋଇଛି ବୋଲି ମତପ୍ରକାଶ କରିଥିଲେ । ଜିଲା ମୁଖ୍ୟ ଚିକିତ୍ସା ଓ ଜନସ୍ୱାସ୍ଥ୍ୟ ଅଧିକାରୀ ଡାକ୍ତର ପ୍ରଦୀପ କୁମାର ଗୁରୁ, ଜିଲା ଶିଶୁ ମଙ୍ଗଳ ସମିତିର ଅଧ୍ୟକ୍ଷ ହିମାଂଶୁ ଭୂଷଣ ନାୟକ ଓ ଜିଲା ସମାଜ ମଙ୍ଗଳ ଅଧିକାରିଣୀ ଅସ୍ତ୍ରେରିଆ କେର୍କେଟା ସମ୍ମାନିତ ଅତିଥିଭାବେ ଯୋଗଦେଇଥିଲେ। ଜିଲା ଶିଶୁ ସୁରକ୍ଷା ଅଧିକାରୀ ଚତୁର୍ଭୁଜ ଦାଶ, ପ୍ରୋଗ୍ରାମ ଅଫିସର ଅନିତା ଗୁରୁ, ସିଡିପିଓ ନିବେଦିତା ସରାଫ, ଜିଲା ଶିଶୁ ମଙ୍ଗଳ ସମିତିର ସଭ୍ୟ ମଧୁସୂଦନ ପ୍ରଦାନ, ଜ୍ୟୋତିରଞ୍ଜନ ପଟ୍ଟନାୟକ, ଯୁବ ଜ୍ୟୋତି ଯୁବକ ସଂଘର ସଂଯୋଜକ ତ୍ରିନାଥ ସାହୁ, କାର୍ଯ୍ୟକ୍ରମ ଅଧିକାରୀ ରତ୍ନାକର ସାମଲ ଓ କାର୍ଯ୍ୟକ୍ରମ ପରିଚାଳକ ଲକ୍ଷ୍ମୀକାନ୍ତ ସାହୁ ପ୍ରମୁଖ ଉପସ୍ଥିତ ଥିଲେ । ମହିଳା ଓ ଶିଶୁ କଲ୍ୟାଣ ବିଭାଗ ଏବଂ ମିଶନ ଶକ୍ତି ପକ୍ଷରୁ ଏହି କେନ୍ଦ୍ର ଖୋଲାଯାଇଛି । ଜିଲା ପ୍ରଶାସନ ପକ୍ଷରୁ ଏଥିପାଇଁ ଏକ ଘର ଯୋଗାଇ ଦିଆଯାଇଛି। ସ୍ୱେଚ୍ଛାସେବୀ ଅନୁଷ୍ଠାନ ଯୁବ ଜ୍ୟୋତି ଯୁବକ ସଂଘକୁ କେନ୍ଦ୍ରର ପରିଚାଳନା ଦାୟିତ୍ୱ ମିଳିଛି। ଏହା ୨୪ ଘଣ୍ଟା ଖୋଲା ରହିବ। ବଳାତ୍କାରର ଶିକାର ହୋଇଥିବା ମହିଳା, ନିଖୋଜ, ଅପହରଣ, ପାରିବାରିକ ହିଂସା, ଏସିଡ୍ ଆକ୍ରମଣର ଶିକାର ହୋଇଥିବା ପୀଡିତା, ଯୌନ ଉତ୍ପୀଡନ, ମହିଳା ଚାଲାଣ, ଶିଶୁ ଯୌନ ଉତ୍ପୀଡନ, ବାଲ୍ୟ ବିବାହ, ସାଇବର କ୍ରାଇମ ଓ ଯୌତୁକ ନିର୍ଯାତନାର ଶିକାର ମହିଳାମାନେ ଏହି କେନ୍ଦ୍ରକୁ ସହାୟତା ପାଇଁ ଆସି ପାରିବେ । ସେମାନଙ୍କୁ ଆଶ୍ରୟ ସହିତ ପୋଲିସ ସହାୟତା, ଡାକ୍ତରୀ ସହାୟତା, ଆଇନଗତ ସହାୟତା ଓ ମନସ୍ତାତ୍ତ୍ୱିକ ସାମାଜିକ ପରାମର୍ଶ ମିଳିବ ବୋଲି ପ୍ରଶାସନ ପକ୍ଷରୁ ସୂଚନା ଦିଆଯାଇଛି ।


**CLASSIFIED DISPLAY**

**ALL EDITION - B/W (Everyday)**

for Booking Contact: 0674-2580385, 7894447148, 7894447131, 9337021532, 7894447167, 7894447165

TARIFF — MORE SPACE • SAME PRICE — GST 5%

| For Single Day | | For 7 Days | | For 15 Days | | For 30 days | |
|---|---|---|---|---|---|---|---|
| 6 x 4 | 12 x 4 | 6 x 4 | 12 x 4 | 6 x 4 | 12 x 4 | 6 x 4 | 12 x 4 |
| 1,500.00 | 2,000.00 | 6,000.00 | 12,000.00 | 12,000.00 | 25,000.00 | 20,000.00 | 40,000.00 |

HEALTH CARE

AT PURI AT PURI AT PURI
ପୁରାତନ ରୋଗର ସର୍ବୋତ୍ତମ ଆୟୁର୍ବେଦ ଚିକିତ୍ସା
Advise & Treatment by Specialized Ayurvedic Doctors only
ର୍ୟୁମାଟଏଡ୍ ଆର୍ଥ୍ରାଇଟିସ୍, ଓଷ୍ଟିଓ ଆର୍ଥ୍ରାଇଟିସ୍, ପାରାଲିସିସ୍, ସିଆଟିକା, ଅଣ୍ଟାବ୍ୟଥା, ଆଣ୍ଠୁ ବ୍ୟଥା, ଫ୍ରୋଜନ୍ ସୋଲ୍‌ଡର, ସ୍ପଂଡିଲୋସିସ୍, ମାଇଗ୍ରେନ୍, ସୋରିଆସିସ୍, ମୁଖ ବ୍ରଣ, ଆଦି ରୋଗର ପରାମର୍ଶ ଓ ଉତ୍ତମ ଚିକିତ୍ସା ଉପଲବ୍ଧ ।
SAMBHAV AYURVED
Bus Stand Outgate, Puri
Phone & Whats App - 7735921512 / 9439349129, Timing - 9 am to 8 pm

FINANCE

ନୂଆ ଯୋଜନା ଅଧୀନରେ ଭାରତର ନଂ.1 କମ୍ପାନୀ
1988ଠାରୁ ଆପଣଙ୍କ ସେବାରେ
DHANLAXMI FINANCE PVT. LTD. ସବୁ ବ୍ୟାଙ୍କ ଦ୍ୱାରା
ଆଧାରକାର୍ଡ, ଏଗ୍ରିକଲ୍ଚର, ମାର୍କଶିଟ୍, ପର୍ସନାଲ, ପ୍ରପର୍ଟି BPL ଋଣ ମାତ୍ର 24 ଘଣ୍ଟାରେ
2% ସୁଧ 40% ରିହାତି
ଠକାମିର ଶିକାର ବ୍ୟକ୍ତି ଥରେ ନିଶ୍ଚୟ କଲ୍ କରନ୍ତୁ ମହିଳା ଓ ବିଦ୍ୟାର୍ଥୀଙ୍କ ପାଇଁ ରିହାତି
କାମ ଆମର, ବିଶ୍ୱାସ ଆପଣଙ୍କର
9499135756
H.No. 10, Mandi Road, Bathinda, Punjab

ଋଣ ଧମାକା
ଆଧାର କାର୍ଡରେ ଋଣ ପାଆନ୍ତୁ
1 ଲକ୍ଷରୁ 25 ଲକ୍ଷ ପର୍ଯ୍ୟନ୍ତ
ସୁଧ 1% ପର୍ଯ୍ୟନ୍ତ, 50% ପର୍ଯ୍ୟନ୍ତ ଛାଡ଼
ସମୂହ ଋଣ, ପର୍ସନାଲ, କୁକୁଡ଼ା ପାଳନ ଋଣ
Contact No. 7491845997 7079574972
New Ashok Nagar, East Delhi, Delhi
www.toofanfinance.in

ଇଣ୍ଡସ୍ ଫାଇନାନ୍ସ ଲିଃ
କମ୍ପାନୀ ଋଣ ଉପଲବ୍ଧ କରାଉଛି ଏଥିରେ ଆପଣଙ୍କୁ ପର୍ସନାଲ ଋଣ, ବ୍ୟବସାୟ ଋଣ, ସାଲାରୀ ସ୍ଲିପ୍ ଋଣ ମାତ୍ର 2% ସୁଧରେ ମିଳିପାରିବ।
ମହିଳାଙ୍କ ପାଇଁ 50% ରିହାତି
9911417764 9911417461
BISWANATHPUR, BALARAMAPUR, BALESWAR, ODISHA - 756024

Dhanalaxmi Finance
Regd. No.-U6519TNI98PLC00855
ମାର୍କଶିଟ, ପ୍ରପର୍ଟି ପର୍ସନାଲ, ପଶୁପାଳନ, ମାଛଚାଷ, ରାଶନ କାର୍ଡ ଏବଂ ସବୁପ୍ରକାରର ଲୋନ୍ ଘରେ ବସି ପାଆନ୍ତୁ 3 ରୁ 4 ଦିନରେ, 2% ସୁଧ, 40% ଛାଡ଼, ମହିଳା ଏବଂ ବିଦ୍ୟାର୍ଥୀମାନଙ୍କ ପାଇଁ ବିଶେଷ ଛାଡ଼।
HELPLINE 8859690149

LOAN ଧମାକା
ଟଙ୍କା ଦରକାର, ଆମକୁ କୁହନ୍ତୁ
ପ୍ରଧାନମନ୍ତ୍ରୀ ଜନଧନ ଯୋଜନା ଦ୍ୱାରା
1 ଲକ୍ଷରୁ 1 କୋଟି ପର୍ଯ୍ୟନ୍ତ
ମାର୍କଶିଟ୍ | ପ୍ରପର୍ଟି | ଆଧାରକାର୍ଡ | ପର୍ସନାଲ | ପଶୁପାଳନ | ଗୃହ ଋଣ | ବ୍ୟବସାୟ | ଗ୍ରୁପ ଋଣ
ଏଗ୍ରିକଲ୍ଚର ଋଣ
ସବୁ ପ୍ରକାର ଋଣ
24 ଘଣ୍ଟାରେ ଘରେ ବସି ଉପଲବ୍ଧ
2% ସୁଧ - 40% ରିହାତି
ଠକମାନଙ୍କ ପ୍ରତି ସାବଧାନ
ସତ୍ୟମ ଫାଇନାନ୍ସ
72910-60977 72910-46520
H.No-798, Block H, Jaitpur Extn Part-2, Badarpur, South Delhi

!! ଋଣ ଋଣ ଋଣ !!
1ରୁ 50 ଲକ୍ଷ ପର୍ଯ୍ୟନ୍ତ
ଗୃହ ଋଣ, ମାର୍କଶିଟ୍, ପର୍ସନାଲ୍, ବ୍ୟବସାୟ, କୃଷି, ପ୍ରପର୍ଟି, କୁକୁଡ଼ା ପାଳନ, ଇଟାଭାଟି, ଆଧାରକାର୍ଡ, ରାଶନକାର୍ଡ, ସମୂହ ଋଣ
ବେରୋଜଗାର ମହିଳାଙ୍କ ପାଇଁ ବିଶେଷ ରିହାତି
1% ସୁଧ 50% ରିହାତି
!! ଋଦ୍ଧି ଫାଇନାନ୍ସ !!
E-mail : - ridhifinanceonlinem.p@gmail.com
7052572586
Add : - 41/14, Sec-1 Pushp Vihar, Delhi

ଲୋନ! ଲୋନ! ଲୋନ
୧ ରୁ ୫୦ ଲକ୍ଷ୍ୟ ଲୋନ
LAXMI NARAYAN FINANCE
ଗୃହରୁଣ, ମାର୍କସିଟ ପର୍ସନାଲ୍, ବିଜନେସ୍, କୃଷି, ବ୍ୟବସାୟ, ସମ୍ପତି, କୁକୁଡାପାଳନ, ଇଟାଭାଟି, ଆଧାର କାର୍ଡ, ରାସନ କାର୍ଡ, ଆଦି ସମସ୍ତ ରୁଣ
ବେରୋଜଗାର ଓ ମହିଳାଙ୍କୁ ବିଶେଷ ଛାଡ
୧% ସୁଧ ୫୦% ରିହାତି
88102-23468
laxminarayanfinancemp@gmail.com
82871-99144
Pandey bhawan hinoo ranchi

DHARITRI Career appointment Every Wednesday and Saturday

ASTROLOGY

ଅଲ୍ ଇଣ୍ଡିଆ ଖୋଲା ଚ୍ୟାଲେଞ୍ଜ
2 ଘଣ୍ଟାରେ 100% ଗ୍ୟାରେଣ୍ଟିଡ୍ ସମାଧାନ
ତାନ୍ତ୍ରିକ ମାଷ୍ଟର କିଙ୍ଗ୍ ଖାନ୍‌ଙ୍କ ଖୋଲା ଘୋଷଣା
ବ୍ୟବସାୟ, ପ୍ରେମରେ ସମସ୍ୟା ଓ ଶତ୍ରୁ ମୁକ୍ତି, ଗୃହକ୍ଲେଶ ଓ ସ୍ୱାମୀ-ସ୍ତ୍ରୀଙ୍କ ଝଗଡ଼ା, ପ୍ରେମବିବାହ, ପ୍ରପର୍ଟି, କୋର୍ଟ କେସ୍, ଗୁପ୍ତରୋଗରେ ଔଷଧ କାମ ନ କରିବା, ପୁରୁଣା ପୀଡ଼ାରେ ଔଷଧ କାମ ନ କରିବା, ଯାଦୁ-ଟୋନା, ବଶୀକରଣ, ଗୁଣିଗାରେଡ଼ି, ବିବାହରେ ବାଧା, ମନପସନ୍ଦ ପ୍ରେମ।
A to Z ସମସ୍ୟାର ସମାଧାନ ଘରେ ବସି।
ସ୍ପେଶାଲିଷ୍ଟ ବଶୀକରଣ, ମୁଠକରଣୀ ଏବଂ କଳା ଯାଦୁ
ଆମେ କରିଥିବା କାମକୁ ଯଦି କୌଣସି ଜ୍ୟୋତିଷ, ପଣ୍ଡିତ କିମ୍ବା ମୌଲବୀ କାଟିଦିଅନ୍ତି ତେବେ ତାଙ୍କୁ ଦାବି ମୁତାବକ ପୁରସ୍କାର।
ବାବା ଆମିଲ ସୁଫି
9540938429 9903852257
ରାମ ମନ୍ଦିର, ସତ୍ୟନଗର, ଭୁବନେଶ୍ୱର


**ପାଠକଙ୍କ ପାଇଁ ସୂଚନା:**
ଏହି ପୃଷ୍ଠାରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଇଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।



ଆମ ଜୀବନର ବଡ଼ ଅଭାବ ହେଲା, ଆମେ ଯେଉଁ କାମ କରିପାରିବୁ, ଆମ ପାଇଁ ସେ କାମ ଅନ୍ୟ କେହି କରିଦେଉ, ସେଥିନିମନ୍ତେ ଆମେ ଅପେକ୍ଷା କରୁ।
- ଆର.ଡବ୍ଲ୍ୟୁ. ଇମରସନ

## ସଂକ୍ଷେପରେ

### ଯୁବକଙ୍କ ମୃତଦେହ ଉଦ୍ଧାର, ହତ୍ୟା ସନ୍ଦେହ

ଭବାନୀପାଟଣା,୧୭।୮(ଡିଏନଏ)- ଭବାନୀପାଟଣା ସଦର ଥାନା ଅଧୀନ କିଟପଦର ଛକରୁ ରକ୍ତଜୁଡୁବୁଡୁ ଅବସ୍ଥାରେ ଜଣେ ଯୁବକଙ୍କ ମୃତଦେହ ପୋଲିସ ଉଦ୍ଧାର କରିଛି। ସେ ହେଲେ ସର୍ଲିଗୁଡ଼ା ଗ୍ରାମର କୈଳାସ ଦଣ୍ଡସେନା(୩୫)। ମିଳିଥିବା ସୂଚନ ମୁତାବକ, କିଟପଦର ଛକ ନିକଟରେ ଜଣେ ଯୁବକଙ୍କ ମୃତଦେହ ପଡ଼ିଥିବା ପୋଲିସକୁ ଖବର ମିଳିଥିଲା। ପୋଲିସ ଘଟଣାସ୍ଥଳରେ ପହଞ୍ଚି ମୃତଦେହ ଜବତ କରି ଚିହ୍ନଟ ପରେ ବ୍ୟବଚ୍ଛେଦ କରାଇ ପରିବାର ଲୋକଙ୍କୁ ହସ୍ତାନ୍ତର କରିଥିବା ଜଣାପଡିଛି। ଅନ୍ୟପକ୍ଷେ କୈଳାସଙ୍କୁ ଯୋଜନା ମୁତାବକ ହତ୍ୟା କରାଯାଇଥିବା ସନ୍ଦେହ କରାଯାଉଛି। ଏନେଇ ସଦର ଥାନା ପୋଲିସ ଏକ ମାମଲା ରୁଜୁ କରି ଘଟଣାର ଅଧିକ ତଦନ୍ତ ଚଳାଇଛି।

### ଜ୍ଞାନ ବିଜ୍ଞାନ ମେଳା

କଲମପୁର,୧୭।୮(ଡି.ଏନ୍.ଏ.): କଳାହାଣ୍ଡି ଜିଲା କଲମପୁର ସଦରମହକୁମାସ୍ଥିତ ଶିଶୁ ବିଦ୍ୟା ମନ୍ଦିରରେ ଶନିବାର ଜ୍ଞାନ ବିଜ୍ଞାନ ମେଳା ଅନୁଷ୍ଠିତ ହୋଇଯାଇଛି। ମେଳାରେ ୧୬୭ ଜଣ ପ୍ରତିଯୋଗୀ ଭାଗ ନେଇଥିଲେ। କଲମପୁର ଶିଶୁ ବିଦ୍ୟା ମନ୍ଦିର ସମ୍ପାଦକ ମନ୍ମଥ କୁମାର ମିଶ୍ର ମେଳାର ଉଦ୍‌ଘାଟନ କରିଥିଲେ। ଅପରାହ୍ନରେ ସମ୍ପାଦକ ମିଶ୍ରଙ୍କ ସଭାପତିତ୍ୱରେ ପୁରୁଷ୍କାର ବିତରଣ ଉତ୍ସବ ଅନୁଷ୍ଠିତ ହୋଇଥିଲା। ଏଥିରେ ମୁଖ୍ୟଅତିଥି ଭାବେ କଲମପୁର ବିଡିଓ ମେମସାଗର ଭୋଇ ଯୋଗଦେଇ କୃତି ପ୍ରତିଯୋଗୀମାନଙ୍କୁ ପୁରୁଷ୍କାର ପ୍ରଦାନ କରିଥିଲେ। ଶିଶୁ ବିଦ୍ୟା ମନ୍ଦିର ପ୍ରଧାନ ଆଚାର୍ଯ୍ୟ ବିଶ୍ୱ ଜୀନବ ପାଢ଼ୀ ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ରଜନୀକାନ୍ତ ଛତ୍ରିଆ ବିବରଣୀ ପାଠ କରିଥିଲେ। ମହାଦେବ ବେହେରୁ ମଞ୍ଚ ପରିଚାଳନା କରିଥିଲେ। ଯୁଗ୍ମ ସମ୍ପାଦକ ସାଇରାମ ପଣ୍ଡା ଧନ୍ୟବାଦ ଅର୍ପଣ କରିଥିଲେ। କାର୍ଯ୍ୟକ୍ରମରେ ଶିଶୁ ବିଦ୍ୟା ମନ୍ଦିରର ସମସ୍ତ ଗୁରୁମା, ଗୁରଜୀ ଉପସ୍ଥିତ ରହି କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ। ଆସନ୍ତା ୨୪ ତାରିଖରେ ଧର୍ମଗଡ ସଙ୍କୁଳ ଜ୍ଞାନ ବିଜ୍ଞାନ ମେଳାରେ ପ୍ରଥମ ସ୍ଥାନ ଅଧିକାର କରିଥିବା ଛାତ୍ରୀଛାତ୍ର ଅଂଶଗ୍ରହଣ କରିବେ ବୋଲି ଶିଶୁ ବିଦ୍ୟା ମନ୍ଦିର ପକ୍ଷରୁ କୁହାଯାଇଛି।

# ଛାତ୍ରମାନେ ଚାଲିକି ଆସିଲେ ନୂଆପଡ଼ା

**ତରବୋଡ଼ ବ୍ଲକ**
- ତରବୋଡ଼ ନବୋଦୟ ବିଦ୍ୟାଳୟରେ ଅବ୍ୟବସ୍ଥା
- ଜିଲାପାଳ କହିଲେ ସମାଧାନ ହେବ

ନୂଆପଡା ଅଫିସ,୧୭।୮

ତରବୋଡସ୍ଥିତ ନବୋଦୟ ବିଦ୍ୟାଳୟରେ ଚାଲିଥିବା ଛାତ୍ର ଅଶାନ୍ତି ପଦାରେ ପଡିଛି । ଅସହ୍ୟ ହେବାରୁ ଛାତ୍ରମାନେ ତରବୋଡଠାରୁ ନୂଆପଡା ଦୀର୍ଘ ୨୨କିମି ଦୂର ଆସି ଜିଲାପାଳଙ୍କ ଅଫିସରେ ପହଞ୍ଚିଥିଲେ। ଜିଲାପାଳ ଏବଂ ଏସ୍‌ପିଙ୍କୁ ଭେଟି ସବୁ ସମସ୍ୟା କଥା କହିଥିଲେ। ଏହା ଉପରେ ଜିଲାପାଳ ନବୋଦୟର ଅଧ୍ୟକ୍ଷାଙ୍କ ସହ ଆଲୋଚନା କରି ସମସ୍ୟାର ସମାଧାନ କରିବାକୁ ନିର୍ଦ୍ଦେଶ କରିବା ପରେ ଛାତ୍ରମାନେ ଫେରିଯାଇଛନ୍ତି। ସକାଳ ଠିକ ୭ଟାବେଳେ ହଠାତ ୪୦ରୁ ଉର୍ଦ୍ଧ୍ୱ ଯୁକ୍ତ ଦୁଇ ପ୍ରଥମ ବର୍ଷ ଛାତ୍ର କୌଶଳ କରି ନବୋଦୟ କ୍ୟାମ୍ପସରୁ ବାହାରିଯାଇଥିଲେ । ଜାତୀୟ ରାଜପଥ ୩୫୩ରେ ଦୀର୍ଘ ୮କିମି ଦୂର ଚାଲି ଚାଲି ଆସିବା ପରେ ଦଲଦଲିଠାରୁ ଗାଡିରେ ବସି ନୂଆପଡାରେ ପହଞ୍ଚିଥିଲେ। ବାଟରେ ଶିକ୍ଷକମାନଙ୍କ ବାରମ୍ବାର ବୁଝାସୁଝା ସତ୍ତ୍ୱେ ଛାତ୍ରମାନେ ମାନି ନ ଥିଲେ। ଏଠାରେ ଜିଲାପାଳ ମଧୁସ୍ମିତା ସାହୁଙ୍କୁ ଭେଟିଥିଲେ। ସଭାଗୃହରେ ଜିଲାପାଳ ସାହୁ, ଏସପି ସ୍ମିତ ପରମାର ଛାତ୍ରମାନଙ୍କୁ ନେଇ ଆଲୋଚନା କରିଥିଲେ। ଛାତ୍ରମାନଙ୍କ ସମସ୍ୟା ମଧ୍ୟରେ ଉତ୍ତମ ମାନ ଏବଂ ଠିକ ପରିମାଣର ଖାଦ୍ୟ ନ ଦେବା, ଠିକ ସମୟରେ ପୋଷାକ (ୟୁନିଫର୍ମ) ନ ଯୋଗାଇବା, କୌଣସି ବୈଠକରେ ନିଆଯାଉଥିବା ନିଷ୍ପତ୍ତି ଫଳପ୍ରଦ ହେଉ ନ ଥିବାବେଳେ ଛାତ୍ରମାନଙ୍କୁ ବିଭିନ୍ନ ସମୟରେ ବିନା କାରଣରେ ଅପମାନିତ କରାଯାଉଥିବା, ଅଯଥାରେ ହଷ୍ଟେଲରେ ବିଜୁଳି ଓ ପାଣି ସଂଯୋଗ ନ ଦେବା ସହ ଜିଲା କିମ୍ବା କ୍ଲଷ୍ଟର ସ୍ତରୀୟ ପ୍ରତିଯୋଗିତାଗୁଡିକରେ ଅଂଶଗ୍ରହଣ କରିବାକୁ ବାରଣ କରୁଥିବାରୁ ଛାତ୍ରମାନେ ବହୁବାର ଅଧ୍ୟକ୍ଷାଙ୍କୁ ଜଣାଇଛନ୍ତି। ହେଲେ ଏସବୁ ସମାଧାନ ହୋଇପାରୁନାହିଁ ବୋଲି ଛାତ୍ରମାନେ ଜିଲାପାଳଙ୍କୁ କହିଥିଲେ। ଏବିଷୟରେ ଅଧ୍ୟକ୍ଷା ଶାନ୍ତି ମହାନ୍ତିଙ୍କୁ ଜିଲାପାଳ ଡାକି ତୁରନ୍ତ ସମାଧାନ କରିବାକୁ ନିର୍ଦ୍ଦେଶ କରିଥିଲେ। ଏହାପରେ ଛାତ୍ରମାନେ ଫେରିଯାଇଥିଲେ । ଅନ୍ୟପକ୍ଷେଏହା ଉପରେ ଜିଲାପାଳଙ୍କୁ ପଚାରିବାରେ ଏହା ନବୋଦୟର ଆଭ୍ୟନ୍ତରିଣ ସମସ୍ୟା। ତଥାପି ସେ ଆଗକୁ ନିଜେ ଦୃଷ୍ଟି ଦେବେ ବୋଲି ଜିଲାପାଳ ସାହୁ ଗଣମାଧ୍ୟମକୁ କହିଛନ୍ତି। ଏହା ଉପରେ ଅଧ୍ୟକ୍ଷା ମହାନ୍ତିଙ୍କୁ ପଚାରିବାରେ ସେ ୪/୫ମାସ ହେବ ଆସିଛନ୍ତି। ଛାତ୍ରମାନେ ସେମାନଙ୍କର ସମସ୍ୟାକୁ ଖୋଲି କହୁନାହାଁନ୍ତି। ଏମାନେ ନୂଆପଡାକୁ ଆସିବା ଏକ ଦୁର୍ଭାଗ୍ୟଜନକ ବିଷୟ। ଆଗକୁ ନବୋଦୟରେ ଯେଭଳି କୌଣସି ସମସ୍ୟା ନ ହୁଏ, ସେଥିପ୍ରତି ଦୃଷ୍ଟି ଦେବେବୋଲି କହିଛନ୍ତି।



ଛାତ୍ରମାନେ ଚାଲି ଚାଲି ଜିଲାପାଳଙ୍କ କାର୍ଯ୍ୟାଳୟ ଅଭିମୁଖେ ଯାଉଛନ୍ତି।



ପ୍ରଧାନଶିକ୍ଷକ ସମ୍ମିଳନୀରେ ଯୋଗ ଦେଇଥିବା ଅତିଥିଗଣ।

## ପଞ୍ଚାୟତସ୍ତରୀୟ ପ୍ରଧାନଶିକ୍ଷକ ସମ୍ମିଳନୀ

ନୂଆପଡା ଅଫିସ,୧୭।୮

ଶନିବାର ପୂର୍ବାହ୍ନ୧୧ଟାବେଳେ ଏହି ଜିଲା କୋମନା ବ୍ଲକର ଠିକପାଲି ଗ୍ରାମପଞ୍ଚାୟତ କାର୍ଯ୍ୟାଳୟ ସଭାଗୃହରେ ପଞ୍ଚାୟତସ୍ତରୀୟ ପ୍ରଧାନଶିକ୍ଷକ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି । ଏଥିରେ ସରପଞ୍ଚ ଗୋପିନାଥ ଶବର ସଭାପତିତ୍ୱ କରିଥିଲେ। ସିଆରସିସି ସନ୍ତୋଷ କୁମାର ବାଗ ସଭାକୁ ପରିଚାଳନା କରିଥିଲେ। ଏଥିରେ ପଞ୍ଚାୟତର ସମସ୍ତ ଗାଁର ପ୍ରାଥମିକ ତଥା ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ପ୍ରଧାନଶିକ୍ଷକମାନେ ଯୋଗ ଦେଇଥିଲେ। ଏହି କ୍ରମରେ ବିଦ୍ୟାଳୟ ଗୁଡିକର ଶ୍ରେଣୀ କୋଠରୀ ସମସ୍ୟା, ପାନୀୟ ଜଳ ଏବଂ ଶୌଚାଳୟ ସମସ୍ୟା ଉପରେ ଆଲୋଚନା ହୋଇଥିଲା । ଏହିଭଳି ବିଦ୍ୟାଳୟର ଆନୁଷଙ୍ଗିକ ବ୍ୟବସ୍ଥା ସହ ଶତପ୍ରତିଶତ ପିଲାଙ୍କ ଆଧାର ଗାରିମା, ଇନସ୍ପାଏଡ ପୁରସ୍କାର ଉପରେ ମଧ୍ୟ ଆଲୋଚନା ହୋଇଥିଲା । ଅନେକ ବିଦ୍ୟାଳୟରେ ବିଜୁଳି ସଂଯୋଗ ନେଇ ମଧ୍ୟ ପ୍ରଧାନଶିକ୍ଷକମାନେ ଉପସ୍ଥାପନ କରିଥିଲେ । ଏହା ଉପରେ ଦୀର୍ଘ ସମୟ ଧରି ଆଲୋଚନା କରାଯାଇଥିଲା । ଏଥିରେ ସରପଞ୍ଚ ଶବର ପ୍ରତିକ୍ରିୟା ରଖି ବର୍ତ୍ତମାନ ପଞ୍ଚାୟତର ପ୍ରାଥମିକ ଶିକ୍ଷା ବ୍ୟବସ୍ଥା ପଞ୍ଚାୟତ ହାତକୁ ଆସିଛି । ଆଗକୁ ଏହି ସବୁ ବିଦ୍ୟାଳୟଗୁଡିକରେ ଯେମିତି କୌଣସି ପ୍ରକାର ସମସ୍ୟା ନ ଆସିବ ସେଥିପ୍ରତି ଦୃଷ୍ଟି ଦିଆଯିବ ବୋଲି କହିଥିଲେ। ସମ୍ମିଳନୀ ଶେଷରେ ପୂର୍ବତନ ସିଆରସିସି ଚିତ୍ତରଞ୍ଜନ ଦଣ୍ଡସେନା ଧନ୍ୟବାଦ ଜ୍ଞାପନ କରିଥିଲେ।

## କପା ଚାଷରେ ଗଣ୍ଡିପୋକ ଚିନ୍ତାରେ ଚାଷୀ

କୋମନା,୧୭।୮ (ଡି.ଏନ.ଏ)

ଚଳିତ ବର୍ଷ ଲଘୁଚାପ ଜନିତ ଲଗାଣ ବର୍ଷା ଓ ଲଗାତାର ମେଘୁଆ ପାଗ ଲାଗି ରହିବା ଯୋଗୁ କପା ଗଛରେ ବିଭିନ୍ନ ପ୍ରକାର ପୋକ ଲାଗିବାରୁ କପାଚାଷୀମାନେ ଚିନ୍ତାରେ ଭାଙ୍ଗି ପଡିଛନ୍ତି। ଚାଷୀମାନେ ଏବର୍ଷ ଲକ୍ଷ ଲକ୍ଷ ଟଙ୍କା ଋଣକରଜ କରି ଅଧିକ ଦରରେ କପା ମଞ୍ଜି କିଣି ଚାଷ କରିଥିଲେ । ହେଲେ ଚାଷୀମାନେ ଅନୁକୁଳ ପାଗ ଲାଗି ରହିବା ଯୋଗୁ ଠିକ ସମୟରେ କପା ଚାଷରେ କୀଟନାଶକ ଔଷଧ ଦେଇ ପାରି ନ ଥିଲେ । ଯାହା ଫଳରେ ବର୍ତ୍ତମାନ କପା ଗଛ ମାନଙ୍କରେ ଗଣ୍ଡିପୋକ,ଲାଖି ଓ ପତ୍ର ଲାଲ ହୋଇ ପୋଡି ଯିବା ଭଳି ଦେଖାଯାଉଛି। ଅନେକ ପ୍ରକାର ରୋଗ ଲାଗି ଗଛ ଗୁଡିକ ନଷ୍ଟ ହେଉଥିବା କୋମନା ବ୍ଲକ ମହୁଲଭଟା ଗ୍ରାମର କପାଚାଷୀ ମାନେ ଅଭିଯୋଗ କରିଛନ୍ତି। ଗଣ୍ଡିପୋକ ଲାଗିବାରୁ ଗଛ ଗୁଡିକ ଶୁଖି ଯାଇ ମରି ଯାଉ ଥିବା ବେଳେ ଲାଖି ରୋଗ ଯୋଗୁ ପତ୍ରଗୁଡିକ ବଙ୍କା ହୋଇ ମୋଡି ହୋଇ ଯାଉଥିବା ଦେଖିବାକୁ ମିଳିଛି। ଏହାର ପ୍ରତିକାର ପାଇଁ ବେସରକାରୀ ଔଷଧ ଦୋକାନ ମାନଙ୍କରେ କୀଟନାଶକ ଔଷଧ ଚଢା ଦରରେ କିଣି ପ୍ରୟୋଗ କରିବା ସମ୍ଭବ ହେଉ ନ ଥିବା ଚାଷୀମାନେ କହିଛନ୍ତି। ଏନେଇ କୋମନା କୃଷି ଅଧିକାରୀ ସନ୍ତୋଷ ମେହେର ଙ୍କୁ ପଚାରିବାରୁ ସରକାର ବର୍ତ୍ତମାନ ଔଷଧ ଦେଉ ନାହାନ୍ତି। ଫଳରେ ସବସିଡିରେ ଚାଷୀମାନଙ୍କୁ ଔଷଧ ଯୋଗାଇ ଦିଆଯାଉ ନ ଥିବା କହିଛନ୍ତି।

# ଜିଲାରୁ କୁଷ୍ଠ ନିର୍ମୂଳ କରାଯିବ

**ଜିଲାସ୍ତରୀୟ ପ୍ରସ୍ତୁତି ବୈଠକ**

ନୂଆପଡା ଅଫିସ,୧୭।୮

ନୂଆପଡା ଏକ ଉପାନ୍ତ ଜିଲା। ଏଠାରେ ସ୍ୱାସ୍ଥ୍ୟ ସମସ୍ୟା ସଙ୍ଗୀନ ରହିଛି। ସମସ୍ତଙ୍କୁ ସଚେତନ ହେବାର ଆବଶ୍ୟକତା ରହିଛି। କୁଷ୍ଠ ଭଳି ରୋଗର ନିଦାନ କରିବାକୁ ହେଲେ ସମସ୍ତଙ୍କୁ ଆଗକୁ ଆସି କୁଷ୍ଠ ନିମୂଳୀକରଣ କାର୍ଯ୍ୟକ୍ରମରେ ଅଂଶ ଗ୍ରହଣ କରିବାକୁ ହେବ । ଜିଲାରୁ କୁଷ୍ଠ ନିମୂଳୀକରଣ କରାଯିବ ବୋଲି ଜିଲାପାଳ ମଧୁସ୍ମିତା ସାହୁ ଆହ୍ୱାନ ଦେଇଛନ୍ତି। ଶନିବାର ଜିଲାସ୍ତରୀୟ ପ୍ରସ୍ତୁତି ବୈଠକରେ ଏହା କହିଛନ୍ତି। ମଧ୍ୟାହ୍ନ ୧୨ଟାବେଳେ ସ୍ଥାନୀୟ ଜିଲାପାଳଙ୍କ ସଭାଗୃହରେ ଅନୁଷ୍ଠିତ ବୈଠକରେ ଜିଲାପାଳ ସାହୁ ସଭାପତିତ୍ୱ କରିଥିଲେ। ଜିଲା ମୁଖ୍ୟ ଚିକିତ୍ସାଧିକାରୀ ଡା. ପ୍ରଭାସିନି ବ୍ରହ୍ମା, ଏପିଡେମିଓଲଜିଷ୍ଟ ଡା. ବି.ବି.ଜଗତ, ଜିଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ଅଜୟ କୁମାର ପଟ୍ଟନାୟକ, ଏଡିପିଏଚସିଓ ରୁକ୍ମଣୀ ବେହେରା, ଡିପିଏମ ବିଶ୍ୱମ୍ବର ବେହେରା ପ୍ରମୁଖ ଯୋଗ ଦେଇଥିଲେ। ଏହି ଅବସରରେ ପ୍ରସ୍ତୁତ ହୋଇଥିବା ଶାମ୍ବରଥ ପ୍ରତ୍ୟେକ ଗାଁ ବୁଲି ଲୋକଙ୍କୁ ସଚେତନ କରିବ । ଆଶାମାନଙ୍କ ଦ୍ୱାରା ଗାଁ ମାନଙ୍କରେ ପ୍ରତି ପରିବାରକୁ ଯାଇ କୁଷ୍ଠ ରୋଗ ଲକ୍ଷଣ ଥିବା ବ୍ୟକ୍ତିଙ୍କୁ ଚିହ୍ନଟ କରାଯିବ । ସେହିଭଳି ସ୍ୱାସ୍ଥ୍ୟକର୍ମୀମାନେ ଚିହ୍ନଟ ହୋଇଥିବା ବ୍ୟକ୍ତିମାନଙ୍କୁ ପୁନର୍ବାର ପରୀକ୍ଷା କରିବେ। ସେମାନଙ୍କୁ ସ୍ୱାସ୍ଥ୍ୟକେନ୍ଦ୍ରକୁ ନେଇ ପରୀକ୍ଷଣ କରାଯିବାର ବ୍ୟବସ୍ଥା ରହିଛି । ତେଣୁକରି ପ୍ରତ୍ୟେକ ପରିବାର ଲୋକ ଏଥିରେ ସହଯୋଗୀତା କରିବାର ଆବଶ୍ୟକ ରହିଛି। ଏଥିପାଇଁ ସବୁସ୍ତରରେ ପ୍ରସ୍ତୁତି କରିବାକୁ ଜିଲାପାଳ ପରାମର୍ଶ କରିଥିଲେ। ବୈଠକରେ ଅନ୍ୟମାନଙ୍କ ମଧ୍ୟରେ ଜିକେଏସଏ ଆଶା ମ୍ୟାନେଜର ମହମ୍ମଦ ମୁଜାହିଦ, ଡା. ଭବାନୀ ଶଙ୍କର ମଲ୍ଲିକ, ଟି. ଭଦ୍ରଚାରୀ ପ୍ରମୁଖ ଯୋଗ ଦେଇଥିଲେ । ବୈଠକ ଶେଷରେ ରୁକ୍ମଣୀ ବେହେରା ଧନ୍ୟବାଦ ଜ୍ଞାପନ କରିଥିଲେ ।



କୁଷ୍ଠ ନିରାକରଣ ଉପରେ ପ୍ରସ୍ତୁତି ବୈଠକରେ ମଞ୍ଚାସୀନ ଅଧିକାରୀଗଣ ।




ଚାରା ରୋପଣ କାର୍ଯ୍ୟକ୍ରମରେ ଉପସ୍ଥିତ ଓକିଲ ସଂଘ କର୍ମକର୍ତ୍ତା।

## ଓକିଲ ସଂଘ ପକ୍ଷରୁ ଚାରା ରୋପଣ

କୋକସରା,୧୭।୮(ଡି.ଏନ୍.ଏ.)

କୋକସରା ବ୍ଲକର ନିର୍ମାଣାଧୀନ କୋର୍ଟ ପରିସରରେ ଓକିଲ ସଂଘ ପକ୍ଷରୁ ସ୍ୱାଧୀନତା ଦିବସ ପାଳନ ଅବସରରେ ଚାରା ରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ବ୍ଲକ ଓକିଲ ସଂଘ ସଭାପତି ପଞ୍ଚାନନ ବେଶ୍ରାଙ୍କ ତତ୍ତ୍ୱାବଧାନରେ କାର୍ଯ୍ୟକ୍ରମ ହୋଇଥିଲା। ସଂଘ ସମ୍ପାଦକ ଲଳିତ କୁମାର ଦାସ, ଉପସଭାପତି ଲକ୍ଷ୍ମୀକାନ୍ତ ଖମାରୀ, ଯୁଗ୍ମ ସମ୍ପାଦକ ଲକ୍ଷ୍ମୀଧର ମେହେର, କୋଷାଧ୍ୟକ୍ଷ ପ୍ରେମଲାଲ ସିଂ, ଆଇନଜୀବୀ ଅଜିତ କୁମାର ପଟ୍ଟନାୟକ, ମନୋଜ କୁମାର ନାଏକ, ରସିକରାଜ ଦୁର୍ଗା, ଉଗ୍ରେସେନ ବାଗ ପ୍ରମୁଖ ଉପସ୍ଥିତ ରହି ଚାରା ରୋପଣ କରିଥିଲେ।

## ରକ୍ତଦାନ ଶିବିର ଅନୁଷ୍ଠିତ

ଭବାନୀପାଟଣା,୧୭।୮ (ଡି.ଏନ୍.ଏ.)

ପୂର୍ବତନ ପ୍ରଧାନମନ୍ତ୍ରୀ ଅଟଳ ବିହାରୀ ବାଜପେୟୀଙ୍କ ପ୍ରଥମ ଶ୍ରାଦ୍ଧ ବାର୍ଷିକୀ ଅବସରରେ ସ୍ଥାନୀୟ ବିଜୁ କଲ୍ୟାଣ ମଣ୍ଡପଠାରେ ଏକ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଥିଲା। ସାମାଜିକ କର୍ମୀ ଭାନୁ ପ୍ରକାଶ ରଥ ଏହାର ନେତୃତ୍ୱ ନେଇଥିଲେ। ଏଥିରେ ବିରୋଧୀ ଦଳ ନେତା ପ୍ରଦୀପ୍ତ କୁମାର ନାଏକ ମୁଖ୍ୟଅତିଥି ଭାବେ ଯୋଗ ଦେଇଥିବା ବେଳେ ଜିଲା ମୁଖ୍ୟ ଚିକିତ୍ସା ଅଧିକାରୀ ଡା. ବନଲତା ଦେବୀ, ଜିଲା ପରିଷଦ ଉପାଧ୍ୟକ୍ଷ ଭବସିନ୍ଧୁ ମଙ୍ଗରାଜ ସମ୍ମାନିତ ଅତିଥି ଭାବରେ ଯୋଗ ଦେଇଥିଲେ। ଶିବିରରେ ମୋଟ ୫୫ ୟୁନିଟ ରକ୍ତ ସଂଗ୍ରହ କରାଯାଇଥିଲା। କାର୍ଯ୍ୟକ୍ରମରେ ଧ୍ୟାନାନନ୍ଦ ପଣ୍ଡା, ସଞ୍ଜୀବ କୁମାର ସିଂ, ଚିଣ୍ଟୁ ପ୍ରସାଦ ନାୟକ, ନରେନ୍ଦ୍ର ଦାସ, ଭବେନ୍ଦ୍ର ପଣ୍ଡା, ଆଲୋକ କୁମାର ସାହୁ, ସୁମିତ ଶତପଥୀ, ଅଜୟ କୁମାର ମିଶ୍ର ପ୍ରମୁଖ ଯୋଗଦେଇଥିଲେ।



ଜଣେ ମହିଳା ରକ୍ତଦାନ କରୁଛନ୍ତି।

CLASSIFIED DISPLAY

TARIFF — MORE SPACE • SAME PRICE — GST 5%

| For Single Day | | For 7 Days | | For 15 Days | | For 30 days | |
|---|---|---|---|---|---|---|---|
| 6 x 4 | 12 x 4 | 6 x 4 | 12 x 4 | 6 x 4 | 12 x 4 | 6 x 4 | 12 x 4 |
| 1,500.00 | 2,000.00 | 6,000.00 | 12,000.00 | 12,000.00 | 25,000.00 | 20,000.00 | 40,000.00 |

ALL EDITION - B/W (Everyday)
for Booking Contact:
0674-2580385, 7894447148, 7894447131, 9337021532, 7894447167, 7894447165

HEALTH CARE

AT PURI AT PURI AT PURI
ପୁରାତନ ରୋଗର ସର୍ବୋତ୍ତମ ଆୟୁର୍ବେଦ ଚିକିତ୍ସା
Advise & Treatment by Specialized Ayurvedic Doctors only
ର୍ୟୁମାଟଏଡ୍ ଆର୍ଥ୍ରାଇଟିସ୍,ଓଷ୍ଟିଓ ଆର୍ଥ୍ରାଇଟିସ୍,ପାରାଲିସିସ୍,ସିଆଟିକା, ଅଣ୍ଟାବ୍ୟଥା,ଆଣ୍ଠୁବ୍ୟଥା,ଫ୍ରୋଜନ୍ ସୋଲ୍‌ଡର,ସ୍ପଣ୍ଡିଲୋସିସ୍,ମାଇଗ୍ରେନ୍, ସୋରିଆସିସ୍,ମୁଖ ବ୍ରଣ, ଆଦି ରୋଗର ପରାମର୍ଶ ଓ ଉତ୍ତମ ଚିକିତ୍ସା ଉପଲବ୍ଧ ।
SAMBHAV AYURVED
Bus Stand Outgate, Puri
Phone & Whats App - 7735921512 / 9439349129 ,Timing - 9 am to 8 pm

FINANCE

ନୂଆ ଯୋଜନା ଅଧୀନରେ ଭାରତର ନଂ.1 କମ୍ପାନୀ
1988ଠାରୁ ଆପଣଙ୍କ ସେବାରେ
DHANLAXMI FINANCE PVT. LTD. ସବୁ ବ୍ୟାଙ୍କ ଦ୍ୱାରା
ଆଧାରକାର୍ଡ, ଏଗ୍ରିକଲ୍‌ଚର, ମାର୍କେଶିଟ୍, ପର୍ସନାଲ, ପ୍ରପର୍ଟି BPL ଋଣ ମାତ୍ର 24 ଘଣ୍ଟାରେ
2% ସୁଧ 40% ରିହାତି
ଠକାମିର ଶିକାର ବ୍ୟକ୍ତି ଥରେ ନିଶ୍ଚୟ କଲ୍ କରନ୍ତୁ
ମହିଳା ଓ ବିଦ୍ୟାର୍ଥୀଙ୍କ ପାଇଁ ରିହାତି
କାମ ଆମର, ବିଶ୍ୱାସ ଆପଣଙ୍କର
9499135756
H.No. 10, Mandi Road, Bathinda, Punjab

ଋଣ ଧମାକା
ଆଧାର କାର୍ଡରେ ଋଣ ପାଆନ୍ତୁ
1 ଲକ୍ଷରୁ 25 ଲକ୍ଷ ପର୍ଯ୍ୟନ୍ତ
ସୁଧ 1% ପର୍ଯ୍ୟନ୍ତ, 50% ପର୍ଯ୍ୟନ୍ତ ଛାଡ଼
ସମୂହ ଋଣ, ପର୍ସନାଲ, କୁକୁଡ଼ା ପାଳନ ଋଣ
Contact No. 7491845997 7079574972
New Ashok Nagar, East Delhi, Delhi
www.toofanfinance.in

ଇଣ୍ଡସ୍ ଫାଇନାନ୍ସ ଲିଃ
କମ୍ପାନୀ ଋଣ ଉପଲବ୍ଧ କରାଉଛି
ଏଥିରେ ଆପଣଙ୍କୁ ପର୍ସନାଲ ଋଣ, ବ୍ୟବସାୟ ଋଣ, ସାଲାରୀ ସ୍ଲିପ୍ ଋଣ ମାତ୍ର 2% ସୁଧରେ ମିଳିପାରିବ।
ମହିଳାଙ୍କ ପାଇଁ 50% ରିହାତି
9911417764
9911417461
BISWANATHPUR, BALARAMAPUR, BALESWAR, ODISHA - 756024

Dhanalaxmi Finance
Regd. No.-U6519TNI98PLC00855
ମାର୍କେଶିଟ୍, ପ୍ରପର୍ଟି ପର୍ସନାଲ, ପଶୁପାଳନ, ମାଛଚାଷ, ରାଶନ କାର୍ଡ ଏବଂ ସବୁପ୍ରକାରର ଲୋନ୍ ଘରେ ବସି ପାଆନ୍ତୁ 3 ରୁ 4 ଦିନରେ, 2% ସୁଧ, 40% ଛାଡ଼, ମହିଳା ଏବଂ ବିଦ୍ୟାର୍ଥୀମାନଙ୍କ ପାଇଁ ବିଶେଷ ଛାଡ଼।
HELPLINE 8859690149

LOAN ଧମାକା
ଟଙ୍କା ଦରକାର, ଆମକୁ କୁହନ୍ତୁ
ପ୍ରଧାନମନ୍ତ୍ରୀ ଜନଧନ ଯୋଜନା ଦ୍ୱାରା
1 ଲକ୍ଷରୁ 1 କୋଟି ପର୍ଯ୍ୟନ୍ତ
ମାର୍କେଶିଟ୍ ପ୍ରପର୍ଟି ଆଧାରକାର୍ଡ ପର୍ସନାଲ ପଶୁପାଳନ ଗୃହ ଋଣ ବ୍ୟବସାୟ ଗ୍ରୁପ ଋଣ
ଏଗ୍ରିକଲ୍‌ଚର ଋଣ
ସବୁ ପ୍ରକାର ଋଣ
24 ଘଣ୍ଟାରେ ଘରେ ବସି ଉପଲବ୍ଧ
2% ସୁଧ - 40% ରିହାତି
ଠକମାନଙ୍କ ପ୍ରତି ସାବଧାନ
ସତ୍ୟମ ଫାଇନାନ୍ସ
72910-60977
72910-46520
H.No-798, Block H, Jaitpur Extn Part-2, Badarpur, South Delhi

!! ଋଣ ଋଣ ଋଣ !!
1ରୁ 50 ଲକ୍ଷ ପର୍ଯ୍ୟନ୍ତ
ଗୃହ ଋଣ, ମାର୍କେଶିଟ୍, ପର୍ସନାଲ, ବ୍ୟବସାୟ, କୃଷି, ପ୍ରପର୍ଟି, କୁକୁଡ଼ା ପାଳନ, ଇଟାଭାଟି, ଆଧାରକାର୍ଡ, ରାଶନକାର୍ଡ, ସମୂହ ଋଣ
ବେରୋଜଗାର ମହିଳାଙ୍କ ପାଇଁ ବିଶେଷ ରିହାତି
1% ସୁଧ 50% ରିହାତି
!! ରିଦ୍ଧି ଫାଇନାନ୍ସ !!
E-mail : - ridhifinanceonlinem.p@gmail.com
7052572586
Add : - 41/14, Sec-1 Pushp Vihar, Delhi

ଲୋନ! ଲୋନ! ଲୋନ
୧ ରୁ ୫୦ ଲକ୍ଷ୍ୟ ଲୋନ
LAXMI NARAYAN FINANCE
ଗୃହଋଣ, ମାର୍କସିଟ ପର୍ସନାଲ୍, ବିଜନେସ୍, କୃଷି, ବ୍ୟବସାୟ, ସମ୍ପତି, କୁକୁଡାପାଳନ, ଇଟାଭାଟି, ଆଧାର କାର୍ଡ, ରାସନ କାର୍ଡ, ଆଦି ସମସ୍ତ ଋଣ
ବେରୋଜଗାର ଓ ମହିଳାଙ୍କୁ ବିଶେଷ ଛାଡ
୧% ସୁଧ ୫୦% ରିହାତି
88102-23468
laxminarayanfinancemp@gmail.com
82871-99144
Pandey bhawan hinoo ranchi

DHARITRI Career appointment Every Wednesday and Saturday

ASTROLOGY

ଅଲ୍ ଇଣ୍ଡିଆ ଖୋଲା ଚ୍ୟାଲେଞ୍ଜ
2 ଘଣ୍ଟାରେ 100% ଗ୍ୟାରେଣ୍ଟିଡ୍ ସମାଧାନ
ତାନ୍ତ୍ରିକ ମାଷ୍ଟର କିଙ୍ଗ୍ ଖାନ୍‌ଙ୍କ ଖୋଲା ଘୋଷଣା
ବ୍ୟବସାୟ, ପ୍ରେମରେ ସମସ୍ୟା ଓ ଶତ୍ରୁ ମୁକ୍ତି, ଗୃହକ୍ଲେଶ ଓ ସ୍ୱାମୀ-ସ୍ତ୍ରୀଙ୍କ ଝଗଡ଼ା, ପ୍ରେମବିବାହ, ପ୍ରପର୍ଟି, କୋର୍ଟ କେସ୍, ଗୁପ୍ତରୋଗରେ ଔଷଧ କାମ ନ କରିବା, ପୁରୁଣା ପୀଡ଼ାରେ ଔଷଧ କାମ ନ କରିବା, ଯାଦୁ-ଟୋନା, ବଶୀକରଣ, ଗୁଣିଗାରେଡ଼ି, ବିବାହରେ ବାଧା, ମନପସନ୍ଦ ପ୍ରେମ।
A to Z ସମସ୍ୟାର ସମାଧାନ ଘରେ ବସି।
ସ୍ପେଶାଲିଷ୍ଟ ବଶୀକରଣ, ମୁଠକରଣୀ ଏବଂ କଳା ଯାଦୁ
ଆମେ କରିଥିବା କାମକୁ ଯଦି କୌଣସି ଜ୍ୟୋତିଷ, ପଣ୍ଡିତ କିମ୍ବା ମୌଲବୀ କାଟିଦିଅନ୍ତି ତେବେ ତାଙ୍କୁ ଦାବି ମୁତାବକ ପୁରସ୍କାର।
ବାବା ଆମିଲ ସୁଫି
9540938429
9903852257
ରାମ ମନ୍ଦିର, ସତ୍ୟନଗର, ଭୁବନେଶ୍ୱର

**ପାଠକଙ୍କ ପାଇଁ ସୂଚନା:**
ଏହି ପୃଷ୍ଠାରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଇଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।



ଖରାପ ଲୋକ ନିଜର ଦୋଷ ସପକ୍ଷରେ ଯୁକ୍ତି ବାଢ଼ିଥାଏ,
କିନ୍ତୁ ଭଲ ଲୋକ ସେ ସବୁକୁ ଦୂରକୁ ଫିଙ୍ଗିଦିଏ।
- ବେନ୍ ଜନସନ



## ସଂକ୍ଷେପରେ

### ଉଚ୍ଚ ବିଦ୍ୟାଳୟରେ ବୃକ୍ଷରୋପଣ କାର୍ଯ୍ୟକ୍ରମ

**ଦେଓଗାଁ,୧୭।୮(ଡି.ଏନ.ଏ.):** ବଲାଙ୍ଗୀର ଜିଲା ସଦରବ୍ଲକ ସିନଖମନସ୍ଥିତ ମହନ୍ତ ଗିରିଧାରୀ ଉଚ୍ଚ ବିଦ୍ୟାଳୟରେ ସ୍ୱାଧୀନତା ଦିବସ ଅବସରରେ ବୃକ୍ଷରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ପ୍ରଧାନଶିକ୍ଷକ କୃଷ୍ଣଚନ୍ଦ୍ର ମିଶ୍ରଙ୍କ ତତ୍ତ୍ୱାବଧାନ ତଥା ଆଇନସେବା ପ୍ରାଧିକରଣ ଆନୁକୁଲ୍ୟରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଦେଓଗାଁ ଜଙ୍ଗଲ ଅଧିକାରୀ ଆନନ୍ଦ ଚନ୍ଦ୍ର ବିଶି, ଫରେଷ୍ଟର ବାବୁଲା ଦାଶ, ଇକୋକ୍ଲବ ଇନଚାର୍ଜ ଅନୀଲ କୁମାର ସାହୁ ପ୍ରମୁଖ ଯୋଗଦେଇଥିଲେ। ଗଛର ଉପକାରିତା ଏବଂ ଜଙ୍ଗଲ ନଷ୍ଟ ହେବାଦ୍ୱାରା ପ୍ରକୃତିର ପରିବର୍ତ୍ତନ ଉପରେ ସେମାନେ ଆଲୋଚନା କରିଥିଲେ । ଫରେଷ୍ଟଗାର୍ଡ ହରିହର ସ୍ୱାଇଁ, ଚିନ୍ମୟ ପ୍ରଧାନ, ଶିକ୍ଷକ ମଦନ ମୋହନ ରଥ,ସାଧନା ପଣ୍ଡା, ଲଲାଟକେଶରୀ ପ୍ରଧାନ, କେଦାରନାଥ ସାହୁ ପ୍ରମୁଖ ସହଯୋଗ କରିଥିଲେ ।

### ଭୁଲିଆ ସମାଜ ପାଳିଲା ଗଙ୍ଗାଧର ଜୟନ୍ତୀ

**ଟିଟିଲାଗଡ, ୧୭।୮(ଡି.ଏନ.ଏ.):** ବଲାଙ୍ଗୀର ଜିଲା ଟିଟିଲାଗଡ ମହାବୀର ପଞ୍ଚାୟତ ଧର୍ମଶାଳାରେ ଭୁଲିଆ (ମେହେର) ସମାଜ ପକ୍ଷରୁ ଗଙ୍ଗାଧର ମେହେର ଜୟନ୍ତୀ ପ୍ରଫୁଲ୍ଲ ମେହେରଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି । ପ୍ରଥମେ ସମାଜ ତରଫରୁ ଏକ ଶୋଭାଯାତ୍ରା ବାହାରି ଗଙ୍ଗାଧର ମାର୍ଗସ୍ଥିତ ଗଙ୍ଗାଧରଙ୍କ ପ୍ରତିମୂର୍ତ୍ତିସ୍ଥଳ ଯାଏ ଯାଇଥିଲା। ସେଠାରେ ପୁଷ୍ପମାଲ୍ୟ ଅର୍ପଣ ପରେ ଆୟୋଜିତ ଜୟନ୍ତୀ ସଭାରେ ଅନୁଷ୍ଠାନର ସମ୍ପାଦକ ବୁଲବୁଲ ମେହେର ସ୍ୱାଗତ ଭାଷଣ ଦେଇଥିଲେ। ଶିକ୍ଷକ ରାଜମଣୀ ସାହୁ ମୁଖ୍ୟବକ୍ତା ହିସାବରେ ଯୋଗଦେଇ ଗଙ୍ଗାଧର ଆମ ପାଇଁ ପ୍ରେରଣାର ଉତ୍ସ ବୋଲି ମତପ୍ରକାଶ କରିଥିଲେ। କୁଞ୍ଜବିହାରୀ ମେହେର ମୁଖ୍ୟଅତିଥିଭାବେ ଯୋଗଦେଇ ଗଙ୍ଗାଧରଙ୍କୁ ଋଷିକବି ବୋଲି ମତପ୍ରକାଶ କରିଥିଲେ। ସୁଷମା ମେହେର ମଞ୍ଚ ପରିଚାଳନା କରିଥିଲେ। ଶେଷରେ ଡିଏଭି କଲେଜ ଅଧକ୍ଷ ବସନ୍ତ ମେହେର ଧନ୍ୟବାଦ ଅର୍ପଣ କରିଥିଲେ।

### ଆମ୍ଭା ଭଗବାନଙ୍କ ଜୟନ୍ତୀ ପାଳିତ

**ଟିକ୍ରାପଡା, ୧୭।୮(ଡି.ଏନ.ଏ.):** ବଲାଙ୍ଗୀର ଜିଲା ସଇଁତଲା ବ୍ଲକ ଟିକ୍ରାପଡାଠାରେ ଆମ୍ଭା ଭଗବାନଙ୍କ ଜୟନ୍ତୀ ଅନୁଷ୍ଠିତ ହୋଇଯାଇଛି। ଅଙ୍ଗୁରି ରାଜପଲିଆ, ସୁକେଶ ଖର୍ସେଲ ପୂଜକ ଦାୟିତ୍ୱ ତୁଲାଇଥିଲେ । ଏହି ଅବସରରେ ପିଙ୍କି ପୁଟେଲ, ପ୍ରେମ ରାଜପଲିଆଙ୍କ ସଂଯୋଜନାରେ ସତ୍‌ସଙ୍ଗ, ମହିମା କଥନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ସେବତୀ ଗହୀର, ଭୂମିସୁତା ଖର୍ସେଲ, ପ୍ରେମଶିଳା ବାଗ, ଅଜନ୍ତା ରାଜପଲିଆ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ ।

### ତୁଷୁରାରେ ଜଳ ଯୋଗାଣ ବନ୍ଦ

**ଗୁଡ଼ଭେଲା,୧୭।୮(ଡି.ଏନ.ଏ.):** ତୁଷୁରା ସହରରେ ଜନସ୍ୱାସ୍ଥ୍ୟ ବିଭାଗର ପାଇପ ଯୋଗେ ଜଳ ଯୋଗାଣ ବନ୍ଦ ହୋଇଯାଇଛି। ଶନିବାର ୨ଟି ଟ୍ୟାଙ୍କରରେ ଜଳ ଯୋଗାଣ କରାଯାଇଥିଲା। ହେଲେ ତାହା କେଉଁଠି ଲୋକଙ୍କୁ ପାଇବା ବନ୍ୟାରେ ବିଦ୍ୟୁତ ଖୁଣ୍ଟ ଭୁଷୁଡି ପଡିଥିବାରୁ ପମ୍ପ ହାଉସକୁ ବିଦ୍ୟୁତ ଯାଇପାରୁ ନାହିଁ । ଏଣୁ ପାଣି ଯୋଗାଣ ହୋଇପାରୁ ନ ଥିବା ସଫେଇ ଦିଆଯାଉଛି। ହେଲେ ଉକ୍ତ ପମ୍ପ ହାଉସକୁ ଅସ୍ଥାୟୀ ଭାବେ ବିଦ୍ୟୁତ ଯୋଗାଣ ହୋଇଛି। ଅନ୍ୟପକ୍ଷରେ ଜନସ୍ୱାସ୍ଥ୍ୟ ବିଭାଗର ଜେଇ ଏଠାରେ ରହୁ ନଥିବାରୁ କର୍ମଚାରୀମାନେ ମନଇଚ୍ଛା କାର୍ଯ୍ୟ କରୁଛନ୍ତି। ଜନସ୍ୱାସ୍ଥ୍ୟ କାର୍ଯ୍ୟାଳୟ ଦାୟିତ୍ୱରେ ଥିବା ନବୀନ ବନଛୋର କହନ୍ତି ଯେ, ସମୟ ଲାଗିବ। ବିଭାଗୀୟ ଏସ୍‌ଡିଓ ସୁବ୍ରତ ନାୟକ ମଧ ସମାନ କଥା କହିଛନ୍ତି।

ବିପର୍ଯ୍ୟସ୍ତ ଶିକ୍ଷା ବ୍ୟବସ୍ଥାର ପ୍ରତିବାଦ

# ଗୋଷ୍ଠୀ ଶିକ୍ଷା ଅଧିକାରୀଙ୍କ କାର୍ଯ୍ୟାଳୟ ଘେରାଉ

**ଗୁଡଭେଲା,୧୭।୮(ଡି.ଏନ.ଏ)**

ଗୁଡ଼ଭେଲା ବ୍ଲକ ଅଧୀନ ବିଭିନ୍ନ ସ୍କୁଲରେ ଶିକ୍ଷା ବ୍ୟବସ୍ଥା ଭୁଷୁଡ଼ି ପଡ଼ିଛି। ଏଭଳି ଅଭିଯୋଗ ନେଇ ଅଭିଭାବକ, ଛାତ୍ରୀଛାତ୍ର ଓ ଏଆଇଡିଏସଓ ପକ୍ଷରୁ ଶନିବାର ଗୁଡ଼ଭେଲା ଗୋଷ୍ଠୀ ଶିକ୍ଷା ଅଧିକାରୀଙ୍କ କାର୍ଯ୍ୟାଳୟ ଘେରାଉ କରାଯାଇଛି। ଏ ନେଇ ଦୁଇଟି ଦାବିପତ୍ର ବ୍ଲକ ଶିକ୍ଷାଧିକାରୀ ଅଖିଳ ଦୀପଙ୍କୁ ପ୍ରଦାନ କରାଯାଇଛି।

ଘୁନା ସରକାରୀ ଉଚ୍ଚ ବିଦ୍ୟାଳୟରେ ପ୍ରଥମରୁ ଦଶମ ଶ୍ରେଣୀ ପର୍ଯ୍ୟନ୍ତ ୨୯୩ ଜଣ ଛାତ୍ରୀଛାତ୍ର ଅଧ୍ୟୟନ କରୁଛନ୍ତି। ହେଲେ ଏଠାରେ ମାତ୍ର ୩ଟି କୋଠରି ଥିବାରୁ ଶିକ୍ଷାଦାନରେ ଅସୁବିଧା ହେଉଛି। ନବମ ଓ ଦଶମ ଶ୍ରେଣୀରେ ୧୫୨ ଜଣ ଛାତ୍ରୀଛାତ୍ର ଥିବାବେଳେ କେବଳ ୨ ଜଣ ବିଷୟ ଭିତ୍ତିକ ଶିକ୍ଷକ ରହିଛନ୍ତି। ବର୍ଷା ହେଲେ କୋଠରିରେ ପାଣି ଭାସେ। ଫଳରେ ଛାତ୍ରୀଛାତ୍ର ଗଛ ତଳେ ପଢ଼ିବାକୁ ବାଧ ହୁଅନ୍ତି। ମଧାହ୍ନ ଭୋଜନ ମଧ ଖୋଲା ଆକାଶ ତଳେ ଖାଇବାକୁ ପଡେ।

ସେହିଭଳି ବଗବାହାଲ ସରକାରୀ ଉନ୍ନୀତ ଉଚ୍ଚ ବିଦ୍ୟାଳୟରେ ପ୍ରଥମରୁ ଦଶମ ଶ୍ରେଣୀ ପର୍ଯ୍ୟନ୍ତ ୯୩ ଜଣ ଛାତ୍ରୀଛାତ୍ର ଅଧ୍ୟୟନ କରୁଛନ୍ତି। ଶିକ୍ଷାଦାନ ପାଇଁ କେବଳ ୩ ଜଣ ଶିକ୍ଷକ ରହିଛନ୍ତି। ବିଷୟ ଭିତ୍ତିକ ଶିକ୍ଷକ ଯୋଗାଇ ଦିଆ ଯାଇନାହିଁ। ଏ ନେଇ ବ୍ଲକ ଅଫିସରୁ ନେଇ ଜିଲା ଶିକ୍ଷାଧିକାରୀ, ବିଧାୟିକ ଓ ଏମ୍‌ପିଙ୍କୁ ଗୁହାରି କରାଯାଇଛି। ହେଲେ ଆଜି ପର୍ଯ୍ୟନ୍ତ ଏହାର ସମାଧାନ ହୋଇ ପାରିନି। ଏ ନେଇ ବ୍ଲକ ଶିକ୍ଷାଧିକାରୀ ଅଖିଳ ଦୀପ କହନ୍ତି ଯେ ଶିକ୍ଷକ ସମସ୍ୟାର ସମାଧାନ ଶୀଘ୍ର କରାଯିବ। ହେଲେ ସ୍କୁଲ କୋଠରୀ ବ୍ୟବସ୍ଥା ତାଙ୍କ କ୍ଷମତାର ବାହାରେ। ତେବେ ଗୋପାଳ ଭୋଇ, ନିଧି ରଣା, ମୁରାରୀ ରଣା, କବିରାଜ ମାଝି, ପ୍ରେମରାଜ ରଣା, ସାବିତ୍ରୀ ରଣା, ନରେନ୍ଦ୍ର ରଣାଙ୍କ ସହ ଛାତ୍ରୀଛାତ୍ର ଓ ଅଭିଭାବକମାନେ ଏହି ଘେରାଉରେ ସାମିଲ ହୋଇଥିଲେ।



ଅଭିଭାବକ ଓ ଛାତ୍ରୀଛାତ୍ର ଶିକ୍ଷାଧିକାରୀଙ୍କ କାର୍ଯ୍ୟାଳୟ ଆଗରେ ଧାରଣା ଦେଇଛନ୍ତି।

### ଧଣ୍ଡାମୁଣ୍ଡା ଅଞ୍ଚଳରେ ବିଦ୍ୟୁତ୍ ବିଭ୍ରାଟକୁ ନେଇ ଜନଅସନ୍ତୋଷ

**ଖପ୍ରାଖୋଲ,୧୭।୮ (ଡି.ଏନ.ଏ.)**

ଖପ୍ରାଖୋଲ ବ୍ଲକ ଧଣ୍ଡାମୁଣ୍ଡା ଅଞ୍ଚଳରେ ବାରମ୍ବାର ବିଦ୍ୟୁତ୍‌କାଟ୍ ହେଉଥିବା ନେଇ ଜନଅସନ୍ତୋଷ ଦେଖା ଦେଇଛି। ଏ ନେଇ ଧଣ୍ଡାମୁଣ୍ଡା ରାମଲୀଳା ମଣ୍ଡପଠାରେ ଏକ ସଭା ସମିତି ସଭ୍ୟ ଶୋଭନମୟ ମିଶ୍ରଙ୍କ ଅଧକ୍ଷତାରେ ଅନୁଷ୍ଠିତ ହୋଇଥିଲା। ଧଣ୍ଡାମୁଣ୍ଡା ପଞ୍ଚାୟତ ସମେତ ଆଖ ପାଖ ଗାଁରେ କିଛି ଦିନ ହେଲା ଲାଗି ରହିଥିବା ବିଦ୍ୟୁତ୍ ବିଭ୍ରାଟ ଯୋଗୁ ଲୋକେ ଅତିଷ୍ଟ ହୋଇପଡିଥିବା ବେଳେ ବିଭାଗୀୟ ଅଧିକାରୀଙ୍କୁ ଜଣାଇଲେ ମଧ୍ୟ କିଛି ସମାଧାନ ହେଉ ନ ଥିବା ଅଭିଯୋଗ କରିଥିଲେ । ବିଦ୍ୟୁତ୍ ବିଭ୍ରାଟ ଯୋଗୁ ଛାତ୍ରୀଛାତ୍ରଙ୍କ ପାଠ ପଢାରେ ଅସୁବିଧା ହେଉଥିବା ଅଭିଯୋଗ କରିଥିଲେ। ଏହି ସମସ୍ୟାର ସମାଧାନ ନ ହେଲେ ଆନ୍ଦୋଳନ କରିବାକୁ ଧମକ୍ ଦେଇଛନ୍ତି। ଏ ନେଇ ଖପ୍ରାଖୋଲ ବିଦ୍ୟୁତ୍ ବିଭାଗ ସେକ୍ସନ୍ ଅଫିସର ପବିତ୍ର ବିଶ୍ୱାଳଙ୍କୁ ଯୋଗାଯୋଗ କରାଯାଇଥିଲେ ମଧ୍ୟ ତାଙ୍କ ମୋବାଇଲ ସୁଇଚ୍ ଅଫ୍ ରହିଥିଲା। ଏଣୁ ମତାମତ ମିଳିପାରିନାହିଁ।

## କୃଷ୍ଣଚନ୍ଦ୍ର ବାରିକ, ବାଉରୀବନ୍ଧୁ ସମ୍ମାନିତ

**ସମ୍ବଲପୁର, ୧୭।୮ (ବ୍ୟୁରୋ)**

ସମ୍ବଲପୁର ବିଶ୍ୱବିଦ୍ୟାଳୟ ପରିସରସ୍ଥ ପରିସଂଖ୍ୟାନ ବିଭାଗ ପ୍ରକୋଷ୍ଠରେ ସ୍ୱଭାବ କବି ଗଙ୍ଗାଧର ମେହେରଙ୍କ ୧୫୮ତମ ଜୟନ୍ତୀ ଅନୁଷ୍ଠିତ ହୋଇଯାଇଛି । କୁଳପତି ପ୍ରଫେସର ଦୀପକ କୁମାର ବେହେରାଙ୍କ ଅଧକ୍ଷତାରେ ଉତ୍ସବ ଆୟୋଜିତ ହୋଇଥିଲା । କଥାଶିଳ୍ପୀ ରାମଚନ୍ଦ୍ର ବେହେରା ମୁଖ୍ୟଅତିଥି, ପ୍ରଫେସର କାଳୀଦାସ ମିଶ୍ର ମୁଖ୍ୟବକ୍ତା ଭାବେ ଯୋଗ ଦେଇଥିଲେ । ଏହି ଅବସରରେ ସାହିତ୍ୟିକ କୃଷ୍ଣଚନ୍ଦ୍ର ବାରିକଙ୍କୁ କୋଶଲି କଥାନୀ ସଙ୍କଳନ ନୀଘା ସକାଶେ ଡ. ନୀଳମାଧବ ପାଣିଗ୍ରାହୀ ବାର୍ଷିକ ପୁରସ୍କାର-୨୦୧୮ ପ୍ରଦାନ କରାଯାଇଥିଲା । କୁଳସଚିବ ପ୍ରଫେସର ସଞ୍ଜିତ କୁମାର ସାହୁ ଧନ୍ୟବାଦ ଅର୍ପଣ କରିଥିଲେ ।


ସମ୍ବଲପୁର ବିଶ୍ୱବିଦ୍ୟାଳୟଠାରେ ସାହିତ୍ୟିକ କୃଷ୍ଣଚନ୍ଦ୍ର ବାରିକଙ୍କୁ ପୁରସ୍କୃତ କରାଯାଉଛି ।

## ସରପଞ୍ଚ, ନିର୍ବାହୀ ଅଧିକାରୀଙ୍କ ବିରୋଧରେ ଅସନ୍ତୋଷ

**କଣ୍ଟାବାଞ୍ଜି,୧୭।୮(ଡି.ଏନ.ଏ.)**

ତୁରେକେଲା ବ୍ଲକ ଘୁନେଶ ପଞ୍ଚାୟତର ସରପଞ୍ଚ ଓ ନିର୍ବାହୀ ଅଧିକାରୀ ମନୋମୁଖୀ କାର୍ଯ୍ୟ କରୁଛନ୍ତି। ପଞ୍ଚାୟତର ଦୁର୍ନୀତି ହେଉଛି। ନାଏବ ସରପଞ୍ଚ ଓ ସମସ୍ତ ୱାର୍ଡ ସଭ୍ୟାସଭ୍ୟ ଜିଲା ପ୍ରଶାସନର ଅଧିକାରୀଙ୍କଠାରେ ଏଭଳି ଗୁରୁତର ଅଭିଯୋଗ କରିଛନ୍ତି। ପଞ୍ଚାୟତରେ ନିୟମିତ ମାସିକ ବୈଠକ ହେଉ ନାହିଁ। ୮ମାସ ହେଲା କୌଣସି ବୈଠକ କରାଯାଇ ନାହିଁ । ପଞ୍ଚାୟତ କାର୍ଯ୍ୟାଳୟ ୮ମାସ ହେଲା ଖୋଲା ଯାଇ ନାହିଁ। ସରକାରୀ ଯୋଜନା ଠିକ୍ ଭାବେ କାର୍ଯ୍ୟକାରୀ ହେଉନାହିଁ। ସରପଞ୍ଚ ଏବଂ ନିର୍ବାହୀ ଅଧିକାରୀ ଲୋକଙ୍କ ଭତ୍ତା ଟଙ୍କା ଆତ୍ମସାତ୍ କରିଛନ୍ତି ବୋଲି ଏମାନେ ଅଭିଯୋଗ କରିଛନ୍ତି। ସରପଞ୍ଚ ଛବିଲ ଭୋଇ ଓ ନିର୍ବାହୀ ଅଧିକାରୀ ରୁଦ୍ର ନାୟକଙ୍କୁ ଯୋଗାଯୋଗ କରିବାରୁ ଉଭୟଙ୍କ ମୋବାଇଲ ବନ୍ଦ ଥିବାରୁ ମତାମତ ମିଳିପାରି ନାହିଁ।

## ବୁଢୀପଦରରେ ବୃକ୍ଷରୋପଣ

**ଲୋଇସିଂହା,୧୭।୮(ଡି.ଏନ.ଏ.)**

ଲୋଇସିଂହା ବ୍ଲକ ବୁଢୀପଦର ପଞ୍ଚାୟତ ଏବଂ ସ୍ଥାନୀୟ ହାଇସ୍କୁଲ ତରଫରୁ ବୃକ୍ଷରୋପଣ କରାଯାଇଛି। ସରପଞ୍ଚ ଲକ୍ଷ୍ମୀ ପଧାନ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ଚାରା ରୋପଣ କାର୍ଯ୍ୟକ୍ରମକୁ ଶୁଭାରମ୍ଭ କରିଥିଲେ। ପିଇଓ ପ୍ରହ୍ଲାଦ ବେହେରା, ପ୍ରଧାନ ଶିକ୍ଷକ ଜିତେନ୍ଦ୍ର ପୂଜାରୀ ପ୍ରମୁଖ ଉପସ୍ଥିତ ଥିଲେ ।

ପଞ୍ଚାୟତ ଉଚ୍ଚ ମାଧମିକ ବିଦ୍ୟାଳୟ

## ସଭାପତିଙ୍କ ବିରୋଧରେ ଅଧକ୍ଷଙ୍କ ପାଲଟା ଅଭିଯୋଗ

**ଲାଠୋର. ୧୭।୮ (ଡି.ଏନ.ଏ.)**

ଖପ୍ରାଖୋଲ ବ୍ଲକ ଲାଠୋର ପଞ୍ଚାୟତ ଉଚ୍ଚ ମାଧମିକ ବିଦ୍ୟାଳୟ ଅଧକ୍ଷଙ୍କ ବରୋଧରେ ଶିକ୍ଷକ ଏବଂ କର୍ମଚାରୀମାନେ ବିଭିନ୍ନ ଅଭିଯୋଗ ଆଣିଥିଲେ। ଏହାର ସମାଧାନ ପାଇଁ ପରିଚାଳନା ସମିତି ଚେଷ୍ଟା କରିଥିଲେ ମଧ ଅଧକ୍ଷଙ୍କ ଜିଦଖୋର ମନୋଭାବ ଯୋଗୁ ସମାଧାନ ହୋଇପାରିଲା ନାହିଁ। ଏହାକୁ ନେଇ ପରିଚାଳନା ସମିତିର ସଭାପତି ଏକ ସାମ୍ବାଦିକ ସମ୍ମିଳନୀ ମାଧମରେ ସବିଶେଷ ତଥ୍ୟ ଦେଇ ୧୫ ଦିନ ମଧରେ ଗଣ ଶିକ୍ଷା ନିର୍ଦ୍ଦେଶକ ଏ ଦିଗରେ କୌଣସି ପଦକ୍ଷେପ ଗ୍ରହଣ ନ କଲେ ଆନ୍ଦୋଳନ କରାଯିବ ବୋଲି ସୂଚନା ଦେଇଥିଲେ। ଅଧକ୍ଷ ଡ. ନାରାୟଣ ପ୍ରଧାନ ଘଟଣାକୁ ପ୍ରତିବାଦ ସ୍ୱରୂପ ପାଲଟା ସଭାପତିଙ୍କ ବିରୋଧରେ ଅଭିଯୋଗ ଆଣିଛନ୍ତି। ସଭାପତି ତାଙ୍କୁ ଅଧକ୍ଷ ପକ୍ଷରୁ ଇସ୍ତଫା ଦେବା ପାଇଁ ଚାପ ପକାଉଛନ୍ତି। ବିଦ୍ୟାଳୟ ସଂକଳ୍ପ ପୁସ୍ତିକା ଅଧକ୍ଷଙ୍କ ପାଖରେ ନ ରଖି ସଭାପତିଙ୍କ ପାଖରେ ରହିବ ବୋଲି କହୁଛନ୍ତି। ଅଧାପକଠାରୁ ଆରମ୍ଭ କରି ପିଅନ ଏବଂ ଅଧକ୍ଷଙ୍କ ଛୁଟି ସଭାପତିଙ୍କ ଅନୁମୋଦନ ବ୍ୟତିତ ମଞ୍ଜୁର ହୋଇ ପାରିବ ନାହିଁ ବୋଲି ଚାପ ପକାଉଛନ୍ତି। ସଭାପତିଙ୍କ ସହିତ ବ୍ୟାଙ୍କରେ ଜଏଣ୍ଟ ଖାତା ଖୋଲିବାକୁ ବାଧ କରୁଛନ୍ତି। ଅନ୍ୟ କର୍ମଚାରୀଙ୍କୁ ଦାୟିତ୍ୱ ଦେଇ ଅଧକ୍ଷ ଅଫିସ କାର୍ଯ୍ୟରେ ବାହାରକୁ ଗଲେ ସଭାପତି ଉଦ୍ଦେଶ୍ୟ ମୂଳକ ଭାବେ ଅଧକ୍ଷଙ୍କ ଉପସ୍ଥାନ ଖାତାରେ ଅନୁପସ୍ଥିତ ପକାଇବା ଆଦି ଅନେକ ଅବୈଧାନିକ ନିଷ୍ପତ୍ତି ନେଉଛନ୍ତି। ତାଙ୍କ ଦ୍ୱାରା ନିର୍ଦ୍ଦେଶିତ ନିୟମ ବହିର୍ଭୂତ କାର୍ଯ୍ୟ କରିବା ପାଇଁ ଅଧକ୍ଷ ରାଜି ନ ହେଲେ ତାଙ୍କୁ କାରଣ ଦର୍ଶାଅ ନୋଟିସ ଦେଇ କାର୍ଯ୍ୟାନୁଷ୍ଠାନର ଭୟ ଦେଖାଇ ବିଭିନ୍ନ ଷଡଯନ୍ତ୍ର କରୁଛନ୍ତି। କର୍ମଚାରୀଙ୍କ ମଧରେ ବିଭେଦ ସୃଷ୍ଟି କରି ସାମ୍ବାଦିକ ସମ୍ମିଳନୀରେ ଅଧକ୍ଷଙ୍କ ବରୋଧରେ ଅଭିଯୋଗ ଆଣୁଛନ୍ତି। ଏଣୁ ଶିକ୍ଷାନୁଷ୍ଠାନର ସ୍ୱାର୍ଥ ଦୃଷ୍ଟିରୁ ସଭାପତି ଏହି ସବୁ କାର୍ଯ୍ୟରୁ ନିବୃତ ରହିବାର ଆବଶ୍ୟକତା ଅଛି ବୋଲି ଅଧକ୍ଷ କହିଛନ୍ତି। ଏ ନେଇ ସଭାପତି ଘାସିରାମ ଅଗ୍ରୱାଲଙ୍କୁ ପଚାରିବାରୁ ଅଧକ୍ଷଙ୍କ ଅଭିଯୋଗକୁ ସେ ଖଣ୍ଡନ କରିଛନ୍ତି। କହିଛନ୍ତି ଯେ, ବିଭିନ୍ନ ପ୍ରକାର ଅନିୟମିତତାରେ ଅଧକ୍ଷ ଲିପ୍ତ ରହିଛନ୍ତି। ହେଲେ ଦୋଷ ମୁକ୍ତ ହେବା ଉଦ୍ଦେଶ୍ୟରେ ମିଛ ଅଭିଯୋଗ ଆଣିଛନ୍ତି। ଏହାର ଏକ ଉଚ୍ଚସ୍ତରୀୟ ତଦନ୍ତ ହେଲେ ସମସ୍ତ ସତ୍ୟାସତ୍ୟ ପଦାକୁ ଆସିବ।

### ବଜ୍ରପାତ: ଟମାଟୋ କ୍ଷେତରେ ଟଳି ପଡିଲେ ଚାଷୀ

**ଲୋଇସିଂହା,୧୭।୮(ଡି.ଏନ.ଏ.)**

ବଲାଙ୍ଗୀର ଜିଲା ଲୋଇସିଂହା ଥାନା ଅନ୍ତର୍ଗତ ତେନ୍ତୁଲିଖୁଣ୍ଟି ଗାଁରେ ବଜ୍ରପାତ ଯୋଗୁ ଜଣେ ଚାଷୀଙ୍କ ଶନିବାର ସନ୍ଧ୍ୟାରେ ମୃତ୍ୟୁ ଘଟିଛି। ଏହି ଚାଷୀ ଜଣକ ହେଲେ ବାହାଦୁର ବିଶ୍ୱାଳ(୪୭)। ସେ ଘର ପାଖ ଟମାଟର କିଆରିରେ କାମ କରୁଥିଲାବେଳେ ହଠାତ ବଜ୍ରପାତ ହୋଇଥିଲା। ଫଳରେ ସେ ଟଳି ପଡିଥିଲେ। ଖବର ପାଇ ପରିବାର ଲୋକେ କ୍ଷେତକୁ ଯାଇଥିଲେ। ପରେ ଲୋଇସିଂହା ଅଗ୍ନିଶମ କର୍ମଚାରୀ ପହଞ୍ଚିଥିଲେ। ଲୋଇସିଂହା ମେଡିକାଲରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ରବିବାର ବଲାଙ୍ଗୀର ଭୀମ ଭୋଇ ମେଡିକାଲ କଲେଜରେ ତାଙ୍କ ବ୍ୟବଚ୍ଛେଦ କରାଯିବ। ଏହି ଘଟଣା ପରେ ତାଙ୍କ ସ୍ତ୍ରୀ ସବିତା, ପୁଅ ଏବଂ ୨ ଝିଅ ଭାଙ୍ଗି ପଡିଛନ୍ତି। ଜିଲା ପ୍ରଶାସନ ଏବଂ ସରକାରଙ୍କ ତରଫରୁ ଅନୁକମ୍ପା ସହୟତା ଯୋଗାଇ ଦେବାକୁ ଗ୍ରାମବାସୀ ଦାବି କରିଛନ୍ତି। ବିଧାୟକ ମୁକେଶ ମହାଲିଙ୍ଗ, ଆଗଲପୁର ବ୍ଲକ୍ ଉପାଧକ୍ଷ ମନମୋହନ ପଟେଲ ଗାଁରେ ପହଞ୍ଚି ଶୋକ ସନ୍ତପ୍ତ ପରିବାରକୁ ସମବେଦନା ଜଣାଇଛନ୍ତି।

## ଗଙ୍ଗାଧରଙ୍କ ସାହିତ୍ୟ କୃତିର ପଟ୍ଟାନ୍ତର ନାହିଁ


ଗଙ୍ଗାଧର ଜୟନ୍ତୀ ପାଳନରେ ମଞ୍ଚାସୀନ ଅତିଥି ।

**ଲାଠୋର, ୧୭।୮ (ଡି.ଏନ.ଏ.)**

ବଲାଙ୍ଗୀର ଜିଲା ଲାଠୋର ଆଞ୍ଚଳିକ ବୋର୍ଡ ଭୁଲିଆ ସମାଜ ଆନୁକୂଲ୍ୟରେ ସ୍ୱଭାବ କବି ଗଙ୍ଗାଧର ମେହେରଙ୍କ ୧୫୮ତମ ଜୟନ୍ତୀ ସ୍ଥାନୀୟ ମେହେରପଡାରେ ପାଳିତ ହୋଇଯାଇଛି। ସମାଜ ସଭାପତି ଲକ୍ଷ୍ମଣ ମେହେରଙ୍କ ଅଧକ୍ଷତାରେ ଅନୁଷ୍ଠିତ ସଭାରେ ମୁଖ୍ୟଅତିଥିଭାବେ ପାଟଣାଗଡ ବିଧାୟକ ସରୋଜ ମେହେର ଯୋଗଦେଇଥିଲେ। ସେ ତାଙ୍କ ବକ୍ତବ୍ୟରେ ଗଙ୍ଗାଧରଙ୍କ ସାହିତ୍ୟ କୃତୀର ପଟ୍ଟାନ୍ତର ନାହିଁ ବୋଲି କହିଥିଲେ। ଭୁଲିଆ ସମାଜ ଏହି ମହାନ ସାଧକଙ୍କ ଜୟନ୍ତୀ ପାଳନ କରିଥିବାରୁ ପ୍ରଶଂସା କରିବା ସହିତ ତାଙ୍କ ବିଧାୟକ ପାଣ୍ଠିରୁ ୫ ଲକ୍ଷ ଟଙ୍କା ଭୁଲିଆ ଧର୍ମଶାଳା ନିର୍ମାଣ ପାଇଁ ଅନୁଦାନ ଦେବାକୁ ଏହି ଅବସରରେ ପ୍ରତିଶ୍ରୁତି ଦେଇଥିଲେ। ମୁଖ୍ୟବକ୍ତା ଅବସରପ୍ରାପ୍ତ ସାଂସ୍କୃତି ଶିକ୍ଷକ ମନୋରଞ୍ଜନ ପତି, ସମ୍ମାନୀତ ଅତିଥି ଆଞ୍ଚଳିକ କେନ୍ଦ୍ର ବୋର୍ଡ ଭୁଲିଆ ସମାଜ ସଭାନେତ୍ରୀ ଡାଳିମ୍ବ ମେହେର, ସାମାଜିକ କର୍ମୀ ଘାସିରାମ ଅଗ୍ରୱାଲ, ଅଧାପକ ସୁରେଶ ଚନ୍ଦ୍ର ମେହେର, ଅବସରପ୍ରାପ୍ତ ଶିକ୍ଷକ ତଥା ଲାଠୋର ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ଯୁଗ୍ମ ସମ୍ପାଦକ ସଦାନନ୍ଦ ବେହେରା ଯୋଗଦେଇ ଗଙ୍ଗାଧରଙ୍କ ଜୀବନୀ ଉପରେ ସ୍ୱରଚିତ କୋଶଳି କବିତା ପାଠ କରିଥିଲେ। ମୁଖ୍ୟବକ୍ତା ପତି ତାଙ୍କ ବକ୍ତବ୍ୟରେ ଗଙ୍ଗାଧରଙ୍କ କାବ୍ୟ ଅତ୍ୟନ୍ତ ଉଚ୍ଚକୋଟୀର ବୋଲି କହିଥିଲେ। ସମାଜ ସମ୍ପାଦକ ସତ୍ୟନାରାୟଣ ମେହେରଙ୍କ ତତ୍ତ୍ୱାବଧାନରେ ଏହି କାର୍ଯ୍ୟକ୍ରମ ପରିଚାଳିତ ହୋଇଥିଲା। ଧର୍ମୁ ମେହେର ମଞ୍ଚ ପରିଚାଳନା କରିଥିବା ବେଳେ ଧନ୍ୟବାଦ ଅର୍ପଣ କରିଥିଲେ ଜିତେନ୍ଦ୍ର ମେହେର ।

## ଓଡ଼ିଶା ଆଦର୍ଶ ବିଦ୍ୟାଳୟରେ ବୃକ୍ଷରୋପଣ କାର୍ଯ୍ୟକ୍ରମ

**ଖପ୍ରାଖୋଲ, ୧୭।୮(ଡି.ଏନ.ଏ.)**

ବଲାଙ୍ଗୀର ଜିଲା ଖପ୍ରାଖୋଲ ଓଡିଶା ଆଦର୍ଶବିଦ୍ୟାଳୟ ପରିସରରେ ସ୍ୱାଧୀନତା ଦିବସ ଅବସରରେ ବୃକ୍ଷ ରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ବିଦ୍ୟାଳୟ ଅଧ୍ୟକ୍ଷ ଶ୍ରୀକାନ୍ତ ଖମାରୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥିଭାବେ ହରିଶଙ୍କର ରେଞ୍ଜ ଅଧିକାରୀ ଶ୍ରୀବତ୍ସ କୁମୁରା, ସାମାଜିକ କର୍ମୀ ସତ୍ୟାନନ୍ଦ ସେନ୍ଦ୍ରିଆ ପ୍ରମୁଖ ଯୋଗଦେଇଥିଲେ । ଏହି ଅବସରରେ ପୂର୍ବରୁ ଅନୁଷ୍ଠିତ ବିଭିନ୍ନ ପ୍ରତିଯୋଗିତାର କୃତି ଛାତ୍ରୀଛାତ୍ରଙ୍କୁ ଅତିଥିମାନେ ମାନପତ୍ର ଦେଇ ସମ୍ବର୍ଦ୍ଧିତ କରିଥିଲେ ।


ବୃକ୍ଷ ରୋପଣ କାର୍ଯ୍ୟକ୍ରମରେ ଉପସ୍ଥିତ ଛାତ୍ରୀଛାତ୍ର, ଶିକ୍ଷକ ଓ ଅତିଥିମାନେ ।

ସବ୍‌ରେଜିଷ୍ଟ୍ରି ଅଫିସରେ କିରାଣି ଯୋଗଦେବା ବିବାଦର ଅନ୍ତ

## କଥା ରହିଲା, ଆନ୍ଦୋଳନରୁ ଓହରିଲେ ଓକିଲ

**ଲୋଇସିଂହା,୧୭।୮(ଡି.ଏନ.ଏ.)**

ଲୋଇସିଂହା ସବ୍‌ରେଜିଷ୍ଟ୍ରି ଅଫିସର କିରାଣି ଏବଂ ଲୋଇସିଂହା ଓକିଲ ସଂଘ ମଧ୍ୟରେ ଉପୁଜିଥିବା ବିବାଦ ଶନିବାର ସମାଧାନ ହୋଇଛି। କଣ୍ଟାବାଞ୍ଜି ତହସିଲରୁ ଲୋଇସିଂହା ତହସିଲକୁ ବଦଳି କରାଯାଇଥିବା କିରାଣିଙ୍କ ବଦଳି ଅର୍ଡରକୁ ପ୍ରତ୍ୟାହାର କରି ନିଆଯାଇଛି। ଅପରପକ୍ଷେ ଜିଲା କାର୍ଯ୍ୟାଳୟରୁ ଜଣଙ୍କୁ ଡେପୁଟେଶନରେ ଲୋଇସିଂହା ଦିଆଯାଇଛି। ଫଳରେ ତାଲା ବନ୍ଦ ଆନ୍ଦୋଳନରୁ ଓକିଲ ସଂଘ ଓହରି ଯାଇଛି। ଶନିବାର କାର୍ଯ୍ୟାଳୟ ସ୍ୱାଭାବିକ ଚାଲିଥିବା ଓକିଲ ସଂଘ ସୂତ୍ରରୁ ପ୍ରକାଶ।

ଲୋଇସିଂହା ତହସିଲ ସବରେଜିଷ୍ଟ୍ରି ଅଫିସର କିରାଣି ମନୋଜ ସେଠଙ୍କୁ କଣ୍ଟାବାଞ୍ଜି ତହସିଲକୁ ବଦଳି କରାଯାଇଥିଲା। ସେଠାକାର କିରାଣି ମେନାରାମ ବିଶିଙ୍କୁ ଲୋଇସିଂହା ବଦଳି ହୋଇଥିଲା। ହେଲେ କଣ୍ଟାବାଞ୍ଜିରୁ ବଦଳି ହୋଇ ଆସିଥିବା କିରାଣିଙ୍କୁ ଲୋଇସିଂହା ଓକିଲ ସଂଘ ବିରୋଧ କରିଥିଲା। ଲୋଇସିଂହା କିରାଣି ମନୋଜ ସେଠଙ୍କ ବଦଳିକୁ ରଦ୍ଦ ଦାବିରେ ଓକିଲ ସଂଘ ଅତିରିକ୍ତ ଜିଲାପାଳଙ୍କୁ ସାକ୍ଷାତ କରି ଫେରାଦ ହୋଇଥିଲା। ହେଲେ କିରାଣି ବିଶି ହିଁ ଲୋଇସିଂହାରେ ଯାଗଦେବେ ବୋଲି ଅତିରିକ୍ତ ଜିଲାପାଳ ଓକିଲ ସଂଘକୁ ରୋକଠୋକ ଶୁଣାଇଥିଲେ । ଏହାକୁ ନେଇ ଓକିଲ ସଂଘ ପ୍ରତିକ୍ରିୟା ପ୍ରକାଶ କରି ସବରିଜିଷ୍ଟ୍ରି ଅଫିସରେ ତାଲା ମାରି ପ୍ରତିବାଦ କରିଥିଲା। ଏହ ଘଟଣା ଜିଲା ପ୍ରଶାସନ ଜାଣିବା ପରେ ରାତାରାତି ବଦଳି ଆଦେଶକୁ ପ୍ରତ୍ୟାହାର କରି ନେଇଥିଲା। ଏଠାକୁ ବଦଳି ହୋଇ ଅସିଥିବା କିରାଣି ବିଶିଙ୍କୁ ପାଟଣାଗଡକୁ ବଦଳି କରାଯାଇଛି। ଲୋଇସିଂହା ଓକିଲ ସଂଘ ସଭାପତି ରାଜକିଶୋର ମିଶ୍ରଙ୍କ ନେତୃତ୍ୱରେ ଆଇନଜୀବୀ ଶୁଭେନ୍ଦୁ ସାହୁ, ପ୍ରବୀଣ ତ୍ରିପାଠୀ, ରମେଶ ପଟ୍ଟନାୟକ, ପ୍ରଶାନ୍ତି ବେହେରା, ଶଶାଙ୍କଶେଖର ଭୋଇ, ଜିତୁ ବାବୁ, ରାଜକିଶୋର ନାଏକ ପ୍ରମୁଖ ତାଲା ବନ୍ଦ ଆନ୍ଦୋଳନରେ ସାମିଲ ଥିଲେ। ଅତିରିକ୍ତ ତହସିଲଦାର ଦିବାକର ବାରିକ କହନ୍ତି ଶନିବାର କାର୍ଯ୍ୟାଳୟ ସ୍ୱାଭାବିକ ରହିଥିଲା। ଓକିଲଙ୍କ ବିରୋଧ ପରେ ପ୍ରଥମ ବଦଳି ଅର୍ଡରକୁ ପ୍ରତ୍ୟାହାର କରି ଜିଲା କାର୍ଯ୍ୟାଳୟରୁ ଜଣକୁ ଡେପୁଟେଶନ ଦିଆଯାଇଥିବା କହିଥିଲେ।



ଜ୍ଞାନର ଅଭାବ ହେଲେ ପ୍ରକୃତ ସ୍ୱାଧୀନତା ମିଳେନାହିଁ।
- ମହାତ୍ମା ଗାନ୍ଧୀ



## ସଂକ୍ଷେପରେ



### ଦିବ୍ୟାଙ୍ଗ ବୃଦ୍ଧଙ୍କୁ ଟ୍ରାଇ ସାଇକେଲ ପ୍ରଦାନ

ଜୁନାଗଡ,୧୭।୮ (ଡି.ଏନ୍.ଏ.)- କଳାହାଣ୍ଡି ଜିଲା ଜୁନାଗଡ଼ ବ୍ଲକ କାର୍ଯ୍ୟାଳୟ ପରିସରରେ ଶୁକ୍ରବାର ଜଣେ ଅସହାୟ ଦିବ୍ୟାଙ୍ଗ ବୃଦ୍ଧଙ୍କୁ ଟ୍ରାଇସାଇକେଲ ପ୍ରଦାନ କରାଯାଇଛି। ସେ ହେଲେ ମୁଣ୍ଡରାଗୁଡ଼ା ଗ୍ରାମର ସୁନାଧର ନାଗ। ଦୀର୍ଘ ଦିନ ହେଲା ସୁନାଧର ଅସହାୟ ଅବସ୍ଥାରେ ଅତିକଷ୍ଟରେ ଯାତାୟାତ କରୁଥିଲେ। ଏନେଇ ବ୍ଲକ ପ୍ରଶାସନ ପକ୍ଷରୁ ଏକ ଟ୍ରାଇସାକଲ ପ୍ରଦାନ କରାଯାଇଛି। ଟ୍ରାଇସାଇକଲ ପ୍ରଦାନ ବେଳେ ନୂତନ ଭାବେ ଯୋଗଦେଇଥିବା ଜୁନାଗଡ଼ ବିଏସ୍ଏସ୍ଓ ତୁଷାର ରଞ୍ଜନ ସାହୁ, ସରପଞ୍ଚ ସଂଘ ସଭାପତି ଅଜୟ କୁମାର ବେହେରା, ପୂର୍ବତନ ବ୍ଲକ ଉପାଧ୍ୟକ୍ଷ ପ୍ରମୋଦ କୁମାର ବେହେରା, ପଲାସ ସରପଞ୍ଚ ସୁଧୀର ପଣ୍ଡା ପ୍ରମୁଖ ଉପସ୍ଥିତ ଥିଲେ।

### ନିଆରା ଗହ୍ମାଡିଆଁ ପର୍ବ

ରିଷିଡା,୧୭।୮ (ଡି.ଏନ.ଏ.): କଳାହାଣ୍ଡି ଜିଲା ରିଷିଡ଼ାଠାରେ ପାରମ୍ପରିକ ଭାବେ ଗହ୍ମାଡିଆଁ ପର୍ବ ପାଳିତ ହୋଇଯାଇଛି। ବଳଦେବଙ୍କ ଜନ୍ମ ଦିବସରେ ଅନୁଷ୍ଠିତ ଗହ୍ମାଡିଆଁରେ ଯୁବକମାନେ ଅଂଶ ଗ୍ରହଣ କରିଥିଲେ। ପ୍ରତିବର୍ଷ ଭଳି ଚଳିତବର୍ଷ ଜ୍ୟୋତି ବିକାଶ ଯୁବକ ସଂଘ ଆନୁକୂଲ୍ୟରେ ଅନୁଷ୍ଠିତ ଉତ୍ସବରେ ମୁଖ୍ୟଅତିଥି ଭାବେ ବିରୋଧୀ ଦଳ ନେତା ପ୍ରଦୀପ୍ତ କୁମାର ନାଏକ ଯୋଗଦେଇ କାର୍ଯ୍ୟକ୍ରମ ଉଦ୍‌ଘାଟନ କରିଥିଲେ। ଜିଲା ପରିଷଦ ସଦସ୍ୟା ପ୍ରଭାତୀ ଭୋଇ, ପୁଷ୍ପକାନ୍ତି କୁମାର, ଭାଜପା ନେତ୍ରୀ ପଦ୍ମାବତୀ ତ୍ରିପାଠୀ ପ୍ରମୁଖ ଏଥିରେ ଉପସ୍ଥିତ ଥିଲେ। ଗହ୍ମାଡିଆଁ ସିନିୟର ବିଭାଗରେ ପ୍ରଥମ ଡିଟୁ ନାଏକ, ଦ୍ୱିତୀୟ ମୁକେଶ ରଣା, ତୃତୀୟ ବିଶ୍ୱଜିତ ସେଠ ହୋଇଥିବା ବେଳେ ଜୁନିୟର ବିଭାଗରେ ଯଥାକ୍ରମେ ପ୍ରଥମ, ଦ୍ୱିତୀୟ ଓ ତୃତୀୟ ହୋଇଛନ୍ତି ଜିତୁ ରଣା, କାହ୍ନୁ ରଣା, ଅମୀତ ରଣା। ସେହିପରି ପୁଚି ଖେଳରେ ଭୁମିସୁତା ରଣା ପ୍ରଥମ ହୋଇଥିବା ବେଳେ ଅନ୍ଧପୁଟଳୀରେ ବିଶ୍ୱଜିତ ରଣା ପ୍ରଥମ ସ୍ଥାନ ଗ୍ରହଣ କରିଥିଲେ। ଆୟୋଜକ ସଂଘ ସଭାପତି ଫକୀରଚରଣ ସାହୁ, ସମ୍ପାଦକ ନରୋତ୍ତମ ସେଲମାଙ୍କ ସମେତ ସୁଶାନ୍ତ ପାତ୍ର, ବେଲାର ପୁଟେଲ, ଶେଷଦେବ ରଣା, ଭଜଶ୍ୟାମ ରଣା, ରଞ୍ଜନ ନାଏକ ପ୍ରମୁଖ ସହଯୋଗ କରିଥିବା ବେଳେ ଲଳିତ ଦାସ ସହାୟତା କରିଥିଲେ।

# ଗୁଣ୍ଡୁ ଜଙ୍ଗଲରେ କୋମ୍ବିଂ ଅପରେଶନ ଜାରି

**ଲାଞ୍ଜିଗଡ଼ ବ୍ଲକ**
- ଏସ୍ଓଜି ଯବାନ-ମାଓବାଦୀ ଗୁଳି ବିନିମୟ
- ଏକାଧିକ ମାଓବାଦୀ ଆହତ ଆଶଙ୍କା
- ମାଓବାଦୀ ସାମଗ୍ରୀ ଜବତ

ଭବାନୀପାଟଣା,୧୭।୮ (ଡି.ଏନ୍.ଏ.)

କଳାହାଣ୍ଡି ଜିଲା ଲାଞ୍ଜିଗଡ଼ ବ୍ଲକ ଅଧୀନ ଗୁଣ୍ଡୁ ଜଙ୍ଗଲରେ ଏସ୍ଓଜି ଯବାନ ଏବଂ ମାଓବାଦୀମାନଙ୍କ ମଧ୍ୟରେ ଗୁଳି ବିନିମୟ ହୋଇଥିବା ନେଇ ୧୫ ତାରିଖ ସନ୍ଧ୍ୟାରେ ଅନୁଷ୍ଠିତ ଏକ ଖବରଦାତା ସମ୍ମିଳନୀରେ କଳାହାଣ୍ଡି ଏସ୍‌ପି ବାତୁଲା ଗଙ୍ଗାଧର ପ୍ରକାଶ କରିଛନ୍ତି। ଏଥିରେ ଏକାଧିକ ମାଓବାଦୀ ଆହତ ହୋଇଥିବା ସେ ଆଶଙ୍କା ପ୍ରକଟ କରିଛନ୍ତି। ଏସ୍ଓଜି ଯବାନ ଜଙ୍ଗଲରୁ ଏକ ମାଓବାଦୀ କ୍ୟାମ୍ପ ଠାବ କରିବା ସହ ଟିଫିନ୍ ବୋମା, ଜିଲେଟିନ୍ ଷ୍ଟିକ, ଡିଟୋନେଟର ସହ ବହୁ ପରିମାଣର ମାଓବାଦୀ ସାମଗ୍ରୀ ଉଦ୍ଧାର କରାଯାଇଛି।

ସୂଚନାଯୋଗ୍ୟ, ଗୁଣ୍ଡୁ ଜଙ୍ଗଲରେ ମାଓବାଦୀମାନେ କ୍ୟାମ୍ପ କରି ରହିଥିବା ଏସ୍‌ପିଙ୍କୁ ଖବର ମିଳିଥିଲା। ଏସ୍‌ପି ଗଙ୍ଗାଧରଙ୍କ ନିର୍ଦ୍ଦେଶ କ୍ରମେ ୧୪ ତାରିଖ ସନ୍ଧ୍ୟା ୬ ଘଣ୍ଟାରେ ଏସ୍ଓଜି ଯବାନ ଜଙ୍ଗଲରେ କୋମ୍ବିଂ ଅପରେଶନ କରିଥିଲେ। ସେତିକିବେଳେ ଏସ୍ଓଜି ଯବାନ ଏବଂ ମାଓବାଦୀମାନଙ୍କ ମଧ୍ୟରେ ମୁହାଁ ମୁହିଁ ପରିସ୍ଥିତି ସୃଷ୍ଟି ହୋଇଥିଲା। ଏପରି କି ଯବାନ ଏବଂ ମାଓବାଦୀଙ୍କ ମଧ୍ୟରେ ଦୀର୍ଘ ସମୟ ଧରି ଗୁଳି ବିନିମୟ ହୋଇଥିଲା। ଏଥିରେ ଏକାଧିକ ମାଓବାଦୀ ଆହତ ହୋଇଥିବା ଆଶଙ୍କା କରାଯାଉଛି। ଅନ୍ୟପକ୍ଷେ ମାଓବାଦୀମାନେ ଘଟଣାସ୍ଥଳରୁ ଛତ୍ରଭଙ୍ଗ ଦେଇଥିଲେ। ଏସ୍ଓଜି ଯବାନ ଏକ ମାଓବାଦୀ କ୍ୟାମ୍ପକୁ ଧ୍ୱଂସ କରିବା ସହ ଘଟଣାସ୍ଥଳରୁ ବିପୁଳ ପରିମାଣର ମାଓବାଦୀ ସାମଗ୍ରୀ ଜବତ କରିଥିଲେ। ଅନ୍ୟପକ୍ଷେ ମାଓବାଦୀଙ୍କ ଗତିବିଧିକୁ ଦୃଷ୍ଟିରେ ରଖି ଏସ୍ଓଜି ଜବାନ ଜଙ୍ଗଲରେ ଶନିବାର ମଧ୍ୟ କୋମ୍ବିଂ ଅପରେଶନ କରିଥିବା ଜଣାପଡିଛି।



କଳାହାଣ୍ଡି ଏସ୍‌ପି ଗଣମାଧ୍ୟମକୁ ସୂଚନା ଦେଉଛନ୍ତି।

# ମହିମା ଧର୍ମାବଲମ୍ବୀଙ୍କ ନବାନ୍ନ ଭକ୍ଷଣ

- ଏକାଠି ଖାଇଲେ ୫ ଶହରୁ ଊର୍ଦ୍ଧ୍ୱ ଭକ୍ତ

କର୍ଲାମୁଣ୍ଡା,୧୭।୮ (ଡି.ଏନ.ଏ.)

କଳାହାଣ୍ଡି ଜିଲା କର୍ଲାମୁଣ୍ଡା ବ୍ଲକ ଶିଆଳପଲା ଓ ଲକ୍ଷ୍ମୀପଡ଼ା ନିକଟରେ ଥିବା ଭୀମଭୋଇ ସାଂସ୍କୃତିକ କଳାମଣ୍ଡପ ଓ ଗ୍ରନ୍ଥାଳୟ ମଠରେ ମହିମା ଧର୍ମାବଲମ୍ବୀଙ୍କ ନବାନ୍ନ ଭକ୍ଷଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ସାଧୁବାବା ନାଲୁମୋହନ ଦାସ ଏବଂ କୁରୁନ୍ଦା ଗାଦିରୁ ସାଧୁବାବା ଅନାଦି ଦାସଙ୍କ ତତ୍ତ୍ୱାବଧାନରେ ଆୟୋଜିତ ନୂଆଁଖାଇ ଉତ୍ସବରେ ୫ ଶହରୁ ଊର୍ଦ୍ଧ୍ୱ ଭକ୍ତ ଯୋଗଦେଇ ଏକାଠି ନବାନ୍ନ ଭକ୍ଷଣ କରିଥିଲେ। ବୁଧବାର ସନ୍ଧ୍ୟାରେ ଅଖଣ୍ଡଦୀପ ପ୍ରଜ୍ୱଳନ ଓ ଭଜନ ପରିବେଷଣ କରାଯାଇଥିଲା। ଏଥିରେ ମଠର ସାଧୁବାବା ମହେଶ୍ୱର ଦାସ, ସାଧୁବାବା ଚୈତନ୍ୟ ଦାସ, ସିଆଳପଲା ଓ ଲକ୍ଷ୍ମୀପଡାର ଗ୍ରାମବାସୀ ଭକ୍ତ ବୃନ୍ଦ ସହଯୋଗ କରିଥିଲେ।



ମହିମା ଧର୍ମାବଲମ୍ବୀ ଏକାଠି ନବାନ୍ନ ଭକ୍ଷଣ କରୁଛନ୍ତି।

# ଭବାନୀପାଟଣାରେ ଜିଲା ପରିଷଦ ବୈଠକ

ଭବାନୀପାଟଣା,୧୭।୮ (ଡି.ଏନ୍.ଏ.)

ସ୍ଥାନୀୟ ଜିଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥାର ସଦ୍‌ଭାବନା ସଭାଗୃହରେ ଜିଲା ପରିଷଦର ଷଷ୍ଠ ବୈଠକ ଅନୁଷ୍ଠିତ ହୋଇଥିଲା। ଜିଲା ପରିଷଦ ଅଧ୍ୟକ୍ଷା ନମିତାରାଣୀ ସାହୁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ କଳାହାଣ୍ଡି ଏମ୍‌ପି ବସନ୍ତ ପଣ୍ଡା, ମନ୍ତ୍ରୀ ଦିବ୍ୟଶଙ୍କର ମିଶ୍ର, ବିରୋଧୀଦଳ ନେତା ତଥା ସଦର ବିଧାୟକ ପ୍ରଦୀପ୍ତ କୁମାର ନାଏକ, ଧର୍ମଗଡ଼ ବିଧାୟକ ମୌଷଧୀ ବାଗ, ଲାଞ୍ଜିଗଡ଼ ବିଧାୟକ ପ୍ରଦିପ ବିଶାଶୀଙ୍କ ସହ ସମସ୍ତ ଜିଲା ପରିଷଦର ସଭ୍ୟ, ପଞ୍ଚାୟତ ସମିତି ଅଧ୍ୟକ୍ଷ ଏବଂ ବିଭାଗୀୟ ଅଧିକାରୀ ଯୋଗ ଦେଇଥିଲେ। ଫେବୃୟାରି ୮ ତାରିଖରେ ଅନୁଷ୍ଠିତ ଜିଲା ପରିଷଦର ପଞ୍ଚମ ବୈଠକର ନିଷ୍ପତ୍ତି ଅନୁଯାୟୀ ସମ୍ପୃକ୍ତ ବିଭାଗୀୟ ଅଧିକାରୀମାନେ କ'ଣ ସବୁ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଛନ୍ତି ସେ ସମ୍ପର୍କରେ ଆଲୋଚନା ହୋଇଥିଲା। ପ୍ରାରମ୍ଭିକ ପର୍ଯ୍ୟାୟରେ ଜଲାର ବ୍ଲକ ଅଧ୍ୟକ୍ଷମାନଙ୍କୁ ଉପଯୁକ୍ତ ସ୍ଥାନ ନ ମିଳିବାରୁ କକ୍ଷତ୍ୟାଗ କରିଥିଲେ। ହେଲେ ଜିଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥା ପ୍ରକଳ୍ପ ନିର୍ଦ୍ଦେଶକ ବ୍ଲକ ଅଧ୍ୟକ୍ଷ ଏବଂ ଅଧ୍ୟକ୍ଷାଙ୍କୁ ବୈଠକରେ ଯୋଗଦେବା ପାଇଁ ଅନୁରୋଧ କରିଥିଲେ। ପରେ ବୈଠକ ଅନୁଷ୍ଠିତ ହୋଇଥିଲା। ବୈଠକରେ ଜିଲା ଗ୍ରାମ୍ୟ ଜଳ ଯୋଗାଣ ବିବରଣୀ ମ.ରାମପୁର ସମିତି ଅଧ୍ୟକ୍ଷ ଉପସ୍ଥାପନ କରିଥିଲେ। ବୈଠକରେ ଗ୍ରାମ୍ୟ ଜଳଯୋଗାଣ ବିଭାଗ କଳମପୁର ବ୍ଲକରେ ବିଭିନ୍ନ ଅଞ୍ଚଳରେ ନିର୍ମାଣାଧୀନ ବିଭିନ୍ନ ପ୍ରକଳ୍ପର ଅଗ୍ରଗତି ସମ୍ପର୍କରେ ମନ୍ତ୍ରୀ ପ୍ରକାଶ କରିଥିଲେ। ଲାଞ୍ଜିଗଡ଼ ସଭ୍ୟ ଏବଂ ସୀତାପୁର ସରପଞ୍ଚ ଗ୍ରାମାଞ୍ଚଳରେ ତୁରନ୍ତ ବିଶୁଦ୍ଧ ପାନୀୟଜଳ ଯୋଗାଣ ନେଇ ଦାବି କରିଥିଲେ। ଏହାସହ ସହରର ବିଭିନ୍ନ ୱାର୍ଡରେ ବର୍ଷା କମିବାର ଦୁଇଦିନ ପରେ ମଧ୍ୟ ଜଳ ନିଷ୍କାସନ ହୋଇ ପାରୁ ନ ଥିବାରୁ ଗ୍ରାମବାସୀ ଉଦ୍‌ବେଗ ପ୍ରକାଶ କରିଥିଲେ। ଅନୁଷ୍ଠିତ ପଞ୍ଚମ ଜିଲା ପରିଷଦ ବୈଠକର ବିବରଣୀ ପାଠ କରାଯିବା ସହ ବୈଠକର ପ୍ରସ୍ତାବଗୁଡିକୁ ଅନୁମୋଦନ କରାଯାଇଥିଲା।



ଏସ୍‌ପି ପିସିଆର୍ ଭ୍ୟାନ୍ ଶୁଭାରମ୍ଭ କରୁଛନ୍ତି।

## ଭବାନୀପାଟଣାରେ ପିସିଆର୍ ଭ୍ୟାନ୍ ଶୁଭାରମ୍ଭ

ଭବାନୀପାଟଣା,୧୭।୮ (ଡି.ଏନ୍.ଏ.)

କଳାହାଣ୍ଡି ଜିଲା ପୋଲିସ ପ୍ରଶାସନ ପକ୍ଷରୁ ଭବାନୀପାଟଣା ସହରରେ ଆଇନ ଶୃଙ୍ଖଳା ନିୟନ୍ତ୍ରଣ ପାଇଁ ଏକ ନୂତନ ପିସିଆର୍ ଭ୍ୟାନର ଶୁଭାରମ୍ଭ ହୋଇଯାଇଛି। ଏସ୍‌ପି ବାତୁଲା ଗଙ୍ଗାଧର ପତାକା ଦେଖାଇ ପିସିଆର୍ ଭ୍ୟାନ୍‌ର ଉଦ୍‌ଘାଟନ କରିଥିଲେ। ଭବାନୀପାଟଣା ସହରରେ ଜିଲା ପୋଲିସ ପ୍ରଶାସନ ପକ୍ଷରୁ ପୂର୍ବରୁ ଚାଲୁଥିବା ପିସିଆର୍ ଭ୍ୟାନଗୁଡିକ ପୁରୁଣା ହୋଇଯାଇଥିବାରୁ ପାଟ୍ରୋଲିଂରେ ବାଧାସୃଷ୍ଟି ହେଉଥିଲା। ଏନେଇ ତୁରନ୍ତ ଭବାନୀପାଟଣା ସହରରେ ନୂତନ ପିସିଆର ଭ୍ୟାନ ଚଲାଇବା ପାଇଁ ବାରମ୍ବାର ବୁଦ୍ଧିଜୀବୀ ମହଲରେ ଦାବି ହୋଇଥିଲା। ଦାବିକୁ ଦୃଷ୍ଟିରେ ରଖି ପୋଲିସ ପ୍ରଶାସନ ପକ୍ଷରୁ ୧୫ ତାରିଖ ସନ୍ଧ୍ୟାରେ ରିଜର୍ଭ ପୋଲିସ କାର୍ଯ୍ୟାଳୟରେ କଳାହାଣ୍ଡି ଏସ୍‌ପି ଗଙ୍ଗାଧର ନୂତନ ପିସିଆର ଭ୍ୟାନର ଶୁଭାରମ୍ଭ କରିଥିଲେ। କାର୍ଯ୍ୟକ୍ରମରେ ଟାଉନଥାନା ଆଇଆଇସି ସତ୍ୟ କୁମାର ନନ୍ଦ, ରିଜର୍ଭ ଇନ୍ସପେକ୍ଟର ବି. ରାଓଙ୍କ ସହ ପୋଲିସ ଅଧିକାରୀମାନେ ଉପସ୍ଥିତ ଥିଲେ।

# କର୍ଲାମୁଣ୍ଡା ପଞ୍ଚାୟତ ସମିତି ବୈଠକ
# ଅଢ଼େଇ ବର୍ଷରେ ୪ ବୈଠକ

କର୍ଲାମୁଣ୍ଡା,୧୭।୮

କଳାହାଣ୍ଡି ଜିଲା କର୍ଲାମୁଣ୍ଡା ବ୍ଲକ ସମ୍ମିଳନୀ କକ୍ଷଠାରେ ଶନିବାର ପଞ୍ଚାୟତ ସମିତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ସ୍ଥାନୀୟ ବିଧାୟକ ଭୂପିନ୍ଦର ସିଂ ସମ୍ମିଳନୀ କକ୍ଷର ଉଦ୍‌ଘାଟନ କରିଥିଲେ। ପରେ ବ୍ଲକ ଅଧ୍ୟକ୍ଷା ଅମ୍ରିତା ସାହୁଙ୍କ ଅଧ୍ୟକ୍ଷତାରେ ବୈଠକ ଅନୁଷ୍ଠିତ ହୋଇଥିଲା। ରେଗେଡ଼ା ସମିତି ସଭ୍ୟ ଅରବିନ୍ଦ ଚୌଧୁରୀ ସମସ୍ତଙ୍କୁ ସ୍ୱାଗତ ଜଣାଇଥିଲେ। ଏଥିରେ ୧୨ଟି ପଞ୍ଚାୟତର ସରପଞ୍ଚ, ସମିତି ସଭ୍ୟା, ସଭ୍ୟ, ଉପାଧ୍ୟକ୍ଷା ଆନନ୍ଦିନୀ ଭୋଇ, ନର୍ଲା ବିଧାୟକ ସିଂ, ବିଡିଓ ପ୍ରିୟଦର୍ଶନୀ ମିର୍ଦ୍ଧା, ଗୋଷ୍ଠୀସ୍ୱାସ୍ଥ୍ୟ କେନ୍ଦ୍ର ଚିକିତ୍ସା ଅଧିକାରୀ ହିମାଂଶୁ ଶେଖର ସାହୁ, ଭାରପ୍ରାପ୍ତ ଏଏଓ ଅରୁଣ ପାଢୀ, ଗୌରାଙ୍ଗ ମାଝି, ଜିଲା ପରିଷଦ ସଭ୍ୟା ପୁଷ୍ପକାନ୍ତି କୁମାର, ପ୍ରଭାତୀ ଭୋଇ, ଡବ୍ଲ୍ୟୁଇଓ ସୁନୀଲ କର, କର୍ଲାମୁଣ୍ଡା ଫାଣ୍ଡି ଅଧିକାରୀ ଅଧିଶ ଚନ୍ଦ୍ର ବିଶ୍ୱାସଙ୍କ ସହ ଅନ୍ୟାନ୍ୟ ବିଭାଗର ଅଧିକାରୀ ଉପସ୍ଥିତି ରହି ବିଭିନ୍ନ ଉନ୍ନୟନ କାର୍ଯ୍ୟର ସମୀକ୍ଷା କରିଥିଲେ। ଅନ୍ୟପକ୍ଷେ ଅଢେଇ ବର୍ଷରେ ୪ଟି ସମିତି ବୈଠକ ହୋଇଥିବା ବେଳେ ପୂର୍ବ ବୈଠକର ବିବରଣୀ ସଭ୍ୟା/ସଭ୍ୟଙ୍କୁ ମିଳି ପାରୁ ନ ଥିବାରୁ ବୈଠକରେ ଅଧିକାଂଶ ସଦସ୍ୟ ଅସନ୍ତୋଷ ପ୍ରକାଶ କରିଥିଲେ। ବୈଠକରେ ଶିକ୍ଷା, ସ୍ୱାସ୍ଥ୍ୟ, ଗମନାଗମନ, ପ୍ରଧାନମନ୍ତ୍ରୀ ଆବାସ ଯୋଜନା ଉପରେ ଆଲୋଚନା ହୋଇଥିଲା।



ବୈଠକରେ ବିଧାୟକ ଭୂପିନ୍ଦର ସିଂଙ୍କ ସହ ଅନ୍ୟ ଅଧିକାରୀମାନେ।

## ଫଟୋରେ ଖବର




କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ, ବଲାଙ୍ଗୀର ଏମ୍‌ପି ସଙ୍ଗୀତାକୁମାରୀ ସିଂଦେଓ ଓ କଳାହାଣ୍ଡି ଏମ୍‌ପି ବସନ୍ତ ପଣ୍ଡା ହେଲିକପ୍ଟର ଯୋଗେ ଆକାଶ ମାର୍ଗରୁ କଳାହାଣ୍ଡି ଜିଲାର ବନ୍ୟା ପ୍ରଭାବିତ ଅଞ୍ଚଳ ପରିଦର୍ଶନ କରୁଛନ୍ତି।

> ଆଜି କ'ଣ କେଉଁଠି ସ୍ତମ୍ଭରେ କୌଣସି କାର୍ଯ୍ୟକ୍ରମ ସ୍ଥାନିତ କରିବାକୁ ଚାହୁଁଥିଲେ ସମ୍ପୂର୍ଣ୍ଣ ବିବରଣୀ ସହ ନିକଟସ୍ଥ ପ୍ରତିନିଧି କିମ୍ବା ଧରିତ୍ରୀ ମୁଖ୍ୟ କାର୍ଯ୍ୟାଳୟ ସହ ଯୋଗାଯୋଗ କରନ୍ତୁ।

# ଜାତୀୟ ପତାକାକୁ ଅସମ୍ମାନ, ରାତିରେ ଉଡ଼ିଲା ତ୍ରିରଙ୍ଗା

- ସ୍କୁଲ କର୍ତ୍ତୃପକ୍ଷଙ୍କ ଦାୟିତ୍ୱହୀନତା

ଜୁନାଗଡ଼,୧୭।୮ (ଡି.ଏନ୍.ଏ.)

କଳାହାଣ୍ଡି ଜିଲା ଜୁନାଗଡ଼ ବ୍ଲକ ଅନ୍ତର୍ଲା ପ୍ରାଥମିକ ବିଦ୍ୟାଳୟରେ ଗୁରୁବାର ସ୍ୱାଧୀନତା ଦିବସରେ ଜାତୀୟ ପତାକାକୁ ଅସମ୍ମାନ କରାଯାଇଥିବା ଅଭିଯୋଗ ହୋଇଛି। ଜାତୀୟ ପତାକା ସକାଳ ୬ଟାରୁ ସନ୍ଧ୍ୟା ୬ଟା ପର୍ଯ୍ୟନ୍ତ ଉଡିବାକୁ ନିୟମ ଥିବାବେଳେ ଏଠାରେ ତାହାର ବ୍ୟତିକ୍ରମ ଦେଖିବାକୁ ମିଳିଛି। ସ୍କୁଲ କର୍ତ୍ତୃପକ୍ଷଙ୍କ ଦାୟିତ୍ୱହୀନତା ତଥା ଅବହେଳା ଯୋଗୁ ଏଠାରେ ଅଧ ରାତି ଯାଏ ତ୍ରିରଙ୍ଗା ପତାକା ଉଡିଥିବା ଅଭିଯୋଗ ହୋଇଛି। ଘଟଣା ସମ୍ପର୍କରେ ଜଣାପଡିବା ପରେ ସ୍କୁଲ କର୍ତ୍ତୃପକ୍ଷ ତରବରିଆ ଭାବେ ରାତି ଅଧରେ ପତାକା କାଢିଦେଇଥିବା ଜଣାପଡିଛି। ଏ ନେଇ ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ଉଜ୍ଜଳ ବେମାଲଙ୍କୁ ପଚାରିବାରୁ ସନ୍ଧ୍ୟାରୁ ପତକା କାଢି ଦିଆଯାଇଥିବା କହିଥିଲେ। ଏ ନେଇ ଜିଲା ଶିକ୍ଷା ଅଧିକାରୀ ସଞ୍ଜୀବ କୁମାର ସିଂଙ୍କୁ ପଚାରିବାରୁ ଘଟଣା ତଦନ୍ତ ତଦନ୍ତ କରି କଡା ପଦକ୍ଷେପ ନିଆଯିବ ବୋଲି କହିଥିଲେ।

**ଅନ୍ତର୍ଲା ପ୍ରାଥମିକ ବିଦ୍ୟାଳୟ**



ରାତିରେ ଜାତୀୟ ପତାକା ଉଡୁଛି।

# ନବମ ପଞ୍ଚାୟତ ସମିତି ବୈଠକ

କେସିଙ୍ଗା, ୧୭।୮ (ଡି.ଏନ୍.ଏ.)

କଳାହାଣ୍ଡି ଜିଲା କେସିଙ୍ଗା ବ୍ଲକରେ ନବମ ପଞ୍ଚାୟତ ସମିତି ବୈଠକ ଶନିବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ନର୍ଲା ବିଧାୟକ ଭୂପିନ୍ଦର ସିଂହ ଯୋଗଦେଇଥିଲେ। ବୈଠକରେ କେସିଙ୍ଗା ବ୍ଲକର ୫ଟି ପଞ୍ଚାୟତରେ ବନ୍ୟାର ବ୍ୟାପକ କ୍ଷୟକ୍ଷତି ହୋଇଥିବା କୁହାଯାଇଥିଲା। ଯୁଦ୍ଧକାଳୀନ ଭିତ୍ତିରେ ଆବଶ୍ୟକ ପଦକ୍ଷେପ ଗ୍ରହଣ କରିବାକୁ ବୈଠକରେ ଆଲୋଚନା ହୋଇଥିଲା। ଏପରି କି ଲୋକଙ୍କୁ ଆବଶ୍ୟକ ସରକାରୀ ସହାୟତା ଯୋଗାଇ ଦେବାକୁ ପଞ୍ଚାୟତ ପିଇଓ, ସମିତି ସଭ୍ୟା, ସଭ୍ୟ, ସରପଞ୍ଚ ଏବଂ ଉପସ୍ଥିତ ସରକାରୀ କର୍ମଚାରୀଙ୍କୁ କୁହାଯାଇଥିଲା। ହାତୀଖୋଜ, ବେଲଖଣ୍ଡି, ତୁଣ୍ଡଲା, ସିର୍ଜାପାଲି, ତୁର୍ଲାଖମନ ଆଦିବାସୀ ଅଞ୍ଚଳକୁ ଶ୍ୟାମପ୍ରସାଦ ମୁଖାର୍ଜୀ ଜାତୀୟ ମିଶନରେ ସାମିଲ କରିବା ପାଇଁ ହାତୀଖୋଜ ପଞ୍ଚାୟତ ସମିତି ସଭ୍ୟ ଜିତୁ ସାହୁ ବୈଠକରେ ପ୍ରସ୍ତାବ ଆଗତ କରିଥିଲେ। ଏପରି କି କେସିଙ୍ଗା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ଡାକ୍ତର ପଦବୀ ଖାଲି ପଡିଥିବାରୁ ତୁରନ୍ତ ଡାକ୍ତର ନିଯୁକ୍ତ କରିବାକୁ ସରପଞ୍ଚ ସଂଘ ସଭାପତି ପଙ୍କଜ ଗଉଡ ପ୍ରସ୍ତାବ ଆଗତ କରିଥିଲେ। ହାତୀଖୋଜ ପଞ୍ଚାୟତରେ ଠିକ୍ ଭାବେ ମଶାରି ବଣ୍ଟନ କରାଯାଉ ନ ଥିବା ସମିତି ସଭ୍ୟ ଜିତୁ ସାହୁ ବୈଠକରେ ଅଭିଯୋଗ କରିଥିଲେ। ପୂର୍ବ ବୈଠକର ବିବରଣୀ ପାଠ କରାଯିବା ସହ ଅନୁମୋଦନ କରାଯାଇଥିଲା। ବୈଠକରେ ସାଧାରଣ ବଣ୍ଟନ ବ୍ୟବସ୍ଥା, ଅବକାରୀ, ଜଙ୍ଗଲ ସୁରକ୍ଷା, ଉନ୍ନୟନ ବ୍ୟବସ୍ଥା, ମହିଳା ଓ ଶିଶୁ ବିକାଶ ଯୋଜନା, ବିଦ୍ୟୁତ୍, ପାନୀୟ ଜଳ, ସ୍ୱାସ୍ଥ୍ୟ, କୃଷି ଓ ଉଦ୍ୟାନ ଆଦି ବିଷୟରେ ଆଲୋଚନା କରାଯାଇଥିଲା। ବୈଠକରେ କେସିଙ୍ଗା ବିଡିଓ ଭୀମସେନ ଶବର, ଅତିରିକ୍ତ ଗୋଷ୍ଠୀ ଉନ୍ନୟନ ଅଧିକାରୀ ରାଜେନ୍ଦ୍ର ପ୍ରସାଦ ଶର୍ମା, ବିଧାୟକଙ୍କ ପ୍ରତିନିଧି ସନ୍ତୋଷ ଶର୍ମା, ବ୍ଲକ ଚେୟାରମ୍ୟାନ ସୁଷମା ବେହେରା, ସମସ୍ତ ବ୍ଲକ କର୍ମଚାରୀ ସମେତ ବିଭାଗୀୟ ଅଧିକାରୀମାନେ ଯୋଗଦେଇଥିଲେ।



କେସିଙ୍ଗା ନବମ ପଞ୍ଚାୟତ ସମିତି ବୈଠକରେ ଉପସ୍ଥିତ ଅତିଥିବୃନ୍ଦ।

## ବାର୍ଷିକୋଣା ନୂତନ ପ୍ରାଥମିକ ବିଦ୍ୟାଳୟ
# ନିୟମିତ ସ୍କୁଲ ଆସୁନାହାନ୍ତି ପ୍ରଧାନଶିକ୍ଷକ

**ପାଠପଢ଼ା, ମଧ୍ୟାହ୍ନଭୋଜନ ପରିଚାଳନାରେ ବ୍ୟାଘାତ**

**ଥୁଆମୂଳ-ରାମପୁର ବ୍ଲକ**

ଭବାନୀପାଟଣା,୧୭।୮ (ସ୍ୱ.ପ୍ର.)

କଳାହାଣ୍ଡି ଜିଲା ଥୁଆମୂଳ ରାମପୁର ବ୍ଲକ ସିନ୍ଧିପଦର ପଞ୍ଚାୟତ ବାର୍ଷିକୋଣା ନୂତନ ପ୍ରାଥମିକ ବିଦ୍ୟାଳୟ ଅବ୍ୟବସ୍ଥାରେ ଚାଲିଥିବା ଅଭିଯୋଗ ହୋଇଛି। ବିଦ୍ୟାଳୟରେ କାର୍ଯ୍ୟରତ ପ୍ରଧାନଶିକ୍ଷକ ରୋହିତ ମାଝି ନିୟମିତ ସ୍କୁଲ ଆସୁ ନ ଥିବା ସ୍କୁଲର ସହକାରୀ ଶିକ୍ଷୟିତ୍ରୀ, ପାଚିକା ତଥା ପରିଚାଳନା କମିଟି ସଭାପତି ଅଭିଯୋଗ କରିଛନ୍ତି। ଫଳରେ ପାଠପଢା ସହ ମଧ୍ୟାହ୍ନ ଭୋଜନ ପରିଚାଳନାରେ ବ୍ୟାଘାତ ସୃଷ୍ଟି ହୋଇଛି। ଏନେଇ ଗ୍ରାମବାସୀଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଛି। ସୂଚନା ଯୋଗ୍ୟ, ଦୁର୍ଗମ ଅଞ୍ଚଳରେ ଥିବା ବାର୍ଷିକୋଣା ବିଦ୍ୟାଳୟରେ ପ୍ରଥମରୁ ପଞ୍ଚମ ଶ୍ରେଣୀ ପର୍ଯ୍ୟନ୍ତ ୨୩ଜଣ ଛାତ୍ରୀଛାତ୍ର ଅଧ୍ୟୟନ କରୁଛନ୍ତି। ବିଦ୍ୟାଳୟରେ ପ୍ରଧାନଶିକ୍ଷକ ଏବଂ ଜଣେ ସହକାରୀ ଶିକ୍ଷୟିତ୍ରୀ ରହିଛନ୍ତି। ତେବେ ପ୍ରାୟ ସମୟରେ ପ୍ରଧାନ ଶିକ୍ଷକ ମାଝି ବିଦ୍ୟାଳୟରେ ଅନୁପସ୍ଥିତ ରହୁଥିବା ଜଣାପଡିଛି। ଫଳରେ ପାଠପଢା ସହ ମଧ୍ୟାହ୍ନ ଭୋଜନ ପରିଚାଳନାରେ ବାଧା ସୃଷ୍ଟି ହେଉଛି। ବୁଧବାର, ଶନିବାର ସ୍କୁଲରେ ଅଣ୍ଡା ଦିଆଯିବା ନେଇ ନିର୍ଦ୍ଦେଶ ଥିବାବେଳେ ଦୋକାନରେ ଅଣ୍ଡା ନ ମିଳିଲେ ଛାତ୍ରୀଛାତ୍ରମାନଙ୍କୁ ଅଣ୍ଡା ଦିଆଯାଏ ନାହିଁ ବୋଲି ପାଚିକା ସାନୁ ମାଝି ପ୍ରକାଶ କରଛନ୍ତି। ସେହିପରି ମାସକୁ ୩ ସପ୍ତାହ ପ୍ରଧାନ ଶିକ୍ଷକ ସ୍କୁଲକୁ ଆସନ୍ତି ବୋଲି ସହକାରୀ ଶିକ୍ଷୟିତ୍ରୀ ସବିତା ମାଝି, ପାଚିକା ସାନୁ ମାଝି ପ୍ରକାଶ କରିଛନ୍ତି। ଏ ନେଇ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ମାଝିଙ୍କୁ ପଚାରିବାରୁ ଅଭିଯୋଗକୁ ଅସ୍ୱୀକାର କରିଥିଲେ। ଘଟଣା ସଂକ୍ରାନ୍ତରେ ଜିଲା ଶିକ୍ଷା ଅଧିକାରୀ ସଞ୍ଜୀବ କୁମାର ସିଂଙ୍କୁ ପଚାରିବାରୁ ଘଟଣାର ତଦନ୍ତ କରି ଆବଶ୍ୟକ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି କହିଥିଲେ।



ବାର୍ଷିକୋଣା ପ୍ରାଥମିକ ବିଦ୍ୟାଳୟ।



"ଆମ ଜୀବନର ବଡ଼ ଅଭାବ ହେଲା, ଆମେ ଯେଉଁ କାମ କରିପାରିବୁ, ଆମ ପାଇଁ ସେ କାମ ଅନ୍ୟ କେହି କରିଦେଉ, ସେଥିନିମନ୍ତେ ଆମେ ଅପେକ୍ଷା କରୁ।
- ଆର.ଡବ୍ଲ୍ୟୁ. ଇମରସନ

**ସଂକ୍ଷେପରେ**

## ମାରପିଟ ଘଟଣାରେ ୫ ଗିରଫ

ଲଖନପୁର,୧୭।୮(ଡି.ଏନ୍.ଏ.)
ଶୁକ୍ରବାର ବନ୍ଧବାହାଲରେ ଦୁର୍ବୃତ୍ତଙ୍କ ଆକ୍ରମଣରେ ସ୍ଥାନୀୟ ଅଞ୍ଚଳର ୬ଜଣ ଯୁବକ ଆହତ ହୋଇଥିଲେ। ଉଭୟ ପକ୍ଷରୁ ଅଭିଯୋଗ ପରେ ବନହରପାଲି ଥାନା ପୋଲିସ ୨ଟି ମାମଲା (ନଂ.୯୮/୧୯ ଓ ୯୯/୧୯) ରୁଜୁ କରି ତଦନ୍ତ ଚଳାଇଥିଲା। ଶନିବାର ପୋଲିସ ୫ ଅଭିଯୁକ୍ତଙ୍କୁ ଗିରଫ କରି କୋର୍ଟଚାଲଣ କରିଛି। ସେମାନେ ହେଲେ ମହମ୍ମଦ ଇଦ୍ରିଶ୍, ମହମ୍ମଦ ଜଲିଲ୍, ମହମ୍ମଦ ସାହାଜାଦ୍, ମହମ୍ମଦ ଜମାଲ ଓ ମନୋଜ ବାରିକ। ମୁଖ୍ୟ ଅଭିଯୁକ୍ତ ମହମ୍ମଦ କମାଲ ଫେରାର ଅଛନ୍ତି। ତାଙ୍କୁ ଶୀଘ୍ର ଗିରଫ କରାଯିବ ବୋଲି ଆଇଆଇସି ପ୍ରଶାନ୍ତ ମେହେର କହିଛନ୍ତି। ବନ୍ଧବାହାଲର କେତେଜଣ ଅସାମାଜିକ ଯୁବକ ସଂଘବଧ ଭାବେ ସ୍ଥାନୀୟ ଯୁବକମାନଙ୍କୁ ଆକ୍ରମଣ କରିଥିଲେ। ଏ ନେଇ ପ୍ରବଳ ଉତ୍ତେଜନା ଦେଖାଦେଇଥିଲା। ଅଭିଯୁକ୍ତଙ୍କୁ ଗିରଫ ଦାବିରେ ଲୋକେ ଫାଣ୍ଡି ଘେରାଉ ସହ ରାସ୍ତା ଅବରୋଧ କରିଥିଲେ। ଅଞ୍ଚଳରେ ବାରମ୍ବାର ଆଇନଶୃଙ୍ଖଳା ପରିସ୍ଥିତି ସୃଷ୍ଟି କରୁଥିବା ବ୍ୟକ୍ତିମାନଙ୍କୁ ତୁରନ୍ତ ହଟାଇବା ପାଇଁ ଆନ୍ଦୋଳନକାରୀ ଦାବି କରିଥିଲେ। ସମ୍ପୃକ୍ତ ବ୍ୟକ୍ତିମାନଙ୍କୁ ମାସକ ମଧରେ ବନ୍ଧବାହାଲରୁ ହଟାଇବା ପାଇଁ ପ୍ରଶାସନ ପକ୍ଷରୁ ଲିଖିତ ପ୍ରତିଶ୍ରୁତି ମିଳିବା ପରେ ଆନ୍ଦୋଳନ ପ୍ରତ୍ୟାହୃତ ହୋଇଥିଲା। ଏବେ ସମ୍ପୃକ୍ତ ପରିବାରକୁ ହଟାଇବା ପାଇଁ ପ୍ରଶାସନିକ ପ୍ରକ୍ରିୟା ଆରମ୍ଭ ହୋଇଛି।

# କାମ କରିବା ପାଇଁ ପିଆର୍‌ଆଇ ସଦସ୍ୟଙ୍କୁ ଆହ୍ୱାନ

ଲଖନପୁର,୧୭।୮(ଡି.ଏନ୍.ଏ.)

ଝାରସୁଗୁଡ଼ା ଜିଲା ଲଖନପୁର ବ୍ଲକ ସଭାଗୃହରେ ଶୁକ୍ରବାର ବ୍ଲକ ଅଧକ୍ଷା ଶାନ୍ତି ପ୍ରଧାନଙ୍କ ଅଧ୍ୟକ୍ଷତାରେ ପଞ୍ଚାୟତ ସମିତି ବୈଠକ ଅନୁଷ୍ଠିତ ହୋଇଛି। ଏଥିରେ ବରଗଡ଼ ଏମ୍‌ପି ସୁରେଶ ପୂଜାରୀ, ବିଧାୟକ କିଶୋର ମହାନ୍ତି, ଜିଲା ପରିଷଦ ଉପାଧକ୍ଷା ପଙ୍କଜିନୀ ପ୍ରଧାନ, ବ୍ଲକ ଉପାଧକ୍ଷ ମୋହନ ସାହୁ, ବିଡିଓ ଗୋବିନ୍ଦ ଦଣ୍ଡସେନାଙ୍କ ସମେତ ପିଆର୍‌ଆଇ ସଦସ୍ୟ, ସରପଞ୍ଚ, ସମିତିସଭ୍ୟ ଓ ବିଭିନ୍ନ ବିଭାଗର ଅଧିକାରୀ ଯୋଗଦେଇଥିଲେ। ବ୍ଲକରେ ଆଇସିଡିଏସ୍ ବିଭାଗର ୪ ସ୍ଥାନରେ ଛତୁଆ ତିଆରି ସେଣ୍ଟର କରାଯାଇଛି। ଏହି ସେଣ୍ଟରରୁ ଅଙ୍ଗନୱାଡି କେନ୍ଦ୍ରକୁ ଛତୁଆ ଯୋଗାଣ କରାଯାଉଛି। ତେବେ ଛତୁଆର ମାନ ଠିକ୍ ରହୁ ନ ଥିବା ପିଆର୍‌ଆଇ ସଦସ୍ୟମାନେ ଅଭିଯୋଗ କରିଥିଲେ। ପ୍ରତି ପଞ୍ଚାୟତରେ ଛତୁଆ ତିଆରି ପାଇଁ ଏସ୍‌ଏଚ୍‌ଜିଗୁଡ଼ିକୁ ଦାୟିତ୍ୱ ଦିଆଗଲେ ନିକଟସ୍ଥ ଅଙ୍ଗନୱାଡି କେନ୍ଦ୍ର ସୁବିଧାରେ ଛତୁଆ ପାଇପାରିବେ। ଏ ନେଇ ପିଆର୍‌ଆଇ ସଦସ୍ୟମାନେ ସିଡିପିଓଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ଛାତ୍ରୀଛାତ୍ରଙ୍କ ତୁଳନାରେ ବ୍ଲକରେ କମ୍ ଶିକ୍ଷକ ରହିଛନ୍ତି। ଶିକ୍ଷକ ପଦବୀ ପୂରଣ ହୋଇପାରିନାହିଁ। ଏଥିରେ ପୁଣି ଶିକ୍ଷକମାନଙ୍କର ବଦଳି କରାଯାଉଛି। ଫଳରେ ବ୍ଲକରେ ଶିକ୍ଷକ ସମସ୍ୟା ବଢ଼ିବାରେ ଲାଗିଛି। ଏଭଳି ନ କରିବା ପାଇଁ ବିଧାୟକ ମହାନ୍ତି ବ୍ଲକ ଶିକ୍ଷା ବିଭାଗକୁ ତାଗିଦ କରିଛନ୍ତି। ପ୍ରାଥମିକ ଓ ଉଚ୍ଚ ପ୍ରାଥମିକ ସ୍କୁଲର ସମସ୍ତ ଛାତ୍ରୀଛାତ୍ରଙ୍କୁ ପୋଷାକ ବଣ୍ଟନ କରାଯାଉଥିଲା। ଏବେ କେବଳ ଆଦିବାସୀ ଓ ଦଳିତ ବର୍ଗ ଛାତ୍ରୀଛାତ୍ରଙ୍କୁ ପୋଷାକ ବଣ୍ଟନ କରାଯିବ। ସାଧାରଣ ବର୍ଗ ଛାତ୍ରୀଛାତ୍ର ଏଥିରୁ ବାଦ୍ ପଡ଼ିବେ। ଏହାକୁ ନେଇ ପିଆର୍‌ଆଇ ସଦସ୍ୟମାନେ ଉଦ୍‌ବେଗ ପ୍ରକାଶ କରି ପୂର୍ବଭଳି ସମସ୍ତ ଛାତ୍ରୀଛାତ୍ରଙ୍କୁ ପୋଷାକ ବଣ୍ଟନ ପାଇଁ ଦାବି କରିଥିଲେ। ବହୁ ସ୍କୁଲ କୋଠା ବିପଦସଙ୍କୁଳ ଅବସ୍ଥାରେ ରହିଛି। ସେଗୁଡ଼ିକର ମରାମତି କରିବା ପାଇଁ ଦାବି କରାଯାଇଥିଲା। ଏଥିପାଇଁ ଜିଲା ଖଣିଜ ପାଣ୍ଠିରୁ ଅର୍ଥ ମଞ୍ଜୁର ହୋଇଛି। ବହୁଶୀଘ୍ର କାମ ଆରମ୍ଭ ହେବ ବୋଲି ବିଧାୟକ ମହାନ୍ତି କହିଥିଲେ। କାଳିଆ ଯୋଜନାରୁ ବଞ୍ଚିତ ଚାଷୀଙ୍କୁ ଏଥିରେ ସାମିଲ କରିବା ପାଇଁ ଦାବି ହୋଇଥିଲା। ୬ହଜାର ୨୪ ହିତାଧିକାରୀ ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ସାମିଲ ହୋଇଛନ୍ତି। ୪ହଜାର ହିତାଧିକାରୀଙ୍କୁ କାର୍ଯ୍ୟାଦେଶ ପ୍ରଦାନ କରାଯାଇଛି। କେତେଜଣ ହିତାଧିକାରୀ ଭୂମିହୀନ ହୋଇଥିବାରୁ ସେମାନଙ୍କୁ କାର୍ଯ୍ୟାଦେଶ ପ୍ରଦାନରେ ବିଳମ୍ବ ହୋଇଛି। ତୁରନ୍ତ ଏହାର ସମାଧାନ କରିବା ପାଇଁ ପିଆର୍‌ଆଇ ସଦସ୍ୟମାନେ ଦାବି କରିଛନ୍ତି। ବିଭିନ୍ନ ଉନ୍ନୟନ କାର୍ଯ୍ୟ ପାଇଁ ଏମ୍‌ସିଏଲ୍ ସିଏସ୍‌ଆର୍ ପାଣ୍ଠିରୁ ୧୨କୋଟି ଟଙ୍କା ମଞ୍ଜୁର ହୋଇଥିଲା। ୫କୋଟି ଟଙ୍କା ଏମ୍‌ସିଏଲ୍ ବ୍ଲକକୁ ପ୍ରଦାନ କରିଛି। ଅବଶିଷ୍ଟ ଟଙ୍କା ଶୀଘ୍ର ପ୍ରଦାନ କରିବା ପାଇଁ ଦାବି କରାଯାଇଛି। ସେହିଭଳି ଆମ ଗାଁ ଆମ ବିକାଶ ଯୋଜନାରେ ବ୍ଲକକୁ ଆସିଥିବା ୫୦ ପ୍ରତିଶତ ଅର୍ଥ ଖର୍ଚ୍ଚ ହୋଇଛି। ଅବଶିଷ୍ଟ ଟଙ୍କା ବିନିଯୋଗ ପାଇଁ ବିଡିଓ ପିଆର୍‌ଆଇ ସଦସ୍ୟଙ୍କୁ ଅନୁରୋଧ କରିଥିଲେ। ଦଳମତ ନିର୍ବିଶେଷରେ ସମସ୍ତେ ଅଞ୍ଚଳର ବିକାଶ ପାଇଁ କାମ କରିବାକୁ ବିଧାୟକ ଓ ଏମ୍‌ପି ପିଆର୍‌ଆଇ ସଦସ୍ୟମାନଙ୍କୁ ଆହ୍ୱାନ କରିଥିଲେ।



ସମିତି ବୈଠକରେ ଉପସ୍ଥିତ ଜନପ୍ରତିନିଧି ଓ ବିଭାଗୀୟ ଅଧିକାରୀ।

**ଲଖନପୁର ପଞ୍ଚାୟତ ସମିତି ବୈଠକ**

## ବଜ୍ରପାତ: କ୍ଷେତରେ ଟଳି ପଡ଼ିଲେ ଚାଷୀ

ଲୋଇସିଂହା,୧୭।୮(ଡି.ଏନ.ଏ.)

ବଲାଙ୍ଗୀର ଜିଲା ଲୋଇସିଂହା ଥାନା ଅନ୍ତର୍ଗତ ତେନ୍ତୁଲିଖୁଣ୍ଟି ଗାଁରେ ବଜ୍ରପାତ ଯୋଗୁ ଜଣେ ଚାଷୀଙ୍କ ଶନିବାର ସନ୍ଧ୍ୟାରେ ମୃତ୍ୟୁ ଘଟିଛି। ଏହି ଚାଷୀ ଜଣକ ହେଲେ ବାହାଦୁର ବିଶ୍ୱାଳ(୪୭)। ସେ ଘର ପାଖ ଟମାଟର କିଆରିରେ କାମ କରୁଥିଲାବେଳେ ହଠାତ ବଜ୍ରପାତ ହୋଇଥିଲା। ଫଳରେ ସେ ଟଳି ପଡ଼ିଥିଲେ। ଖବର ପାଇ ପରିବାର ଲୋକେ କ୍ଷେତକୁ ଯାଇଥିଲେ। ପରେ ଲୋଇସିଂହା ଅଗ୍ନିଶମ କର୍ମଚାରୀ ପହଞ୍ଚିଥିଲେ। ଲୋଇସିଂହା ମେଡିକାଲରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ରବିବାର ବଲାଙ୍ଗୀର ଭୀମ ଭୋଇ ମେଡିକାଲ କଲେଜରେ ତାଙ୍କ ବ୍ୟବଚ୍ଛେଦ କରାଯିବ। ଏହି ଘଟଣା ପରେ ତାଙ୍କ ସ୍ତ୍ରୀ ସବିତା, ପୁଅ ଏବଂ ୨ ଝିଅ ଭାଙ୍ଗି ପଡ଼ିଛନ୍ତି। ଜିଲା ପ୍ରଶାସନ ଏବଂ ସରକାରଙ୍କ ତରଫରୁ ଅନୁକମ୍ପା ସହାୟତା ଯୋଗାଇ ଦେବାକୁ ଗ୍ରାମବାସୀ ଦାବି କରିଛନ୍ତି। ବିଧାୟକ ମୁକେଶ ମହାଲିଙ୍ଗ, ଆଗଲପୁର ବ୍ଲକ୍ ଉପାଧକ୍ଷ ମନମୋହନ ପଟେଲ ଗାଁରେ ପହଞ୍ଚି ଶୋକ ସନ୍ତପ୍ତ ପରିବାରକୁ ସମବେଦନା ଜଣାଇଛନ୍ତି।

# ଜଳ ଶକ୍ତି ଅଭିଯାନ ପାଳିତ

ଲଇକେରା,୧୭।୮(ଡି.ଏନ୍.ଏ.)

ଝାରସୁଗୁଡ଼ା ନେହେରୁ ଯୁବକେନ୍ଦ୍ର ଆନୁକୂଲ୍ୟରେ ଗୁରୁବାର ଲଇକେରା ବ୍ଲକ ତେନ୍ତଲାମାଲ ସମଲେଶ୍ୱରୀ କ୍ଲବରେ ଜଳଶକ୍ତି ଅଭିଯାନ ପାଳିତ ହୋଇଛି। ଏହି ଅବସରରେ ରାସ୍ତାକଡ଼ରେ ଚାରାରୋପଣ କରାଯାଇଥିଲା। କାର୍ଯ୍ୟକ୍ରମରେ କ୍ଲବ ସଭାପତି ପାରେଶ୍ୱର କିଷାନ, ସମ୍ପାଦକ ଭୁବନେଶ୍ୱର କିଷାନ, ୱାର୍ଡସଭ୍ୟ ଲକ୍ଷ୍ମଣ କିଷାନ, ସନ୍ତୋଷ କିଶାନ, ସୁନୀଲ କିଷାନ, ଶିବେଶ୍ୱର କିଷାନ, ସାମାଜିକ କର୍ମୀ ଯୋଗୀନ୍ଦ୍ର କିଷାନ ଏବଂ ସସ୍ମିତା ସିଂ ଯୋଗଦେଇଥିଲେ।





ଜଳଶକ୍ତି ଅଭିଯାନରେ ଚାରାରୋପଣ କରାଯାଉଛି।

# ମେହେର ସମାଜ ପକ୍ଷରୁ ଗଙ୍ଗାଧରଙ୍କ ଜୟନ୍ତୀ

ବେଲପାହାଡ଼,୧୭।୮(ଡି.ଏନ୍.ଏ.)

ଝାରସୁଗୁଡ଼ା ଜିଲା ବେଲପାହାଡ଼ ମେହେର ସମାଜ ପକ୍ଷରୁ ଗୁରୁବାର ସ୍ୱଭାବକବି ଗଙ୍ଗାଧର ମେହେରଙ୍କ ୧୮୫ତମ ଜୟନ୍ତୀ ଉତ୍ସବ ପାଳନ କରାଯାଇଛି। ଅପରାହ୍ନରେ ମେହେର ଭବନରେ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ମେହେର ସମାଜ ସଭାପତି ଗୋପାଳ ମେହେର ପ୍ରଦୀପ ପ୍ରଜ୍ୱଳନ କରି କବିଙ୍କ ଫଟୋଚିତ୍ରରେ ପୁଷ୍ପମାଲ୍ୟ ଅର୍ପଣ କରିଥିଲେ। ସୁଶ୍ରୀ ପୁଷ୍ପା ମେହେର କବିଙ୍କ ଅମର କବିତା ବିଶ୍ୱ ଦେଖ ମଧୁମୟ ଗାନ କରିଥିଲେ। ସଭାପତି ମେହେର କବିଙ୍କ ସାହିତ୍ୟକୃତୀ ଉପରେ ଆଲୋକପାତ କରିଥିଲେ। ଉପସଭାପତି ନିତ୍ୟାନନ୍ଦ ମେହେର ସୁସ୍ଥ ସମାଜ ଗଠନରେ କବିଙ୍କ ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି ବୋଲି କହିଥିଲେ। ସମ୍ପାଦକ ମୋତିରାମ ମେହେର କବିଙ୍କ ନୀତି, ଆଦର୍ଶ ଓ ମାର୍ଗଦର୍ଶନରେ ଅନୁପ୍ରାଣିତ ହୋଇପାରିଲେ ସମଗ୍ର ମେହେର ସମାଜର ଭବିଷ୍ୟତ ଅଧିକ ଉଜ୍ଜ୍ୱଳମୟ ହୋଇପାରିବ ବୋଲି ପ୍ରକାଶ କରିଥିଲେ। ବରିଷ୍ଠ ସଦସ୍ୟ କାଶିଆ ମହେର ସଭା ପରିଚାଳନା କରିଥିଲେ। ବଂଶୀଧର ମେହେର ଧନ୍ୟବାଦ ଅର୍ପଣ କରିଥିଲେ। କାର୍ଯ୍ୟକ୍ରମରେ ମହେର ସମାଜର ୭୫ ପରିବାର ଯୋଗଦେଇଥିଲେ।



ମେହେର ସମାଜ ପକ୍ଷରୁ ଆୟୋଜିତ ଗଙ୍ଗାଧର ମେହେରଙ୍କ ଜୟନ୍ତୀ ସଭାରେ ମହିଳାମାନେ କବିଙ୍କୁ ଶ୍ରଦ୍ଧାଞ୍ଜଳି ଅର୍ପଣ କରୁଛନ୍ତି।

## ତାଳଚେର-ବିମଳାଗଡ ରେଳପଥ ଦାବି ନେଇ

# ୨୦ରେ ସଭା, ଶୋଭାଯାତ୍ରା, ଧାରଣା

ରାଉରକେଲା ଅଫିସ,୧୭।୮

ତାଳଚେର-ବିମଳାଗଡ ରେଳପଥ ସଂଗ୍ରାମ ସମିତିର କାର୍ଯ୍ୟକାରୀ କମିଟି ବୈଠକ ଶୁକ୍ରବାର ସନ୍ଧ୍ୟାରେ ଅନୁଷ୍ଠିତ ହୋଇ ଯାଇଛି। ଏଥିରେ ଅଦ୍ୱୈତ ପ୍ରସାଦ ବିଶ୍ୱାଳ ସଭାପତିତ୍ୱ କରିଥିଲେ। ରାଉରକେଲା ପ୍ରେସ କ୍ଲବଠାରେ ଅନୁଷ୍ଠିତ ଏହି ବୈଠକରେ ଆନ୍ଦୋଳନର ସୁବର୍ଣ୍ଣ ଜୟନ୍ତୀ ଉତ୍ସବ ପାଳନ ସଂକ୍ରାନ୍ତରେ ଆଲୋଚନା କରାଯାଇ ଥିଲା। ଏହି ଦିବସ ଉପଲକ୍ଷେ ଅଗଷ୍ଟ ୨୦ ତାରିଖ ସକାଳ ୯ଟାରୁ ଏକ ଶୋଭାଯାତ୍ରା ବିଶ୍ରା ଛକରୁ ବାହାରି ରେଳ ଷ୍ଟେଶନ ପର୍ଯ୍ୟନ୍ତ ଆସିବ। ସେଠାରେ ଏକ ସଭା ଅନୁଷ୍ଠିତ ହେବା ପରେ ଧାରଣା ଦିଆଯିବ। ଏହି ଅବସରରେ ଚକ୍ରଧରପୁର ରେଳ ଡିଭିଜନ ସିନିୟର ଡିଆରଏମ୍‌ଙ୍କୁ ଏକ ସ୍ମାରକପତ୍ର ପ୍ରଦାନ କରାଯିବ। କେନ୍ଦ୍ର ରେଳମନ୍ତ୍ରୀଙ୍କ ନିକଟକୁ ଏହି ଦାବି ପତ୍ର ପ୍ରେରଣ କରାଯିବ। ତାଳଚେର-ବିମଳାଗଡ ରେଳପଥ ପାଇଁ ଆବଶ୍ୟକୀୟ ଜଙ୍ଗଲ ଜମି ମିଳି ସାରିଛି। ଖୁବ ଶୀଘ୍ର ସରକାରୀ ଜମି ମିଳିବାକୁ ଯାଉଛି। ଏହି ରେଳପଥ ନିର୍ମାଣ ଶୀଘ୍ର ସାରିବାକୁ ଅଧିକ ପାଣ୍ଠି ଯୋଗାଇ ଦେବାକୁ ସଂଗ୍ରାମ ସମିତି ଦାବି କରିବ। ସମିତିର କାର୍ଯ୍ୟକାରୀ କମିଟି ନିଷ୍ପତ୍ତି କ୍ରମେ ଏନେଇ ସାମୂହିକ ପ୍ରତିବାଦ କରାଯିବ। ଆନ୍ଦୋଳନର ସୁବର୍ଣ୍ଣ ଜୟନ୍ତୀ ଅବସରରେ ସମାନ ସମୟରେ ବିମଳାଗଡଠାରେ ମଧ୍ୟ ଅନୁରୂପ ସଭା, ଶୋଭାଯାତ୍ରା, ବିକ୍ଷୋଭ ପ୍ରଦର୍ଶନ ସହ ଧାରଣା ଦିଆଯିବ। ସେଠାରେ ଏହାର ନେତୃତ୍ୱ ନେବେ ବିଧାୟକ ଲକ୍ଷ୍ମଣ ମୁଣ୍ଡା ଓ ପ୍ରମୋଦ ସାମଲ। ୫୦ ବର୍ଷ ପୂର୍ବେ ଛାତ୍ରମାନେ ରାଜ୍ୟର ହିତ ପାଇଁ ଏହି ଆନ୍ଦୋଳନ କରିଥିଲେ। ଏହା ଦ୍ୱାରା ସମସ୍ତ ସ୍କୁଲ, କଲେଜ ଛାତ୍ରୀଛାତ୍ର ଆନ୍ଦୋଳନକୁ ଦୃଢ ସମର୍ଥନ କରିଥିଲେ। ଆଗାମି ଅଗଷ୍ଟ ୨୦ ଆନ୍ଦୋଳନରେ ସର୍ବାଧିକ ଛାତ୍ରୀଛାତ୍ର ଏଥିରେ ଯୋଗ ଦେଇ ଆନ୍ଦୋଳନକୁ ସଫଳ କରିବାକୁ ଅନୁରୋଧ କରାଯାଇଛି। ଦଳମତ ନିର୍ବିଶେଷରେ ସମସ୍ତ ଶ୍ରମିକ ସଂଗଠନ, ରାଜନୈତିକ ଦଳ, ବୁଦ୍ଧିଜୀବୀ ତଥା ସହରବାସୀଙ୍କୁ ଏହି ଆନ୍ଦୋଳନରେ ସାମିଲ ହେବାକୁ ଆହ୍ୱାନ ଦିଆଯାଇଛି। ଏହି ସଭା, ଶୋଭାଯାତ୍ରା ଓ ଧାରଣା ଶାନ୍ତିପୂର୍ଣ୍ଣ ଭାବେ କରାଯିବ। ଜନସାଧାରଣଙ୍କୁ ଅସୁବିଧାରେ ନ ପକାଇବାକୁ ସଂଗଠନ ପକ୍ଷରୁ କୁହାଯାଇଛି । ସେଥିପାଇଁ ଟ୍ରେନ ଚଳାଚଳରେ କୌଣସି ବାଧା ଦିଆଯିବ ନାହିଁ। ଶୋଭାଯାତ୍ରା ସମୟରେ ଭିଡ ହେବାର ସମ୍ଭାବନା ଥିବାରୁ ତିନି ଚକିଆ ଓ ଚାରି ଚକିଆ ଯାନରେ ଯାଉଥିବା ଯାତ୍ରୀ ଓ ତାଙ୍କର ସହଯୋଗୀ ଷ୍ଟେଶନର ଉତ୍ତର ଗେଟ୍ ବାଟେ ଯାଥାୟତ କରିବାକୁ ଅନୁରୋଧ କରାଯାଇଛି। ଷ୍ଟେଶନ ମୁଖ୍ୟ ଦ୍ୱାର ନିକଟରେ ଥିବା ଟିକେଟ କାଉଣ୍ଟରରୁ ଟିକେଟ କାଟିବାକୁ ରାସ୍ତା ଛଡା ଯିବ। ୧ନମ୍ବର ପ୍ଲାଟଫର୍ମକୁ ଆନ୍ଦୋଳନକାରୀ ଯିବେ ନାହିଁ। ତଥାପି ଟ୍ରେନ ଛାଡିବାର ବହୁ ପୂର୍ବରୁ ଆସି ଷ୍ଟେଶନରେ ଅପେକ୍ଷା କରିବାକୁ ଜନସାଧାରଣଙ୍କୁ ଅନୁରୋଧ କରାଯାଇଛି। ଏହି ସଭାରେ ବିଷ୍ଣୁ ମହାନ୍ତି, ହରିହର ରାଉତରାୟ, ରମେଶ ବଳ, ବିମଳ ବିଶି, ସୁଧୀର ସୁନ୍ଦରରାୟ, ପ୍ରଭାତ ମହାପାତ୍ର, ବୀରେନ ସେନାପତି, ଗୋପୀନାଥ ପଟ୍ଟନାୟକ, ଶଶଧର ନନ୍ଦ, ଛବି ମହାନ୍ତି, ପ୍ରଭାତ ମିଶ୍ର, ବିମାନ ମାଇତି, ରାମପ୍ରସାଦ ସାହୁ, ରାଜ କିଶୋର ମାନସିଂହ, ଶ୍ରୀମନ୍ତ ବେହେରା, କେସି ନାୟକ, ବସନ୍ତ ମିଶ୍ର, ସରୋଜ କୁମାର ମହାନ୍ତି, ଜାହାଙ୍ଗିର ଅଲ୍ଲୀ ଓ ଭବାନୀ କବି ପ୍ରମୁଖ ଯୋଗ ଦେଇ ଆଲୋଚନା କରିଥିଲେ।


**CLASSIFIED DISPLAY**

**ALL EDITION - B/W (Everyday)**

MORE SPACE • SAME PRICE

| TARIFF | For Single Day | | For 7 Days | | For 15 Days | | For 30 days | |
|---|---|---|---|---|---|---|---|---|
| | 6 x 4 | 12 x 4 | 6 x 4 | 12 x 4 | 6 x 4 | 12 x 4 | 6 x 4 | 12 x 4 |
| | 1,500.00 | 2,000.00 | 6,000.00 | 12,000.00 | 12,000.00 | 25,000.00 | 20,000.00 | 40,000.00 |

GST 5%

for Booking Contact:
0674-2580385, 7894447148, 7894447131, 9337021532, 7894447167, 7894447165

HEALTH CARE
HEALTH CARE

AT PURI AT PURI AT PURI
ପୁରାତନ ରୋଗର ସର୍ବୋତ୍ତମ ଆୟୁର୍ବେଦ ଚିକିତ୍ସା
Advise & Treatment by Specialized Ayurvedic Doctors only
ର୍ୟୁମାଟଏଡ୍ ଆର୍ଥ୍ରାଇଟିସ୍,ଓଷ୍ଟିଓ ଆର୍ଥ୍ରାଇଟିସ୍,ପାରାଲିସିସ୍,ସିଆଟିକା, ଅଣ୍ଟାବ୍ୟଥା,ଆଣ୍ଠୁବ୍ୟଥା,ଫ୍ରୋଜନ୍ ସୋଲଡର,ସ୍ପଣ୍ଡିଲୋସିସ୍,ମାଇଗ୍ରେନ୍, ସୋରିଆସିସ୍,ମୁଖ ବ୍ରଣ, ଆଦି ରୋଗର ପରାମର୍ଶ ଓ ଉତ୍ତମ ଚିକିତ୍ସା ଉପଲବ୍ଧ ।
SAMBHAV AYURVED
Bus Stand Outgate, Puri
Phone & Whats App - 7735921512 / 9439349129 ,Timing - 9 am to 8 pm

FINANCE
FINANCE

ନୂଆ ଯୋଜନା ଅଧୀନରେ ଭାରତର ନଂ.1 କମ୍ପାନୀ
1988ଠାରୁ ଆପଣଙ୍କ ସେବାରେ
DHANLAXMI FINANCE PVT. LTD. ସବୁ ବ୍ୟାଙ୍କ ଦ୍ୱାରା
ଆଧାରକାର୍ଡ, ଏଗ୍ରିକଲ୍ଚର, ମାର୍କଶିଟ୍, ପର୍ସନାଲ, ପ୍ରପର୍ଟି BPL ଋଣ ମାତ୍ର 24 ଘଣ୍ଟାରେ
2% ସୁଧ 40% ରିହାତି
ଠକାମିର ଶିକାର ବ୍ୟକ୍ତି ଥରେ ନିଶ୍ଚୟ କଲ୍ କରନ୍ତୁ
ମହିଳା ଓ ବିଦ୍ୟାର୍ଥୀଙ୍କ ପାଇଁ ରିହାତି
କାମ ଆମର, ବିଶ୍ୱାସ ଆପଣଙ୍କର
9499135756
H.No. 10, Mandi Road, Bathinda, Punjab

ଋଣ ଧମାକା
ଆଧାର କାର୍ଡରେ ଋଣ ପାଆନ୍ତୁ
1 ଲକ୍ଷରୁ 25 ଲକ୍ଷ ପର୍ଯ୍ୟନ୍ତ
ସୁଧ 1% ପର୍ଯ୍ୟନ୍ତ, 50% ପର୍ଯ୍ୟନ୍ତ ଛାଡ଼
ସମୂହ ଋଣ, ପର୍ସନାଲ, କୁକୁଡ଼ା ପାଳନ ଋଣ
Contact No.
7491845997
7079574972
New Ashok Nagar, East Delhi, Delhi
www.toofanfinance.in

ଇଣ୍ଡସ୍ ଫାଇନାନ୍ସ ଲିଃ
କମ୍ପାନୀ ଋଣ ଉପଲବ୍ଧ କରାଉଛି
ଏଥିରେ ଆପଣଙ୍କୁ ପର୍ସନାଲ ଋଣ, ବ୍ୟବସାୟ ଋଣ, ସାଲାରୀ ସ୍ଲିପ୍ ଋଣ ମାତ୍ର 2% ସୁଧରେ ମିଳିପାରିବ।
ମହିଳାଙ୍କ ପାଇଁ 50% ରିହାତି
9911417764
9911417461
BISWANATHPUR, BALARAMAPUR, BALESWAR, ODISHA - 756024

Dhanalaxmi Finance
Regd. No.-U6519TNI98PLC00855
ମାର୍କଶିଟ୍, ପ୍ରପର୍ଟି ପର୍ସନାଲ, ପଶୁପାଳନ, ମାଛଚାଷ, ରାଶନ କାର୍ଡ ଏବଂ ସବୁପ୍ରକାରର ଲୋନ୍ ଘରେ ବସି ପାଆନ୍ତୁ 3 ରୁ 4 ଦିନରେ, 2% ସୁଧ, 40% ଛାଡ଼, ମହିଳା ଏବଂ ବିଦ୍ୟାର୍ଥୀମାନଙ୍କ ପାଇଁ ବିଶେଷ ଛାଡ଼।
HELPLINE
8859690149

LOAN ଧମାକା
ଟଙ୍କା ଦରକାର, ଆମକୁ କୁହନ୍ତୁ
ପ୍ରଧାନମନ୍ତ୍ରୀ ଜନଧନ ଯୋଜନା ଦ୍ୱାରା
1 ଲକ୍ଷରୁ 1 କୋଟି ପର୍ଯ୍ୟନ୍ତ
ମାର୍କଶିଟ୍ | ପ୍ରପର୍ଟି
ଆଧାରକାର୍ଡ | ପର୍ସନାଲ
ପଶୁପାଳନ | ଗୃହ ଋଣ
ବ୍ୟବସାୟ | ଗ୍ରୁପ ଋଣ
ଏଗ୍ରିକଲ୍ଚର ଋଣ
ସବୁ ପ୍ରକାର ଋଣ
24 ଘଣ୍ଟାରେ ଘରେ ବସି ଉପଲବ୍ଧ
2% ସୁଧ - 40% ରିହାତି
ଠକମାନଙ୍କ ପ୍ରତି ସାବଧାନ
ସତ୍ୟମ ଫାଇନାନ୍ସ
72910-60977
72910-46520
H.No-798, Block H, Jaitpur Extn Part-2, Badarpur, South Delhi

!! ଋଣ ଋଣ ଋଣ !!
1ରୁ 50 ଲକ୍ଷ ପର୍ଯ୍ୟନ୍ତ
ଗୃହ ଋଣ, ମାର୍କଶିଟ୍, ପର୍ସନାଲ୍, ବ୍ୟବସାୟ, କୃଷି, ପ୍ରପର୍ଟି, କୁକୁଡ଼ା ପାଳନ, ଇଟାଭାଟି, ଆଧାରକାର୍ଡ, ରାଶନକାର୍ଡ, ସମୂହ ଋଣ
ବେରୋଜଗାର ମହିଳାଙ୍କ ପାଇଁ ବିଶେଷ ରିହାତି
1% ସୁଧ 50% ରିହାତି
!! ରିଦ୍ଧି ଫାଇନାନ୍ସ !!
E-mail : - ridhifinanceonlinem.p@gmail.com
7052572586
Add : - 41/14, Sec-1 Pushp Vihar, Delhi

ଲୋନ! ଲୋନ! ଲୋନ
୧ ରୁ ୫୦ ଲକ୍ଷ୍ୟ ଲୋନ
LAXMI NARAYAN FINANCE
ଗୃହରୁଣ, ମାର୍କସିଟ ପର୍ସନାଲ୍, ବିଜନେସ୍, କୃଷି, ବ୍ୟବସାୟ, ସମ୍ପତି, କୁକୁଡାପାଳନ, ଇଟାଭାଟି, ଆଧାର କାର୍ଡ, ରାସନ କାର୍ଡ, ଆଦି ସମସ୍ତ ରୁଣ
ବେରୋଜଗାର ଓ ମହିଳାଙ୍କୁ ବିଶେଷ ଛାଡ
୧% ସୁଧ ୫୦% ରିହାତି
88102-23468
laxminarayanfinancemp@gmail.com
82871-99144
Pandey bhawan hinoo ranchi

DHARITRI Career appointment Every Wednesday and Saturday

ASTROLOGY
ASTROLOGY

ଅଲ୍ ଇଣ୍ଡିଆ ଖୋଲା ଚ୍ୟାଲେଞ୍ଜ
2 ଘଣ୍ଟାରେ 100% ଗ୍ୟାରେଣ୍ଟିଡ୍ ସମାଧାନ
ତାନ୍ତ୍ରିକ ମାଷ୍ଟର କିଙ୍ଗ୍ ଖାନ୍‌ଙ୍କ ଖୋଲା ଘୋଷଣା
ବ୍ୟବସାୟ, ପ୍ରେମରେ ସମସ୍ୟା ଓ ଶତ୍ରୁ ମୁକ୍ତି, ଗୃହକ୍ଳେଶ ଓ ସ୍ୱାମୀ-ସ୍ତ୍ରୀଙ୍କ ଝଗଡ଼ା, ପ୍ରେମବିବାହ, ପ୍ରପର୍ଟି, କୋର୍ଟ କେସ୍, ଗୁପ୍ତରୋଗରେ ଔଷଧ କାମ ନ କରିବା, ପୁରୁଣା ପୀଡ଼ାରେ ଔଷଧ କାମ ନ କରିବା, ଯାଦୁ-ଟୋନା, ବଶୀକରଣ, ଗୁଣିଗାରେଡ଼ି, ବିବାହରେ ବାଧା, ମନପସନ୍ଦ ପ୍ରେମ।
A to Z ସମସ୍ୟାର ସମାଧାନ ଘରେ ବସି।
ସ୍ପେଶାଲିଷ୍ଟ ବଶୀକରଣ, ମୁଠକରଣୀ ଏବଂ କଳା ଯାଦୁ
ଆମେ କରିଥିବା କାମକୁ ଯଦି କୌଣସି ଜ୍ୟୋତିଷ, ପଣ୍ଡିତ କିମ୍ବା ମୌଲବୀ କାଟିଦିଅନ୍ତି ତେବେ ତାଙ୍କୁ ଦାବି ମୁତାବକ ପୁରସ୍କାର।
ବାବା ଆମିଲ ସୁଫି
9540938429
9903852257
ରାମ ମନ୍ଦିର, ସତ୍ୟନଗର, ଭୁବନେଶ୍ୱର


**ପାଠକଙ୍କ ପାଇଁ ସୂଚନା:**
ଏହି ପୃଷ୍ଠାରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଇଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।



ଆମ ଜୀବନର ବଡ଼ ଅଭାବ ହେଲା, ଆମେ ଯେଉଁ କାମ କରିପାରିବୁ, ଆମ ପାଇଁ ସେ କାମ ଅନ୍ୟ କେହି କରିଦେଉ, ସେଥିନିମନ୍ତେ ଆମେ ଅପେକ୍ଷା କରୁ।
- ଆର.ଡବ୍ଲ୍ୟୁ. ଇମରସନ



## ସଂକ୍ଷେପରେ

### ୬୦ କିଲୋ ପ୍ଲାଷ୍ଟିକ, ପଲିଥିନ ଜବତ

ରାଉରକେଲା ଅଫିସ,୧୭।୮

ରାଉରକେଲା ମହାନଗର ନିଗମ ପକ୍ଷରୁ ଗଠିତ ମିଳିତ ପ୍ଲାଷ୍ଟିକ ଏନଫୋର୍ସମେଣ୍ଟ ଟିମ୍ ଶନିବାର ସହରର ବିଭିନ୍ନ ସ୍ଥାନରେ ଚଢ଼ାଉ କରି ନିଷିଦ୍ଧ ପ୍ଲାଷ୍ଟିକ, ପଲିଥିନ ଜବତ କରିଛନ୍ତି। ୨୩ଜଣ ନିୟମ ଉଲ୍ଲଂଘନକାରୀଙ୍କଠାରୁ ୬୦ କିଲୋ ନିଷିଦ୍ଧ ପ୍ଲାଷ୍ଟିକ, ପଲିଥିନ ଜବତ କରାଯାଇଥିଲା। ଏମାନଙ୍କଠାରୁ ୨୦ ହଜାର ୮ଶହ ଜରିମାନା ଆଦାୟ କରାଯାଇଛି। ଡେପୁଟି କମିଶନର ସୁଧାଂଶୁ ଭୋଇଙ୍କ ନେତୃତ୍ୱରେ ଏହି ଚଢ଼ାଉ କରାଯାଇ ଥିଲା। ଏଥିରେ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ, ରାଉରକେଲା ପୋଲିସ, ଜଙ୍ଗଲ ବିଭାଗ, ଷ୍ଟିଲ ପ୍ଲାଣ୍ଟ ଓ ମହାନଗର ଲ୍ୟାଣ୍ଡ ବିଭାଗ କର୍ମଚାରୀ ସହଯୋଗ କରିଥିଲେ।

### ମୁଖ୍ୟମନ୍ତ୍ରୀଙ୍କ ରିଲିଫ ପାଣ୍ଠିକୁ ଆଇଡିଏଲ ଏକ୍ସପ୍ଲୋସିଭ ପକ୍ଷରୁ ୫ଲକ୍ଷ

ରାଉରକେଲା ଅଫିସ,୧୭।୮-

ଆଇଡିଏଲ ଏକ୍ସପ୍ଲୋସିଭ କାରଖାନା ଓ କର୍ମଚାରୀଙ୍କ ପକ୍ଷରୁ ଫନି ସହାୟତା ନେଇ ମୁଖ୍ୟମନ୍ତ୍ରୀଙ୍କ ରିଲିଫ ପାଣ୍ଠିକୁ ୫ଲକ୍ଷ ଟଙ୍କା ସହାୟତା ରାଶି ପ୍ରଦାନ କରାଯାଇଛି। କାରଖାନା ପ୍ରବନ୍ଧକ ପୂର୍ଣ୍ଣଚନ୍ଦ୍ର ପ୍ରଧାନ ମୁଖ୍ୟମନ୍ତ୍ରୀଙ୍କୁ ଭୁବନେଶ୍ୱର ସଚ୍ଚିବାଳୟରେ ଭେଟି ଏହି ସହାୟତା ରାଶି ପ୍ରଦାନ କରିଥିଲେ।

# ଆରଜିଏଚରେ ଡାକ୍ତର, କର୍ମଚାରୀ ପଦ ପୂରଣ କର

ରାଉରକେଲା ଅଫିସ, ୧୭।୮

ରାଉରକେଲା ସରକାରୀ ଡାକ୍ତରଖାନା (ଆରଜିଏଚ)ରେ ଖାଲି ପଡିଥିବା ଡାକ୍ତର ଓ ଅନ୍ୟାନ୍ୟ କର୍ମଚାରୀ ପଦ ପୂରଣ କର। ଜିଲା ଯୁବ କଂଗ୍ରେସ ଏହି ଦାବି କରିଛି। ଦଳର ଜିଲା ସଭାପତି ପ୍ରବୋଧ ଦାସଙ୍କ ନେତୃତ୍ୱରେ ଶନିବାର ଏଥିପାଇଁ ଆରଜିଏଚ୍ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଛି। ଏହି ଅବସରରେ ବିଭାଗୀୟ ଅଧିକାରୀଙ୍କ ଜରିଆରେ ସ୍ୱାସ୍ଥ୍ୟ ସଚିବଙ୍କ ଉଦ୍ଦେଶ୍ୟରେ ଏକ ଦାବି ପତ୍ର ମଧ୍ୟ ପ୍ରଦାନ କରାଯାଇଥିଲା। ଡାକ୍ତରଖାନାର ବିଭିନ୍ନ ସମସ୍ୟା ବିଷୟରେ ପ୍ରତିନିଧି ମଣ୍ଡଳୀଙ୍କ ସହ ଆଲୋଚନା କରିଥିଲେ ବିଭାଗୀୟ ନିର୍ଦ୍ଦେଶକ।

ଆରଜିଏଚ ଉପରେ ଚିକିତ୍ସା ପାଇଁ ନିର୍ଭର କରୁଥିବା ରୋଗୀଙ୍କ ସଂଖ୍ୟା ଦିନକୁ ଦିନ ବଢିବାରେ ଲାଗିଛି। ଏ କ୍ଷେତ୍ରରେ ଯାବତୀୟ ଅବ୍ୟବସ୍ଥା ଯୋଗୁ ଡାକ୍ତରଖାନାରେ ସମସ୍ୟା ଦ୍ୱିଗୁଣିତ ହେଲାଣି। ମଞ୍ଜୁରିପ୍ରାପ୍ତ ୧୨୮ ଶଯ୍ୟା ବିଶିଷ୍ଟ ଏହି ଡାକ୍ତରଖାନାରେ ସଂପ୍ରତି ଅର୍ନ୍ତବିଭାଗ ଉପରେ ପ୍ରାୟ ୩୦୦ରୁ ଅଧିକ ରୋଗୀ ନିର୍ଭର କରୁଛନ୍ତି। ବର୍ହି ବିଭାଗରେ ଦୈନିକ ୫୦୦ରୁ ଅଧିକ ରୋଗୀ ଚିକିତ୍ସିତ ହେଉଛନ୍ତି। ତେବେ ଡାକ୍ତରଖାନା ପାଇଁ ମଂଜୁରୀ ପ୍ରାପ୍ତ ୭୪ଜଣ ଡାକ୍ତର ଓ ବିଶେଷଜ୍ଞ ପଦବୀରୁ ପ୍ରାୟ ୩୭ଟି ପଦ ଖାଲି ପଡିଛି। ଏମତି ଅବସ୍ଥାରେ କିପରି ରୋଗୀଙ୍କୁ ଚିକିତ୍ସା କରାଯଉଛି ସେ ନେଇ କଂଗ୍ରେସ ପ୍ରତିନିଧି ମଣ୍ଡଳୀ ପ୍ରଶ୍ନ କରିଥିଲେ। ଶଯ୍ୟା ସଂଖ୍ୟା ତୁରନ୍ତ ୫୦୦କୁ ବୃଦ୍ଧି କରାଯାଇ ସେଇ ଅନୁପାତରେ ଡାକ୍ତର, କର୍ମଚାରୀ ନିଯୁକ୍ତି ଦାବି କରାଯାଇ ଥିଲା। ଖାଲି ପଡିଥିବା ସ୍ନାୟୁ ବିଶେଷଜ୍ଞ, ହୃଦ ରୋଗ ବିଶେଷଜ୍ଞ, ରଂଜନରଶ୍ମୀ ବିଶେଷଜ୍ଞ, ସୋନୋଲୋଜିଷ୍ଟ ପଦବୀ ସମେତ ସମସ୍ତ ଡାକ୍ତର ଓ ବିଶେଷଜ୍ଞ ପଦବୀ ଅବିଳମ୍ବେ ପୂରଣ କରାଯାଉ। ସିଟି ସ୍କାନ, ଏମ୍ଆରଆଇ, ଡାଏଲିସିସ, ଏଣ୍ଡୋସ୍କୋପି, ଅଲଟ୍ରା ସାଉଣ୍ଡ ସୁବିଧା ରୋଗୀମାନଙ୍କ ପାଇଁ ଉପଲବ୍ଧ କରାଯାଉ। ଗତ ୧୫ ଦିନ ହେଲା ଟାଇଫଏଡ୍ ସମେତ ଅନ୍ୟାନ୍ୟ ପରୀକ୍ଷା ଆବଶ୍ୟକୀୟ କେମିକାଲ ଅଭାବରୁ ହୋଇପାରୁ ନାହିଁ। ରୋଗୀମାନେ ଡାକ୍ତରଖାନା ବାହାରେ ପରୀକ୍ଷା କରି ଖର୍ଚ୍ଚାନ୍ତ ହେଉଛନ୍ତି। ତୁରନ୍ତ ଏ ଦିଗରେ ଧ୍ୟାନ ଦେବାକୁ କୁହାଯାଇଥିଲା। ପାଥୋଲୋଜି ପରୀକ୍ଷା ପାଇଁ ନିୟୋଜିତ ଘରୋଇ ସଂସ୍ଥା 'ନିଦାନ' ଦିନ ୧୨ଟା ବେଳକୁ ପରୀକ୍ଷଣ ବନ୍ଦ କରି ଦେଉଥିବାରୁ ୧୨ଟା ପରେ ଡାକ୍ତରଖାନାକୁ ଆସୁଥିବା ଗୁରୁତର ରୋଗୀଙ୍କୁ ପରଦିନ ପର୍ଯ୍ୟନ୍ତ ଅପେକ୍ଷା କରିବାକୁ ପଡୁଛି। ତେଣୁ ପାଥୋଲୋଜି ଲାବ୍ ୨୪ ଘଣ୍ଟା ଖୋଲା ରଖିବାକୁ ନିର୍ଦ୍ଦେଶ ଦିଆଯାଉ। ଏକ୍ସ-ରେ ସରକାରୀ ଡାକ୍ତରଖାନାରେ କରାଯାଉଥିବା ବେଳେ ଏହାର ରିପୋର୍ଟ ନେଇ ରେଡିଓଲୋଜିଷ୍ଟ ନ ଥିବାରୁ ଏକ ଘରୋଇ ସଂସ୍ଥା ଦ୍ୱାରା ମୁମ୍ବାଇରୁ ଏକ୍ସ-ରେ ରିପୋର୍ଟ ଉପଲବ୍ଧ କରାଯାଇ ଅଯଥା ଅର୍ଥ ବ୍ୟୟ କରାଯାଉଛି। ଫଳରେ ଜଣେ ରୋଗୀକୁ ରିପୋର୍ଟ ପାଇବା ପାଇଁ ଗୋଟିଏ ଦିନ ଅପେକ୍ଷା କରିବାକୁ ପଡୁଛି। ମହାପ୍ରୟାଣ ଯୋଜନାରେ ସରକାର ଏହି ଡାକ୍ତରଖାନାକୁ ଦୁଇଟି ଶବ ବାହକ ଗାଡି ଯୋଗାଇ ଦେଇଛନ୍ତି। ଆରଜିଏଚ୍ କର୍ତ୍ତୃପକ୍ଷ ସେଥିପାଇଁ ୨ଜଣ ଡ୍ରାଇଭର ନିଯୁକ୍ତ କରିଛନ୍ତି। ମାତ୍ର ଉକ୍ତ ଦୁଇ ଡ୍ରାଇଭରଙ୍କୁ ଦୀର୍ଘ ଦିନ ହେବ ଦରମା ମିଳିନି। ଏଣୁ ଶବ ବାହକ ଗାଡି ଅବ୍ୟବହୃତ ହୋଇ ଡାକ୍ତରଖାନା ପରିସରରେ ପଡି ରହିଛି। ଫଳରେ ଗରିବ ଶ୍ରେଣୀର ଲୋକେ ମୃତକଙ୍କ ପରିବହନ ପାଇଁ ଘରୋଇ ଆମ୍ବୁଲାନ୍ସ ଉପରେ ନିର୍ଭର କରି ଶୋଷିତ ହେଉଛନ୍ତି। ଡାକ୍ତରଖାନା ପରିସରରେ ରୋଗୀଙ୍କ ପରିବହନ ପାଇଁ ସରକାର ଦୁଇଟି ବ୍ୟାଟେରୀ ଚାଳିତ ଅଟୋରିକ୍ସା ଯୋଗାଇ ଦେଇଛନ୍ତି। ମାତ୍ର ଉକ୍ତ ଅଟୋରିକ୍ସା ଚାଳନା ପାଇଁ ଡ୍ରାଇଭର ଯୋଗାଇ ନ ଥିବାରୁ ଡାକ୍ତରଖାନା ପରିସରରେ ଉକ୍ତ ଦୁଇଟି ଯାକ ଯାନ ଅବ୍ୟବହୃତ ଅବସ୍ଥାରେ ପଡି ରହିଛି। ନାମକୁ ମାତ୍ର ଟ୍ରମା ସେଣ୍ଟର, ବର୍ଣ୍ଣ ସେଣ୍ଟର ଖୋଲାଯାଇଥିବା ବେଳେ ଏହାର ଉପଯୁକ୍ତ ପରିଚାଳନା ହେଉନାହିଁ। ତେଣୁ ଆବଶ୍ୟକୀୟ ଡାକ୍ତର, ବିଶେଷଜ୍ଞ ଓ କର୍ମଚାରୀ ଯୋଗାଇ ଦିଆଯାଇ ଉକ୍ତ ହସ୍ପିଟାଲକୁ କାର୍ଯ୍ୟକ୍ଷମ କରାଯାଉ। ଆଟେଣ୍ଡାଣ୍ଟ ଭାବେ କାର୍ଯ୍ୟରତ ୪୨ ଜଣ କର୍ମଚାରୀଙ୍କୁ ସମସ୍ୟା ସମାଧାନ କରାଯାଉ। ଦାବି ଯଥା ଶୀଘ୍ର ପୂରଣ କରା ନ ଗଲେ ସରକାରୀ ଦଳର ମନ୍ତ୍ରୀ ଓ ପଦପଦବୀରେ ଥିବା ଅଧିକାରୀଙ୍କୁ ଡାକ୍ତରଖାନାରେ ଆମେ ପୂରାଇ ଦେବୁ ନାହିଁ। ଏଥିପାଇଁ ଯେଉଁ ଅଭାବନୀୟ ପରିସ୍ଥିତି ସୃଷ୍ଟି ହେବ ସେଥିପାଇଁ ସରକାର ଓ ପ୍ରଶାସନ ଦାୟୀ ରହିବେ ବୋଲି ପ୍ରତିନିଧି ମଣ୍ଡଳୀ ପକ୍ଷରୁ କୁହାଯାଇଥିଲା। ଏଥିରେ ବୀରମିତ୍ରପୁର ପୂର୍ବତନ ବିଧାୟକ ଜର୍ଜ ତିର୍କୀ, ପୂର୍ବତନ ଜିଲା କଂଗ୍ରେସ ସଭାପତି ଶ୍ରୀ ବୀରେନ ସେନାପତି, ଯୁବନେତା ରୋହିତ ଯୋଶେଫ ତିର୍କୀ, ପ୍ରଶାନ୍ତ ସେଠୀ, ମହିଳା କଂଗ୍ରେସ କାର୍ଯ୍ୟକାରୀ ସଭାପତି ନିରୁପମା ବଳିଆରସିଂହ, ଛାତ୍ର କଂଗ୍ରେସ ରାଜ୍ୟ ସଂଯୋଜକ ଶ୍ରୀ ଶିବୁ ଦୀପ, ଯୁବ କଂଗ୍ରେସ ଉପସଭାପତି ଶ୍ରୀ ପ୍ରଶନ୍ନ ବଳିଆରସିଂହ, ଜ୍ଞାନ ରଂଜନ ଦାସ, ସୁନ୍ଦରଗଡ ଛାତ୍ର ସଂଯୋଜକ ସୂର୍ଯ୍ୟକାନ୍ତ ବାରିକ, ପଛୁଆ ବର୍ଗ ସଭାପତି ଶ୍ରୀ କୈଳାସ ଚନ୍ଦ୍ର ସାହୁ, ପିସିସି ସଭ୍ୟ ସନ୍ତୋଷ ବିଶ୍ୱାଳ, ଚିତ ରଂଜନ ମହାନ୍ତି, ନିହାର ଦାସ, ବିଶ୍ୱରଂଜନ ରାଉତ, ସାକିର ରାଜା, ଏମ୍ଏସ୍ ଭୋଇନା ପ୍ରମୁଖ ଶତାଧିକ କର୍ମୀ ଉପସ୍ଥିତ ଥିଲେ।



ଆରଜିଏଚ୍ ସମ୍ମୁଖରେ କଂଗ୍ରେସ କର୍ମକର୍ତ୍ତା ବିକ୍ଷୋଭ ପ୍ରଦର୍ଶନ କରୁଛନ୍ତି।

### ମାରପିଟ ଘଟଣାରେ ୫ ଗିରଫ

ଲଖନପୁର,୧୭।୮(ଡି.ଏନ୍.ଏ.)

ଶୁକ୍ରବାର ବନ୍ଧବାହାଲରେ ଦୁର୍ବୃତ୍ତଙ୍କ ଆକ୍ରମଣରେ ସ୍ଥାନୀୟ ଅଞ୍ଚଳର ୬ଜଣ ଯୁବକ ଆହତ ହୋଇଥିଲେ। ଉଭୟ ପକ୍ଷରୁ ଅଭିଯୋଗ ପରେ ବନହରପାଲି ଥାନା ପୋଲିସ ୨ଟି ମାମଲା (ନଂ.୯୮/୧୯ ଓ ୯୯/୧୯) ରୁଜୁ କରି ତଦନ୍ତ ଚଳାଇଥିଲା। ଶନିବାର ପୋଲିସ ୫ ଅଭିଯୁକ୍ତଙ୍କୁ ଗିରଫ କରି କୋର୍ଟଚାଲଣ କରିଛି। ସେମାନେ ହେଲେ ମହମ୍ମଦ ଇଦ୍ରିଶ୍, ମହମ୍ମଦ ଜଲିଲ୍, ମହମ୍ମଦ ସାହାଜାଦ୍, ମହମ୍ମଦ ଜମାଲ ଓ ମନୋଜ ବାରିକ। ମୁଖ୍ୟ ଅଭିଯୁକ୍ତ ମହମ୍ମଦ କମାଲ ଫେରାର ଅଛନ୍ତି। ତାଙ୍କୁ ଶୀଘ୍ର ଗିରଫ କରାଯିବ ବୋଲି ଆଇଆଇସି ପ୍ରଶାନ୍ତ ମେହେର କହିଛନ୍ତି। ବନ୍ଧବାହାଲର କେତେଜଣ ଅସାମାଜିକ ଯୁବକ ସଂଘବଦ୍ଧ ଭାବେ ସ୍ଥାନୀୟ ଯୁବକମାନଙ୍କୁ ଆକ୍ରମଣ କରିଥିଲେ। ଏ ନେଇ ପ୍ରବଳ ଉତ୍ତେଜନା ଦେଖାଦେଇଥିଲା। ଅଭିଯୁକ୍ତଙ୍କୁ ଗିରଫ ଦାବିରେ ଲୋକେ ଫାଣ୍ଡି ଘେରାଉ ସହ ରାସ୍ତା ଅବରୋଧ କରିଥିଲେ। ଅଞ୍ଚଳରେ ବାରମ୍ବାର ଆଇନଶୃଙ୍ଖଳା ପରିସ୍ଥିତି ସୃଷ୍ଟି କରୁଥିବା ବ୍ୟକ୍ତିମାନଙ୍କୁ ତୁରନ୍ତ ହଟାଇବା ପାଇଁ ଆନ୍ଦୋଳକାରୀ ଦାବି କରିଥିଲେ। ସମ୍ପୃକ୍ତ ବ୍ୟକ୍ତିମାନଙ୍କୁ ମାସକ ମଧ୍ୟରେ ବନ୍ଧବାହାଲରୁ ହଟାଇବା ପାଇଁ ପ୍ରଶାସନ ପକ୍ଷରୁ ଲିଖିତ ପ୍ରତିଶ୍ରୁତି ମିଳିବା ପରେ ଆନ୍ଦୋଳନ ପ୍ରତ୍ୟାହୃତ ହୋଇଥିଲା। ଏବେ ସମ୍ପୃକ୍ତ ପରିବାରକୁ ହଟାଇବା ପାଇଁ ପ୍ରଶାସନିକ ପ୍ରକ୍ରିୟା ଆରମ୍ଭ ହୋଇଛି।

## ବାସହୀନ କରିଦେଇଛି ବର୍ଷା

ବାମରା,୧୭।୮ (ସ୍ୱ.ପ୍ର.)

ସମ୍ବଲପୁର ଜିଲା ବାମରା ଗୋବିନ୍ଦପୁର ମଝୀପଡାର ବିନୋଦିନୀ ପ୍ରଧାନଙ୍କ ଘର ବର୍ଷାରେ ସଂପୂର୍ଣ୍ଣ ଭାଙ୍ଗି ଯାଇଛି। ଏବେ ସେ ସମ୍ପର୍କୀୟଙ୍କ ଘରେ ଆଶ୍ରୟ ନେଇଛନ୍ତି। ରୋଜଗାର ନାହିଁ । ଘର ତିଆରି ତାଙ୍କ ପାଇଁ ଅସମ୍ଭବ ହୋଇପଡିଛି। ସେହିପରି ଗଣେଶନଗରରେ ରହୁଥିବା ୬୫ ବର୍ଷିୟା ସ୍ନେହଲତା ସେଠଙ୍କ ଘର ମଧ୍ୟ ଭାଙ୍ଗି ଯାଇଛି। ସେ ଆଉ ତାଙ୍କ ଏକମାତ୍ର ଝିଅ ବିପଦ ସଂକୁଳ ଘରେ ରହୁଛନ୍ତି । ଏ ନେଇ ବାମରା ବିଡିଓ ସୁଶୀଲ କୁଜୁରଙ୍କୁ କହିଛନ୍ତି ଯେ, ତଦନ୍ତ ପରେ ପଦକ୍ଷେପ ଗ୍ରହଣ କରାଯିବ। ଅନ୍ୟପକ୍ଷରେ ଷ୍ଟେସନ ବସ୍ତିର ସୁଲୋଚନା ନାଏକଙ୍କ ଘର ମାସେ ହେବ ବର୍ଷାରେ ଭାଙ୍ଗି ଯାଇଛି। ସରକାରୀ ଯୋଜନାରୁ ଘର ଖଣ୍ଡେ ପାଇବାକୁ ସେ ସରକାରୀ କାର୍ଯ୍ୟାଳୟକୁ ଦୌଡି ଦୌଡି ନୟାନ୍ତ ହୋଇପଡିଲେଣି।


ବାମରାରେ ବର୍ଷା ଯୋଗୁ ଜଣେ ମହିଳାଙ୍କ ଘର ଭାଙ୍ଗି ଯାଇଛି।

## ସଚେତନ ନାଗରିକ ମଞ୍ଚର ପ୍ରସ୍ତୁତି ବୈଠକ

ରାଉରକେଲା ଅଫିସ,୧୭।୮

ସହରର ଅନ୍ୟତମ ଅଗ୍ରଣୀ ଅନୁଷ୍ଠାନ ସଚେତନ ନାଗରିକ ମଞ୍ଚ ପକ୍ଷରୁ ଏହାର ୫ମ ବାର୍ଷିକ ଅଧିବେଶନ ନେଇ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଆସନ୍ତା ସେପ୍ଟେମ୍ବର ମାସର ପ୍ରଥମ ସପ୍ତାହରେ ଏହା ପାଳନ କରାଯିବ। ଏ ନେଇ ସେକ୍ଟର-୫ଠାରେ ଥିବା ଶ୍ରୀଗୁଣ୍ଡିଚା ମନ୍ଦିର ପରିସରରେ ମଞ୍ଚର ସଭାପତି ଡ. ଭାବଗ୍ରାହୀ ମହାପାତ୍ରଙ୍କ ଅଧ୍ୟକ୍ଷତାରେ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଥିଲା। ମଞ୍ଚର ସାଧାରଣ ସମ୍ପାଦକ ପି.ପି. ରାୟ ଅଧିବେଶନ ଆୟୋଜନ ସମ୍ବନ୍ଧରେ ଆଲୋଚନା କରିଥିଲେ। ସତ୍ୟପ୍ରିୟ ମହାନ୍ତି, ନିତ୍ୟାନନ୍ଦ ସେନଗୁପ୍ତ, ଶୈଳେନ୍ଦ୍ର ମହାନ୍ତି, ଜଟାଧାରୀ ମାଝି, ଚିତରଞ୍ଜନ ଦାଶ, ରଞ୍ଜନ ଲେଙ୍କା, ରାଜ କିଶୋର ମିଶ୍ର, ଅମୂଲ୍ୟ ବରାଳ, ଡ. ବସନ୍ତ ଦାସ, ଭରତ ଚନ୍ଦ୍ର ଦାସ, ରମେଶ ମହାନ୍ତି, ଜ୍ଞାନରଞ୍ଜନ ମିଶ୍ର, ବିଶ୍ୱନାଥ ଜେନା, ଉପେନ୍ଦ୍ର ନାୟକ, ସୁରେଶ ଗୁପ୍ତା, ହରିହର ବେହେରା, ଗୁରୁଚରଣ ଦାସ, ମାୟାଧର ଦାସ, କାଳନ୍ଦି ଚରଣ ବାରିକ, ଶ୍ରୀମନ୍ତ କୁମାର ବର୍ମା, ପାର୍ଥସାରଥି ମହାପାତ୍ର ପ୍ରମୁଖ ଉପସ୍ଥିତ ଥିଲେ।


ବୈଠକରେ ଉପସ୍ଥିତ ତାଳଚେର-ବିମଳାଗଡ ରେଳପଥ ସଂଗ୍ରାମ ସମିତିର କର୍ମକର୍ତ୍ତା।

### ତାଳଚେର-ବିମଳାଗଡ଼ ରେଳପଥ ଦାବି ନେଇ
## ୨୦ରେ ସଭା, ଶୋଭାଯାତ୍ରା, ଧାରଣା

ରାଉରକେଲା ଅଫିସ,୧୭।୮

ତାଳଚେର-ବିମଳାଗଡ ରେଳପଥ ସଂଗ୍ରାମ ସମିତିର କାର୍ଯ୍ୟକାରୀ କମିଟି ବୈଠକ ଶୁକ୍ରବାର ସନ୍ଧ୍ୟାରେ ଅନୁଷ୍ଠିତ ହୋଇ ଯାଇଛି। ଏଥିରେ ଅଦ୍ୱୈତ ପ୍ରସାଦ ବିଶ୍ୱାଳ ସଭାପତିତ୍ୱ କରିଥିଲେ। ରାଉରକେଲା ପ୍ରେସ କ୍ଲବଠାରେ ଅନୁଷ୍ଠିତ ଏହି ବୈଠକରେ ଆନ୍ଦୋଳନର ସୁବର୍ଣ୍ଣ ଜୟନ୍ତୀ ଉତ୍ସବ ପାଳନ ସଂକ୍ରାନ୍ତରେ ଆଲୋଚନା କରାଯାଇ ଥିଲା। ଏହି ଦିବସ ଉପଲକ୍ଷେ ଅଗଷ୍ଟ ୨୦ ତାରିଖ ସକାଳ ୯ଟାରୁ ଏକ ଶୋଭାଯାତ୍ରା ବିଗ୍ରା ଛକରୁ ବାହାରି ରେଳ ଷ୍ଟେଶନ ପର୍ଯ୍ୟନ୍ତ ଆସିବ। ସେଠାରେ ଏକ ସଭା ଅନୁଷ୍ଠିତ ହେବା ପରେ ଧାରଣା ଦିଆଯିବ। ଏହି ଅବସରରେ ଚକ୍ରଧରପୁର ରେଳ ଡିଭିଜନ ସିନିୟର ଡିଆରଏମ୍ଙ୍କୁ ଏକ ସ୍ମାରକପତ୍ର ପ୍ରଦାନ କରାଯିବ। କେନ୍ଦ୍ର ରେଳମନ୍ତ୍ରୀଙ୍କ ନିକଟକୁ ଏହି ଦାବି ପତ୍ର ପ୍ରେରଣ କରାଯିବ। ତାଳଚେର-ବିମଳାଗଡ ରେଳପଥ ପାଇଁ ଆବଶ୍ୟକୀୟ ଜଙ୍ଗଲ ଜମି ମିଳି ସାରିଛି। ଖୁବ ଶୀଘ୍ର ସରକାରୀ ଜମି ମିଳିବାକୁ ଯାଉଛି। ଏହି ରେଳପଥ ନିର୍ମାଣ ଶୀଘ୍ର ସାରିବାକୁ ଅଧିକ ପାଣ୍ଠି ଯୋଗାଇ ଦେବାକୁ ସଂଗ୍ରାମ ସମିତି ଦାବି କରିବ। ସମିତିର କାର୍ଯ୍ୟକାରୀ କମିଟି ନିଷ୍ପତ୍ତି କ୍ରମେ ଏନେଇ ସାମୂହିକ ପ୍ରତିବାଦ କରାଯିବ। ଆନ୍ଦୋଳନର ସୁବର୍ଣ୍ଣ ଜୟନ୍ତୀ ଅବସରରେ ସମାନ ସମୟରେ ବିମଳାଗଡଠାରେ ମଧ୍ୟ ଅନୁରୂପ ସଭା, ଶୋଭାଯାତ୍ରା, ବିକ୍ଷୋଭ ପ୍ରଦର୍ଶନ ସହ ଧାରଣା ଦିଆଯିବ। ସେଠାରେ ଏହାର ନେତୃତ୍ୱ ନେବେ ବିଧାୟକ ଲକ୍ଷ୍ମଣ ମୁଣ୍ଡା ଓ ପ୍ରମୋଦ ସାମଲ। ୫୦ ବର୍ଷ ପୂର୍ବେ ଛାତ୍ରମାନେ ରାଜ୍ୟର ହିତ ପାଇଁ ଏହି ଆନ୍ଦୋଳନ କରିଥିଲେ। ଏହା ଦ୍ୱାରା ସମସ୍ତ ସ୍କୁଲ, କଲେଜ ଛାତ୍ରୀଛାତ୍ର ଆନ୍ଦୋଳନକୁ ଦୃଢ ସମର୍ଥନ କରିଥିଲେ। ଆଗାମି ଅଗଷ୍ଟ ୨୦ ଆନ୍ଦୋଳନରେ ସର୍ବାଧିକ ଛାତ୍ରୀଛାତ୍ର ଏଥିରେ ଯୋଗ ଦେଇ ଆନ୍ଦୋଳନକୁ ସଫଳ କରିବାକୁ ଅନୁରୋଧ କରାଯାଇଛି। ଦଳମତ ନିର୍ବିଶେଷରେ ସମସ୍ତ ଶ୍ରମିକ ସଂଗଠନ, ରାଜନୈତିକ ଦଳ, ବୁଦ୍ଧିଜୀବୀ ତଥା ସହରବାସୀଙ୍କୁ ଏହି ଆନ୍ଦୋଳନରେ ସାମିଲ ହେବାକୁ ଆହ୍ୱାନ ଦିଆଯାଇଛି। ଏହି ସଭା, ଶୋଭାଯାତ୍ରା ଓ ଧାରଣା ଶାନ୍ତିପୂର୍ଣ୍ଣ ଭାବେ କରାଯିବ। ଜନସାଧାରଣଙ୍କୁ ଅସୁବିଧାରେ ନ ପକାଇବାକୁ ସଂଗଠନ ପକ୍ଷରୁ କୁହାଯାଇଛି । ସେଥିପାଇଁ ଟ୍ରେନ ଚଳାଚଳରେ କୌଣସି ବାଧା ଦିଆଯିବ ନାହିଁ। ଶୋଭାଯାତ୍ରା ସମୟରେ ଭିଡ ହେବାର ସମ୍ଭାବନା ଥିବାରୁ ତିନି ଚକିଆ ଓ ଚାରି ଚକିଆ ଯାନରେ ଯାଉଥିବା ଯାତ୍ରୀ ଓ ତାଙ୍କର ସହଯୋଗୀ ଷ୍ଟେଶନର ଉତ୍ତର ଗେଟ୍ ବାଟେ ଯାଥାୟତ କରିବାକୁ ଅନୁରୋଧ କରାଯାଇଛି। ଷ୍ଟେଶନ ମୁଖ୍ୟ ଦ୍ୱାର ନିକଟରେ ଥିବା ଟିକେଟ କାଉଣ୍ଟରରୁ ଟିକେଟ କାଟିବାକୁ ରାସ୍ତା ଛଡା ଯିବ। ୧ନମ୍ବର ପ୍ଲାଟଫର୍ମକୁ ଆନ୍ଦୋଳନକାରୀ ଯିବେ ନାହିଁ। ତଥାପି ଟ୍ରେନ ଛାଡିବାର ବହୁ ପୂର୍ବରୁ ଆସି ଷ୍ଟେଶନରେ ଅପେକ୍ଷା କରିବାକୁ ଜନସାଧାରଣଙ୍କୁ ଅନୁରୋଧ କରାଯାଇଛି। ଏହି ସଭାରେ ବିଷ୍ଣୁ ମହାନ୍ତି, ହରିହର ରାଉତରାୟ, ରମେଶ ବଳ, ବିମଳ ବିଶି, ସୁଧୀର ସୁନ୍ଦରରାୟ, ପ୍ରଭାତ ମହାପାତ୍ର, ବୀରେନ ସେନାପତି, ଗୋପୀନାଥ ପଟ୍ଟନାୟକ, ଶଶଧର ନନ୍ଦ, ଛବି ମହାନ୍ତି, ପ୍ରଭାତ ମିଶ୍ର, ବିମାନ ମାଇତି, ରାମପ୍ରସାଦ ସାହୁ, ରାଜ କିଶୋର ମାନସିଂହ, ଶ୍ରୀମନ୍ତ ବେହେରା, କେସି ନାୟକ, ବସନ୍ତ ମିଶ୍ର, ସରୋଜ କୁମାର ମହାନ୍ତି, ଜାହାଙ୍ଗିର ଅଲ୍ଲୀ ଓ ଭବାନୀ କବି ପ୍ରମୁଖ ଯୋଗ ଦେଇ ଆଲୋଚନା କରିଥିଲେ।

CLASSIFIED DISPLAY

ALL EDITION - B/W (Everyday)

| TARIFF: MORE SPACE • SAME PRICE | For Single Day | | For 7 Days | | For 15 Days | | For 30 days | |
|---|---|---|---|---|---|---|---|---|
| Size | 6 x 4 | 12 x 4 | 6 x 4 | 12 x 4 | 6 x 4 | 12 x 4 | 6 x 4 | 12 x 4 |
| Price | 1,500.00 | 2,000.00 | 6,000.00 | 12,000.00 | 12,000.00 | 25,000.00 | 20,000.00 | 40,000.00 |

GST 5%

for Booking Contact:
0674-2580385, 7894447148, 7894447131, 9337021532, 7894447167, 7894447165

HEALTH CARE

AT PURI AT PURI AT PURI
ପୁରାତନ ରୋଗର ସର୍ବୋତ୍ତମ ଆୟୁର୍ବେଦ ଚିକିତ୍ସା
Advise & Treatment by Specialized Ayurvedic Doctors only
ର୍ୟୁମାଟଏଡ୍ ଆର୍ଥାଇଟିସ୍,ଓଷ୍ଟିଓ ଆର୍ଥାଇଟିସ୍,ପାରାଲିସିସ୍,ସିଆଟିକା, ଅଣ୍ଟାବ୍ୟଥା,ଆଣ୍ଠୁବ୍ୟଥା,ଫ୍ରୋଜନ୍ ସୋଲ୍ଡର,ସ୍ପଣ୍ଡିଲୋସିସ୍,ମାଇଗ୍ରେନ୍, ସୋରିଆସିସ୍,ମୁଖ ବ୍ରଣ, ଆଦି ରୋଗର ପରାମର୍ଶ ଓ ଉତ୍ତମ ଚିକିତ୍ସା ଉପଲବ୍ଧ ।
SAMBHAV AYURVED
Bus Stand Outgate, Puri
Phone & Whats App - 7735921512 / 9439349129 ,Timing - 9 am to 8 pm

FINANCE

ନୂଆ ଯୋଜନା ଅଧୀନରେ ଭାରତର ନଂ.1 କମ୍ପାନୀ
1988ଠାରୁ ଆପଣଙ୍କ ସେବାରେ
DHANLAXMI FINANCE PVT. LTD. ସବୁ ବ୍ୟାଙ୍କ ଦ୍ୱାରା
ଆଧାରକାର୍ଡ, ଏଗ୍ରିକଲ୍ଚର, ମାର୍କଶିଟ୍, ପର୍ସନାଲ, ପ୍ରପର୍ଟି BPL ଋଣ ମାତ୍ର 24 ଘଣ୍ଟାରେ
2% ସୁଧ 40% ରିହାତି
ଠକାମିର ଶିକାର ବ୍ୟକ୍ତି ଥରେ ନିଶ୍ଚୟ କଲ୍ କରନ୍ତୁ
ମହିଳା ଓ ବିଦ୍ୟାର୍ଥୀଙ୍କ ପାଇଁ ରିହାତି
କାମ ଆମର, ବିଶ୍ୱାସ ଆପଣଙ୍କର
9499135756
H.No. 10, Mandi Road, Bathinda, Punjab

ଋଣ ଧମାକା
ଆଧାର କାର୍ଡରେ ଋଣ ପାଆନ୍ତୁ
1 ଲକ୍ଷରୁ 25 ଲକ୍ଷ ପର୍ଯ୍ୟନ୍ତ
ସୁଧ 1% ପର୍ଯ୍ୟନ୍ତ, 50% ପର୍ଯ୍ୟନ୍ତ ଛାଡ଼
ସମୂହ ଋଣ, ପର୍ସନାଲ, କୁକୁଡ଼ା ପାଳନ ଋଣ
Contact No.
7491845997
7079574972
New Ashok Nagar, East Delhi, Delhi
www.toofanfinance.in

ଇଣ୍ଡସ୍ ଫାଇନାନ୍ସ ଲିଃ
କମ୍ପାନୀ ଋଣ ଉପଲବ୍ଧ କରାଉଛି
ଏଥିରେ ଆପଣଙ୍କୁ ପର୍ସନାଲ ଋଣ, ବ୍ୟବସାୟ ଋଣ, ସାଲାରୀ ସ୍ଲିପ୍ ଋଣ ମାତ୍ର 2% ସୁଧରେ ମିଳିପାରିବ।
ମହିଳାଙ୍କ ପାଇଁ
50% ରିହାତି
9911417764
9911417461
BISWANATHPUR, BALARAMAPUR, BALESWAR, ODISHA - 756024

Dhanalaxmi Finance
Regd. No.-U6519TNI98PLC00855
ମାର୍କଶିଟ, ପ୍ରପର୍ଟି ପର୍ସନାଲ, ପଶୁପାଳନ, ମାଛଚାଷ, ରାଶନ କାର୍ଡ ଏବଂ ସବୁପ୍ରକାରର ଲୋନ୍ ଘରେ ବସି ପାଆନ୍ତୁ 3 ରୁ 4 ଦିନରେ, 2% ସୁଧ, 40% ଛାଡ଼, ମହିଳା ଏବଂ ବିଦ୍ୟାର୍ଥୀମାନଙ୍କ ପାଇଁ ବିଶେଷ ଛାଡ଼।
HELPLINE
8859690149

LOAN ଧମାକା
ଟଙ୍କା ଦରକାର, ଆମକୁ କୁହନ୍ତୁ
ପ୍ରଧାନମନ୍ତ୍ରୀ ଜନଧନ ଯୋଜନା ଦ୍ୱାରା
1 ଲକ୍ଷରୁ 1 କୋଟି ପର୍ଯ୍ୟନ୍ତ
ମାର୍କଶିଟ୍ | ପ୍ରପର୍ଟି
ଆଧାରକାର୍ଡ | ପର୍ସନାଲ
ପଶୁପାଳନ | ଗୃହ ଋଣ
ବ୍ୟବସାୟ | ଗ୍ରୁପ ଋଣ
ଏଗ୍ରିକଲ୍ଚର ଋଣ
ସବୁ ପ୍ରକାର ଋଣ
24 ଘଣ୍ଟାରେ ଘରେ ବସି ଉପଲବ୍ଧ
2% ସୁଧ - 40% ରିହାତି
ଠକମାନଙ୍କ ପ୍ରତି ସାବଧାନ
ସତ୍ୟମ ଫାଇନାନ୍ସ
72910-60977
72910-46520
H.No-798, Block H, Jaitpur Extn Part-2, Badarpur, South Delhi

!! ଋଣ ଋଣ ଋଣ !!
1ରୁ 50 ଲକ୍ଷ ପର୍ଯ୍ୟନ୍ତ
ଗୃହ ଋଣ, ମାର୍କଶିଟ୍, ପର୍ସନାଲ୍, ବ୍ୟବସାୟ, କୃଷି, ପ୍ରପର୍ଟି, କୁକୁଡ଼ା ପାଳନ, ଇଟାଭାଟି, ଆଧାରକାର୍ଡ, ରାଶନକାର୍ଡ, ସମୂହ ଋଣ
ବେରୋଜଗାର ମହିଳାଙ୍କ ପାଇଁ ବିଶେଷ ରିହାତି
1% ସୁଧ 50% ରିହାତି
!! ରିଦ୍ଧି ଫାଇନାନ୍ସ !!
E-mail : - ridhifinanceonlinem.p@gmail.com
7052572586
Add : - 41/14, Sec-1 Pushp Vihar, Delhi

ଲୋନ! ଲୋନ! ଲୋନ
୧ ରୁ ୫୦ ଲକ୍ଷ୍ୟ ଲୋନ
LAXMI NARAYAN FINANCE
ଗୃହଋଣ, ମାର୍କସିଟ ପର୍ସନାଲ, ବିଜନେସ୍, କୃଷି, ବ୍ୟବସାୟ, ସମ୍ପତି, କୁକୁଡାପାଳନ, ଇଟାଭାଟି, ଆଧାର କାର୍ଡ, ରାସନ କାର୍ଡ, ଆଦି ସମସ୍ତ ଋଣ
ବେରୋଜଗାର ଓ ମହିଳାଙ୍କୁ ବିଶେଷ ଛାଡ
୧% ସୁଧ ୫୦% ରିହାତି
88102-23468
laxminarayanfinancemp@gmail.com
82871-99144
Pandey bhawan hinoo ranchi

DHARITRI
Career appointment Every Wednesday and Saturday

ASTROLOGY

ଅଲ୍ ଇଣ୍ଡିଆ ଖୋଲା ଚ୍ୟାଲେଞ୍ଜ
2 ଘଣ୍ଟାରେ 100% ଗ୍ୟାରେଣ୍ଟିଡ୍ ସମାଧାନ
ତାନ୍ତ୍ରିକ ମାଷ୍ଟର କିଙ୍ଗ୍ ଖାନ୍ଙ୍କ ଖୋଲା ଘୋଷଣା
ବ୍ୟବସାୟ, ପ୍ରେମରେ ସମସ୍ୟା ଓ ଶତ୍ରୁ ମୁକ୍ତି, ଗୃହକ୍ଲେଶ ଓ ସ୍ୱାମୀ-ସ୍ତ୍ରୀଙ୍କ ଝଗଡ଼ା, ପ୍ରେମବିବାହ, ପ୍ରପର୍ଟି, କୋର୍ଟ କେସ୍, ଗୁପ୍ତରୋଗରେ ଔଷଧ କାମ ନ କରିବା, ପୁରୁଣା ପୀଡ଼ାରେ ଔଷଧ କାମ ନ କରିବା, ଯାଦୁ-ଟୋନା, ବଶୀକରଣ, ଗୁଣିଗାରେଡ଼ି, ବିବାହରେ ବାଧା, ମନପସନ୍ଦ ପ୍ରେମ।
A to Z ସମସ୍ୟାର ସମାଧାନ ଘରେ ବସି।
ସ୍ପେଶାଲିଷ୍ଟ ବଶୀକରଣ, ମୁଠକରଣୀ ଏବଂ କଳା ଯାଦୁ
ଆମେ କରିଥିବା କାମକୁ ଯଦି କୌଣସି ଜ୍ୟୋତିଷ, ପଣ୍ଡିତ କିମ୍ବା ମୌଲବୀ କାଟିଦିଅନ୍ତି ତେବେ ତାଙ୍କୁ ଦାବି ମୁତାବକ ପୁରସ୍କାର।
ବାବା ଆମିଲ ସୁଫି
9540938429
9903852257
ରାମ ମନ୍ଦିର, ସତ୍ୟନଗର, ଭୁବନେଶ୍ୱର

### ପାଠକଙ୍କ ପାଇଁ ସୂଚନା:

ଏହି ପୃଷ୍ଠାରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଇଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।



ସୁଖ ସମୟରେ ଭଗବାନଙ୍କୁ ସ୍ମରଣ କଲେ, ଦୁଃଖ କେବେ ମନୁଷ୍ୟ ପାଖକୁ ଆସେ ନାହିଁ। ଯଦିବା ଆସେ ତେବେ ସୁଖ ଦୁଃଖର ତଫାତ୍ ତାକୁ ଜଣାପଡ଼େ ନାହିଁ।
-ସନ୍ଥ କବୀର ଦାସ



## ସଂକ୍ଷେପରେ

### ଶ୍ୱଶୁର ଘରେ ଜ୍ୱାଇଁଙ୍କ ଉନ୍ମତ୍ତକାଣ୍ଡ

**ଲହୁଣୀପଡା, ୧୭।୮ (ଡି.ଏନ.ଏ):** ଲହୁଣୀପଡା ଥାନା ଅନ୍ତର୍ଗତ ହଳଦୀକୁଦର ପଞ୍ଚାୟତ ସାନଖଜୁରିନାଳୀ ଗ୍ରାମରେ ଶ୍ୱଶୁର ଘରେ ଜ୍ୱାଇଁ ଉନ୍ମତ୍ତକାଣ୍ଡ ଘଟାଇ କୋର୍ଟ ଚାଲାଣ ହୋଇଥିବା ଜଣାଯାଇଛି। ପ୍ରାପ୍ତସୂଚନା ଅନୁଯାୟୀ ସାନଖଜୁରୀ ନାଳି ଗ୍ରାମର ମାନସଏ ମୁଣ୍ଡାଙ୍କ ଝିଅକୁ ବଣାଇ ଥାନା ଅନ୍ତର୍ଗତ ଠାକୁରମା ଗ୍ରାମର ରଇବୁ ମୁଣ୍ଡା ବିବାହ କରିଥିଲେ। କୌଣସି କାରଣ ଯୋଗୁଁ ରଇବୁ ମୁଣ୍ଡାଙ୍କ ସ୍ତ୍ରୀ ନିଜ ବାପ ଘରକୁ ପଳାଇ ଆସିଥିଲେ। ରଇବୁ ମୁଣ୍ଡା ଶ୍ୱଶୁର ଘରକୁ ଆସି ନିଜ ସ୍ତ୍ରୀକୁ ମାଡ଼ ମାରିଥିଲେ। ଶ୍ୱଶୁର ମନସଏ ମୁଣ୍ଡା ବିରୋଧ କରିବାରୁ ତାଙ୍କୁ ମଧ ନିସ୍ତୁକ ମାଡ ମାରିଥିଲେ। ଫଳରେ ମନସଏ ଲହୁଣୀପଡା ଥାନାରେ ଅଭିଯୋଗ କରିବାରୁ ପୋଲିସ ଏକ ମାମଲା ରୁଜୁ କରି ରଇବଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି।

### ଜିଲ୍ଲାର ବିଭିନ୍ନ ସ୍ଥାନରେ ସ୍ୱାଧୀନତା ଦିବସ ସମାରୋହ

**ସୁନ୍ଦରଗଡ, ୧୭।୮ (ଡି.ଏନ୍.ଏ):** ୭୩ତମ ସ୍ୱାଧୀନତା ଦିବସ ସମାରୋହ ସୁନ୍ଦରଗଡର ବିଭିନ୍ନ ଅନୁଷ୍ଠାନ ପକ୍ଷରୁ ହର୍ଷ ଉଲ୍ଲାସ ମଧ୍ୟରେ ପାଳିତ ହୋଇଯାଇଛି। ଜିଲା କଂଗ୍ରେସ କାର୍ଯ୍ୟାଳୟରେ ତଳସରାର ପୂର୍ବତନ ବିଧାୟକ ଡା. ପ୍ରଫୁଲ୍ଲ କୁମାର ମାଝି ଜାତୀୟ ପତାକା ଉତ୍ତୋଳନ କରିଥିଲେ। ଜିଲା ସଭାପତି ବେଣୁମାଧବ ତ୍ରିପାଠୀଙ୍କ ତତ୍ତ୍ୱାବଧାନରେ ଆୟୋଜିତ ଏହି ସମାରୋହରେ ପ୍ରଦେଶ କଂଗ୍ରେସ କମିଟି ସାଧାରଣ ସମ୍ପାଦକ ରାଜ କିଶୋର ଷଡଙ୍ଗୀ, ସମ୍ପାଦକ ପ୍ରଫୁଲ୍ଲ ସୁନାନୀ, ଅଜିତ୍ ପ୍ରସାଦ, କାଳୀପଦ ସାମଲ ପ୍ରମୁଖ ଉପସ୍ଥିତ ଥିଲେ। ସୁନ୍ଦରଗଡ ସରକାରୀ ମହାବିଦ୍ୟାଳୟରେ ପ୍ରଥମ ଛାତ୍ର ସଂସଦର ସଭାପତି ତଥା ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ଶିବଶଙ୍କର ପୃଷେଠ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଜାତୀୟ ପତାକା ଉତ୍ତୋଳନ କରିଥିଲେ। ମହାବିଦ୍ୟାଳୟର ଅଧ୍ୟକ୍ଷ ଡ. କିଶୋର କୁମାର ଦାଶ ନିଶାମୁକ୍ତ ସଶକ୍ତ ଭାରତ ଯୁବଶକ୍ତି ଗଢ଼ି ପାରିବେ ବୋଲି ଆହ୍ୱାନ ଦେଇଥିଲେ। ଏହି ଅବସରରେ ଆୟୋଜିତ ପ୍ରତିଯୋଗିତାର କୃତୀ ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ କରାଯାଇଥିଲା। ମହାବିଦ୍ୟାଳୟର ଏନସିସି ଅଫିସର ଆର୍ଯ୍ୟବିଭାସ କୁମାରଙ୍କ ନେତୃତ୍ୱରେ ଏନସିସି ଛାତ୍ରମାନେ ପରେଡ ପ୍ରଦର୍ଶନ ସହ ବିଭିନ୍ନ କଳାକୌଶଳ ପ୍ରଦର୍ଶନ କରିଥିଲେ। ସ୍ଥାନୀୟ ଗୁରୁକୁଳ ବିଜ୍ଞାନ ମହାବିଦ୍ୟାଳୟରେ ପରିଚାଳନା କମିଟିର ସମ୍ପାଦକ ଗଣେଶ ଚନ୍ଦ୍ର ନାଏକ ଜାତୀୟ ପତାକା ଉତ୍ତୋଳନ କରିଥିଲେ।

# ଦୁଇ ଭୂତ କର୍ମଚାରୀଙ୍କ ନାମରେ ୫ଲକ୍ଷ ଟଙ୍କା

**ସାହାଜବାହାଲ ଲ୍ୟାମ୍ପସ**

**ବଡ଼ଗାଁ, ୧୭।୮ (ଡି.ଏନ.ଏ)**

ରାଜ୍ୟ ଓ କେନ୍ଦ୍ର ସରକାର ଅନେକ ଉନ୍ନତିମୂଳକ ଯୋଜନା ପ୍ରସ୍ତୁତ କରି କୃଷି ଓ କୃଷକଙ୍କ ବିକାଶ କରିବାକୁ ଉଦ୍ୟମ କରୁଛନ୍ତି। ସରକାର କୃଷକଙ୍କ ଉନ୍ନତି ପାଇଁ କୋଟି କୋଟି ଟଙ୍କା ଖର୍ଚ୍ଚ କରୁଥିବାବେଳେ କୃଷକଙ୍କୁ ନେଇ ଗଠିତ ସମବାୟ ସମିତି (ଲ୍ୟାମ୍ପସ)ର କର୍ମଚାରୀମାନେ କୃଷକଙ୍କ ଅର୍ଥକୁ ଯୋଜନାବଦ୍ଧ ଭାବେ ଆତ୍ମସାତ କରି କୃଷି ଓ କୃଷକଙ୍କୁ ଦେବାଳିଆ କରୁଥିବା ଭଳି ଘଟଣା ଦୃଷ୍ଟିକୁ ଆସିଛି। ସୁନ୍ଦରଗଡ ଜିଲା ବଡଗାଁ ବ୍ଲକ ଅନ୍ତର୍ଗତ ସାହାଜବାହାଲ ଗ୍ରାମସ୍ଥିତ ଲ୍ୟାମ୍ପସର ଏମଡିଙ୍କୁ ସୁନ୍ଦରଗଡ ଏଆର୍‌ସିଏସ୍‌ଙ୍କ ଚିଠି ନଂ. ୯୮୮ ତାରିଖ ୫/୮/୦୧୯ରେ ୮ଜଣ କର୍ମଚାରୀଙ୍କ ନାମରେ ୨୦୧୪-୧୫ ମସିହାରେ ୬ କୋଟିରୁ ଉର୍ଦ୍ଧ୍ୱ ଟଙ୍କା ରିକୋଭରୀ କରିବାକୁ ନିର୍ଦ୍ଦେଶ ହୋଇଛି। ତନ୍ମଧ୍ୟରୁ ୨ଜଣ କର୍ମଚାରୀ ଡି. ଦାନୀ ଏବଂ ବି. ପୃଷେଟଙ୍କ ନାମରେ ୫ଲକ୍ଷ ୩୭ ହଜାର ୮୯୩ ଟଙ୍କା ରିକୋଭରୀ କରିବାକୁ ଉଲ୍ଲେଖ କରାଯାଇଛି। ଏହି ୨ କର୍ମଚାରୀଙ୍କ ମଧ୍ୟରୁ ଡି. ଦାନୀ ଲ୍ୟାମ୍ପ ବିଏମ ଓ ବି. ପୃଷେଟଙ୍କୁ ପୂର୍ବତନ ଏମଡି (ଇନଚାର୍ଜ) ୨୦୧୪ ମସିହାରେ ଦାୟୀତ୍ୱରେ ଥିବା ଏବଂ ଡି. ଦାନୀ ୧ ଲକ୍ଷ ୧୪ ହଜାର ୭୬୯ ଟଙ୍କା, ବି. ପୃଷେଟ ୪ ଲକ୍ଷ ୨୩ ହଜାର ୧୨୪ ଟଙ୍କା ସମବାୟର କ୍ଷତି କରିଥିବା ଦର୍ଶାଯାଇଛି। ତେବେ ୮ଜଣ କର୍ମଚାରୀଙ୍କ ମଧ୍ୟରୁ ଡି. ଦାନୀ ଓ ବି. ପୃଷେଟ ନାମରେ କେହି ଲ୍ୟାମ୍ପରେ ଆଜି ପର୍ଯ୍ୟନ୍ତ ନିଯୁକ୍ତି ହୋଇ ନାହାନ୍ତି। ଲ୍ୟାମ୍ପର ଏମଡି ଦାୟୀତ୍ୱରେ ଥିବା ବେର୍ଣ୍ଣେଡ କେର୍କେଟାଙ୍କୁ ପଚାରିବାରେ ସେ ଏହି ନାଁରେ କେହି କର୍ମଚାରୀ ୨୦୧୪-୧୫ରୁ ଏବେ ପର୍ଯ୍ୟନ୍ତ ଓ ପୂର୍ବରୁ ମଧ ନଥିଲେ କହିଛନ୍ତି। ଲ୍ୟାମ୍ପ ସଭାପତି ମିତ୍ର କିଷାନ, ଡାଇରେକ୍ଟର ହୃଦାନନ୍ଦ ପ୍ରଧାନ, ବସନ୍ତ ସାହୁ, ଚନ୍ଦ୍ରଭାନୁ ପରୁଆ ପ୍ରମୁଖ ଆଉ କେତେକ ଡାଇରେକ୍ଟର ଡି ଦାନୀ, ବି. ପୃଷେଟ ନାମରେ କେହି କର୍ମଚାରୀ ଆଜି ପର୍ଯ୍ୟନ୍ତ ନିଯୁକ୍ତ ହୋଇନଥିବା କହିବା ସହ ଏହା କିପରି ହେଲା ଜାଣିନାହିଁ କହିଛନ୍ତି। କେତେକ ଡାଇରେକ୍ଟର ଏହାକୁ ନେଇ ସନ୍ଦେହ ପ୍ରକଟ କରିଛନ୍ତି। ଅଡିଟର ତାଙ୍କ ରିପୋର୍ଟରେ ୮ଜଣଙ୍କ ମଧ୍ୟରୁ ୨ଜଣ ଏମଡି ଚୁଡାମଣୀ ବେହେରା ଓ କୁମୁଦ ବେହେରା (ପୂର୍ବତନ ଏମଡି) ଲେଖିଥିଲା ବେଳେ ଅନ୍ୟମାନଙ୍କ ନାମ ଡି.ଏସ ସାଥୁଆ, ଡି. ସାଥୁଆ, ବି. ଦାନୀ (ବିଏମ), ଡି ଦାନୀ (ବିଏମ), ବି. କେର୍କେଟା (କ୍ୟାସିୟର) ଓ ପି. ପୃଷେଟ ଏମଡି (ଇନଚାର୍ଜ) ଲେଖିଛନ୍ତି। ଡିଏସ ସାଥୁଆଙ୍କ ପୁରା ନାମ ଦାରା ସିଂ ସାଥୁଆ ହୋଇଥିବାରୁ ଅନ୍ୟଜଣେ ଡି. ସାଥୁଆ କିଏ ଓ ବି. ଦାନୀଙ୍କ ପୁରା ନାମ ଭାବଗ୍ରାହୀ ଦାନୀ ହୋଇଥିବାରୁ ଡ଼ି. ଦାନୀ କିଏ ପ୍ରଶ୍ନ ଉଠୁଛି। ନିୟମାନୁଯାଇ ଅଡିଟର ଅଡିଟ କଳାପରେ ଯେଉଁ କର୍ମଚାରୀଙ୍କ ନାମରେ ରିକୋଭରୀ ହୁଏ,ତାଙ୍କୁ କିମ୍ବା ସଂସ୍ଥାର ମୁଖ୍ୟଙ୍କୁ ମେମୋ ଦେଇଥାନ୍ତି । ତେଣୁ ଏଠାରେ ଡି.ଦାନୀ ଓ ବି. ପୃଷେଟ ନ ଥିବାରୁ କାହାକୁ ଅଡିଟର ମେମୋ ଦେଲେ ସନ୍ଦେହ ସୃଷ୍ଟି କରୁଛି। ଲ୍ୟାମ୍ପରେ ବିଏମ ଦାୟୀତ୍ୱରେ ଡି. ଦାନୀ ଓ ଏମଡି ଦାୟୀତ୍ୱରେ ପି. ପୃଷେଟ ଯଦି ଥିଲେ ତାଙ୍କୁ କିଏ ମେମୋ ଦେଲା । ଏମାନେ ଯଦି ଲ୍ୟାମ୍ପର କର୍ମଚାରୀ ତାହେଲେ ତାର ପ୍ରମାଣ ଲ୍ୟାମ୍ପରେ ମିଳିପାରିବ। ଯଦି କର୍ମଚାରୀ ନୁହଁନ୍ତି ତାହେଲେ ଅଡିଟର କିମ୍ବା ବିଭାଗୀୟ କେହି କର୍ମଚାରୀ କିପରି ଜାଣି ପାରିଲେ ନାହିଁ ତାହା ସନ୍ଦେହ ଘେରକୁ ଆସୁଛି। ରିକୋଭରୀ ପାଇଁ ହୋଇଥିବା ଚିଠିରେ ଡିଏସ ସାଥୁଆଙ୍କ ନାମରେ ୪ ଲକ୍ଷ ୮୮ ହଜାର ୩୪୦ ଟଙ୍କା ଓ ଡି. ସାଥୁଆଙ୍କ ନାମରେ ୩୩ ହଜାର ୬୫ ଟଙ୍କା ୬୯ ପଇସା ରିକୋଭରୀ ନିର୍ଦ୍ଦେଶ ହୋଇଛି । ଡିଏସ ସାଥୁଆ ଓ ଡି. ସାଥୁଆ ଜଣେ ବ୍ୟକ୍ତି ତା ହେଲେ ଗୋଟିଏ ସ୍ଥାନରେ ଡିଏସ ଓ ଅନ୍ୟ ସ୍ଥାନରେ ଡି ଉଲ୍ଲେଖ କରିବାର ଆବଶ୍ୟକ କାହିଁକି ପଡିଲା ପ୍ରଶ୍ନ ଉଠୁଥିଲା ବେଳେ ଏଥିରୁ ଯୋଜନାବଦ୍ଧ ଷଡଯନ୍ତ୍ରର ଗନ୍ଧ ବାରିହେଉଛି। ୬କର୍ମଚାରୀ ଓ ୨ ଭୂତ କର୍ମଚାରୀଙ୍କ ମଧ୍ୟରୁ ଚୁଡାମଣୀ ବେହେରାଙ୍କ ନାମରେ ସର୍ବାଧିକ ୫୦ ଲକ୍ଷ ୧୨ ହଜାର ୨୭୮ ଟଙ୍କା ରିକୋଭରୀ ନିର୍ଦ୍ଦେଶ ହୋଇଛି। ସୂଚନାଯୋଗ୍ୟ ଯେ, ୨ ବର୍ଷ ପୂର୍ବେ ଏହି କର୍ମଚାରୀଙ୍କ ଘରେ ଆୟବହିଃଭୂତ ସମ୍ପତ୍ତି ଠୁଳ ଅଭିଯୋଗକ୍ରମେ ଭିଜିଲାନ୍ସ ଚଢ଼ାଉ ହୋଇଥିଲା । ଲ୍ୟାମ୍ପ ଏମଡି ଦାୟୀତ୍ୱରେ ଥିବା ବେର୍ଣ୍ଣେଡ କେର୍କେଟାଙ୍କୁ ପଚାରିବାରେ ସେ ଓ କୁମୁଦ ବନ୍ଧୁ ବେହେରାଙ୍କ ନାମରେ ହୋଇଥିବା ରିକୋଭରୀ ଅର୍ଥ ଉଭୟେ ଜମା କରିଦେଇଥିବା କହିଛନ୍ତି। କେତେକ ଡାଇରେକ୍ଟରଙ୍କଠାରୁ ପ୍ରକାଶ ଯେ, ଲ୍ୟାମ୍ପରେ ଆହୁରି ଅନେକ ଦୁର୍ନୀତି ହୋଇଛି ତଦନ୍ତ କଲେ ଧରାପଡ଼ିବ କହିବା ସହ ଏମଡି ସୋନି ନାଏକ ଦୁର୍ନୀତି ସମ୍ପର୍କରେ ଅଡିଟରଙ୍କୁ ସହଯୋଗ କରିଥିବାରୁ ତାଙ୍କୁ ଆକ୍ରୋଶମୂଳକ ଓ ବେନିୟମ ଭାବେ ବହିଷ୍କାର କରାଯାଇଥିବା କହିଛନ୍ତି । ଯାହାବି ହେଉନା କାହିଁକି, ସରକାରୀ ସ୍ତରରେ ଅଫିସର ରାଜକୁ ନିୟନ୍ତ୍ରଣ କରିବାରେ ସରକାର ବିଫଳ ହୋଇଥିବାରୁ ଜାଲିଆତି କରି ଶ୍ରମିକ, ଛାତ୍ରଙ୍କ ନାଁରେ ଟଙ୍କା, ଖାଦ୍ୟ ଉଠାଣ ଭଳି ନିର୍ଭୟରେ ଭୂତ କର୍ମଚାରୀ ଦେଖାଇ ଲକ୍ଷ ଲକ୍ଷ ଟଙ୍କା ଆତ୍ମସାତ କରିବା ରାଜ୍ୟ ସରକାରଙ୍କ ପାଇଁ ଏକ ପ୍ରକାର ଚେତାବନୀ ବୁଝିବାକୁ ପଡିବ। ଜିଲାପାଳ ଏହା ଉପରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଦାବି ହୋଇଥିଲା ବେଳେ ଭିଜିଲାନ୍ସ ତଦନ୍ତ କଲେ ଆହୁରି ଗୁମର ଫିଟିବ ବୋଲି ଆଲୋଚନା ହେଉଛି।



ଜିଲା ଯୋଜନା ବୋର୍ଡର ଅଧ୍ୟକ୍ଷ ଭାବେ ବିଧାୟକ ସାରଦା ପ୍ରସାଦ ନାୟକ ଦାୟିତ୍ୱ ଗ୍ରହଣ କରୁଛନ୍ତି।

## ଜିଲା ଯୋଜନା ବୋର୍ଡ ଅଧ୍ୟକ୍ଷ ଭାବେ ସାରଦାଙ୍କ ଦାୟିତ୍ୱ ଗ୍ରହଣ

**ସୁନ୍ଦରଗଡ଼, ୧୭।୮ (ଡି.ଏନ୍.ଏ)**

ଜିଲା ଯୋଜନା ବୋର୍ଡର ଅଧ୍ୟକ୍ଷ ଭାବେ ରାଉରକେଲା ବିଧାୟକ ସାରଦା ପ୍ରସାଦ ନାୟକ ଶୁକ୍ରବାର ଦାୟିତ୍ୱ ଗ୍ରହଣ କରିଛନ୍ତି। ଏହି ଅବସରରେ ଜିଲା ଯୋଜନା କମିଟି କାର୍ଯ୍ୟାଳୟକୁ ଯାଇ ନିଜ ଦାୟିତ୍ୱ ଗ୍ରହଣ କରିଥିଲେ। ଜିଲା ପରିଷଦ ଅଧ୍ୟକ୍ଷା ଏମା ଏକ୍କା, ବିନୟ ଟପ୍ପୋ, ଜିଲା ଯୋଜନା ଓ ସମନ୍ୱୟ ବିଭାଗ ଉପନିର୍ଦ୍ଦେଶକ ଶ୍ରୀକାନ୍ତ ଦଳାଇ, ଜିଲା ଯୋଜନା ଅଧିକାରୀ ରାମଚନ୍ଦ୍ର ନାଏକ, ଜିଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥାର ପ୍ରକଳ୍ପ ନିର୍ଦ୍ଦେଶକ ଭୈରବ ସିଂ ପଟେଲ ପ୍ରମୁଖ ସରକାରୀ ପଦାଧିକାରୀମାନେ ଉପସ୍ଥିତ ଥିଲେ। ଏଥିସହିତ ବିଜେଡିର ବରିଷ୍ଠ ନେତା ଜନ୍ମେଜୟ ମହାପାତ୍ର, ପୂର୍ବତନ ଜିଲା ପରିଷଦ ଅଧ୍ୟକ୍ଷ ପିତୃସ ଟପ୍ପୋ, ହରଜେନ୍ଦ୍ର ସିଂ, ସନ୍ତୋଷ ଅମାତ, ଗୋପ ମହାନ୍ତି, ସୁମନ୍ତ ପଣ୍ଡା, ବେଣୁଧର ତାଣ୍ଡିଆ, ସୁକାନ୍ତ ପତି, ଜୟନାରାୟଣ ତ୍ରିପାଠୀ, ଅଶୋକ ସ୍ୱାଇଁ, ବୈକୁଣ୍ଠ ନାଏକ, କୁଞ୍ଜଲତା ଭିତ୍ରିଆ, ହେମଗିର ବ୍ଲକ ଅଧ୍ୟକ୍ଷା ସୁଧାରାଣୀ ରାଉତିଆ, ଅଶ୍ୱିନୀ ନାଏକ ପ୍ରମୁଖ ବିଜେଡି ନେତୃବୃନ୍ଦ ଉପସ୍ଥିତ ଥିଲେ।

## ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରରେ ଜ୍ଞାନବିଜ୍ଞାନ ମେଳା

**ସୁନ୍ଦରଗଡ଼, ୧୭।୮(ଡି.ଏନ୍.ଏ)**

ସ୍ଥାନୀୟ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରରେ ଶନିବାର ଜ୍ଞାନବିଜ୍ଞାନ ମେଳା ଅନୁଷ୍ଠିତ ହୋଇଯାଇଛି। ଏହି ମେଳାରେ ପ୍ରଥମରୁ ଦଶମ ଶ୍ରେଣୀ ଛାତ୍ରୀଛାତ୍ରଙ୍କର ୧୫୦ଟି ଷ୍ଟଲ ପ୍ରଦର୍ଶିତ ହୋଇଥିଲା। ଶକ୍ତିସଂରକ୍ଷଣ, ପ୍ରଯୁକ୍ତିବିଜ୍ଞାନର ପ୍ରୟୋଗ, ସ୍ୱଚ୍ଛ ଭାରତ ବିଷୟବସ୍ତୁ ଆଧାରିତ ପ୍ରକଳ୍ପମାନ ପ୍ରଦର୍ଶିତ ହୋଇଥିଲା। ଭବାନୀଶଙ୍କର ଉଚ୍ଚ ବିଦ୍ୟାଳୟ ପ୍ରଧାନ ଶିକ୍ଷକ ସୁଧାଂଶୁ କୁମାର ଚୌଧୁରୀ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଏହି ମେଳାକୁ ଉଦ୍‌ଘାଟନ କରିଥିଲେ। ବିଦ୍ୟାଳୟର ଅଧ୍ୟକ୍ଷ ଡ. ମଙ୍ଗଳ ବାଦୀ, ସମ୍ପାଦକ ରାଜେନ୍ଦ୍ର ଅଗ୍ରୱାଲ ବିଜ୍ଞାନର ଉପକାରିତା ସମ୍ପର୍କରେ ବୁଝାଇଥିଲେ। ପରେ କୃତୀ ଛାତ୍ରୀଛାତ୍ରମାନଙ୍କୁ ଅତିଥି ମାନଙ୍କ ଦ୍ୱାରା ପୁରସ୍କାର ବିତରଣ କରାଯାଇଥିଲା । ଆସନ୍ତା ୨୫ ତାରିଖ ହେବାକୁ ଥିବା ସଂକୁଳସ୍ତରୀୟ ଜ୍ଞାନବିଜ୍ଞାନ ମେଳାରେ ପ୍ରଥମ ସ୍ଥାନ ଅଧିକାର କରିଥିବା ପ୍ରକଳ୍ପମାନ ପ୍ରଦର୍ଶିତ ହେବ। ବିଦ୍ୟାଳୟର ବରିଷ୍ଠ ଶିକ୍ଷକ କୌଶିକ ଚୌଧୁରୀ ସଭାକାର୍ଯ୍ୟ ସଞ୍ଚାଳନ କରିଥିଲେ।



ଜ୍ଞାନବିଜ୍ଞାନ ମେଳାରେ ଛାତ୍ରୀଛାତ୍ର ପ୍ରକଳ୍ପ ପ୍ରଦର୍ଶନ କରୁଛନ୍ତି।

## ରଶି ଲଗାଇ ଯୁବକଙ୍କ ଆତ୍ମହତ୍ୟା

**ବେଦବ୍ୟାସ, ୧୭।୮ (ଡି.ଏନ୍.ଏ)** ବ୍ରାହ୍ମଣୀତରଙ୍ଗ ଥାନା ଅନ୍ତର୍ଗତ ଝାରତରାଙ୍ଗ ଗ୍ରାମରେ ବିଷ୍ଣୁ ଓରାମ (୨୩) ନାମକ ଜଣେ ଯୁବକ ଶୁକ୍ରବାର ସନ୍ଧ୍ୟା ସାଢ଼େ ୫ଟା ବେଳେ ଘର ସେଲଟର କାଠରେ ରଶି ଲଗାଇ ଆତ୍ମହତ୍ୟା କରିଛନ୍ତି। ବିଷ୍ଣୁ ନିଜ ରୁମ କବାଟ ବନ୍ଦ କରି ଘରର ଆଶ୍ରୟ କାଠରେ ରଶି ଲଗାଇ ଆତ୍ମହତ୍ୟା କରିଥିଲେ। ରାତିରେ ଖାଇବା ପାଇଁ ବଡ ଭାଇ ଓ ଘରର ଅନ୍ୟ ସଦସ୍ୟମାନେ ବିଷ୍ଣୁକୁ ଡାକିଥିଲେ । ହେଲେ ବିଷ୍ଣୁ କବାଟ ନ ଖୋଲିବାରୁ ବଡ ଭାଇ କବାଟକୁ ଭାଙ୍ଗି ଦେଖିବାକୁ ପାଇଲେ ଯେ, ବିଷ୍ଣୁ ବେକରେ ରଶି ଲଗାଇ ଦେଇଛନ୍ତି। ସଙ୍ଗେ ସଙ୍ଗେ ସ୍ଥାନୀୟ ଲୋକଙ୍କ ସହାୟତାରେ ଆରଜିଏଚକୁ ନେଇଥିଲେ। ସେଠାରେ ଡାକ୍ତର ମୃତ ଘୋଷଣା କରିଥିଲେ। ମୃତଦେହ ଆରଜିଏଚର ମର୍ଗ ହାଉସରେ ରଖାଯାଇଥିଲା। ଏନେଇ ବିଷ୍ଣୁଙ୍କ ବଡ ଭାଇ ବିମଳ ଓରାମ ଶନିବାର ବ୍ରାହ୍ମଣୀତରଙ୍ଗ ଥାନାରେ ଅଭିଯୋଗ କରିଥିଲେ।



ଅଟଳ ବିହାରୀ ବାଜପେୟୀଙ୍କ ଶ୍ରାଦ୍ଧଦିବସରେ ଉପସ୍ଥିତ କ୍ଲବର ସଦସ୍ୟ।

## ନେତାଜୀ କ୍ଲବ ପରିସରରେ ବାଜପେୟୀଙ୍କ ଶ୍ରାଦ୍ଧ ଦିବସ

**ବେଦବ୍ୟାସ, ୧୭।୮ (ଡି.ଏନ.ଏ)**

ବେଦବ୍ୟାସ ରୁଗୁଡିଟୋଲା ନେତାଜୀ କ୍ଲବ ପରିସରରେ ଶନିବାର ପୂର୍ବତନ ପ୍ରଧାନମନ୍ତ୍ରୀ ଅଟଳ ବିହାରୀ ବାଜପେୟୀଙ୍କ ଶ୍ରାଦ୍ଧଦିବସ ପାଳିତ ହୋଇଛି। କ୍ଲବର ମହାସଚିବ ବିଜୟ କୁମାର କୋଇଲିଙ୍କ ଅଧ୍ୟକ୍ଷତାରେ ଏକ ଶ୍ରଦ୍ଧାଞ୍ଜଳି ବୈଠକ ହୋଇଥିଲା। ଏହି କାର୍ଯ୍ୟକ୍ରମରେ ବେଦବ୍ୟାସ ଅଞ୍ଚଳର ବିଶିଷ୍ଟ ସମାଜସେବୀ ରମେଶ ଚନ୍ଦ୍ର ଜେନା ମୁଖ୍ୟଅତିଥି ଭାବେ ଯୋଗଦେଇ ପ୍ରଥମେ ବାଜପେୟୀଙ୍କ ଫଟୋଚିତ୍ରରେ ପୁଷ୍ପମାଲ୍ୟ ଅର୍ପଣ କରିଥିଲେ। ତାଙ୍କ ବକ୍ତବ୍ୟରେ ବାଜପେୟୀ ଜଣେ ସ୍ୱାଧୀନତା ସଂଗ୍ରାମୀ, ଭାରତର ପ୍ରଧାନମନ୍ତ୍ରୀ ଓ ଭାରତୀୟ ଜନତା ପାର୍ଟିର ସାରଥି ଭାବେ ଦେଶବାସୀଙ୍କ ନିମନ୍ତେ ତାଙ୍କର ଅବଦାନ ଅତୁଳନୀୟ। ଆଜି ଯେଉଁ ପ୍ରତ୍ୟେକ ଗ୍ରାମକୁ ପକ୍କା ରାସ୍ତାର ବ୍ୟବସ୍ଥା କରାଯାଇଛି ତାହା ବାଜପେୟୀଙ୍କ ଅବଦାନ। ସେ ପ୍ରତ୍ୟେକ ଭାରତୀୟ ଜନ ମାନସରେ ସବୁଦିନ ପାଇଁ ଚିରସ୍ମରଣୀୟ ବୋଲି କହିଥିଲେ। ଏହି ଶ୍ରଦ୍ଧାଞ୍ଜଳି କାର୍ଯ୍ୟକ୍ରମରେ ସମ୍ମାନିୟ ଅତିଥି ଭାବେ ଅନିଲ କୁଜୁର, ରିକି ଏକ୍କା, ଆଲିଫ କୁଜୁର, ମଦନ କୁଜୁର, ରାହୁଲ ଟପ୍ପୋ, ଚାରୁଆ କୁଜୁର, ବିଜୁ ଖେସ, ନିତ୍ୟାନନ୍ଦ ନାୟକ ପ୍ରମୁଖ ଯୋଗଦେଇ ବାଜପେୟୀଙ୍କ ଫଟୋଚିତ୍ରରେ ପୁଷ୍ପମାଲ୍ୟ ଅର୍ପଣ କରିବା ସହ ତାଙ୍କର ଅବଦାନ ଓ ଜୀବନି ଉପରେ ଆଲୋକପାତ କରିଥିଲେ। ଏହି କାର୍ଯ୍ୟକ୍ରମକୁ କ୍ଲବର ଶତାଧିକ କର୍ମକର୍ତ୍ତା, ସଭ୍ୟ ଉପସ୍ଥିତ ରହି ସଫଳ କରିବା ନିମନ୍ତେ ସହଯୋଗ କରିଥିଲେ। ଶେଷରେ କ୍ଲବର ସଭାପତି ଅନୀଲ କୁଜୁର ଧନ୍ୟବାଦ ଅର୍ପଣ କରିଥିଲେ।

## ଶିକ୍ଷୟିତ୍ରୀ ଶିକ୍ଷକଙ୍କୁ ୨ମାସ ହେଲା ଦରମା ମିଳିନି

**ବାଲିଶଙ୍କରା ବ୍ଲକ**

**ବାଲିଶଙ୍କରା, ୧୭।୮ (ଡି.ଏନ.ଏ)**

ସରକାର ଶିକ୍ଷାକ୍ଷେତ୍ରରେ ଶିକ୍ଷୟିତ୍ରୀ ଶିକ୍ଷକମାନଙ୍କୁ ନିୟୋଜିତ କରି ଛାତ୍ରୀଛାତ୍ରଙ୍କୁ ଶିକ୍ଷାଦାନ କରୁଛନ୍ତି। ହେଲେ ଶିକ୍ଷୟିତ୍ରୀ ଶିକ୍ଷକମାନେ ଦରମା ନ ପାଇ ପରିବାର ପ୍ରତିପୋଷଣ କରିବାରେ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଝିଅପୁଅଙ୍କୁ ବିଭିନ୍ନ ବଡ଼ବଡ଼ ଶିକ୍ଷାନୁଷ୍ଠାନରେ ପାଠ ପଢ଼ାଉଛନ୍ତି। ହେଲେ ଦୁଇ ମାସରୁ ଉର୍ଦ୍ଧ୍ୱ ହେବ ଦରମା ପାଇ ନ ଥିବାରୁ ପିଲାମାନଙ୍କର ପାଠପଢ଼ା ପାଇଁ ଅର୍ଥ ଯୋଗାଇ ପାରୁନାହାନ୍ତି। ଫଳରେ ଶିକ୍ଷୟିତ୍ରୀ, ଶିକ୍ଷକ ମହଲରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଉଛି। ରଥଯାତ୍ରା, ରକ୍ଷାବନ୍ଧନ ତଥା ସ୍ୱାଧୀନତା ଦିବସକୁ ମଧ ହସଖୁସିରେ ପାଳନ କରି ନ ପାରିଥିବାରୁ ଚିନ୍ତାରେ ପଡିଛନ୍ତି। ଦରମା ପାଇ ନ ଥିବାରୁ କେତେକ ଶିକ୍ଷୟିତ୍ରୀ ଶିକ୍ଷକଙ୍କ ଝିଅପୁଅ ହଷ୍ଟେଲର ଟଙ୍କା ପୈଠ କରି ନ ପାରିବାରୁ ଘରକୁ ଫେରି ଆସିଥିବା ପ୍ରକାଶ କରିଛନ୍ତି। ଶିକ୍ଷୟିତ୍ରୀ ଶିକ୍ଷକମାନେ ବିଭିନ୍ନ ସମସ୍ୟା ଥିଲେ ମଧ ଶିକ୍ଷା କ୍ଷେତ୍ରରେ ଗୁରୁତ୍ୱ ଦେଉଥିବାରୁ ସେମାନଙ୍କ ଅଣଦେଖା କରାଯାଉଥିବାରୁ ବୁଦ୍ଧିଜୀବି ମହଲରେ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଉଛି। ଶିକ୍ଷୟିତ୍ରୀ ଶିକ୍ଷକମାନଙ୍କୁ ତୁରନ୍ତ ଦରମା ଦେବାର ବ୍ୟବସ୍ଥା କରିବା ପାଇଁ ଦାବି ହେଉଛି।

## ମୁଖ୍ୟମନ୍ତ୍ରୀଙ୍କୁ ଭେଟି କୃତଜ୍ଞତା ଜଣାଇଲେ ବିନୟ

**ସୁନ୍ଦରଗଡ଼, ୧୭।୮ (ଡି.ଏନ୍.ଏ)**

ସୁନ୍ଦରଗଡ ସ୍ୱତନ୍ତ୍ର ଉନ୍ନୟନ ପରିଷଦର ଅଧ୍ୟକ୍ଷ ଭାବେ ନିଯୁକ୍ତି ମିଳିବା ପରେ ବିନୟ ଟପ୍ପୋ ଶନିବାର ନବୀନ ନିବାସଠାରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ସାକ୍ଷାତ କରି କୃତଜ୍ଞତା ଜଣାଇଛନ୍ତି। ବିନୟ ସହିତ ପଶ୍ଚିମାଞ୍ଚଳ ବିଜୁ ଛାତ୍ର ଜନତା ଦଳର ସଭାପତି ବୈକୁଣ୍ଠ ନାଏକଙ୍କ ସମେତ ବିଜେଡି କର୍ମୀମାନେ ଉପସ୍ଥିତ ଥିଲେ।

## ସରକାରୀ ମହାବିଦ୍ୟାଳୟରେ ଇନ୍ଦିରା ଗାନ୍ଧୀ ଜାତୀୟ ମୁକ୍ତ ବିଶ୍ୱବିଦ୍ୟାଳୟ ଅଧ୍ୟୟନ କେନ୍ଦ୍ର

**ସୁନ୍ଦରଗଡ଼, ୧୭।୮ (ଡି.ଏନ୍.ଏ):** ଇନ୍ଦିରା ଗାନ୍ଧୀ ଜାତୀୟ ମୁକ୍ତ ବିଶ୍ୱବିଦ୍ୟାଳୟ ସୁନ୍ଦରଗଡସରକାରୀମହାବିଦ୍ୟାଳୟଠାରେ ନିଜର ଏକ ନୂତନ ଅଧ୍ୟୟନ କେନ୍ଦ୍ର ଆରମ୍ଭ କରିବାର ନିଷ୍ପତ୍ତି ନେଇଛି । ଉଚ୍ଚ ଶିକ୍ଷା ଲାଭରୁ ବଞ୍ଚିତ ଓ ଅଧାରୁ ପାଠ ଛାଡିଥିବା ଛାତ୍ରୀଛାତ୍ରଙ୍କ ନିମନ୍ତେ ଏହି କେନ୍ଦ୍ର ବିଶେଷ ଭାବେ ଲାଭଦାୟକ ହେବ ବୋଲି ସ୍ଥାନୀୟ ଅଧିବାସୀଙ୍କ ମଧ୍ୟରେ ଆଶା ପ୍ରକାଶ ପାଇଛି। ମହାବିଦ୍ୟାଳୟର ଅଧ୍ୟକ୍ଷ ଡ. କିଶୋର କୁମାର ଦାଶ ସୁନ୍ଦରଗଡର ଅନୁସୂଚିତ ଜାତି ଓ ଜନଜାତିର ଛାତ୍ରୀଛାତ୍ରଙ୍କ ନିମନ୍ତେ ଏହା ଏକ ସୁବର୍ଣ୍ଣ ସୁଯୋଗ ବୋଲି କହିଛନ୍ତି। ଏହି କେନ୍ଦ୍ରର ସଞ୍ଚାଳକ ଭାବେ ଭୂତତ୍ତ୍ୱବିଜ୍ଞାନ ବିଭାଗର ମୁଖ୍ୟ ଡ. ସୁଧୀର କୁମାର ଦାଶ ସୂଚନା ଦେଇଛନ୍ତି ଯେ ଏହି ଅଧ୍ୟୟନ କେନ୍ଦ୍ର ପ୍ରତିଷ୍ଠା ଦ୍ୱାରା ସ୍ଥାନୀୟ ଛାତ୍ରୀଛାତ୍ରଙ୍କୁ ପରୀକ୍ଷା ଦେବା ନିମନ୍ତେ ରାଉରକେଲା କିମ୍ବା ସମ୍ବଲପୁର ଯିବାକୁ ଆଉ ପଡିବ ନାହିଁ। ନୂତନ ଅଧ୍ୟୟନ କେନ୍ଦ୍ରରେ କଳା ଓ ବାଣିଜ୍ୟରେ ସ୍ନାତକ ଶିକ୍ଷା ନିମନ୍ତେ ବ୍ୟବସ୍ଥା କରାଯାଇଛି ପ୍ରକାଶ ଥାଉକି,ଚଳିତ ବହି ନାମଲେଖା ନିମନ୍ତେ ଅନ୍ତିମ ତାରିଖ ଅଗଷ୍ଟ ୨୬ ତାରିଖ ରହିଛି। ଛାତ୍ରୀଛାତ୍ର ସରକାରୀ ମହାବିଦ୍ୟାଳୟ ତଥା ଜାତୀୟ ମୁକ୍ତ ବିଶ୍ୱ ବିଦ୍ୟାଳୟର ୱେବସାଇଟ ଡବ୍ଲୁଡବ୍ଲୁ ଡବ୍ଲୁ ଡଟ୍ ଇଗନୁ. ଡଟ୍ ଏନଆଇସି .ଡଟ୍ ଇନ୍ ରେ ସମସ୍ତ ତଥ୍ୟ ମିଳିପାରିବ ବୋଲି କଲେଜ ପକ୍ଷରୁ ସୂଚନା ଦିଆଯାଇଛି ।

## ଫଟୋରେ ଖବର



ସୁନ୍ଦରଗଡ଼ ଜିଲା ବଡ଼ଗାଁ ବ୍ଲକର ଧୁମାଗଡ଼ା ଜଙ୍ଗଲରେ ଗ୍ରାମବାସୀ ଶନିବାର ନିମ୍ବ ମଞ୍ଜି ବୁଣୁଛନ୍ତି।

### ■ ନାବାଳିକା ଛାତ୍ରୀଙ୍କୁ ଅପହରଣ ମାମଲା

## ୫ମାସ ପରେ ବାଙ୍ଗାଲୋରରୁ ଉଦ୍ଧାର

**ବଣାଇ, ୧୭।୮(ସ୍ୱ.ପ୍ର.)**

ବଣାଇ ସହର ଉପକଣ୍ଠରେ ରହୁଥିବା ସିଂଟୋଲା ଅଞ୍ଚଳର ଜନୈକା ନାବାଳିକାଙ୍କୁ ଅପହରଣ କରାଯାଇଥିବା ନେଇ ପରିବାର ପକ୍ଷରୁ ଦିଆଯାଇଥିବା ଏତଲାକୁ ଭିତ୍ତିକରି ତଦନ୍ତଜାରୀ ରଖିଥିବା ବଣାଇ ପୋଲିସ ପରିଶେଷରେ ବାଙ୍ଗାଲୋର ଅଞ୍ଚଳରୁ ୫ମାସପରେ ନାବାଳିକାଙ୍କୁ ଉଦ୍ଧାର କରିଛି। ଏହା ସହିତ ଅପହରଣକାରୀ ଯୁବକଙ୍କୁ ଧରିବାପରେ ବଣାଇ ଆଣି ପଚରାଉଚୁରା ଜାରି ରଖିଛି। ଘଟଣାରୁ ପ୍ରକାଶ ଅପହୃତା ନାବାଳିକାଙ୍କ ପିତା ଗତ ମେ ୯ ତାରିଖ ବଣାଇଁ ଥାନାରେ ଏକ ଲିଖିତ ଅଭିଯୋଗ ଜରିଆରେ ତାଙ୍କ ଝିଅକୁ ବଣାଇ ଶୁଣ୍ଠିକୋଣ ଅଞ୍ଚଳର ଜଣେ ଯୁବକ କୁଆଡେ ଅପହରଣ କରି ନେଇଯାଇଥିବା ଜଣାଇଥିଲେ। ଗତ ଅପ୍ରେଲ ୧୦ରୁ ଏହି ଘଟଣା ଘଟିଥିବା ନେଇ ଏତଲାରେ ଲଲ୍ଲେଖ କରିବା ସହ ତାଙ୍କ ନାବାଳିକା ଝିଅକୁ ଠାବକରି ଉଦ୍ଧାର କରିବା ପାଇଁ ଅନୁରୋଧ କରିଥିଲେ। କୌଣସି ସୂତ୍ରରୁ ଖବରପାଇ ବଣାଇଁ ଥାନାର ସବଇନ୍ସପେକ୍ଟର ଭୁପେନ୍ଦ୍ର ପ୍ରସାଦ ମାଝି ଏବଂ ସିପାହୀ ତରଣୀସେନ ସାହୁ ନାବାଳିକା ଝିଅଙ୍କ ପରିବାର ସଦସ୍ୟଙ୍କୁ ନେଇ ବାଙ୍ଗାଲୋର ଯାଇଥିଲେ। ବାଙ୍ଗାଲୋରରେ ଇଲେକ୍ଟ୍ରୋନିକ ସିଟି ଫେଜ-୧ ଅଞ୍ଚଳରେ ସମ୍ପୃକ୍ତ ଅଭିଯୁକ୍ତ ଯୁବକ ସିକ୍ୟୁରିଟି ଗାର୍ଡ ହିସାବରେ କାମ କରୁଥିବା ଦେଖି ତାକୁ ଧରିଥିଲେ। ତା ସହିତ ସେ ରହୁଥିବା ଘରକୁ ଯାଇ ଅପହୃତା ନାବାଳିକାଙ୍କୁ ଉଦ୍ଧାର କରିଥିଲେ। ଶନିବାର ପୋଲିସ ଦଳ ବଣାଇ ପହଁଞ୍ଚିଥିବା ଜଣାପଡିଛି। ଏ ସଂକ୍ରାନ୍ତରେ ବଣାଇ ଥାନାରେ ଏକ ଅପହରଣ ମାମଲା ରୁଜୁ ହୋଇଥିବାବେଳେ ଆଗକୁ ପୋଲିସର କଣ କାର୍ଯ୍ୟାନୁଷ୍ଠାନ ବୋଲି ପଚାରିବାରେ ବଣାଇ ଥାନା ଅଧିକାରୀ ରବିନ୍ଦ୍ର କୁମାର ପାତ୍ର ଉଭୟ ଅଭିଯୁକ୍ତ ଏବଂ ପିଡିତାଙ୍କୁ ଅଦାଲତରେ ହାଜର କରାଯିବା ପରେ ଅଦାଲତଙ୍କ ନିର୍ଦ୍ଦେଶ କ୍ରମେ ପରବର୍ତ୍ତି ପଦକ୍ଷେପ ନିଆଯିବ ବୋଲି ପ୍ରକାଶ କରିଛନ୍ତି। ପ୍ରାଥମିକ ଭାବେ ଉଭୟଙ୍କର ଡାକ୍ତରୀ ମାଇନା କରାଯାଇଥିବା ନେଇ ପୋଲିସ ପ୍ରକାଶ କରିଛି ।